ଧରିତ୍ରୀ
DHARITRI
ମଙ୍ଗଳବାର, ମାର୍ଚ୍ଚ ୩୧/୨୦୨୦ (୨୩ ପୃଷ୍ଠା) | Tuesday, March 31/2020
୪୬ଶ ଭାଗ ୧୨୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-



## କରୋନା ରୋଗୀଙ୍କ ସେବାରେ ସୋମ୍ବ୍ରୋକ୍

କରୋନା ରୋଗୀଙ୍କ ଚିକିତ୍ସା କରୁଛନ୍ତି ନେଦରଲାଣ୍ଡ୍ସର ପୂର୍ବତନ ଅଲିମ୍ପିକ ଚାମ୍ପିୟନ ହକି ଗୋଲକିପର ଜଏସି ସୋମ୍ବ୍ରୋକ୍ । ୨୩

୧୨

## ଶିଳ୍ପାଙ୍କ ବଦାନ୍ୟତା

କରୋନା ଲାଗି ଅଭିନେତ୍ରୀ ଶିଳ୍ପା ସେଟ୍ଟୀ ଦେଶବାସୀଙ୍କୁ ସହାୟତାର ହାତ ବଢ଼ାଇଛନ୍ତି। ସେ ୨୧ ଲକ୍ଷ ଟଙ୍କା ଦାନ କରିଥିବା ଟୁଇଟ ଯୋଗେ ସୂଚନା ଦେଇଛନ୍ତି।



## ବଢ଼ି ନ ପାରେ ଲକ୍‌ଡାଉନ ଅବଧି

ନୂଆଦିଲ୍ଲୀ,୩୦।୩(ପି.ଟି.)

ଦେଶରେ ଗତ ମଙ୍ଗଳବାରଠାରୁ ଲାଗୁ ହୋଇଥିବା ୨୧ ଦିନିଆ ଲକ୍‌ଡାଉନ ସମୟସୀମା ବୃଦ୍ଧି ପାଇପାରେ ବୋଲି ଗୁଜବ ପ୍ରଚାରିତ ହେଉଥିବାବେଳେ ସେଭଳି ଯୋଜନା ନ ଥିବା ସୋମବାର ସରକାର ସ୍ପଷ୍ଟ କରିଛନ୍ତି। ଲକ୍‌ଡାଉନ ସମୟ ବୃଦ୍ଧି ନେଇ କେତେକ ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟକୁ କ୍ୟାବିନେଟ ସଚିବ ରାଜୀବ ଗୌବା ଖଣ୍ଡନ କରିଥିବା ପିଆଇବି ପକ୍ଷରୁ ଟୁଇଟ୍ କରାଯାଇଛି।

କରୋନା ଭୂତାଣୁ ସଂକ୍ରମଣ ରୋକିବା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୧ ଦିନିଆ ଲକ୍‌ଡାଉନ ଘୋଷଣା କରିଥିଲେ। ଏହି ସମୟସୀମା ଶେଷ ହେବା ପରେ ଏହାକୁ ପୁଣି ବଢ଼ାଯିବ ବୋଲି କେତେକ ଜାତୀୟ ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ତେବେ ଏଭଳି ଖବର ଭିତ୍ତିହୀନ ବୋଲି ଗୌବା କହିଛନ୍ତି। ଲକ୍‌ଡାଉନ ଯୋଗୁ ଦିନମଜୁରିଆ ଓ ଦାଦନମାନେ କାମଧନ୍ଦା ହରାଇ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ନା ସେମାନଙ୍କ ହାତରେ କାମ ଅଛି ନା ଚଳିବା ପାଇଁ ପଇସା। ଘରକୁ ଫେରିବାକୁ ଚାହିଁଲେ ମଧ୍ୟ ସେମାନେ ଫେରିପାରୁ ନାହାନ୍ତି। ଲକ୍‌ଡାଉନ ଲାଗି ଜନସାଧାରଣ ଅସୁବିଧାର ସମ୍ମୁଖୀନ ହୋଇଥିବାରୁ ଏଥିପାଇଁ ପ୍ରଧାନମନ୍ତ୍ରୀ ରବିବାର ମନ୍ କୀ ବାତ୍ ରେଡିଓ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ କ୍ଷମା ମାଗିଥିଲେ।

# ବିନା ବିରୋଧରେ ବ୍ୟୟ ମଞ୍ଜୁରୀ ବିଲ୍ ପାରିତ

- ଲୋକସେବା ଭବନରେ ବସିଲା ବିଧାନସଭା ଅଧିବେଶନ
- ୩୦ ମିନିଟ୍‌ରେ ପାରିତ ହେଲା ୧.୫୦ ଲକ୍ଷ କୋଟିର ବିଲ୍
- ଯୋଗଦେଲେ ୩୦% ବିଧାୟକ
- ମାସ୍କ, ହାତ ସାନିଟାଇଜ କରି ଭିତରକୁ ଗଲେ
- ଅନିର୍ଦ୍ଦିଷ୍ଟ କାଳ ପାଇଁ ଗୃହ ମୁଲତବୀ

ଭୁବନେଶ୍ୱର,୩୦।୩(ବ୍ୟୁରୋ)

୨୦୨୦-୨୧ ଆର୍ଥିକବର୍ଷ ପାଇଁ ୧ ଲକ୍ଷ ୫୦ ହଜାର କୋଟି ଟଙ୍କାର ବ୍ୟୟ ମଞ୍ଜୁରୀ ବିଲ୍ ସୋମବାର ବିଧାନସଭାର ଅନୁମୋଦନ ଲାଭ କରିଛି। ଲୋକସେବା କନ୍‌ଭେନ୍‌ଶନ ହଲରେ ଅନୁଷ୍ଠିତ ଅଧଘଣ୍ଟିଆ ଅଧିବେଶନରେ ବିନା ଆଲୋଚନାରେ ସର୍ବସମ୍ମତି କ୍ରମେ ଏହାକୁ ପାରିତ କରାଯାଇଛି। ଏଥିସହିତ ୩୮ଟି ବିଭାଗର ଖର୍ଚ୍ଚ ଦାବିକୁ ମଧ୍ୟ ଗିଲୋଟିନ୍ ମାଧ୍ୟମରେ ଅନୁମୋଦନ କରାଯାଇଛି। କରୋନା (କୋଭିଡ୍-୧୯) ସଂକ୍ରମଣକୁ ଦୃଷ୍ଟିରେ ରଖି ବଜେଟ ଅଧିବେଶନକୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରାଯାଇଛି।

କୋଭିଡ୍-୧୯ ଯୋଗୁ ପ୍ରଥମ ଥର ଲାଗି ବିଧାନସଭା ପରିବର୍ତ୍ତେ ଲୋକସେବା ଭବନରେ ଏହି ଅଧିବେଶନ ଡକାଯାଇଥିଲା। କରୋନା ସଂକ୍ରମଣ ଆଶଙ୍କା ଥିବାରୁ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ସମସ୍ତ ରାଜନୈତିକ ଦଳର ମାତ୍ର ୩୦ ପ୍ରତିଶତ ସଦସ୍ୟଙ୍କୁ ବୈଠକରେ ଯୋଗଦେବା ପାଇଁ ପରାମର୍ଶ ଦେଇଥିଲେ। ବିଧାନସଭା କାର୍ଯ୍ୟସୂଚୀ ଅନୁଯାୟୀ ସୋମବାର ପୂର୍ବାହ୍ନ ୧୦ଟା ୩୦ ମିନିଟ୍‌ରେ ଲୋକସେବା କନ୍‌ଭେନ୍‌ଶନ ହଲ୍‌ରେ ଅଧିବେଶନ ଆରମ୍ଭ ହୋଇଥିଲା। ହଲ୍‌କୁ ଯିବା ପୂର୍ବରୁ ସଦସ୍ୟମାନେ ମାସ୍କ ପରିଧାନ କରିବା ସହିତ ହାତକୁ ଭଲଭାବେ ସାନିଟାଇଜ୍ କରିଥିଲେ। ସଦସ୍ୟମାନେ ପରସ୍ପରଠାରୁ ୧ ମିଟର ଦୂରତାରେ ବସିଥିଲେ। ପ୍ରଥମେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମକୁ ବାତିଲ କରାଯାଇଥିଲା। ବିଭିନ୍ନ ବିଭାଗର ଖର୍ଚ୍ଚଦାବିକୁ ଗିଲୋଟିନ ମାଧ୍ୟମରେ ପାରିତ୍ କରାଗଲା ବୋଲି ବାଚସ୍ପତି ଗୃହକୁ ଅବଗତ କରାଇଥିଲେ । ଏହାପରେ ୨୦୨୦-୨୧ ଆର୍ଥିକବର୍ଷ ପାଇଁ ବ୍ୟୟମଞ୍ଜୁରୀ ବିଲ୍‌କୁ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ଆଗତ କରିଥିଲେ । ଚା' ପାନ ବିରତି ପାଇଁ ଗୃହକୁ ୧୫ ମିନିଟ୍ ମୁଲତବୀ ଘୋଷଣା କରାଯାଇଥିଲା। ବ୍ୟୟମଞ୍ଜୁରୀ ବିଲ୍ ପାରିତ୍ ହେବା ପୂର୍ବରୁ ବାଚସ୍ପତି ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାୟକଙ୍କୁ କିଛି କହିବା ପାଇଁ ଅନୁମତି ଦେଇଥିଲେ। ସେ କହିଥିଲେ ଯେ, ସମଗ୍ର ବିଶ୍ୱରେ କରୋନା ଆତଙ୍କ ଖେଳାଇଛି। ଯଦିଓ ପ୍ରତ୍ୟକ୍ଷ ବିଶ୍ୱଯୁଦ୍ଧରେ ଲକ୍ଷ ଲକ୍ଷ ଲୋକଙ୍କ ଜୀବନ ହାନି ଘଟିଥାଏ, ଏଥିରେ ମୃତ୍ୟୁସଂଖ୍ୟା ୩୧ ହଜାର ଟପିଛି। ୭ ଲକ୍ଷ ଲୋକ ସଂକ୍ରମିତ ହୋଇଛନ୍ତି। ଏହାକୁ ମୁକାବିଲା କରିବାକୁ ପ୍ରଧାନମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀ ଯେଉଁ ଲକ୍‌ଡାଉନ ଡାକରା ଦେଇଛନ୍ତି ସେଥିରେ ଆମେ ସାମିଲ ହୋଇ ସର୍ବାଧିକ ସହଯୋଗ କରିବା। କିନ୍ତୁ ରାଜ୍ୟ ବାହାରେ ଲକ୍ଷ ଲକ୍ଷ ଓଡିଆ ଶ୍ରମିକ ଖାଇବାକୁ ପାଉ ନାହାନ୍ତି କିମ୍ବା ନିଜ ଗାଁକୁ ଫେରିପାରୁ ନାହାନ୍ତି । କେତେକେ ଚାଲି ଚାଲି ଫେରୁଥିବା ଦେଖିବାକୁ ମିଳୁଛି। ଏଦିଗରେ ସରକାର ଯୁଦ୍ଧକାଳୀନ ଭିତ୍ତିରେ ପଦକ୍ଷେପ ନେବା ଜରୁରୀ ହୋଇପଡିଛି। ବିପର୍ଯ୍ୟୟ ମୁକାବିଲା କ୍ଷେତ୍ରରେ ରାଜ୍ୟ ସରକାରଙ୍କ ସଫଳତାର ହାର ସନ୍ତୋଷଜନକ । ସନ୍ତୋଷ ବ୍ୟକ୍ତି କରି ନ ବସି ବିଭିନ୍ନ ସଂଗଠନ, ବିଶେଷଜ୍ଞ ଏବଂ ବ୍ୟକ୍ତିବିଶେଷଙ୍କର ସହଯୋଗ ଲୋଡିବାର ଆବଶ୍ୟକତା ରହିଛି। ଏଭଳି ଘଡିସନ୍ଧି ମୁହୂର୍ତ୍ତରେ ବିରୋଧୀ ଦଳ ସରକାରଙ୍କ ସହିତ ରହିଛି । ସ୍ୱାସ୍ଥ୍ୟକର୍ମୀଙ୍କର ବୀମା ବ୍ୟବସ୍ଥା କରିବା ସହ ଅନ୍ୟ ରାଜ୍ୟରୁ ଆସୁଥିବା ଶ୍ରମିକମାନଙ୍କର ନମୁନା ପରୀକ୍ଷା କରାଯାଉ ବୋଲି ସେ ଦାବି କରିଥିଲେ। କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର କହିଥିଲେ ଯେ, ରାଜ୍ୟ ସରକାର ସ୍ୱାସ୍ଥ୍ୟ କ୍ଷେତ୍ରରେ ଯାହା ପଦକ୍ଷେପ ନେଇଛନ୍ତି ତାହା ସ୍ୱାଗତଯୋଗ୍ୟ। ସ୍ୱାସ୍ଥ୍ୟସେବାର ସୀମିତ ଭିତ୍ତିଭୂମିକୁ ଦୃଷ୍ଟିରେ ରଖି ଯେତେ ଅଧିକ ବ୍ୟବସ୍ଥା କରାଯାଇପାରିବ ସରକାର ତାହା କରିବା ଦରକାର। ଲକ୍‌ଡାଉନ ଯୋଗୁ ଲୋକମାନେ କାମଧନ୍ଦା ହରାଇଛନ୍ତି। ଲୋକମାନେ କରୋନା ମୃତ୍ୟୁ ଅପେକ୍ଷା ଭୋକ ଉପବାସରେ ଯେପରି ଅଧିକ ପ୍ରାଣ ନ ହରାଇବେ ସେ ଦିଗରେ ସରକାର କାମ କରିବା ଆବଶ୍ୟକ। ସମସ୍ତଙ୍କୁ ନଗଦ ଟଙ୍କା କିମ୍ବା ଖାଇବା ଆକାରରେ ଦିଆଯାଉ। ସରକାର ଅଧିକ ଚାଉଳ ଏବଂ ଭତ୍ତା ଆଗୁଆ ଦେବାକୁ ଘୋଷଣା କରିଛନ୍ତି। ତାହା ସ୍ୱାଗତଯୋଗ୍ୟ। କିନ୍ତୁ ତାହା କାର୍ଯ୍ୟକାରୀ ହେଉଛି କି ନାହିଁ କେହି ଦେଖୁ ନାହାନ୍ତି । ସ୍ୱେଚ୍ଛାସେବୀମାନଙ୍କୁ ପୋଲିସ ପାସ୍ ଦେଉଛି ଅଥଚ ଜନପ୍ରତିନିଧି ବିଧାୟକମାନଙ୍କୁ ପାସ୍ ମିଳୁନାହିଁ। ମାଗଣା ଚାଉଳ ନେଇ ଯାଉଥିବା ଟ୍ରକ ଡ୍ରାଇଭର ଏବଂ ହେଲ୍‌ପର ମାନଙ୍କୁ ହଇରାଣ କରା ନ ଯାଉ। ଲୋକଙ୍କୁ ସାହାଯ୍ୟ କରିବା ପାଇଁ ବିଧାୟକମାନଙ୍କୁ ଅନୁମତି ଦେବା ଆବଶ୍ୟକ। ଏହି ବିପତ୍ତି ☞ପୃଷ୍ଠା-୪



ବିଧାନସଭା ଅଧିବେଶନରେ ଯୋଗଦେବାକୁ ଆସିଥିବା ବାଚସ୍ପତିଙ୍କୁ ଗାର୍ଡ ଅଫ୍ ଅନର ଦିଆଯାଉଛି।

# ୨୦୨୧ ଜୁଲାଇ ୨୩ରୁ ଟୋକିଓ ଅଲିମ୍ପିକ୍ସ



ଟୋକିଓ, ୩୦।୩ (ଏ.ପି.)

ଟୋକିଓ ଅଲିମ୍ପିକ୍ସ ଆସନ୍ତା ବର୍ଷ ଜୁଲାଇ ୨୩ରେ ଆରମ୍ଭ ହେବ। ଆୟୋଜକଙ୍କ ପକ୍ଷରୁ ସୋମବାର ଏହା ଘୋଷଣା କରାଯାଇଛି। କରୋନା ଭାଇରସ୍ ସଂକ୍ରମଣ କାରଣରୁ ଏକ ଐତିହାସିକ ନିଷ୍ପତ୍ତିକ୍ରମେ ଗେମ୍ସକୁ ୨୦୨୧ ପର୍ଯ୍ୟନ୍ତ ଘୁଞ୍ଚାଇ ଦିଆଯାଇଥିଲା। କହିବା ବାହୁଲ୍ୟ ୨୦୨୦ ଗେମ୍ସ ଚଳିତ ବର୍ଷ ଯେଉଁ ସମୟରେ ହୋଇଥାନ୍ତା, ଆସନ୍ତାବର୍ଷ ମଧ୍ୟ ସେହି ସମୟରେ ହିଁ ହେବ। ଟୋକିଓ ୨୦୨୦ ମୁଖ୍ୟ ୟୋଶିରୋ ମୋରିଙ୍କ ସୂଚନା ଅନୁସାରେ ଉଦ୍‌ଘାଟନୀ ଉତ୍ସବ ୨୦୨୧ ଜୁଲାଇ ୨୩ ତାରିଖରେ ହେବ ଏବଂ ଅଗଷ୍ଟ ୮ରେ ଉଦ୍‌ଯାପନ ହେବ। ସେହିପରି ପାରା ଅଲିମ୍ପିକ୍ସ ଅଗଷ୍ଟ ୨୪ରୁ ସେପ୍ଟେମ୍ବର ୫ପର୍ଯ୍ୟନ୍ତ ହେବ। କରୋନା ଭାଇରସ୍ ସଂକ୍ରମଣ ଆଶଙ୍କାରେ ଅନ୍ତର୍ଜାତୀୟ ଅଲିମ୍ପିକ କମିଟି (ଆଇଓସି) ଓ ଜାପାନର ଆୟୋଜକଗଣ ଗତ ସପ୍ତାହରେ ଗେମ୍ସକୁ ୨୦୨୧ ପର୍ଯ୍ୟନ୍ତ ଘୁଞ୍ଚାଇ ଦେଇଥିଲେ। ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ଏହି ବର୍ଷ ଅଲିମ୍ପିକ୍ସ ଜୁଲାଇ ୧୪ରେ ଆରମ୍ଭ ହୋଇ ଅଗଷ୍ଟ ୯ରେ ଶେଷ ହୋଇଥାନ୍ତା। ସୋମବାର ସନ୍ଧ୍ୟାରେ ଆଇଓସି ସହିତ ଏକ ଜରୁରିକାଳୀନ ଟେଲିକନ୍‌ଫରେନ୍ସ ଜରିଆରେ ନୂଆ ତାରିଖ ଚୂଡ଼ାନ୍ତ ହୋଇଥିବା ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ମୋରି ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଆଇଓସି ତରଫରୁ ଏକ ବିବୃତିରେ କୁହାଯାଇଛି ଯେ, ସମଗ୍ର ବିଶ୍ୱରେ କରୋନା ଭାଇରସ୍ ସଂକ୍ରମଣର ଦୃଶ୍ୟପଟ ବାରମ୍ବାର ପରିବର୍ତ୍ତନ ଲକ୍ଷ୍ୟ କରାଯାଇଛି। ସ୍ୱାସ୍ଥ୍ୟ କର୍ତ୍ତୃପକ୍ଷ ଏବଂ ଆୟୋଜକଗଣ ଏହାର ମୁକାବିଲା ପାଇଁ ଯଥେଷ୍ଟ ସମୟ ପାଇବେ। ଅନ୍ତର୍ଜାତୀୟ କ୍ୟାଲେଣ୍ଡର ଯେପରି ବିଶେଷ ଭାବେ ପ୍ରଭାବିତ ନ ହୁଏ ତାହାକୁ ଦୃଷ୍ଟିରେ ରଖି ନୂଆ ତାରିଖ ସ୍ଥିର କରାଯାଇଛି। ବସନ୍ତଋତୁରେ ଜାପାନରେ ପ୍ରାକୃତିକ ସୌନ୍ଦର୍ଯ୍ୟ ଅତ୍ୟନ୍ତ ମନୋରମ। ସେ ସମୟରେ ଗେମ୍ସ ଆୟୋଜନ ଲାଗି ପ୍ରସ୍ତାବ ଆସିଥିଲା। ମାତ୍ର ସେ ସମୟରେ ୟୁରୋପିଆନ ଫୁଟ୍‌ବଲ ଟୁର୍ନାମେଣ୍ଟ ଏବଂ ଉତ୍ତର ☞ପୃଷ୍ଠା-୪

### ନୂଆ ତାରିଖ ଘୋଷଣା

- ଉଦ୍‌ଘାଟନୀ: ୨୦୨୧ ଜୁଲାଇ ୨୩
- ଉଦ୍‌ଯାପନୀ: ୨୦୨୧ ଅଗଷ୍ଟ ୮

**ପାରା ଅଲିମ୍ପିକ୍ସ**

- ୨୦୨୧ ଅଗଷ୍ଟ ୨୩ରୁ ସେପ୍ଟେମ୍ବର ୪

**ୱିଣ୍ଟର ଅଲିମ୍ପିକ୍ସ**

- ୨୦୨୨ ଫେବୃୟାରୀ ୪ରୁ ୨୦ (ବେଜିଂ)

# ଫେରିଲା ମହାପ୍ରଭୁଙ୍କ ୧୫୬କୋଟି ଟଙ୍କା

- ଶ୍ରୀମନ୍ଦିର ଆକାଉଣ୍ଟକୁ ହେଲା ଇ-ଟ୍ରାନ୍ସଫର
- ସୁଧ ସହ ମୋଟ ୧୫୯କୋଟି ୩୫ଲକ୍ଷ ୩୮ହଜାର ୮୬୩ଟଙ୍କା ଆସିଲା
- ବ୍ୟାଙ୍କ ଅଫ୍ ବରୋଦାରେ ଜମା ରହିବ
- ପୂର୍ବରୁ ଫେରିଥିଲା ୩୯୭କୋଟି ୨୩ଲକ୍ଷ ୨୭ ହଜାର ୬୩୬ ଟଙ୍କା

ପୁରୀ ଅଫିସ,୩୦।୩

ଘରୋଇ ୟେସ୍ ବ୍ୟାଙ୍କରେ ମହାପ୍ରଭୁଙ୍କ ୫୪୫ କୋଟି ଟଙ୍କା ଜମା ରଖାଯିବାକୁ ନେଇ ଯେଉଁ ସଙ୍କଟ ଦେଖାଦେଇଥିଲା ତାହାର ପରିସମାପ୍ତି ଘଟିଛି। ସୁଧ ସହ ସବୁ ମୂଳ ଟଙ୍କା ଶ୍ରୀମନ୍ଦିର ଆକାଉଣ୍ଟକୁ ଫେରିଆସିଛି। ଗତ ୧୯ ତାରିଖରେ ୟେସ୍ ବ୍ୟାଙ୍କରୁ ୩୯୭କୋଟି ୨୩ଲକ୍ଷ ୨୭ ହଜାର ୬୩୬ ଟଙ୍କା ପୁରୀ ଏସ୍‌ବିଆଇ ମୁଖ୍ୟ ଶାଖାରେ ଥିବା ଶ୍ରୀମନ୍ଦିର ଆକାଉଣ୍ଟକୁ ଫେରିଥିଲା। ଏଥିରେ ୩୮୯ କୋଟି ମୂଳ ଟଙ୍କା ରହିଥିଲା। ବଳକା ୧୫୬ କୋଟି ମୂଳ ଓ ଏହାର ସୁଧ ୩ କୋଟି ୩୫ଲକ୍ଷ ୩୮ ହଜାର ୮୬୩ ଟଙ୍କା ସୋମବାର ୟେସ୍ ବ୍ୟାଙ୍କରୁ ଶ୍ରୀମନ୍ଦିର ଆକାଉଣ୍ଟକୁ ଫେରିଛି। ଏହି ଟଙ୍କା ବ୍ୟାଙ୍କ ଅଫ୍ ବରୋଦାରେ ବର୍ଷିକିଆ ଜମା କରାଯିବ ବୋଲି ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନା କହିଛନ୍ତି।

ଉନ୍ନୟନ ପ୍ରଶାସକଙ୍କ ସୂଚନା ମୁତାବକ, ସୋମବାର ୧୫୬ କୋଟି ଟଙ୍କାର ମାଚ୍ୟୁରିଟି ପୂରିଥିବାରୁ ୟେସ୍ ବ୍ୟାଙ୍କ ୩ କୋଟି ୩୫ଲକ୍ଷ ୩୮ହଜାର ୮୬୩ ସୁଧ ସହ ମୋଟ ୧୫୯କୋଟି ୩୫ଲକ୍ଷ ୩୮ହଜାର ୮୬୩ଟଙ୍କା ଶ୍ରୀମନ୍ଦିର ଆକାଉଣ୍ଟକୁ ଇ-ଟ୍ରାନ୍ସଫର କରିଛି। ଏହି ଟଙ୍କା ଜମା ରଖିବା ଲାଗି ସୋମବାର ବ୍ୟାଙ୍କଗୁଡ଼ିକୁ ଡକାଯାଇଥିଲା। ଏଥିରେ ୯ଟି ବ୍ୟାଙ୍କ ଭାଗ ନେଇଥିଲେ। ଅର୍ଥ ସବ୍ କମିଟି ସଦସ୍ୟଙ୍କ ଉପସ୍ଥିତିରେ ବିଭିନ୍ନ ବ୍ୟାଙ୍କ କେତେ ଟଙ୍କା ସୁଧ ଦେବେ ତାହା ଲିଖିତ ଭାବେ ଜଣାଇଥିଲେ। ଏଥିରେ ବ୍ୟାଙ୍କ ଅଫ୍ ବରୋଦା ସର୍ବାଧିକ ୬.୦୫ ପ୍ରତିଶତ ସୁଧ ଦେବାକୁ ରାଜି ହୋଇଥିଲା। ଦ୍ୱିତୀୟରେ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ୬ ପ୍ରତିଶତ ସୁଧ ଦେବାକୁ ରାଜି ହୋଇଥିବାବେଳେ ସର୍ବାଧିକ ୫୦ କୋଟି ଟଙ୍କା ଜମା ରଖିବ ବୋଲି ଜଣାଇଥିଲା। କିନ୍ତୁ ସର୍ବାଧିକ ୬.୦୫ ପ୍ରତିଶତ ସୁଧ ଦେବାକୁ ପିଏନ୍‌ବି ରାଜି ନ ହେବାରୁ ନିୟମ ଅନୁଯାୟୀ, ସମସ୍ତ ୧୫୯କୋଟି ୩୫ଲକ୍ଷ ୩୮ହଜାର ୮୬୩ ଟଙ୍କା ବ୍ୟାଙ୍କ ଅଫ୍ ବରୋଦାରେ ରଖିବା ଲାଗି ଚୂଡ଼ାନ୍ତ ହୋଇଥିବା ଉନ୍ନୟନ ପ୍ରଶାସକ କହିଛନ୍ତି। ପୂର୍ବରୁ ଶ୍ରୀମନ୍ଦିରର ଫାଉଣ୍ଡେଶନ ଫଣ୍ଡ ୧୦୨ କୋଟି ଟଙ୍କା ଏସ୍‌ବିଆଇରେ ରଖାଯାଇଛି। ସେହିପରି ଟେଣ୍ଡର ମାଧ୍ୟମରେ କର୍ପସ ଫଣ୍ଡ ୨୮୭ କୋଟି ଏବଂ ଟେମ୍ପଲ ଫଣ୍ଡ ୫୬ କୋଟି ସମାନ ଭାବେ ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ ଏବଂ ବ୍ୟାଙ୍କ ଅଫ୍ ବରୋଦାରେ ରଖାଯାଇଛି ବୋଲି ଜେନା କହିଛନ୍ତି।

ସୂଚନାଥାଉ କି, ଘରୋଇ ୟେସ୍ ବ୍ୟାଙ୍କରେ ମହାପ୍ରଭୁଙ୍କର ୫୪୫ କୋଟି ଟଙ୍କା ଜମା ☞ପୃଷ୍ଠା-୪



### ଆଜିର ସମ୍ପାଦକୀୟ

**ପରୀକ୍ଷାରେ ଅସଫଳ**

### ଆଜିର ମନ୍ତବ୍ୟ

"ମହାମାରୀ କରୋନାର ମୁକାବିଲା ପାଇଁ ଭାରତ ସରକାର ନେଇଥିବା ପଦକ୍ଷେପ ସ୍ୱାଗତଯୋଗ୍ୟ।

-ଦଲାଇ ଲାମା, ତିବ୍ବତୀୟ ଧର୍ମଗୁରୁ

Vencobb FRESH CHICKEN
Taste the difference!
30.03.2020

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 47 | 89 | 99 |
| CTC | 47 | 89 | 99 |
| DKL | 47 | 89 | 99 |
| BDK | 47 | 89 | 99 |
| BLS | 47 | 89 | 99 |
| ANG | 47 | 89 | 99 |
| BMP | 48 | 90 | 100 |

*Conditions Apply
Issued in the Interest of Consumers

### ଲକ୍‌ଡାଉନ୍ ବେଳେ ଜରୁରୀ ସାମଗ୍ରୀର କଳାବଜାର

# ଚଢ଼ାଦରରେ କିଣୁଛନ୍ତି ୬୦.୯% ଭାରତୀୟ

ନୂଆଦିଲ୍ଲୀ, ୩୦।୩(ଆଇଏଏନ୍‌ଏସ୍)

କରୋନା ଭାଇରସ୍ ସଂକ୍ରମଣ ରୋକିବା ପାଇଁ ଦେଶବ୍ୟାପୀ ଲକ୍‌ଡାଉନ୍ ଘୋଷଣା କରାଯାଇଥିବାବେଳେ ଅତ୍ୟାବଶ୍ୟକ ସାମଗ୍ରୀଗୁଡ଼ିକର ଦରଦାମ ହୁ ହୁ ହୋଇ ବଢ଼ିବାରେ ଲାଗିଛି। ଅସାଧୁ ବ୍ୟବସାୟୀମାନେ ଅଚଳାବସ୍ଥାର ସୁଯୋଗ ନେଇ କଳାବଜାର କରିବାରେ ଲାଗିଛନ୍ତି। ଏଥିଯୋଗୁ ୬୦.୯% ଭାରତୀୟ ନିଜ ପାଇଁ ଚଢ଼ା ଦରରେ ଜରୁରୀ ସାମଗ୍ରୀ କିଣିବାକୁ ବାଧ୍ୟ ହେଉଥିବା ଏକ ସଦ୍ୟ ସର୍ବେକ୍ଷଣ ରିପୋର୍ଟରେ ପ୍ରଘଟ ହୋଇଛି।

ଭାରତରେ ମାର୍ଚ୍ଚ ୨୪ ତାରିଖ ମଧ୍ୟରାତ୍ରିରୁ ଲକ୍‌ଡାଉନ୍ ଘୋଷଣା କରାଯାଇଛି। ଆଇଏଏନ୍‌ଏସ୍ ସି-ଭୋଟର କରୋନା ଟ୍ରାକର ପକ୍ଷରୁ ୨୬ ଓ ୨୭ ତାରିଖରେ ଦେଶବ୍ୟାପୀ ଏକ ସର୍ଭେ କରାଯାଇଥିଲା। 'ଆପଣ ଜରୁରୀ ସାମଗ୍ରୀଗୁଡ଼ିକ ଅଧିକ ମୂଲ୍ୟ ଦେଇ କିଣୁଛନ୍ତି କି' ବୋଲି ଏଥିରେ ପ୍ରଶ୍ନ କରାଯାଇଥିଲା। ଏହାର ଉତ୍ତରରେ ୬୦.୯% ଲୋକ ଚଢ଼ା ଦରରେ ସାମଗ୍ରୀ କିଣୁଥିବା ଉତ୍ତର ଦେଇଥିଲେ। ୨୮.୭% ଲୋକ ଏଥିସହ ଅସହମତି ପ୍ରକାଶ କରିଥିବାବେଳେ ଅବଶିଷ୍ଟ କୌଣସି ଉତ୍ତର ନ ଦେବାକୁ ପସନ୍ଦ କରିଥିଲେ।

ଅତ୍ୟାବଶ୍ୟକ ସାମଗ୍ରୀର କଳାବଜାର ହେବା ଓ ଚାହିଦା ତୁଳନାରେ ଯୋଗାଣ ହୋଇ ନ ପାରିବା ଦେଶରେ ବିଚିତ୍ର ସ୍ଥିତି ସୃଷ୍ଟି କରିଛି। ଏଥିଯୋଗୁ ଦରଦାମ ଆକାଶଛୁଆଁ ହୋଇଥିବାରୁ ବିଭିନ୍ନ ସ୍ଥାନରେ ଏହାର ଅଭାବ ଦେଖାଦେଲାଣି। ଏପରି କି ଗ୍ରସେରି ଆଇଟମ୍ ଓ ମେଡିସିନ୍‌ର ମୂଲ୍ୟ ମଧ୍ୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଲକ୍‌ଡାଉନ୍ ଘୋଷଣା ପରେ ବଢ଼ିଯାଇଛି। ଅଧିକାଂଶ ଦୋକାନବଜାର ବନ୍ଦ ରହିଥିବାବେଳେ କେତେକ ସ୍ଥାନରେ ପଛଦ୍ୱାରରୁ କିଣାବିକା ଚାଲିଥିବା ନଜରକୁ ଆସିଛି। ଏପରି ସ୍ଥଳେ ଜରୁରୀ ଜିନିଷକୁ ବାଦ୍ ଦେଲେ ଅନ୍ୟ ପଣ୍ୟ ସାମଗ୍ରୀର କାରବାର ଉପରେ ଜାରି ହୋଇଥିବା କଟକଣାକୁ ଠିକ୍ ଭାବେ କାର୍ଯ୍ୟକାରୀ କରାଯିବ ତାହା ଏକ ବଡ଼ ଚ୍ୟାଲେଞ୍ଜରେ ପରିଣତ ହୋଇଛି। ସରକାର ଜରୁରୀ ସାମଗ୍ରୀର ଅଭାବ ରହିବ ନାହିଁ ବୋଲି ଦେଶବାସୀଙ୍କୁ ଆଶ୍ୱାସନା ଦେଉଥିବାବେଳେ ଏହାର କୃତ୍ରିମ ଅଭାବ ଆଗକୁ ବିଚିତ୍ର ସ୍ଥିତି ସୃଷ୍ଟି କରିପାରେ ବୋଲି ବିଶେଷଜ୍ଞମାନେ ମତବ୍ୟକ୍ତ କରିଛନ୍ତି।



## ପାରଦ ଟପିଲା ୪୦ ଡିଗ୍ରୀ

### ଝଡ଼ବର୍ଷା ସମ୍ଭାବନା

ଭୁବନେଶ୍ୱର,୩୦।୩(ବ୍ୟୁରୋ)

ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଆରମ୍ଭ ହୋଇଛି। ପାରଦ ୪୦ ଡିଗ୍ରୀ ସେଲ୍‌ସିୟସକୁ ଟପିଯାଇଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ସୋମବାର ମାଲକାନଗିରିରେ ସର୍ବୋଚ୍ଚ ତାପମାତ୍ରା ୪୦.୨ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ଅନୁଗୋଳ ୩୯.୫, ଟିଟିଲାଗଡ ୩୮, ବଲାଙ୍ଗୀର ୩୮.୫, କଟକ ୩୭, ଭୁବନେଶ୍ୱର ୩୬.୬ ଏବଂ ବାରିପଦାରେ ସର୍ବୋଚ୍ଚ ତାପମାତ୍ରା ୩୬.୬ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ତାତି ସାଙ୍ଗକୁ ଝାଞ୍ଜି ପବନ ପରିବେଶକୁ ଉତ୍ତପ୍ତ କରିଛି। ବିହାର ଏବଂ ଛତିଶଗଡ଼ ଉପରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ☞ପୃଷ୍ଠା-୪

**ଦେଶରେ ହୋଇନି ଗୋଷ୍ଠୀଗତ ସଂକ୍ରମଣ**

ଭାରତରେ ଅଦ୍ୟାବଧି ଗୋଷ୍ଠୀଗତ ଭାବେ କରୋନା ଭୂତାଣୁ ସଂକ୍ରମଣ ହୋଇନାହିଁ। ଦେଶରେ ସ୍ଥାନୀୟ ସ୍ତରରେ ସଂକ୍ରମଣ ହେଉଛି ଏବଂ ଗୋଷ୍ଠୀଗତ ଭାବେ ଏହା ସୀମିତ। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ସୋମବାର ଏନେଇ ସୂଚନା ଦିଆଯାଇଛି। ମନ୍ତ୍ରଣାଳୟ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି ଯେ, ଭାରତରେ କୋଭିଡ୍-୧୯ର ସଂକ୍ରମଣ ରୋକିବା ପାଇଁ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରସିଡ୍ୟୁର୍ ଜାରି କରାଯାଇଛି।

# ଏ କୂଳର ନା ସେ କୂଳର

## ଦାଦନ ଶ୍ରମିକଙ୍କ ଅବସ୍ଥା ଏମିତି

ମୁଣ୍ଡ ପରେ ମୁଣ୍ଡ ନେଇଚାଲିଥିବା ଘାତକ ଭୂତାଣୁ କୋଭିଡ୍-୧୯ର ମୁକାବିଲା ପାଇଁ କେନ୍ଦ୍ର ସରକାର ଦେଶବ୍ୟାପୀ ଲକ୍‌ଡାଉନ୍ ଘୋଷଣା କରିଛନ୍ତି। ସୋମବାର ଏହି ତାଲାବନ୍ଦ ତାକରା ଷଷ୍ଠ ଦିନରେ ପହଞ୍ଚିଛି। ଦେଶର ବଡ଼ ବଡ଼ ସହରରୁ ଦାଦନ ଶ୍ରମିକଙ୍କ ଗଣପଳାୟନ ଜାରି ରହିଥିବାବେଳେ ସୋମବାର ଏକ ଅଭାବନୀୟ ଦୃଶ୍ୟ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ୟୁପିର ବରେଲିରେ ଦାଦନ ପରିବାରମାନଙ୍କୁ ଭୂତାଣୁରହିତ କରିବା ପାଇଁ ସେମାନଙ୍କ ଉପରେ କେମିକାଲ ସ୍ପ୍ରେ କରାଯାଇଛି। ବିହାରର ନୀତୀଶ କୁମାର ସରକାର ରାଜ୍ୟକୁ ଫେରିଥିବା ଶତାଧିକ ଦାଦନ ଶ୍ରମିକଙ୍କୁ ସୀମାରେ ଅଟକାଇ ଦେଇଛନ୍ତି। କେବଳ ୟୁପି କି ବିହାର ନୁହେଁ, ଦେଶର ବିଭିନ୍ନ ରାଜ୍ୟରେ ଏପରି ଅବସ୍ଥା ଦେଖିବାକୁ ମିଳିଛି। ଶ୍ରମିକମାନେ ସହରରୁ କରୋନା ଭାଇରସ୍ ନେଇ ଆସିଥାଇପାରନ୍ତି ବୋଲି ସେମାନଙ୍କ ସହ ଘୃଣ୍ୟ ବ୍ୟବହାର କରାଯାଉଛି। ଫଳରେ ଦାଦନ ପରିବାର ନା ଏ କୂଳର ହେଉଛନ୍ତି ନା ସେ କୂଳର।

ମହାରାଷ୍ଟ୍ରର ପାଲ୍‌ଘରରୁ ଜଣେ ଦାଦନ ଶ୍ରମିକ ନିଜ ପରିବାର ସହ ମୁମ୍ବାଇ-ଅହମଦାବାଦ ଜାତୀୟ ରାଜପଥ ଦେଇ ଚାଲି ଚାଲି ଯାଉଛନ୍ତି।



## ଯୋଗ ଭିଡିଓ ଶେୟାର କଲେ ମୋଦି

ନୂଆଦିଲ୍ଲୀ,୩୦।୩ (ଆଇଏଏନ୍‌ଏସ୍): ଲକ୍‌ଡାଉନ ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିଜକୁ ଫିଟ୍‌ନେସ ରଖିବା ପାଇଁ ନେଉଥିବା ପଦକ୍ଷେପ ସମ୍ପର୍କରେ ସୋସିଆଲ ମିଡିଆରେ ଶେୟାର କରିଛନ୍ତି। ଅନେକ ବର୍ଷ ଧରି ଯୋଗ ତାଙ୍କ ଜୀବନର ଅବିଚ୍ଛେଦ୍ୟ ଅଙ୍ଗ ପାଲଟିଥିବା ସେ କହିଛନ୍ତି। ଅନେକ ଟୁଇଟ୍ ଜରିଆରେ ସେ ଯୋଗ କରୁଥିବା ସମୟର ଭିଡ଼ିଓ ଶେୟାର କରିଛନ୍ତି। ଏଗୁଡ଼ିକ ୨୦୧୮ରେ ୟୁ-ଟ୍ୟୁବ୍‌ରେ ଅପ୍‌ଲୋଡ ହୋଇଥିଲା। ରବିବାର 'ମନ୍ କୀ ବାତ୍' କାର୍ଯ୍ୟକ୍ରମ ବେଳେ କେହିଜଣେ ପ୍ରଧାନମନ୍ତ୍ରୀଙ୍କୁ ତାଙ୍କ ଫିଟ୍‌ନେସ୍‌ର ରହସ୍ୟ ସମ୍ପର୍କରେ ପଚାରିଥିଲେ। ସେଥିପାଇଁ ଯୋଗ ଭିଡିଓ ଶେୟାର କରିବାକୁ ସେ ଚିନ୍ତାକଲେ ବୋଲି କହିଛନ୍ତି। ଅନ୍ୟମାନେ ନିୟମିତ ଯୋଗ କରିବା ସହ ଫିଟ୍‌ନେସ୍‌ର ଅନ୍ୟ ବିକଳ୍ପ ଉପାୟ ଶେୟାର କରିବା ଲାଗି ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଛନ୍ତି।



# ଶ୍ରମିକଙ୍କ ଉପରେ କେମିକାଲ ସ୍ପ୍ରେ

ବରେଲି,୩୦।୩

ବିଭିନ୍ନ ରାଜ୍ୟରୁ ଉତ୍ତରପ୍ରଦେଶକୁ ଫେରିଥିବା ଦାଦନ ଶ୍ରମିକମାନଙ୍କ ଉପରେ ବରେଲିରେ କେମିକାଲ ସ୍ପ୍ରେ କରାଯାଇଛି। ସେମାନଙ୍କ ସହ ଏଭଳି ଘୃଣ୍ୟ ବ୍ୟବହାରର ଦୃଶ୍ୟ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ପ୍ରଶାସନର ଏହି କାର୍ଯ୍ୟକୁ ଚାରିଆଡ଼େ ସମାଲୋଚନା କରାଯିବା ପରେ ସୋମବାର ବରେଲି ଜିଲାପାଳ ଭୁଲ୍ ସ୍ୱୀକାର କରିଛନ୍ତି। ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଏହାକୁ ଅତ୍ୟନ୍ତ ଅମାନବୀୟ କାର୍ଯ୍ୟ ଭାବେ ଅଭିହିତ କରିଛି।

କରେନା ସଂକ୍ରମଣର ମୁକାବିଲା ପାଇଁ ଲକ୍‌ଡାଉନ୍ ଘୋଷଣା କରାଯାଇଥିବାରୁ ଦେଶର ବିଭିନ୍ନ ସହରରୁ ଶତାଧିକ ଦାଦନ ଶ୍ରମିକ ସେମାନଙ୍କ ପରିବାର ଧରି ରବିବାର ଉତ୍ତରପ୍ରଦେଶର ବରେଲିରେ ପହଞ୍ଚିଥିଲେ। ସେଠାରେ ସ୍ଥାନୀୟ ପୌରପାଳିକା ପକ୍ଷରୁ ସେମାନଙ୍କ ଉପରେ ସୋଡିୟମ୍ ହାଇପୋକ୍ଲୋରାଇଟ୍ ସୋଲ୍ୟୁଶନ ସିଞ୍ଚନ କରାଯାଇଥିଲା। ଏହି 'କେମିକାଲ ବାଥ୍' ଦୃଶ୍ୟ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଜିଲାପାଳ ଭୁଲ ମାନିବା ସହ ଏପରି କରିଥିବା କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସ୍ପଷ୍ଟ କରିଛନ୍ତି। ଇତିମଧ୍ୟରେ କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଏହାକୁ ଟୁଇଟ୍‌ରରେ ନିନ୍ଦା କରିଛନ୍ତି। ମହାମାରୀ ବିରୋଧରେ ସାମୂହିକ ଲଢ଼େଇର ଆବଶ୍ୟକତା ଥିବାବେଳେ ଏପରି ଅମାନବୀୟ କାର୍ଯ୍ୟ ନିନ୍ଦନୀୟ ବୋଲି ସେ ସମାଲୋଚନା କରିଛନ୍ତି। ଅନ୍ୟପକ୍ଷରେ କେତେଜଣ ସ୍ଥାନୀୟ ଅଧିକାରୀ ଦାଦନଙ୍କ ଉପରେ ସ୍ପ୍ରେ କରାଯିବାକୁ ଯଥାର୍ଥ ଦର୍ଶାଇଛନ୍ତି। ସୁଇମିଂ ପୁଲ୍‌କୁ ସାନିଟାଇଜ୍ କରିବା ପାଇଁ ସୋଡିୟମ୍ ହାଇପୋକ୍ଲୋରାଇଟ୍ ସୋଲ୍ୟୁଶନ ସ୍ପ୍ରେ କରାଯାଏ ବୋଲି କହିଛନ୍ତି।

**ଭୁଲ୍ ସ୍ୱୀକାର କଲେ ବରେଲି ଜିଲାପାଳ**



ଉତ୍ତରପ୍ରଦେଶର ବରେଲିରେ ସ୍ୱାସ୍ଥ୍ୟକର୍ମୀମାନେ ହୋସ୍ ପାଇପ୍ ଜରିଆରେ ଶ୍ରମିକଙ୍କ ଉପରେ ସୋଲ୍ୟୁଶନ ସ୍ପ୍ରେ କରୁଛନ୍ତି।

# କେନ୍ଦ୍ରକୁ ରିପୋର୍ଟ ମାଗିଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୩୦।୩(ପି.ଟି.)

କୋଭିଡ୍-୧୯ ସଂକ୍ରମଣ ରୋକିବା ଲାଗି ଦେଶରେ ଲକ୍‌ଡାଉନ୍ ଘୋଷଣା କରାଯାଇଥିବାବେଳେ ଦାଦନ ଶ୍ରମିକମାନଙ୍କ ଦୁର୍ଦ୍ଦଶା ସବୁଠୁ ବେଶି ବଢ଼ିଛି। ଶ୍ରମିକମାନେ ଜୀବିକା ହରାଇ ଭୟଭୀତ ହୋଇ ବଡ଼ ବଡ଼ ସହରରୁ ନିଜ ଗାଁ ଅଭିମୁଖେ ଗୋଷ୍ଠୀବଦ୍ଧ ଭାବେ ଯାତ୍ରା କରୁଛନ୍ତି। ଅଧିକାଂଶ ଶ୍ରମିକ ଶହ ଶହ କି.ମି. ବାଟ ଚାଲି ଚାଲି ଯାଉଛନ୍ତି। ସେମାନଙ୍କ ଭୟ କରୋନା ଭାଇରସ୍ ସମସ୍ୟାଠାରୁ ବଳିଯାଇଛି। ଏଭଳି ସ୍ଥିତିରେ କେନ୍ଦ୍ର ସରକାର ଶ୍ରମିକମାନଙ୍କ ଗଣପଳାୟନ ରୋକିବା ପାଇଁ କି ପଦକ୍ଷେପ ନେଇଛନ୍ତି ସେନେଇ ସୋମବାର ସୁପ୍ରିମକୋର୍ଟ ପ୍ରଶ୍ନ କରିଛନ୍ତି। ଏହାସହ ମଙ୍ଗଳବାର ସୁଦ୍ଧା ଷ୍ଟାଟସ୍ ରିପୋର୍ଟ ଦାଖଲ କରିବାକୁ କେନ୍ଦ୍ରକୁ ନିର୍ଦ୍ଦେଶ ଦେଇଛନ୍ତି। ଦାଦନ ଶ୍ରମିକଙ୍କ ଗଣପଳାୟନକୁ ନେଇ ସୁପ୍ରିମକୋର୍ଟରେ ଦୁଇଟି ପିଟିଶନ ଦାଏର ହୋଇଛି। ଆଇନଜୀବୀ ଅଲଖ ଆଲୋକ ଶ୍ରୀବାସ୍ତବ ଓ ରଶ୍ମି ବଂସଲ ଦାଏର କରିଥିବା ଉକ୍ତ ଆବେଦନରେ ଶ୍ରମିକମାନଙ୍କୁ ଖାଦ୍ୟ, ପାନୀୟ ଜଳ, ଔଷଧ ଓ ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ଦାବି ହୋଇଛି। ପ୍ରଧାନ ବିଚାରପତି ଏସ୍.ଏ. ବୋବ୍‌ଡେଙ୍କ ଅଧ୍ୟକ୍ଷତାରେ ତଥା ଜଷ୍ଟିସ୍ ଏଲ୍. ନାଗେଶ୍ୱର ରାଓଙ୍କୁ ନେଇ ଗଠିତ ଖଣ୍ଡପୀଠ ଭିଡିଓ କନ୍‌ଫରେନ୍ସ ଜରିଆରେ ଏହାର ଶୁଣାଣି କରିଛନ୍ତି। ଖଣ୍ଡପୀଠ କହିଛନ୍ତି, ସରକାର ନେଇଥିବା ପଦକ୍ଷେପକୁ ନେଇ ଅଦାଲତ ଅଧିକ ଦ୍ୱନ୍ଦ୍ୱ ସୃଷ୍ଟି କରିବାକୁ ଚାହୁଁନାହାନ୍ତି। ସରକାର କି ପଦକ୍ଷେପ ନେଇଛନ୍ତି ତାହା ଆସିବା ପରେ ଯାଇ କୌଣସି ନିର୍ଦ୍ଦେଶ ଦିଆଯାଇ ପାରିବ। ମଙ୍ଗଳବାର କେନ୍ଦ୍ର ପକ୍ଷରୁ ଷ୍ଟାଟସ୍ ରିପୋର୍ଟ ଦାଖଲ ପରେ ଏହାର ଶୁଣାଣି କରାଯିବ ବୋଲି ଖଣ୍ଡପୀଠ ଧାର୍ଯ୍ୟ କରିଛନ୍ତି।



**ଦାଦନ ଶ୍ରମିକଙ୍କ ଗଣପଳାୟନ ରୋକିବାକୁ କି ପଦକ୍ଷେପ ନିଆଯାଇଛି**

# ଯାଇପାରେ ୨ ଲକ୍ଷ ଆମେରିକୀୟଙ୍କ ଜୀବନ

ନ୍ୟୁୟର୍କ,୩୦।୩(ଆଇଏଏନ୍‌ଏସ୍)

ଆମେରିକାରେ କରୋନା ସଂକ୍ରମଣ ସ୍ଥିତି ଭୟଙ୍କର ରୂପ ଧାରଣ କରିଛି। ଆଗାମୀ ଦୁଇ ସପ୍ତାହ ଅର୍ଥାତ୍ ଇଷ୍ଟର ସପ୍ତାହାନ୍ତ ବେଳକୁ ଲକ୍ଷେରୁ ୨ ଲକ୍ଷ ଆମେରିକୀୟଙ୍କ ଜୀବନ ନେଇପାରେ ଏହି ଭୂତାଣୁ। ଏଭଳି ଆକଳନ କରିଛି ହ୍ୱାଇଟ୍ ହାଉସ୍। ଯେଉଁଭଳି ହାରରେ ଆମେରିକାରେ କୋଭିଡ୍-୧୯ ମାଡ଼ିଚାଲିଛି, ୨ ଲକ୍ଷ ଲୋକଙ୍କ ଜୀବନ ଯିବା ଅସମ୍ଭବ ନୁହେଁ। ତେବେ ଏଭଳି ହେବାକୁ ନ ଦେବା ଲାଗି ଆମେ ଉଦ୍ୟମ କରୁଛୁ ବୋଲି ଆମେରିକାର ମୁଖ୍ୟ ସଂକ୍ରାମକ ରୋଗ ଡାକ୍ତର ଆଣ୍ଟୋନୀ ଫୌସି କହିଛନ୍ତି। ହାଇଟ ହାଉସ୍‌ର କରୋନା ଭୂତାଣୁ ରେସ୍ପନ୍ସ ଟିମ୍‌ର କୋର୍ଡିନେଟର ଡ. ଡେବୋରା ବିର୍କ୍ସ କହିଛନ୍ତି, କରୋନା ସଂକ୍ରମଣ ଜନିତ ମୃତ୍ୟୁସଂଖ୍ୟା ଲକ୍ଷେରୁ ଦୁଇ ଲକ୍ଷକୁ ବୃଦ୍ଧି ପାଇପାରେ। ତେବେ ଏହି ସଂଖ୍ୟା କମାଇବା ଲାଗି ସମସ୍ତ ଉଦ୍ୟମ ହେଉଛି ବୋଲି ସେ କହିଛନ୍ତି। ଏପରିକି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ କହିଛନ୍ତି, ସାମାଜିକ ଦୂରତ୍ୱ ବଜାୟ ନ ରଖିଲେ ୨୨ ଲକ୍ଷ ଲୋକଙ୍କ ଜୀବନ ଯାଇପାରେ। ଏପ୍ରିଲ ୩୦ ପର୍ଯ୍ୟନ୍ତ ସାମାଜିକ ଦୂରତ୍ୱ ବଜାୟ ରଖିବା ଲାଗି ଆମେରିକା ପ୍ରଶାସନ ପକ୍ଷରୁ ଗାଇଡଲାଇନ ଜାରି ହୋଇଛି। ଆମେରିକାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ୧,୪୨, ୭୩୭ରେ ପହଞ୍ଚିଥିବାବେଳେ ୨୪୮୯ ଜଣଙ୍କ ଜୀବନ ଗଲାଣି। ସେଠାରେ ପ୍ରତି ୩ ଜଣରେ ଜଣକୁ ଘରେ ରହିବା ପାଇଁ କୁହାଯାଇଛି।



**ହ୍ୱାଇଟ୍ ହାଉସ୍‌ର ଆକଳନ**

# ବିପଦ ସାଜିଛନ୍ତି ଯାଞ୍ଚରୁ ବର୍ତ୍ତିଥିବା ସୌଦି ଫେରନ୍ତା

ଚେନ୍ନାଇ,୩୦।୩(ପି.ଟି.)

କରୋନା ମୁକାବିଲା ଲାଗି ଦୁବାଇର ସ୍ୱାସ୍ଥ୍ୟ ବିଭାଗ କର୍ତ୍ତୃପକ୍ଷ ଶନିବାର ନଇଫ୍ ସହରରେ ଘରକୁ ଘର ବୁଲି ତଥ୍ୟ ସଂଗ୍ରହ କରୁଥିବାବେଳେ ସେଠାରୁ କେରଳ ଫେରିଥିବା ଯାତ୍ରୀ ସଂକ୍ରମଣର ବାହକ ହୋଇଥିବା ରାଜ୍ୟର ସ୍ୱାସ୍ଥ୍ୟ ଅଧିକାରୀମାନେ ଆଶଙ୍କା ବ୍ୟକ୍ତ କରୁଛନ୍ତି। ଗତ କିଛିଦିନ ମଧ୍ୟରେ ସୌଦିରୁ କେରଳର କସରଗୋଡ ଜିଲାକୁ ଫେରିଥିବା ଲୋକଙ୍କ ମଧ୍ୟରୁ ୭୦ ପ୍ରତିଶତ ଉପସାଗରୀୟ ରାଷ୍ଟ୍ରର ଜନଗହଳିପୂର୍ଣ୍ଣ ସ୍ଥାନରେ ରହୁଥିଲେ। କସରଗୋଡ ଜିଲାକୁ ଫେରିଥିବା ୩୯ ଜଣଙ୍କ ମଧ୍ୟରୁ ୩୪ ଜଣଙ୍କୁ 'ହାଇ ରିସ୍କ' ବର୍ଗରେ ରଖାଯାଇଛି। ସେମାନଙ୍କର ନମୁନା ପରୀକ୍ଷା କରାଯାଉଛି। ସୂଚନାଯୋଗ୍ୟ, ଫେବୃୟାରୀ ଓ ମାର୍ଚ୍ଚ ପ୍ରଥମ ଭାଗରେ ଉପସାଗରୀୟ ରାଷ୍ଟ୍ରରୁ ଫେରିଥିବା ଅଧିକାଂଶ ଭାରତୀୟଙ୍କର ବିମାନବନ୍ଦରରେ ଯାଞ୍ଚ ହୋଇ ନ ଥିଲା କି ସେମାନଙ୍କୁ କ୍ୱାରାଣ୍ଟାଇନରେ ରହିବା ପାଇଁ ପରାମର୍ଶ ଦିଆଯାଇ ନ ଥିଲା। ସେତେବେଳେ କେବଳ ଚାଇନା, ଦକ୍ଷିଣ କୋରିଆ, ଇରାନ, ସ୍ପେନ୍, ଇଟାଲୀ ଓ ଜର୍ମାନୀ ଫେରନ୍ତାଙ୍କ ଉପରେ ନଜର ରଖାଯାଇଥିଲା। ଫଳରେ ଦୁବାଇ ଓ ସୌଦି ଆରବ ଫେରନ୍ତା ଯାଞ୍ଚରୁ ଖସିଯାଇଥିଲେ। ଫଳରେ ପୂର୍ବ ୧୦ ଦିନରେ ଉପସାଗରୀୟ ଦେଶରୁ ଫେରିଥିବା ଲୋକଙ୍କଠାରେ ସଂକ୍ରମଣ ମାତ୍ରା ଅଧିକ ଦେଖିବାକୁ ମିଳିଛି।

ଉଦାହରଣ ସ୍ୱରୂପ ମହାରାଷ୍ଟ୍ରର ଏକ ୪୦ ଜଣିଆ ଦଳ ୬ ଦିନ ଦୁବାଇ ଓ ଆବୁଧାବୀ ଭ୍ରମଣରେ ଯାଇଥିଲେ। ସେମାନଙ୍କ ମଧ୍ୟରୁ ୧୫ ଜଣଙ୍କୁ କରୋନା ଭୂତାଣୁ ସଂକ୍ରମିତ ହୋଇଥିବା ପରୀକ୍ଷାରୁ ଜଣାପଡ଼ିଛି। କେରଳର କସରଗୋଡ ଗୋଟିଏ ଦିନରେ କୋଭିଡ୍-୧୯ର ସବୁଠୁ ସଂକ୍ରମଣ ସ୍ଥାନ ପାଲଟିଯାଇଛି।

## କରୋନା ରୋଗୀଙ୍କ ଘରୁ ଚୋରି

ଶ୍ରୀନଗର,୩୦।୩-କରୋନା ସଂକ୍ରମିତ ଜଣେ ବ୍ୟକ୍ତି ଓ ତାଙ୍କ ପରିବାର ହସ୍ପିଟାଲରେ କ୍ୱାରାଣ୍ଟାଇନରେ ରହିଥିବାବେଳେ ଡକାୟତମାନେ ଏହାର ସୁଯୋଗ ନେଇ ତାଙ୍କ ଘରେ କଳାକନା ବୁଲାଇଦେଇଛନ୍ତି। ଡକାୟତମାନେ ରବିବାର ରାତିରେ ଉକ୍ତ ରୋଗୀଙ୍କ ଘରେ ପଶି ୩ ଲକ୍ଷ ଟଙ୍କା ନେଇ ପଳାଇଛନ୍ତି। ଜମ୍ମୁ-କଶ୍ମୀରର ବନ୍ଦିପୋରା ଜିଲା ଅନ୍ତର୍ଗତ ସଦରକୋଟେ ଅଞ୍ଚଳରେ ଏହି ଡକାୟତି ହୋଇଛି।

## କୋଭିଡ୍ କଣ୍ଟ୍ରୋଲ ରୁମ୍ ଖୋଲିଲେ ସୋନିଆ

**ନୂଆଦିଲ୍ଲୀ,୩୦।୩ (ଆଇଏଏନ୍‌ଏସ୍):** କୋଭିଡ୍-୧୯ ସମ୍ପର୍କରେ ରାଜ୍ୟ ସଂଗଠନଗୁଡ଼ିକ ସହ ସମନ୍ୱୟ ରକ୍ଷା କରି ମାନବୀୟ ସହାୟତା ଯୋଗାଇବା ଲାଗି କଂଗ୍ରେସ ଅଧକ୍ଷା ସୋନିଆ ଗାନ୍ଧୀ ଏକ କଣ୍ଟ୍ରୋଲ ରୁମ୍ ଖୋଲିଛନ୍ତି। ଏଆଇସିସି ମୁଖ୍ୟାଳୟରେ ଖୋଲାଯାଇଥିବା କେନ୍ଦ୍ରୀୟ କଣ୍ଟ୍ରୋଲ ରୁମ୍‌ରେ ଏମ୍‌ପି ରାଜୀବ ସତାଭ, ପୂର୍ବତନ ବିଧାୟକ ଦେବେନ୍ଦ୍ର ଯାଦବ ଏବଂ ସମ୍ପାଦକ ମନିଷ ଚତ୍ରଥ୍‌ଙ୍କୁ ରଖାଯାଇଛି। ସେମାନେ କରୋନା ସମ୍ପର୍କରେ ବିଭିନ୍ନ ରାଜ୍ୟର କଂଗ୍ରେସ ସଂଗଠନ ସହ ସମନ୍ୱୟ ରକ୍ଷା କରିବେ। ପ୍ରଦେଶ କମିଟିଗୁଡ଼ିକ ସ୍ଥାନୀୟ ଅଞ୍ଚଳର ଦୈନନ୍ଦିନ ତଥ୍ୟ ଦେବେ। କେ.ସି. ବେଣୁଗୋପାଳଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟ କରିବ।

# ହାତପାଣ୍ଠିରୁ ପିଏମ୍-କେୟାର୍ସକୁ ଦେଲେ ୩୫ ଏମ୍‌ପି

ନୂଆଦିଲ୍ଲୀ,୩୦।୩(ପି.ଟି.)

କରୋନା ମୁକାବିଲା ଲାଗି ଲୋକ ସଭା ବାଚସ୍ପତି ଓମ୍ ବିର୍ଲାଙ୍କ ଅନୁରୋଧକ୍ରମେ ୩୫ ଜଣ ଏମ୍‌ପି ସେମାନଙ୍କ ହାତପାଣ୍ଠି (ଏମ୍‌ପି ଲାଡ୍ସ)ରୁ ୧ କୋଟି ଲେଖାଏ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଗଠିତ ପିଏମ୍-କେୟାରର୍ସ ପାଣ୍ଠିକୁ ଦେବା ଲାଗି ମଞ୍ଜୁରୀ ପ୍ରଦାନ କରିଛନ୍ତି। କରୋନା ମହାମାରୀକୁ ନେଇ ଦେଶ ଏକ ଜଟିଳ ସମୟ ଦେଇ ଗତି କରୁଥିବାରୁ ଜନପ୍ରତିନିଧି ଭାବରେ ଲୋକଙ୍କ ପାଖରେ ଛିଡ଼ାହେବା ଆମର କର୍ତ୍ତବ୍ୟ ବୋଲି ବାଚସ୍ପତି ବିର୍ଲା ଶନିବାର ଲୋକ ସଭାର ସବୁ ସଦସ୍ୟଙ୍କୁ ପତ୍ର ଲେଖି ଜଣାଇଥିଲେ। ସେମାନଙ୍କ ଆଞ୍ଚଳିକ ଉନ୍ନୟନ ଯୋଜନା (ଏମ୍‌ପିଲାଡ୍ସ) ପାଣ୍ଠିରୁ କୋଭିଡ-୧୯ ମୁକାବିଲା ପାଇଁ ୧ କୋଟି ଲେଖାଏ ମଞ୍ଜୁର କରିବାକୁ ସେ ଅନୁରୋଧ କରିଥିଲେ। ୩୫ ଏମ୍‌ପି ଏଥିପାଇଁ ଅନୁପତି ଫର୍ମ ପଠାଇଥିବା ଲୋକ ସଭା ସଚିବାଳୟ ସୂତ୍ରରୁ ଜଣାପଡ଼ିଛି। ବାଚସ୍ପତି ପୂର୍ବରୁ ମାସକର ବେତନ ଦାନ କରିବେ ବୋଲି କହିଥିଲେ।

# ଭାରତରେ ମୃତ୍ୟୁସଂଖ୍ୟା ୩୪କୁ ବୃଦ୍ଧି

ନୂଆଦିଲ୍ଲୀ,୩୦।୩

ବିଶ୍ୱବ୍ୟାପୀ କରୋନା ଭାଇରସ୍ ତାଣ୍ଡବ ରଚିଥିବା ବେଳେ ଭାରତ ବି ଏଥିରୁ ବାଦ୍ ଯାଇନି। ଦେଶରେ କରୋନା ମୃତ୍ୟୁସଂଖ୍ୟା ଏବେ ୩୪କୁ ବୃଦ୍ଧି ପାଇଛି। ରବିବାରଠାରୁ ଏପର୍ଯ୍ୟନ୍ତ ୯୨ ନୂଆ ମାମଲା ସାମ୍ନାକୁ ଆସିଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ସୋମବାର ଦର୍ଶାଯାଇଛି। ଦେଶରେ ସଂକ୍ରମିତଙ୍କ ସଂଖ୍ୟା ୧,୨୩୪କୁ ବୃଦ୍ଧି ପାଇଛି। ମୃତକଙ୍କ ମଧ୍ୟରେ ତେଲଙ୍ଗାନାରେ ୧, ମଧ୍ୟପ୍ରଦେଶରେ ୨, କର୍ନାଟକରେ ୩, ଦିଲ୍ଲୀରେ ୨, ମହାରାଷ୍ଟ୍ରରେ ୧୦, ପଞ୍ଜାବରେ ୨, ବିହାରରେ ୧, ଗୁଜରାଟରେ ୫, ପଶ୍ଚିମବଙ୍ଗରେ ୨, ହିମାଚଳ ପ୍ରଦେଶରେ ୧, ତାମିଲନାଡୁରେ ୧, ଜମ୍ମୁ-କଶ୍ମୀରରେ ୨, କେରଳରେ ୧ ଅଛନ୍ତି। ମହାରାଷ୍ଟ୍ରରେ ସର୍ବାଧିକ ୨୧୫ ସଂକ୍ରମିତ ବ୍ୟକ୍ତି ରହିଥିବା ବେଳେ କେରଳରେ ୧୧୩, କର୍ନାଟକରେ ୮୮, ଦିଲ୍ଲୀରେ ୭୨, ରାଜସ୍ଥାନରେ ୬୨, ଉତ୍ତରପ୍ରଦେଶରେ ୮୮, ତେଲଙ୍ଗାନାରେ ୬୯, ତାମିଲନାଡୁରେ ୬୭, ମଧ୍ୟପ୍ରଦେଶରେ ୪୭ ଅଛନ୍ତି। ତେବେ ଏହି ମହାମାରୀ ଭୂତାଣୁର ସାମୁହିକ ପ୍ରସାର ହୋଇ ନ ଥିବା ସରକାର ସ୍ପଷ୍ଟ କରିଛନ୍ତି।

**୧,୨୩୪ ସଂକ୍ରମିତ**




ଦିଲ୍ଲୀର ବାସହୀନ ଲୋକେ ରାସ୍ତାକଡ଼ରେ ବସିବା ସମୟରେ ସାମାଜିକ ଦୂରତ୍ୱ ଅବଲମ୍ବନ କରିଛନ୍ତି।

## ସଂକ୍ଷେପରେ

### ଶ୍ରୀମନ୍ଦିରର ଅନ୍ତରୀଣ ବଜେଟ

**ପୁରୀ ଅଫିସ,୩୦।୩:** କରୋନା ଯୋଗୁ ଚଳିତବର୍ଷ ଶ୍ରୀମନ୍ଦିର ବଜେଟ ବିଳମ୍ବ ହୋଇଛି। ସୋମବାର ଅର୍ଥ ସବ୍ କମିଟି ବୈଠକରେ ୨୦୨୦-୨୧ ଆର୍ଥିକବର୍ଷ ଲାଗି କେବଳ ଅନ୍ତରୀଣ ବଜେଟ୍ ଆଗତ ହୋଇଛି। ସମସ୍ତ ସଦସ୍ୟଙ୍କ ସହମତି କ୍ରମେ ଏହାକୁ ଆଇନ ବିଭାଗକୁ ପଠାଯିବ। ଆଇନ ବିଭାଗର ଅନୁମତି ପରେ ଏହାକୁ କାର୍ଯ୍ୟକାରୀ କରାଯିବ ବୋଲି ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନା କହିଛନ୍ତି। ଏହି ଅନ୍ତରୀଣ ବଜେଟରେ ଏପ୍ରିଲ, ମେ ଓ ଜୁନ୍ ମାସ ଲାଗି ବଜେଟ୍ ବ୍ୟୟବରାଦ ଚୂଡ଼ାନ୍ତ ହୋଇଛି। ଗତ ୨୦୧୯-୨୦ ଆର୍ଥିକ ବର୍ଷର ଏପ୍ରିଲ, ମେ ଓ ଜୁନ୍‌ରେ ଯେଉଁପରି ଭାବେ ଖର୍ଚ୍ଚ କରାଯାଇଥିଲା ଚଳିତ ଆର୍ଥିକ ବର୍ଷରେ ଏହି ୩ ମାସ ସେହିପରି ଖର୍ଚ୍ଚ ହେବ। କରୋନା ସ୍ଥିତିରେ ସୁଧାର ଆସିବା ପରେ ଶ୍ରୀମନ୍ଦିରର ପୂର୍ଣ୍ଣାଙ୍ଗ ବଜେଟ ଉପସ୍ଥାପନ ହେବ ବୋଲି ଉନ୍ନୟନ ପ୍ରଶାସକ କହିଛନ୍ତି।

### କୋଭିଡ୍-୧୯ ହସ୍ପିଟାଲରେ ମିଳିବ ମାଗଣା ଚିକିତ୍ସା

**ଭୁବନେଶ୍ୱର,୩୦।୩(ବ୍ୟୁରୋ):** କରୋନା ମୁକାବିଲା ପାଇଁ ରାଜ୍ୟରେ ଜରୁରିକାଳୀନ ଭିତ୍ତିରେ କୋଭିଡ୍-୧୯ ହସ୍ପିଟାଲ ନିର୍ମାଣ ଚାଲିଛି। ରାଜ୍ୟ ସରକାରଙ୍କ ଏଭଳି ଏକ ବଳିଷ୍ଠ ପଦକ୍ଷେପକୁ ସାରା ଦେଶ ସ୍ୱାଗତ କରୁଛି। ଏହି ହସ୍ପିଟାଲଗୁଡ଼ିକର କାର୍ଯ୍ୟ ତୁରନ୍ତ ଶେଷ କରିବା ପାଇଁ ବିଭିନ୍ନ ବେସରକାରୀ ସଂସ୍ଥାଙ୍କ ସହ ରାଜ୍ୟ ସରକାର ଚୁକ୍ତି କରିଛନ୍ତି। ସେଠାରେ କୋଭିଡ୍ ଆକ୍ରାନ୍ତ ବ୍ୟକ୍ତିଙ୍କ ଚିକିତ୍ସା, ଖାଇବା ରହିବା ଖର୍ଚ୍ଚ ରାଜ୍ୟ ସରକାର ବହନ କରିବେ। ତେବେ ଏଭଳି ଘଡ଼ିସନ୍ଧି ମୁହୂର୍ତ୍ତରେ ଟଙ୍କା ପଇସା ପାଇଁ ଚିନ୍ତିତ ହୁଅନ୍ତୁ ନାହିଁ। ଦୃଢ଼ ମନୋବଳ ସହ କରୋନା ମୁକାବିଲା କରନ୍ତୁ। ସରକାର ସମସ୍ତ ସେବା ଆକ୍ରାନ୍ତଙ୍କୁ ବିନା ଶୁଳ୍କରେ ଯୋଗାଇ ଦେବେ ବୋଲି ସୋମବାର କରୋନା ଭୂତାଣୁ ସଂକ୍ରମଣ ସଚେତନତା କମିଟି ମୁଖ୍ୟ ପ୍ରବକ୍ତା ସୁବ୍ରତୋ ବାଗ୍‌ଚୀ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ରାଜ୍ୟ ସରକାର କିମ୍ସ ଓ ସମ୍ ହସ୍ପିଟାଲରେ କୋଭିଡ୍-୧୯ ହସ୍ପିଟାଲ ନିର୍ମାଣ କରୁଛନ୍ତି। କିମ୍ସରେ ୪୫୦ ଓ ସମ୍‌ରେ ୫୦୦ ଶଯ୍ୟାର ବ୍ୟବସ୍ଥା ହେଉଛି। ଏଥି ସହିତ କଟକ ଅଶ୍ୱିନୀ ହସ୍ପିଟାଲରେ ମଧ ଏହି ହସ୍ପିଟାଲ ନିର୍ମାଣ ପାଇଁ ଯୋଜନା ଚାଲିଛି। ରବିବାର ସରକାରଙ୍କ ପକ୍ଷରୁ ଏକ ଟିମ୍ ଅଶ୍ୱିନୀ ହସ୍ପିଟାଲ ଯାଇ ତଦାରଖ କରିଛି।

### ଶ୍ରୀମନ୍ଦିରରେ ଚୈତ୍ର ଗୁଣ୍ଡିଚା

**ପୁରୀ ଅଫିସ,୩୦।୩:** ଶ୍ରୀମନ୍ଦିରରେ ସୋମବାର ଅନୁଷ୍ଠିତ ହୋଇଯାଇଛି ଚୈତ୍ର ଗୁଣ୍ଡିଚା। ଚୈତ୍ରମାସ ଶୁକ୍ଳ ପକ୍ଷ ଷଷ୍ଠୀ ତିଥିରେ ଏହି ପର୍ବ ପାଳନ କରାଯାଇଥାଏ। ଏହି ଅବସରରେ ସୂର୍ଯ୍ୟମନ୍ଦିରରୁ ସୂର୍ଯ୍ୟଦେବ ଏକ ସ୍ୱତନ୍ତ୍ର ରଥରେ ବସି ଭିତର ବେଢ଼ା ପରିକ୍ରମା କରିଥିଲେ। ଶ୍ରୀମନ୍ଦିରରେ ସନ୍ଧ୍ୟା ଧୂପ ନୀତି ବଢ଼ିବା ପରେ ସୂର୍ଯ୍ୟ ମନ୍ଦିରରେ ସୂର୍ଯ୍ୟଦେବଙ୍କୁ ପଞ୍ଚାମୃତରେ ମହାସ୍ନାନ ପରେ ବେଶ କରାଯାଇଥିଲା। ଏହାପରେ ଖିରି, କାକରା ଏବଂ ଲଡ୍ଡୁ ପଞ୍ଚୋପଚାରରେ ସୂର୍ଯ୍ୟଦେବଙ୍କୁ ଭୋଗ ଲାଗି କରାଯାଇ ଚୈତ୍ର ଗୁଣ୍ଡିଚା ପର୍ବ ସମ୍ପନ୍ନ କରାଯାଇଥିଲା।

### ଟ୍ରେଲରରୁ ୬୦ରୁ ଊର୍ଦ୍ଧ୍ୱ ଶ୍ରମିକ ଉଦ୍ଧାର, ୧୦ ହଜାର ଜରିମାନା

**ଭଦ୍ରକ ଅଫିସ, ୩୦।୩:** ୧୬ ନଂ. ଜାତୀୟ ରାଜପଥ ନିକଟରେ ଏକ ଶ୍ରମିକ ବୋଝେଇ ଟ୍ରେଲରକୁ ସୋମବାର ସନ୍ଧ୍ୟାରେ ପରିବହନ ବିଭାଗ ଜବତ କରିଛି। ଉକ୍ତ ଟ୍ରେଲରଠାରୁ ୧୦ ହଜାର ଟଙ୍କା ଜରିମାନା କରାଯାଇଛି। ଜବତ ଟ୍ରେଲରକୁ ଗ୍ରାମାଞ୍ଚଳ ଥାନାକୁ ହସ୍ତାନ୍ତର କରାଯାଇଥିବା ବେଳେ ଉଦ୍ଧାର ଶ୍ରମିକମାନଙ୍କୁ ପ୍ରଶାସନର ନିର୍ଦ୍ଦେଶ କ୍ରମେ ଗେଲପୁର ସ୍କୁଲରେ ରଖାଯିବାର ବ୍ୟବସ୍ଥା କରାଯାଇଛି। ଏହି ଶ୍ରମିକ ମାନେ ଖୋର୍ଦ୍ଧାରୁ ଝାଡ଼ଖଣ୍ଡ ଯାଉଥିବା ସୂଚନା ମିଳିଛି।




# ୧୦୧୨ ଟ୍ରେନ୍‌ରେ ପରିବହନ ହୋଇଛି ଅତ୍ୟାବଶ୍ୟକ ସାମଗ୍ରୀ

- ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି ପୂର୍ବତଟ ରେଳପଥ
- ଦକ୍ଷିଣ ଭାରତକୁ ଯାଉଛି ଓଡ଼ିଶା ଚାଉଳ

**ଭୁବନେଶ୍ୱର, ୩୦।୩ (ବ୍ୟୁରୋ)** କରୋନା ଭାଇରସ୍ (କୋଭିଡ୍-୧୯) ସଂକ୍ରମଣ ରୋକିବାକୁ ସାରା ଦେଶ ଏବେ ୨୧ଦିନ ପାଇଁ ଲକ୍‌ଡାଉନ୍। ଏଭଳିସ୍ଥଳେ ଦେଖାଦେଇଥିବା ଖାଦ୍ୟାଭାବ ସମସ୍ୟାକୁ ଦୂର କରିବା ପାଇଁ ରେଳ ମନ୍ତ୍ରଣାଳୟ ପଦକ୍ଷେପ ନେଇଥିବାବେଳେ ପୂର୍ବତଟ ରେଳପଥ ପ୍ରମୁଖ ଭୂମିକା ଗ୍ରହଣ କରିଛି। ଗତ ୮ଦିନ ମଧ୍ୟରେ ଅର୍ଥାତ୍ ଲକ୍‌ଡାଉନ୍‌ର ପ୍ରଥମ ଦିନ ୨୨ ତାରିଖରୁ ୨୯ ପର୍ଯ୍ୟନ୍ତ ମୋଟ ୧୦୧୨ ମାଲ୍‌ବାହୀ ଟ୍ରେନ୍‌ରେ ଅତ୍ୟାବଶ୍ୟକ ସାମଗ୍ରୀ ପରିବହନ ହୋଇଛି। ଏଥିମଧ୍ୟରେ ୬୪୯ ଟ୍ରେନ୍ କୋଇଲା, ୮ ଟ୍ରେନ୍ ଚାଉଳ, ୨୩ ଟ୍ରେନ୍ ପେଟ୍ରୋଲିୟମ୍ ଉତ୍ପାଦ, ୭ ଟ୍ରେନ୍ ସାର ଓ ୩୨୫ ଟ୍ରେନ୍ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସାମଗ୍ରୀ ପରିବହନରେ ନିୟୋଜିତ ଥିବା ରେଳପଥ ପକ୍ଷରୁ ସୂଚନା ଦିଆଯାଇଛି।

ଏହି ଅତ୍ୟାବଶ୍ୟକ ସାମଗ୍ରୀ ମଧ୍ୟରେ ବିଭିନ୍ନ ଖାଦ୍ୟ ଶସ୍ୟ, ପେଟ୍ରୋଲିୟମ୍ ଉତ୍ପାଦ, କୋଇଲା, ଫଳ, ପରିବା, ଦୁଗ୍ଧ, ଜାଳେଣି ତେଲ, ଚିନି ଓ ଲୁଣ ଇତ୍ୟାଦି ଅନ୍ତର୍ଭୁକ୍ତ ରହିଛି। ପୂର୍ବତଟ ରେଳପଥ ବିଭିନ୍ନ ଶକ୍ତି ଉତ୍ପାଦନ କେନ୍ଦ୍ରକୁ କୋଇଲାଯୋଗାଣ ନିୟମିତ ଭାବେ ଜାରି ରଖିଛି। ପୂର୍ବତଟ ରେଳପଥ ପରିସୀମାରୁ ଦେଶର ବିଭିନ୍ନ ସ୍ଥାନକୁ ବିଶେଷକରି ଦକ୍ଷିଣ ଭାରତକୁ ଚାଉଳ ଯୋଗାଣ କରାଯାଉଛି। ହୀରାକୁଦ, ବଲାଙ୍ଗୀର, ବରଗଡ଼ ଓ ଡୁଙ୍ଗୁରିପାଲି ଷ୍ଟେଶନରୁ ଚାଉଳ ଟ୍ରେନ୍‌ରେ ସରେଇ, କଟିହାର, ଟାଟା, କରଯୋରିଗ୍ରାମ, ଟଟସିଲ୍‌ୱାଇ, ନାମ୍‌କୋନ, ଜସିଡିହି, ମଧୁପୁର ଓ ଦୁମ୍‌କା ଆଦି ସ୍ଥାନକୁ ଯାଉଛି। ପୂର୍ବତଟ ରେଳପଥ ପରିସୀମାରୁ ୨୮ ତାରିଖ ମଧ୍ୟରେ ୬ଟି ଟ୍ରେନ୍‌ରେ ବିଭିନ୍ନ ସ୍ଥାନକୁ ଚାଉଳ ପହଞ୍ଚାଯାଇଛି। ସେହିପରି ବିଭିନ୍ନ ଶକ୍ତି ଉତ୍ପାଦନ ସ୍ଥଳକୁ ତାଳଚେର, ପାରାଦୀପ, ବିଶାଖାପାଟଣା ଓ ଧାମରାରୁ କୋଇଲା ପରିବହନ କରାଯାଉଛି। ଏହାବ୍ୟତୀତ ବିଭିନ୍ନ ସ୍ଥାନକୁ ଧାନ, ଚିନି, ଜାଳେଣି ତେଲ, ଦୁଗ୍ଧଜାତ ଦ୍ରବ୍ୟ ଆଦି ଖାଦ୍ୟଶସ୍ୟ ପହଞ୍ଚାଯାଇଛି।

ଲୋକୋ ପାଇଲଟ, ସହକାରୀ ଲୋକୋ ପାଇଲଟ୍, ଗାର୍ଡ, ଷ୍ଟେଶନ ମାଷ୍ଟର, ଟୋକନ ପୋର୍ଟର, ଗୁଡ୍‌ସ କ୍ଲର୍କଙ୍କ ସମେତ ସିଗ୍‌ନାଲ, ବିଦ୍ୟୁତ୍, ଯାନ୍ତ୍ରିକ, ଇଞ୍ଜିନିୟରିଂ, ସୁରକ୍ଷା ଆଦି କ୍ଷେତ୍ରରେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କ ପାଇଁ ଏହି ସଫଳତା ମିଳିଥିବା ରେଳ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ମାଲ୍ ବୋଝେଇଠାରୁ ଆରମ୍ଭ କରି ଖଲାସ ପର୍ଯ୍ୟନ୍ତ ପ୍ରତିଟି କ୍ଷେତ୍ରରେ ଶ୍ରମିକ ଓ କର୍ମଚାରୀମାନେ ସାମାଜିକ ଦୂରତ୍ୱକୁ ନିଶ୍ଚିତ କରିଥିବା ସୂଚନା ଦିଆଯାଇଛି।

# ବାହାର ରାଜ୍ୟରୁ ସହାୟତା ପାଇଁ ଆସିଛି ୪,୭୦୦ କଲ୍

## ଅସ୍ଥାୟୀ ଶିବିରରେ ରହିଛନ୍ତି ୧୮ ହଜାର ଅଣଓଡ଼ିଆ ଶ୍ରମଜୀବୀ

**ଭୁବନେଶ୍ୱର,୩୦।୩(ବ୍ୟୁରୋ):** ଲକ୍‌ଡାଉନ୍‌ରେ ରାଜ୍ୟ ବାହାରେ ଫସିଥିବା ଓଡ଼ିଆମାନେ ଯେପରି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି ସେଥିପାଇଁ ଭୁବନେଶ୍ୱରରେ ୨୦ ଲାଇନ୍ ବିଶିଷ୍ଟ ଏକ ସ୍ୱତନ୍ତ୍ର କଣ୍ଟ୍ରୋଲ ରୁମ୍ କାର୍ଯ୍ୟ କରୁଛି। ଏହି କଣ୍ଟ୍ରୋଲରୁମ୍ ସହ ଯୋଗାଯୋଗ ପାଇଁ ହେଲ୍ପଲାଇନ ନଂ.୦୬୭୪-୨୩୯୨୧୧୫ ଓ ହ୍ୱାଟସ୍‌ଆପ୍ ନଂ.୯୪୩୮୯୧୫୯୮୬ ରହିଛି। ପ୍ରତିଟି କଲ୍‌କୁ ବିଧିବଦ୍ଧ ଭାବେ ପଞ୍ଜୀକରଣ କରାଯିବା ପରେ ସମ୍ପୃକ୍ତ ରାଜ୍ୟ ଦାୟିତ୍ୱରେ ଥିବା ଅଧିକାରଙ୍କ ସହ ସଂଯୋଗ କରାଯାଉଛି। ଏ ପର୍ଯ୍ୟନ୍ତ ୪,୭୦୦ କଲ୍ ଆସିଛି ଏବଂ ୧ଲକ୍ଷ ୨୦ହଜାର ଲୋକଙ୍କ ସହାୟତା ନିମନ୍ତେ ଯୋଗାଯୋଗ କରାଯାଇଛି। ଅଧିକାଂଶ କଲ୍ ଗୁଜରାଟ, ତାମିଲନାଡୁ, କର୍ଣ୍ଣାଟକ, କେରଳ, ପଶ୍ଚିମବଙ୍ଗ ଏବଂ ତେଲଙ୍ଗାନାରୁ ଆସିଛି। ତେବେ ଗୋଷ୍ଠୀଗତ ଭାବେ ଗୋଟିଏ ସ୍ଥାନରେ ୧୦୦ରୁ ଊର୍ଦ୍ଧ୍ୱ ଲୋକ ଫସି ରହି ଉଦ୍ଧାର ପାଇଁ ୨ଶହଟି କଲ୍ ଆସିଛି। ଏମାନଙ୍କୁ ସବୁ ପ୍ରକାର ସହାୟତା ରାଜ୍ୟ ସରକାରଙ୍କ ଜରିଆରେ ଯୋଗାଇ ଦିଆଯାଇଛି ବୋଲି କରୋନା ଭୂତାଣୁ ସଂକ୍ରମଣ ସଚେତନତା କମିଟି ମୁଖ୍ୟ ପ୍ରବକ୍ତା ସୁବ୍ରତୋ ବାଗ୍‌ଚୀ ସୂଚନା ଦେଇଛନ୍ତି।

ଅନ୍ୟପକ୍ଷରେ ରାଜ୍ୟର ବିଭିନ୍ନ ସ୍ଥାନରେ ଅଟକି ରହିଥିବା ବାହାର ରାଜ୍ୟର ଶ୍ରମଜୀବୀମାନଙ୍କୁ ସବୁ ପ୍ରକାର ସହାୟତା ଯୋଗାଇଦେବା ସହ ସେମାନଙ୍କୁ ଅତିଥି ଭାବେ ବ୍ୟବହାର କରିବାକୁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି। ସେମାନଙ୍କ ରହିବା ଏବଂ ଖାଦ୍ୟପେୟ ପାଇଁ ଅସ୍ଥାୟୀ ଶିବିର ଖୋଲାଯାଇଛି। ବର୍ତ୍ତମାନ ସୁଦ୍ଧା ୨୫୨ଟି ଅସ୍ଥାୟୀ ଶିବିରରେ ପ୍ରାୟ ୧୮ହଜାର ଶ୍ରମଜୀବୀଙ୍କୁ ଆଶ୍ରୟ ଦିଆଯାଇଛି। ସେମାନଙ୍କ ପାଇଁ ୨୪ ଘଣ୍ଟିଆ ହେଲ୍ପଲାଇନ୍ ୧୮୦୦୩୪୫୬୭୦୩ କାର୍ଯ୍ୟ କରୁଛି। ଏକାଧିକ କମ୍ପାନୀ ଓ ଜିଲା ପ୍ରଶାସନ ତରଫରୁ ଏମାନଙ୍କ ପାଇଁ ଆବଶ୍ୟକ ସୁବିଧା ସୁଯୋଗ ଯୋଗାଇ ଦିଆଯାଉଛି ବୋଲି ଶ୍ରମ ବିଭାଗ ପ୍ରମୁଖ ଶାସନ ସଚିବ ଅନୁ ଗର୍ଗ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ଅନ୍ୟ ରାଜ୍ୟର ଶ୍ରମିକମାନେ ଆମ ରାଜ୍ୟ ପାଇଁ ଅତିଥି। ସେମାନଙ୍କ ସୁରକ୍ଷା ପାଇଁ ଆମେ ପ୍ରତିବଦ୍ଧ।

## ଗୁଜବଠାରୁ ଦୂରେଇ ରହିବାକୁ ପରାମର୍ଶ

**ଭୁବନେଶ୍ୱର,୩୦।୩(ବ୍ୟୁରୋ):** ମଦ୍ୟପାନ କୋଭିଡ୍-୧୯ ସଂକ୍ରମଣ ରୋକିପାରିବନି। କରୋନାରୁ ବଞ୍ଚିବା ପାଇଁ ମଦ୍ୟପାନ କରିବା ଉଚିତ ନୁହେଁ। ଏପରି କରିବା ଦ୍ୱାରା ଶରୀରର ପ୍ରତିରୋଧକାରୀ ଶକ୍ତି କମିଯିବ। ବାରମ୍ବାର ମଦ୍ୟପାନ କରିବା ସ୍ୱାସ୍ଥ୍ୟ ପକ୍ଷେ କ୍ଷତିକାରକ। କରୋନାରୁ ରକ୍ଷା ପାଇବା ପାଇଁ ସରକାର ସାମାଜିକ ଦୂରତ୍ୱକୁ ଅଧିକ ଗୁରୁତ୍ୱ ଦେଉଛନ୍ତି। ଏହି ପରିପ୍ରେକ୍ଷୀରେ ଘର ଭିତରେ ରହି ହାଲୁକା ବ୍ୟାୟାମ କରିବା ପାଇଁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି। ବର୍ତ୍ତମାନ ସମୟରେ ସାରା ବିଶ୍ୱରେ ବଢ଼ିଚାଲିଛି ସଂକ୍ରମିତଙ୍କ ସଂଖ୍ୟା। ତେବେ ଏହି ଭୂତାଣୁ କବଳରୁ ବଞ୍ଚିବା ପାଇଁ ବିଭିନ୍ନ ଗୁଜବର ପ୍ରଚାର ହେଉଛି। ଗୁଜବକୁ ବିଶ୍ୱାସ ନ କରି ସଚେତନ ହେବାକୁ ରାଜ୍ୟ ସରକାର ବାରମ୍ବାର ପରାମର୍ଶ ଦେଉଛନ୍ତି। ତେବେ କିଛି ଲୋକ କରୋନାରୁ ରକ୍ଷା ପାଇବା ପାଇଁ ମଦ୍ୟପାନ କରୁଥିବା ଖବର ଆସୁଛି। ଏପରିସ୍ଥଳେ ଗୁଜବରୁ ଦୂରେଇ ରହି ସୁସ୍ଥ ରହିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ପରାମର୍ଶ ଦେଇଛି।

# ଲକ୍‌ଡାଉନ୍ ମାନୁନାହାନ୍ତି ୧୦% ଲୋକ

- ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ
- ଗିରଫ ହେଲେଣି ୧୪୦୦ରୁ ଅଧିକ ଉଲ୍ଲଂଘନକାରୀ

**ଭୁବନେଶ୍ୱର,୩୦।୩(ବ୍ୟୁରୋ)** ମହାମାରୀ କରୋନା ସଂକ୍ରମଣ ରୋକିବାକୁ ସାରା ଭାରତ ଏବେ ଲକ୍‌ଡାଉନ୍। ଓଡ଼ିଶାରେ ମଧ ଲକ୍‌ଡାଉନକୁ ସଫଳ କରିବା ପାଇଁ ରାଜ୍ୟ ସରକାର ସବୁ ପ୍ରକାର ପଦକ୍ଷେପ ନେଉଛନ୍ତି। ତେବେ ସରକାରଙ୍କ ଲକ୍‌ଡାଉନ୍ ନିର୍ଦ୍ଦେଶକୁ ବର୍ତ୍ତମାନ ସମୟରେ ରାଜ୍ୟର ୯୦ ପ୍ରତିଶତ ବ୍ୟକ୍ତି ପାଳନ କରୁଛନ୍ତି। ହେଲେ ଦୁର୍ଭାଗ୍ୟବଶତଃ ୧୦ ପ୍ରତିଶତ ଲୋକ ଘଟଣାର ଗୁରୁତ୍ୱ ବୁଝୁନାହାନ୍ତି ବୋଲି କରୋନା ଭୂତାଣୁ ସଂକ୍ରମଣ ସଚେତନତା କମିଟି ମୁଖ୍ୟ ପ୍ରବକ୍ତା ସୁବ୍ରତୋ ବାଗ୍‌ଚୀ କହିଛନ୍ତି। ଏହି ୧୦ ପ୍ରତିଶତଙ୍କ ଦାୟିତ୍ୱହୀନତା ୯୦ ପ୍ରତିଶତ ଲୋକଙ୍କ ପାଇଁ ବିପଦ ଆଣିପାରେ। ଏମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିବା ବାଗ୍‌ଚୀ ସୂଚନା ଦେଇଛନ୍ତି।

ଏ ନେଇ ଡିଜିପି ଅଭୟ କହିଛନ୍ତି ଯେ, ଏହି ଲକ୍‌ଡାଉନ୍ ପ୍ରଥମଥର ପାଇଁ ହୋଇଛି। ଏଥିପାଇଁ ୭୦୦ରୁ ଊର୍ଦ୍ଧ୍ୱ ଥାନାକୁ ସବ୍‌ଇନ୍ସପେକ୍ଟର ଯୋଗାଇ ଦିଆଯାଇଛି। ଏମାନଙ୍କୁ ବିଭିନ୍ନ ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟ୍ ଓ ଅନ୍ୟାନ୍ୟ ସଂସ୍ଥାରୁ କାଢ଼ି ଦିଆଯାଇଛି। ୧୬୨ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯାଇଛି। ୧ ହଜାରରୁ ଊର୍ଦ୍ଧ୍ୱ ଗାଡ଼ି ଦିଆଯାଇଛି। ଏଥିସହିତ ସେମାନଙ୍କୁ ନିର୍ଦ୍ଦେଶ ରହିଛି ଯେ, ଉଲ୍ଲଂଘନକାରୀଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବେ, କିନ୍ତୁ କାହାକୁ ଦୁର୍ବ୍ୟବହାର କରିବ ନାହିଁ। ତେଣୁ ଲକ୍‌ଡାଉନ୍‌କୁ ମାନୁ ନ ଥିବା ଲୋକଙ୍କ ନାମରେ ମାମଲା ହେଉଛି। ଇତିମଧ୍ୟରେ ୧୫୦୦ରୁ ଊର୍ଦ୍ଧ୍ୱ ମାମଲା ରୁଜୁ ହୋଇଥିବାବେଳେ ୧୪୦୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ଗିରଫ କରାଯାଇଛି। ଅନ୍ୟପକ୍ଷରେ ହୋମ୍ କ୍ୱାରାଣ୍ଟାଇନ୍ ନିୟମ ଉଲ୍ଲଂଘନ ପାଇଁ ୩ ମାମଲା ରୁଜୁ ହୋଇଛି। ତେବେ ଏଭଳି ଜଟିଳ ସମୟରେ ପୋଲିସ ଓ ପ୍ରଶାସନକୁ ସହଯୋଗ କରିବାକୁ ଡିଜିପି ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି।


ସୋମବାର ବିଧାନସଭା ଅଧିବେଶନରେ ଯୋଗଦେବାକୁ ଆସିଥିବା ବିରୋଧୀ ଦଳ ନେତା ପ୍ରଦୀପ୍ତ ନାୟକଙ୍କ ହାତ ସାନିଟାଇଜ୍ କରାଯାଉଛି।


ଲୋକ ସେବା ଭବନରେ ଅନୁଷ୍ଠିତ ବିଧାନସଭା ଅଧିବେଶନରେ ଯୋଗଦେଇଥିବା ମନ୍ତ୍ରୀ ଓ ବିଧାୟକ।

# ଖାଦ୍ୟ ଯୋଗାଣ ନିଶ୍ଚିତ କରିବାକୁ ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶ

**ଭୁବନେଶ୍ୱର,୩୦।୩(ବ୍ୟୁରୋ)**

କୋଭିଡ୍-୧୯ର ସଂକ୍ରମଣ ଆଶଙ୍କା କରି କେନ୍ଦ୍ର ସରକାର ସମଗ୍ର ରାଜ୍ୟକୁ ଲକ୍‌ଡାଉନ ରଖିଛନ୍ତି। ଏହି ସମୟରେ ଗ୍ରାମପଞ୍ଚାୟତ ଗୁଡିକରେ ଦିଆଯାଉଥିବା ରନ୍ଧା ଓ ଶୁଖିଲା ଖାଦ୍ୟ ଯେପରି ଗରିବ ଲୋକଙ୍କ ପାଖରେ ପହଞ୍ଚିବ ସେ ନେଇ ନିଶ୍ଚିତ କରିବାକୁ ମୁଖ୍ୟ ଶାସନ ସଚିବ ବିଭାଗୀୟ ସଚିବମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ଉଭୟ ସହର ଓ ଗ୍ରାମାଞ୍ଚଳରେ ଯେପରି ସାମାଜିକ ଦୂରତ୍ୱ କଡାକଡି ପାଳନ ହେବ ସେଥିପ୍ରତି ଦୃଷ୍ଟିଦେବାକୁ ପରାମର୍ଶ ଦେଇଛନ୍ତି।

ସୋମବାର ଲୋକସେବା ଭବନଠାରେ ମୁଖ୍ୟ ଶାସନ ସଚିବ ଲକ୍‌ଡାଉନ ପରେ ରାଜ୍ୟରେ ବାସ୍ତବ ଚିତ୍ର କ'ଣ ରହିଛି ସେନେଇ ସମୀକ୍ଷା କରିଛନ୍ତି। ଅନ୍ୟ ରାଜ୍ୟର ଶ୍ରମିକ, ଅତ୍ୟାବଶ୍ୟକ ସାମଗ୍ରୀ ପରିବହନ, ପଞ୍ଚାୟତ ଓ ସହରାଞ୍ଚଳରେ ଦିଆଯାଉଥିବା ଖାଦ୍ୟ, ସାମାଜିକ ଦୂରତ୍ୱ, ସାମାଜିକ ନିରାପତ୍ତା ଯୋଜନାରେ ଦିଆଯାଉଥିବା ଭତ୍ତା, ପଞ୍ଚାୟତଗୁଡିକରେ କରାଯାଉଥିବା ମେଡିକାଲ କ୍ୟାମ୍ପଗୁଡିକ ବିଷୟରେ ତଥ୍ୟ ସଂଗ୍ରହ କରିଥିଲେ। ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଇବା ନେଇ ଏନ୍‌ଜିଓ ଏବଂ ସ୍ୱୟଂସହାୟକ ଗୋଷ୍ଠୀଗୁଡିକୁ ଅଧିକରୁ ଅଧିକ ସାମିଲ କରିବା ନେଇ ମୁଖ୍ୟ ଶାସନ ସଚିବ ଗୁରୁତ୍ୱ ଦେଇଥିଲେ। ଏହି ବୈଠକରେ ଉନ୍ନୟନ କମିଶନର ସୁରେଶ ଚନ୍ଦ୍ର ମହାପାତ୍ର, ସ୍ୱତନ୍ତ୍ର ରିଲିଫ କମିଶନର ପ୍ରଦୀପ କୁମାର ଜେନା ଏବଂ ବିଭିନ୍ନ ବିଭାଗର ପ୍ରମୁଖ ସଚିବମାନେ ଯୋଗଦେଇ ସରକାରଙ୍କ ଦ୍ୱାରା ନିଆଯାଉଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ।

# ଶ୍ରୀଜଗନ୍ନାଥ ମହାପ୍ରଭୁ କରୋନା ରିଲିଫ୍ ଫଣ୍ଡ

**ପୁରୀ ଅଫିସ, ୩୦।୩** କରୋନା ପାଇଁ ଏବେ ସବୁଠି ହାହା କାର। ଏହାର ମୁକାବିଲା ପାଇଁ ଦେଶକୁ ଲକ୍‌ଡାଉନ କରାଯାଇଛି। ଏଥିପାଇଁ ଜନସାଧାରଣଙ୍କ ଜୀବନ ଜୀବିକା ପ୍ରଭାବିତ ହୋଇଛି। ଏଥିଲାଗି ମୁଖ୍ୟମନ୍ତ୍ରୀ, ପ୍ରଧାନମନ୍ତ୍ରୀ ଦାନଦେବା ପାଇଁ ଆହ୍ୱାନ କରିଛନ୍ତି। ଶ୍ରୀମନ୍ଦିର ପ୍ରଶାସନ ମଧ ସହାୟତାର ହାତ ବଢାଇବାକୁ ନିଷ୍ପତ୍ତି ନେଇଛି। ସୋମବାର ଅନୁଷ୍ଠିତ ଅର୍ଥ ସବ୍ କମିଟି ବୈଠକରେ ସଦସ୍ୟମାନେ ଶ୍ରୀଜଗନ୍ନାଥ ମହାପ୍ରଭୁ କରୋନା ରିଲିଫ ଫଣ୍ଡ୍ ଗଠନ ଲାଗି ପ୍ରସ୍ତାବ ରଖିଥିଲେ। କିନ୍ତୁ କୌଣସି ଚୂଡ଼ାନ୍ତ ହୋଇନାହିଁ। ମୁଖ୍ୟ ପ୍ରଶାସକ ଏ ନେଇ ଚୂଡ଼ାନ୍ତ ନିଷ୍ପତ୍ତି ନେବେ ବୋଲି ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନା କହିଛନ୍ତି। ଏ ସମ୍ପର୍କରେ ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ରାମଚନ୍ଦ୍ର ଦାସମହାପାତ୍ର କହିଛନ୍ତି, ଶ୍ରୀଜଗନ୍ନାଥ ମହାପ୍ରଭୁ କରୋନା ରିଲିଫ୍ ଫଣ୍ଡ ଗଠନ କରାଯିବା ଲାଗି ଆଲୋଚନା ହୋଇଛି। ଏହା ଚୂଡ଼ାନ୍ତ ହେଲେ ଯେ କୌଣସି ବ୍ୟକ୍ତି କରୋନା ମୁକାବିଲା ପାଇଁ ରାଜ୍ୟବାସୀଙ୍କ ଉଦ୍ଦେଶ୍ୟରେ ଶ୍ରୀମନ୍ଦିରକୁ ଦାନ ଦେଇପାରିବେ। ପରେ ତାହାକୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ଫଣ୍ଡ୍‌କୁ ପଠାଯିବ।

## ଘରେ ମହିଳାଙ୍କୁ କାମରେ ସହଯୋଗ କର: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୩୦।୩(ବ୍ୟୁରୋ):** କେନ୍ଦ୍ର ସରକାର ସାରା ଦେଶରେ ୨୧ଦିନ ପାଇଁ ଲକ୍‌ଡାଉନ ଘୋଷଣା କରିବା ପରେ ମହିଳାମାନଙ୍କ ଉପରେ କାମର ଚାପ ବଢ଼ିଯାଇଛି। ଅଧିକାଂଶ ପୁରୁଷ ଘରେ ବସି ମହିଳାଙ୍କୁ ବିଭିନ୍ନ ପ୍ରକାର ସୁଆଦିଆ ଖାଦ୍ୟ ପାଇଁ ଚାପ ପକାଉଛନ୍ତି। ମହିଳାମାନଙ୍କୁ ଏ ସମୟରେ କାମରେ ସହଯୋଗ କରିବା ପରିବର୍ତ୍ତେ ଏଭଳି ଆଦେଶ ନ ଦେବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନୁରୋଧ କରିଥିବା ରାଜ୍ୟ ସରକାରଙ୍କ ମୁଖପାତ୍ର ସୁବ୍ରତୋ ବାଗ୍‌ଚୀ କହିଛନ୍ତି।

ବାଗ୍‌ଚୀ କହିଛନ୍ତି ଯେ, ପୂର୍ବରୁ ୭ଦିନରେ ଗୋଟିଏ ଦିନ ଘରେ ରହୁଥିବା ପୁରୁଷମାନେ ଏବେ ଘରେ ଯେମିତି କୁଣିଆ ପାଲଟିଯାଇଛନ୍ତି। ଖଟ ଉପରେ ବସି ଘରର ମହିଳାଙ୍କୁ ବିଭିନ୍ନ ପ୍ରକାର ଅର୍ଡର ଦେବାରେ ଲାଗିଛନ୍ତି। ଏହି ଅର୍ଡର ପୂରଣ କରୁ କରୁ ସକାଳୁ ରାତି ହେଉଯାଉଛି। ତଥାପି ମହିଳାମାନଙ୍କ କାମ ଶେଷ ହେଉନାହିଁ। ଲକ୍‌ଡାଉନରେ ବୋଧହୁଏ ଏହା ଘର ଘରର କାହାଣୀ ଯାହା ଅଳ୍ପ ବହୁତେ ସମସ୍ତଙ୍କ ଘରେ ନିଶ୍ଚିତ ଦେଖାଦେଉଥିବ ବୋଲି ସେ କହିଛନ୍ତି। ସକାଳୁ ଉଠୁଉଠୁ ଖଟ ଉପରେ ବସି ଚା' ପାଇଁ ଅର୍ଡର, ଏହାପରେ ଜଳଖିଆ, ଦ୍ୱିପ୍ରହରରେ ମଧ୍ୟାହ୍ନଭୋଜନରେ ପୁରୁଷମାନେ ଛଅ ତିଅଣ, ନ ପ୍ରକାର ଭଜାର ଇଚ୍ଛା କରୁଛନ୍ତି। ସନ୍ଧ୍ୟା ହେଲେ ପକୁଡ଼ି ଏବଂ ଅନ୍ୟାନ୍ୟ ସୁଆଦିଆ ଜଳଖିଆ। ଏତେସବୁ ବାଦ୍ ରାତିରେ ଭଲ ରାତ୍ରିଭୋଜନ ନ ହେଲେ କଥା ଅଡୁଆ ହୋଇଯାଉଛି। ତାଲାବନ୍ଦ କଟକଣା ଗୃହିଣୀଙ୍କ ଉପରେ ଭାରି ପଡୁଥିବା ମନେହେଉଛି। ସାଧାରଣ ଦିନରେ ମହିଳାଙ୍କ ଉପରେ ଯେତିକି କାମ ପଡୁଥିଲା ଲକ୍‌ଡାଉନ ସମୟରେ ଏହା ବଢ଼ିଯାଇଛି। ଘରେ ରହି ମା, ଭଉଣୀଙ୍କ ଉପରେ ଏପରି ଅଯଥା ଚାପ ନ ପକାଇବା ପାଇଁ ମୁଖ୍ୟମନ୍ତ୍ରୀ ଅନୁରୋଧ କରିଥିବା ବାଗ୍‌ଚୀ କହିଛନ୍ତି।

# ୨୨୬୧ ପଞ୍ଚାୟତରେ ୧,୨୫,୨୩୭ ଅସହାୟଙ୍କୁ ଖାଦ୍ୟ ବଣ୍ଟନ

- ଜୀବଜନ୍ତୁଙ୍କ ଖାଦ୍ୟ ପାଇଁ ୫୪ ଲକ୍ଷ ମଞ୍ଜୁର
- ୬୦ ପ୍ରତିଶତ ହିତାଧିକାରୀଙ୍କୁ ମିଳିଛି ପେନ୍‌ସନ

**ଭୁବନେଶ୍ୱର,୩୦।୩(ବ୍ୟୁରୋ):** ରାଜ୍ୟର ପ୍ରତି ପଞ୍ଚାୟତରେ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ଜରିଆରେ ଅସହାୟ ଓ ନିରାଶ୍ରୟ ବ୍ୟକ୍ତିଙ୍କୁ ରନ୍ଧା ଖାଦ୍ୟ ଯୋଗାଇବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ସୋମବାର ସୁଦ୍ଧା ରାଜ୍ୟର ୨୨୬୧ଟି ଗ୍ରାମପଞ୍ଚାୟତରେ ୧ଲକ୍ଷ ୨୫ହଜାର ୨୩୭ ଜଣଙ୍କୁ ଖାଦ୍ୟ ଯୋଗାଇ ଦିଆଯାଇଛି। ସେହିପରି ପୌରାଞ୍ଚଳରେ ୮୦ଟି କ୍ୟାମ୍ପ ଜରିଆରେ ୧୯ହଜାର ୮୮୬ ଜଣଙ୍କୁ ଖାଦ୍ୟ ବିତରଣ କରାଯାଇଛି। ନିରାଶ୍ରୟ ଓ ଅସହାୟମାନେ ଏହି ରନ୍ଧା ଖାଦ୍ୟ ଘରକୁ ମଧ ନେଇପାରିବେ। ପରିସ୍ଥିତିକୁ ଦୃଷ୍ଟିରେ ରଖି ଏହି କାର୍ଯ୍ୟକ୍ରମ ବଳବତ୍ତର ରହିବ ବୋଲି କରୋନା ଭୂତାଣୁ ସଂକ୍ରମଣ ସଚେତନତା କମିଟି ମୁଖ୍ୟ ପ୍ରବକ୍ତା ସୁବ୍ରତୋ ବାଗ୍‌ଚୀ କହିଛନ୍ତି।

ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲକ୍‌ଡାଉନ୍ ସମୟରେ ରାଜ୍ୟର ୫ ମହାନଗର ନିଗମ ଓ ୪୮ ପୌରସଂସ୍ଥା ଅଞ୍ଚଳରେ ବୁଲା ଜୀବଜନ୍ତୁମାନଙ୍କୁ ଖାଦ୍ୟ ଯୋଗାଇଦେବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ୫୪ ଲକ୍ଷ ଟଙ୍କା ମଞ୍ଜୁର କରିଥିବା ବାଗ୍‌ଚୀ ସୂଚନା ଦେଇଛନ୍ତି। ସେହିପରି ସାମାଜିକ ସୁରକ୍ଷା ଯୋଜନା ଅନ୍ତର୍ଭୁକ୍ତ ସମସ୍ତ ହିତାଧିକାରୀଙ୍କୁ ୪ ମାସର ଅଗ୍ରୀମ ପେନ୍‌ସନ (ଭତ୍ତା) ନିଆଯାଉଛି। ବର୍ତ୍ତମାନ ସୁଦ୍ଧା ୬୦ ପ୍ରତିଶତ ହିତାଧିକାରୀଙ୍କୁ ପେନ୍‌ସନ ବଣ୍ଟା ସରିଥିବାବେଳେ ଅବଶିଷ୍ଟ ହିତାଧିକାରୀଙ୍କୁ ତୁରନ୍ତ ଦିଆଯିବାର ପ୍ରକ୍ରିୟା ଜାରି ରହିଛି ବୋଲି ବାଗ୍‌ଚୀ ସୂଚନା ଦେଇଛନ୍ତି।

# ହସ୍ପିଟାଲ ଆଇସୋଲେଶନରେ ୭୬ କରୋନା ସନ୍ଦିଗ୍ଧ

**ଭୁବନେଶ୍ୱର,୩୦।୩(ବ୍ୟୁରୋ):** ରାଜ୍ୟରେ ବର୍ତ୍ତମାନ କରୋନା ସଂକ୍ରମିତଙ୍କ ସଂଖ୍ୟା ସେହି ୩ରେ ରହିଛି। ତେବେ ଏମାନଙ୍କ ସଂସ୍ପର୍ଶରେ ଯେଉଁମାନେ ଆସିଛନ୍ତି ସେମାନଙ୍କୁ ଯୋଗାଯୋଗ କରାଯାଉଛି। ପ୍ରଥମ ୨ ପଜିଟିଭ୍‌ଙ୍କ ସଂସ୍ପର୍ଶରେ ୫୫ଜଣ ବ୍ୟକ୍ତି ଆସିଥିବାବେଳେ ତୃତୀୟ ପଜିଟିଭଙ୍କ ସଂସ୍ପର୍ଶରେ ୧୧୨ ଜଣ ଆସିଥିବା ଚିହ୍ନଟ କରାଯାଇଛି। ସୋମବାର ସୁଦ୍ଧା ୭୬ଜଣ କରୋନା ସନ୍ଦିଗ୍ଧ ବିଭିନ୍ନ ହସ୍ପିଟାଲ ଆଇସୋଲେଶନରେ ରହିଛନ୍ତି। ଅନ୍ୟପକ୍ଷରେ ସୋମବାର ମଧ୍ୟାହ୍ନ ୧୨ଟା ସୁଦ୍ଧା ଓଡ଼ିଶାରେ ୩୭୦ ନମୁନା କୋଭିଡ୍-୧୯ ପରୀକ୍ଷା ପାଇଁ ପଠାଯାଇଛି। ଅଧିକ କୌଣସି ଆକ୍ରାନ୍ତ ଚିହ୍ନଟ ହୋଇନାହାନ୍ତି। ସେପଟେ ଅନ୍‌ଲାଇନ୍ ଓ ୧୦୪ ମାଧ୍ୟମରେ ଆଜି ପର୍ଯ୍ୟନ୍ତ ମୋଟ ୧୦୨୧୭ ଜଣ ଫେରନ୍ତା ପଞ୍ଜୀକରଣ କରାଇଛନ୍ତି। ସେମାନଙ୍କ ମଧ୍ୟରୁ ୪୨୯୧ ଜଣ ବିଦେଶରୁ ଓ ୫୯୨୬ ଜଣ ଅନ୍ୟ ରାଜ୍ୟରୁ ଫେରିଛନ୍ତି ବୋଲି ସୁବ୍ରତୋ ବାଗ୍‌ଚୀ ସୂଚନା ଦେଇଛନ୍ତି।

# ଚାଇନାରେ ୯୩%, ଆମେରିକାରେ ୩% ଆରୋଗ୍ୟ

- ଭାରତରେ ୧୦%, ପାକିସ୍ତାନରେ ୪% ସୁସ୍ଥ ହୋଇଛନ୍ତି
- ସୁସ୍ଥ ହେଲେ ବି ଟଳୁନି ବିପଦ
- ମୃତ୍ୟୁସଂଖ୍ୟା ଡେଇଁଲା ୩୬ ହଜାର
- ଇଟାଲୀରେ ଆକ୍ରାନ୍ତଙ୍କ ସଂଖ୍ୟା ଲକ୍ଷେ ଟପିଲା

ୱାଶିଂଟନ/ନୂଆଦିଲ୍ଲୀ,୩୦।୩

ସାରା ବିଶ୍ୱକୁ ଗ୍ରାସି ଚାଲିଥିବା କରୋନା ଭାଇରସ୍ ସୋମବାର ରାତି ୧୧ଟା ସୁଦ୍ଧା ୩୬ ହଜାର ୮୬୪ଜଣଙ୍କ ଜୀବନ ନେଇଥିବାବେଳେ ୭ ଲକ୍ଷ ୬୪ ହଜାର ୮୬୬ଲୋକଙ୍କୁ ସଂକ୍ରମିତ କରିଛି। ହେଲେ ଏହି ଭୂତାଣୁର ଜନ୍ମସ୍ଥାନ ଚାଇନାରେ ସ୍ଥିତି କ୍ରମଶଃ ସ୍ୱାଭାବିକ ହେବାରେ ଲାଗିଥିବାବେଳେ ଅନ୍ୟ ଦେଶଗୁଡ଼ିକରେ ଜୀବନ ବଞ୍ଚାଇବା ପାଇଁ ପ୍ରାଣମୂର୍ଚ୍ଛା ଉଦ୍ୟମ ଚାଲିଛି। ଏଭଳି ବିଚିତ୍ର ସ୍ଥିତିକୁ ନେଇ ଚାଇନା ଉପରେ ସାରା ଦୁନିଆରେ ସନ୍ଦେହ ବଢ଼ିବା ସହ ନାନା ଚର୍ଚ୍ଚା ହେଉଛି। କରୋନାରେ ସଂକ୍ରମିତ ଓ ଆରୋଗ୍ୟଙ୍କ ସଂଖ୍ୟାରୁ ଏଭଳି ସନ୍ଦେହ ଏବଂ ଚର୍ଚ୍ଚା ସୃଷ୍ଟି ହେଉଛି। ବିଶେଷକରି ଚାଇନା ସହ ଆମେରିକା, ଇଟାଲୀ, ସ୍ପେନ, ଜର୍ମାନୀ ଆଦି ଦେଶକୁ ତୁଳନା କଲେ ନାନା ପ୍ରଶ୍ନ ଉଠୁଛି।

ସୋମବାର ରାତି ୧୧ଟା ସୁଦ୍ଧା ଚାଇନାରେ ମୋଟ ୮୧ ହଜାର ୪୭୦ ଜଣ ସଂକ୍ରମିତ ହୋଇଥିବାବେଳେ ସେଥରୁ ୭୫ ହଜାର ୭୦୭ଜଣ ଅର୍ଥାତ୍ ୯୩% ଆରୋଗ୍ୟ ହୋଇଛନ୍ତି। ଏହି ସମୟ ମଧ୍ୟରେ ଆମେରିକାରେ ୧ ଲକ୍ଷ ୫୨ ହଜାର ୬୩୧ ଜଣ ସଂକ୍ରମିତଙ୍କ ମଧ୍ୟରୁ ୫ହଜାର ୨୧୧ ଜଣ ଅର୍ଥାତ୍ ୩% ସୁସ୍ଥ ହୋଇଛନ୍ତି। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଚାଇନାଠାରୁ ଆମେରିକା ଯଥେଷ୍ଟ ଆଗରେ ଥିବା ସତ୍ତ୍ୱେ ଆରୋଗ୍ୟଙ୍କ ସଂଖ୍ୟାରେ ବ୍ୟାପକ ତଫାତ୍ ବିଶ୍ୱବାସୀଙ୍କୁ ଯେତିକି ଚିନ୍ତା ପକାଇଛି ସେତିକି ଭିନ୍ନ ଭିନ୍ନ ଚିନ୍ତା କରିବାକୁ ବାଧ୍ୟ କରୁଛି। ଅନ୍ୟ ଦେଶଗୁଡ଼ିକର ଆରୋଗ୍ୟଙ୍କ ସଂଖ୍ୟାକୁ ଦେଖିଲେ ଇଟାଲୀରେ ୧୪%, ସ୍ପେନରେ ୨୦%, ଜର୍ମାନୀରେ ୧୪%, ଫ୍ରାନ୍ସରେ ୧୮%, ଇରାନରେ ୩୪%, ଦକ୍ଷିଣ କୋରିଆରେ ୫୪%, ପାକିସ୍ତାନରେ ୪% ଓ ଭାରତରେ ୧୦% ସଂକ୍ରମିତ ସୁସ୍ଥ ହୋଇଛନ୍ତି। ବ୍ରିଟେନରେ ଆରୋଗ୍ୟଙ୍କ ସ୍ଥିତି ଅତି ନିରୁତ୍ସାହଜନକ ରହିଛି। ଏଠାରେ ମାତ୍ର ୦.୬୦୯% ସଂକ୍ରମିତ ସୁସ୍ଥ ହୋଇପାରିଛନ୍ତି। ଇଟାଲୀରେ ସୋମବାର ୮୧୨ ଜଣ ଆଖିବୁଜିବା ସହ ମୃତ୍ୟୁସଂଖ୍ୟା ହୋଇଛି ୧୧ ହଜାର ୫୯୧। ସେହିପରି ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧ ଲକ୍ଷ ଟପିଯାଇଛି।

ଉଦ୍‌ବେଗଜନକ ବିଷୟ ହେଉଛି ସୁସ୍ଥମାନଙ୍କ କ୍ଷେତ୍ରରେ ବିପଦ ସମ୍ପୂର୍ଣ୍ଣ ଟଳିନାହିଁ। କରୋନା ଭାଇରସ୍‌ର ଯେଭଳି ଠିକ୍ ଔଷଧ ଓ ଉପଚାର ବାହାରିପାରିନାହିଁ ସେଭଳି ଏହାର ଲକ୍ଷଣଗୁଡ଼ିକୁ ମଧ୍ୟ ନିର୍ଦ୍ଦିଷ୍ଟ ଭାବେ ଚିହ୍ନଟ କରାଯାଇପାରୁନାହିଁ। ଅନେକ କ୍ଷେତ୍ରରେ କରୋନା ସଂକ୍ରମିତ ବୋଲି ବହୁ ବିଳମ୍ବରେ ଜଣାପଡୁଛି। ସୁସ୍ଥ ହୋଇଥିବା ଲୋକ କିଛିଦିନ ପରେ ପୁଣି କରୋନା ସଂକ୍ରମିତ ହେବା ଏବଂ ତାଙ୍କଠାରେ ଅନ୍ୟ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେବା ଆଶଙ୍କାକୁ ଏଡ଼ାଇ ହେବନାହିଁ ବୋଲି ବିଶେଷଜ୍ଞମାନେ ମତ ପ୍ରକାଶ କରିଛନ୍ତି। ହଂକଂର ଏକ ହସ୍ପିଟାଲ କର୍ତ୍ତୃପକ୍ଷ କରୋନାରୁ ଆରୋଗ୍ୟ ହୋଇଥିବା ୧୨ଜଣଙ୍କ ଉପରେ ନଜର ରଖିଥିଲେ। ସେମାନଙ୍କ ମଧ୍ୟରୁ କିଛିଜଣଙ୍କ ଫୁସ୍‌ଫୁସ୍ କାର୍ଯ୍ୟଦକ୍ଷତା ୨୦ରୁ ୩୦% ହ୍ରାସ ହୋଇଥିବା ଉକ୍ତ ହସ୍ପିଟାଲର ନିର୍ଦ୍ଦେଶକ ସଙ୍ଗ୍-ତକ୍-ଇନ କହିଛନ୍ତି। ଏଥରୁ ଏହି ଭୂତାଣୁ କେତେ ସଂଘାତିକ ତାହା ସ୍ପଷ୍ଟ ଅନୁମେୟ।

| ଦେଶ | ମୋଟ ସଂକ୍ରମିତ | ସୋମବାର ସଂକ୍ରମିତ | ମୋଟ ମୃତ୍ୟୁ | ସୋମବାର ମୃତ୍ୟୁ | ଆରୋଗ୍ୟ ହୋଇଛନ୍ତି | ଚିକିତ୍ସାଧୀନ |
|---|---|---|---|---|---|---|
| ଆମେରିକା | ୧,୫୨,୬୩୧ | ୯,୧୪୦ | ୨,୮୧୭ | ୨୩୪ | ୫,୨୧୧(୩%) | ୧,୪୪,୬୦୩ |
| ଇଟାଲୀ | ୧,୦୧,୭୩୯ | ୪,୦୫୦ | ୧୧,୫୯୧ | ୮୧୨ | ୧୪,୬୨୦(୧୪%) | ୭୫,୫୨୮ |
| ସ୍ପେନ | ୮୫,୧୯୫ | ୫,୦୮୫ | ୭,୩୪୦ | ୫୩୭ | ୧୬,୭୮୦(୨୦%) | ୬୧,୦୭୫ |
| ଚାଇନା | ୮୧,୪୭୦ | ୩୧ | ୩,୩୦୪ | ୪ | ୭୫,୭୦୦(୯୩%) | ୨,୪୬୬ |
| ଜର୍ମାନୀ | ୬୩,୯୨୯ | ୧,୪୯୪ | ୫୬୦ | ୧୯ | ୯,୨୧୧(୧୪%) | ୫୪,୧୫୮ |
| ଫ୍ରାନ୍ସ | ୪୪,୫୫୦ | ୪,୩୭୬ | ୩,୦୨୪ | ୪୧୮ | ୭,୯୨୭(୧୮%) | ୩୩,୫୯୯ |
| ଇରାନ | ୪୧,୪୯୫ | ୩୧୮୬ | ୨,୭୫୭ | ୧୧୭ | ୧୩,୯୧୧(୩୪%) | ୨୪,୮୨୭ |
| ବ୍ରିଟେନ | ୨୨,୧୪୧ | ୨,୬୧୯ | ୧,୪୦୮ | ୧୮୦ | ୧୩୫(୦.୬୦୯%) | ୨୦,୫୯୮ |
| ପାକିସ୍ତାନ | ୧,୬୯୦ | ୯୩ | ୨୧ | ୭ | ୭୬(୪%) | ୧,୬୪୦ |
| ଭାରତ | ୧,୩୨୮ | ୧୭୯ | ୩୪ | ୭ | ୧୩୭(୧୦%) | ୧୧୫୭ |



## କରୋନା ମୁକାବିଲା ନେଇ ୪ଜିଲାପାଳଙ୍କ ସହ ଆଲୋଚନା କଲେ ରାଜ୍ୟପାଳ

ଭୁବନେଶ୍ୱର, ୩୦।୩(ବ୍ୟୁରୋ)

କରୋନା ମୁକାବିଲା ନେଇ ରାଜ୍ୟପାଳ ଗଣେଶୀ ଲାଲ୍ ସୋମବାର ୪ଟି ଜିଲାର ଜିଲାପାଳଙ୍କ ସହ କଥା ହୋଇଛନ୍ତି। ରାଜ୍ୟପାଳ କୋରାପୁଟ, ଗଜପତି, ନୂଆପଡ଼ା ଏବଂ ନବରଙ୍ଗପୁର ଜିଲାପାଳଙ୍କ ସହ କଥା ହୋଇ ବର୍ତ୍ତମାନ ପରିସ୍ଥିତି ସମ୍ପର୍କରେ ଆଲୋଚନା କରିଛନ୍ତି। ଜିଲା ପ୍ରଶାସନ ପକ୍ଷରୁ ବର୍ତ୍ତମାନ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ବୁଝିଛନ୍ତି। ଅତି ଗୁରୁତର ଘଟଣାକୁ ନେଇ କାର୍ଯ୍ୟ କରିବାକୁ ରାଜ୍ୟପାଳ ପରାମର୍ଶ ଦେଇଛନ୍ତି। ଏହା ପୂର୍ବରୁ ଅର୍ଥାତ୍ ଗତ ୨୮ ତାରିଖରେ ରାଜ୍ୟପାଳ ପୁରୀ, ଖୋର୍ଦ୍ଧା ଓ କଟକ ଜିଲାପାଳଙ୍କ ସହ କଥା ହୋଇ ବିଭିନ୍ନ ସରକାରୀ ପଦକ୍ଷେପ ସମ୍ପର୍କରେ ଆଲୋଚନା କରିଥିଲେ। ଓଡ଼ିଶାରେ କରୋନାରେ ୩ଜଣ ଆକ୍ରାନ୍ତ ହୋଇଥିଲେ ମଧ୍ୟ ଦେଶରେ ୨୯ଜଣଙ୍କ ଜୀବନ ଯାଇଛି। ହଜାରରୁ ଅଧିକ କରୋନାରେ ଆକ୍ରାନ୍ତ ହୋଇ ଆଇସୋଲେଶନରେ ଅଛନ୍ତି। ଏହାଛଡ଼ା ଅନେକ ଲୋକ କ୍ୱାରାଣ୍ଟାଇନରେ ମଧ୍ୟ ରହିଛନ୍ତି। ସ୍ଥିତିକୁ ଦେଖି କେନ୍ଦ୍ର ସରକାର ସମଗ୍ର ଦେଶରେ ଲକ୍‌ଡାଉନ ଘୋଷଣା କରିଛନ୍ତି। ଏହାଦ୍ୱାରା ଗରିବ ଓ ଖଟିଖିଆଙ୍କ ଅବସ୍ଥା ଜଟିଳ ହୋଇପଡ଼ିଛି। ଏହାର ମୁକାବିଲା ଲାଗି ରାଜ୍ୟ ସରକାର ହେଲ୍ପଲାଇନ ନମ୍ବର ଜାରି କରିଛନ୍ତି। ପ୍ରତ୍ୟେକ ପଞ୍ଚାୟତରେ ଭୋଜନର ବ୍ୟବସ୍ଥା କରାଯାଇଛି। ତେବେ ରାଜ୍ୟ ସରକାର ନେଉଥିବା ପଦକ୍ଷେପ କେତେଦୂର କାର୍ଯ୍ୟକାରୀ ହେଉଛି ସେନେଇ ବୁଝିବା ଲାଗି ରାଜ୍ୟପାଳ ବିଭିନ୍ନ ଜିଲାର ଜିଲାପାଳଙ୍କ ସହ ଆଲୋଚନା କରୁଛନ୍ତି।

## ବନ୍ଦହେଲା 'ଇଣ୍ଡିଆ ଆବ୍ରୋଡ୍'




ନ୍ୟୁୟର୍କ,୩୦।୩

ଆମେରିକାରେ ଗତ ୫୦ବର୍ଷ ଧରି ଭାରତୀୟ ସମାଜର ଆଇନା ପାଲଟିଥିବା ଭାରତୀୟ ଖବରକାଗଜ 'ଇଣ୍ଡିଆ ଏବ୍ରଡ୍' ସୋମବାର ଶେଷଥର ଲାଗି ଛପାଯାଇଛି। ନ୍ୟୁୟର୍କ ସହରର ଏହି ସାପ୍ତାହିକ ଖବରକାଗଜର ପ୍ରକାଶକ ଗୋପାଳ ରାଜୁ ୧୯୭୦ରେ ଏହାକୁ ପ୍ରକାଶ କରି ସେଠାରେ ରହୁଥିବା ଭାରତୀୟଙ୍କ ମନ ଜିଣିଥିଲେ। ପରେ ୨୦୦୧ରେ ରେଡିଫ ଡଟ୍‌କମ୍ ଏହି ଖବରକାଗଜକୁ ରାଜୁଙ୍କଠାରୁ କିଣିଥିଲା। ଏହା ପରେ ୨୦୧୬ରେ ରେଡିଫ ୮କେ ମାଇଲ୍ସ ମିଡିଆ ଇଙ୍କକୁ ଏହି ମାଲିକାନା ବିକ୍ରି କରିଦେଇଥିଲା। ସମ୍ପ୍ରତି ଏହି ଖବରକାଗଜର ପ୍ରକାଶକ ସୁରେଶ ଭେଙ୍କଟାଚାରୀ ପ୍ରକାଶନ ବନ୍ଦ ହେବା ନେଇ ମାର୍ଚ୍ଚ ୨୭ରେ ସୂଚନା ଦେଇଥିଲେ। ଇଣ୍ଟରନେଟ ଚାହିଦା ବୃଦ୍ଧି ଯୋଗୁ ଖବରକାଗଜର ପ୍ରସାର ହ୍ରାସ ପାଉଥିବା ସେ କହିବା ସହ ମାର୍ଚ୍ଚ ୩୦ରେ ଶେଷଥର ଛପାଯିବ ବୋଲି ସେ ପ୍ରକାଶ କରିଥିଲେ। ଇଣ୍ଡିଆ ଏବ୍ରଡ୍ ବନ୍ଦ ହେବା ଫଳରେ ଆମେରିକାରେ ରହୁଥିବା ଭାରତୀୟମାନେ ନିଜ ଦେଶର ଟିକିନିଖି ଖବର ଜାଣିବାରେ ଅସୁବିଧାର ସମ୍ମୁଖୀନ ହେବେ ବୋଲି କୁହାଯାଉଛି।

## ଲକ୍‌ଡାଉନ୍ ବେଳେ ୨ ପୋଲିସ କର୍ମଚାରୀଙ୍କୁ ମାଡ଼

ଚାନ୍ଦବାଲି,୩୦।୩(ଡି.ଏନ.ଏ.)

ଲକ୍ ଡାଉନ ବେଳେ ଭଦ୍ରକ ଜିଲା ଚାନ୍ଦବାଲି ଏନଏସି ଅନ୍ତର୍ଗତ ବାଲିଗାଁ ଛକରେ ବାହାନ ଦେଖାଇ ବୁଲୁଥିବା ଜଣେ ଯୁବକଙ୍କୁ ପୋଲିସ୍ ବାରଣ କରିବା ମହଙ୍ଗା ପଡ଼ିଛି। ଉକ୍ତ ଯୁବକଙ୍କ ଆକ୍ରମଣରେ ୨ପୋଲିସ୍ କର୍ମଚାରୀ ଆହତ ହୋଇଛନ୍ତି। ଆହତ ୨ କର୍ମଚାରୀଙ୍କୁ ଚାନ୍ଦବାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ଆକ୍ରମଣକାରୀ ଯୁବକଙ୍କ ଘର ରାମପଲ୍ଲୀ ଅଞ୍ଚଳରେ। ଏନେଇ ଚାନ୍ଦବାଲି ଥାନାରେ ଏକ ମାମଲା (ନଂ.୬୦/୨୦) ରୁଜୁ କରାଯିବା ସହିତ ସମ୍ପୃକ୍ତ ଯୁବକ ପ୍ରକାଶ ଦାସଙ୍କୁ ପୋଲିସ୍ ଗିରଫ କରିଛି। ଚାନ୍ଦବାଲିର ଅତିରିକ୍ତ ତହସିଲଦାର ପ୍ରଶାନ୍ତ ମହାରଣାଙ୍କ ନେତୃତ୍ୱରେ ସୋମବାର ସକାଳେ ୬ ଜଣିଆ ଏକ ପୋଲିସ ଟିମ୍ ପାଟ୍ରୋଲିଂ କରୁଥିବା ବେଳେ ବାଲିଗାଁ ଛକରେ ଏକାଠି ହୋଇଥିବା କେତେକ ଯୁବକଙ୍କୁ ପୋଲିସ୍ ବାରଣ କରିଥିଲା। ଏହାକୁ ନେଇ ସେଠାରେ ପାଟିତୁଣ୍ଡ ହୋଇଥିଲା। ହଠାତ୍ ପ୍ରକାଶ ଏକ ଠେଙ୍ଗାରେ ପୋଲିସ କର୍ମଚାରୀଙ୍କୁ ଆକ୍ରମଣ କରି ଦୌଡ଼ି ପଳାଇଯାଇଥିଲେ।

## ଓଡ଼ିଆ ଭାଷା ପ୍ରତିଷ୍ଠାନ ନିର୍ଦ୍ଦେଶିକା ହେଲେ ଭାଗ୍ୟଲିପି ମଲ୍ଲ

### ବିଜୟ ଜେନା ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ଅଧ୍ୟକ୍ଷ ନିଯୁକ୍ତ

ଭୁବନେଶ୍ୱର, ୩୦।୩ (ବ୍ୟୁରୋ)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧୀନ ଓଡ଼ିଆ ଭାଷା ପ୍ରତିଷ୍ଠାନର ନିର୍ଦ୍ଦେଶିକା ଭାବେ ରାଜ୍ୟ ସଂଗ୍ରହାଳୟର କ୍ୟୁରେଟର ଡ. ଭାଗ୍ୟଲିପି ମଲ୍ଲଙ୍କୁ ନିଯୁକ୍ତି ମିଳିଛି। ସେ ରାଜ୍ୟ ସଂଗ୍ରହାଳୟ ସହ ଏହି ଅତିରିକ୍ତ ଦାୟିତ୍ୱ ତୁଲାଇବେ। ସେହିଭଳି ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ଅଧ୍ୟକ୍ଷ ଭାବେ ମହାବିଦ୍ୟାଳୟର ଅଧ୍ୟାପକ ତଥା ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ପୂର୍ବତନ ସଚିବ ଡ. ବିଜୟ କୁମାର ଜେନାଙ୍କୁ ନିଯୁକ୍ତ କରାଯାଇଛି। ପୂର୍ବରୁ ଉଭୟ ପଦବୀରେ ଥିବା ଡ. ତମସାରାଣୀ ଦାସମହାପାତ୍ର ସୋମବାର ଅବସର ଗ୍ରହଣ କରିଥିବାରୁ ବିଭାଗ ପକ୍ଷରୁ ଏହି ନୂଆ ନିଯୁକ୍ତି ନେଇ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି।



ପୂର୍ବରୁ ରାଜ୍ୟ ଅଭିଲେଖାଗାର ଅଧୀକ୍ଷିକା ଦାୟିତ୍ୱ ତୁଲାଇଥିବା ଡ. ମଲ୍ଲ ଗ୍ରନ୍ଥ ସହ ଏକାଧିକ ପୁସ୍ତକ ରଚନା କରିଛନ୍ତି। ଆଗାମୀ ଦିନରେ ସେ ଓଡ଼ିଆଭାଷା ପ୍ରତିଷ୍ଠାନ ଦ୍ୱାରା ଚାଲିଥିବା ବିଭିନ୍ନ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ସହ ସରକାରଙ୍କ ସହଯୋଗକ୍ରମେ ଓଡ଼ିଆ ଭାଷାର ଉନ୍ନତି ପାଇଁ କାର୍ଯ୍ୟ କରିବେ ବୋଲି କହିଛନ୍ତି। ଅନ୍ୟପକ୍ଷରେ ୨୦୦୨ ଡିସେମ୍ବର ୨୬ରୁ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ଓଡ଼ିଶୀ କଣ୍ଠ ସଙ୍ଗୀତ ବିଭାଗର ଅଧ୍ୟାପକ ଭାବେ ଶିକ୍ଷାଦାନ କରୁଥିବା ଗୁରୁ ଡ. ବିଜୟ କୁମାର ଜେନା ଓଡ଼ିଶୀ କଣ୍ଠ ସଙ୍ଗୀତ ଜଗତରେ ଜଣେ ପରିଚିତ ଚେହେରା। ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଚିବ ଭାବେ ଦାୟିତ୍ୱ ତୁଲାଇଛନ୍ତି। ସୋମବାର ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ଅଧ୍ୟକ୍ଷଭାବେ ନିଯୁକ୍ତ ହେବାପରେ ତାଙ୍କ ଉପରେ ନ୍ୟସ୍ତ କରାଯାଇଥିବା ଏଭଳି ଏକ ଗୁରୁଦାୟିତ୍ୱକୁ ସଫଳ ଭାବେ ନିର୍ବାହ କରିବେ ବୋଲି କହିଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ବିନା ବିରୋଧରେ...

ସମୟରେ ସରକାର ସର୍ବଦଳୀୟ ବୈଠକ ଡାକି ପରିସ୍ଥିତିକୁ ମୁକାବିଲା କରିବାକୁ ନରସିଂହ ସରକାରଙ୍କୁ ପ୍ରସ୍ତାବ ଦେଇଛନ୍ତି।

ପ୍ରାୟ ୪୦ ଜଣ ବିଧାୟକ ଏହି ଅଧିବେଶନରେ ଯୋଗଦେଇଥିଲେ। ଶାସକ ବିଜେଡିର ବହୁ ବିଧାୟକ ଯୋଗଦେଇଥିବା ବେଳେ ଭାଜପାରୁ ବିରୋଧୀ ଦଳ ନେତା ସମେତ ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝି, କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର, ସୁରେଶ କୁମାର ରାଉତରାୟ, ତାରାପ୍ରସାଦ ବାହିନୀପତି, ସିପିଆଇଏମ୍ ସଦସ୍ୟ ଲକ୍ଷ୍ମଣ ମୁଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଅଧିବେଶନରେ ଯୋଗଦେବା ପାଇଁ କେତେକ ବିଧାୟକ ନିଜ ଗାଡିରେ ଲୋକସେବା ଭବନ ନିକଟକୁ ଆସିଥିବା ବେଳେ ଆଉ କେତେ ଜଣ ଚାଲି ଚାଲି ଆସିଥିବା ଦେଖାଯାଇଥିଲା।

ସୂଚନାଯୋଗ୍ୟ, ବଜେଟ ଅଧିବେଶନର ପ୍ରଥମ ପର୍ଯ୍ୟାୟ ଫେବୃୟାରୀ ୧୪ ତାରିଖରେ ଆରମ୍ଭ ହୋଇଥିଲା। ଏହା ଫେବୃୟାରୀ ୨୬ ତାରିଖ ଯାଏ ଚାଲିଥିଲା। ଦ୍ୱିତୀୟ ପର୍ଯ୍ୟାୟ ମାର୍ଚ୍ଚ ୧୧ ତାରିଖରେ ଆରମ୍ଭ ହୋଇଥିଲା। କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ଚଳିତ ବଜେଟ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟକୁ ମାର୍ଚ୍ଚ ୧୩ ତାରିଖରୁ ୨୯ ତାରିଖ ଯାଏ ସ୍ଥଗିତ ଘୋଷଣା କରାଯାଇଥିଲା। ବିଧାନସଭା କାର୍ଯ୍ୟସୂଚୀ ଅନୁଯାୟୀ ବ୍ୟୟମଞ୍ଜୁରୀ ବିଲ୍ ମାର୍ଚ୍ଚ ୩୧ ତାରିଖରେ ପାରିତ ହୋଇଥାନ୍ତା। ମାତ୍ର ରାଜ୍ୟରେ ଚିହ୍ନଟ ହୋଇଥିବା ତୃତୀୟ କରୋନା ରୋଗୀ ବିଧାନସଭା କର୍ମଚାରୀଙ୍କ ସଂସ୍ପର୍ଶରେ ଆସିଥିବାରୁ ବଜେଟ ଅଧିବେଶନ ଶେଷ ପର୍ଯ୍ୟାୟକୁ ବିଧାନସଭାରୁ ଲୋକସେବା କନ୍‌ଭେନ୍‌ଶନ ହଲକୁ ସ୍ଥାନାନ୍ତର କରାଯାଇଥିଲା। ବିଧାନସଭା କର୍ମଚାରୀ କରୋନା ରୋଗୀ ସଂସ୍ପର୍ଶରେ ଆସିଥିବା ଆଶଙ୍କାକରି ବାଚସ୍ପତି ସମସ୍ତ କର୍ମଚାରୀଙ୍କୁ କ୍ୱାରାଣ୍ଟାଇନ୍‌ରେ ରହିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏଥିସହିତ ସମ୍ପୂର୍ଣ୍ଣ ବିଧାନସଭାକୁ ପରିଷ୍କାର ଓ ବିଶୋଧନ ପାଇଁ ପରାମର୍ଶ ଦିଆଯାଇଥିଲା।

### ୨୦୨୧ ଜୁଲାଇ...

ଆମେରିକା ସ୍ପୋର୍ଟ୍ସ ଲିଗ୍ ପଡୁଥିବାରୁ ପ୍ରସ୍ତାବଟି କାଟ୍ ଖାଇଥିଲା। ବିଶ୍ୱବ୍ୟାପୀ କୋଭିଡ୍-୧୯ ବ୍ୟାପିବାରେ ଲାଗିଥିବାରୁ ଏହି ବର୍ଷ ଅଲିମ୍ପିକ୍ସ ଆୟୋଜନ ନ କରିବା ଲାଗି ବହୁ ଆଥଲେଟ୍, କ୍ରୀଡ଼ା ମହାସଂଘ ଏବଂ ଜାତୀୟ ଅଲିମ୍ପିକ ଆସୋସିଏଶନଗୁଡ଼ିକରୁ ପ୍ରବଳ ଚାପ ପଡ଼ିଥିଲା। ଫଳରେ ଆଇଓସି ଏବଂ ଗେମ୍ସର ଆୟୋଜକଗଣ ଏହାକୁ ଘୁଞ୍ଚାଇବା ଲାଗି ବାଧ୍ୟ ହୋଇଥିଲେ। ପୂର୍ବରୁ ଅଲିମ୍ପିକ୍ସ ଯେତେଥର ସ୍ଥଗିତ ଅବା ବାତିଲ ହୋଇଛି ଯୁଦ୍ଧଜନିତ ପରିସ୍ଥିତି ଯୋଗୁ। ଏଥର ଭିନ୍ନ କାରଣରୁ ସ୍ଥଗିତ ରଖିବାକୁ ପଡ଼ିଛି। ପୁନଃ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ଅଲିମ୍ପିକ୍ସ ଆୟୋଜନ ଦ୍ୱାରା ଆମକୁ ପୁଣି ବିପୁଳ ପରିମାଣରେ ଅର୍ଥ ବ୍ୟୟ କରିବାକୁ ପଡ଼ିବ ବୋଲି ଆୟୋଜକ କମିଟି ସଭାପତି ୟୋଶିରୋ ମୋରି ଏବଂ ସିଇଓ ତୋଶିରୋ ମୁଟୋ କହିଛନ୍ତି। ଜାପାନର କରଦାତାମାନଙ୍କୁ ଏହା ବହନ କରିବାକୁ ପଡ଼ିବ। ଖର୍ଚ୍ଚ ବେଳେ ସ୍ୱଚ୍ଛତା ଅବଲମ୍ବନ କରାଯିବ ବୋଲି ମୁଟୋ ଦୃଢତାର ସହିତ କହିଛନ୍ତି। ଯେପର୍ଯ୍ୟନ୍ତ ଅଲିମ୍ପିକ୍ସ ଆୟୋଜନ ନ ହୋଇଛି ସେ ପର୍ଯ୍ୟନ୍ତ ଏଥିଲାଗି ଉଦ୍ଦିଷ୍ଟ ଭେନ୍ୟୁଗୁଡ଼ିକ କୌଣସି ଖେଳ ଅବା କାର୍ଯ୍ୟକ୍ରମ ପାଇଁ ବ୍ୟବହାର କରାଯାଇ ପାରିବ ନାହିଁ। କାନସାଇ ୟୁନିଭର୍ସିଟିର ସ୍ପୋର୍ଟ୍ସ ଇକୋନୋମିକ୍ସ ବିଭାଗର ଜଣେ ପ୍ରଫେସର କାତ୍ସୁହିରୋ ମିୟାମୋଟୋଙ୍କ କହିବା ଅନୁସାରେ ଆୟୋଜକଙ୍କୁ ଅତିରିକ୍ତ ୪ ବିଲିୟନ ଡଲାର ବ୍ୟୟ କରିବାକୁ ହେବ। ଷ୍ଟାଡିୟମର ରକ୍ଷଣାବେକ୍ଷଣା ଓ ସୌନ୍ଦର୍ଯ୍ୟିକରଣ, ଭଡ଼ା ଓ ଜରିମାନା ପ୍ରଦାନ ଏବଂ ଅନ୍ୟାନ୍ୟ ବାବଦରେ ଏହା ଖର୍ଚ୍ଚ ହେବ। ଅଲିମ୍ପିକ୍ସର ଆୟୋଜନ ବାବଦରେ ଜାପାନ ସରକାରୀ ଭାବେ ୧୨.୬ ବିଲିୟନ ଡଲାର ବ୍ୟୟ କରିଛି। ହେଲେ ଜାପାନ ସରକାରଙ୍କ ଅଡିଟ୍ ବ୍ୟୁରୋ ସୂଚନା ଅନୁସାରେ ଏହାର ଦୁଇଗୁଣା ଖର୍ଚ୍ଚ ହୋଇଛି। ସୁଇଜରଲାଣ୍ଡରେ ରହିଥିବା ଇଣ୍ଟରନ୍ୟାଶନାଲ ଅଲିମ୍ପିକ କମିଟି ଆୟୋଜକ କମିଟିକୁ ୧.୩ ବିଲିୟନ ଡଲାର ସହାୟତା କରିଛି। ଆଇଓସି ସଭାପତି ଥୋମାସ ବ୍ୟାକ୍ ବାରମ୍ବାର କହି ଆସୁଛନ୍ତି ଇତିହାସରେ ଟୋକିଓ ଅଲିମ୍ପିକ୍ସ ପ୍ରସ୍ତୁତି ସର୍ବଶ୍ରେଷ୍ଠ। ଜାପାନର ଉପ-ପ୍ରଧାନମନ୍ତ୍ରୀ ତାରୋ ଅସୋ କହିଛନ୍ତି, ସେମାନଙ୍କୁ ଅଭିଶପ୍ତ ବୋଲି କହିଛନ୍ତି। ଅସୋଙ୍କ ଜନ୍ମ ହେଉଛି ୧୯୪୦ରେ। ସେ ୧୯୭୬ ଅଲିମ୍ପିକ୍ସ ଶୁଟିଂ ପ୍ରତିଯୋଗିତାରେ ଭାଗ ନେଇଥିଲେ। ବହୁ ବର୍ଷ ପୂର୍ବେ ୧୯୪୦ରେ ଟୋକିଓରେ ଅଲିମ୍ପିକ୍ସ ହେବାର ଯୋଜନା ଥିଲା। ମାତ୍ର ଦ୍ୱିତୀୟ ବିଶ୍ୱଯୁଦ୍ଧ ଯୋଗୁ ତାହା ସମ୍ଭବ ହେଲାନି। ସୂଚନାଯୋଗ୍ୟ, ଆଇଓସି ସଦସ୍ୟ ତଥା ଜାପାନିଜ୍ ଅଲିମ୍ପିକ କମିଟି ମୁଖ୍ୟଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ ଆସିବା ପରେ ଗତ ବର୍ଷ ସେ ତାଙ୍କ ପଦବୀରୁ ଇସ୍ତଫା ଦେବାକୁ ବାଧ୍ୟ ହୋଇଥିଲେ।

### ଫେରିଲା...

ରଖାଯାଇଥିଲା। ହେଲେ ଏହି ଘରୋଇ ବ୍ୟାଙ୍କର ଆର୍ଥିକ ସ୍ଥିତି ଦୁର୍ବଳ ହୋଇପଡ଼ିବା ଯୋଗୁ ଏଠାରୁ ଅର୍ଥ ଉଠାଇବା ଉପରେ ଆର୍‌ବିଆଇ କଟକଣା ଜାରି କରିଥିଲା। ତେଣୁ ମହାପ୍ରଭୁଙ୍କ ଟଙ୍କାକୁ ନେଇ ବେଶ୍ କିଛିଦିନ ଧରି ହୋହଲ୍ଲା ହୋଇଥିଲା। ଗତ ୧୮ ତାରିଖରେ ଆର୍‌ବିଆଇ ୟେସ୍ ବ୍ୟାଙ୍କ ଉପରୁ କଟକଣା ଉଠାଇଥିଲା। ଏହାପରେ ୧୯ ତାରିଖରେ ୟେସ୍ ବ୍ୟାଙ୍କରୁ ଇ-ଟ୍ରାନ୍ସଫର ମାଧ୍ୟମରେ ମୂଳ ୩୮୯ କୋଟି ଟଙ୍କା ସହ ମୋଟ ୩୯୭କୋଟି ୨୩ଲକ୍ଷ ୨୭ ହଜାର ୬୩୬ ଟଙ୍କା ଶ୍ରୀମନ୍ଦିର ଆକାଉଣ୍ଟକୁ ଫେରିଥିବା ବେଳେ ବଳକା ୧୫୬ କୋଟି ଟଙ୍କା ସୋମବାର ଫେରିଆସିଛି।

### ପାରଦ...

ହୋଇଛି। ଏହାର ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବରଗଡ, ବଲାଙ୍ଗୀର, ସୋନପୁର, ବୌଦ୍ଧ, ରାୟଗଡା, କନ୍ଧମାଳ, ଗଜପତି, କୋରାପୁଟ, ପୁରୀ, ଖୋର୍ଦ୍ଧା, ଅନୁଗୋଳ, କଟକ, ଜଗତ୍‌ସିଂହପୁର, କେନ୍ଦୁଝର ଏବଂ ମୟୂରଭଞ୍ଜ ଜିଲାର କେତେକ ସ୍ଥାନରେ ଝଡବର୍ଷା ହେବାର ସମ୍ଭାବନା ରହିଛି। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ନିଂ ଜାରି କରାଯାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଚନ୍ଦ୍ର ଏକାଦଶରେ ରବି ଯୋଗୁ କେତେଦିନ ହେଲା ଯାହା ପାଇବା ପାଇଁ ଭାବୁଥିଲେ ତାହା ଆଜି ସହଜ ଓ ସୁବିଧାରେ ପାଇଯିବେ। ଶିଳ୍ପ, ନିର୍ମାଣ, ବ୍ୟବସାୟ, ବାଣିଜ୍ୟ ଓ ପରିବହନ ବାଧାପ୍ରାପ୍ତ ହୋଇପାରେ। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। କେତେକ କ୍ଷେତ୍ରରେ ପ୍ରତିଯୋଗିତା ମନୋଭାବ ଉପୁଜିପାରେ।

**ବୃଷ**
ଶୁକ୍ରଙ୍କ ଦଶମରେ ବୁଧ ହେତୁ ଆର୍ଥିକ ସ୍ଥିତି ଭଲ ରହିବା ସହ ବନ୍ଧୁଙ୍କ ସହ ଫଳପ୍ରଦ ଆଲୋଚନା କରିବେ। ସ୍ୱାସ୍ଥ୍ୟ ବିଶେଷ କିଛି ଖରାପ ନ ଥିଲେ ମଧ୍ୟ ବିଭିନ୍ନ ପ୍ରକାର ଘରୋଇ ଝମେଲା କାରଣରୁ ମନଟା ଭଲ ରହିବ ନାହିଁ। ବନ୍ଧୁମାନଙ୍କ ସହଯୋଗୀ ମନୋଭାବ ପ୍ରତି ସ୍ନେହ ଶ୍ରଦ୍ଧା ଓ ପ୍ରେମାନୁରାଗୀ ହୋଇପାରନ୍ତି।

**ମିଥୁନ**
ବୁଧଙ୍କ କେନ୍ଦ୍ରରେ ଶୁକ୍ର ଓ ଚନ୍ଦ୍ର ହେତୁ ବହୁତ ଦିନ ହେଲା ଅଟକି ରହିଥିବା କାମଗୁଡ଼ିକ ଆଜି ସୁବିଧାରେ ହୋଇଯିବ। ଦ୍ୱନ୍ଦ୍ୱରେ ପଡ଼ି ବନ୍ଧୁମାନଙ୍କ କଥାକୁ ଓଲଟା ବୁଝି ମନକୁ ଭାରାକ୍ରାନ୍ତ କରିପାରନ୍ତି। ଆର୍ଥିକ ପରିସ୍ଥିତି ବଦଳାଇବା ପାଇଁ କୌଣସି ନୂତନ ଯୋଜନା ବିଷୟରେ ଚିନ୍ତା କରିପାରନ୍ତି।

**କର୍କଟ**
ଶନି ଓ ରାହୁଙ୍କ ଷଡ଼ାଷ୍ଟକ ସ୍ଥିତି କଠିନଶ୍ରମ ସାଙ୍ଗକୁ ବହୁଳ ଖର୍ଚ୍ଚାନ୍ତ ମାନସିକ ଅଶାନ୍ତି ସୃଷ୍ଟି କରିବ। ବ୍ୟବସାୟ,ବାଣିଜ୍ୟ ଓ ପରିବହନ ତଥା ନିର୍ମାଣ କାର୍ଯ୍ୟରେ ପ୍ରତିବନ୍ଧକ ସୃଷ୍ଟି ହୋଇ କାମ ସ୍ଥଗିତ ରହିଯାଇପାରେ। ସାଧାରଣ କଥାକୁ କେନ୍ଦ୍ରକରି ପାରିବାରିକ ଜୀବନରେ ଭୁଲ୍ ବୁଝାମଣା ସୃଷ୍ଟି ହେବାର ଆଶଙ୍କା ରହିଛି।

**ସିଂହ**
ରବି କେନ୍ଦ୍ରରେ ରାହୁ ଆପଣଙ୍କ ଆଶା ଓ ଅଭିଳାଷକୁ ପୂରଣ କରିବାକୁ ଦେବନାହିଁ। ସ୍ୱାସ୍ଥ୍ୟ କ୍ରମଶଃ ଅବନତି ଦିଗକୁ ଗତି କରିପାରେ,ଏଣୁ ସାବଧାନତା ଅବଲମ୍ବନ କରିବା ଭଲ। ଆର୍ଥିକ ଅନଟନ ମଧ୍ୟରେ ଅଣନିଃଶ୍ୱାସୀ ହେବେ କିନ୍ତୁ ସାହିତ୍ୟ ଚର୍ଚ୍ଚା, ସଙ୍ଗୀତ ସାଧନା, ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ।

**କନ୍ୟା**
ପରିବାର ସ୍ଥାନରେ କେତୁ ଯୋଗୁ ଯିଏ ଯାହା କହିଲେ ଆପଣଙ୍କୁ ତାହା ଖୁସି କରାଇପାରିବ ନାହିଁ। ଇଚ୍ଛା ନ ଥିଲେ ମଧ୍ୟ ବନ୍ଧୁଙ୍କ ଅନୁରୋଧରେ କୌଣସି କାମ କରିବା ସକାଶେ ମନ ବଳାଇବେ। କୌଣସି ଖଳ ଲୋକଙ୍କ କଥାରେ ପଡ଼ି ଭୁଲ ମାର୍ଗ ଅନୁସରଣ କରି ହଇରାଣ ହେବାକୁ ପଡ଼ିପାରେ।

**ତୁଳା**
ବୁଧଙ୍କ ସ୍ଥିତି ପ୍ରଭାବରେ ବନ୍ଧୁ ବିଦ୍ୱେଷ ସାଙ୍ଗକୁ ପାଇବା ଜିନିଷ ମଧ୍ୟ ହରାଇବାକୁ ପଡ଼ିପାରେ। ଆଲୋଚନା ପରିସରରେ ବିଭିନ୍ନ ପ୍ରକାର କଥା କହିବା କାରଣରୁ ବିବାଦ ବଢ଼ିପାରେ। ଆଜି କଠିନ ପରିଶ୍ରମ କରି ମଧ୍ୟ ପାରିଶ୍ରମିକ ମନଲାଖି ହୋଇ ନ ପାରେ। ବନ୍ଧୁଙ୍କ ସ୍ୱାସ୍ଥ୍ୟ ସମସ୍ୟା ମନକୁ ସାମୟିକ ବ୍ୟଥିତ କରିବ।

**ବିଛା**
ରାଶ୍ୟାଧିପ ଉଚ୍ଚ ସ୍ଥାନରେ ରହିଲେ ମଧ୍ୟ ଅନ୍ୟ ଦୁଇଟି ଗ୍ରହ ଉଦ୍ୟମ ଓ ଚିନ୍ତାଧାରାରେ ବ୍ୟତିକ୍ରମ ସୃଷ୍ଟି କରିବେ। ପରିବାରରେ ଟିକିଏ ଟିକିଏ କଥାରେ ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁ ମନ ଉଦାସ ରହିପାରେ। କଳା, ସାହିତ୍ୟ, ସାମ୍ବାଦିକତା, ସଂଗଠନ ଓ ଆଇନ ଅଦାଲତରେ ସମସ୍ୟା ସମାଧାନ ହୋଇଯିବ।

**ଧନୁ**
ବନ୍ଧୁକାରକ ବୁଧ ତୃତୀୟସ୍ଥ ଯୋଗୁ ସହକର୍ମୀଙ୍କ ଠାରୁ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ପଡ଼ୋଶୀଙ୍କୁ ବିନୟପୂର୍ବକ ପ୍ରିୟ କଥା କହି ଭୁଲ୍ ବୁଝାମଣାହେତୁକ ସମସ୍ୟାକୁ ସୁଧାରି ନେବେ। ଯାନବାହନରେ ସତର୍କତା ରକ୍ଷା କରନ୍ତୁ। ସମସ୍ୟାକୁ ଈର୍ଷାପରାୟଣ ବ୍ୟକ୍ତିମାନେ ବଢ଼ାଇ ଦେଇପାରନ୍ତି।

**ମକର**
ମଙ୍ଗଳଙ୍କ ଶୁଭ ଦୃଷ୍ଟି ପାରିବାରିକ ଜୀବନରେ ଖୁସି ଓ ଆନନ୍ଦର ବାତାବରଣ ସୃଷ୍ଟି କରିବ। ମାନସିକ ଅଶାନ୍ତି କ୍ରମଶଃ ବୃଦ୍ଧି ପାଇବା କାରଣରୁ ମନରେ ସରସତା ରହିବ ନାହିଁ। ପ୍ରତ୍ୟେକ କ୍ଷେତ୍ରରେ ସତର୍କତାର ସହ କାମ କରନ୍ତୁ, କଳହର ସମ୍ମୁଖୀନ ହୋଇପାରନ୍ତି। ଘଟଣା ନ ବୁଝି ଉପରିସ୍ଥ କର୍ମଚାରୀ କ୍ରୋଧ ପ୍ରକାଶ କରିପାରନ୍ତି।

**କୁମ୍ଭ**
ଶୁକ୍ର ଯୁକ୍ତ ଚନ୍ଦ୍ର ପ୍ରଭାବରେ ସବୁ ଦୁଃଖକୁ ପଛରେ ପକାଇ ପରିବାର ସହ ହସଖୁସିରେ ସମୟ କଟାଇବେ। ବହୁ ଦିନହେଲା ଯେଉଁ ଜିନିଷଟି ନପାଇ ବ୍ୟସ୍ତ ହେଉଥିଲେ ଆଜି ତାହା ଅତି ସୁବିଧାରେ ପାଇଯିବେ। ହଠାତ୍ ଜଣେ ବନ୍ଧୁ ପାରିବାରିକ କ୍ଷେତ୍ରର ସମସ୍ୟା ସମାଧାନ କରିବା ସକାଶେ ଚେଷ୍ଟା କରିପାରନ୍ତି।

**ମୀନ**
ଷଷ୍ଠାଧିପ ରାଶିରେ ଅବସ୍ଥାନ କରୁଥିବାରୁ ଜଣାଶୁଣା ବ୍ୟକ୍ତି କିମ୍ବା ପ୍ରଭାବଶାଳୀ ବିଶିଷ୍ଟବ୍ୟକ୍ତିଙ୍କ ସହ ମତାନ୍ତର ଘଟିପାରେ। ଯେତେ ପ୍ରକାର ଚେଷ୍ଟା କଲେ ମଧ୍ୟ ଆଜି ଅଟକି ରହିଥିବା କାମଗୁଡ଼ିକ ସୁବିଧାରେ ସମ୍ପନ୍ନ ହେବା କଷ୍ଟକର ହୋଇପଡ଼ିବ। କିନ୍ତୁ ଅର୍ଥ ଓ ସମ୍ମାନ ପାଇବାରେ କୌଣସି ଅସୁବିଧା ହେବନାହିଁ।

ଆଜି ଚୈତ୍ର ଶୁକ୍ଳ ସପ୍ତମୀ ମଙ୍ଗଳବାର, ଚୈତ୍ର ମଙ୍ଗଳବାର ଓଷା ଚତୁର୍ଥ ପାଳି, ବାସନ୍ତିକ ପୀଠ ଓ ମୃଣ୍ମୟୀ ଦେବୀଙ୍କ ସପ୍ତମୀ ପୂଜା, ଆର୍ଥିକବର୍ଷ ଶେଷ, ମାର୍ଚ୍ଚ ୩୧ ତାରିଖ, ରାଶି ନକ୍ଷତ୍ର- ମୃଗଶିରା। ବୃଷ ପ୍ରାତଃ ଘ.୦୬।୦୫ ଗତେ ମିଥୁନ ଚନ୍ଦ୍ର, କନ୍ୟା ରାଶିର ଘାତଚନ୍ଦ୍ର, ମକର ରାଶିର ଘାତବାର, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ, ଦିବା ଘ.୦୮।୧୧ ଗତେ ଘ୧୦।୩୭ ମଧ୍ୟେ, ଘ.୦୧।୦୪ ଗତେ ଘ.୦୨।୪୧ମଧ୍ୟେ, ଘ.୦୩।୩୦ ଗତେ ଘ.୦୫।୦୮ ମଧ୍ୟେ, ସନ୍ଧ୍ୟା ଘ.୦୫।୫୭ ଗତେ ଘ.୦୬।୪୪ ମଧ୍ୟେ, ରାତ୍ର ଘ.୦୯।୦୫ ଗତେ ଘ.୧୧।୨୬ ମଧ୍ୟେ, ଘ.୦୧।୪୮ଗତେ ଘ.୦୩।୨୨ ମଧ୍ୟେ ଅମୃତ ବେଳା ମାହେନ୍ଦ୍ରବେଳା ନାସ୍ତି। ଦିବା ଘ. ୦୨।୫୪ ଗତେ ଘ.୦୪।୨୫ମଧ୍ୟେ ରାହୁକାଳ।

# ୨୨୫ ଟଙ୍କାରେ ହେବ କରୋନା ଚିହ୍ନଟ

ଢାକା: ସାରା ପୃଥିବୀରେ କରୋନା ସଂକ୍ରମଣ ଯୋଗୁ କୋକୁଆ ଭୟ ସୃଷ୍ଟି ହୋଇଛି। ପ୍ରତି ଦେଶର ବୈଜ୍ଞାନିକ କରୋନାକୁ ରୋକିବା ଲାଗି ଔଷଧ ତଥା ଯାଞ୍ଚ୍ କିଟ୍ ପ୍ରସ୍ତୁତିରେ ଲାଗି ରହିଛନ୍ତି। ଏପରିସ୍ଥଳେ ବାଂଲାଦେଶ ଏକ ନୂଆ କରୋନା ଯାଞ୍ଚ୍ କିଟ୍ ତିଆରି କରିଥିବା ଦାବି କରିଛି। ଏହାଦ୍ୱାରା କେବଳ ୨୨୫ ଟଙ୍କା ଖର୍ଚ୍ଚକରି ୧୫ ମିନିଟ ମଧ୍ୟରେ ନମୁନା ପଜିଟିଭ୍ ଅବା ନେଗେଟିଭ୍ ତାହା ଜଣାପଡ଼ିବ ବୋଲି କୁହାଯାଉଛି। ଇତିମଧ୍ୟରେ ବାଂଲାଦେଶ ସରକାରଙ୍କ ପକ୍ଷରୁ ଏହି କିଟ୍ ଉତ୍ପାଦନ କରିବା ଲାଗି ଅନୁମତି ମଧ୍ୟ ପ୍ରଦାନ କରାଯାଇଛି। ଏହି କିଟ୍ କରୋନା ଭୂତାଣୁ ସହିତ ଲଢୁଥିବା ଶରୀରର ଶ୍ୱେତ ରକ୍ତ କୋଷିକାର ସ୍ଥିତି ଯାଞ୍ଚ୍ କରିଥାଏ ବୋଲି ଡାକ୍ତର ପ୍ରଫେସର ବିଜୋନ୍ କୁମାର ସିଲ୍ ସୂଚନା ଦେଇଛନ୍ତି। ଏହାପୂର୍ବରୁ ବିଜୋନ୍ ସ୍ୱାର୍ସ ଭୂତାଣୁ ଯାଞ୍ଚ୍‌କରିବା ଲାଗି ୨୦୦୩ରେ ଏକ କିଟ୍ ପ୍ରସ୍ତୁତ କରିଥିଲେ। ବିଜୋନ୍‌ଙ୍କ ନେତୃତ୍ୱରେ ଗବେଷକ ଦଳ 'ଡଟ୍ ବୋଲ୍ଟ ଟେଷ୍ଟ' ପଦ୍ଧତିରେ ସଂକ୍ରମିତଙ୍କ ନମୁନା ପରୀକ୍ଷା ଜାରି ରଖିଛନ୍ତି। କରୋନା ଭୂତାଣୁ ସଂକ୍ରମଣର ୩ଦିନ ପରେ ଶରୀରରେ ପ୍ରତିରୋଧକ ଶକ୍ତି ସୃଷ୍ଟିହେବା ଆରମ୍ଭ ହୋଇଥାଏ। ଯଦି ଏହା ପୂର୍ବରୁ ଆରମ୍ଭ ହୁଏ ତେବେ କରୋନାକୁ ପ୍ରତିରୋଧ କରିବା ସମ୍ଭବ ହେବ ବୋଲି ବିଜୋନ୍ କହିଛନ୍ତି।



ଲାଗିବ ମାତ୍ର ୧୫ ମିନିଟ

# ବରିଷ୍ଠ ନାଗରିକଙ୍କ ଲାଗି ଆଡଭାଇଜରି

**ନୂଆଦିଲ୍ଲୀ,୩୦।୩(ପି.ଟି.):** ବରିଷ୍ଠ ନାଗରିକଙ୍କ କ୍ଷେତ୍ରରେ କରୋନା ଅଧିକ ମାରାତ୍ମକ ହୋଇଥିବାରୁ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ସେମାନଙ୍କ ପାଇଁ ଆଡଭାଇଜରି ଜାରି କରିଛନ୍ତି। ବରିଷ୍ଠମାନଙ୍କ ମଧ୍ୟରେ ଭୂତାଣୁ ସଂକ୍ରମଣ ହ୍ରାସ କରିବା ଲାଗି କ'ଣ କରିବାକୁ ହେବ ଓ କ'ଣ କରିବା ନାହିଁ ତାହା ଏଥିରେ ଉଲ୍ଲେଖ ରହିଛି। ଭାରତରେ କୋଭିଡ୍-୧୯ ସଂକ୍ରମିତଙ୍କ ସଂଖ୍ୟା ଦ୍ରୁତ ବଢ଼ି ଚାଲିଥିବାବେଳେ ବରିଷ୍ଠ ନାଗରିକଙ୍କ ଜୀବନ ପ୍ରତି ଅଧିକ ବିପଦ ରହିଛି। ଏହାର କାରଣ ହେଲା ସେମାନଙ୍କ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି କମିଯାଇଥାଏ। ଏଥିସହିତ ସେମାନଙ୍କଠାରେ ମଧୁମେହ, ଉଚ୍ଚ ରକ୍ତଚାପ, କିଡ୍‌ନୀ ରୋଗ ଆଦି ରହିଥାଏ। ସେଥିପାଇଁ ଭୂତାଣୁ ସଂକ୍ରମଣ ହେଲେ ମୃତ୍ୟୁ ଆଶଙ୍କା ଯଥେଷ୍ଟ ଅଧିକ ରହିଛି। ସେଥିପାଇଁ ବରିଷ୍ଠମାନେ ନିୟମିତ ବ୍ୟବଧାନରେ ସେମାନଙ୍କ ହାତ ମୁହଁକୁ ସାବୁନରେ ଧୋଇବା ସହ ସବୁବେଳେ ଘରେ ରହିବାକୁ ପରାମର୍ଶ ଦିଆଯାଇଛି। ଘରେ ମଧ୍ୟ କୌଣସି ବାହାର ଲୋକଙ୍କୁ ଭେଟନ୍ତୁ ନାହିଁ। ଯଦି ଜରୁରୀ ହୁଏ ତେବେ ଅନ୍ୟୁନ ୧ ମିଟର ବ୍ୟବଧାନ ବଜାୟ ରଖନ୍ତୁ। ଉପଯୁକ୍ତ ପୋଷଣ ତତ୍ତ୍ୱ ଥିବା ଟଟକା ଘରରନ୍ଧା ଖାଦ୍ୟ ଖାଆନ୍ତୁ ଓ ବାରମ୍ବାର ପାଣି ପିଅନ୍ତୁ। ପ୍ରତିରୋଧକ କ୍ଷମତା ବୃଦ୍ଧି ଲାଗି ଜୁସ୍ ପିଅନ୍ତୁ। ଏଥିସହିତ ନିୟମିତ ଔଷଧ ଖାଆନ୍ତୁ ଓ ବ୍ୟାୟାମ କରନ୍ତୁ। କୌଣସି ଅସ୍ତ୍ରୋପଚାର କରାଇବାକୁ ଥିଲେ ତାକୁ ସ୍ଥଗିତ ରଖନ୍ତୁ। ବାରମ୍ବାର ସ୍ପର୍ଶ କରୁଥିବା ବସ୍ତୁଗୁଡ଼ିକୁ କୀଟାଣୁ ନିରୋଧୀ ବିଶୋଧକରେ ସଫା କରିବାକୁ ପରାମର୍ଶ ଦିଆଯାଇଛି। ସେହିପରି ଜ୍ୱର, କାଶ ହେବା ସହ ଶ୍ୱାସକ୍ରିୟାରେ କଷ୍ଟ ଅନୁଭବ କଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବାକୁ କୁହାଯାଇଛି। କାଶିବା ବା ଛିଙ୍କିବା ସମୟରେ ମୁହଁକୁ ରୁମାଲ ଆଦିରେ ଘୋଡାଇ ରଖନ୍ତୁ। କାଶୁଥିବା କିମ୍ବା ଛିଙ୍କୁଥିବା ଲୋକଙ୍କ ପାଖକୁ ନ ଯିବା ପାଇଁ କୁହାଯାଇଛି। ନିଜ ଇଚ୍ଛାରେ ଔଷଧ ସେବନ କରନ୍ତୁ ନାହିଁ କିମ୍ବା ନିୟମିତ ଚେକ୍‌ଅପ୍ ପାଇଁ ହସ୍ପିଟାଲ ଯାଆନ୍ତୁ ନାହିଁ। ଆବଶ୍ୟକ ହେଲେ ଟେଲିଫୋନ ଯୋଗେ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ। ପାର୍କ, ବଜାର, ଧର୍ମସ୍ଥଳ ଆଦି ଜନଗହଳି ସ୍ଥାନକୁ ନ ଯିବା ଲାଗି ପରାମର୍ଶ ଦିଆଯାଇଛି।



## ହାସ୍ୟାଭିନେତା କେନ୍ ଶିମୁରାଙ୍କ ମୃତ୍ୟୁ

**ଟୋକିଓ,୩୦।୩:** ଜାପାନର ଲୋକପ୍ରିୟ ହାସ୍ୟାଭିନେତା କେନ୍ ଶିମୁରାଙ୍କର କରୋନା ସଂକ୍ରମଣରେ ମୃତ୍ୟୁ ଘଟିଛି। ତାଙ୍କୁ ୭୦ ବର୍ଷ ହୋଇଥିଲା। ଜାପାନରେ କରୋନା ଭୂତାଣୁ ସଂକ୍ରମଣରେ କୌଣସି ସେଲିବ୍ରିଟିଙ୍କ ମୃତ୍ୟୁ ହେବା ଏହା ପ୍ରଥମ ଘଟଣା। ଶିମୁରା ତାଙ୍କ ଅଭିନୟ ଯାଦୁରେ ଲକ୍ଷ ଲକ୍ଷ ଦର୍ଶକଙ୍କୁ ବାନ୍ଧି ରଖିଥିଲେ। ଅନେକ ହାସ୍ୟ ଭିତ୍ତିକ ଟେଲିଭିଜନ ସିରିଏଲ୍‌ରେ ସେ ଅଭିନୟ କରିଛନ୍ତି। ଟୋକିଓର ଏକ ହସ୍ପିଟାଲରେ ଶିମୁରା ଚିକିତ୍ସିତ ହେଉଥିଲେ। ତାଙ୍କ ପରଲୋକ ଖବର ପାଇ ହସ୍ପିଟାଲ ବାହାରେ ବହୁସଂଖ୍ୟାରେ ପ୍ରଶଂସକ ଓ ଗଣମାଧ୍ୟମ ପ୍ରତିନିଧି ଭିଡ଼ ଜମାଇଥିଲେ। ଜାପାନରେ କରୋନା ସଂକ୍ରମିତଙ୍କ ସଂଖ୍ୟା ୨୫୭୮ରେ ପହଞ୍ଚିଛି।

# ମହାରାଷ୍ଟ୍ରରେ ବିକ୍ରି ହୋଇପାରୁନି ୧କୋଟି ଲିଟର କ୍ଷୀର

**ପୁଣେ,୩୦।୩:** ଭାରତରେ ଅଧିକ କରୋନା ସଂକ୍ରମିତ ରାଜ୍ୟ ମଧ୍ୟରେ ମହାରାଷ୍ଟ୍ର ଅନ୍ୟତମ। ଏଠାରେ ୮ ଜଣଙ୍କ ମୃତ୍ୟୁ ହୋଇସାରିଲାଣି। ଲକ୍‌ଡାଉନ ପରେ ଏଠାରେ ଆର୍ଥିକ କାରବାର ଏକପ୍ରକାର ବନ୍ଦ ହୋଇଯାଇଛି। ବିଶେଷକରି କ୍ଷୀର ବ୍ୟବସାୟୀଙ୍କ ଉପରେ ଏହାର ଅଧିକ ପ୍ରଭାବ ପଡିଛି। ମହାରାଷ୍ଟ୍ରରେ ଦିନକୁ ୨ କୋଟି ଲିଟର କ୍ଷୀର ଉତ୍ପାଦନ ହୋଇଥାଏ। ରାଜ୍ୟର କୋହ୍ଲାପୁର, ବାରାମତୀ ଏବଂ ଅକୋଲା ଜିଲା କ୍ଷୀର ଉତ୍ପାଦନର କେନ୍ଦ୍ରସ୍ଥଳ। ଲକ୍‌ଡାଉନ ପ୍ରଭାବରେ ସବୁ ଫ୍ୟାକ୍ଟ୍ରି, ଦୋକାନ ବନ୍ଦ ଥିବାବେଳେ ପ୍ରାୟ ୫୦ ପ୍ରତିଶତ କ୍ଷୀର ବିକ୍ରି ହୋଇପାରୁନାହିଁ। ବର୍ତ୍ତମାନ ପ୍ରାୟ ୧ କୋଟି ଲିଟର କ୍ଷୀର ଚାଷୀ ବିକି ପାରୁନାହାନ୍ତି। ଚାଷୀମାନଙ୍କ କହିବା ପ୍ରକାରେ, କ୍ଷୀର ପାଉଡର ତିଆରି କରୁଥିବା କମ୍ପାନୀ ବର୍ତ୍ତମାନ ବନ୍ଦ ରହିଛି। ମହାରାଷ୍ଟ୍ରରେ ତାପମାତ୍ରା ଅଧିକ ଥିବାରୁ ଅଳ୍ପ କିଛିସମୟ ପରେ ଏହା ଖରାପ ହୋଇଯାଉଛି। ଆମେ ଏବେ ଅନ୍ୟ ଉପାୟ ନ ପାଇ ଲିଟର ୩୨ ଟଙ୍କାରୁ ୨୦ ଟଙ୍କାକୁ ଖସାଇ ଦେଇଛୁ। ତଥାପି ଏହା ବିକ୍ରି ହୋଇ ପାରୁନାହିଁ। ଯଦି ଏପରି ଆଉ କିଛିଦିନ ଚାଲିବ ତେବେ ଆୟ କମିବ ଓ ଆମେ ଗାଈ, ମଇଁଷିଙ୍କ ପାଇଁ ଚାରା ମଧ୍ୟ କିଣିପାରିବୁ ନାହିଁ। ଏଥିରୁ ଯାହା ରୋଜଗାର ହୁଏ ଘର ଚଳାଇବା ସହ ଚାରା କିଣିଥାଉ। ଏନେଇ ସ୍ଥାନୀୟ ସରକାର ଓ କେନ୍ଦ୍ର ସରକାର ଦୃଷ୍ଟି ଦେବାକୁ ସେମାନେ ଦାବି କରିଛନ୍ତି।





କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ବ୍ଲକ ପର୍ଡାମାହା ପଞ୍ଚାୟତ ଝିମାବାଡି ଗ୍ରାମର ମହିଳାମାନେ କରୋନା ସଂକ୍ରମଣରୁ ନିଜକୁ ସୁରକ୍ଷା ଦେବା ଉଦ୍ଦେଶ୍ୟରେ ଶାଳପତ୍ରରେ ମାସ୍କ ତିଆରି କରି ପିନ୍ଧିଛନ୍ତି।

# କରୋନା ତଥ୍ୟ: ୭୪% ଭାରତୀୟ ଗଣମାଧ୍ୟମ ଉପରେ ନିର୍ଭରଶୀଳ

**ନୂଆଦିଲ୍ଲୀ:** କରୋନାରେ ବିଶ୍ୱରେ ୩୫ ହଜାର ଲୋକ ମୃତ୍ୟୁବରଣ କରିଥିବା ବେଳେ ସଂକ୍ରମଣ ରୋକିବା ଲାଗି ସାମାଜିକ ଦୂରତା ରକ୍ଷା ଲାଗି ଭାରତ ସରକାର ୨୧ ଦିନିଆ ଲକ୍‌ଡାଉନ୍ ଘୋଷଣା କରିଛନ୍ତି। ଘରେ ବନ୍ଦ ଥିବା ୧୩୦ କୋଟି ଭାରତୀୟଙ୍କ ମଧ୍ୟରୁ ୯୬ କୋଟି ୩୩ ଲକ୍ଷ କରୋନା ସମ୍ପର୍କରେ ଜାଣିବା ପାଇଁ ମୁଖ୍ୟତଃ ଗଣମାଧ୍ୟମ ଉପରେ ହିଁ ନିର୍ଭର କରୁଛନ୍ତି। ଅଗ୍ରଣୀ ଗଣମାଧ୍ୟମ ସଂସ୍ଥାଗୁଡ଼ିକର ତଥ୍ୟ ସାଧାରଣତଃ ଠିକ୍ ହେଉଥିବାରୁ ଲୋକେ ଏସବୁକୁ ବିଶ୍ୱାସ କରୁଛନ୍ତି। ଆଇଏଏନ୍‌ଏସ୍ ସି-ଭୋଟର ଗେଲପ୍ ଆସୋସିଏଶନ ପକ୍ଷରୁ ହୋଇଥିବା ଏକ ସର୍ଭେ ରିପୋର୍ଟରେ ଏହା ପ୍ରକାଶ ପାଇଛି। ଦେଶର ୭୪.୧ ପ୍ରତିଶତ ଲୋକ କରୋନା ମହାମାରୀ ସମ୍ପର୍କିତ ଖବର ଲାଗି ଗଣମାଧ୍ୟମ ଉପରେ ଭରସା କରୁଛନ୍ତି। ସୋସିଆଲ୍ ମିଡ଼ିଆରେ ପ୍ରକାଶିତ କେତେକ ତଥ୍ୟ ଗୁଜବ ସୃଷ୍ଟି କରୁଥିବାରୁ ଲୋକେ ଅଗ୍ରଣୀ ଗଣମାଧ୍ୟମ ସଂସ୍ଥାଗୁଡ଼ିକର ତଥ୍ୟକୁ ହିଁ ବିଶ୍ୱାସ କରୁଛନ୍ତି। ତେବେ ୧୮.୫ ପ୍ରତିଶତ ଲୋକ ସୋସିଆଲ୍ ମିଡ଼ିଆରୁ କରୋନା ସମ୍ପର୍କରେ ଜାଣୁଛନ୍ତି। ଅପରପକ୍ଷରେ ୫.୨ ପ୍ରତିଶତ ଲୋକ ଅନ୍ୟମାନଙ୍କ ସହିତ କଥାବାର୍ତ୍ତା ହୋଇ କରୋନା ସମ୍ପର୍କରେ ଅଧିକ କିଛି ଜାଣିବାର ପ୍ରୟାସ କରୁଥିବା ଏହି ସର୍ଭେ ରିପୋର୍ଟରେ ଦର୍ଶାଯାଇଛି।

# ଗାଁର ନାଁ କରୋନା, ନାଁ ଶୁଣି ଡରୁଛନ୍ତି ଲୋକେ

**ଉତ୍ତରପ୍ରଦେଶ,୩୦।୩:** ସାରା ଦୁନିଆଁରେ ଏବେ କରୋନାକୁ ନେଇ ଭୟର ବାତାବରଣ ସୃଷ୍ଟି ହୋଇଛି। ବିଶ୍ୱରେ ୩୪ହଜାରରୁ ଅଧିକ ମୁଣ୍ଡ ନେଲାଣି ଏହି ରୋଗ। ଏପରିସ୍ଥଳେ ଉତ୍ତର ପ୍ରଦେଶରେ ଥିବା କରୋନା ଗାଁ ଏବେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ଉତ୍ତରପ୍ରଦେଶର ସୀତାପୁର ଜିଲାରେ ରହିଛି କରୋନା ଗାଁ। ଏହି ଗ୍ରାମର ଲୋକେ ଏବେ କରୋନାରୁ ବଞ୍ଚିବା ପାଇଁ ଲକ୍‌ଡାଉନରେ ରହିଥିବାବେଳେ ଗାଁର ନାଁ ଶୁଣି ଅନ୍ୟ ଗ୍ରାମର ଲୋକେ ଭେଦଭାବ କରୁଥିବା କହିଛନ୍ତି। ଜଣେ ଗ୍ରାମବାସୀଙ୍କ କହିବା ପ୍ରକାରେ ଆମେ ଏବେ କୌଣସି କାରଣରୁ କରୋନା ଗ୍ରାମର ବୋଲି କହିବାରୁ ଲୋକେ ଆମଠାରୁ ଦୂରତା ରକ୍ଷା କରି ଚାଲିଯାଉଛନ୍ତି। ସେମାନଙ୍କୁ ବୁଝାଇବାକୁ ପଡୁଛି ଯେ, ଆମ ଗାଁ ନାମ କରୋନା ଏଠି କୌଣସି କରୋନା ସଂକ୍ରମିତ ବ୍ୟକ୍ତି ନାହାନ୍ତି। ଏନେଇ ଏକ ନ୍ୟୁଜ୍ ଏଜେନ୍ସି ଗାଁର ଶୂନ୍‌ଶାନ୍ ଫଟୋ ଛାଡିବା ପରେ ୟୁଜର୍ସମାନେ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କୁ କହି ନାମ ବଦଳାଇବାକୁ ପ୍ରସ୍ତାବ ଦେଇଛନ୍ତି।





# ୪୦ହଜାର ଭେଣ୍ଟିଲେଟର ଅର୍ଡର ଦେଲେ ସରକାର

**ନୂଆଦିଲ୍ଲୀ,୩୦।୩:** ମହାମାରୀ କରୋନା ଭାରତରେ ଦ୍ରୁତଗତିରେ କାୟାବିସ୍ତାର କରିବାରେ ଲାଗିଛି। ଦେଶରେ ସଂକ୍ରମିତ ଓ ମୃତକଙ୍କ ସଂଖ୍ୟା ମଧ୍ୟ ବୃଦ୍ଧିପାଇଛି। ମେଡିକାଲରେ ସଂକ୍ରମିତଙ୍କ ସଂଖ୍ୟା ବଢୁଥିବାରୁ ଭେଣ୍ଟିଲେଟର୍‌ର ଯଥେଷ୍ଟ ଆବଶ୍ୟକତା ରହିଛି। କୌଣସି ପରିସ୍ଥିତିରେ ଯେପରି ଏହାର ଅଭାବ ସୃଷ୍ଟି ନ ହୁଏ, ସେଥିପାଇଁ ସରକାର ଏବେଠୁ ପ୍ରସ୍ତୁତ ହେଉଛନ୍ତି। ତେଣୁ କେନ୍ଦ୍ର ସରକାର ଅଟୋମୋବାଇଲ୍ ନିର୍ମାତାମାନଙ୍କୁ ନିଜ ସାଧନର ଉପଯୋଗ କରି ଭେଣ୍ଟିଲେଟର୍ ତିଆରି କରିବା ପାଇଁ କହିଛନ୍ତି। ଏଥିପାଇଁ ଡିଆର୍‌ଡିଓ ଚଳିତ ସପ୍ତାହରୁ ଦୈନିକ ୨୦ ହଜାର ଏନ୍-୯୫ ମାସ୍କ ତିଆରି କରିବ ବୋଲି ରବିବାର କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଦେଶରେ ବିଭିନ୍ନ ହସ୍ପିଟାଲ୍‌ରେ କରୋନା ସଂକ୍ରମିତଙ୍କ ପାଇଁ ୧୪ ହଜାରରୁ ଅଧିକ ଭେଣ୍ଟିଲେଟର୍ ଲାଗିଛି ଏବଂ ୧୧.୯୫ ଲକ୍ଷ ଏନ୍-୯୫ ମାସ୍କ ମଧ୍ୟ ଗଚ୍ଛିତ ରହିଛି। ଏହା ବ୍ୟତୀତ ଗତ ୫ ଦିନ ମଧ୍ୟରେ ୫ ଲକ୍ଷ ମାସ୍କ ବଣ୍ଟାଯାଇଥିବାବେଳେ ସୋମବାର ଆଉ ୧ଲକ୍ଷ ୪୦ହଜାର ମାସ୍କ ବଣ୍ଟାଯିବ ବୋଲି ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଏଥିସହ ୨ ଘରୋଇ ନିର୍ମାତା ମଧ୍ୟ ପ୍ରତ୍ୟେକ ଦିନ ୫୦ ହଜାର ଏନ୍-୯୫ ମାସ୍କ ଉତ୍ପାଦନ କରୁଛନ୍ତି। ଆସନ୍ତା ସପ୍ତାହ ସୁଦ୍ଧା ଏହା ୧ଲକ୍ଷରେ ପହଞ୍ଚିବା ନେଇ ଆଶା ରହିଥିବା ଜଣାପଡ଼ିଛି। ଏ ନେଇ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଟୁଇଟ୍ କରି କୁହାଯାଇଛି, ଅଟୋମୋବାଇଲ୍ ନିର୍ମାତାଙ୍କୁ ଭେଣ୍ଟିଲେଟର୍ ତିଆରି ପାଇଁ କୁହାଯାଇଛି। ଏ ଦିଗରେ ସେମାନେ କାମ ଜାରି ରଖିଛନ୍ତି। ସେହିପରି ସ୍ଥାନୀୟ ନିର୍ମାତାଙ୍କ ସହ ମିଶି ଆଗାମୀ ୨ ମାସରେ ୩୦ହଜାର ଭେଣ୍ଟିଲେଟର ନିର୍ମାଣ କରିବା ପାଇଁ ପ୍ରତିରକ୍ଷା ମନ୍ତ୍ରଣାଳୟ ଅଧୀନ ଭାରତ ଇଲେକ୍ଟ୍ରୋନିକ୍ସ ଲିମିଟେଡ୍‌କୁ କୁହାଯାଇଛି। ଏହା ବ୍ୟତୀତ ନଏଡ଼ାସ୍ଥିତ ଏକ ସଂସ୍ଥାକୁ ୧ ମାସ ମଧ୍ୟରେ ୧୦ ହଜାର ଭେଣ୍ଟିଲେଟର୍ ତିଆରି ପାଇଁ ଅର୍ଡର୍ ଦିଆଯାଇଛି। ମନ୍ତ୍ରାଳୟ ପକ୍ଷରୁ କୁହାଯାଇଛି ଯେ, ଦେଶର ବିଭିନ୍ନ ହସ୍ପିଟାଲ୍‌ରେ ୩.୩୪ ଲକ୍ଷ ପିପିଇ(ପର୍ସନାଲ୍ ପ୍ରୋଟେକ୍ସନ୍ ଇକ୍ୱିପ୍‌ମେଣ୍ଟ) ଉପଲବ୍ଧ ରହିଛି। ଏଥିସହ ଏପ୍ରିଲ୍ ୪ ସୁଦ୍ଧା ବିଦେଶରୁ ଦାନ କରାଯାଇଥିବା ୩ଲକ୍ଷ ଉପକରଣ ମିଳିବ ବୋଲି ସୂଚନା ମିଳିଛି। ସେହିପରି ୨୧ ଲକ୍ଷ ପର୍ସନାଲ୍ ପ୍ରୋଟେକ୍ସନ୍ ଇକ୍ୱିପ୍‌ମେଣ୍ଟର ଅର୍ଡର୍ ଦିଆଯାଇଥିବା ମଧ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।



କରୋନା ପ୍ରସ୍ତୁତି

# ଔଷଧ ଲାଗି ୭୦ କି.ମି. ଘୋଡ଼ାରେ ଗଲେ ବୃଦ୍ଧ

**ସୋଲାପୁର:** ଦେଶରେ କରୋନା ସଂକ୍ରମିତଙ୍କ ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ଭାରତ ସରକାରଙ୍କ ପକ୍ଷରୁ ୨୧ ଦିନିଆ ଲକ୍‌ଡାଉନ୍ ଜାରି କରାଯାଇଛି। ଏହି ସମୟରେ ଯାନବାହନ ଚଳାଚଳ କରୁ ନ ଥିବାରୁ ଲୋକେ ହନ୍ତସନ୍ତ ହେଉଛନ୍ତି। ମହାରାଷ୍ଟ୍ର ସୋଲାପୁର ଜିଲାରେ ଜଣେ ବୃଦ୍ଧ ସ୍ତ୍ରୀଙ୍କ ପାଇଁ ଔଷଧ ଆଣିବାକୁ ୭୦ କିମି ଘୋଡ଼ାରେ ଯାଇଛନ୍ତି। ଏବେ ଏହାର ଫଟୋ ଏବଂ ଭିଡ଼ିଓ ସୋସିଆଲ୍ ମିଡ଼ିଆରେ ଭାଇରାଲ ହେବାରେ ଲାଗିଛି। ସ୍ଥାନୀୟ ଅକ୍କଲକୋଟ ଅଞ୍ଚଳର ଦର୍ଶନାଲ ଗାଁରେ ବାସ କରୁଥିବା ବୃଦ୍ଧ ଅଜମୋଦ୍ଦିନ୍ ପଠାନ ସାହେବ ଏଭଳି କରିଛନ୍ତି। ୬୭ ବର୍ଷ ବୟସ୍କା ସ୍ତ୍ରୀ ମମତାଜ୍‌ଙ୍କ ପାଇଁ ସେ ବ୍ଲଡ୍ ପ୍ରେସର ଔଷଧ ଆଣିବା ଲାଗି ସହରକୁ ଘୋଡ଼ାରେ ଯାଇଥିଲେ। ବାଟରେ ତାଙ୍କୁ ପୋଲିସ ପଚରାଉଚରା କରିଥିଲା। ତେବେ ଅଜମୋଦ୍ଦିନ ସ୍ତ୍ରୀଙ୍କ ପାଇଁ ଔଷଧ ଆଣିବାକୁ ଯାଉଥିବା କହିଥିଲେ। ପରେ ପୋଲିସ ତାଙ୍କୁ ଯିବାକୁ ଅନୁମତି ଦେଇଥିଲେ।



# ପ୍ରେରଣା ପାଲଟିଛି 'ପୁଲ୍‌ମାନ'



**ୱାଶିଂଟନ୍:** ଆମେରିକାର କଲେଜ ସିଟି ପୁଲ୍‌ମାନ। ଏହି ସହରର ନାମ ଉଚ୍ଚାରଣ ମାତ୍ରକେ ଅଧିକାଂଶ ଆମେରିକୀୟ ଫେରିଯାଆନ୍ତି କଲେଜ ଦିନକୁ। ଗୋଟିଏରୁ ବଡ଼ ଆଉ ଗୋଟିଏ ଅନ୍ତର୍ଜାତୀୟସ୍ତରୀୟ ଶିକ୍ଷାନୁଷ୍ଠାନ, ରିସର୍ଚ୍ଚ ଲ୍ୟାବ୍‌କୁ ନେଇ ସମୃଦ୍ଧ ପୁଲମାନ। କୋଭିଡ୍-୧୯ ମାଡ଼ରୁ ବର୍ତ୍ତିବା ଲାଗି ଆମେରିକା ଭଳି ସମୃଦ୍ଧିଶାଳୀ ଦେଶ ବାଟ ପାଉ ନ ଥିବାବେଳେ କରୋନା-ମଣିଷ ଯୁଦ୍ଧରେ ଶୃଙ୍ଖଳିତ ଯୋଦ୍ଧା ସାଜିଛି ଶିକ୍ଷାର ହବ୍ ପୁଲମାନ। କଠୋର ଅନୁଶାସନ ହିଁ କରୋନାକୁ ହରାଇବ ବୋଲି ଏଠାକାର ବାସିନ୍ଦା ଦୃଢ଼ ମତପୋଷଣ କରିଛନ୍ତି। କେବଳ ଏତିକି ନୁହେଁ, ଏହାକୁ ବାସ୍ତବ ରୂପରେଖ ଦେବାକୁ ମଧ୍ୟ ଅଣ୍ଟା ଭିଡ଼ିଛନ୍ତି। ପୁଲମାନ ସହରର ମୋଟ ଜନସଂଖ୍ୟା ୬୦ ହଜାର। ସେଥିରୁ ୭୦% ଯୁବଗୋଷ୍ଠୀ ହୋଇଥିବାବେଳେ ୫୦% ଅର୍ଥାତ୍ ୩୦ହଜାର ହେଉଛନ୍ତି ଛାତ୍ର। ବର୍ଷତମାମ ଯୁବପିଢ଼ିଙ୍କ ସମାବେଶରେ ଏଠାକାର ରାସ୍ତାଘାଟ ଥାଏ ବେଶ୍ ଚଳଚଞ୍ଚଳ। ରେଭ୍ ପାର୍ଟି, ମଉଜ ମଜଲିସ୍ ବି ସାଧାରଣ କଥା। ହେଲେ କରୋନା ଆତଙ୍କ ପରେ ସହରର ଓଲଟା ଚିତ୍ର ସାମ୍ନାକୁ ଆସିଛି। କରୋନା ସଂକ୍ରମଣରେ ସବୁ ଦେଶକୁ ପଛରେ ପକାଇ ଆମେରିକା ଶୀର୍ଷରେ ରହିଛି। ସେହିପରି ମୃତ୍ୟୁ ସଂଖ୍ୟା ୨,୪୦୦ ପାର୍ କଲାଣି। ପୁଲ୍‌ମାନ ସହର ଲକ୍‌ଡାଉନ ଘୋଷଣା କରାଯାଇନାହିଁ ସତ, ହେଲେ ଏଠାକାର ଅଧିବାସୀମାନେ କରୋନାକୁ ନେଇ ଏତେ ସମ୍ବେଦନଶୀଳ ଯେ ; ସେମାନେ ନିଜକୁ ନିଜେ ଘରେ କଏଦ କରିଦେଇଛନ୍ତି। ସହରବାସୀଙ୍କ କଠୋର ନିୟମ ପାଇଁ ରାସ୍ତାଘାଟ, ପାର୍କ ସବୁକିଛି ଶୂନ୍‌ଶାନ ପାଲଟିଛି। ପ୍ରମୁଖ ଶିକ୍ଷାନୁଷ୍ଠାନ ୱାଶିଂଟନ ଷ୍ଟେଟ୍ ୟୁନିଭର୍ସିଟି, ରିସର୍ଚ୍ଚ ଲ୍ୟାବ୍, ଇଞ୍ଜିନିୟରିଂ ଲ୍ୟାବ, ସାଇବର ସିକ୍ୟୁରିଟିଲ୍ୟାବ୍ ସବୁ ବନ୍ଦ ଅଛି। ଏହି ସବୁ ଅନୁଷ୍ଠାନରେ ଭାରତ, ଚାଇନା, ବାଂଲାଦେଶ, ସାଉଥ୍ କୋରିଆ, ପାକିସ୍ତାନ, ନେପାଳ ଭଳି ଦେଶର ବହୁ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ସବୁ ବନ୍ଦ ଭିତରେ ପାଠପଢ଼ା କିନ୍ତୁ ଜାରି ରହିଛି। ତାହା ମଧ୍ୟ ଠିକ୍ ସମୟରେ। ନିର୍ଦ୍ଧାରିତ ସମୟରେ ପ୍ରଫେସର ଅଧ୍ୟାପନା ଦେଉଛନ୍ତି। ଛାତ୍ରୀଛାତ୍ରମାନେ ପାଠ ମଧ୍ୟ ପଢୁଛନ୍ତି। ସାମାଜିକ ଦୂରତା ଭିତରେ ଏହାକୁ ଅତି ସହଜ କରିଦେଇଛି ଭିଡିଓ କନ୍‌ଫରେନ୍ସ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ସଂକ୍ରମଣ ନ ବଢୁ ଏବଂ ପିଲାଙ୍କ ଭବିଷ୍ୟତ ଅନ୍ଧକାରମୟ ନ ହେଉ ସେ ଦିଗରେ ଏଠାକାର ପ୍ରତି ନାଗରିକ ବେଶ୍ ସଚେତନ।

ଲୋକଙ୍କ ପାଖରେ ଅତ୍ୟାବଶ୍ୟକ ସାମଗ୍ରୀ ଉପଲବ୍ଧ କରାଇବାକୁ ମଲ୍, ରେଷ୍ଟୁରାଣ୍ଟ, ୱାଲମାର୍ଟ ଖୋଲାଅଛି। ହେଲେ ଏସବୁ ସ୍ଥାନ ପୂରା ଫାଙ୍କା। ଅତ୍ୟାବଶ୍ୟକ ସାମଗ୍ରୀ ପାଇଁ ହୋମ୍ ଡେଲିଭରି ସୁବିଧା ରହିଛି। ସାମାଜିକ ଦୂରତ୍ୱ ବଜାୟ ରଖିବା ଉପରେ ସର୍ବାଧିକ ଗୁରୁତ୍ୱ ଦିଆଯାଉଛି। ଏଠାରେ ସଂକ୍ରମଣ ରୋକିବାକୁ ନିୟମିତ ପରୀକ୍ଷା କରାଯାଉଛି। ମାତ୍ର ୫ ମିନିଟ୍‌ରେ ଡାକ୍ତର ଏବଂ ଆମ୍ବୁଲାନ୍ସ ସୁବିଧା ଉପଲବ୍ଧ। ଏହି ସହରବାସୀଙ୍କ ଅନୁଶାସନ ଏବେ ଅନ୍ୟ ଦେଶ ପାଇଁ ଉଦାହରଣ ପାଲଟିଛି। ଖାସ୍ କରି ଭାରତ ଭଳି ଦେଶ ପୁଲମାନଠାରୁ ଅନେକ କିଛି ଶିଖିବାର ଅଛି। ଭାରତରେ ସଂକ୍ରମଣ ରୋକିବାକୁ ଲକ୍‌ଡାଉନ୍ ଘୋଷଣା କରାଯିବା ସତ୍ତ୍ୱେ ଲୋକମାନେ ଖୋଲାମେଲାରେ ବୁଲୁଛନ୍ତି। ମୃତ୍ୟୁକୁ ହାତଠାରି ଆମନ୍ତ୍ରଣ କରୁଛନ୍ତି। ସରକାରଙ୍କ ସବୁ ଉଦ୍ୟମ ସତ୍ତ୍ୱେ ଲକ୍ଷ୍ମଣରେଖା ପାର କରୁଛନ୍ତି ଲୋକେ। ହେଲେ କଠୋର ନିୟମରେ ବନ୍ଧା ପୁଲମାନ୍ ନିଜର ଶୃଙ୍ଖଳା ପାଇଁ ଏବେ କରୋନାକୁ ଜିତିବାକୁ ଯାଉଛି ବୋଲି ବିଶେଷଜ୍ଞମାନେ ମତ ରଖିଛନ୍ତି।

# ପରୀକ୍ଷାରେ ଅସଫଳ

କରୋନା ଭୂତାଣୁ ମହାମାରୀ ରୂପ ଧାରଣ କରିବା ପରେ ବିଶ୍ୱର ୨୦୦ ରାଷ୍ଟ୍ରରେ ଏହା ସ୍ୱାସ୍ଥ୍ୟ ସଙ୍କଟ ସୃଷ୍ଟି କରିଛି। ଚାଇନାର ଉହାନରୁ ଜନ୍ମ ନେଇଥିବା ଏହି ଭାଇରସ୍ ପୃଥିବୀରେ ୩୫ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ଜୀବନ ନେଇ ସାରିଥିବା ବେଳେ ୭ ଲକ୍ଷ ୫୦ ହଜାରରୁ ଅଧିକ ଲୋକଙ୍କୁ ସଂକ୍ରମିତ କରିସାରିଲାଣି। ଏହାଦ୍ୱାରା ଇଟାଲୀ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛି। କାରଣ ସେଠାରେ ମୃତ୍ୟୁ ସଂଖ୍ୟା ୧୦ ହଜାର ଅତିକ୍ରମ କରିଛି। ବିଶ୍ୱର ସବୁଠାରୁ ଶକ୍ତିଶାଳୀ ରାଷ୍ଟ୍ର ଭାବେ ପରିଗଣିତ ହେଉଥିବା ଆମେରିକାରେ ଅଦ୍ୟାବଧି ୨,୪୯୦ ଜଣଙ୍କ ପ୍ରାଣ ଯାଇଥିବା ବେଳେ ୧ ଲକ୍ଷ ୪୨ ହଜାରୁ ଊର୍ଦ୍ଧ୍ୱ ଆକ୍ରାନ୍ତ। ଜନବହୁଳ ରାଷ୍ଟ୍ର ଭାରତରେ ୩୨ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ସଂକ୍ରମିତଙ୍କ ସଂଖ୍ୟା ୧୨୦୦ ଡେଇଁଛି। ବିଶେଷଜ୍ଞଙ୍କ ମତରେ ଭାରତରେ ଏହି ସଂଖ୍ୟା ଯଥେଷ୍ଟ ଅଧିକ ହେବା କଥା। କିନ୍ତୁ ସେହି ପରିମାଣରେ ପରୀକ୍ଷା (ଟେଷ୍ଟିଂ) କରାଯାଉ ନ ଥିବା ହେତୁ ଏଭଳି ତ୍ରୁଟିପୂର୍ଣ୍ଣ ସଂଖ୍ୟା ସାମ୍ନାକୁ ଆସୁଛି। ଦିନକୁ ଦିନ ସ୍ଥିତି ଗମ୍ଭୀର ହେଉଥିବାରୁ ଆଗକୁ କ'ଣ ଘଟିବ ଅନୁମାନ ଲଗାଇବା କଷ୍ଟକର।

କରୋନା ଭାଇରସ୍ ଯେଭଳି କାୟା ବିସ୍ତାର କରିଚାଲିଛି, ବିଶ୍ୱ ନେତୃତ୍ୱ ତାହାକୁ ରୋକିବାରେ ସକ୍ଷମ ହୋଇପାରୁ ନାହିଁ। ବାହାପିଆ ନେତା ବୋଲାଉଥିବା ବ୍ୟକ୍ତିମାନେ ଘରେ ଜାକିଜୁକି ହୋଇ ବସିଲେଣି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଉକ୍ତ ଭାଇରସ୍‌କୁ 'ଚାଇନା ଭୂତାଣୁ' କହି ତାଚ୍ଛଲ୍ୟ କରୁଥିଲେ। ମୂଳରୁ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରା ନ ଯିବାରୁ ଆମେରିକାରେ ସ୍ଥିତି ଆଜି ଅଣାୟତ୍ତ। ଆସନ୍ତା ନଭେମ୍ବରରେ ସେଠାରେ ରାଷ୍ଟ୍ରପତି ନିର୍ବାଚନ ଥିବାରୁ ଟ୍ରମ୍ପ୍ ମାପିଚୁପି ପଦକ୍ଷେପ ନେଉଛନ୍ତି। ଅଦ୍ୟାବଧି ରାଷ୍ଟ୍ରକୁ ଲକ୍‌ଡାଉନ୍ କରିପାରି ନ ଥିବାରୁ ଆମେରିକାବାସୀ ତାଙ୍କ ଉପରେ କ୍ଷୁବ୍ଧ। ଲୋକଙ୍କ କ୍ରୋଧ ବଢ଼ିଚାଲିଲେ ଟ୍ରମ୍ପ୍‌ଙ୍କ ଦ୍ୱିତୀୟ ଥର ରାଷ୍ଟ୍ରପତି ହେବା ଆଶା ମଉଳିଯିବ ବୋଲି ରାଜନୈତିକ ବିଶେଷଜ୍ଞମାନେ ମତ ଦେଲେଣି। ଏପଟେ ଭାରତରେ ୨୪ ମାର୍ଚ୍ଚରେ ନରେନ୍ଦ୍ର ମୋଦି ସରକାର ଦେଶବ୍ୟାପୀ ଲକ୍‌ଡାଉନ୍ ବା ଏକପ୍ରକାର ଜାତୀୟ କର୍ଫ୍ୟୁ ଲଗାଇ ଦେବା ପରେ ଭିନ୍ନ ପରିସ୍ଥିତି ସୃଷ୍ଟି ହୋଇଛି। କାରଣ ଆଗତୁରା ଯୋଜନା ନ କରି ଅଚାନକ ଲକ୍‌ଡାଉନ୍ ଘୋଷଣା କରି ଦିଆଯିବା ଦ୍ୱାରା ଦେଶ ଭିତରେ ଲକ୍ଷାଧିକ ଲୋକ ପିଲାଛୁଆଙ୍କୁ ଧରି ଅନେକ ଶହ କିଲୋମିଟର ଲେଖାଏ ଚାଲିଚାଲି ଘରକୁ ଫେରୁଥିବାର ଦୃଶ୍ୟ ଦେଖିବାକୁ ମିଳୁଛି। ଖାଇବା, ପିଇବାର ସାମାନ୍ୟତମ ସୁବିଧା ପାଇପାରୁ ନ ଥିବାରୁ ଗରିବ ଓ ଖଟିଖିଆମାନେ ଅସହାୟ ହୋଇପଡ଼ିଛନ୍ତି। ଏପରି କି ଏହିଭଳି ଚାଲୁଥିବା ବେଳେ କେତେକ ବ୍ୟକ୍ତିଙ୍କ ମୃତ୍ୟୁ ମଧ୍ୟ ଘଟିଲାଣି। ନିଜକୁ ପ୍ରବଳ ପ୍ରତାପୀ ଭାବୁଥିବା ବିଶ୍ୱର ଅନେକ ନେତା ଯୁଦ୍ଧ ପାଇଁ ସର୍ବଦା ଆଗଭର ହୋଇଥାଆନ୍ତି। ଦେଖିବାକୁ ଗଲେ ଯୁଦ୍ଧ ସୀମାନ୍ତରେ ଉଭୟ ପଟର କିଛି ସୈନ୍ୟଙ୍କୁ ମାରିଥାଏ। କିନ୍ତୁ ଏବେ ଭୂତାଣୁ ଦ୍ୱାରା ସୃଷ୍ଟ ସ୍ୱାସ୍ଥ୍ୟ ସମସ୍ୟା ପ୍ରତ୍ୟେକ ଦେଶର ଅଧିବାସୀଙ୍କ ପାଇଁ ବିରାଟକାୟ ସଙ୍କଟ ଆଣିଛି। ସମ୍ଭବତଃ ଆଜିର ପୃଥିବୀରେ ବଞ୍ଚିଥିବା କୌଣସି ବ୍ୟକ୍ତି ଏଭଳି ବ୍ୟାପକ ଭାବେ ସଂକ୍ରମଣ ଜୀବଦ୍ଦଶାରେ ଦେଖି ନ ଥିବେ। ଏପରିସ୍ଥଳେ ରାଷ୍ଟ୍ରମୁଖ୍ୟମାନେ ଅନେକ ବିଷୟକୁ ହିସାବକୁ ନେଉ ନ ଥିବାରୁ ପରିସ୍ଥିତି ଜଟିଳ ହୋଇପଡୁଛି। ଆଜି ଭାରତରେ ଦେଶାନ୍ତରୀଙ୍କ ଗୃହ ପ୍ରତ୍ୟାବର୍ତ୍ତନ ସମସ୍ୟାଠାରୁ ଆରମ୍ଭ କରି ଭୂତାଣୁର ମୁକାବିଲା ପାଇଁ ଆବଶ୍ୟକ ଭିତ୍ତିଭୂମିର ଅଭାବ ବିଷୟକୁ ପ୍ରଥମେ ଧ୍ୟାନ ଦେବାର ଥିଲା। ଯେତେବେଳେ ଚାଇନାର ଉହାନରେ ଥିବା ଭାରତୀୟଙ୍କୁ ଦେଶକୁ ଫେରାଇ ଆଣିବା ପାଇଁ ଘୋଷଣା କରି ସେଠାକୁ କେତୋଟି ବିମାନ ପ୍ରେରଣ କରାଗଲା, ସେହି ସମୟରୁ ଆଭ୍ୟନ୍ତରୀଣ ପ୍ରସ୍ତୁତି ପ୍ରତି ଧ୍ୟାନ ଦିଆଯିବା ଉଚିତ ଥିଲା। ପ୍ରତ୍ୟେକ ରାଜ୍ୟକୁ କେନ୍ଦ୍ର ତରଫରୁ ନିର୍ଦ୍ଦେଶ ଦିଆଯାଇ ଅଧିକ ଆଇସିୟୁ ଏବଂ ଭେଣ୍ଟିଲେଟର ବ୍ୟବସ୍ଥା କରାଯାଇଥିଲେ ଆଜି ପରୀକ୍ଷା କରିବାକୁ ଭୟ ହୋଇ ନ ଥାଆନ୍ତା।

ଅନୁରୂପ ଭାବେ ଆମେରିକାରେ ରାଜନୀତିକୁ ପଛରେ ଥୋଇ ଟ୍ରମ୍ପ୍ ଦେଶବାସୀଙ୍କ ସୁରକ୍ଷାକୁ ଅଗ୍ରାଧିକାର ଦେଇପାରିଥାଆନ୍ତେ। ସେହିଭଳି ଇଟାଲୀ, ବ୍ରିଟେନ ଓ ସ୍ପେନ୍ ଭଳି ରାଷ୍ଟ୍ର କରୋନା ଭୂତାଣୁକୁ ହେୟ ଭାବି ନ ଥିଲେ ପରିସ୍ଥିତି ନିୟନ୍ତ୍ରଣ ମଧ୍ୟରେ ରହିପାରିଥାଆନ୍ତା। କିନ୍ତୁ ତାହା ହୋଇପାରିଲା ନାହିଁ।

ବିଶ୍ୱ ପ୍ରେକ୍ଷାପଟକୁ ଦେଖିଲେ ଜି-୨୦ ରାଷ୍ଟ୍ରଗୁଡ଼ିକ କରୋନା ଭାଇରସ୍‌ର ମୁକାବିଲା ଲାଗି ସମ୍ମିଳିତ ଯୁଦ୍ଧ କରିବା ଲାଗି ପ୍ରତିଜ୍ଞାବଦ୍ଧ ହେବାର ଥିଲା। ମାତ୍ର ଭର୍ଚୁଆଲ ବୈଠକରେ ଯୋଡ଼ି ହୋଇଥିବା ରାଷ୍ଟ୍ର କେବଳ ନାମକୁ ମାତ୍ର ଏ ସଂକ୍ରାନ୍ତରେ ଆଲୋଚନା କରିଛନ୍ତି। ଭାଇରସ୍ ଯୋଗୁ ବିଶ୍ୱ ଅର୍ଥନୀତି କ୍ଷତିଗ୍ରସ୍ତ ହୋଇଥିବାରୁ ତାହାକୁ ଭରଣା କରିବା ସକାଶେ ବିଶ୍ୱ ନେତାଗଣ କେବଳ ୫ ଟ୍ରିଲିୟନ୍ ଡଲାର ଆର୍ଥିକ ପ୍ୟାକେଜ ବିଷୟରେ ରାଜି ହୋଇଛନ୍ତି। ବାସ୍ତବରେ ଏହି ଭୂତାଣୁର ମୂଳୋତ୍ପାଟନ କରିବା ସକାଶେ କେଉଁଭଳି ବୈଜ୍ଞାନିକ ଗବେଷଣା ଓ ଔଷଧ ବାହାର କରାଯାଇପାରିବ, ତାହା ଉପରେ ବିଚାରବିମର୍ଶ କରା ନ ଯିବା ସାମୂହିକ ବିଶ୍ୱ ନେତୃତ୍ୱର ବିଫଳତା ଏବଂ ଅପାରଗତାକୁ ଦର୍ଶାଉଛି। କୌତୂହଳର ବିଷୟ ଯେ, ଏହି ବୈଠକରେ ଭୂତାଣୁର ଜନ୍ମଦାତା ଚାଇନାକୁ ଅନେକେ ପ୍ରଶଂସା କରିଛନ୍ତି। ଚୋରକୁ ପ୍ରଶଂସା କରିବା ପଛରେ କି ସ୍ୱାର୍ଥ ନିହିତ ଅଛି ତାହା ସେହି ନେତାମାନଙ୍କୁ ଜଣା। କରୋନା ଭୂତାଣୁ ପ୍ରତ୍ୟେକ ଦେଶ ପାଇଁ ଅଗ୍ନିପରୀକ୍ଷା ସଦୃଶ ଉଭା ହୋଇଥିବା ବେଳେ ଅଳ୍ପ ନେତାଙ୍କୁ ଛାଡ଼ିଦେଲେ ଅନେକେ ପରୀକ୍ଷାରେ ଅସଫଳ ହୋଇଥିବା ପରି ମନେହେଉଛି।

# କରୋନା ବନାମ ବିଶ୍ୱଗ୍ରାମ ଯୋଜନା



ଡ. ପ୍ରଫୁଲ୍ଲ କୁମାର ସାହୁ

ଜ୍ଞାନବିଜ୍ଞାନର ଦ୍ରୁତ ବିକାଶ ଫଳରେ ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ ମଣିଷ ପାଇଛି ଅଭୂତପୂର୍ବ ସଫଳତା। ମାତ୍ର ବିଶ୍ୱବ୍ୟାପୀ ବିଶେଷଜ୍ଞମାନଙ୍କ ନିରବଚ୍ଛିନ୍ନ ଓ ନିଷ୍ପାପର ଉଦ୍ୟମ ସତ୍ତ୍ୱେ ଥମିବାର ନାଁ ଧରୁନି କରୋନା ସଂକ୍ରମଣ। ଯେଉଁ ଆମେରିକାର ଧମକରେ ଥରହର ହୁଏ ସମଗ୍ର ବିଶ୍ୱ, ସେଭଳି ଶକ୍ତିଶାଳୀ ରାଷ୍ଟ୍ର ବି ଆଜି ଖୋଜିପାଉନି କରୋନା ସଂକ୍ରମଣରୁ ବର୍ତ୍ତିବାର ଉପାୟ। ଅର୍ଥାତ୍ କରୋନା ଆଗରେ ଏଯାବତ ହାର ମାନିଛି ଜ୍ଞାନଗରିମା, ଅର୍ଥ ଓ ପ୍ରତିପତ୍ତି। ସେଥିପାଇଁ ସାରା ବିଶ୍ୱରେ ଏବେ ସେହି ଗୋଟିଏ ଆତଙ୍କ କରୋନା ଭାଇରସ୍ ବା କୋଭିଡ-୧୯। ଏହା କେଉଁଠୁ ବାହାରିଲା, କେମିତି ବ୍ୟାପିଲା, କେଉଁ ଦେଶରେ ସଂକ୍ରମଣ ହାର କେତେ ବଢ଼ିଲା ଓ କେଉଁଠି କି ପ୍ରକାର ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରାଗଲା ଆଦି ତଥ୍ୟକୁ ନେଇ ଏବେ ଅତିମାତ୍ରାରେ ସକ୍ରିୟ ଅଛି ଗଣମାଧ୍ୟମ। ତଥ୍ୟ କହେ, ଗତ ଡିସେମ୍ବରରେ ଚାଇନାର ଉହାନ ପ୍ରଦେଶରୁ ଆରମ୍ଭ ହୋଇଥିବା କରୋନାକୁ ଆବିଷ୍କାର କରିଥିଲେ ଜଣେ ବିଶେଷଜ୍ଞ ଡାକ୍ତର। ଏଥିରେ ଆକ୍ରାନ୍ତ ହୋଇଥିବା ରୋଗୀଙ୍କୁ ଡାକ୍ତର ଜଣକ ସେବା ଯୋଗାଇ ଦେଇଥିଲେ ନିଜ ଜୀବନକୁ ବାଜି ଲଗେଇ। ଦୁର୍ଭାଗ୍ୟର ବିଷୟ ସଂକ୍ରମଣର ଶିକାର ହୋଇ ପ୍ରାଣ ହରାଇଥିଲେ ଉତ୍ସର୍ଗୀକୃତ ସେବା ଯୋଗାଇ ଦେଇଥିବା ଡାକ୍ତର ଜଣକ। ଅନ୍ୟ କେଉଁ ଦେଶ ହୋଇଥିଲେ ସେଭଳି ଡାକ୍ତରଙ୍କ ଉପରେ ଅଜାଡି ହୋଇ ପଡିଥାନ୍ତା ପ୍ରଶଂସା ଓ ସହାନୁଭୂତି। ତାଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ଆଗେଇ ଆସିଥାନ୍ତା ରାଷ୍ଟ୍ର। ମାତ୍ର ଏସବୁ ତ ଦୂରର କଥା ଚିକିତ୍ସା କରୁଥିବା ବେଳେ ଘଟଣା ପ୍ରଘଟ ନ କରିବା ପାଇଁ ତାଙ୍କ ଉପରେ କଟକଣା ଜାରି କରିଥିଲେ ଚାଇନା ସରକାର।

ସାଧାରଣତଃ ଗଣତାନ୍ତ୍ରିକ ରାଷ୍ଟ୍ରରେ ଜଣେ କେହି ଅନାହାରରେ ମରିଗଲେ ସାରା ଦେଶରେ ସୃଷ୍ଟି ହୁଏ କମ୍ପନ। ଆରମ୍ଭ ହୋଇଯାଏ ସରକାର ଓ ବିରୋଧୀଙ୍କ ଭିତରେ ଲଢେଇ। ମାତ୍ର ଚାଇନା ଭଳି କମ୍ୟୁନିଷ୍ଟ ରାଷ୍ଟ୍ରରେ ଶହ ଶହ ଲୋକ ସଂକ୍ରମଣରେ ମରିଗଲେ ବି ବାହାରକୁ ପ୍ରକାଶ ପାଏନି ତଥ୍ୟ। କାରଣ ଗଣତାନ୍ତ୍ରିକ ରାଷ୍ଟ୍ରରେ ଖବର ପ୍ରକାଶ କରିବା ପାଇଁ ଗଣମାଧ୍ୟମ ଯେମିତି ତତ୍ପର, ସେଠାରେ ଖବର ଘୋଡ଼ାଇବା ପାଇଁ ସରକାର ସେତିକି ସକ୍ରିୟ। ଏ କଥା କିନ୍ତୁ ସତ୍ୟ ଯେ ଅତ୍ୟାଧୁନିକ ଜ୍ଞାନକୌଶଳ ଓ ଆର୍ଥିକ ଦୃଷ୍ଟିରୁ ଚାଇନା ଏକ ଶକ୍ତିଶାଳୀ ରାଷ୍ଟ୍ର। ସେହି କାରଣରୁ ତା'ର ସମସ୍ତ ମାନବ ସମାଜକୁ ବିନିଯୋଗ କରି ସେ ମାରାତ୍ମକ କରୋନା ଭୂତାଣୁ ସଂକ୍ରମଣକୁ ନିୟନ୍ତ୍ରଣ କରିପାରିଛି ବହୁମାତ୍ରାରେ। ବାସ୍ତବରେ ସେଠାରେ କରୋନା ଯେଭଳି ବ୍ୟାପକ ରୂପ ଧାରଣ କରିଥିଲା, ତାହା ଅନ୍ୟ କେଉଁ ଦୁର୍ବଳ ଦେଶ ହୋଇଥିଲେ ତାକୁ କେବେ ନିୟନ୍ତ୍ରଣକୁ ଆଣି ପାରି ନ ଥାନ୍ତା। ସେ ଯାହା ବି ହେଉ କରୋନାର ଉତ୍ପତ୍ତି ସ୍ଥଳ ଚାଇନାରେ ଏହା କିଛି ପରିମାଣରେ ନିୟନ୍ତ୍ରଣକୁ ଆସିଥିବା ବେଳେ ତାହା ଉଗ୍ରରୂପ ଧାରଣ କରୁଛି ଅନ୍ୟାନ୍ୟ ରାଷ୍ଟ୍ରରେ। ପରିସ୍ଥିତି ସବୁଠୁ ଜଟିଳ ହୋଇପଡିଛି ଇଟାଲୀରେ।

କରୋନା ବିରୋଧରେ ଏବେ ସାରା ବିଶ୍ୱରେ ଆରମ୍ଭ ହୋଇଯାଇଛି ଯୁଦ୍ଧ। ଚାଲିଛି ମିଳିତ ଚକ୍ରବ୍ୟୂହ ରଚନା। ମାତ୍ର କରୋନାକୁ ନିରସ୍ତ୍ର କରିବା ପାଇଁ ବିଶ୍ୱର କୌଣସି ଦେଶ ଏଯାଏ ପାଇନି ସଫଳତା। ଅର୍ଥାତ ଏକ ଭୂତାଣୁ ଆଗରେ ଅସହାୟ ହୋଇପଡିଛି ସର୍ବଶକ୍ତିମାନ ମଣିଷ। କେବଳ ଭୂତାଣୁ ସଂକ୍ରମଣରୁ ବର୍ତ୍ତିବା ପାଇଁ କରୋନା ପୀଡ଼ିତ ରାଷ୍ଟ୍ରଗୁଡିକ ଗ୍ରହଣ କରିଛନ୍ତି ସ୍ୱଚ୍ଛତା ଓ ସଚେତନତା ରୂପକ ପ୍ରାରମ୍ଭିକ ରଣନୀତି। ଭୂତାଣୁ ଓ ମଣିଷ ଭିତରେ ଆରମ୍ଭ ହୋଇଥିବା ଏ ବିଶ୍ୱ ଯୁଦ୍ଧରେ ମଣିଷର ଜିତାପଟ ହୋଇପାରେ, ମାତ୍ର ଏହା କେତେ ଦିନ ଚାଲିବ ଓ ମଣିଷକୁ କେତେ ମୂଲ୍ୟ ଦେବାକୁ ପଡ଼ିବ,ତାହା ଅନୁମାନ ଓ ଆକଳନ ବାହାରେ।

ବିଡମ୍ବନାର ବିଷୟ ହେଉଛି ଏକବିଂଶ ଶତାବ୍ଦୀର ଏହି ଦୁଃଖଦାୟକ ଘଟଣାର ଅନ୍ତ କେମିତି ହେବ,ତାହା ମଣିଷ ସମାଜ ଆଗରେ ଏକ ବିରାଟ ପ୍ରଶ୍ନବାଚୀ ହୋଇ ଉଭା ହୋଇଥିବା ବେଳେ କରୋନା ଉପରେ ସମ୍ଭାବ୍ୟ ବିଷୟକୁ ନେଇ ଦେଶ ଦେଶ ଭିତରେ ଆରମ୍ଭ ହୋଇଗଲାଣି ବିବାଦ। କଥାରେ ଅଛି 'ଆବଶ୍ୟକତା ହିଁ ଉଦ୍ଭାବନର ଜନନୀ'। ତେଣୁ କରୋନା ଭାଇରସ୍‌ର ପ୍ରତିଷେଧକ ଟିକା ବିକଶିତ କରିବା ଦିଗରେ ପ୍ରତିଯୋଗିତା ଏକ ଶୁଭ ଲକ୍ଷଣ। ମାତ୍ର ଏଭଳି ସଙ୍କଟ ବେଳେ କୌଣସି ଉନ୍ନତ ରାଷ୍ଟ୍ର ଯଦି ନିଜର ବ୍ୟବସାୟିକ ବୁଦ୍ଧି ପ୍ରୟୋଗ କରି ଅଯୁତ କୋଟି ଡଲାର ରୋଜଗାର ମତଲବରେ ରହନ୍ତି, ତାହା କରୋନା ଭାଇରସ୍‌ଠାରୁ ବି ଭୟଙ୍କର।

ତୁଳନାତ୍ମକ ଭାବରେ ଭାରତରେ କରୋନା ସଂକ୍ରମଣ ଏତେ ଭୟଙ୍କର ହୋଇ ନ ଥିଲେ ମଧ୍ୟ ଭାରତ ସରକାରଙ୍କ ପକ୍ଷରୁ ଏହାକୁ ଜାତୀୟ ବିପତ୍ତି ବୋଲି ଘୋଷଣା ହେବା ସହିତ ଗ୍ରହଣ କରାଯାଇଛି ବ୍ୟାପକ ସତର୍କତାମୂଳକ ପଦକ୍ଷେପ। କାରଣ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଭାରତ ଅନ୍ୟାନ୍ୟ ରାଷ୍ଟ୍ରଠାରୁ ଦୁର୍ବଳ। ବିଶ୍ୱବ୍ୟାଙ୍କ ପକ୍ଷରୁ ପ୍ରକାଶିତ (୨୦୧୬) ଏକ ତଥ୍ୟ ଅନୁସାରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଭାରତର ବ୍ୟୟବରାଦ ହେଉଛି ମୋଟ ବଜେଟର ମାତ୍ର ୩.୧୪ ପ୍ରତିଶତ। ଏହି ସମୟରେ ଏହା ଚାଇନାରେ ୯.୦୫ ହୋଇଥିବା ବେଳେ ଇଟାଲୀରେ ୧୩.୪୭ ପ୍ରତିଶତ।

ସବୁଠାରୁ ଉଦ୍‌ବେଗର ବିଷୟ ହେଉଛି ଭାରତରେ ଟିକା, ଔଷଧ ଓ ଚିକିତ୍ସା ଉପକରଣ ଶିଳ୍ପ ନିର୍ଭର କରେ ଚାଇନାର କଞ୍ଚାମାଲ ଉପରେ। ଚାଇନାର ବିପତ୍ତି ଓ ବାଣିଜ୍ୟ କଟକଣା ଯଦି ଜାରି ରହେ ତେବେ ଗୁରୁତର ଭାବେ ପ୍ରଭାବିତ ହେବ ଭାରତର ଔଷଧ ଶିଳ୍ପ। ଏହି ସବୁ ଦିଗକୁ ବିଚାରକରି ଘାତକ କରୋନା ବିରୋଧରେ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିଛନ୍ତି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର। ଏଯାବତ କରୋନାର ପ୍ରତିଷେଧକ ଟିକା ବାହାରି ନ ଥିବାରୁ ସଚେତନତା ଓ ସଂଯମକୁ ସର୍ବୋତ୍ତମ ପ୍ରତିଷେଧକ ଭାବରେ ଗ୍ରହଣ କରିନେବା ଉଚିତ ଏବଂ ଏହା ଭଲ ଭାବେ ଉପଲବ୍ଧି କରିସାରିଛନ୍ତି ଭାରତର ଜନସାଧାରଣ। ଏହାକୁ ଦୃଷ୍ଟିରେ ରଖି ସାଧାରଣ ଜୀବନଯାତ୍ରା ଉପରେ କଟକଣା ଜାରି ହୋଇଛି ଏବଂ ଏହାଦ୍ୱାରା ସୃଷ୍ଟି ହୋଇଛି କିଛି ଅତିରିକ୍ତ ସଂକଟ। ଏପ୍ରିଲ ପନ୍ଦର ପର୍ଯ୍ୟନ୍ତ ବଢ଼ାଇ ଦିଆଯାଇଛି ଲକ୍‌ଡାଉନ୍ ଅବଧି। ଆପାତକାଳୀନ ବ୍ୟବସ୍ଥା ପାଇଁ ଏହା ଏକମାତ୍ର ଉପାୟ ହୋଇପାରେ, ମାତ୍ର ଏହି ଅବଧି ମଧ୍ୟରେ ସରକାର ଦିନ ମଜୁରିଆ ଓ ଅନ୍ୟାନ୍ୟ ଖଟିଖିଆ ଲୋକଙ୍କ ପ୍ରତି ଦୃଷ୍ଟି ନ ଦେଲେ ସେମାନଙ୍କ ପାଇଁ ଚମତ୍କାର ହୋଇପଡ଼ିବ ଖାଦ୍ୟଚିନ୍ତା।

କରୋନା ସଂକ୍ରମଣରୁ ରକ୍ଷା ପାଇବା ପାଇଁ ସବୁ ଦେଶ ଏବେ ଗ୍ରହଣ କରିନେଇଛି ସଙ୍ଗରୋଧ ନୀତି। କରୋନାକୁ ନେଇ ନିଜ ନିଜ ସୀମାକୁ ଆବଦ୍ଧ କରି ସାରିଲେଣି ସବୁ ଦେଶ। ସୀମାପାର ଯାତାୟାତ ଓ ଆମଦାନୀ ରପ୍ତାନି ଉପରେ ଲାଗିଲାଣି କଟକଣା। ସାଂଘାତିକ ଭାବରେ ପ୍ରଭାବିତ ହେଲାଣି ବିଶ୍ୱ ବାଣିଜ୍ୟ ଓ ଅର୍ଥନୀତି। ଏହି ସଙ୍ଗରୋଧ ଫଳରେ ଜଗତୀକରଣଠାରୁ ଏକ ନିଃସଙ୍ଗ ବିଶ୍ୱ ଆଡ଼କୁ ଟାଣିହୋଇ ଯାଉଛି ପ୍ରତ୍ୟେକ ଦେଶ। ଏଭଳି ସ୍ଥିତିରେ ଭୌତିକ ଜଗତୀକରଣ ନୁହେଁ, ଭାରତୀୟମାନେ କହି ଆସିଥିବା ଆତ୍ମିକ ବିଶ୍ୱାୟନର ମହତ୍ତ୍ୱ ଉପଲବ୍ଧି କରୁଛି ବିଶ୍ୱ। ଆଲିଙ୍ଗନ ଓ କରମର୍ଦ୍ଦନ ବଦଳରେ ନମସ୍କାରକୁ ଭକ୍ତି ଓ ସମ୍ମାନର ପ୍ରତୀକ ଭାବେ ଗ୍ରହଣ କରିଆସିଛି ଭାରତୀୟ ସଂସ୍କୃତି। ତାକୁ ଅସ୍ପୃଶ୍ୟତାର ପ୍ରତୀକ କହି ନାକ ଟେକୁଥିବା ପାଶ୍ଚାତ୍ୟବାସୀ ଆଜି ମର୍ମେ ମର୍ମେ ଅନୁଭବ କରୁଛନ୍ତି ହାତଯୋଡ଼ି ନମସ୍କାର କରିବାର ମହତ୍ତ୍ୱ। ଭାରତୀୟ ସଂସ୍କୃତି କହେ, 'ମୋ ଜୀବନ ପଛେ ନର୍କେ ପଡ଼ିଥାଉ ଜଗତ ଉଦ୍ଧାର ହେଉ।' ଏବେ ଏହି ମନ୍ତ୍ରକୁ ଏକ ଆହ୍ୱାନ ଭାବେ ଗ୍ରହଣ କରି ରୋଗୀସେବା କରୁଛନ୍ତି ଡାକ୍ତରମାନେ। ଜୀବନକୁ ବାଜି ଲଗାଇ ରଣାଙ୍ଗନର ସୈନିକ ପରି ସେମାନେ ଲଢ଼ି ଚାଲିଛନ୍ତି କରୋନା ବିରୋଧରେ। ବିବିଧତା ମଧ୍ୟରେ ଏକତା ହିଁ ଭାରତର ଶକ୍ତି ଓ ସଂହତି। ଜାତୀୟ ସ୍ୱାର୍ଥ ତଥା ଦେଶ ଓ ବିଶ୍ୱବାସୀଙ୍କ କଲ୍ୟାଣ ପାଇଁ ଦଳଗତ ନିର୍ବିଶେଷରେ ଭାରତବାସୀ ଏବେ ଯେଉଁ ଏକତା ଓ ସଂହତି ପ୍ରଦର୍ଶନ କରିଛନ୍ତି, ସେଥିରେ ଚକିତ ହୋଇଛି ବିଶ୍ୱ।

ରୋଗ ହେଉ ବା ଯୁଦ୍ଧ, ଏହା କେବଳ ନିର୍ଦ୍ଦିଷ୍ଟ ଲୋକଙ୍କୁ ପ୍ରଭାବିତ କରେନି, ବରଂ ଏଥିରେ ପ୍ରଭାବିତ ହୁଏ ସମଗ୍ର ଦେଶ ଓ ମଣିଷ ଜାତି। ବିଶ୍ୱତାପନ ଯୋଗୁ ବିସ୍ତୀର୍ଣ୍ଣ ବରଫାବୃତ ମହାଦେଶରେ ଜଳପ୍ଳାବନ ସୃଷ୍ଟି ହେବା ସହ ହଜାର ହଜାର ବର୍ଷ ଧରି ହିମଖଣ୍ଡରେ ଲୁଚି ରହିଥିବା ଜୀବାଣୁ, ଭୂତାଣୁମାନେ ସାରା ବିଶ୍ୱକୁ ଆକ୍ରାନ୍ତ କରିବା ନେଇ ବୈଜ୍ଞାନିକମାନେ ଯେଉଁ ସତର୍କ ବାଣୀ ଶୁଣାଇଥିଲେ , ସେ ସମୟ ବୋଧହୁଏ ଉପନୀତ। ଏଭଳି ସ୍ଥିତିରେ ଭୟଭୀତ ନ ହୋଇ ସତର୍କତାର ସହ କରୋନାର ମୁକାବିଲା ନିମନ୍ତେ ସାହସ ସଞ୍ଚୟ କରିବା ସବୁଠାରୁ ବଡ଼କାମ।

ଅଧ୍ୟକ୍ଷ, ଫୁଲମତୀ ହେମ୍ବ୍ରମ ମହାବିଦ୍ୟାଳୟ, ପଡ଼ିଆବେଡ଼ା, ମୟୂରଭଞ୍ଜ ମୋ-୯୪୩୮୮୫୫୦୮୮

# ଜଙ୍ଗଲର କୋହ

ଅଂଶୁମାନ ଦାଶ

ସଂପ୍ରତି ଅଷ୍ଟ୍ରେଲିଆ ମହାଦେଶରେ ବିସ୍ତୀର୍ଣ୍ଣ ଜଙ୍ଗଲ ଅଞ୍ଚଳ ଅଗ୍ନିର ପ୍ରକୋପରେ ଧ୍ୱଂସ ହେଉଥିବାର ଘଟଣା ସାରା ବିଶ୍ୱ ପାଇଁ ଉତ୍କଟ ଚିନ୍ତାର କାରଣ ହୋଇଛି। ଗତ ଅକ୍ଟୋବରରେ ଆରମ୍ଭ ହୋଇଥିବା ଏହି ବିପର୍ଯ୍ୟୟକୁ ବର୍ତ୍ତମାନ ସୁଦ୍ଧା ସମ୍ପୂର୍ଣ୍ଣ ରୂପେ ମୁକାବିଲା କରାଯାଇପାରି ନାହିଁ। ଏହି ନିଆଁର ପ୍ରଭାବରେ ୩୩ ଜଣ ଲୋକ ପ୍ରାଣ ହରାଇବା ସହ ୧୦୦ କୋଟି ପର୍ଯ୍ୟନ୍ତ ଜଙ୍ଗଲ ପ୍ରାଣୀଙ୍କ ଜୀବନ ଯାଇଥିବା ଅନୁମାନ କରାଯାଉଛି। ଏଥିରେ୨,୫୦୦ ଘର ନଷ୍ଟ ହେବା ସହ ୧,୧୭,୦୦୦ ବର୍ଗ କିଲୋମିଟର ପାଖାପାଖି ଜାଗା ଜଳି ପାଉଁଶ ହୋଇଯାଇଛି। ସ୍ଥାନୀୟ ସାଧାରଣ ନାଗରିକ ଓ ଟୁରିଷ୍ଟମାନଙ୍କୁ କ୍ଷତିଗ୍ରସ୍ତ ଅଞ୍ଚଳରୁ ଉଦ୍ଧାର କରାଯାଇ ସେଠାକୁ ପୁନଃ ପ୍ରବେଶ ନିମନ୍ତେ ବାରଣ କରାଯାଇଛି। ଏହି ଅଗ୍ନିର ଧୂଆଁ ପଡ଼ୋଶୀ ନିଉଜିଲାଣ୍ଡ୍ ଦେଶରେ ଥିବା ଗ୍ଲାସିୟର୍‌କୁ ବାଦାମୀ ରଙ୍ଗରେ ପରିବର୍ତ୍ତନ କରିଛି ଏବଂ ପ୍ରଶାନ୍ତ ମହାସାଗର ପଥରେ ୧୧,୦୦୦ କିଲୋମିଟର ଅତିକ୍ରମ କରି ଦକ୍ଷିଣ ଆମେରିକାର ଚିଲି ଦେଶର ଆକାଶରେ ମଧ୍ୟ ଦେଖିବାକୁ ମିଳିଛି। ଏଭଳି ପରିସ୍ଥିତି ବିଶ୍ୱତାପନ, ପାଣିପାଗ ପରିବର୍ତ୍ତନ ଓ ପର୍ଯ୍ୟାବରଣର ସମସ୍ୟାକୁ ଅଧିକ ଜଟିଳ କରିଛି। ସେଠାରେ ଏହି ଗ୍ରୀଷ୍ମରେ ତାପମାତ୍ରା ସର୍ବାଧିକ ବୃଦ୍ଧି ପାଇଥିବା ଲକ୍ଷ୍ୟ କରାଯାଇଥିଲା। ପ୍ରତ୍ୟକ୍ଷ ଓ ପରୋକ୍ଷ ରୂପେ ହୋଇଥିବା କ୍ଷୟକ୍ଷତି କେବଳ ଅଷ୍ଟ୍ରେଲିଆ ନୁହେଁ, ବରଂ ପ୍ରକୃତି ପାଇଁ ଆକଳନର ବାହାରେ। ଏପରି ସ୍ଥିତିରେ ଆଶାନୁରୂପ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ଯାଇ ନ ଥିବାକୁ ନେଇ ପରିବେଶବିତ୍‌ମାନେ ଅଷ୍ଟ୍ରେଲିଆ ସରକାରଙ୍କୁ ସମାଲୋଚନା କରିଛନ୍ତି। ଏହି ଅବଧି ମଧ୍ୟରେ ଅଷ୍ଟ୍ରେଲିଆ ସରକାର ସେଠାରେ ଗଚ୍ଛିତ ଥିବା କୋଇଲା ଖଣି ଉତ୍ତୋଳନ ନିମନ୍ତେ ଭାରତୀୟ ଉଦ୍ୟୋଗ ଆଦାନି ଗ୍ରୁପ୍‌କୁ ଅନୁମତି ଦେବା ସ୍ଥାନୀୟ ଜନତାଙ୍କ ଅସନ୍ତୋଷର କାରଣ ହୋଇଥିଲା। ଏହା ପ୍ରକୃତିର ଶୋଷଣ ସହ କୋଇଲା ଦହନରୁ ପରିବେଶକୁ ହେଉଥିବା କ୍ଷତି ଏବଂ ମାତ୍ରାଧିକ କୋଇଲା ରପ୍ତାନିର ଜାହାଜ ଦ୍ୱାରା ଦଖଲରେ ରହୁଥିବା ଭାରତ ମହାସାଗରର ଇକୋ ସିଷ୍ଟମ୍‌ର ବଳୟ ଉପରେ ପଡୁଥିବା ପ୍ରଭାବକୁ ନେଇ ସେମାନେ ଉଦ୍‌ବେଗ ପ୍ରକାଶ କରିଥିଲେ।

ନିଜ ବାସସ୍ଥାନ ହରାଇ ଜଙ୍ଗଲ ନିଆଁରେ ଆଘାତପ୍ରାପ୍ତ ହୋଇ ଅନେକ ନିରୀହ ପ୍ରାଣୀଙ୍କ ଅର୍ଦ୍ଧଦଗ୍ଧ ଶରୀର ତଥା ଆର୍ତ୍ତ ଯନ୍ତ୍ରଣାରେ ଜର୍ଜରିତ ସ୍ଥିତିର ବାସ୍ତବ ପ୍ରତିଛବି ସୋସିଆଲ୍ ମିଡିଆରେ ଭାଇରାଲ୍ ହୋଇଥିଲା। ହେଲିକପ୍ଟର୍ ମାଧ୍ୟମରେ ଜଙ୍ଗଲରେ ଫସିଥିବା ପଶୁମାନଙ୍କ କ୍ଷୁଧା ନିବାରଣ ପାଇଁ ଗାଜର ଓ ଅନ୍ୟାନ୍ୟ ସବୁଜ ପରିବା ଫିଙ୍ଗା ଯାଇଥିଲା, ଯାହାକୁ ସେମାନେ ଧରି ଖାଉଥିବା ଦେଖିବାକୁ ମିଳିଥିଲା।

ଅଗ୍ନି ନିର୍ବାପନ ନିମନ୍ତେ ଅନେକ ସାଧାରଣ ବ୍ୟକ୍ତି ମଧ୍ୟ ସ୍ୱୟଂସେବକ ରୂପେ ଯୋଗ ଦେଇଥିଲେ, ଯାହା କି ସ୍ୱାଗତଯୋଗ୍ୟ। ଅନେକ ଦେଶ ଅଗ୍ନି ନିର୍ବାପକର ଆଧୁନିକ ଗାଡି, ତାଲିମ୍‌ପ୍ରାପ୍ତ ଲୋକବଳ ଓ ଉପଯୁକ୍ତ ଫଣ୍ଡିଂ ମାଧ୍ୟମରେ ସହଯୋଗର ହାତ ବଢାଇଥିଲେ। ନିଆଁ ଲିଭାଇବା ପାଇଁ ଉଡାଜାହାଜରେ ପାଣି ବହନ କରି ଆକାଶ ମାର୍ଗରୁ ସିଞ୍ଚନ କରିବା ସମୟରେ ଦୁର୍ଭାଗ୍ୟବଶତଃ ଦୁର୍ଘଟଣା ଘଟିବାରୁ ୩ ଜଣ ଆମେରିକୀୟ କର୍ମୀଙ୍କ ପ୍ରାଣହାନି ହୋଇଥିଲା।

ଅପବୃଷ୍ଟି ଏହି ବିପର୍ଯ୍ୟୟକୁ ଅଧିକ ଗୁରୁତର କରିଥିଲା। ଅଗ୍ନିର ପରିସୀମା ବଢି ବଢି ଯାଇଥିଲା ଏବଂ ନିଆଁ ଲିଭାଇବା ପାଇଁ ଜଳ ବିନିଯୋଗ ପରେ ଅଷ୍ଟ୍ରେଲିଆରେ ଉତ୍କଟ ଜଳାଭାବ ଦେଖା ଦେଇଥିଲା। ମରୁଡ଼ି ଭଳି ପରିସ୍ଥିତିରୁ ବର୍ତ୍ତିବା ପାଇଁ ଅଷ୍ଟ୍ରେଲିଆ ସରକାରଙ୍କୁ ୫,୦୦୦ରୁ ଊର୍ଦ୍ଧ୍ୱ ଓଟଙ୍କୁ ଗୁଳିକରି ମାରିବାକୁ ପଡିଥିଲା। ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଓ ଦୁଃଖଦ। ସେମାନଙ୍କ ଯୁକ୍ତି ଥିଲା ଓଟମାନେ ମାତ୍ରାଧିକ ପାଣି ପିଇବା ସହ ସମୟ ସମୟରେ ଜଳାଶୟରେ ପଡି ମୃତ୍ୟୁମୁଖରେ ପଡ଼ିଥାନ୍ତି ଓ ଉକ୍ତ ଜଳାଶୟକୁ ଦୂଷିତ ତଥା ବ୍ୟବହାର ଅନୁପଯୋଗୀ କରିଥାନ୍ତି।

ବିଗତ ବର୍ଷ ଦକ୍ଷିଣ ଆମେରିକାରେ ଆମାଜନ୍ ରେନ୍ ଫରେଷ୍ଟରେ ନିଆଁ ଲାଗି ବ୍ୟାପକ କ୍ଷତି ଘଟିଥିଲା। ପୃଥିବୀର ଫୁସ୍‌ଫୁସ୍ କୁହାଯାଉଥିବା ଏହି ଆମାଜନ୍ ଜଙ୍ଗଲ ଏକ ରେନ୍ ଫରେଷ୍ଟ ହୋଇଥିବା ସତ୍ତ୍ୱେ ନିଆଁ ଦ୍ୱାରା ଦୀର୍ଘଦିନ ପର୍ଯ୍ୟନ୍ତ କବଳିତ ରହିଲା। ଘଡ଼ଘଡ଼ି ବିଜୁଳି ତଥା ଝଡ଼ ସମୟରେ ଡାଳ ଡାଳ ଘର୍ଷଣ ଯୋଗୁ ନିଆଁ ଲାଗିବାର ପ୍ରାକୃତିକ କାରଣ ବ୍ୟତୀତ ଦୁଇଟି କାରଣକୁ ଏହି ଜଙ୍ଗଲ ନିଆଁ ପାଇଁ ଅନୁମାନ କରାଯିବା ସ୍ୱାଭାବିକ୍। ପ୍ରଥମତଃ ମନୁଷ୍ୟକୃତ କାର୍ଯ୍ୟକଳାପ ଏହି ନିଆଁକୁ ପ୍ରଶ୍ରୟ ଦେଇଛି। ଜଙ୍ଗଲ ଭୂଇଁରେ ଚାଷ କାର୍ଯ୍ୟ ଓ ଗୋରୁମାନଙ୍କ ପାଇଁ ଚରାଭୂଇଁର ସୃଷ୍ଟି ନିମନ୍ତେ ନିଆଁ ଲଗାଇ ଗଛ ପଦା କରିବା ସମୟରେ ତାହା ଜଟିଳ ରୂପ ନେଇ ବ୍ୟାପି ଥିବା ସମ୍ଭବ। ଦ୍ୱିତୀୟରେ ସହରୀକରଣ, ଖଣି ଉତ୍ତୋଳନ, ରାସ୍ତା ନିର୍ମାଣ, ଡ୍ୟାମ୍‌ନିର୍ମାଣ ଆଦି କାର୍ଯ୍ୟକଳାପ ଯୋଗୁ ଦୀର୍ଘଦିନରୁ ହୋଇ ଆସୁଥିବା ଜଙ୍ଗଲ ନଷ୍ଟର ଧାରା ପ୍ରାକୃତିକ ସନ୍ତୁଳନକୁ ବିଗାଡ଼ି ଦେଇଛି। ଆଲୋକ ସଂଶ୍ଳେଷଣ ପ୍ରକ୍ରିୟାରେ ବୃକ୍ଷଗୁଡ଼ିକ ପତ୍ରରୁ ନିର୍ଗତ ଜଳୀୟବାଷ୍ପ ବୃଷ୍ଟିପାତରେ ସହାୟକ ହୋଇଥାଏ। ଜଙ୍ଗଲ ହ୍ରାସ ଯୋଗୁ ବୃଷ୍ଟିପାତରେ ଅନିୟମିତତା ପରିଲକ୍ଷିତ ହୋଇଛି। ସ୍ୱଳ୍ପ ବର୍ଷା ପ୍ରାକୃତିକ ଉପାୟରେ ନିଆଁ ଲିଭାଇବାରେ ଅସମର୍ଥ, ଯେଉଁଥିପାଇଁ ଆମାଜନ୍ ଜଙ୍ଗଲ ବା ଅଷ୍ଟ୍ରେଲିଆର ଜଙ୍ଗଲରେ ଲାଗିଥିବା ଅଗ୍ନି ଉଗ୍ରରୂପ ଧାରଣ କରିଥିଲା।

ଭବିଷ୍ୟତରେ ଏହିପରି ବିପର୍ଯ୍ୟୟର କଡ଼ା ମୁକାବିଲା ନିମନ୍ତେ ବିଶ୍ୱବାସୀ ପ୍ରସ୍ତୁତ ରହିଥିବା ଜରୁରୀ। ଜଙ୍ଗଲ କ୍ଷୟକୁ ରୋକିବା ସହ ନୂତନ ଜଙ୍ଗଲ ସୃଷ୍ଟିକୁ ଗୁରୁତ୍ୱ ଦେବା ଏବଂ ଉପଯୁକ୍ତ ଆଇନ୍ ବ୍ୟବସ୍ଥାର କାର୍ଯ୍ୟକାରିତା ତଥା ପ୍ରଯୁକ୍ତି ଜ୍ଞାନ କୌଶଳ ଦ୍ୱାରା ଜଙ୍ଗଲ ନିଆଁର ନିରୀକ୍ଷଣତାକୁ ପ୍ରାଧାନ୍ୟ ଦେବା ଅପରିହାର୍ଯ୍ୟ। ଏହାବ୍ୟତୀତ ଦେଶର ସରକାର ଉଚିତ ନୀତି ପ୍ରଣୟନ ଓ ପ୍ରଶାସନର ତତ୍ପରତା ଉପରେ ଧ୍ୟାନ ଦେବା ଆବଶ୍ୟକ। ଜଙ୍ଗଲର କୋହକୁ ମଣିଷ ସମାଜ ହୃଦୟଙ୍ଗମ କରିବା ସଭ୍ୟତାର ଅସ୍ତିତ୍ୱ ବଜାୟ ରଖିବା ନିମନ୍ତେ ଏକାନ୍ତ ଆବଶ୍ୟକ।

ଡେପୁଟି ମ୍ୟାନେଜର, ଏନ୍‌ଟିପିସି, ଭୁବନେଶ୍ୱର, ମୋ-୯୪୩୭୫୬୫୩୯୩

## ଏଇ ଭାରତରେ

ଅଭାବ ସେବା ପଥରେ ବାଧା ସାଜେନି ଯାହା ପ୍ରମାଣ କରିଛନ୍ତି ମହାରାଷ୍ଟ୍ରର ଇରାପ୍ପା ନାଏକ। ସେ ଅବହେଳିତ ପିଲାମାନଙ୍କ ପାଇଁ ଏକ ସ୍କୁଲ୍ ଖୋଲି ସେଠାରେ ୫୦୦ ପିଲାଙ୍କୁ ମାଗଣାରେ ପଢାଉଛନ୍ତି। ଇରାପ୍ପାଙ୍କୁ ବର୍ତ୍ତମାନ ବୟସ ୫୧। ସେ ୨୦ ବର୍ଷ କଠିନ ପରିଶ୍ରମ ବଳରେ ଟଙ୍କା ସଞ୍ଚୟ କରି ଏହି ସ୍କୁଲ୍ ଖୋଲିଛନ୍ତି। ଇରାପ୍ପା ପ୍ରଥମେ ୨୦୦୦ରେ ମହାରାଷ୍ଟ୍ରର ମିରାଜ ସହର ନିକଟରେ ୨୦ଜଣ ପିଲାଙ୍କୁ ନେଇ 'କ୍ରାନ୍ତିବୀର ଉମାଜୀ ନାଏକ ହାଇସ୍କୁଲ' ଖୋଲିଥିଲେ। ସ୍କୁଲ୍‌ରେ ପଢୁଥିବା ପିଲାମାନଙ୍କ ମଧ୍ୟରେ ଅଧିକାଂଶ ହେଉଛନ୍ତି ଦିନ ମଜୁରିଆ ଓ ବର୍ଜ୍ୟବସ୍ତୁ ଗୋଟାଉଥିବା ଲୋକଙ୍କ ପିଲା। ଇରାପ୍ପାଙ୍କ ମାତା ପିତା ଶ୍ରମିକ ଥିଲେ। ଅଭାବ ଯୋଗୁ ତାଙ୍କ ଦୁଇ ଭାଇ ପାଠ ଛାଡି ଦେଇ ଶମିକ ଭାବେ କାର୍ଯ୍ୟ କରି ଇରାପ୍ପାଙ୍କୁ ପଢାଇଛନ୍ତି। ଏହା ଫଳରେ ସେ ଜଣେ ଇଲେକ୍ଟ୍ରିକାଲ ଇଞ୍ଜିନିୟର ହୋଇପାରିଛନ୍ତି। ଭାଇମାନେ ତାଙ୍କୁ ପଢିବା ପାଇଁ ଟଙ୍କା ଯୋଗାଇଥିବାରୁ ସେ ଅଭାବୀ ପିଲାମାନଙ୍କୁ ପଢାଇବା ଲାଗି ଚାହିଁଥିଲେ ବୋଲି କହନ୍ତି ଇରାପ୍ପା। ସେ ଚାକିରି କରିଥିଲେ ଓ ତା' ଭିତରୁ ସମୟ ବାହାର କରି ପିଲାମାନଙ୍କୁ ପଢାଉଥିଲେ। ଏବେ ଚାକିରି ଛାଡି ଏହି କାର୍ଯ୍ୟର ଲାଗିଛନ୍ତି। ଏହି ସ୍କୁଲ୍‌ରେ ଏବେ ପାଖାପାଖି ୫୦୦ ପିଲା ମଗଣାରେ ପଢୁଛନ୍ତି। ସେ ପଢାଇବା ଲାଗି ଶିକ୍ଷକମାନଙ୍କୁ ବି ନିଯୁକ୍ତି ଦେଇଛନ୍ତି ଓ ସେମାନଙ୍କୁ ଦରମା ମଧ୍ୟ ଦେଉଛନ୍ତି। ପିଲାମାନଙ୍କୁ ୟୁନିଫର୍ମ ମଧ୍ୟ ଯୋଗାଇ ଦେଉଛନ୍ତି। ଉକ୍ତ ସ୍କୁଲ୍‌ରୁ ପାସ କରିଥିବା ପିଲାମାନେ ବିଭିନ୍ନ କ୍ଷେତ୍ରରେ ନିଯୁକ୍ତି ପାଇଛନ୍ତି ଓବ୍ୟବସାୟ କରୁଛନ୍ତି। ଏବେ ସେମାନେ ସ୍କୁଲକୁ ଅର୍ଥଦାନ କରୁଛନ୍ତି ,ଯାହାଫଳରେ ସ୍କୁଲ୍ ଚାଲିପାରୁଛି ବୋଲି କହନ୍ତି ଇରାପ୍ପା।

## ଚିରନ୍ତନୀ

ମୋ ମରମ କିପାଁ ସଚକିତ ଯେ
ଫଗୁଣ-ଜୋଛନା ତଳେ ମିତ ହେ!
ଯୌବନ ଛଳ ଛଳ ଧରଣୀ
ନୀଳ ଜଳେ ଭାସିଯାଏ ତରଣୀ
ଉନ୍ମନା ଆଜି ମୋର କରଣୀ
ନ ମାନଇ ଭାଷା ବନ୍ଧର ଗୀତ ସେ!

(ଫଗୁଣ ଜ୍ୟୋସ୍ନା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୩୧ ମାର୍ଚ୍ଚ ୧୯୯୫

- ଚାଇନାର କେନ୍ଦ୍ରୀୟ ହେନାନ ପ୍ରଦେଶରେ ଥିବା ଏକ କୋଇଲା ଖଣିରେ ବିସ୍ଫୋରଣ ଘଟି ୪୦ ଜଣଙ୍କ ମୃତ୍ୟୁ।
- ଏସିଆ ଓ ଆଫ୍ରିକା ଦେଶଗୁଡିକରେ ବାଳିକା ଶିଶୁମାନଙ୍କ ଶିକ୍ଷା ନିମନ୍ତେ ଆମେରିକା ପକ୍ଷରୁ ୧୦୦ ନିୟୁତ ଡଲାର ଅର୍ଥ ସାହାଯ୍ୟ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | B | | 5 | | | C | | | | 6 | 7 | 9 | | |
| | | 4 | A | | C | | | 0 | 9 | | E | D | | |
| | | 1 | | | | 8 | 5 | | | | C | 6 | | |
| | | 9 | D | | 4 | 3 | | | | A | 0 | 2 | | |
| | | 7 | | | | | | A | D | 5 | | | E | |
| | | | 9 | 8 | B | | | | 2 | 3 | | | | |
| | | | 0 | 4 | | | | 1 | | | | | | |
| | A | | | 3 | | | B | | | | 4 | E | | |
| | 6 | | | | | 2 | 8 | | 5 | | | | | |
| | 2 | | | E | | 9 | 3 | C | B | 7 | | | 8 | |
| | | | | | | | | | | C | | 3 | | |
| | | | | C | | | E | 8 | | | 1 | 4 | | |
| | 3 | | | | 2 | | 7 | | | | A | | | |
| | 9 | 5 | 6 | 1 | D | | | | E | | | A | | |
| | | | | | E | B | 6 | | | 4 | 2 | 0 | | D |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| D | 3 | 7 | 4 | 1 | E | 8 | A | C | B | 9 | 2 | 0 | 6 | 5 |
| 0 | E | A | 9 | 8 | B | 4 | 1 | 2 | 6 | C | 5 | 7 | 3 | D |
| 1 | 5 | 8 | 7 | 6 | D | B | E | 3 | 0 | 4 | A | 2 | C | 9 |
| 4 | C | 2 | A | 0 | 3 | 5 | 9 | 6 | 7 | 8 | D | B | 1 | E |
| 9 | B | 6 | 2 | C | 5 | D | 0 | 7 | 3 | 1 | E | A | 4 | 8 |
| 5 | 9 | B | D | 3 | A | 0 | 6 | 4 | 1 | 2 | C | 8 | E | 7 |
| 6 | 7 | 0 | 8 | 2 | 4 | C | D | B | 5 | E | 9 | 1 | A | 3 |
| A | 8 | D | B | 5 | 1 | 2 | 3 | E | 4 | 6 | 7 | 9 | 0 | C |
| 3 | 4 | 1 | E | 9 | C | 7 | 5 | A | D | 0 | 8 | 6 | 2 | B |
| C | 2 | E | 0 | 7 | 6 | 9 | 8 | 1 | A | B | 3 | 5 | D | 4 |
| 8 | D | 9 | 6 | E | 7 | A | C | 5 | 2 | 3 | 0 | 4 | B | 1 |
| 7 | 1 | C | 3 | A | 2 | 6 | 4 | 8 | E | 5 | B | D | 9 | 0 |
| 2 | A | 3 | 5 | D | 0 | 1 | B | 9 | C | 7 | 4 | E | 8 | 6 |
| E | 0 | 4 | 1 | B | 9 | 3 | 7 | D | 8 | A | 6 | C | 5 | 2 |
| B | 6 | 5 | C | 4 | 8 | E | 2 | 0 | 9 | D | 1 | 3 | 7 | A |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଡ୍ରାଇଭିଂ ଏବଂ ଡ୍ରାଇଭର

ମହାଶୟ,

ଅନେକ ସ୍ଥଳରେ ଦେଖାଯାଏ ପ୍ରାଇଭେଟ ଗାଡିଗୁଡ଼ିକୁ ଚଳାଇବାକୁ ମାଲିକମାନେ ଡ୍ରାଇଭର ରଖିଥାନ୍ତି କିମ୍ବା ବାହାର ଡ୍ରାଇଭରଙ୍କୁ ସେମାନଙ୍କର ପ୍ରାପ୍ୟ ଦେଇ ଗାଡି ଚଳାଇଥାନ୍ତି। ଗାଡିରେ ମାଲିକ ଶୋଇପଡିଲେ ବି ଡ୍ରାଇଭର ଯଥା ସ୍ଥାନରେ ପହଞ୍ଚାଇଥାଏ। ସେମାନେ କେତେବେଳେ କେଉଁ ସ୍ପିଡରେ ଚଳାନ୍ତି ମାଲିକ ଜାଣି ନ ଥାନ୍ତି। ବାଟରେ ଇଣ୍ଟରସେପ୍ଟର ଲଗାଇ ଯଦି ସରକାର ଗାଡି ନମ୍ବର ଦେଖି ଫାଇନ ଲାଗି ମୋବାଇଲକୁ ମେସେଜ ପଠାନ୍ତି, ତେବେ ଗାଡି ମାଲିକଙ୍କ ପାଇଁ ଏହା ଏକ ଅବିଚାର ହୋଇଯିବ। ଭଡାରେ ଆସିଥିବା ଡ୍ରାଇଭର ଭୁଲ୍ କରିବ, ଅଥଚ ଗାଡି ମାଲିକ ଦଣ୍ଡ ଗଣିବ। ପରିବହନ ବିଭାଗ ଏହାର ପୁନର୍ବିଚାର କରି ଗାଡିକୁ ଅଟକାଇ ଡ୍ରାଇଭରକୁ ଫାଇନ କରିବା ଉଚିତ। ଅନ୍ୟଥା ଡ୍ରାଇଭର ଏହି ଫାଇନକୁ ଏଡେଇଦେବା ଏବଂ ଅତ୍ୟନ୍ତ ଉଚ୍ଛୃଙ୍ଖଳ ହୋଇଯିବ। ମାଲିକଠାରୁ ତା'ର ପ୍ରାପ୍ୟ ନେବା ସହିତ ମାଲିକକୁ ଦଣ୍ଡ ଗଣିବାକୁ ବାଧ୍ୟ କରାଇବ। ଗାଡିକୁ ଅଟକାଇ ତା'ର ଲାଇସେନ୍ସକୁ ବାତିଲ କରାଗଲେ ତା'ର ମନମୁଖି ଡ୍ରାଇଭିଂରୁ ସେ ନିବୃତ୍ତ ହୋଇପାରନ୍ତା।

ଅକ୍ଷୟ ମହାନ୍ତି, ତେନ୍ତୁଳିପଦା, ଜଗତ୍‌ସିଂହପୁର

### ନଦୀ ସଂଯୋଗୀକରଣ

ଧରିତ୍ରୀ(୨୭।୨)ର ସମ୍ପାଦକୀୟ ପୃଷ୍ଠାରେ ସବ୍ୟସାଚୀ ଅମିତାଭଙ୍କ ଆଲେଖ୍ୟ 'ନଦୀ ସଂଯୋଗୀକରଣ: ସମସ୍ୟା ନା ସମାଧାନ' ଏକ ଆବେଗିକ ପ୍ରସଙ୍ଗ। ପ୍ରଥମେ ମହାନଦୀର ଉପରମୁଣ୍ଡରେ ଛତିଶଗଡ଼ର ବ୍ୟାରେଜ ନିର୍ମାଣ ଓ ଗୋଦାବରୀ ନଦୀରେ ବ୍ୟାରେଜ ଓ ପୋଲାଭରମ୍ ପ୍ରକଳ୍ପକୁ ପ୍ରସଙ୍ଗରେ ଆଲୋଚନା କରାଯାଉ। ଏହା ଏହି ଦୁଇ ରାଜ୍ୟର ଯେଉଁ ଯେଉଁ ମୁଳକ ତା'ର ନୀତିର ପ୍ରାବଧାନ। ବର୍ତ୍ତମାନ ମହାନଦୀ-ଗୋଦାବରୀ ଲିଙ୍କ୍ ଚିନ୍ତା କରାଯାଇଛି। ତେବେ ନଦୀ ସଂଯୋଗୀକରଣ ପୂର୍ବର ବନ୍ଧ ଦ୍ୱାରା ବର୍ଷାରେ ବୋହିଯାଉଥିବା ପାଣିକୁ ଅବରୋଧ ଜରୁରୀ। ପାଣି ବିନା ଆମେ ମରୁଡ଼ିକୁ ମୁକାବିଲା କରିବା କିପରି। ବନ୍ଧ ବିନା ଆମେ ବନ୍ୟାକୁ ନିୟନ୍ତ୍ରିତ କରିବା କିପରି? ନଦୀର ଜଳଧାରା ଏକ ଇକୋସିଷ୍ଟମ। ମାତ୍ର ଦୁର୍ବାର ମତ ଏହି ଯେ, ସ୍ୱାଭାବିକ ମୌସୁମୀ ବର୍ଷା ଓ ସମୟ ବ୍ୟବଧାନରେ ଲଘୁଚାପ ବର୍ଷାପାତ ନ ହେଲେ ନଦୀକୁ ଜଳ ଆସିବ କିପରି। ସର୍ବପ୍ରଥମେ ନଦୀକୁ ଜଳ ଆନୟନ ଚିନ୍ତା ପରେ ସଂଯୋଗୀକରଣ ଅନୁଚିନ୍ତା ହିଁ ବାସ୍ତବତା।

ମନୋରଞ୍ଜନ ସ୍ୱାଇଁ, ତାପସ ସ୍ୱାଇଁ, ତମାଣ୍ଡୋ, ଭୁବନେଶ୍ୱର


ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### 'ପରିସ୍ଥିତି ମୁକାବିଲା ଲାଗି ସବୁସ୍ତରରେ ସହଯୋଗ ଲୋଡ଼ା'

ବାଲେଶ୍ୱର ଅଫିସ, ୩୦।୩: କରୋନା ବିଶ୍ୱ ପାଇଁ ମହାବିପତ୍ତି। ଏଥିଲାଗି ସାରା ଦେଶ ଏବେ ଲକ୍‌ଡାଉନରେ ରହିଛି। ଦିନମଜୁରିଆ ଓ ପ୍ରବାସୀଙ୍କ ସମସ୍ୟା ଗୁରୁତର ରୂପ ନେଇଛି। ଏହାର ମୁକାବିଲା ଲାଗି ସବୁସ୍ତରରେ ସହଯୋଗ ଲୋଡା। ଧୈର୍ଯ୍ୟ ଓ ସାହସ ନେଇ ଏ ଦିଗରେ ସରକାରୀ ନିର୍ଦ୍ଦେଶାବଳୀ ପାଳନ କରିବାକୁ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡଙ୍ଗୀଙ୍କ ସମେତ ବାଲେଶ୍ୱର ଜିଲାର ବିଭିନ୍ନ ବିଧାୟକ ନିବେଦନ କରିଛନ୍ତି। କେନ୍ଦ୍ରମନ୍ତ୍ରୀ ଏକ ବାର୍ତ୍ତା ଦେଇ କହିଛନ୍ତି, ନିଜେ ସୁରକ୍ଷିତ ରହି ଅନ୍ୟକୁ ସୁରକ୍ଷିତ ରଖିବା ସମସ୍ତଙ୍କ କର୍ତ୍ତବ୍ୟ। ପ୍ରବାସୀ ଶ୍ରମିକଙ୍କ ସମସ୍ୟା ନେଇ ପ୍ରଶାସନିକ ସ୍ତରରେ ଆଲୋଚନା କରାଯାଉଛି। ଭୋଗରାଇ ବିଧାୟକ ଅନନ୍ତ ଦାସ ପ୍ରଶାସନକୁ ସହଯୋଗ କରିବା, ସଦର ବିଧାୟକ ମଦନମୋହନ ଦତ୍ତ ଯୁବପିଢ଼ିଙ୍କୁ ନେଇ ଏକ ଟିମ୍ ଗଠନ କରି ପଞ୍ଚାୟତ ସ୍ତରରେ ସଚେତନତା କରିବା, ନୀଳଗିରି ବିଧାୟକ ଇଂ. ସୁକାନ୍ତ କୁମାର ନାୟକ ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟସେବା ଭିତ୍ତିଭୂମି ସଜାଡିବା, ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା, ଜଳେଶ୍ୱର ବିଧାୟକ ଅଶ୍ୱିନୀ ପାତ୍ର, ବସ୍ତା ବିଧାୟକ ନିତ୍ୟାନନ୍ଦ ସାହୁ କରୋନା ମୁକାବିଲା ପାଇଁ ସବୁସ୍ତରରେ ସହଯୋଗ ଲୋଡିବା ସହ କେହି ଯେପରି ଭୋକିଲା ନ ରହନ୍ତି ଏ ଦିଗରେ ପଦକ୍ଷେପ ନେବାର ଜରୁରୀ ଆବଶ୍ୟକତା ରହିଛି ବୋଲି ପୃଥକ ପୃଥକ ବାର୍ତ୍ତା ଦେଇ କହିଛନ୍ତି।

### ପିଏମ୍ କେୟାର ପାଣ୍ଠିକୁ ମାସକର ଦରମା ଦେଲେ ବିଶ୍ୱଭୂଷଣ

ଭୁବନେଶ୍ୱର, ୩୦।୩(ବ୍ୟୁରୋ): ସମଗ୍ର ବିଶ୍ୱରେ ନଭେଲ କରୋନା ଭାଇରସ୍ (କୋଭିଡ୍-୧୯) ଆତଙ୍କ ସୃଷ୍ଟି କରିଥିଲା ବେଳେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଏହାକୁ ବିଶ୍ୱ ମହାମାରୀ ଭାବେ ଘୋଷଣା କରିଛି। ହଜାର ହଜାର ସଂଖ୍ୟାରେ ଲୋକ ଏହି ଭାଇରସ୍‌ର ଶିକାର ହୋଇ ମୃତ୍ୟୁବରଣ କରୁଥିଲା ବେଳେ ଏଥିପାଇଁ କୌଣସି ପ୍ରତିଷେଧମୂଳକ ଔଷଧ ବାହାରିନାହିଁ। ଭାରତରେ ମଧ୍ୟ ଶତାଧିକ ଲୋକ ଏହି ରୋଗରେ ଆକ୍ରାନ୍ତ ହୋଇ ସାରିଲେଣି। ଏହାକୁ ରୋକିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୨ତାରିଖରେ ସାରା ଦେଶରେ ଜନତା କର୍ଫ୍ୟୁ ଜାରି କଲା ପରେ ୨୪ ମଧରାତ୍ରିରୁ ୨୧ଦିନ ପର୍ଯ୍ୟନ୍ତ ଲକ୍‌ଡାଉନ୍ ଘୋଷଣା କରିଛନ୍ତି। ଏହି ଲକ୍‌ଡାଉନ୍ ଫଳରେ ଦେଶରେ ତଥା ରାଜ୍ୟରେ ବିଭିନ୍ନ ବର୍ଗର ଲୋକ ଶ୍ରମିକ, ପ୍ରବାସୀ, ସାଧାରଣ ଜନତା ଅନେକ ଅସୁବିଧାରେ ଜୀବନଯାପନ କରୁଛନ୍ତି। କରୋନା ସହିତ ଲଢ଼େଇ କରିବା ପାଇଁ ପ୍ରଧାନମନ୍ତ୍ରୀ 'ପିଏମ୍ କେୟାର୍ସ ଫଣ୍ଡ' ଗଠନ କରିଛନ୍ତି ଓ ସମସ୍ତେ ଏଥିପାଇଁ ମୁକ୍ତହସ୍ତରେ ସହାୟତା ଦେବା ପାଇଁ ନିବେଦନ କରିଛନ୍ତି। ଏହି କ୍ରମରେ ଆନ୍ଧ୍ରପ୍ରଦେଶ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ସୋମବାର 'ପିଏମ୍ କେୟାର୍ସ ପଣ୍ଡ'କୁ ଏକମାସର ଦରମା ଓ 'ଆନ୍ଧ୍ରପ୍ରଦେଶ ସିଏମ୍ ରିଲିଫ୍ ଫଣ୍ଡ'କୁ ୧ଲକ୍ଷ ଟଙ୍କା ପ୍ରଦାନ କରୁଛନ୍ତି। ଏହି ଭୟଙ୍କର ବେମାରୀକୁ ରୋକିବା ପାଇଁ ହେଲେ ରାଜ୍ୟର ସାଧାରଣ ଜନତା ଏହି ଲକ୍‌ଡାଉନ୍‌କୁ କଡ଼ାକଡ଼ି ଭାବରେ ପାଳନ କରିବା ଏବଂ ଏହାର ପ୍ରତ୍ୟେକ ଗାଇଡ୍‌ଲାଇନ୍‌କୁ ମାନିବା ପାଇଁ ବିଶ୍ୱଭୂଷଣ ରାଜ୍ୟବାସୀଙ୍କୁ ନିବେଦନ କରିଛନ୍ତି। ବଦାନ୍ୟ ବକ୍ତିମାନେ ପି.ଏମ୍. କେୟାର୍ସ ପାଣ୍ଠି ଓ ସିଏମ୍ ରିଲିଫ ପାଣ୍ଠିକୁ ମୁକ୍ତହସ୍ତରେ ଦାନ କରିବାକୁ ନିବେଦନ କରିଛନ୍ତି।

### ବିପୁଳ ପରିମାଣର ମଦ ଜବତ, ଜଣେ ଗିରଫ

ଜୁନାଗଡ,୩୦।୩ (ଡି.ଏନ.ଏ): କୋଭିଡ-୧୯ ପାଇଁ କଳାହାଣ୍ଡି ଜିଲାରେ ଲକଡାଉନ ଜାରି ରହିଛି। ଏହି ଲକଡାଉନ ସମୟରେ କୌଣସି ଅପ୍ରୀତିକର ଘଟଣା କିମ୍ବା ବିଶୃଙ୍ଖଳା ପରିସ୍ଥିତି ସୃଷ୍ଟି ନ ହେବ ସେଥିପାଇଁ ମଦ ଦୋକାନଗୁଡ଼ିକୁ ମଧ୍ୟ ବନ୍ଦ କରାଯାଇଛି। ଏହା ସତ୍ତ୍ୱେ ମଧ୍ୟ କିଛି ଅସାମାଜିକ ଲୋକ ମଦ କାରବାର ଚଳାଇଛନ୍ତି। ଏହି ପରିପ୍ରେକ୍ଷୀରେ ସୋମବାର ରାତି ୯ ଟାରେ ଜୁନାଗଡ ବ୍ଲକ ବଳଦିଆମାଳ ଗ୍ରାମରେ ମଦ ବିକ୍ରି ହେଉଥିବା ଖବର ପାଇ ଜୁନାଗଡ ପୋଲିସ ପକ୍ଷରୁ ଅତର୍କିତ ଚଢାଉ କରାଯାଇଛି। ଏହି ସମୟରେ ଗ୍ରାମର ଦିବ୍ୟ ନାଗଙ୍କ ଘରୁ ବିପୁଳ ପରିମାଣର ଉଭୟ ଦେଶୀ ଓ ବିଦେଶୀ ମଦ ଜବତ କରାଯାଇଥିଲା। ଏହି ମଦ ଗୁଡିକ କେହି ନ ଜାଣିଲା ଭଳି ଇଟା ଗଦା ଘର କରି ରଖାଯାଇଥିଲା। ପରେ ଜୁନାଗଡ ପୋଲିସ ଅଭିଯୁକ୍ତ ଦିବ୍ୟଙ୍କୁ ଗିରଫ କରିଥିଲା।

# ବନ୍ଦ ହେଲା ଏନ୍‌ଆଇଏନ୍‌ଏଲ୍

ଯାଜପୁର ଅଫିସ,୩୦।୩



- ପୁନଶ୍ଚ ଚାଲୁ ପାଇଁ କ୍ଷତି ହେବ ପ୍ରାୟ ୬୦୦ କୋଟି
- ୪ ହଜାର କର୍ମଚାରୀ, ଶ୍ରମିକଙ୍କ ଜୀବିକା ବିପନ୍ନ
- ଘରୋଇ କମ୍ପାନୀକୁ ଅନୁକମ୍ପା ଅଭିଯୋଗ

କଳିଙ୍ଗନଗରସ୍ଥିତ ଏକମାତ୍ର ସରକାରୀ ଉଦ୍ୟୋଗ ନୀଳାଚଳ ଇସ୍ପାତ ନିଗମ ଲିଃ(ଏନ୍‌ଆଇଏନଏଲ)ର କୋକ୍‌ଓଭେନ୍ ଓ ବାଏ ପ୍ରଡକ୍ଟ ପ୍ଲାଣ୍ଟକୁ ସୋମବାର ପୂର୍ବାହ୍ଣ ୧୧ଟାରେ ବନ୍ଦ କରି ଦିଆଯାଇଛି। ଏନ୍‌ଆଇଏନ୍‌ଏଲ୍‌ର ଇଡି (ୱାର୍କସ) ଭି.କେ. ପାରୁଡି ଗତ ୨୬ ତାରିଖରେ ଏ ସମ୍ପର୍କରେ ଫ୍ୟାକ୍ଟ୍ରି ଓ ବଏଲର ବିଭାଗର ନିର୍ଦ୍ଦେଶକଙ୍କୁ ସୂଚନା ଦେଇଥିଲେ। ଏହାପରେ କୋକ୍‌ଓଭେନ ବନ୍ଦ ହେବାପରେ ପୁନଶ୍ଚ ଏହାର ଚାଲୁ ପାଇଁ ପ୍ରାୟ ୬୦୦ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ନୀଳାଚଳ ବଞ୍ଚାଅ ମିଳିତ ମଞ୍ଚ ତରଫରୁ ଉଦ୍‌ବେଗ ପ୍ରକାଶ ପାଇଥିଲା। ଏହା ସରକାରଙ୍କ ବଡ଼ କ୍ଷତି ଘଟାଇବ। କମ୍ପାନୀକୁ ଘରୋଇକରଣ ପାଇଁ ନିଷ୍ପତ୍ତି ନିଆଯାଇଥିବାରୁ ଏହାର ମୂଲ୍ୟାୟନ ମଧ୍ୟ ହ୍ରାସ ପାଇବ ଏବଂ ଯେଉଁ କମ୍ପାନୀ ଏନ୍‌ଆଇଏନ୍‌ଏଲ୍‌କୁ କିଣିବାକୁ ପ୍ରସ୍ତୁତ ହୋଇଛି ତାହା ପାଇଁ ଏକ ଅନୁକମ୍ପା ବୋଲି ମଞ୍ଚ ଅଭିଯୋଗ କରିଥିଲା।

ଉଲ୍ଲେଖଯୋଗ୍ୟ ଯେ, ଥରେ ବନ୍ଦ ହୋଇଥିବା ସରକାରୀ କାରଖାନା ଯଥା ଓଟିଏମ୍(ଓଡ଼ିଶା ଟେକ୍ସଟାଇଲ ମିଲ୍), ଏଫ୍‌ସିଆଇ(ଫର୍ଟିଲାଇଜର କମ୍ପାନୀ ଅଫ୍ ଇଣ୍ଡିଆ), କୋଣାର୍କ ଝୋଟକଳ, କଳିଙ୍ଗ ଆଇରନ ୱାର୍କସ ଆଦି ପୁଣି ଚାଲିବାର ଉଦାହରଣ ନାହିଁ। ତେଣୁ ଏନ୍‌ଆଇଏନ୍‌ଏଲ୍ ମଧ୍ୟ ବନ୍ଦ ହେବା ପରେ ପୁଣି ଚାଲିବ କି ନାହିଁ ତାହା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏଭଳି କ୍ଷେତ୍ରରେ କାରଖାନାରେ କାର୍ଯ୍ୟରତ ପ୍ରାୟ ୪ହଜାର ଶ୍ରମିକ ଓ କର୍ମଚାରୀଙ୍କ ଜୀବନଜୀବିକା ସଙ୍କଟରେ ପଡିଛି।

ଇସ୍ପାତ ମନ୍ତ୍ରଣାଳୟ ଅଧୀନରେ ୧୯୮୪ରେ ଦୈତାରୀ ନିକଟରେ ଦ୍ୱିତୀୟ ଇସ୍ପାତ କାରଖାନା ସ୍ଥାପନ ପାଇଁ ଏନ୍‌ଆଇଏନ୍‌ଏଲ୍ କମ୍ପାନୀ ପ୍ରତିଷ୍ଠା ହୋଇଥିଲା। ଏଥିପାଇଁ ପର୍ଯ୍ୟାୟକ୍ରମେ ନବେଦଶକରେ ଜମି ଅଧିଗ୍ରହଣ ଆରମ୍ଭ ହୋଇଥିଲା। ୧୪।୧୨।୧୯୯୨ରେ ଏହି ପ୍ରକଳ୍ପ ହସ୍ତାନ୍ତର କରିବାକୁ ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କୁ ଆବେଦନ କରିଥିଲେ। ୧୨।୪।୧୯୯୪ରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ମଧ୍ୟରେ ଏକ ବୁଝାମଣା ସ୍ୱାକ୍ଷର ହେବା ପରେ ୭.୭୨୯୦ କୋଟି ଟଙ୍କା ମୂଲ୍ୟର ସମ୍ପତ୍ତିକୁ ରାଜ୍ୟ ସରକାରଙ୍କୁ ହସ୍ତାନ୍ତର ହୋଇଥିଲା। ସେହି ସମୟରେ କେନ୍ଦ୍ର ସରକାର କାରଖାନା ପ୍ରତିଷ୍ଠାର ୫ ବର୍ଷ ମଧ୍ୟରେ ଏହାକୁ ସମନ୍ୱିତ ଇସ୍ପାତ କାରଖାନା ଭାବେ ପ୍ରତିଷ୍ଠା ନ କଲେ ଏହା ପୁଣି କେନ୍ଦ୍ର ସରକାରଙ୍କ ନିକଟକୁ ଫେରିଯିବ ବୋଲି ବୁଝାମଣାରେ ସର୍ତ୍ତ ରହିଥିଲା। ତେବେ ସମୟକ୍ରମେ ଓଡ଼ିଶା ସରକାର ଏହି କାରଖାନାକୁ ଚଳାଇବା ପାଇଁ ଏମ୍‌ଏମ୍‌ଟିସି ସହ ଭାଗୀଦାରି କରିଥିଲେ। ଏହାପରେ ଜମି ଅଧିଗ୍ରହଣ କରି ୨୦୦୦ ମସିହାରୁ ଉତ୍ପାଦନ ଆରମ୍ଭ ହୋଇଥିଲା। ଏଥିରେ ୬୬୮ ପରିବାରଙ୍କୁ ବିସ୍ଥାପିତ କରାଯାଇ ୪୫୨ ଜଣଙ୍କୁ ନିଯୁକ୍ତି ମିଳିଥିଲା। ଜମି ଅଧିଗ୍ରହଣ ସମୟରେ ଓଡ଼ିଶା ସରକାର ଦ୍ୱିତୀୟ ସରକାରୀ ଇସ୍ପାତ କାରଖାନା ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଉତ୍ପାଦନର ପ୍ରାୟ ଦୁଇ ଦଶନ୍ଧି ପରେ ମଧ୍ୟ ସମନ୍ୱିତ ଇସ୍ପାତ କାରଖାନା ସ୍ୱପ୍ନରେ ରହିଗଲା। ବରଂ ଏନ୍‌ଆଇଏନ୍‌ଏଲ୍‌ରେ ଥିବା ୬ଟି ଅଂଶୀଦାରଙ୍କ ପୁଞ୍ଜି ପ୍ରତ୍ୟାହାର ହେବ ବୋଲି ଗତ ଜାନୁୟାରୀ ୮ରେ କେନ୍ଦ୍ରମନ୍ତ୍ରୀ ପ୍ରକାଶ ଜାଭଡେକର ସୂଚନା ଦେଇଥିଲେ। ଏହାପରେ କଳିଙ୍ଗନଗର ଶ୍ରମିକ ସଂଘ, ନୀଳାଚଳ ବିସ୍ଥାପିତ ସଂଘ, କଳିଙ୍ଗନଗର ମଜଦୁର ୟୁନିୟନ ଓ ନୀଳାଚଳ ନିର୍ବାହୀ ସଂଘ ପକ୍ଷରୁ ଉଦ୍‌ବେଗ ପ୍ରକାଶ କରି କାରଖାନାକୁ ଘରୋଇକରଣ କେବେ ବି କରି ଦିଆଯିବ ନାହିଁ ବୋଲି କୁହାଯାଇ ଘେରାଉ, ଆନ୍ଦୋଳନ, ଧାରଣା ଆଦି ଦିଆଯାଇଛି। କିନ୍ତୁ ଶେଷରେ ବିସ୍ଥାପିତ, କର୍ମଚାରୀ, ଶ୍ରମିକଙ୍କ ଦାବି ଅଗ୍ରାହ୍ୟ ହୋଇଯାଇଛି। କମ୍ପାନୀର କୋକ୍‌ଓଭେନ୍‌କୁ ଶଟ୍‌ଡାଉନ୍ କରି ସରକାରଙ୍କ କୋଟି କୋଟି ଟଙ୍କାର ଆର୍ଥିକ କ୍ଷତି କରାଯାଇଥିବା ମତପ୍ରକାଶ ପାଇଛି। ଏ ସଂକ୍ରାନ୍ତରେ ମତାମତ ନେବାକୁ ଏନ୍‌ଆଇଏନ୍‌ଏଲ୍‌ର ଏମ୍‌ଡି ଶଶିଶେଖର ମହାନ୍ତିଙ୍କ ମୋବାଇଲ ନମ୍ବରକୁ ବାରମ୍ବାର ଫୋନ କରାଯାଇଥିଲେ ହେଁ ସେ ଫୋନ କଲ୍ ଗ୍ରହଣ କରି ନ ଥିଲେ।

# ତୃତୀୟ ପର୍ଯ୍ୟାୟ ରଥକାଠ ପହଞ୍ଚିଲା



### ୨ରେ ରଥକାଠ ଚିରଟ ଅନୁକୂଳ

ପୁରୀ ଅଫିସ, ୩୦।୩

ଚଳିତବର୍ଷ ରଥଯାତ୍ରା ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି। ତିନି ରଥ ନିର୍ମାଣ ଲାଗି ସୋମବାର ପୁରୀରେ ତୃତୀୟ ପର୍ଯ୍ୟାୟ ରଥକାଠ ପହଞ୍ଚିଛି। ନୟାଗଡ଼ ଜିଲା ଦଶପଲ୍ଲା ବନାଞ୍ଚଳରୁ ୨୧ ଖଣ୍ଡ କାଠ ଆସିଛି। ଏଥିରେ ୨୦ ଫୁଟିଆ ଅସନ ୯ ଖଣ୍ଡ, ୧୨ ଫୁଟିଆ ଅସନ ୬ ଖଣ୍ଡ, ୨୦ ଫୁଟିଆ ଧଉରା ୬ ଖଣ୍ଡ ରହିଛି ବୋଲି ଶ୍ରୀମନ୍ଦିର ମୁଖ୍ୟ ତତ୍ତ୍ୱାବଧାରକ ସୁଦର୍ଶନ ମେକାପ କହିଛନ୍ତି।

ରଥ ସଂହିତା ଅନୁଯାୟୀ, ତିନିରଥ ନିର୍ମାଣ ଲାଗି ୮୬୫ ଖଣ୍ଡ କାଠ ଆବଶ୍ୟକ ହୋଇଥାଏ। ଗତବର୍ଷ ଆସିଥିବା କାଠ ମଧ୍ୟରୁ ୧୯୩ ଖଣ୍ଡ ବଳକା ରହିଛି। ଏଥର ୬୭୨ ଖଣ୍ଡ କାଠ ଆସିବ। ଏଥିମଧ୍ୟରୁ ୨୬୬ ଖଣ୍ଡ କାଠ କଟକ ଖପୁରିଆସ୍ଥିତ ସ' ମିଲ୍‌କୁ ଏବଂ ୪୦୬ ଖଣ୍ଡ କାଠ ରଥଖଳାକୁ ଆସିବ। ବର୍ତ୍ତମାନ ସୁଦ୍ଧା ୧୨୫ ଖଣ୍ଡ କାଠ ପହଞ୍ଚିଛି। ଆସନ୍ତା ୨ତାରିଖ ରାମନବମୀରେ ମୁଖ୍ୟ ତତ୍ତ୍ୱାବଧାରକ ମେକାପଙ୍କ ସମେତ ରଥ ଅମିନ ଲକ୍ଷ୍ମଣ ମହାପାତ୍ର ଓ ଜେଟିପି ରାମଚନ୍ଦ୍ର ମହାରଣା ଧୂପ, ଦୀପ, ମାଳ, ମାହାର୍ଦ୍ଧ ନଡ଼ିଆ ଆଦି ନେଇ କଟକ ଖପୁରିଆ ସ' ମିଲକୁ ଯିବେ। ସେଠାରେ ପୂଜାର୍ଚ୍ଚନା ପରେ ରଥକାଠ ଚିରଟ ଅନୁକୂଳ ହେବ। ଏହାପରେ ଆସନ୍ତା ମାସ ୨୬ ତାରିଖ ପବିତ୍ର ଅକ୍ଷୟ ତୃତୀୟାରେ ରଥ ନିର୍ମାଣ ଅନୁକୂଳ କରାଯିବ। ତେବେ ଏଥର ମହାମାରୀ କରୋନା ନେଇ ରଥଯାତ୍ରା ସଂକ୍ରାନ୍ତରେ ବିଭିନ୍ନ ପ୍ରକାର ଆଲୋଚନା ଚାଲିଛି।

# ଡାକ୍ତରଙ୍କୁ ସୁରକ୍ଷା ସରଞ୍ଜାମ ଯୋଗାଅ

କଟକ ଅଫିସ୍,୩୦।୩

### ରାଜ୍ୟ ସରକାରଙ୍କୁ ହାଇକୋର୍ଟଙ୍କ ନିର୍ଦ୍ଦେଶ



- ଖାଲି ଡାକ୍ତର ପଦବୀ ପୂରଣ କର
- ଅତି ଜରୁରୀ ନ ଥିଲେ ଛୁଟି ଦିଅନି
- ରାସ୍ତାରେ ରୋଗୀଙ୍କୁ ହଇରାଣ କରନି

ଏକ ଜନସ୍ୱାର୍ଥ ମାମଲାର ଶୁଣାଣି କରି କାର୍ଯ୍ୟରତ ଡାକ୍ତରଙ୍କୁ ଆବଶ୍ୟକ ସୁରକ୍ଷା ସରଞ୍ଜାମ (ପିପି) କିଟ୍ ଯୋଗାଇ ଦେବାକୁ ରାଜ୍ୟ ସରକାରଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ହାଇକୋର୍ଟ ରେଜିଷ୍ଟ୍ରାରଙ୍କ ପକ୍ଷରୁ ଦାଏର ହୋଇଥିବା ଏହି ମାମଲାର ଶୁଣାଣି କରି କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଜଷ୍ଟିସ୍ ସଞ୍ଜୁ ପଣ୍ଡା ଏବଂ ବିଚାରପତି ଜଷ୍ଟିସ୍ ବିଶ୍ୱନାଥ ରଥଙ୍କୁ ନେଇ ଗଠିତ ଖଣ୍ଡପୀଠ ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି।

ନିର୍ଦ୍ଦେଶରେ ଉଲ୍ଲେଖ ରହିଛି ଯେ, ଓଡ଼ିଶାରେ କରୋନା ଭୂତାଣୁ ବିସ୍ତାର ହେବାର ଆଶଙ୍କା ରହିଛି। ତେଣୁ ରାଜ୍ୟର ଉଭୟ ସରକାରୀ ଓ ବେସରକାରୀ ଡାକ୍ତରଖାନାଗୁଡ଼ିକରେ ପର୍ଯ୍ୟାପ୍ତ ଚିକିତ୍ସା ସେବା ଉପଲବ୍ଧ କରିବା ଜରୁରୀ ହୋଇପଡ଼ିଛି। ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ଥିବା ରୋଗୀ ଉଭୟ ଇନ୍‌ଡୋର୍ ଏବଂ ଆଉଟ୍‌ଡୋର୍‌କୁ ଚିକିତ୍ସା ପାଇଁ ଆସିବେ। ଏଭଳି ସମୟରେ ଉଭୟ ସରକାରୀ ଓ ବେସରକାରୀ ଚିକିତ୍ସାଳୟ ଗୁଡ଼ିକରେ ବହୁ ସଂଖ୍ୟକ ଅଭିଜ୍ଞ ଏବଂ ବିଶେଷଜ୍ଞ ଡାକ୍ତରଙ୍କ ଆବଶ୍ୟକତା ପଡ଼ିପାରେ। ସରକାର ତୁରନ୍ତ ଡାକ୍ତର ନିଯୁକ୍ତି ଦିଗରେ ପଦକ୍ଷେପ ଗ୍ରହଣ କରନ୍ତୁ। ରୋଗୀ ସେବାରେ ନିୟୋଜିତ ଥିବା ସମସ୍ତ ଡାକ୍ତରଙ୍କୁ ପିପି କିଟ୍ ଯୋଗାଇ ଦେବା ମଧ୍ୟ ଜରୁରୀ। କାରଣ ସେମାନଙ୍କ ପାଖକୁ ଆସୁଥିବା ରୋଗୀ କରୋନା ଦ୍ୱାରା ଆକ୍ରାନ୍ତ କି ନାହିଁ, ସେ ସମ୍ପର୍କରେ ଡାକ୍ତରମାନେ ଜାଣିବା ସମ୍ଭବ ନୁହେଁ। ରୋଗୀଙ୍କଠାରୁ ଡାକ୍ତରଙ୍କୁ ସଂକ୍ରମଣ ବ୍ୟାପିବାର ସମ୍ଭାବନା ଥିବାରୁ ସେମାନଙ୍କ ସୁରକ୍ଷା ପ୍ରତି ଦୃଷ୍ଟି ଦିଆଯାଉ ବୋଲି ହାଇକୋର୍ଟ କହିଛନ୍ତି। ସେହିପରି ଅତି ଜରୁରୀ ନ ଥିଲେ ଡାକ୍ତରଙ୍କୁ ଛୁଟି ନ ଦେବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ଚିକିତ୍ସାଳୟକୁ ଆସୁଥିବାବେଳେ ଲକ୍‌ଡାଉନ୍ ଯୋଗୁ ଅନେକ ଅଞ୍ଚଳରେ ପୋଲିସ କର୍ମଚାରୀମାନେ ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କୁ ରାସ୍ତାରେ ଅଟକାଇ ଦେଇଥିବା ଘଟଣା ନଜରକୁ ଆସିଥିଲା। ଏହାକୁ ହାଇକୋର୍ଟ ଗୁରୁତ୍ୱର ସହ ନେଇଛନ୍ତି। ଡାକ୍ତରଖାନା ଯିବା ସମୟରେ ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କୁ ଅନାବଶ୍ୟକ ଭାବେ ନ ଅଟକାଇବାକୁ ପୋଲିସ ବିଭାଗକୁ ସରକାର ନିର୍ଦ୍ଦେଶ ଦେବାକୁ ହାଇକୋର୍ଟ କହିଛନ୍ତି। ସମସ୍ତ ଡାକ୍ତରଖାନାରେ ରୋଗୀଙ୍କୁ ଯେମିତି ଚିକିତ୍ସା ସେବା ମିଳିବ ଏବଂ କେହି ଜଣେ ହେଲେ ନିରାଶ ହୋଇ ଫେରିବେ ନାହିଁ, ତାହା ସୁନିଶ୍ଚିତ କରାଯାଉ। ଏନେଇ ସମସ୍ତ ସରକାରୀ ଏବଂ ଘରୋଇ ମେଡିକାଲ୍‌କୁ ନିର୍ଦ୍ଦେଶ ଦେବାକୁ ସ୍ୱାସ୍ଥ୍ୟ ସଚିବ, ଡିଏମ୍‌ଇଟି ଏବଂ ଅନ୍ୟ ସରକାରୀ ଅଧିକାରୀମାନେ ପଦକ୍ଷେପ ନେବା ପାଇଁ ହାଇକୋର୍ଟ କହିଛନ୍ତି।

# ପେଟ୍ରୋଲପମ୍ପ ନିକଟରେ ଖୋଲିବ ଗ୍ୟାରେଜ

ଭୁବନେଶ୍ୱର,୩୦।୩(ବ୍ୟୁରୋ)

କରୋନା ମୁକାବିଲା ଲାଗି ହୋଇଥିବା ଲକ୍‌ଡାଉନ ଯୋଗୁ ସହରର ସମସ୍ତ ଦୋକାନ ବଜାର ବନ୍ଦ ରହିଛି। ଅତ୍ୟାବଶ୍ୟକ ଦୋକାନ, ମେଡିସିନ ଓ ପେଟ୍ରୋଲପମ୍ପ ଖୋଲାଯାଇଥିବାବେଳେ ଅନ୍ୟ ସବୁ ବନ୍ଦ ରହିଥିଲା। ଫଳରେ ଯେଉଁମାନେ ଅତ୍ୟାବଶ୍ୟକ ସେବା ଯୋଗାଉଛନ୍ତି ସେମାନେ ହଇରାଣ ହୋଇଥିଲେ। ସେମାନଙ୍କ ଗାଡି ଲିକ୍ ହେଲେ ଗନ୍ତବ୍ୟସ୍ଥଳରେ ପହଞ୍ଚିବାକୁ ଅସୁବିଧା ହେଉଥିଲେ। ଏ ନେଇ ଅଧିକାଂଶ ଲୋକେ ପୋଲିସ କମିଶନରଙ୍କୁ ଗ୍ୟାରେଜ ଖୋଲିବା ନେଇ ଅଭିଯୋଗ କରିଥିଲେ। ଶେଷରେ କମିଶନର ସୁଧାଂଶୁ ଷଡ଼ଙ୍ଗୀ ଏହି ସମସ୍ୟାକୁ ନଜରରେ ରଖି ଏହାର ସମାଧାନ କରିଛନ୍ତି। ଏଣିକି ସବୁ ପେଟ୍ରୋଲପମ୍ପ ନିକଟରେ ଥିବା ଗ୍ୟାରେଜଗୁଡ଼ିକୁ ଖୋଲିବା ପାଇଁ ଟୁଇଟ୍ ଜରିଆରେ ସହମତି ପ୍ରକାଶ କରିଛନ୍ତି। ତେବେ କେବଳ ଜରୁରୀ ସେବାରେ ନିୟୋଜିତ ଥିବା ଗାଡ଼ି ଓ ବାଇକ୍‌କୁ ସେଠାରେ ମରାମତି ହୋଇପାରିବ ବୋଲି କମିଶନର କହିଛନ୍ତି। ପ୍ରାୟ ସମୟରେ ଲୋକେ ଜରୁରୀ ସାମଗ୍ରୀ ଯୋଗାଇବା ସମୟରେ ଗାଡ଼ି ପଞ୍ଚର, ଲିକ ହୋଇଯାଉଥିଲା। ସବୁ ଦୋକାନ ବନ୍ଦ ଥିବାରୁ ମରାମତି ନ ହୋଇପାରି ଗଡ଼େଇ ଗଡ଼େଇ ଯିବାକୁ ପଡୁଥିଲା। ଏପରି କି ପିସିଆର ଗାଡ଼ି ଏବଂ ଥାନାଧିକାରୀଙ୍କ ଗାଡି ପଞ୍ଚର ହେଉଥିଲେ ସେବା ଯୋଗାଇବାରେ ସମସ୍ୟା ହୋଇଥିଲା। ଅନ୍ତତଃ ଗ୍ୟାରେଜ ଖୋଲିବାକୁ ଅନେକେ କମିଶନରଙ୍କୁ ଅନୁରୋଧ କରିଥିଲେ। କମିଶନର ଷଡଙ୍ଗୀ ଗ୍ୟାରେଜ ଖୋଲିବା କଥା କହିବା ପାସ୍ ପାଇଁ ଥାନାରେ ହେଉଥିବା ଭିଡ଼କୁ ଦୃଷ୍ଟି କରି କହିଛନ୍ତି, କମିଶନରେଟ ପୋଲିସ ପକ୍ଷରୁ ଜାରି ହୋଇଥିବା ସମସ୍ତ ଗାଡ଼ି ପାସ୍ ଏବେ ଆଉ ନବୀକରଣ କରିବା ଅନାବଶ୍ୟକ। କୋଭିଡ-୧୯ ଜନିତ ସ୍ଥିତିରେ ସୁଧାର ନ ଆସିବା ପର୍ଯ୍ୟନ୍ତ ଏହି ପାସ ବୈଧ ରହିବ ବୋଲି କହିଛନ୍ତି। ମାର୍ଚ୍ଚ ୨୯ ତାରିଖ ପର୍ଯ୍ୟନ୍ତ ଜାରି ହୋଇଥିବା ସବୁ ଗାଡ଼ି ପାସ ଆଉ ନବୀକରଣର ଆବଶ୍ୟକତା ନାହିଁ। ନବୀକରଣ ପାଇଁ ପୋଲିସ ପାଖକୁ ନ ଆସିବା ଲାଗି ସେ ସ୍ପଷ୍ଟ କରିଛନ୍ତି।

# ଛତିଶଗଡ଼-ଓଡ଼ିଶା ରାଜ୍ୟ ସୀମା ସିଲ୍

ଝାରସୁଗୁଡା ଅଫିସ,୩୦।୩

କରୋନା ମୁବାବିଲା ପାଇଁ ସମଗ୍ର ଦେଶରେ ଲକ୍‌ଡାଉନ୍ ଘୋଷଣା କରାଯାଇଛି। ଏଥିପାଇଁ ଲୋକେ କୌଣସି ଏକ ସ୍ଥାନରୁ ଏକ ସ୍ଥାନକୁ ଯାଇ ପାରୁନାହାନ୍ତି। ବିଶେଷ କରି ଶ୍ରମିକ ଶ୍ରେଣୀର ବ୍ୟକ୍ତିମାନେ ବହୁ ହଇରାଣ ହରକତ ହେଉଛନ୍ତି। କମ୍ପାନୀଗୁଡିକ ବନ୍ଦ ହୋଇ ଯାଇଥିବାରୁ ଯେଉଁମାନେ ନିଜ ଘର ଦ୍ୱାର ଛାଡି ଅନ୍ୟତ୍ର କାର୍ଯ୍ୟ କରୁଛନ୍ତି ସେମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଭୋକ ଉପାସରେ ପଡି ରହିଛନ୍ତି। ଗାଡି ମୋଟର ଚାଲୁ ନ ଥିବାରୁ ଚାଲି ଚାଲି ନିଜ ଘରକୁ ଯିବାକୁ ଉଦ୍ୟମ କରୁଛନ୍ତି। ଝାରସୁଗୁଡା ରୋଡ୍ ରେଳ ଷ୍ଟେଶନ ନିକଟରେ ଏମିତି ଏକ ଦୃଶ୍ୟ ଦେଖିବାକୁ ମିଳିଥିଲା।

ସମ୍ବଲପୁର ଜିଲା ରେଙ୍ଗାଳିର ଏକ କମ୍ପାନୀରେ କାର୍ଯ୍ୟ କରୁଥିବା ଛତିଶଗଡ ରାଜ୍ୟ ଚାଁପାର ପ୍ରାୟ ୪୪ ଜଣ ଶ୍ରମିକ ଚାଲି ଚାଲି ନିଜ ଗ୍ରାମକୁ ଯିବା ପାଇଁ ବାହାରିଥିଲେ। ପରେ ଝାରସୁଗୁଡା ଜିଲା ପ୍ରଶାସନର ହସ୍ତକ୍ଷେପ ପରେ ସେମାନଙ୍କୁ ସମ୍ବଲପୁର ପ୍ରଶାସନ ଫେରାଇ ନେଇ ସେମାନଙ୍କ ରହିବା ଓ ଖାଇବା ବ୍ୟବସ୍ଥା କରିଛି। ତେବେ ଲକ୍‌ଡାଉନ କଟକଣା ଯୋଗୁ ଝାରସୁଗୁଡା ପ୍ରଶାସନ ଛତିଶଗଡ ଓ ଓଡିଶା ସୀମାର କନକତୋରା, ବାଉଁସେନପାଲି ଓ ଲରା ଛକ ସମେତ ବିଭିନ୍ନଠାରେ ସୀମା ସିଲ୍ କରିଛି। ଏଠାରେ ଶ୍ରମିକମାନେ ନିଜ ନିଜ ଘରକୁ ଯିବା ପାଇଁ ଜିଦ୍ ଧରିଛନ୍ତି। ତେବେ ପୋଲିସ କର୍ମଚାରୀମାନେ ସେମାନଙ୍କୁ ଛାଡୁ ନାହାନ୍ତି। ଝାରସୁଗୁଡା ଏସ୍‌ପି ଅଶ୍ୱିନୀ କୁମାର ମହାନ୍ତି ହସ୍ତକ୍ଷେପ କରି ସୀମାରେ ପାଟ୍ରୋଲିଂ କଡାକଡି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରବାସୀ ଶ୍ରମିକମାନଙ୍କ ପାଇଁ କନକତୋରାସ୍ଥିତ ବାତ୍ୟା ଆଶ୍ରୟସ୍ଥଳଠାରେ ସେମାନଙ୍କ ରହିବା ଓ ଖାଇବା ବ୍ୟବସ୍ଥା ଜିଲା ପ୍ରଶାସନ ପକ୍ଷରୁ କରାଯିବା ନେଇ ଜିଲାପାଳ ସରୋଜ କୁମାର ସାମଲ ନିଷ୍ପତ୍ତି ନେଇଥିବା କହିଛନ୍ତି।

# ସୀମା ସିଲ୍ ବେଳେ ବିବାଦ

ବଡବିଲ, ୩୦।୩ (ସ୍ୱ.ପ୍ର.)

### ଓଡ଼ିଶାରେ ପଶି ଟେଣ୍ଟ ବାନ୍ଧିଲା ଝାଡ଼ଖଣ୍ଡ ପୋଲିସ

କରୋନା ଭୂତାଣୁ ସଂକ୍ରମଣ ରୋକିବା ନିମନ୍ତେ ସମସ୍ତ ରାଜ୍ୟ ସୀମାନ୍ତଗୁଡିକୁ ସିଲ୍ କରିବାକୁ କେନ୍ଦ୍ର ସରକାର ନିର୍ଦ୍ଦେଶ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ଝାଡଖଣ୍ଡ ରାଜ୍ୟର ବଡଜାମଦା ପୋଲିସ ସୀମା ସିଲ୍ କରିବାକୁ ଯାଇ କେନ୍ଦୁଝର ଜିଲା ବଡବିଲ ପୌରାଞ୍ଚଳର ନାଲଦା ଅଞ୍ଚଳରେ ପଶି ଟେଣ୍ଟ ବାନ୍ଧିବାରୁ ବିବାଦ ଦେଖାଦେଇଛି। ସ୍ଥାନୀୟ ପ୍ରଶାସନିକ ଅଧିକାରୀ ଏହା ଜାଣିବା ପରେ ସୀମାନ୍ତରେ ପହଞ୍ଚି ଝାଡଖଣ୍ଡ ପୋଲିସ ଦ୍ୱାରା ନିର୍ମାଣ ହୋଇଥିବା ଟେଣ୍ଟକୁ ହଟାଇ ନେବାକୁ କହିଥିଲେ। ଏହାକୁ ନେଇ ଏବେ ଉଭୟ ରାଜ୍ୟ ପୋଲିସ ମଧ୍ୟରେ ଟଣାଓଟରା ଦେଖାଦେଇଛି। ଝାଡଖଣ୍ଡ ପୋଲିସ ପକ୍ଷରୁ କୁହାଯାଇଛି ଯେ, ଏଠାକୁ ଓଡିଶା ପୋଲିସ କେବେ ଆସୁ ନ ଥିବାରୁ ତେଣୁ ସୀମାରେଖା କେଉଁଠାରୁ ଆରମ୍ଭ ଆମେ ଜାଣିନାହୁଁ। ଏହାଛଡା ପୂର୍ତ୍ତବିଭାଗ ଓ ପୌର ପରିଷଦ ପକ୍ଷରୁ ସ୍ୱାଗତମ ଓ ଧନ୍ୟବାଦ ତୋରଣ ସୀମାରେଖାଠାରୁ ଅନେକ ଦୂରରେ ରହିଥିବାରୁ ତାହା ମଧ୍ୟ ଭ୍ରମ ସୃଷ୍ଟି କରୁଛି। ଝାଡଖଣ୍ଡ ପୋଲିସ ସୀମାନ୍ତ ସିଲ ନିମନ୍ତେ ଟେଣ୍ଟ କରୁଥିବା ସ୍ଥାନ ବଡବିଲ ବନ ବିଭାଗ କାର୍ଯ୍ୟାଳୟର ଠିକ୍ ସମ୍ମୁଖରେ ରହିଛି। ଝାଡଖଣ୍ଡ ପୋଲିସ ସୀମା ଭିତରକୁ ପଶି ଆସିଥିଲେ ହେଁ ଓଡିଶା ପୋଲିସ ସୀମାନ୍ତ ସିଲ୍ କରିବା ନେଇ କୌଣସି ପଦକ୍ଷେପ ନେଇ ନ ଥିଲା। ତେବେ ଓଡ଼ିଶା ସୀମା ଭିତରକୁ ଝାଡଖଣ୍ଡ ପୋଲିସର ପ୍ରବେଶ ଓ ଟେଣ୍ଟ ନିର୍ମାଣକୁ ଗଣମାଧ୍ୟମର ପ୍ରତିନିଧିମାନେ ବିରୋଧ କରିବା ସହ ଏନେଇ ବଡବିଲ ପୌର ନିର୍ବାହୀ ଅଧିକାରୀ ଏବଂ ତହସିଲଦାରଙ୍କୁ ସୂଚନା ଦେଇଥିଲେ। ପ୍ରଶାସନିକ ଅଧିକାରୀମାନେ ପହଞ୍ଚି ନିର୍ମାଣାଧୀନ ଟେଣ୍ଟକୁ ହଟାଇବାକୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି।




ଓଡ଼ିଶା ରାଜ୍ୟ ସୀମା ରେଖା ଡେଇଁ ଝାଡଖଣ୍ଡ ପୋଲିସ ପଶି ଆସି ନିର୍ମାଣ କରିଥିବା ଟେଣ୍ଟ।

## ସଂକ୍ଷେପରେ

### ରେଲୱେ, ମ୍ୟୁନିସିପାଲିଟି ପକ୍ଷରୁ ରନ୍ଧାଖାଦ୍ୟ ବଣ୍ଟନ

**ଜଟଣୀ,୩୦।୩(ଡି.ଏନ.ଏ):** ଲକ୍‌ଡାଉନ୍ ଯୋଗୁ ଅଧିକ ସମସ୍ୟାର ସମ୍ମୁଖୀନ ହେଉଥିବା ନିରାଶ୍ରୟ, ଗରିବଙ୍କ ପାଇଁ ସରକାରୀ ଓ ଘରୋଇ ସଂସ୍ଥା ବଦାନ୍ୟତାର ହାତ ବଢ଼ାଇଛନ୍ତି। ଜଟଣୀ ରେଲୱେ ଅଞ୍ଚଳ ସମେତ ସହର ମଧ୍ୟରେ କେହି ଯେପରି ଭୋକିଲା ରହିବେ ନାହିଁ ସେଥିପାଇଁ ଖୋର୍ଦ୍ଧାରୋଡ ରେଳ ଡିଭିଜନ ପକ୍ଷରୁ ସୋମବାର ରନ୍ଧାଖାଦ୍ୟ ବଣ୍ଟନ କରାଯାଇଛି। ଆଇଆର୍‌ସିଟିସିର ସହାୟତାରେ ଏହି କାର୍ଯ୍ୟ ଆରମ୍ଭ ହୋଇଛି। ଏଥିରେ ରେଲୱେ ସୁରକ୍ଷା ବଳ ଓ ସ୍ଥାନୀୟ ଅଞ୍ଚଳର କେତେକ ସ୍ୱେଚ୍ଛାସେବୀ ସଂଗଠନ ସାମିଲ ହୋଇଛନ୍ତି। ପରିଷ୍କାର ପରିଚ୍ଛନ୍ନତା ଓ ସାମାଜିକ ଦୂରତ୍ୱ ରକ୍ଷା କରି ଖାଦ୍ୟ ପ୍ରସ୍ତୁତ ଓ ବଣ୍ଟନ କରାଯାଉଛି। ସେହିପରି ଜଟଣୀ ମ୍ୟୁନିସିପାଲିଟି ପକ୍ଷରୁ ମଧ ରବିବାରଠାରୁ ଶମ୍ରିକ, ଦିନମଜୁରିଆ, ଗରିବ ଓ ନିରାଶ୍ରୟଙ୍କୁ ବିଭିନ୍ନ ସ୍ଥାନରେ ରନ୍ଧାଖାଦ୍ୟ ବଣ୍ଟନ ଆରମ୍ଭ ହୋଇଛି।

### ପୋଲିସର ଭ୍ରମ ସୃଷ୍ଟି କରୁଛନ୍ତି ବିଶୃଙ୍ଖଳିତ ଯୁବକ

**ଜଟଣୀ,୩୦।୩(ଡି.ଏନ.ଏ):** ସାରା ଦେଶରେ ଲକଡାଉନ ଘୋଷଣା ହୋଇଥିବାବେଳେ ଜନସାଧାରଣଙ୍କୁ ଅତ୍ୟାବଶ୍ୟକ ନ ଥିଲେ ଘରୁ ନ ବାହାରିବା ପାଇଁ ସଚେତନ କରାଯାଉଛି। ତଥାପି କେତେଜଣ ବିଭିନ୍ନ ଆଳ ଦେଖାଇ ବାହାରେ ବୁଲୁଥିବାବେଳେ ପୋଲିସ ସେମାନଙ୍କୁ ଘରେ ରହିବା ପାଇଁ ସତର୍କ କରାଉଛି। ଏଭଳି କ୍ଷେତ୍ରରେ ଜଟଣୀ ଥାନା ଅନ୍ତର୍ଗତ ତରାବୋଇ ଗ୍ରାମରେ କେତେକ ବିଶୃଙ୍ଖଳିତ ଯୁବକ ପୋଲିସର ଭ୍ରମ ସୃଷ୍ଟି କରି ଲୋକଙ୍କୁ ଭୟଭୀତ କରାଉଥିବାର ଅଭିଯୋଗ ହୋଇଛି। ଗ୍ରାମର ୫ ରୁ ୬ ଜଣ ଯୁବକ ଏକ ବୋଲେରୋରେ ଆସି ପୋଲିସ ଗାଡ଼ି ଭଳି ହାତରେ ବାଡ଼ି ଓ ଘନ ଘନ ସାଇରନ୍ ମାରି ଗ୍ରାମର ବିଭିନ୍ନ ସାହି ଓ ମେଳଣ ପଡ଼ିଆରେ କୋକୁଆ ଭୟ ସୃଷ୍ଟି କରିଥିଲେ। ସାଇରନ୍ ଶବ୍ଦ ଶୁଣି ପୋଲିସ ଆସିବା ଭାବି ଯିଏ ଯେଉଁଠି ଛିଡା ହୋଇଥିଲେ ପଡ଼ିଉଠି ଦୌଡ଼ିଥିଲେ। ପୋଲିସ ଚଢ଼ାଉ ଭୟରେ ବିଭିନ୍ନ ସ୍ଥାନରେ ଲୁଚିଯାଇଥିଲେ। ଏମାନଙ୍କ କାର୍ଯ୍ୟକଳାପରେ ଗ୍ରାମର କେତେକଙ୍କ ମନରେ ସନ୍ଦେହ ପ୍ରକଟ ହୋଇଥିଲା। ସତ୍ୟତା ଜାଣିବା ପାଇଁ ଗ୍ରାମର କେତେଜଣ ଲୋକ ଆସୁଥିବା ବୋଲେରୋ ନିକଟକୁ ଯାଇଥିଲେ। ଯିବା ପରେ ଗ୍ରାମର କେତେକ ଉଚ୍ଛୃଙ୍ଖଳିତ ଯୁବକଙ୍କ ଏପରି କାର୍ଯ୍ୟ କରୁଥିବା ଜାଣିବାକୁ ପାଇଥିଲେ। ଫଳରେ ଗାଡ଼ିଟିକୁ ଅଟକାଇ ସରପଞ୍ଚଙ୍କ ମାଧମରେ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ବୋଲେରୋ ଓ ଯୁବକମାନଙ୍କୁ ଥାନାକୁ ଆଣିଥିଲେ। ପରେ ଅଟକ ଯୁବକମାନଙ୍କୁ ବ୍ୟକ୍ତିଗତ ମୁଚାଲିକା କରି ଛାଡ଼ିଥିଲେ।

### ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ହତ୍ୟା ଅଭିଯୋଗ ଆଣିଲେ ପରିବାରଲୋକ

**କଣାସ,୩୦।୩(ସ୍ୱ.ପ୍ର.):** ଖୋର୍ଦ୍ଧା ଜିଲା ଅନ୍ତର୍ଗତ ନିରାକାରପୁର ଥାନା ଅଞ୍ଚଳରେ ଜଣେ ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ସେ ହେଲେ ଉକ୍ତ ଥାନା ଅଞ୍ଚଳ ଯାଜପୁର ଗ୍ରାମର ରମେଶ ଚନ୍ଦ୍ର ଦାଶଙ୍କ ସ୍ତ୍ରୀ ଟିଙ୍କିଲି। ଏ ନେଇ ମହିଳାଙ୍କ ପିତା ଯୌତୁକ ପାଇଁ ଝିଅକୁ ଶାଶୁ ଓ ସ୍ୱାମୀ ବିଷ ଦେଇ ହତ୍ୟା କରିଦେଇଥିବା ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକ୍ରମେ ପୋଲିସ ନଂ.୩୯/୨୦ରେ ଏକ ମାମଲା ରୁଜୁ କରିବା ସହ ସ୍ୱାମୀଙ୍କୁ ଅଟକ ରଖି ପଚରାଉଚୁରା ଚଳାଇଛି। ସୂଚନା ଅନୁଯାୟୀ, କଣାସ ଥାନା ଅନ୍ତର୍ଗତ ତ୍ରିଲୋଚନପୁର ଗ୍ରାମର ପ୍ରଭାକର ଆଚାର୍ଯ୍ୟ ଝିଅ ଟିଙ୍କିଲିକୁ ଗତ ୨୦୧୫ରେ ରମେଶଙ୍କ ସହ ବିବାହ କରିଥିଲେ। ବିବାହ ସମୟରେ ପିତା ପ୍ରଭାକର ଯୌତୁକ ବାବଦରେ ନଗଦ ୫୦ହଜାର ଟଙ୍କା ସହ ଆସବାବପତ୍ର ଓ ସୁନା ଗହଣା ଦେଇଥିଲେ। କିନ୍ତୁ ପରେ ଅଧିକ ଏକ ଲକ୍ଷ ଟଙ୍କା ବାପାଙ୍କଠାରୁ ଆଣିବା ପାଇଁ ରମେଶ ଓ ତାଙ୍କ ମା ବୋହୂ ଟିଙ୍କିଲିକୁ ବାଧ କରିବା ସହ ମାନସିକ ଓ ଶାରୀରିକ ଯନ୍ତ୍ରଣା ଦେଉଥିଲେ। ଏଭଳି ବାରମ୍ବାର ହେବାରୁ ଟିଙ୍କିଲି ବାପାଙ୍କୁ ଜଣାଇଥିଲେ। ଗତ ୨୭ତାରିଖ ସକାଳେ ଝିଅର ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ଥିବା ଖବର ପାଇଥିଲେ। କିନ୍ତୁ ସେଠାରେ ପ୍ରଭାକର ପହଞ୍ଚିବାବେଳକୁ ଝିଅର ମୃତ୍ୟୁ ହୋଇଯାଇଥିଲା। ଏ ନେଇ ସେ ଥାନାରେ ଅଭିଯୋଗ କରିଥିଲେ। ଖବରପାଇ ପୋଲିସ ପହଞ୍ଚି ମହିଳାଙ୍କ ମୃତଦେହକୁ ବ୍ୟବଚ୍ଛେଦ କରିବା ପରେ ପିତାଙ୍କୁ ହସ୍ତାନ୍ତର କରିଦେଇଥିଲେ। ପରେ ଅଭିଯୋଗକୁ ଭିତ୍ତିକରି ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

# ରାଜ୍ୟ ବାହାରେ ଫସିଛନ୍ତି ଖୋର୍ଦ୍ଧା ଅଞ୍ଚଳର ଶ୍ରମିକ

**ଖୋର୍ଦ୍ଧା ଅଫିସ,୩୦।୩**



ଉଦ୍ଧାର ପାଇଁ ଶ୍ରମିକମାନେ ନିବେଦନ କରୁଛନ୍ତି।

କୋଭିଡ-୧୯(କରୋନା ଭାଇରସ) ଭୂତାଣୁ ସଂକ୍ରମଣ ରୋକିବା ଲାଗି ସରକାର ୨୧ଦିନିଆ ଲକଡାଉନ ଘୋଷଣା କରିଛନ୍ତି। ସମସ୍ତ ରାଜ୍ୟକୁ ବସ ଓ ଟ୍ରେନ ଚଳାଚଳ ବନ୍ଦ ରହିଛି। ଫଳରେ ବାହାର ରାଜ୍ୟରେ ରହିଥିବା ଖୋର୍ଦ୍ଧା ଅଞ୍ଚଳର ଶତାଧିକ ଶ୍ରମିକ ଫସିରହିଛନ୍ତି। ସବୁ ସୁବିଧା ବନ୍ଦ ଥିବାରୁ ନିରାଶ ହୋଇ ନିଜ ଅଞ୍ଚଳକୁ ଫେରିଯିବାକୁ ସୋସିଆଲ ମିଡିଆରେ ଆକୁଳ ନିବେଦନ କରୁଛନ୍ତି।

ମିଳିଥିବା ସୂଚନା ମୁତାବକ, ଖୋର୍ଦ୍ଧା ଟାଙ୍ଗି ବ୍ଲକର ଶହେରୁ ଉର୍ଦ୍ଧ୍ୱ ଶ୍ରମିକ ଗୁଜରାଟର ସୁରତରେ ଅଟକି ରହିଛନ୍ତି। ଭୁବନେଶ୍ୱର ଏମ୍‌ପି, ଖୋର୍ଦ୍ଧା ବିଧାୟକ, ଟାଙ୍ଗି ପ୍ରଶାସନ, ଲୋକ ପ୍ରତିନିଧିଙ୍କୁ ଟାଙ୍ଗି ଫେରିବା ଲାଗି ନିବେଦନ କରିଛନ୍ତି। କମ୍ପାନୀ ମାଲିକ, ସେମାନଙ୍କୁ କୌଣସି ସହଯୋଗ କରୁନାହାନ୍ତି। ଘର ମାଲିକ ଘର ଛାଡ଼ିବାକୁ ବାଧ କରୁଛନ୍ତି। ହାତରେ ଥିବା ଟଙ୍କା ସରିଗଲାଣି। ଭୋକ ଉପାସରେ ଦିନ କଟୁଛି। ଆମ ଫେରିବା ଲାଗି କୌଣସି ବ୍ୟବସ୍ଥା କରିବା ପାଇଁ ଏକ ଭିଡିଓ ଜରିଆରେ ହାତ ଯୋଡ଼ି ନେହୁରା ହେଉଥିବା ଦେଖିବାକୁ ମିଳିଛି। ଏ ସମ୍ପର୍କରେ ଟାଙ୍ଗି ବ୍ଲକ ପ୍ରତିନିଧିଙ୍କଠାରୁ ଜାଣିବା ପରେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଗୁଜରାଟର ସ୍ଥାନୀୟ ପ୍ରଶାସନ ଏବଂ ଜିଲାପାଳଙ୍କୁ ସହଯୋଗ ଲାଗି ଚିଠି ଲେଖିଥିବା ବ୍ଲକ ପ୍ରତିନିଧି ପ୍ରଦୋଷ ହରିଚନ୍ଦନ କହିଛନ୍ତି। ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା, ଖାଇବା ପିଇବା ବ୍ୟବସ୍ଥା ଲାଗି ଏମ୍‌ପି ଷଡ଼ଙ୍ଗୀ ସେଠକାର ପ୍ରଶାସନ ସହ ଆଲୋଚନା କରିଥିବା ହରିଚନ୍ଦନ କହିଛନ୍ତି।

ସେହିପରି ଖୋର୍ଦ୍ଧା ସହର ଉପକଣ୍ଠ ପଲା ତୋଟାପଡ଼ାରେ ପ୍ରାୟ ୩୦ରୁ ଉର୍ଦ୍ଧ୍ୱ ପଶ୍ଚିମବଙ୍ଗ ଶ୍ରମିକ ନିଜ ଗ୍ରାମକୁ ଫେରିଯିବାକୁ ରାଜ୍ୟ ସରକାରଙ୍କୁ ନିବେଦନ କରିଛନ୍ତି। ଗତ ତିନି ଦିନ ହେଲା ଭୁବନେଶ୍ୱର ପଟୁ ଏକାଧିକ ମହିଳା ପୁରୁଷ, ପିଲା ଛୁଆ ଧରି ଖୋର୍ଦ୍ଧା ବାଇପାସ ଦେଇ ଚାଲି ଚାଲି ନୟାଗଡ଼ ଯାଉଥିବା ହୃଦୟ ବିଦାରକ ଦୃଶ୍ୟ ଦେଖିବାକୁ ମିଳିଛି। ସେହିପରି ନିକଟରେ ବିଳମ୍ବିତ ରାତିରେ ଭୁବନେଶ୍ୱରରୁ ଗଞ୍ଜାମର ବିଭିନ୍ନ ଅଞ୍ଚଳର ଜନସାଧାରଣ ଚାଲି ଚାଲି ଖୋର୍ଦ୍ଧା ଜାତୀୟ ରାଜପଥ ଦେଇ ଯାଉଥିବା ଖବରପାଇ କେତେଜଣ ସ୍ୱେଚ୍ଛାସେବୀ ପହଞ୍ଚି ପଚରାଉଚୁରା କରିବା ସହ ଖୋର୍ଦ୍ଧା ପୌର ପ୍ରଶାସନ ପକ୍ଷରୁ ସେମାନଙ୍କ ଖାଇବା ବ୍ୟବସ୍ଥା କରାଯାଇଥିଲା। ପରେ ପୋଲିସ ଠାରୁ ଖବରପାଇ ଜିଲାପାଳ ସେମାନଙ୍କ ଯିବା ଲାଗି ବ୍ୟବସ୍ଥା କରିଥିଲେ। ଅନ୍ୟପକ୍ଷେ ବାହର ରାଜ୍ୟର ଅଟକି ଥିବା ଶ୍ରମିକ, ଆର୍ଥିକ ଅନଗ୍ରସର ବୃଦ୍ଧାବୃଦ୍ଧଙ୍କୁ ପୌର ପ୍ରଶାସନ, ସ୍ଥାନୀୟ ସ୍ୱେଚ୍ଛାସେବୀ ରନ୍ଧାଖାଦ୍ୟ, ଶୁଖିଲା ଖାଦ୍ୟ ପ୍ରଦାନ କରୁଛନ୍ତି।

**ଫେରିବାକୁ ଆକୁଳ ନିବେଦନ**

## ରାଜ୍ୟ ବାହାର ୮୦୯ ଶ୍ରମିକଙ୍କୁ ଦିଆଗଲା ରନ୍ଧାଖାଦ୍ୟ

**ନିମାପଡ଼ା,୩୦।୩(ଡି.ଏନ.ଏ.):** ମହାମାରୀ କରୋନା ପାଇଁ ସାରା ଦେଶରେ ଲକଡାଉନ ଘୋଷଣା ହେବାପରେ ଯାତାୟତ ସୁବିଧା ବନ୍ଦ ହୋଇଯାଇଛି। ଏଥିଯୋଗୁ ନିମାପଡ଼ାରେ ବାହାର ରାଜ୍ୟରୁ ୮୦୯ଜଣ ଶ୍ରମିକ ଫସିଯାଇଛନ୍ତି। ଏମାନଙ୍କ ମଧ୍ୟରୁ ଝାଡ଼ଖଣ୍ଡ, ୟୁପି, ଛତିଶଗଡ଼, ମହାରାଷ୍ଟ୍ର, ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶ ସମେତ ବିଭିନ୍ନ ରାଜ୍ୟର ପ୍ରାୟ ୪ଶହ ଶ୍ରମିକ ହୋଇଥିବାବେଳେ ବିଭିନ୍ନ ଜିଲାରୁ ୪ଶହରୁ ଉର୍ଦ୍ଧ୍ୱ ଶ୍ରମିକ ରହିଛନ୍ତି। ଏହି ଶ୍ରମିକମାନେ ନିମାପଡ଼ାରେ ଇଟାଭାଟି, ବିଭିନ୍ନ ନିର୍ମାଣ କାର୍ଯ୍ୟରେ ନିୟୋଜିତ ହୋଇଥିଲେ। କିନ୍ତୁ କରୋନା ପାଇଁ ଏବେ ସମସ୍ତ କାର୍ଯ୍ୟ ବନ୍ଦ ରହିଥିବାରୁ ଟଙ୍କା, ଖାଦ୍ୟ ନ ପାଇଁ ହଇରାଣ ହୋଇପଡ଼ିଛନ୍ତି। ଏହି କଥା ବ୍ଲକ ପ୍ରଶାସନ ଜାଣିବା ପରେ ସମସ୍ତଙ୍କ ପାଇଁ ରନ୍ଧାଖାଦ୍ୟ, ଗ୍ରସେରି ସାମଗ୍ରୀ ଯୋଗାଇବାର ବ୍ୟବସ୍ଥା କରିଛି। ସୋମବାର ସ୍ଥାନୀୟ ବ୍ଲକ ଅଧୀନସ୍ଥ ବଳଙ୍ଗା, ନୂଆସନ୍ଥ, ରେଞ୍ଚ, ଅଲଣ୍ଡା ଆଦି ପଞ୍ଚାୟତର ଶତାଧିକ ଶ୍ରମିକ ଓ ଗରିବମାନଙ୍କୁ ରନ୍ଧାଖାଦ୍ୟ ଓ ଗ୍ରସେରି ଦିଆଯାଇଥିବା ବିଡିଓ ମନୋଜ କୁମାର ବେହେରା କହିଛନ୍ତି।

## ବିଦ୍ୟାଳୟରେ ଆଶ୍ରୟ ନେଲେ ଛତିଶଗଡ଼ର ୫ ଶ୍ରମଜୀବୀ ପରିବାର

**ସାକ୍ଷୀଗୋପାଳ, ୩୦।୩(ଡି.ଏନ.ଏ):** ପେଟପାଟଣା ପାଇଁ ପଡ଼ୋଶୀ ଛତିଶଗଡ଼ ରାଜ୍ୟ ଦେଓଚିତ୍ରା ଗ୍ରାମରୁ ପଳାଇ ଆସିଥିବା ୫ ଶ୍ରମଜୀବୀ ପରିବାରର ୩୫ ସଦସ୍ୟ କରୋନା କଟକଣାରେ ଫସି ଯାଇଛନ୍ତି। ଲକଡାଉନ ଯୋଗୁ ସେମାନେ ନିଜ ଗାଁକୁ ଫେରିବା ଅସମ୍ଭବ ହୋଇଯାଇଛି। ସେମାନେ ଦୟନୀୟ ଅବସ୍ଥାରେ ପୁରୀ ଜିଲା ସାକ୍ଷୀଗୋପାଳ ଅଞ୍ଚଳରେ ରହିଥିବା ଜାଣିବା ପରେ ପ୍ରଶାସନ ପକ୍ଷରୁ ସହାୟତା ଯୋଗାଇ ଦିଆଯାଇଛି। ସେମାନଙ୍କୁ ଏବେ ପୁରୀ ରାଜପଥପାର୍ଶ୍ୱ କାଦୁଆ ପ୍ରାଥମିକ ବିଦ୍ୟାଳୟରେ ଆଶ୍ରୟ ଦିଆଯାଇଛି। ଖାଇବା ନିମନ୍ତେ ସେମାନଙ୍କୁ ଡାଲି ଚାଉଳ ଓ ପନିପରିବା ଦିଆଯାଇଛି। ସେମାନଙ୍କ ସହ ଥିବା ପିଲାମାନଙ୍କ ପାଇଁ କ୍ଷୀର ଓ ଅଣ୍ଡା ଦିଆଯାଇଛି। ଏହାସହ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ପ୍ରତି ଦୃଷ୍ଟି ଦେବାକୁ ସ୍ଥାନୀୟ ଆଶା ଓ ଅଙ୍ଗନୱାଡ଼ି କର୍ମୀଙ୍କୁ ଦାୟିତ୍ୱ ଦେବାପାଇଁ ସତ୍ୟବାଦୀ ବିଡିଓ ସରୋଜ କୁମାର ଦତ୍ତ କହିଛନ୍ତି। ଚଳିତ ମାସ ୭ ତାରିଖରେ ସେମାନେ କାମ କରିବା ପାଇଁ ଓଡ଼ିଶା ଆସି ସାକ୍ଷୀଗୋପାଳର ଜଣେ ବ୍ୟକ୍ତିଙ୍କ ଘର ନିର୍ମାଣ କାମରେ ପୁରୁଷମାନେ ନିୟୋଜିତ ହୋଇଥିବା ବେଳେ ମହିଳାମାନେ ଆଖପାଖରେ ଚୁଡ଼ି, ଶଙ୍ଖା ବିକ୍ରି କରୁଥିବା ଜଣାପଡ଼ିଛି।



# ଭୋକିଲାଙ୍କୁ ଖାଦ୍ୟ ବାଣ୍ଟିଲେ ସାମାଜିକ କର୍ମୀ

**ଭୁବନେଶ୍ୱର, ୩୦।୩ (ବ୍ୟୁରୋ)**

ଲକ୍‌ଡାଉନ୍ ଓ ଉହଡହ ଖରାରେ ସତେଯେମିତି ରାଜଧାନୀ ରାସ୍ତା କଡ଼ରେ ଆଶ୍ରୟ ନେଇଥିବା ଅସହାୟ, ଦିବ୍ୟାଙ୍ଗଙ୍କ ଜୀବନ ଦୁର୍ବିସହ ହୋଇପଡୁଛି। ଭୋକ, ଶୋଷରେ ଦିନ ବିତୁଛି। ବୁଲା ଜୀବଜନ୍ତୁ ଖାଦ୍ୟ ଓ ପାଣି ନ ପାଇ ଉହଲବିକଳ ହେଉଛନ୍ତି। ଅନ୍ୟପକ୍ଷରେ ପୋଲିସ ଓ ବିଏମ୍‌ସି କର୍ମଚାରୀମାନେ ଅଧିକାଂଶ ସମୟରେ ଭୋକ ଓ ଶୋଷରେ ରହି ନିଜ କର୍ତ୍ତବ୍ୟ କରିଚାଲିଛନ୍ତି। ଏପରିସ୍ଥଳେ ଏମାନଙ୍କ ପାଇଁ ଦେବଦୂତ ସାଜିଛନ୍ତି ସାମାଜିକ କର୍ମୀ ଓ ବହୁ ବଦାନ୍ୟ ବ୍ୟକ୍ତି। ନିଜ ଖର୍ଚ୍ଚରେ ଶୁଖିଲା ଓ ରନ୍ଧା ଖାଦ୍ୟ ସହ ପାଣି ବାଣ୍ଟି ଚାଲିଛନ୍ତି। ଭିଏସ୍‌ଏସ୍ ନଗର ଡିଏଲ୍ କଲୋନୀରେ ରହୁଥିବା କେତେଜଣ ସାମାଜିକ କର୍ମୀ ଲକ୍‌ଡାଉନ୍ ପରଠାରୁ ସହରର ବିଭିନ୍ନ ଅଞ୍ଚଳ ବୁଲି ବୁଲି ଭୋକରେ ରହୁଥିବା ଗରିବ, ଅସହାୟଙ୍କ ସମେତ ପୋଲିସ ଓ ବିଏମ୍‌ସି କର୍ମଚାରୀଙ୍କୁ ଖାଦ୍ୟ ଓ ପାଣି ବାଣ୍ଟୁଛନ୍ତି। ପ୍ରଥମ ଦିନରେ ୩ଶହ ଜଣଙ୍କୁ ଖାଦ୍ୟ ପୁଡ଼ିଆ ଓ ପାଣି ବୋତଲ ବାଣ୍ଟିଥିବାବେଳେ ପ୍ରତିଦିନ ଯେପରି ଅଧିକ ଲୋକଙ୍କ ପାଖରେ ପହଞ୍ଚିପାରିବେ ସେଥିପାଇଁ ଉଦ୍ୟମ ଜାରି ରଖିଥିବା ସେମାନେ କହିଛନ୍ତି। ଏହି ଟିମ୍‌ରେ ପୁରଞ୍ଜନ ପାଢ଼ୀ, ନିଶାଥ ରଞ୍ଜନ ନନ୍ଦ, ହିମାଂଶୁ ଶେଖର ନାୟକ, ବୁଢ଼ା ଲେଙ୍କା, ରାକେଶ ପଟ୍ଟନାୟକ, ଭବାନୀ ଶଙ୍କର ନାୟକ, ଯଶବନ୍ତ ନନ୍ଦୀ, ରାଜୀବ ନୟନ ରଥ, କ୍ରିଷ୍ଟେନ୍ଦୁ ସାହୁ, ସୌମ୍ୟ ରଞ୍ଜନ ମହାନ୍ତି, ଦିପିନା ସାହୁ ପ୍ରମୁଖ ସାମିଲ ରହିଛନ୍ତି।




ଭିଏସ୍‌ଏସ୍ ନଗରର ସାମାଜିକ କର୍ମୀମାନେ ବିଭିନ୍ନ ଅଞ୍ଚଳ ବୁଲି ବୁଲି ଖାଦ୍ୟ ବାଣ୍ଟୁଛନ୍ତି।

# ଅରୁନ୍ଧତୀ ଗ୍ରୁପ୍ ପକ୍ଷରୁ ରିଲିଫ ପାଣ୍ଠିକୁ ୫ ଲକ୍ଷ ଦାନ



**ଭୁବନେଶ୍ୱର,୩୦।୩**

କୋଭିଡ୍-୧୯ ମୁକାବିଲା ଲାଗି ପ୍ରମୁଖ ଜ୍ୱେଲେରି ଚେନ୍ ଅରୁନ୍ଧତୀ ଗ୍ରୁପ୍ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୫ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ଗ୍ରୁପ୍‌ର ପରିଚାଳନା ନିର୍ଦ୍ଦେଶକ ବ୍ରହ୍ମାନନ୍ଦ ମେହେର ବଲାଙ୍ଗୀର ଜିଲାପାଳ ଅରିନ୍ଦମ ଡାକୁଆଙ୍କୁ ଅର୍ଥ ରାଶିର ଚେକ୍ ପ୍ରଦାନ କରିଛନ୍ତି। ଏହି ଅବସରରେ ନିର୍ଦ୍ଦେଶକ ଅଚ୍ୟୁତାନନ୍ଦ ମେହେର ଉପସ୍ଥିତ ଥିଲେ।

## ନୀଳାଚଳ ଏଜୁକେଶନାଲ ଟ୍ରଷ୍ଟର ସହାୟତା

**ଭୁବନେଶ୍ୱର,୩୦।୩**

କରୋନା ବିଶ୍ୱ ମହାମାରୀର ମୁକାବିଲା ଲାଗି ନୀଳାଚଳ ଏଜୁକେଶନାଲ ଟ୍ରଷ୍ଟ ପକ୍ଷରୁ ସହାୟତା ରାଶି ପ୍ରଦାନ କରାଯାଇଛି। ଟ୍ରଷ୍ଟ ପକ୍ଷରୁ ଡକ୍ଟର ଶାରଦା ପ୍ରସାଦ ମିଶ୍ର ୧ ଲକ୍ଷ ଟଙ୍କାର ସହାୟତା ରାଶି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ରିଲିଫ ପାଣ୍ଠିକୁ ଦାନ କରିଛନ୍ତି। ଏହି ଟ୍ରଷ୍ଟ ଅଧୀନରେ ଟାଇମ୍ସ ସ୍କଲାରର୍ସ ଗୁରୁକୁଳ ଏବଂ ସାଇ ସବୁରୀ ହସ୍ପିଟାଲ ପରିଚାଳିତ ହେଉଛି।

## ଲକ୍‌ଡାଉନ୍‌କୁ ଅବମାନନା, ୪୦ ବାଇକ୍ ଜବତ



**ଜଟଣୀ,୩୦।୩(ଡି.ଏନ.ଏ)**

ଜଟଣୀରେ ଲକ୍‌ଡାଉନ୍ କଡ଼ାକଡ଼ି ଭାବେ ପାଳନ କରାଯାଉଛି । ଏଥିପାଇଁ ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଯାନବାହନ ଯାଞ୍ଚ କରାଯିବା ସହ ନିୟମକୁ ଅବମାନନା କରିଥିବା ୪୦ଟି ବାଇକ୍‌କୁ ସୋମବାର ଜବତ କରାଯାଇଥିବା ଆଇଆଇସି ବିଶ୍ୱରଂଜନ ସାହୁ କହିଛନ୍ତି । ସହରର ହରିଭାଇନା ଛକ, ସୀତାରାମଛକ ଆଦି ପ୍ରବେଶପଥ ବାରିକେଡ୍ କରାଯାଇ ଯାନବାହନକୁ ସହର ମଧ୍ୟକୁ ଛଡ଼ାଯାଉନି। ବିଭିନ୍ନ ସ୍ଥାନରେ ପୋଲିସ ମୁତୟନ ରହିବା ସହ ପାଟ୍ରୋଲିଂକୁ କଡ଼ାକଡ଼ି କରାଯାଇଛି।

# ନାମ ପଞ୍ଜୀକରଣ କରୁନାହାନ୍ତି ଏକାଧିକ

**ସାଲେପୁର,୩୦।୩(ଡି.ଏନ.ଏ.)**

ସାଲେପୁର ଅଞ୍ଚଳରେ ଏବେବି ଦେଶ ଓ ରାଜ୍ୟ ବାହାରୁ ଆସି ଘରେ ରହିଥିବା ଏକାଧିକ ଲୋକ ନାମ ପଞ୍ଜୀକରଣ କରିନାହାନ୍ତି। ପ୍ରଶାସନ ପକ୍ଷରୁ ଅଙ୍ଗନୱାଡି, ଆଶା, ସ୍ୱାସ୍ଥ୍ୟକର୍ମୀ ଏବଂ ସରପଞ୍ଚଙ୍କ ମାଧମରେ ସେମାନଙ୍କୁ ଚିହ୍ନଟ କରାଯାଇ ନାମ ପଞ୍ଜୀକରଣ କରାଯାଉଥିବାବେଳେ କ୍ୱାରାଣ୍ଟାଇନ୍‌ରେ ରହିବା ପାଇଁ ନିର୍ଦ୍ଦେଶ ଦିଆଯାଉଛି। ମାତ୍ର ସଚେତନତା ଅଭାବରୁ ଏହି ପରିସ୍ଥିତି ସୃଷ୍ଟି ହେଉଛି। ରାଜ୍ୟ ଓ ଦେଶ ବାହାରୁ ଆସୁଥିବା ଲୋକଙ୍କ ଦେହରେ କରୋନା ଭାଇରସ୍ ଥାଇପାରେ ବୋଲି ଆଶଂକା କରି ସେମାନଙ୍କ ନାମ ସରକାରଙ୍କ ନିକଟରେ ପଞ୍ଜୀକରଣ କରିବା ପାଇଁ ବାରମ୍ବାର ନିବେଦନ କରାଯାଉଛି। କିନ୍ତୁ ସଚେତନତା ଅଭାବରୁ ଏହି କଥାକୁ ହାଲ୍‌କା ଭାବେ ନେଇ ବହୁ ଲୋକ ନିଜର ନାମ ପଞ୍ଜୀକରଣ କରୁ ନ ଥିବାରୁ ସେମାନଙ୍କ ପଡ଼ୋଶୀ ଭୟଭୀତ ଅବସ୍ଥାରେ ରହୁଛନ୍ତି। ମାଛୁଆତି ଗ୍ରାମରେ ଜଣେ ବ୍ୟକ୍ତି ରାଜ୍ୟ ବାହାରୁ ଆସିଥିବାବେଳେ ନାମ ପଞ୍ଜୀକରଣ କରିଥିବାବେଳେ ରୋଧପୁର ଅଞ୍ଚଳରେ ଏକାଧିକ ଲୋକ ରାଜ୍ୟ ଓ ଦେଶ ବାହାରୁ ଆସିଥିଲେ ମଧ୍ୟ ନାମ ପଞ୍ଜୀକରଣ କରିନାହାନ୍ତି। ସାଲେପୁର ଓ ଏହାର ଆଖପାଖ ଅଞ୍ଚଳରେ ଭଡ଼ା ରହୁଥିବା ବହୁ ଲୋକ ଦେଶ ଓ ରାଜ୍ୟ ବାହାରୁ ଆସିଛନ୍ତି। ହେଲେ ସେମାନେ ନାମ ପଞ୍ଜୀକରଣ ନ କରି ରହୁଥିବାବେଳେ ଘର ଭଡ଼ା ଦେଇଥିବା ବହୁ ମାଲିକ ଏ ସମ୍ପର୍କରେ ସରକାରଙ୍କୁ ଅବଗତ କରାଉ ନ ଥିବା ଅଭିଯୋଗ ହୋଇଛି। ଏ ଦିଗରେ ଜନସାଧାରଣ ସଚେତନ ହେବା ସହ ବାହାର ରାଜ୍ୟରୁ ଆସି ନାମ ପଞ୍ଜୀକରଣ ନ କରି ରହୁଥିବା ବ୍ୟକ୍ତିଙ୍କ ସମ୍ପର୍କରେ ସରକାରଙ୍କୁ ଅବଗତ କରାଇବା ପାଇଁ ପ୍ରଶାସନ ପକ୍ଷରୁ ନିବେଦନ କରାଯାଇଛି।

# ନିଶ୍ଚିନ୍ତକୋଇଲିରେ ୪୪ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର

**ନିଶ୍ଚିନ୍ତକୋଇଲି,୩୦।୩(ସ୍ୱ.ପ୍ର.)**

ନିଶ୍ଚିନ୍ତକୋଇଲି ବ୍ଲକ ପକ୍ଷରୁ କରୋନା ସଚେତନତା କାର୍ଯ୍ୟ ତ୍ୱରାନ୍ୱିତ କରାଯାଇଛି। ପ୍ରତି ପଞ୍ଚାୟତରେ ଭିନ୍ନକ୍ଷମ ଓ ବେସାହାରାଙ୍କୁ ରନ୍ଧା ଖାଦ୍ୟ ଦେବା ପାଇଁ ବିଡିଓ ସମସ୍ତ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ହୋମ କ୍ୱାରାଣ୍ଟାଇନରେ ଥିବା ଲୋକଙ୍କୁ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଉଛି। ପ୍ରତି ପଞ୍ଚାୟତରେ ବୃଦ୍ଧାବୃଦ୍ଧ, ବିଧବା ଓ ଭିନ୍ନକ୍ଷମଙ୍କୁ ୪ ମାସର ଭତ୍ତା ଯୋଗାଇ ଦିଆଯାଉଛି। ବ୍ଲକ ଶିକ୍ଷାଧିକାରୀ ମନୋରଞ୍ଜନ ବାରିକଙ୍କ ତତ୍ତ୍ୱାବଧାନରେ ସରକାରୀ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ମଧ୍ୟାହ୍ନଭୋଜନନ ଚାଉଳ ପାଇଁ ଟୋକନ ପ୍ରଦାନ କରାଯାଇଛି। ବ୍ଲକର ୪୧ ପଞ୍ଚାୟତରେ ୪୪ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର କରାଯାଇ ସେଠାରେ ୫୮୦ ବେଡ ରଖାଯିବା ବ୍ୟବସ୍ଥା କରାଯାଇଛି। ବାହାର ରାଜ୍ୟରୁ ଆସିଥିବା ୫୪୫ ଜଣଙ୍କୁ ହୋମ କ୍ୱାରାଣ୍ଟାଇନରେ ରହିବା ପାଇଁ ପରାମର୍ଶ ଦିଆଯାଇଥିବାବେଳେ ବିଦେଶରୁ ଆସିଥିବା ୨୬ଜଣଙ୍କ ଉପରେ ପ୍ରଶାସନ ଦୃଷ୍ଟି ରଖିଥିବା ବିଡିଓ କର୍ଣ୍ଣଦେବ ସମାଦ୍ଦାର ପ୍ରକାଶ କରିଛନ୍ତି।

# ଲକ୍‌ଡାଉନକୁ ବେଖାତିର, କଣାସ ହାଟରେ ଭିଡ଼

**କଣାସ,୩୦।୩(ସ୍ୱ.ପ୍ର.)**



ସୋମବାର କଣାସ ବଜାରରେ ଗହଳି।

କରୋନା ଭୂତାଣୁକୁ ରୋକିବା ପାଇଁ ସରକାର ସାରା ଦେଶରେ ୨୧ଦିନିଆ ଲକ୍‌ଡାଉନ ଘୋଷଣା କରି ଲୋକଙ୍କୁ ଘରେ ରହିବାକୁ କୁହାଯାଇଥିଲା। କିନ୍ତୁ ପୁରୀ ଜିଲା କଣାସ ବ୍ଲକରେ ଲକଡାଉନକୁ ବେଖାତିର କରି ସଚେତନ ହେଉ ନ ଥିବା ଦେଖିବାକୁ ମିଳୁଛି। ସକାଳ ୬ଟାରୁ ଦିନ ୧୧ଟା ପର୍ଯ୍ୟନ୍ତ ଅତ୍ୟାବଶ୍ୟକ ସାମଗ୍ରୀ ଦୋକାନ ଖୋଲିବା, ସାମାଜିକ ଦୂରତା ବଜାୟ ରଖିବାକୁ ନିର୍ଦ୍ଦେଶ ଦିଆଯାଇଥିଲେ ମଧ କଣାସ ସାପ୍ତାହିକ ହାଟରେ ଲୋକମାନଙ୍କ ନାହିଁ ନ ଥିବା ଭିଡ଼ ଜମୁଛି। ଯାହାଦ୍ୱାରା ପ୍ରଶାସନିକ ଅଧିକାରୀ ଓ ପୋଲିସଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ସାଜିଛି। ପ୍ରତିଦିନ ବ୍ଲକ ପ୍ରଶାସନ ଓ ପୋଲିସ ପକ୍ଷରୁ ଡାକବାଜି ଯନ୍ତ୍ର ଦ୍ୱାରା ବଜାର ଓ ଗାଁ ବୁଲି ମହାମାରୀ କରୋନାର ପ୍ରାଦୁର୍ଭାବରୁ ରକ୍ଷା ପାଇବା ପାଇଁ ଜନସାଧାରଣଙ୍କୁ ନିବେଦନ କରାଯାଉଛି। କିନ୍ତୁ କେତେକ ବ୍ୟକ୍ତି ଏହି ନିୟମକୁ ଉଲ୍ଲଂଘନ କରି ସାମଗ୍ରୀ କିଣିବା ନାଁରେ ବାହାରେ ବୁଲୁଥିବାବେଳେ ୧୦ରୁ ୧୫ଜଣ ଏକତ୍ରିତ ହୋଇ ସାମଗ୍ରୀ କିଣୁଛନ୍ତି। ଅନ୍ୟପକ୍ଷେ ଲୋକଙ୍କ ଭିଡ଼କୁ ଦେଖି ବ୍ୟବସାୟୀମାନେ ଅତ୍ୟାବଶ୍ୟକ ସାମଗ୍ରୀଗୁଡିକର ଦର ବୃଦ୍ଧି କରୁଥିବା ଅଭିଯୋଗ ହୋଇଛି। ଏଥିପାଇଁ ସରକାରଙ୍କ ନିର୍ଦ୍ଦେଶ ଥିବାବେଳେ ବ୍ୟବସାୟୀମାନେ ନ ମାନି ଡାଲି, ଆଳୁ, ତେଲ ଉପରେ ୧୦ରୁ ୨୦ଟଙ୍କା ଅଧିକ ନେଉଛନ୍ତି। ରବିବାର ମଧ ହାଟରେ ମାଛ, ମାଂସ ଦୋକାନରେ ଭିଡ ଥିବାବେଳେ ଏହିସବୁ ଉପରେ ୫୦, ୧୦୦ଟଙ୍କା ଅଧିକ ରଖି ବିକ୍ରି କରୁଥିବାରୁ କିଛି ସମୟ ହୋହଲ୍ଲା ହୋଇଥିଲା। ଏହି ଦୋକାନମାନଙ୍କ ପ୍ରତି କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହୋଇଛି।

# ଲକ୍‌ଡାଉନ ସ୍ଥିତି ପରଖିଲେ ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ

**ବ୍ରହ୍ମଗିରି,୩୦।୩(ଡି.ଏନ.ଏ.)**

ଲକଡାଉନ ସମୟରେ ରାଜ୍ୟ ସରକାରଙ୍କ ସମସ୍ତ ଜନହିତ ଯୋଜନା କିଭଳି ଜନସାଧାରଣଙ୍କ ନିକଟରେ ପହଞ୍ଚିପାରିବ ସେନେଇ ସୋମବାର ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ ଦାସ ବର୍ମା ବ୍ରହ୍ମଗିରି ଗ୍ରସ୍ତ କରି ପରଖିଛନ୍ତି। ବ୍ରହ୍ମଗିରି ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିବା ପରେ ବ୍ଲକର ସମସ୍ତ ପ୍ରଶାସନିକ ଅଧିକାରୀଙ୍କ ସହ ଏକ ଆଲୋଚନା କରିଥିଲେ। ଏଥିରେ ବ୍ରହ୍ମଗିରି ବ୍ଲକ ବିଡିଓ ଜ୍ୟୋତି ପ୍ରକାଶ ସେଠୀ, ତହସିଲଦାର କିଶୋର କୁମାର ପଣ୍ଡା, ଥାନା ଅଧିକାରୀ ମନୋଜ ଶତପଥୀ ଯୋଗଦେଇଥିଲେ। ମହାମାରୀ କରୋନାର ମୁକାବିଲା ପାଇଁ ସାରା ଦେଶରେ ଜାରି ହୋଇଛି ଲକଡାଉନ। ଏହି ଲକଡାଉନରେ ବେଶି ପ୍ରଭାବିତ ହେଉଛନ୍ତି ଗରିବ ଓ ଖଟିଖିଆ। ଏମାନଙ୍କ ପାଇଁ ସରକାର ୩ ମାସ ପାଇଁ ଖାଦ୍ୟ ସାମଗ୍ରୀ, ଭତ୍ତା, ଶିଶୁଙ୍କ ପାଇଁ ଅଙ୍ଗନୱାଡି ମାଧ୍ୟମରେ ଶୁଖିଲା ଖାଦ୍ୟ, ଛାତ୍ରୀଛାତ୍ରଙ୍କ ପାଇଁ ମଧ୍ୟାହ୍ନଭୋଜନ ଚାଉଳ ଯୋଗାଇ ଦେଉଛନ୍ତି। ଏ ସବୁ କିଭଳି ସୂଚାରୁ ରୂପେ ବଣ୍ଟନ ହେବ ସେ ସମ୍ପର୍କରେ ଆଲୋଚନା କରିଥିଲେ। ଏହାସହ କ୍ୱାରାଣ୍ଟାଇନ ସେଣ୍ଟର ସୁପରିଚାଳନା, ଆଇନ ଶୃଙ୍ଖଳା ପରିସ୍ଥିତି ସମ୍ପର୍କରେ ମଧ ଆଲୋଚନା ହୋଇଥିଲା। ଭତ୍ତା, ଖାଉଟି ସାମଗ୍ରୀ ଲୋକମାନଙ୍କ ଘରେ ପହଞ୍ଚାଇବା ସହ ୧୦୦୦ ଟଙ୍କା ସହାୟତା ରାଶି ଲୋକମାନଙ୍କୁ ସିଧାସଳଖ ଦେବାପାଇଁ ସଞ୍ଜୟ ଦାସ ବର୍ମା ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଏହାସହ ବର୍ତ୍ତମାନ ଧାନ ଅମଳ ସମୟ ହୋଇଥିବାରୁ ଚାଷୀମାନେ କିଭଳି ସୁବିଧାରେ ଧାନକଟା ମେଶିନ ପାଇପାରିବେ ଓ ଅମଳ ଧାନ ଠିକ ଭାବରେ ମଣ୍ଡିରେ ବିକ୍ରି କରିପାରିବେ ସେଥିପ୍ରତି ଗୁରୁତ୍ୱ ଦେବାକୁ କହିଥିଲେ।

## ପାନ ପାଇଁ ୧୦୦୦ ଟଙ୍କା ଜରିମାନା

କଟକ ଅଫିସ,୩୦।୩: ବକ୍ସିବଜାର ଛକରେ ସୋମବାର ସନ୍ଧ୍ୟାରେ ଜଣେ ବ୍ୟକ୍ତିଙ୍କୁ ପୋଲିସ ଅଟକାଇ ପଚରାଉଚରା କରିଥିଲା। ସେ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ବାହାରକୁ ଆସିଥିବା କହିଥିଲେ। ପୋଲିସ ତାଙ୍କୁ ଯାଞ୍ଚ କରିବାରୁ ପକେଟ୍‌ରୁ ପାନଭର୍ତ୍ତି ଜରି ବାହାରିଥିଲା। ସେ ପାନ କିଣି ଘରକୁ ଫେରୁଥିଲେ ବୋଲି ଜଣାପଡ଼ିବା ପରେ ତାଙ୍କଠାରୁ ୧୦୦୦ ଟଙ୍କା ଜରିମାନା ଆଦାୟ କରିଛି ପୋଲିସ୍।

## ସଂକ୍ଷେପରେ

### ୨୧୦ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲାଯିବ

**ଖୋର୍ଦ୍ଧା ଅଫିସ, ୩୦।୩:** କରୋନା ସଂକ୍ରମିତଙ୍କ ଚିକିତ୍ସା ଲାଗି ଖୋର୍ଦ୍ଧା ଜିଲାର ୧୯୦ ପଞ୍ଚାୟତ, ବାଣପୁର ଓ ବାଲୁଗାଁ ଏନ୍‌ଏସି ଏବଂ ଖୋର୍ଦ୍ଧା ଓ ଜଟଣୀ ପୌରାଞ୍ଚଳରେ ମୋଟ ୨୧୦ଟି ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର ତଥା କ୍ୱାରାଣ୍ଟାଇନ ହୋମ୍ ଖୋଲାଯିବ। ଏଥିଲାଗି ପ୍ରତି ପଞ୍ଚାୟତକୁ ୫ଲକ୍ଷ ଟଙ୍କା ଯୋଗାଇ ଦିଆଯାଇଛି। ଏହି ଅର୍ଥରେ ବିଦ୍ୟୁତ, ପାନୀୟଜଳ, ଶୌଚାଳୟ ଆଦି ବ୍ୟବସ୍ଥା କରାଯିବ। ବିଭିନ୍ନ ସ୍କୁଲ, କଲେଜ, ୟୁନିଟ ହଲ, କଲ୍ୟାଣ ମଣ୍ଡପ, ରାଜୀବଗାନ୍ଧୀ ଆବାସ କେନ୍ଦ୍ରରେ ଏହି ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲାଯିବ। ପ୍ରତି ସ୍ୱାସ୍ଥ୍ୟକେନ୍ଦ୍ରରେ ୫୦ ଶଯ୍ୟା ରହିବ ବୋଲି ଭୁବନେଶ୍ୱର ଅତିରିକ୍ତ ଜିଲାପାଳ ପ୍ରଫୁଲ୍ଲ କୁମାର ସ୍ୱାଇଁ କହିଛନ୍ତି। ଭୁବନେଶ୍ୱରକୁ ବାଦ୍ ଦେଇ ଜିଲାରେ ୯୩୨ ଅସହାୟ, ଗରିବ ବ୍ୟକ୍ତିଙ୍କୁ ସହାୟତା ଦିଆଯାଇଛି। କରୋନା ନିୟମ ଉଲ୍ଲଂଘନ କରି ୪ ଗିରଫ ହୋଇଥିବା ସୂଚନା ମିଳିଛି। ଖୋର୍ଦ୍ଧା ବିଡିଓ ପ୍ରଶାନ୍ତ ନାୟକ କହିଛନ୍ତି, ଅସହାୟ ଗରିବ, ବୃଦ୍ଧାବୃଦ୍ଧ ଏବଂ ବାହାର ରାଜ୍ୟର ଶ୍ରମିକମାନଙ୍କ ଖାଇବା ଓ ରହିବା ବ୍ୟବସ୍ଥା କରାଯାଉଛି। ଖୋର୍ଦ୍ଧା ବ୍ଲକରେ ଆଗୁଆ ୩ମାସର ଭତ୍ତା ବାବଦରେ ପ୍ରାୟ ୩ କୋଟି ୨୦ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି।

### ଖୋର୍ଦ୍ଧାରେ ସ୍ଥିତି ପରଖିଲେ ଡିଜିପି
#### ବିଦେଶ ଫେରନ୍ତାଙ୍କ ଉପରେ ନଜର ରଖିବାକୁ ପରାମର୍ଶ

**ଖୋର୍ଦ୍ଧା ଅଫିସ, ୩୦।୩:** ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ଅଭୟ ସୋମବାର ଅଚାନକ ଖୋର୍ଦ୍ଧା ଜିଲା ଗସ୍ତରେ ଆସି କରୋନା ମୁକାବିଲା ଓ ସଚେତନତା ସମ୍ପର୍କରେ ସ୍ଥିତି ପରଖି ଫେରିଯାଇଛନ୍ତି। ଖୋର୍ଦ୍ଧା ପୋଲିସ ପକ୍ଷରୁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଏସ୍‌ପି ଅଜୟ ପ୍ରତାପ ସ୍ୱାଇଁ ତାଙ୍କୁ ଅବଗତ କରାଇଥିଲେ। କଟକଣା ଓ ଆଇନକୁ କଡ଼ାକଡ଼ି କରିବା ଲାଗି ସେ ନିର୍ଦ୍ଦେଶ ଦେଇଛନ୍ତି। ପୋଲିସ କର୍ମଚାରୀଙ୍କ ୮ଘଣ୍ଟା ଡ୍ୟୁଟି ଓ ଗୋଟିଏ ଦିନ ଛୁଟି ନେଇ ସେ ସୂଚନା ଦେଇଥିଲେ। ଗୁଜବ ପ୍ରଚାର ଓ ସୋସିଆଲ ମିଡିଆରେ ପ୍ରଚାର ଉପରେ ନଜର ରଖିବାକୁ ଡିଜିପି ପରାମର୍ଶ ଦେଇଥିଲେ। ଜାତୀୟ ରାଜପଥ ଦେଇ ଟ୍ରାନ୍ସପୋର୍ଟ ଗାଡ଼ି, ମାଲବାହୀ ଟ୍ରକ ଚଳାଚଳରେ ଯେପରି ଅସୁବିଧା ନ ହୁଏ ସେଥିପ୍ରତି ଧ୍ୟାନ ଦେବାକୁ କହିଥିଲେ। ବାହାର ରାଜ୍ୟ ଓ ବିଦେଶ ଫେରନ୍ତାଙ୍କ ପଞ୍ଜୀକରଣ, ହୋମ୍ କ୍ୱାରାଣ୍ଟାଇନ ଉପରେ ନଜର ରଖିବାକୁ ସେ କହିଥିଲେ। ପରେ ନୂଆ ବସ୍‌ଷ୍ଟାଣ୍ଡ ନାକାବନ୍ଦୀ ସ୍ଥାନ ବୁଲି ଦେଖିଥିଲେ। ଡିଜିପିଙ୍କ ସହ ଆଲୋଚନାବେଳେ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

### ମାସ୍କ ବାଣ୍ଟି ସଚେତନ କଲେ ରଞ୍ଜିତା

ବ୍ରହ୍ମଗିରି,୩୦।୩(ଡି.ଏନ.ଏ): ମହାମାରୀ କରୋନା ଭୂତାଣୁ ନେଇ ସାରା ଦେଶକୁ ଲକ୍‌ଡାଉନ୍ ଘୋଷଣା କରାଯାଇଛି। ଏହି ସମୟରେ ସରକାର ଏବଂ ବିଭିନ୍ନ ସଙ୍ଗଠନ ଓ ବ୍ୟକ୍ତିବିଶେଷଙ୍କ ପକ୍ଷରୁ ସଚେତନତା ସୃଷ୍ଟି କରାଯାଉଛି। ଏହି କ୍ରମରେ ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅଧୀନ ପଣସପଦା ଗ୍ରାମର ରଞ୍ଜିତା ଜେଠୀ ନିଜ ଅର୍ଥରେ ୬ଶହ ମାସ୍କ ତିଆରି କରି ଲୋକଙ୍କୁ ବାଣ୍ଟିବା ସହ ସଚେତନତା ସୃଷ୍ଟି କରୁଛନ୍ତି। ଏହି ସଚେତନତା କାର୍ଯ୍ୟକ୍ରମରେ ସେ ଗ୍ରାମର ଯୁବକମାନଙ୍କୁ ସାମିଲ କରିଛନ୍ତି। ଗ୍ରାମରେ ଥିବା ସମ୍ଭାବନା ଚାରିଟେବୁଲ ଟ୍ରଷ୍ଟର ସଦସ୍ୟମାନଙ୍କୁ ନେଇ ସୋମବାର ସେ ଲୋକମାନଙ୍କୁ ଲକଡାଉନ ବେଳେ ଘରେ ରହିବା, ସାମାଜିକ ଦୂରତା ରକ୍ଷା କରିବା, ମାସ୍କ ବ୍ୟବହାର କରିବା ଆଦି ସଚେତନ କରିବା ସହ ମାସ୍କ ବାଣ୍ଟିଥିଲେ। ପ୍ଲାବନ କୁମାର ଦଳାଇ, ମନୋରଞ୍ଜନ ପଲାଇ, ଗୌତମ ପ୍ରଧାନ, ଆଶିଷ କୁମାର ସ୍ୱାଇଁ, ଦିବାକର ପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଗଡୁନି ଗାଡ଼ି, ପୂରୁନି ପେଟ




## ଦୁଃଖରେ ଦିନ କାଟୁଛନ୍ତି ଚାଳକ, ହେଲ୍‌ପର ଓ କଣ୍ଡକ୍ଟର

ପୁରୀ ଅଫିସ,୩୦।୩

ପର୍ଯ୍ୟଟନ ସହର ପୁରୀ। ଦେଶ, ବିଦେଶର ପର୍ଯ୍ୟଟକଙ୍କ ଆଗମନ ଉପରେ ଅନେକ ପରିବାରର ଭାତହାଣ୍ଡି ନିର୍ଭର କରେ। ପର୍ଯ୍ୟଟକ ଆସିଲେ ଦି' ପଇସା ରୋଜଗାର ହୁଏ, ସେଥିରେ ସେମାନଙ୍କ ଘର ଚଳେ। କିନ୍ତୁ ଏବେ ଅନେକଙ୍କ ଜୀବନ ଜୀବିକା ଉପରେ କରୋନାର ପ୍ରଭାବ ପଡ଼ିଛି। ବିଶେଷକରି ପର୍ଯ୍ୟଟକ ଏବଂ ଜିଲାବାସୀଙ୍କ ଯାତାୟାତର ମୁଖ୍ୟ ମାଧ୍ୟମ ବସ୍, ଟେମ୍ପୋ ଏବଂ ଅନ୍ୟାନ୍ୟ ଗାଡ଼ିର କର୍ମଚାରୀମାନେ ଦୁଃଖରେ ଦିନ କାଟୁଛନ୍ତି। ଲକ୍‌ଡାଉନ ଯୋଗୁ କୌଣସି ଗାଡ଼ି ଗଡୁ ନ ଥିବାରୁ ରୋଜଗାର ଠପ୍। ତେଣୁ ଶହ ଶହ ସଂଖ୍ୟକ ଗାଡ଼ି ଚାଳକ, ହେଲ୍‌ପର ଏବଂ କଣ୍ଡକ୍ଟରଙ୍କୁ ଘାରିଛି ପରିବାର ପ୍ରତିପୋଷଣ ଚିନ୍ତା। ଲକ୍ ଡାଉନ ଦିନ ଯେତେ ଗଡୁଛି ଏମାନଙ୍କ ଚିନ୍ତା ସେତିକି ବଢୁଛି।

ପୁରୀ ଜିଲାରେ ଶ୍ରୀମନ୍ଦିର, ବେଳାଭୂମି, କୋଣାର୍କ ସୂର୍ଯ୍ୟ ମନ୍ଦିର, ଚିଲିକା, ସାତପଡ଼ା, କାକଟପୁର ମଙ୍ଗଳା ମନ୍ଦିର ପ୍ରଭୃତି ଅନେକ ଦର୍ଶନୀୟ ସ୍ଥାନ ରହିଛି। ଏଥିଲାଗି ପ୍ରତ୍ୟହ ଦେଶ ବିଦେଶର ପର୍ଯ୍ୟଟକ ଆସିଥାନ୍ତି। ଏମାନେ ବିଭିନ୍ନ ଗାଡ଼ି ଭଡାରେ ନେଇ ଏହିସବୁ ସ୍ଥାନ ବୁଲି ଯାଇଥାନ୍ତି। ସେହିପରି ଜିଲାର ବିଭିନ୍ନ ରୁଟ୍‌କୁ ଶହ ଶହ ବସ୍ ଚଳାଚଳ କରିଥାଏ। ଏବେ ଗାଡ଼ି ଚଳାଚଳ ବନ୍ଦ ଯୋଗୁ ବସ୍, ଟେମ୍ପୋ, କାର ଆଦି ଉପରେ ଭରସା କରି ପରିବାର ଚଳାଉଥିବା ଲୋକେ ହାତବାନ୍ଧି ବସିଛନ୍ତି। ପୁରୀରୁ କାକଟପୁର, ଅସ୍ତରଙ୍ଗ, ଗୋପ, ସାକ୍ଷୀଗୋପାଳ, କୋଣାର୍କ, ନିମାପଡ଼ା, ବଳଙ୍ଗା, ପିପିଲି, ବ୍ରହ୍ମଗିରି, ସାତପଡ଼ା, କଣାସ, ଡେଲାଙ୍ଗ, ଚନ୍ଦନପୁର ପ୍ରଭୃତି ସ୍ଥାନକୁ ଶତାଧିକ ଘରୋଇ ବସ୍ ଦୈନିକ ଯାତ୍ରୀ ପରିବହନ କରିଥାନ୍ତି। କଟକ, ଭୁବନେଶ୍ୱରକୁ ମଧ୍ୟ ଅନେକ ବସ୍ ଚଳାଚଳ କରିଥାଏ। ଏତଦ୍‌ବ୍ୟତୀତ ଜିଲାରେ ୬୦ଟି ଟୁରିଷ୍ଟ ବସ୍, ୨୫ଟି ଟାଉନ ବସ୍ ଚଳାଚଳ କରେ। ଏହି ବସ୍‌ଗୁଡ଼ିକରେ ପ୍ରାୟ ୩୦୦ ଡ୍ରାଇଭର, ୨୦୦ କଣ୍ଡକ୍ଟର ଓ ୨୫୦ ହେଲ୍‌ପର କାର୍ଯ୍ୟ କରନ୍ତି। ହେଲେ କରୋନା କଟକଣା ଯୋଗୁ ଏମାନଙ୍କ ମଧ୍ୟରୁ ସଂଖ୍ୟାଧିକ ନିଜ ନିଜ ଗାଁକୁ ଚାଲି ଯାଇଛନ୍ତି। ଆଉ କେତେଜଣ ପୁରୀରେ ଥିବା ଭଡ଼ାଘରେ ରହିଛନ୍ତି। କାହାରି ହାତରେ କାମ ନାହିଁ। ଗାଡି ଗଡୁ ନ ଥିବାରୁ ମାଲିକମାନେ ବି ସେମାନଙ୍କ ଅସହାୟତା ପ୍ରକାଶ କରୁଛନ୍ତି। ତେଣୁ କର୍ମଚାରୀମାନେ ମାନସିକ ଦୁଶ୍ଚିନ୍ତାରେ ଦିନ କାଟୁଛନ୍ତି।

ଅନ୍ୟପକ୍ଷରେ ବସ୍ କର୍ମଚାରୀମାନେ ମୁଖ୍ୟମନ୍ତ୍ରୀ ଏବଂ ଜିଲାପାଳଙ୍କ ଉଦ୍ଦେଶ୍ୟରେ ନୀଳଗିରି ମୋଟର କର୍ମଚାରୀ ସଂଘକୁ ଚିଠି ଲେଖିଛନ୍ତି। ଏଭଳି ଦୁର୍ଦ୍ଦିନ ସମୟରେ ସେମାନଙ୍କ ପାଇଁ ସ୍ୱତନ୍ତ୍ର ଭାବେ ଆର୍ଥିକ ବ୍ୟବସ୍ଥା କରିବାକୁ ସଂଘ ଜରିଆରେ ଗୁହାରି ଜଣାଇଛନ୍ତି। କିନ୍ତୁ ଏ ପର୍ଯ୍ୟନ୍ତ କୌଣସି ବ୍ୟବସ୍ଥା ହୋଇନାହିଁ। କେବଳ ବସ୍ କର୍ମଚାରୀ ନୁହଁନ୍ତି, ପୁରୀ ସହରରେ ପ୍ରାୟ ୫ହଜାରରୁ ଊର୍ଦ୍ଧ୍ୱ ଅଟୋ, ଶହ ଶହ କାର ମଧ୍ୟ ରହିଛି। ଏହାର ଚାଳକମାନେ ପର୍ଯ୍ୟଟକ ଓ ଯାତ୍ରୀଙ୍କୁ ବିଭିନ୍ନ ସ୍ଥାନକୁ ନେବା ଆଣିବା କରି ପରିବାର ପ୍ରତିପୋଷଣ କରିଥାନ୍ତି। ସେମାନେ ବି ଏବେ ଖାଲି ହାତରେ ବସିଛନ୍ତି। ନୀଳଗିରି ମୋଟର କର୍ମଚାରୀ ସଂଘର ବିଭୂତି ଭୂଷଣ ମହାନ୍ତି କହିଛନ୍ତି, କରୋନା ମୁକାବିଲା ନେଇ ସରକାରଙ୍କ ପକ୍ଷରୁ ଯେଉଁ ପଦକ୍ଷେପ ନିଆଯାଇଛି ତାହା ଠିକ୍ ଅଛି। କିନ୍ତୁ ଯେଉଁ ବସ୍ କର୍ମଚାରୀମାନେ ଗାଡ଼ି ଚାଲିଲେ ପରିବାର ପ୍ରତିପୋଷଣ କରିଥାନ୍ତି ସେମାନଙ୍କ ପାଇଁ ସରକାର କିଛି ସ୍ୱତନ୍ତ୍ର ଆର୍ଥିକ ବ୍ୟବସ୍ଥା କରିବା ଦରକାର।

## କଟକରେ ଖୋଲିଲା ଡାଏଲ୍-୧୦୦ କେନ୍ଦ୍ର

କଟକ ଅଫିସ୍,୩୦।୩

ଲକ୍‌ଡାଉନ୍ ସମୟରେ ଆବଶ୍ୟକ ସହାୟତା ଯୋଗାଇଦେବା ପାଇଁ କମିଶନରେଟ୍ ପୋଲିସ ପକ୍ଷରୁ ଡାଏଲ୍-୧୦୦ ଆରମ୍ଭ କରାଯାଇଛି। ଏହି ନମ୍ବରକୁ ଫୋନ୍ କଲେ ପୋଲିସ ତରଫରୁ ସହାୟତା ଯୋଗାଇ ଦିଆଯିବ। କଟକରେ ସୋମବାରଠାରୁ ଏହି ବ୍ୟବସ୍ଥା ଆରମ୍ଭ ହୋଇଛି। ଡିସିପି ଅଫିସ୍‌ରେ ଡାଏଲ୍-୧୦୦ କେନ୍ଦ୍ର ଖୋଲାଯାଇଛି। ପର୍ଯ୍ୟାୟ କ୍ରମେ ୧୦ଜଣ ଟେଲିଫୋନ୍ ଅପରେଟର୍ ସର୍ବଦା ଲୋକଙ୍କ ଫୋନ୍‌କଲ୍ ଗ୍ରହଣ କରିବେ। ଭୁବନେଶ୍ୱରରେ ରାଜ୍ୟର ପ୍ରଥମ ଡାଏଲ୍-୧୦୦ କେନ୍ଦ୍ର ଖୋଲାଯାଇଥିଲା। ଏହାପରେ କଟକ ହେଉଛି ଦ୍ୱିତୀୟ। ଲକ୍‌ଡାଉନ୍ ସମୟରେ ଜରୁରିକାଳୀନ କାର୍ଯ୍ୟ ପାଇଁ ନିଜ ଘରୁ ବାହାରୁଥିବା ଲୋକ ଆବଶ୍ୟକ ଅନୁମତି ଏବଂ ନିର୍ଦ୍ଦେଶ ପାଇବା ପାଇଁ ଏହି ନମ୍ବରରେ ଯୋଗାଯୋଗ କରିପାରିବେ। ସେହିଭଳି ଯେଉଁମାନେ ମେଡିସିନ୍ କିଣିବା ପାଇଁ ଯାଉଛନ୍ତି, ସେମାନେ ଏହି ନମ୍ବରକୁ ଫୋନ୍ କଲେ ପୋଲିସ କଣ୍ଟ୍ରୋଲ ରୁମ ତାଙ୍କ ମୋବାଇଲକୁ ଏକ ଏସ୍‌ଏମ୍‌ଏମ୍ ପଠାଇବ। ରାସ୍ତାରେ ଯେଉଁଠାରେ ପୋଲିସ ଯାଞ୍ଚ ଚାଲିଥିବ, ଏହି ଏସ୍‌ଏମ୍‌ଏସ୍‌କୁ ଦେଖାଇଲେ ଛାଡ଼ି ଦିଆଯିବ। ପରିଜନଙ୍କ ମୃତ୍ୟୁ ପରେ ମୃତଦେହ ସତ୍କାର ପାଇଁ ନେବାବେଳେ ମଧ୍ୟ ଏହି ନମ୍ବରକୁ ଯୋଗାଯୋଗ କଲେ ପୋଲିସ ସହାୟତା କରିବ।

## ଘରେ ପହଞ୍ଚିବ ଔଷଧ

କଟକ ଅଫିସ୍,୩୦।୩

ଲକ୍‌ଡାଉନ୍ ଯୋଗୁ ଲୋକମାନେ ଘରୁ ବାହାରି ପାରୁନାହାନ୍ତି। ଏଭଳି ସମୟରେ ଔଷଧ ପହଞ୍ଚାଇବା ପାଇଁ ହୋମ୍ ଡେଲିଭେରି ବ୍ୟବସ୍ଥା ଆରମ୍ଭ କରିଛି କଟକ ମହାନଗର ନିଗମ। ସହରର ୧୫ଟି ଔଷଧ ଦୋକାନକୁ ଏଥିରେ ସାମିଲ୍ କରାଯାଇଛି । ଏହି ୧୫ଟି ଔଷଧ ଦୋକାନ ଭିତରେ ଆପୋଲୋ ଫାର୍ମାସିର ୧୨ଟି ଦୋକାନ ରହିଛି। ସେଗୁଡ଼ିକ ସିଡିଏ ସେକ୍ଟର-୧୦, ସେକ୍ଟର-୯ ଏବଂ ସେକ୍ଟର-୭, ସେଲ୍‌ଟର୍ ଛକ, ଚାନ୍ଦିନିଚୌକ, ଚୌଧୁରୀ ବଜାର, ଦୋଳମୁଣ୍ଡାଇ, ଝାଞ୍ଜିରିମଙ୍ଗଳା, ନୂଆଁପଡ଼ା, ପୋତାପୋଖରୀ, ମହାନଦୀ ବିହାର ଏବଂ ଜଗତପୁରରେ ରହିଛି। ଏହି ସବୁ ଦୋକାନ ସକାଳ ୧୧ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଖୋଲିବ। ଅନ୍ୟ ୩ଟି ଦୋକାନ ହେଲା ସେକ୍ଟର-୭ ନିଦାନ, ସେକ୍ଟର-୯ ଦି ଫାର୍ମାସିଆ ଏବଂ କନିକା ଛକ ଶ୍ରୀୟଙ୍କା ମେଡ଼ିକେୟାର୍। ସର୍ବନିମ୍ନ ୨ଶହରୁ ଆରମ୍ଭ କରି ଏକ ହଜାର ଟଙ୍କା ପର୍ଯ୍ୟନ୍ତ ବରାଦ ଦେଲେ ହିଁ ଔଷଧ ଘରେ ପହଞ୍ଚାଯିବ।



କଟକ ସହରର ବିଭିନ୍ନ ପୂଜାମଣ୍ଡପରେ ନିର୍ମିତ ବାସନ୍ତୀ ଦୁର୍ଗାଙ୍କ ମୃଣ୍ମୟ ମୂର୍ତ୍ତି। କରୋନା କଟକଣାକୁ ଦୃଷ୍ଟିରେ ରଖି ଚଳିତବର୍ଷ ନିରାଡମ୍ବର ଭାବେ ପୂଜା ପାଳନ କରିବା ପାଇଁ ନିଷ୍ପତ୍ତି ହୋଇଛି।

## ଶ୍ରମିକଙ୍କ ସମସ୍ୟା ନେଇ ଆଲୋଚନା

କଟକ ଅଫିସ,୩୦।୩

କଟକରେ ଫସିଛନ୍ତି ହଜାରେରୁ ଅଧିକ ଦିନମଜୁରିଆ। ଏମାନେ କଟକ ଜିଲା ସମେତ ଅନ୍ୟ ଜିଲା ଓ ରାଜ୍ୟ ବାହାରର ଅଟନ୍ତି। ଲକ୍ ଡାଉନ ଯୋଗୁ କାମ ବନ୍ଦ ରହିଥିବା ବେଳେ ଖାଇବା ପିଇବାରେ ନାନାଦି ସମସ୍ୟା ଉପୁଜୁଛି। ରାଜ୍ୟ ବାହାରୁ ଆସି ଏଠାରେ ମୂଲ ଲାଗୁଥିବା ବ୍ୟକ୍ତିମାନେ ଘରକୁ ଫେରି ପାରୁନାହାନ୍ତି କି ପେଟ ପୋଷିବା ପାଇଁ ବିକଳ୍ପ ବାଛି ପାରୁନାହାନ୍ତି। ଏହି ସମସ୍ୟା ନେଇ ରାଜ୍ୟସଭା ସଦସ୍ୟ ସୁବାସ ସିଂ ସୋମବାର କଟକ ଜିଲାପାଳ ଭବାନୀ ଶଙ୍କର ଚୟନୀ ଏବଂ ଡିସିପି ଅଖିଳେଶ୍ୱର ସିଂଙ୍କ ସହ ଆଲୋଚନା କରିଥିଲେ। ଉକ୍ତ ଶ୍ରମିକମାନଙ୍କୁ ବର୍ତ୍ତମାନ ପରିସ୍ଥିତିରେ ସାହାଯ୍ୟ, ସହଯୋଗ କରିବା ନେଇ ଏମ୍‌ପି ସିଂ ପ୍ରସ୍ତାବ ରଖିଥିଲେ। ଏହି ଅବସରରେ ସିଏମ୍‌ସି ସ୍ୱାସ୍ଥ୍ୟ କମିଟିର ପୂର୍ବତନ ଅଧ୍ୟକ୍ଷ ରଞ୍ଜନ ବିଶ୍ୱାଳ ଉପସ୍ଥିତ ଥିଲେ।



କଟକ ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କ ସହ ରାଜ୍ୟସଭା ସଦସ୍ୟ ସୁବାଷ ସିଂ ଆଲୋଚନା କରୁଛନ୍ତି।

## କରୋନା ମୁକାବିଲା ପ୍ରସ୍ତୁତି ବୁଝିଲେ ସଞ୍ଜୟ

**ପୁରୀ ଅଫିସ,୩୦।୩:** କରୋନା ମୁକାବିଲା ପାଇଁ ପୁରୀ ଜିଲାରେ କିଭଳି ରହିଛି ପ୍ରସ୍ତୁତି ସେ ସମ୍ପର୍କରେ ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ ଦାସବର୍ମା ସୋମବାର ଜିଲାପାଳ ବଲୱନ୍ତ ସିଂଙ୍କ ସହ ଆଲୋଚନା କରିଛନ୍ତି। ଏହି ଆଲୋଚନା ବେଳେ ସଚେତନତା ଏବଂ ସତର୍କତା ପାଇଁ କଣ ପଦକ୍ଷେପ ନିଆଯାଇଛି, ସ୍ୱାସ୍ଥ୍ୟସେବା, ଆଇସୋଲେଶନ ସେଣ୍ଟର, କ୍ୱାରାଣ୍ଟାଇନ ବ୍ୟବସ୍ଥା ସମ୍ପର୍କରେ ପଚାରି ବୁଝିଥିଲେ। ଜିଲା ମୁଖ୍ୟଚିକିତ୍ସାଳୟ ସମେତ ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ସମସ୍ତ ପ୍ରକାର ସୁବିଧା ଉପଲବ୍ଧ କି ନାହିଁ ସେ ବିଷୟରେ ଅବଗତ ହୋଇଥିଲେ। ଏଥିସହ ବାହାର ରାଜ୍ୟର ଶ୍ରମିକ, ନିରାଶ୍ରୟ, ମାନସିକ ବିକାରଗ୍ରସ୍ତ, ଗରିବ ଓ ଦିନମଜୁରିଆର ବ୍ୟବସ୍ଥା ସମ୍ପର୍କରେ ତଥ୍ୟ ନେବା ସହ ବରିଷ୍ଠ ନାଗରିକମାନଙ୍କ ଦେଖାଶୁଣା କିପରି ହେଉଛି ତାହା ଉପରେ ଗୁରୁତ୍ୱ ଦେଇଥିଲେ। ପିଡିଏସ୍, ଭତ୍ତା ଓ ଅଙ୍ଗନୱାଡି ଶିଶୁଙ୍କୁ ଖାଦ୍ୟ ବଣ୍ଟନ ସମେତ ଅଣସଙ୍ଗଠିତ ଶ୍ରମିକଙ୍କ ସ୍ୱତନ୍ତ୍ର ସହାୟତା ସମ୍ପର୍କରେ ସମୀକ୍ଷା କରିଥିଲେ।

## ପରିବେଶ ପାଇଁ ଶୁଭଙ୍କର ହେଲା ଲକ୍‌ଡାଉନ




### ସନ୍ତୋଷଜନକ ସ୍ଥିତିରେ ଏୟାର କ୍ୱାଲିଣ୍ଟି ଇଣ୍ଡେକ୍ସ

ଭୁବନେଶ୍ୱର,୩୦।୩ (ବ୍ୟୁରୋ)

ଲକ୍‌ଡାଉନର ପ୍ରଭାବ ପରିବେଶ ଉପରେ ପଡିଛି। ୮ଦିନ ହେବ ଦୋକାନ ବଜାର, ଗାଡ଼ିମୋଟର ଚଳାଚଳ, କଳକାରଖାନା, ନିର୍ମାଣ ଆଦି ସବୁକିଛି ବନ୍ଦ ରହିଛି। କାଁଭାଁ ଗାଡ଼ି ଜରୁରିକାଳୀନ ସେବା ଯୋଗାଉଛନ୍ତି। ଲକ୍‌ଡାଉନ୍ ପାଇଁ ଲୋକେ କିଛିଦିନ ପାଇଁ ସମସ୍ୟାର ସମ୍ମୁଖୀନ ହେଉଥିଲେ ମଧ୍ୟ ପରୋକ୍ଷରେ ସୁସ୍ଥ ଓ ସୁନ୍ଦର ଜୀବନ ପାଇଁ ବାଟ କାଢ଼ିଥିବା କୁହାଯାଉଛି। ବିଶେଷକରି ପରିବେଶ ପାଇଁ ଲକ୍‌ଡାଉନ୍ ବେଶ୍ ଶୁଭଙ୍କର ହୋଇଥିବା ଜଣାପଡିଛି। ବିପଜ୍ଜନକ ସ୍ଥିତିରେ ଥିବା ପରିବେଶ ଏବେ ସନ୍ତୋଷଜନକ ହୋଇଥିବାବେଳେ ଆଉ କିଛିଦିନ ଭିତରେ ଭଲ ସ୍ଥିତିକୁ ଚାଲି ଆସିବାର ସମ୍ଭାବନା ଦେଖାଦେଇଛି। ମୋଟାମୋଟି କହିବାକୁ ଗଲେ ଲକ୍‌ଡାଉନ୍ ପରିବେଶ ପାଇଁ ବେଶ୍ ଶୁଭଙ୍କର ହୋଇଥିବା ପରିବେଶବିତ୍‌ମାନେ କହିଛନ୍ତି।

ହସ୍ତଗତ ସୂଚନାନୁସାରେ, ଲକ୍‌ଡାଉନ୍ ପୂର୍ବରୁ ରାଜଧାନୀର ଏୟାର କ୍ୟୁଲିଟ୍ ଇଣ୍ଡେକ୍ସ ୨୦୦ ଉପରେ ରହିଥିବାବେଳେ ୮ଦିନ ଭିତରେ ୧୦୦ତଳକୁ ଖସି ଆସିଛି। ସୋମବାର ଦିନରେ ଇଣ୍ଡେକ୍ସ ୯୦ରୁ ୧୦୦ ମଧ୍ୟରେ ଥିବାବେଳେ ସନ୍ଧ୍ୟାରେ ୧୨୧ ରହିଛି। ଉକ୍ତ ଇଣ୍ଡେକ୍ସ ଅନୁସାରେ, ଶବ୍ଦ ପ୍ରଦୂଷଣଠାରୁ ଆରମ୍ଭ କରି ବାୟୁ ପ୍ରଦୂଷଣ, ଜଳ ପ୍ରଦୂଷଣ ହ୍ରାସ ପାଇଛି। ଅନ୍ୟ ଦିନରେ କଳ କାରଖାନାରୁ ବାହାରୁ ଥିବା ବିଷାକ୍ତ ଜଳ ନଦୀ,ନାଳକୁ ଛଡା ଯାଉଥିଲା। ହେଲେ ଏବେ ସବୁ ବନ୍ଦ ହେବା ଫଳରେ ଜଳ ପ୍ରଦୂଷଣ ହ୍ରାସ ପାଇଛି। ଏହା ସହ ପ୍ଲାଷ୍ଟିକ ବ୍ୟବହାର କମିଯାଇଥିବାରୁ ଏଥିଜନିତ ପ୍ରଦୂଷଣ ହ୍ରାସ ପାଇବାରେ ଲାଗିଛି।

ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ପକ୍ଷରୁ ଭୁବନେଶ୍ୱର ରବୀନ୍ଦ୍ରମଣ୍ଡପ ନିକଟରେ ଏକ ଏଲ୍‌ଇଡି ବୋର୍ଡ ଲଗାଯାଇ ପ୍ରତି ମୁହୂର୍ତ୍ତର ସ୍ଥିତି ସଂକ୍ରାନ୍ତରେ ସୂଚନା ଦିଆଯାଉଛି। ଯେଉଁଥିରୁ ରାଜଧାନୀରେ ଅନୁକୂଳ ପରିବେଶ ଦେଖିବାକୁ ମିଳୁଛି। ସହରର ଅଧିକାଂଶ ସ୍ଥାନରେ ଏଆର୍ କ୍ୱାଲିଟି ବା ବାୟୁର ଗୁଣବତ୍ତା ସନ୍ତୋଷ ଜନକ ରହିଛି। ସେହିପରି ବାୟୁରେ କଣିକାର ମାତ୍ରା pm2.5 ରହିଥିବାବେଳେ ଆର୍ଦ୍ରତା ୪୮ ପ୍ରତିଶତ ରହିଥିବା ଦେଖିବାକୁ ମିଳିଥିଲା।

### ରୋଗୀଙ୍କ ସଂଖ୍ୟା ମଧ୍ୟ ହ୍ରାସ ପାଇଛି

ମେଡିସିନ ସ୍ପେଶାଲିଷ୍ଟ ଡା. ନିରଞ୍ଜନ ପାଢ଼ୀ କହିଛନ୍ତି, ମଣିଷ ଶରୀର ଉପରେ ମଧ୍ୟ ଲକ୍‌ଡାଉନର ଅନୁକୂଳ ପ୍ରଭାବ ପଡ଼ିଛି। ଏହି ସମୟରେ ଛୋଟ ମୋଟ ରୋଗୀଙ୍କ ସଂଖ୍ୟା ସମ୍ପୂର୍ଣ୍ଣ ହ୍ରାସ ପାଇଛି। ସିଧା ସଳଖ କହିଲେ ଏହା ବଦଳୁଥିବା ପରିବେଶର ପ୍ରଭାବ।

### 'ପ୍ରତିମାସରେ ଗୋଟିଏ ଦିନ ଲକ୍‌ଡାଉନ୍ ଆବଶ୍ୟକ'

ପରିବେଶ ବିଜ୍ଞାନୀ ପ୍ରକାଶଚନ୍ଦ୍ର ମହାନ୍ତି କହିଛନ୍ତି, ରାଜ୍ୟରେ ଦୈନିକ ଚାଲୁଥିବା ଯାନବାହନ ସଂଖ୍ୟା ୧ କୋଟିରୁ ଅଧିକ। ଏହା ମଧ୍ୟରୁ ୯୦ ପ୍ରତିଶତ ଗାଡ଼ି ରାଜଧାନୀ ସମେତ ବିଭିନ୍ନ ଛୋଟ ବଡ଼ ସହରରେ ଚାଲିଥାଏ। ଯାନବାହନ ହିଁ ଅଧିକ ବାୟୁ ଓ ଶବ୍ଦ ପ୍ରଦୂଷଣ ସୃଷ୍ଟି କରିଥାଏ। କଳ କାରଖାନା ବାୟୁ, ଶବ୍ଦ ଓ ଜଳ ପ୍ରଦୂଷଣ କରିଥାଏ। ଏସବୁର ସଂଖ୍ୟା କ୍ରମାଗତ ଭାବେ ବଢୁଥିବାରୁ ପରିବେଶ ପାଇଁ ଘାତକ ହେବାରେ ଲାଗିଥିଲା। ହେଲେ ଲକ୍‌ଡାଉନ ଯୋଗୁ ଏସବୁ ବନ୍ଦ ଥିବାରୁ ପରିବେଶ ଉପରେ ଏହାର ସକାରାତ୍ମକ ପ୍ରଭାବ ପଡିଛି। ବାୟୁ ଓ ଶବ୍ଦ ପ୍ରଦୂଷଣ ମାତ୍ରା ଅଭୂତପୂର୍ବ ଭାବେ ହ୍ରାସ ପାଇବା ଅତ୍ୟନ୍ତ ଶୁଭ ଲକ୍ଷଣ। ଆଗକୁ ମାସକୁ ଦିନେ ଦୁଇଦିନ ଲକ୍‌ଡାଉନ୍ କରାଗଲେ ପରିବେଶ ସନ୍ତୁଳନ ରକ୍ଷା ପାଇପାରିବ ବୋଲି ସେ କହିଛନ୍ତି।

## ଅଶ୍ୱିନୀ ହସ୍ପିଟାଲକୁ ପର୍ଯ୍ୟବେକ୍ଷକଙ୍କ ସବୁଜ ସଙ୍କେତ

କଟକ ଅଫିସ,୩୦।୩

ବେକାବୁ କରୋନାକୁ ନିୟନ୍ତ୍ରଣ କରିବା ପାଇଁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦୈନିକ ନୂଆ ନିଷ୍ପତ୍ତି ନିଆଯିବା ସହ କାର୍ଯ୍ୟକାରୀ କରାଯାଉଛି। ବିଶେଷକରି ପରିସ୍ଥିତିର ଦୃଢ ମୁକାବିଲା ନିମନ୍ତେ ସରକାର ସ୍ୱତନ୍ତ୍ର କରୋନା ହସ୍ପିଟାଲ ଖୋଲିବା ପାଇଁ ପିପିପି (ପବ୍ଲିକ ପ୍ରାଇଭେଟ ପାର୍ଟନରଶିପ୍) ଆଧାରରେ ୩ରୁ ଅଧିକ ବେସରକାରୀ ସଂସ୍ଥା ସହ ଚୁକ୍ତିନାମା ସ୍ୱାକ୍ଷର କରିସାରିଛନ୍ତି। ଏହି କ୍ରମରେ ରବିବାର କଟକ ଅଶ୍ୱିନୀ ହସ୍ପିଟାଲକୁ ସ୍ୱାସ୍ଥ୍ୟ ସଚିବ ନିକୁଞ୍ଜ ଧଳଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଭିତ୍ତିଭୂମି ପରିଦର୍ଶନ କରି ଫେରିଯାଇଛନ୍ତି। ୧୫୦ ଶଯ୍ୟା ବିଶିଷ୍ଟ ହସ୍ପିଟାଲ ନିମନ୍ତେ ଅନୁଷ୍ଠାନର ଟ୍ରମା ସେଣ୍ଟର ବିଲ୍ଡିଂକୁ ବ୍ୟବହାର କରାଯିବ ବୋଲି ଅଶ୍ୱିନୀ ହସ୍ପିଟାଲ ଚେୟାରମ୍ୟାନ ସୁବ୍ରତ କୁମାର ଜେନା କହିଛନ୍ତି। ଅନୁଧ୍ୟାନକାରୀ ଦଳ ଭିତ୍ତିଭୂମିକୁ ସବୁଜ ସଙ୍କେତ ଦେବା ସହ ଯୁଦ୍ଧକାଳୀନ ଭିତ୍ତିରେ ପଦକ୍ଷେପ ନେବାକୁ ସବୁଜ ସଙ୍କେତ ଦେଇଛନ୍ତି। ଏ ନେଇ ଖୁବ୍‌ଶୀଘ୍ର ବୁଝାମଣାପତ୍ର ସ୍ୱାକ୍ଷର କରାଯିବ ବୋଲି ହସ୍ପିଟାଲ ପରିଚାଳନା କମିଟି ସୂତ୍ରରୁ ସୂଚନା ମିଳିଛି। ୧୫୦ ଶଯ୍ୟା ମଧ୍ୟରୁ ୩୦ଟି ଆଇସିୟୁ, ୩୦ଟି ଆଇସୋଲେଶନ ଏବଂ ଅବଶିଷ୍ଟ ୯୦ଟି ସାଧାରଣ ଶଯ୍ୟା ପ୍ରସ୍ତୁତ କରାଯିବ। ଏଥିନିମନ୍ତେ ୨୪ ଘଣ୍ଟିଆ ନିଦାନ, ଫାର୍ମାସୀ, ଲଣ୍ଡ୍ରି ଓ କିଚେନର ସୁବିଧା ମଧ୍ୟ ରଖାଯିବ। ପଲମୋଲୋଜି ବିଭାଗର ଡାକ୍ତର ସମ୍ପଦ ଦାସଙ୍କୁ ଆଉ ୨ଜଣ ବିଭାଗୀୟ ଡାକ୍ତର ସହଯୋଗ କରିବେ। ଏମାନଙ୍କ ବ୍ୟତୀତ ୩୬୦ ରୋଗୀ ସେବା ନିମନ୍ତେ ଜେନେରାଲ ପ୍ରାକ୍ଟିସନର ଓ ମେଡିସିନ ବିଭାଗର ପ୍ରାୟ ୮ ଜଣ ଡାକ୍ତର ୨୪ ଘଣ୍ଟା ନିୟୋଜିତ ରହିବେ। ଏହିପରି ଉଭୟ ମେଡିକାଲ ଓ ପାରାମେଡିକାଲ ଷ୍ଟାଫଙ୍କୁ ମିଶାଇ ପ୍ରାୟ ୧୫୦ରୁ ଅଧିକ କର୍ମଚାରୀ ଏହି ସ୍ୱତନ୍ତ୍ର ହସ୍ପିଟାଲରେ କାର୍ଯ୍ୟ କରିବାର ଯୋଜନା ହୋଇଛି।

## ବିନାନୁମତିରେ ଖାଦ୍ୟ ବାଣ୍ଟିବା ମନା

ଭୁବନେଶ୍ୱର, ୩୦।୩(ବ୍ୟୁରୋ): କୋଭିଡ୍-୧୯ର ସଂକ୍ରମଣକୁ ଏଡ଼ାଇବା ସହ ଜନସାଧାରଣଙ୍କ ସୁବିଧାକୁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଗୁରୁତ୍ୱ ଦେଉଛି। ଏହି ମର୍ମରେ ସୋମବାର ଖାଦ୍ୟ ସାମାଗ୍ରୀ ବାଣ୍ଟୁଥିବା ଜନସାଧାରଣ ଓ ସ୍ୱେଚ୍ଛାସେବୀଙ୍କ ପାଇଁ ଏସ୍‌ଓପି ଜାରି କରିଛି। ବିଏମ୍‌ସିର ବିନା ଅନୁମତିରେ କେହି ଖାଦ୍ୟ ବାଣ୍ଟିପାରିବେ ନାହିଁ। ବିଶେଷକରି ରନ୍ଧା ଖାଦ୍ୟ ବାଣ୍ଟିବେ ନାହିଁ ବୋଲି ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀ କହିଛନ୍ତି। ବିଏମ୍‌ସି ଆସିଷ୍ଟାଣ୍ଟ କମିଶନର ଏଲ୍. ପି. ସାହୁଙ୍କୁ ଏହି କାର୍ଯ୍ୟ ତଦାରଖ କରିବା ପାଇଁ ମୁଖ୍ୟ ନୋଡାଲ ଅଫିସର ଭାବେ ଚୟନ କରାଯାଇଥିବା ବେଳେ ୩ଟି ଜୋନରେ ଜଣେ ଲେଖାଏ ନୋଡାଲ ଅଫିସରଙ୍କୁ ନିଯୁକ୍ତ କରାଯାଇଥିବା କମିଶନର କହିଛନ୍ତି।

# ଫଟୋରେ ଲକ୍‌ଡାଉନ



ପୁରୀ ଜିଲା ରଙ୍ଗ ତୂଳୀ କଳାକାର ସଂଘ ପକ୍ଷରୁ କରୋନା ସଚେତନତା ବାର୍ତ୍ତା ଦିଆଯାଉଛି।


ଲକ୍‌ଡାଉନ୍‌ର ଷଷ୍ଠ ଦିନ ସୋମବାର ଭୁବନେଶ୍ୱର ଏଜି ଛକ ନିକଟ ରାସ୍ତା ପାର୍ଶ୍ୱରେ ଥିବା ଏକ ବାଲ୍‌ଟିରେ ପାଣି ଦେଖି ପାରାମାନେ ଦଳବଦ୍ଧ ହୋଇ ଉଡୁଛନ୍ତି। ରାସ୍ତାରେ ମରି ପଡିଥିବା ଏକ ପାରାକୁ କାଉଟିଏ ଖାଉଛି।


ପୁରୀ ବେଳାଭୂମିରେ ବଞ୍ଜାରାମାନଙ୍କୁ ଶ୍ରୀଜଗନ୍ନାଥ ଧାମ ରୋଟାକ୍ଟ କ୍ଲବ ପକ୍ଷରୁ ଖାଦ୍ୟ ବଣ୍ଟାଯାଉଛି।


ଭୁବନେଶ୍ୱର ନୟାପଲ୍ଲୀ ଦୁର୍ଗାପୂଜା କମିଟି ପକ୍ଷରୁ ଦୁର୍ଗାମଣ୍ଡପଠାରେ ରନ୍ଧାଖାଦ୍ୟ ବଣ୍ଟନ କରାଯାଉଛି।


ଭୁବନେଶ୍ୱର ଜୟଦେବ ବିହାର ଛକରେ ନିୟମ ନ ମାନି ମିଛ ବାହାନାରେ ବୁଲୁଥିବା ଜଣେ ଯୁବକଙ୍କୁ ପୋଲିସ ଦଣ୍ଡ ଦେଉଛି।

# ୩ ଦିନରେ କ୍ଷୁଦ୍ର ବ୍ୟବସାୟୀଙ୍କୁ ସହାୟତା ରାଶି ଦେବାକୁ ଚିଠି

**ଭୁବନେଶ୍ୱର,୩୦।୩(ବ୍ୟୁରୋ)**

ରାଜ୍ୟର ସମସ୍ତ ମହାନଗର ନିଗମ, ମ୍ୟୁନିସିପାଲିଟି ଏବଂ ବିଜ୍ଞପିତ ଅଞ୍ଚଳ ପରିଷଦ(ଏନ୍‌ଏସି)ରେ ଥିବା ସମସ୍ତ ଚିହ୍ନଟ ଓ ପଞ୍ଜୀକୃତ କ୍ଷୁଦ୍ର ବ୍ୟବସାୟୀଙ୍କୁ ଆସନ୍ତା ୩ ଦିନ ମଧ୍ୟରେ ସହାୟତା ପ୍ରଦାନ କରାଯିବ। ଏ ନେଇ ସୋମବାର ସମସ୍ତ ପୌର ପ୍ରଶାସନ ନିର୍ଦ୍ଦେଶକ ସଂଗ୍ରାମ ଜିତ ନାୟକ ରାଜ୍ୟର ସମସ୍ତ ମହାନଗର ନିଗମ କମିଶନର, ମ୍ୟୁନିସିପାଲିଟି ଏବଂ ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ(ଇଓ)ଙ୍କୁ ଚିଠି ଲେଖି ଜଣାଇଛନ୍ତି। ଏହି ସହାୟତା ରାଶି ପୌର ସଂସ୍ଥାରେ ଉପଲବ୍ଧ ଅର୍ଥରୁ ଖର୍ଚ୍ଚ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ହିତାଧିକାରୀଙ୍କୁ ଏହି ସହାୟତା ଅର୍ଥ ଡାଇରେକ୍ଟ ବେନିଫିଟ ଟ୍ରାନ୍ସଫର(ଡିବିଟି) ଜରିଆରେ ବ୍ୟବସାୟୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପଠାଇବା ପାଇଁ କୁହାଯାଇଛି। ସହରଗୁଡିକରେ ବିଭିନ୍ନ କ୍ୟାମ୍ପ କରି ସହାୟତା ରାଶି ବାଣ୍ଟିବାକୁ ନିର୍ଦ୍ଦେଶ ଦିଆଯାଇଛି। ତେବେ ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା କୋଭିଡ୍-୧୯ ଗାଇଡ୍‌ଲାଇନକୁ ପାଳନ କରିବା ନେଇ ସାମାଜିକ ଦୂରତ୍ୱକୁ କଡାକଡି ପାଳନ କରିବାକୁ କୁହାଯାଇଛି। ପରବର୍ତ୍ତୀ ସମୟରେ ଅଧିକାରୀମାନେ ଏହି ଅର୍ଥ କେଉଁ ଆକାଉଣ୍ଟରୁ କେତେ ଖର୍ଚ୍ଚ କରିଛନ୍ତି ସେ ନେଇ ବିଭାଗକୁ ଜଣାଇବା ପରେ ସମସ୍ତ ଅର୍ଥ ପୁଣି ଭରଣା କରାଯିବ ବୋଲି ଚିଠିରେ ଉଲ୍ଲେଖ କରାଯାଇଛି।

କୋଭିଡ୍-୧୯ ସଂକ୍ରମଣ ଆଶଙ୍କାରେ ସମଗ୍ର ରାଜ୍ୟକୁ ୨୧ ଦିନ ପାଇଁ ଲକ୍‌ଡାଉନ କରାଯାଇଛି। ସହରାଞ୍ଚଳ ରାସ୍ତାକଡରେ କ୍ଷୁଦ୍ର ବ୍ୟବସାୟ କରିଚଳୁଥିବା ପଞ୍ଜୀକୃତ ଦୋକାନୀମାନେ ଆର୍ଥିକ ସମସ୍ୟା ଦେଇ ଗତି କରୁଛନ୍ତି। ସେମାନଙ୍କୁ ୩ ହଜାର ଟଙ୍କା ସହାୟତା କରିବା ସକାଶେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଛନ୍ତି। ଏହି ଅର୍ଥ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ଖର୍ଚ୍ଚ କରାଯିବ।

## ୯୪ ଓଡ଼ିଆଙ୍କ ସୁବିଧା କରାଇବାକୁ ସ୍ୱରାଷ୍ଟ୍ର ସଚିବଙ୍କୁ ଚିଠି

**ଭୁବନେଶ୍ୱର, ୩୦।୩(ବ୍ୟୁରୋ)**

ଲକ୍‌ଡାଉନ୍ ପାଇଁ ମହାରାଷ୍ଟ୍ର, ଗୁଜରାଟ ଏବଂ କେରଳ ରାଜ୍ୟରେ ଆଠଗଡ଼ ନିର୍ବାଚନମଣ୍ଡଳୀର ୯୪ଜଣ ଶ୍ରମିକ ଫସି ରହିଛନ୍ତି। ଏନେଇ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ତଥା ଆଠଗଡ଼ର ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ସୋମବାର ସ୍ୱରାଷ୍ଟ୍ର ବିଭାଗର ପ୍ରମୁଖ ଶାସନ ସଚିବଙ୍କ ସହ ଯୋଗାଯୋଗ କରିଛନ୍ତି। ସେମାନଙ୍କ ପାଇଁ ଖାଦ୍ୟପେୟ, ବାସସ୍ଥାନ ଏବଂ ଅନ୍ୟାନ୍ୟ ମୌଳିକ ସୁବିଧା ଯୋଗାଇଦେବାକୁ ପତ୍ର ଲେଖି ଜଣାଇଛନ୍ତି ।

# କଳାବଜାର ଚାଲିଥିବା ମାନିଲେ ମନ୍ତ୍ରୀ

**ଭୁବନେଶ୍ୱର, ୩୦।୩(ବ୍ୟୁରୋ)**

ଲକ୍‌ଡାଉନ୍‌ର ସୁଯୋଗ ନେଇ କେତେଜଣ ଅସାଧୁ ବ୍ୟବସାୟୀ ଜିନିଷ ମହଜୁଦ ରଖି କଳାବଜାର କରୁଛନ୍ତି। ଖୋଦ୍ ଯୋଗାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ମଧ୍ୟ ଏହି କଥାକୁ ସ୍ୱୀକାର କରିଛନ୍ତି। ଗ୍ରାହକଙ୍କ ଉପରେ ଏକ ପ୍ରକାର ଜୋର ଜବରଦସ୍ତ ଦୋକାନୀମାନେ ଉଚ୍ଚାଦର ଲଦିଦେଉଥିବା ଦେଖିବାକୁ ମିଳୁଛି। ସେହିପରି ପରିବା ବଜାରରେ ମଧ୍ୟ ଦର ମନଇଚ୍ଛା ବୃଦ୍ଧିପାଇବାରେ ଲାଗିଛି। ଏଭଳି ସମୟରେ ମଣିଷପଣିଆ ଦେଖାଇବା ପାଇଁ ଯୋଗାଣମନ୍ତ୍ରୀ କହିଛନ୍ତି। ସେ କହିଛନ୍ତି ଯେ, କେତେଜଣ ଦୋକାନୀ ଅଧିକ ଦର ନେଉଥିବା ଆମେ ଜାଣିବାକୁ ପାଇଛୁ। ସେମାନଙ୍କୁ ଧରିବା ଲାଗି ରାଜ୍ୟ ସରକାର ସ୍ୱତନ୍ତ୍ର ସ୍କ୍ୱାଡ୍ ବଜାରରେ ବୁଲୁଛନ୍ତି। ବ୍ୟବସାୟୀମାନଙ୍କୁ ଅନୁରୋଧ କରୁଛି, ଏପରି ସମୟରେ ମାନବିକତା ଦେଖାନ୍ତୁ। ଅଯଥାରେ ଅତ୍ୟାବଶ୍ୟକ ସାମଗ୍ରୀକୁ ଅଧିକ ଦରରେ ବିକ୍ରି କରନ୍ତୁ ନାହିଁ ବୋଲି ମନ୍ତ୍ରୀ ସ୍ୱାଇଁ କହିଛନ୍ତି।

# ପରିବା ପାଇଁ ଗଲେ ନେଇପାରିବେନି ବାଇକ୍

**ଭୁବନେଶ୍ୱର,୩୦।୩(ବ୍ୟୁରୋ)**

ଲକଡାଉନ ସମୟରେ ଅନେକ ଲୋକେ ପରିବା ପାଇଁ ଗଲେ ବାଇକ ନେଇଯାଉଛନ୍ତି। ସେମାନଙ୍କ ମଧ୍ୟରୁ ଅନେକ ପରିବା ଆଣିବା ନାଁରେ ସହର ବୁଲୁଛନ୍ତି। ଏହାକୁ ଦେଖି କମିଶନରେଟ ପୋଲିସ ଅଧିକ କଠୋର ହୋଇଛି। ପୋଲିସ ଲକଡାଉନ ନିୟମକୁ କଡ଼ାକଡ଼ି କରିଛି। ଏଣିକି ପରିବା ଓ ରାଶନ କିଣାକିଣି ପାଇଁ ବାଇକ୍ ନେବାକୁ ବାରଣ କରିଛି ପୋଲିସ। ଅତ୍ୟାବଶ୍ୟକ ସାମଗ୍ରୀ ପାଇଁ ଚାଲି ଯିବା ପାଇଁ କୁହାଯାଇଛି। ଏହାକୁ କେହି ନ ମାନି ବାଇକ୍ ବାହାର କଲେ ଜବତ କରିବ। ଭୁବନେଶ୍ୱରରେ ସୋମବାର ବିଭିନ୍ନ ହାଟ ଓ ଛକରେ ଚେକିଂକୁ ଜୋରଦାର କରିଛି ପୋଲିସ। ଏକ ନମ୍ବର ହାଟରେ ପୋଲିସ ଏକାଧିକ ବାଇକ ଉଠାଇନେଇଛି। ପରିବା କିଣିବା ଲାଗି ବାଇକରେ ଆସିଥିବା ଲୋକଙ୍କଠାରୁ ଗାଡ଼ିକୁ ଜବତ କରାଯାଇଛି। ଏ ନେଇ ପୂର୍ବରୁ ମଧ୍ୟ ପୋଲିସ ଲୋକଙ୍କୁ ବୁଝାଇଥିଲେ ମଧ୍ୟ ଅଧିକାଂଶ ଏହାକୁ ଅବମାନନା କରିବାରୁ କମିଶନରେଟ ପୋଲିସ ଏଭଳି ନିଷ୍ପତ୍ତି ନେଇଛି। ଏଜି ଛକରେ ମଧ୍ୟ ଚେକିଂକୁ ଜୋରଦାର କରାଯାଇଛି। ଏ ନେଇ ଜୋନ-୧ ଏସିପି ମାନସ ଗଡ଼ନାୟକ କହିଛନ୍ତି, ଲୋକମାନଙ୍କୁ ପରିବା ଏବଂ ଅନ୍ୟ ଜରୁରୀ ସେବା ପାଇଁ ଚାଲିଚାଲି ଯାଇ ଆଣିବାକୁ କୁହାଯାଇଛି। ହେଲେ ସେମାନେ ଏହାକୁ ଖାତିରି ନ କରି ସହର ସାରା ବୁଲୁଛନ୍ତି। ତେଣୁ ସୋମବାରଠାରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ପରିବା ମାର୍କେଟ ନିକଟରୁ ଗାଡ଼ିଗୁଡିକୁ ଜବତ କରାଯାଉଛି।

# ଗଡ଼ିବନି ରଥ, କେବଳ ହେବ ନୀତି




**ପୁରୁଣା ଭୁବନେଶ୍ୱର, ୩୦।୩ (ଡି.ଏନ୍.ଏ.):** ଏକାମ୍ର କ୍ଷେତ୍ରର ଆରାଧ୍ୟ ଦେବତା ମହାପ୍ରଭୁ ଶ୍ରୀ ଲିଙ୍ଗରାଜଙ୍କ ପ୍ରସିଦ୍ଧ ରୁକୁଣା ରଥଯାତ୍ରା ଚଳିତବର୍ଷ ଏବେବି ଅନିଶ୍ଚିତତା ମଧ୍ୟରେ ରହିଛି। କରୋନା କଟକଣା ଓ ଲକ୍‌ଡାଉନ୍ ପାଇଁ ପ୍ରଶାସନ କୌଣସି ପରିସ୍ଥିତିରେ ରଥଯାତ୍ରା ପାଇଁ ରାଜି ହେଉ ନ ଥିବାବେଳେ ସେବାୟତମାନେ ପରମ୍ପରା ବଜାୟ ରଖିବା ପାଇଁ ପ୍ରୟାସ ଚଳାଇଛନ୍ତି। ସୋମବାର ୪ ନିଯୋଗ ପ୍ରମୁଖଙ୍କ ସହ ପ୍ରଶାସନର ଆଲୋଚନାରୁ ମଧ୍ୟ କୌଣସି ନିଷ୍କର୍ଷ ବାହାରିପାରିନି। ଅପରାହ୍ନରେ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ ରଥଯାତ୍ରା ନ କରିବାକୁ ପ୍ରଶାସନ କହିବା ସହ କେତେକ ପ୍ରସ୍ତାବ ରଖାଯାଇଥିଲା। ରଥ କୌଣସି ପ୍ରକାର ଗଡ଼ିପାରିବ ନାହିଁ। କେବଳ ନୀତି ସମ୍ପାଦନ କରାଯାଇ ରଥ ଉପରକୁ ଠାକୁରଙ୍କୁ ନିଆଯାଇ ପାରିବ। ହେଲେ ରଥଯାତ୍ରା ପାଇଁ ପୋଲିସ ଯୋଗାଇ ଦିଆଯାଇ ପାରିବ ନାହିଁ ବୋଲି କୁହାଯିବାରୁ ସେବାୟତମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ହେଲେ ରଥଯାତ୍ରା ବନ୍ଦ ନେଇ ପ୍ରଶାସନ କୌଣସି ଲିଖିତ ନ ଦେବାରୁ ସେବାୟତମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି।

**ନିଷ୍ପତ୍ତି ଶୁଣାଇଲା ପ୍ରଶାସନ, ଲିଖିତ ଦେଲେନି**
**ବୈଠକରେ ଅସନ୍ତୋଷ ପ୍ରକାଶ କଲେ ସେବାୟତ**

ମଙ୍ଗଳବାର ରଥ ପ୍ରତିଷ୍ଠା। ପରେ ଅନ୍ୟ ସମସ୍ତ ନୀତି ହେବ ବୋଲି ପୂଜାପଣ୍ଡା ନିଯୋଗ ସେବାୟତ ସଚ୍ଚିକାନ୍ତ ପୂଜାପଣ୍ଡା କହିଛନ୍ତି। ସେ କହିଛନ୍ତି, ଯଦି ବିଧାନସଭା ବସି ପାରୁଛି, ତେବେ ଯୁଗ ଯୁଗ ଧରି ଚାଲି ଆସିଥିବା ରୁକୁଣା ରଥ ପରମ୍ପରାକୁ କାହିଁକି ସରକାର ବନ୍ଦ କରିବାକୁ ଚାହୁଁଛନ୍ତି। ଏହାର ଜବାବ ଦିଆଯିବ। ପରବର୍ତ୍ତୀ ସମୟରେ ଦିଅଁଙ୍କ ନୀତିରେ ଅସହଯୋଗ କରାଯିବ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଏକାମ୍ର ଜନଜାଗରଣ ମଞ୍ଚ ପକ୍ଷରୁ ମନ୍ଦିର କାର୍ଯ୍ୟନିର୍ବାହୀଙ୍କୁ ସୋମବାର ଏକ ଦାବିପତ୍ର ଦିଆଯାଇଛି। ଠାକୁରଙ୍କ ପରମ୍ପରା ବଜାୟ ରଖିବାକୁ ବିଧି ମୁତାବକ ରଥଯାତ୍ରା କରିବାକୁ ମଞ୍ଚ ଅଧ୍ୟକ୍ଷ ଭୀଷ୍ମ ନାରାୟଣ ନାୟକ ନିବେଦନ କରିଛନ୍ତି।

# ଆମ୍ବୁଲାନ୍ସରେ ଯାତ୍ରୀ ପରିବହନ: ଚାଳକ, ଯାତ୍ରୀ ଅଟକ

**ରାୟଗଡ଼ା ଅଫିସ,୩୦।୩**

କୋଭିଡ୍-୧୯ର ଭୟାବହତାକୁ ନଜରରେ ରଖି ସରକାର ଲକ୍‌ଡାଉନ୍ ଘୋଷଣା କରିଛନ୍ତି। ଏଥିପାଇଁ ଯାନବାହନ ଚଳାଚଳ ବନ୍ଦ ରହିଛି। ଏଭଳି ପରିସ୍ଥିତିରେ ସୋମବାର ନୟାଗଡ଼ ଜିଲା ଓଡ଼ଗାଁ ଅଞ୍ଚଳର ୬ ଯାତ୍ରୀ ଏକ ଆମ୍ବୁଲାନ୍ସ ଯୋଗେ କୋରାପୁଟ ଜିଲା ଦାମନଯୋଡ଼ି ଯାତ୍ରା କରିବା ସମୟରେ ରାୟଗଡ଼ା ପୋଲିସ ହାତରେ ଧରାପଡ଼ିଛନ୍ତି। ଟାଉନ୍ ପୋଲିସ ୬ ଯାତ୍ରୀଙ୍କ ସମେତ ଓଡ଼ଗାଁ ମେଡିକାଲ୍‌ର ଆମ୍ବୁଲାନ୍ସ ଚାଳକ ଲକ୍ଷ୍ମୀ ନାରାୟଣ ସେନାପତିଙ୍କୁ ଅଟକ ରଖିଛି। ସୂଚନା ଅନୁଯାୟୀ, ଯାତ୍ରୀମାନେ ଗାଡ଼ି ଭଡ଼ା କରି ଓଡ଼ଗାଁରୁ ଦାମନଯୋଡ଼ି ବାହାରିଥିଲେ। ହେଲେ ରାସ୍ତାରେ ଗାଡ଼ି ଖରାପ ହୋଇଥିଲା। ଫଳରେ ତୁମୁଡ଼ିବନ୍ଧ ଛକରେ ସେମାନେ ଅଟକିଥିଲେ। ଏହି ସମୟରେ ଓଡ଼ଗାଁ ମେଡିକାଲ୍‌ର ଆମ୍ବୁଲାନ୍ସ (ଓଆର୍‌୦୨କ୍ୟୁ-୫୭୮୭)ଭବାନିପାଟଣାରେ ରୋଗୀଙ୍କୁ ଛାଡ଼ି ଫେରୁଥିଲା। ୩ହଜାର ଟଙ୍କା ଭଡ଼ା ନେଇ ଆମ୍ବୁଲାନ୍ସ ଚାଳକ ସେମାନଙ୍କୁ ଦାମନଯୋଡ଼ିରେ ଛାଡ଼ିବାକୁ ରାଜି ହୋଇଥିଲେ। ହେଲେ ରାୟଗଡ଼ାଠାରେ ପୋଲିସ ସେମାନଙ୍କୁ ଅଟକାଇଥିବା ଜଣାପଡ଼ିଛି।

# ପ୍ରିନ୍ସ ହ୍ୟାରି, ମେଘାନଙ୍କ ସୁରକ୍ଷା ଖର୍ଚ୍ଚ ବହନ କରିବନି ଆମେରିକା



**ୱାଶିଂଟନ,୩୦।୩**

ଚଳିତବର୍ଷ ଆରମ୍ଭରେ ବ୍ରିଟେନ ରାଜ ପରିବାର ଛାଡ଼ିବାକୁ ଘୋଷଣା କରିଥିବା ପ୍ରିନ୍ସ ହ୍ୟାରି ଏବଂ ତାଙ୍କ ସ୍ତ୍ରୀ ମେଘାନ ମର୍କେଲ ଆମେରିକାରେ ରହିବା ପାଇଁ କାଲିଫର୍ନିଆର ଲସ୍ ଏଞ୍ଜେଲସ୍‌କୁ ସ୍ଥାନାନ୍ତର ହୋଇଛନ୍ତି। ହେଲେ ସେମାନଙ୍କ ସୁରକ୍ଷା ବ୍ୟବସ୍ଥାର ଖର୍ଚ୍ଚ ଆମେରିକା ବହନ କରିବ ନାହିଁ। ସେମାନେ ସେହି ଖର୍ଚ୍ଚ ନିଜେ ବହନ କରିବେ ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ରବିବାର ଟୁଇଟ୍ କରି ଏହା ଜଣାଇଛନ୍ତି। ଏହା ସହ ଉଲ୍ଲେଖ କରିଛନ୍ତି ଯେ, ସେ ବ୍ରିଟେନ ରାଣୀ ଏବଂ ସେହି ଦେଶର ଭଲ ବନ୍ଧୁ।

ତଥ୍ୟ ଅନୁଯାୟୀ, ଅନେକ ମାସ ଧରି କାନାଡାରେ ରହିଥିବା ପ୍ରିନ୍ସ ହ୍ୟାରି ଓ ମେଘାନ ବ୍ରିଟିଶ ରାଜତନ୍ତ୍ରର ପ୍ରତିନିଧିତ୍ୱ ନ କରିବା ଏବଂ ଏକ ନୂତନ ଓ ସ୍ୱାଧୀନ ଜୀବନଯାପନ କରିବାକୁ ନିଷ୍ପତ୍ତି ନେଇଥିଲେ। କାନାଡାରେ ସ୍ଥାୟୀ ଭାବେ ରହିବାକୁ ବ୍ରିଟେନ ଛାଡ଼ିଥିବା ଏହି ଦମ୍ପତି ଏବେ ଆମେରିକା ସ୍ଥାନାନ୍ତର ହୋଇଛନ୍ତି। କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ଦୁଇ ଦେଶର ସୀମା ବନ୍ଦ ହେବା ପୂର୍ବରୁ ସେମାନେ ଏକ ଘରୋଇ ଜେଟ୍‌ରେ କାନାଡାରୁ ଲସ୍ ଏଞ୍ଜେଲସ୍‌କୁ ଆସିଥିଲେ। ହେଲେ ସେମାନଙ୍କ ସୁରକ୍ଷା ଖର୍ଚ୍ଚ ଆମେରିକା ସରକାର ତୁଲାଇବେ ନାହିଁ ବୋଲି ଟ୍ରମ୍ପ ସ୍ପଷ୍ଟ କରିଛନ୍ତି। କିନ୍ତୁ ୱାଶିଂଟନରୁ ସାହାଯ୍ୟ ମାଗିବାର ସେମାନଙ୍କର ଉଦ୍ଦେଶ୍ୟ ନାହିଁ। ନିଜସ୍ୱ ଖର୍ଚ୍ଚରେ ଘରୋଇ ସୁରକ୍ଷା ବ୍ୟବସ୍ଥା କରାଯାଇଛି ବୋଲି ଏହି ରାଜ ଦମ୍ପତିଙ୍କ ଜଣେ ମହିଳା ମୁଖପାତ୍ର ଏକ ବିବୃତିରେ ଜଣାଇଛନ୍ତି। ସୂଚନାଥାଉ କି, ମେଘାନ ଲସ୍ ଏଞ୍ଜେଲସ୍‌ରେ ପିଲାରୁ ବଡ଼ ହୋଇଛନ୍ତି ଏବଂ ତାଙ୍କ ମା' ଡୋରିଆ ରାଗଲାଣ୍ଡ ଏବେ ବି ଏହି ସହରରେ ରହୁଛନ୍ତି। ୨୦୦୨ରୁ ୨୦୧୭ ଯାଏ ଆମେରିକାରେ ମଡେଲ ତଥା ଅଭିନେତ୍ରୀ ଜୀବନ ବିତାଇଥିବା ମେଘାନ ୨୦୧୧ରେ ଆମେରିକୀୟ ଫିଲ୍ମ ନିର୍ଦ୍ଦେଶକ ଟ୍ରେଭର୍ ଏଙ୍ଗେଲସନ୍‌ଙ୍କୁ ବିବାହ କରିଥିଲେ। ୨୦୧୩ରେ ତାଙ୍କର ବିବାହ ବିଚ୍ଛେଦ ହେବାପରେ ୨୦୧୮ରେ ପ୍ରିନ୍ସ ହ୍ୟାରିଙ୍କ ହାତ ଧରିଥିଲେ। ଲସ୍ ଏଞ୍ଜେଲସ୍‌ରେ ମେଘାନଙ୍କ ବହୁ ବନ୍ଧୁ ରହିଛନ୍ତି। ନୂଆ ବୃତ୍ତି ଆପଣାଇବା ପାଇଁ ସେଠାରେ ତାଙ୍କର ବହୁ ଯୋଗାଯୋଗ ମଧ୍ୟ ରହିଛି, ଯେଉଁଥିରୁ ସେ ନିଜ କ୍ୟାରିୟର ପୁନଃ ଆରମ୍ଭ କରିପାରିବେ। ଅନ୍ୟପକ୍ଷରେ ଆଫ୍ରିକୀୟ ହାତୀ ଉପରେ ଆଧାରିତ ନୂଆ ଫିଲ୍ମରେ ମେଘାନ କାମ କରିବେ ବୋଲି ଡିଜ୍‌ନି ପକ୍ଷରୁ ଗୁରୁବାର ଘୋଷଣା କରାଯାଇଛି।

ଧରିତ୍ରୀ
DHARITRI
ମଙ୍ଗଳବାର, ମାର୍ଚ୍ଚ ୩୧, ୨୦୨୦



## ସଂକ୍ଷେପରେ

### ବସ୍ତାରେ ବଢୁଛି ବହିରାଗତଙ୍କ ସଂଖ୍ୟା

ବସ୍ତା, ୩୦।୩ (ଡି.ଏନ.ଏ.)-ବାଲେଶ୍ୱର ଜିଲା ବସ୍ତା ବ୍ଲକରେ ବାହାର ରାଜ୍ୟରୁ ଫେରୁଥିବା ଲୋକଙ୍କ ସଂଖ୍ୟା ଧୀରେ ଧୀରେ ବଢ଼ିବାରେ ଲାଗିଛି। ରବିବାର ସୁଦ୍ଧା ବସ୍ତା ବ୍ଲକକୁ ୧୧୦୬ଜଣ ଫେରିଥିବା ବେଳେ ସେଥିମଧ୍ୟରୁ ୫ଜଣ ବିଦେଶ ଫେରନ୍ତା ଅଛନ୍ତି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏମାନଙ୍କୁ ୧୪ଦିନ କ୍ୱାରାଣ୍ଟାଇନରେ ରହିବା ପାଇଁ କୁହାଯାଇଛି। ହେଲେ ସେମାନେ ଏହାକୁ ମାନୁ ନ ଥିବାରୁ ଗ୍ରାମରେ ଭୟର ବାତାବରଣ ସୃଷ୍ଟି ହୋଇଛି। ରବିବାର ସିଂଲା ଥାନା ଅଧୀନ ସାଉଡ଼ି ଗ୍ରାମରୁ ଗୋଟିଏ ପରିବାରର ୧୬ଜଣଙ୍କୁ ସଂକ୍ରମଣ ସନ୍ଦେହରେ ସ୍ୱାସ୍ଥ୍ୟ ବିଭାଗ ଓ ପୋଲିସ ସେମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଜିଲା ମୁଖ୍ୟ ଡ଼ାକ୍ତରଖାନାକୁ ପଠାଇଛି। ସେହିପରି ବସ୍ତା ଥାନା ପତ୍ରଝଡ଼ା ପଞ୍ଚାୟତ ବିଦ୍ୟାଧରପୁର ପୀର୍‌ହାଟ୍ ପଡ଼ିଆଠାରେ ଅସ୍ଥାୟୀ ଶିବିର କରି ରହିଥିବା ୧୧ ଜଣ ଯାଯାବରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି।

### ଲକ୍‌ଡାଉନ ନ ମାନି ୨୬ ଗିରଫ

ଧାମନଗର,୩୦।୩(ଡି.ଏନ୍.ଏ.)-ଭଦ୍ରକ ଜିଲା ଧାମନଗର ବ୍ଲକ ଏବଂ ପୋଲିସ ପ୍ରଶାସନ ପକ୍ଷରୁ ଲକ୍‌ଡାଉନକୁ କଡ଼ାକଡ଼ି ପାଳନ କରାଯାଉଛି। ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ ପୋଲିସ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି। ସୋମବାର ଧାମନଗର ପୋଲିସ ୧୨ ନିୟମ ଖିଲାପକାରୀଙ୍କୁ ଗିରଫ କରିଥିବାବେଳେ ୧୨ଟି ମୋଟର ସାଇକେଲ ଅଟକ ରଖିଛି। ସେହିପରି ଧୂଷୁରୀ ଥାନା ପୋଲିସ ୧୪ ବ୍ୟବସାୟୀଙ୍କୁ ଗିରଫ କରିଥିବା ସୂଚନା ମିଳିଛି । ଏଥି ସହିତ ୧୦ଟି ମୋଟର ସାଇକେଲ ଜବତ କରିବା ସହ ସେମାନଙ୍କ ଠାରୁ ୧୦ ହଜାର ଟଙ୍କା ଜରିମାନା ଆଦାୟ କରିଛି। ଲକ୍‌ଡାଉନ ସମୟରେ ଗ୍ରସୋରି, ଫଳ ଏବଂ ଔଷଧ ଦୋକାନ ଖୋଲିବା ପାଇଁ ଅନୁମତି ମିଳିଥିବାବେଳେ ଅନ୍ୟ ଦୋକାନୀମାନେ ଜୋରଜବରଦସ୍ତ ଦୋକାନ ଖୋଲିବାରୁ ଧୂଷୁରୀ ଥାନା ପୋଲିସ ଉକ୍ତ ବ୍ୟବସାୟୀମାନଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି ।

### କରୋନା ସମ୍ପର୍କରେ ସଚେତନ କଲା 'ସ୍ୱଚ୍ଛ ଭାରତ ଅଭିଯାନ'



ବାହାନଗା, ୩୦।୩(ଡି.ଏନ.ଏ.) କରୋନା ଭୂତାଣୁ ସଂକ୍ରମଣରୁ ରକ୍ଷା ପାଇବା ପାଇଁ ବିଭିନ୍ନ ସାମାଜିକ ସଙ୍ଗଠନ ଆଗେଇ ଆସିଛନ୍ତି। କେତେକ ସଙ୍ଗଠନ ସଚେତନତାର ବାର୍ତ୍ତା ବାଣ୍ଟୁଥିବା ବେଳେ କେତେକ ସ୍ୱଚ୍ଛତା ପ୍ରତି ଗୁରୁତ୍ୱ ଦେଇଛନ୍ତି। ବାଲେଶ୍ୱର ଜିଲା ବାହାନଗା ବ୍ଲକ ଗୋପାଳପୁରଠାରେ ଥିବା ସ୍ୱଚ୍ଛ ଭାରତ ଅଭିଯାନ ସଙ୍ଗଠନ କର୍ମକର୍ତ୍ତାମାନେ ରବିବାର ସକାଳେ ୬ଟାରୁ ୮ଟା ପର୍ଯ୍ୟନ୍ତ ଗୋପାଳପୁର ବଜାରରେ ଲୋକମାନଙ୍କୁ ସଚେତନ କରିବା ସହିତ ବଜାର ଚାରିପାଖ ସଫେଇ କରିଥିଲେ। ସଙ୍ଗଠନର ଆବାହକ ସୁଦର୍ଶନ ମହାପାତ୍ରଙ୍କ ନିର୍ଦ୍ଦେଶରେ ସଙ୍ଗଠନର କର୍ମକର୍ତ୍ତା ବଜାରରେ ବସିଥିବା ଦୋକାନୀମାନଙ୍କୁ କେତେ ଦୂରତ୍ୱରେ ବସି ବ୍ୟବସାୟ କରିବେ ଓ ବଜାରକୁ ଆସୁଥିବା ଲୋକମାନେ କିପରି ନିଜ ନିଜ ମଧ୍ୟରେ ଏକ ମିଟର ଦୂରତ୍ୱ ରଖି ସାମଗ୍ରୀ କିଣିବେ ସେ ବିଷୟରେ ସଚେତନ କରିଥିଲେ। ସଙ୍ଗଠନର କର୍ମକର୍ତ୍ତାମାନେ ମୁହଁରେ ମାକ୍ସ ବାନ୍ଧି ହାତରେ ଗ୍ଲୋଭସ ପିନ୍ଧି ସଫେଇ କରିଥିଲେ। ଉଲ୍ଲେଖଯୋଗ୍ୟ ଯେ, ଏହି ସଙ୍ଗଠନ ଦୀର୍ଘ ୨୮୬ ସପ୍ତାହ ଧରି ସଫେଇ କରିଚାଲିଛି।

### ସହରରେ ପଶିଲେ ହାତୀ

ବାରିପଦା ଅଫିସ, ୩୦।୩- କରୋନାକୁ ନେଇ ଲୋକେ ଚିନ୍ତିତ ଥିବା ବେଳେ ରବିବାର ବିଳମ୍ବିତ ରାତିରେ ହାତୀପଲ ଜଙ୍ଗଲରୁ ବାହାରି ବାରିପଦା ସହର ମୁହାଁ ହୋଇଥିଲେ। ଏନେଇ ସହରବାସୀ ଆତଙ୍କିତ ହୋଇ ପଡ଼ିଥିଲେ। ରାତି ପ୍ରାୟ ୨ଟା ସମୟରେ ଏକ ୫ଟିକିଆ ହାତୀପଲ ବାରିପଦା ସହରର ଦାରୋଗାଡ଼ାହି ଗୋଲେଇ ଦେଇ ବାଘେରା ରୋଡ଼ ପର୍ଯ୍ୟନ୍ତ ଆସି ସହରରେ ପ୍ରବେଶ କରିଥିଲେ। ଖବର ପାଇ ବାରିପଦା ବାନାଞ୍ଚଳ ଅଧିକାରୀଙ୍କ ସହିତ କର୍ମଚାରୀମାନେ ସହରରେ ବିଜୁଳି ସରାବରାହକୁ ବନ୍ଦ କରିବା ପରେ ହାତୀପଲକୁ ଘଉଡ଼ାଇ ଦେଇଥିଲେ। ହାତୀପଲ ଦ୍ୱାରା କୌଣସି କ୍ଷୟକ୍ଷତି ହୋଇ ନ ଥିବା ବେଳେ ବର୍ତ୍ତମାନ ସେମାନେ ବାଙ୍କିଶୋଳ ଜଙ୍ଗଲରେ ରହିଥିବା ନେଇ ସୂଚନା ମିଳିଛି।

# ବିନା ପାରିଶ୍ରମିକରେ ମାସ୍କ ତିଆରି

ବାରିପଦା ଅଫିସ, ୩୦।୩



ରାଜେନ୍ଦ୍ରଙ୍କ ପରିବାର ଲୋକେ ମାସ୍କ ତିଆରି କରୁଛନ୍ତି।

ବର୍ତ୍ତମାନ ସାରା ବିଶ୍ୱ କରୋନା ଭାଇରସ୍‌କୁ ନେଇ ଚିନ୍ତିତ। ଏହି ଭାଇରସ୍ ସଂକ୍ରମଣର ଚେନ୍‌କୁ ଭାଙ୍ଗିବା ପାଇଁ ଭାରତରେ ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ଲକଡାଉନ କରାଯାଇଛି। ବର୍ତ୍ତମାନ ସମୟରେ ସମସ୍ତେ ନିଜେ ନିଜ ଘରେ ରହୁଛନ୍ତି। ଏହି ପରିପ୍ରେକ୍ଷୀରେ ମୟୂରଭଞ୍ଜ ଜିଲା ବାରିପଦା ସହରସ୍ଥିତ ତକତପୁର ଅଞ୍ଚଳରେ ରହୁଥିବା ଏକ ପରିବାର ବିନା ପାରିଶ୍ରମିକରେ ମାସ୍କ ତିଆରି କରି ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି।

ତକତପୁର ବଜାରରେ ରାଜେନ୍ଦ୍ର କବାଟ ଏକ ଟେଲରିଂ ଦୋକାନ କରି ପରିବାର ପ୍ରତିପୋଷଣ କରନ୍ତି। ବର୍ତ୍ତମାନ ଲକଡ଼ାଉନ ହୋଇଥିବାରୁ ତାଙ୍କ ଦୋକାନ ବନ୍ଦ ରହିଛି। ଘରେ ବସି ବସି ମହାମାରୀ କରୋନା ସମୟରେ ସେବା ଯୋଗାଇ ଦେଉଥିବା ପୋଲିସ କର୍ମଚାରୀ ଓ ଡାକ୍ତରଖାନାରେ କାର୍ଯ୍ୟରତ କର୍ମଚାରୀମାନଙ୍କ ସୁରକ୍ଷା ପାଇଁ ଏବେ ମାସ୍କର ଘୋର ଅଭାବ ଦେଖା ଦେଉଥିବା ନେଇ ସେ ଚିନ୍ତିତ ହୋଇ ପଡ଼ିଥିଲେ। ତେଣୁ ରାଜେନ୍ଦ୍ର ନିଜେ ମାସ୍କ ତିଆରି କରି ମାଗଣାରେ ବାଣ୍ଟିବା ପାଇଁ ମନସ୍ଥ କରିଥିଲେ। ହେଲେ ଉନ୍ନତମାନର ମାସ୍କ ତିଆରି କରିବା ପାଇଁ କପଡ଼ା ଏବଂ ଅନ୍ୟାନ୍ୟ ସାମଗ୍ରୀ କିଣିବା ନିମିତ୍ତ ସମ୍ବଳ ଅଭାବ ଦେଖା ଦେଇଥିଲା। ଏହି ସମୟରେ ଭୁବନେଶ୍ୱରର ଏସଜିକେ ଫାଉଣ୍ଡେଶନ ସହାୟତାର ହାତ ବଢ଼ାଇଥିଲା। ଏହାପରେ ସେ ଓ ତାଙ୍କ ପରିବାର ମାର୍ଚ୍ଚ ୨୫ ତାରିଖରୁ ମାସ୍କ ତିଆରି ଆରମ୍ଭ କରିଥିଲେ। ବର୍ତ୍ତମାନ

**ପ୍ରତିଦିନ ୮ ଘଣ୍ଟା ପରିଶ୍ରମ କରୁଛନ୍ତି ଉତ୍ସର୍ଗୀକୃତ ପରିବାର**

**୨ ହଜାର ତିଆରି କରି ସାରିଲେଣି**

**ପୋଲିସ,ସ୍ୱାସ୍ଥ୍ୟ କର୍ମଚାରୀମାନଙ୍କୁ ମାଗଣାରେ କରାଯିବ ବଣ୍ଟନ**

ଏହି ଉତ୍ସର୍ଗୀକୃତ ପରିବାର ୨ ହଜାର ମାସ୍କ ତିଆରି କରିସାରିଥିବା ବେଳେ ଆଗାମୀ ଦିନରେ ଆହୁରି ୧୦ହଜାର ମାସ୍କ ତିଆରି କରିବା ପାଇଁ ଯୋଜନା ରଖିଛନ୍ତି। ମାସ୍କ ତିଆରି କରିବାରେ ତାଙ୍କ ପରିବାରର ସଦସ୍ୟମାନେ ସହାୟତା କରୁଛନ୍ତି। ଗୋଟିଏ ଦିନରେ ପ୍ରାୟ ୮ ଘଣ୍ଟା ସେ ମାସ୍କ ତିଆରି କରିବାରେ ସମୟ ଦେଉଛନ୍ତି। ବଜାରରୁ କପଡ଼ା ଆଣି ତାଙ୍କୁ ସାଇଜ ଅନୁସାରେ ରାଜେନ୍ଦ୍ର କାଟୁଥିବା ବେଳେ ସ୍ତ୍ରୀ ସଞ୍ଜନା ଓ ଅନ୍ୟ ଜଣେ ସହଯୋଗୀ ତନୁସ୍ମିତା ଏହାକୁ ସିଲେଇ କରନ୍ତି। ସିଲେଇ ସରିବା ପରେ ଏହାକୁ ରାଜେନ୍ଦ୍ର ଓ ତାଙ୍କ ବାପା ନରୋତ୍ତମ ମାସ୍କକୁ ଜରିରେ ପ୍ୟାକିଂ କରନ୍ତି। ମାସ୍କ ତିଆରି କରିବା ବେଳେ ସମସ୍ତେ ନିଜ ହାତକୁ ସାନିଟାଇଜ କରିବା ସହ ମୁହଁରେ ମାସ୍କ ପିନ୍ଧି ଉତ୍ସାହର ସହିତ କାମ ଆରମ୍ଭ କରିଥାନ୍ତି। ପ୍ରସ୍ତୁତ ହୋଇଥିବା ମାସ୍କଗୁଡ଼ିକୁ ବାରିପଦା ସମେତ ଭୁବନେଶ୍ୱର, କଟକ, ଏବଂ ଖୋର୍ଦ୍ଧା ଅଞ୍ଚଳର ପୋଲିସ ଓ ସ୍ୱାସ୍ଥ୍ୟ କର୍ମଚାରୀମାନଙ୍କୁ ଏସଜିକେ ଅନୁଷ୍ଠାନ ବଣ୍ଟନ କରିବ ବୋଲି ରାଜେନ୍ଦ୍ର କହିଛନ୍ତି। ବିନା ପାରିଶ୍ରମିକରେ ଏହିଭଳି କାମ କରୁଥିବାରୁ ଉକ୍ତ ପରିବାର ଲୋକଙ୍କୁ ବିଭିନ୍ନ ମହଲରୁ ସାଧୁବାଦ ଜଣାଯାଇଛି।

## ବାଙ୍ଗାଲୋରରେ ଫସିଛନ୍ତି ୩୦ରୁ ଊର୍ଦ୍ଧ୍ୱ ଓଡ଼ିଆ ଶ୍ରମିକ

ପାଟଣା ,୩୦।୩(ସ୍ୱ.ପ୍ର.)

ଓଡ଼ିଶାର ଅନେକ ଶ୍ରମିକ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଇ ଆଉ ଗାଁକୁ ଫେରି ପାରୁନାହାନ୍ତି। କରୋନା ପାଇଁ ଦେଶବ୍ୟାପୀ ଲକ୍ ଡାଉନ ଥିବାରୁ ଶ୍ରମିକଙ୍କୁ ନାନା ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ଉଦ୍ଧାର କରିବା ପାଇଁ ସେମାନେ ଓଡ଼ିଶା ସରକାରଙ୍କୁ ଆକୁଳ ନିବେଦନ କରିଛନ୍ତି। ସୂଚନା ଅନୁଯାୟୀ ଭଦ୍ରକ ଓ କେନ୍ଦୁଝର ଜିଲା ପାଟଣା ଥାନା ଅଞ୍ଚଳରୁ କାମ କରିବାକୁ ଯାଇଥିବା ୩୦ରୁ ଊର୍ଦ୍ଧ୍ୱ ଶ୍ରମିକ ବାଙ୍ଗାଲୋରରେ ଫସିରହିଛନ୍ତି। କାମଧନ୍ଦା ବନ୍ଦ ରହିଥିବାରୁ ସେମାନେ ଖାଇବାକୁ ପାଉନାହାନ୍ତି। ଦୁଇ ଦିନ ହେବ ଉପାସରେ ଥିବା ସେମାନେ ଭିଡିଓ ମାଧ୍ୟମରେ ଜଣାଇବା ସହ ଉଦ୍ଧାର ପାଇଁ ରାଜ୍ୟ ସରକାରଙ୍କୁ ନିବେଦନ କରିଛନ୍ତି।

## ଜବତ ହେଲା ମଦ ବୋଝେଇ ପିକ୍‌ଅପ୍, ଜଣେ ଗିରଫ

ଭଦ୍ରକ ଅଫିସ, ୩୦।୩

**କରୋନା କଟକଣା ବେଳେ ମଦ ଚୋରା ଚାଲାଣ**

ଲକ୍‌ଡାଉନ ସମୟରେ ଫାଇଦା ଉଠାଉଛନ୍ତି ଚୋରା ମଦ ବେପାରୀ। ଏହି ସମୟରେ ଚଢ଼ା ଦରରେ ମଦ ବିକ୍ରି ପାଇଁ ଯୋଜନା କରି ପଡ଼ୋଶୀ ବାଲେଶ୍ୱର ଜିଲାରୁ ଚୋରାରେ ମଦ ଆଣି ବିକ୍ରି କରାଯାଉଛି। ସୋମବାର ଜିଲା ଭ୍ରାମ୍ୟମାଣ ଅବକାରୀ ଟିମ୍ ଏକ ମଦ ବୋଝେଇ ପିକଅପ୍‌କୁ ରାଣୀତାଲ ନିକଟରୁ ଜବତ କରିଛି। ଅବକାରୀ ନୀରିକ୍ଷକ ରବିନାରାୟଣ ପ୍ରଧାନଙ୍କ ନେତୃତ୍ୱରେ ଏକ ଟିମ୍ ବାଲେଶ୍ୱରରୁ ଭଦ୍ରକ ଅଭିମୁଖେ ଆସୁଥିବା ମଦ ବୋଝେଇ ଗାଡ଼ିକୁ ଅଟକାଇ ଜବତ କରିଥିଲେ। ଏଥିରେ ୮ ଶହ ଲିଟର ଦେଶୀ ମଦ ବୋଝେଇ ହୋଇ ରହିଥିଲା। ଏନେଇ ଗାଡ଼ିର ଡ୍ରାଇଭର ବାଲେଶ୍ୱର ଜିଲା ଖନ୍ତାପଡ଼ା ଥାନା ଅଧିନସ୍ଥ ବେଠିପୁର ଗାଁର ନବକିଶୋର ଦାସଙ୍କୁ ଏହି ଟିମ୍ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି।

## ଖୋଲିଲା ପଞ୍ଚାୟତସ୍ତରୀୟ ଟିଏମ୍‌ସି ସେଣ୍ଟର

ରସାଲପୁର,୩୦।୩(ଡି.ଏନ୍.ଏ.)

ମହାମାରୀ କରୋନାକୁ ନେଇ ଏବେ ସାରା ବିଶ୍ୱ ଆତଙ୍କିତ। ଏଭଳି ପରିସ୍ଥିତିରେ କରୋନା ଭୂତାଣୁ ସଂକ୍ରମଣ ରୋକିବାକୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ମିଳିତ ଉଦ୍ୟମ ଜାରି ରଖିବା ସହିତ ସମାଜରେ ତୃଣମୂଳସ୍ତରରେ ଲୋକମାନେ ଯେଭଳି କମ୍ କ୍ଷତିଗ୍ରସ୍ତ ହେବେ ସେଥିପ୍ରତି ବିଶେଷ ଦୃଷ୍ଟି ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ବାଲେଶ୍ୱର ଜିଲା ପ୍ରଶାସନ ପକ୍ଷରୁ ବ୍ଲକ ଅଧିକାରୀ, ପଞ୍ଚାୟତସ୍ତରୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ପରେ ସଦର ବ୍ଲକ ଅନ୍ତର୍ଗତ ଗେଙ୍ଗୁଟି, ଖାନନଗର, ପଦ୍ମପୁର, ସାରଗାଁ ପଞ୍ଚାୟତରେ ୧୦ଟି ଶଯ୍ୟା ବିଶିଷ୍ଟ ଟିଏମସି ସେଣ୍ଟର(ଅସ୍ଥାୟୀ ସ୍ୱାସ୍ଥ୍ୟ କେନ୍ଦ୍ର) ଖୋଲାଯାଇଛି। ପଞ୍ଚାୟତର ସରପଞ୍ଚଙ୍କ ତତ୍ତ୍ୱାବଧାନରେ ଗେଙ୍ଗୁଟିରେ ଥିବା ବାତ୍ୟାଆଶ୍ରୟସ୍ଥଳୀ, ଖାନନଗରରେ ନୀଳକଣ୍ଠେଶ୍ୱର ମହାବିଦ୍ୟାଳୟ, ପଦ୍ମପୁର ବାତ୍ୟା ଆଶ୍ରୟସ୍ଥଳୀ, ସାରଗାଁ ପଞ୍ଚାୟତରେ ଥିବା ହାଇସ୍କୁଲରେ ଉକ୍ତ କେନ୍ଦ୍ର ଖୋଲାଯାଇଛି। ନୋଡାଲ ଅଫିସର ଭାବେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ରମେଶ ଚନ୍ଦ୍ର ସାହୁ ନିୟୋଜିତ ହୋଇଥିବାବେଳେ ସେ ସମସ୍ତ କେନ୍ଦ୍ର ବୁଲି ତଦାରଖ କରୁଥିବା ଦେଖିବାକୁ ମିଳିଛି। ଯଦି କୌଣସି ବ୍ୟକ୍ତି ଆକ୍ରାନ୍ତ ହୋଇଥିବା ସନ୍ଦେହ ହୁଏ ତେବେ ତାଙ୍କୁ ତୁରନ୍ତ ଉକ୍ତ କେନ୍ଦ୍ରକୁ ଆଣି ଆଶୁ ଚିକିତ୍ସା କରାଯିବ ବୋଲି ନୋଡାଲ ଅଫିସର ଓ ସରପଞ୍ଚ କହିଛନ୍ତି।

## ୨୧ ଦିନିଆ ଅନ୍‌ଲାଇନ୍ ପାଠପଢ଼ା କ୍ୟାମ୍ପ

ବାଲେଶ୍ୱର ଅଫିସ,୩୦।୩

**ଲକ୍‌ଡାଉନ୍ ପ୍ରଭାବ**

ମହାମାରୀ କରୋନାକୁ ଦୃଷ୍ଟିରେ ରଖି ଲକ୍‌ଡାଉନ୍ ଘୋଷଣା ହେବା ପରେ ଛାତ୍ରୀଛାତ୍ରଙ୍କ ପାଠ ପଢ଼ା ଆପାତତଃ ଠପ୍ ହୋଇଯାଇଛି। ଲକ୍‌ଡାଉନ୍ ବେଳେ ଘରେ ବସି ଦିନ ବିତାଉଥିବା ଛାତ୍ରୀଛାତ୍ରଙ୍କୁ ଶିକ୍ଷାରେ ମନୋନିବେଶ ପାଇଁ କଳାସଂସ୍କୃତି ଅନୁଷ୍ଠାନ 'ନାଟ୍' ପକ୍ଷରୁ ଅନ୍‌ଲାଇନ୍ ଜରିଆରେ ୨୧ ଦିନିଆ ଲକ୍‌ଡାଉନ୍ କ୍ୟାମ୍ପ ଆରମ୍ଭ ହୋଇଛି। ୩ରୁ ୧୫ ବର୍ଷର ପିଲାଙ୍କୁ ବିଭିନ୍ନ ଗ୍ରୁପ୍ କରାଯାଇ ହ୍ୱାଟ୍‌ସ ଆପ୍ ଜରିଆରେ ଯୋଡ଼ାଯାଇଛି। ଅନଲାଇନ ଯୋଗେ ଗଳ୍ପ କଥନ, ଗୀତ ବୋଲିବା, ଖାଦ୍ୟ ପ୍ରସ୍ତୁତି, କାଗଜରେ ବିଭିନ୍ନ ସାମଗ୍ରୀ ପ୍ରସ୍ତୁତି, ଇନ୍‌ଡ଼ୋର ଖେଳ, ଗୁରୁଜନ ଓ ମାତାପିତାଙ୍କୁ ସମ୍ମାନ ପ୍ରଦର୍ଶନ ଆଦି ଏକାଧିକ ଦିଗ ଉପରେ ଶିକ୍ଷା ଦିଆଯାଉଛି।

ଲକ୍‌ଡାଉନ୍ ବେଳେ ପିଲାମାନେ ଘରେ ରହି କିପରି ଶିକ୍ଷାରେ ମନୋନିବେଶ କରିବେ ଓ ନିଜକୁ ପ୍ରସ୍ତୁତ କରିବେ ସେ ଦିଗରେ ହ୍ୱାଟ୍‌ସ୍ ଆପ୍ ଜରିଆରେ ବିଭିନ୍ନ ଦିଗରେ ଶିକ୍ଷା ପ୍ରଦାନ କରାଯାଉଛି। ଅନୁଷ୍ଠାନ ପକ୍ଷରୁ ବାଲେଶ୍ୱର ସହ ବିଭିନ୍ନ ଜିଲାରୁ ଏହି ଗ୍ରୁପ୍‌ରେ ଏକାଧିକ ଛାତ୍ରୀଛାତ୍ର ଯୋଡ଼ି ହୋଇ ଶିକ୍ଷାରେ ନିଜକୁ ସାମିଲ କରିଥିବାରୁ ଅନୁଷ୍ଠାନର ପ୍ରମୁଖ ଉପଦେଷ୍ଟା ଅରୁଣାଂଶୁ ପାଣିଗ୍ରାହୀ, ନୃତ୍ୟଗୁରୁ ରୋଜାଲିନ ପଣ୍ଡା, କୋରିଓଗ୍ରାଫର ସେକ ରାଜା ଓ କୁନି ମାଷ୍ଟର ଅର୍ଚ୍ଚିତା ପାଣିଗ୍ରାହୀ ସନ୍ତୋଷ ପ୍ରକାଶ କରିଛନ୍ତି। ପିଲାଙ୍କୁ ଅଡିଓ ଏବଂ ଭିଡିଓ ମାଧ୍ୟମରେ ଶିକ୍ଷାଦାନ ପ୍ରଦାନ କରାଯାଉଛି। ପରବର୍ତ୍ତୀ ସମୟରେ ଅନଲାଇନ ଜରିଆରେ ଅଧିକ ପ୍ରକାରର ଶିକ୍ଷାଦାନ କରାଯିବ ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଛି। କାର୍ଯ୍ୟକ୍ରମରେ ଭୁବନେଶ୍ୱରର ଏକ ଆଇଟି ଅନୁଷ୍ଠାନ ଅନ୍‌ଲାଇନ୍ ପାଠ୍ୟକ୍ରମ ଯୋଗାଇବାରେ ସହଯୋଗ କରୁଥିବାରୁ 'ନାଟ୍' ଅନୁଷ୍ଠାନ ପକ୍ଷରୁ କୃତଜ୍ଞତା ପ୍ରଦାନ କରାଯାଇଛି।



ଅନ୍‌ଲାଇନ୍ ଦ୍ୱାରା ଶିକ୍ଷା ଦିଆଯାଉଛି।

## ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିକୁ ସହାୟତା

କେନ୍ଦୁଝର/ ଭଦ୍ରକ ଅଫିସ/ ବାରିପଦା ଅଫିସ, ୩୦।୩(ଡି.ଏନ.ଏ.)



କୃଷି ଶିଳ୍ପ ନିଗମ ଅଧକ୍ଷ ଦେବାଶିଷ ମହାନ୍ତି ମୟୂରଭଞ୍ଜ ଜିଲାପାଳଙ୍କୁ ଚେକ୍ ପ୍ରଦାନ କରୁଛନ୍ତି।

ବିଶ୍ୱ ମହାମାରୀ କରୋନା ନିୟନ୍ତ୍ରଣ ଲାଗି କେନ୍ଦୁଝରସ୍ଥିତ ସିଜିଜି ଫାଉଣ୍ଡେଶନ ପକ୍ଷରୁ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିକୁ ୧ଲକ୍ଷ ଟଙ୍କା ସହାୟତା ପ୍ରଦାନ କରାଯାଇଛି। ସିଜିଜି ଫାଉଣ୍ଡେଶନର ଚେୟାରମ୍ୟାନ୍ ଡ଼ ରାଜେନ୍ଦ୍ର ପଲେଇ ଦେଶର ଏଭଳି ଘଡିସନ୍ଧି ମୁହୂର୍ତ୍ତରେ କହିଛନ୍ତି ଯେ, ଏହାଦ୍ୱାରା ନିଶ୍ଚିତ ଭାବେ ଅସହାୟମାନେ ଉପକୃତ ହେବ। ସିଜିଜିର ସମସ୍ତ କର୍ମକର୍ତ୍ତା, କଲେଜର ପ୍ରିନ୍ସିପାଲ ମାନସ ରଞ୍ଜନ ମହାପାତ୍ର ଏବଂ ଭାଇସ୍ ପ୍ରିନ୍ସିପାଲ କେସି ମହାନ୍ତିଙ୍କୁ କୃତଜ୍ଞତା ଜଣାଇଛନ୍ତି।

ସେହିପରି ଭଦ୍ରକ ଅଞ୍ଚଳର ସୁନା ବ୍ୟବସାୟୀ ପୂର୍ଣ୍ଣଚନ୍ଦ୍ର ସାହୁ ୧ ଲକ୍ଷ ଟଙ୍କାର ଚେକ୍ ସୋମବାର ଭଦ୍ରକ ଜିଲାପାଳ ଡ. ଜ୍ଞାନରଞ୍ଜନ ଦାସଙ୍କୁ ପ୍ରଦାନ କରିଛନ୍ତି। ସେହିଭଳି ଆଗରପଡ଼ା ଅଞ୍ଚଳର ଭାଗବତ ତ୍ରିପାଠୀ ୧୦ ହଜାର, ବାସୁଦେବପୁର ବ୍ଲକର ନାୟକାଣ୍ଡିହୀ ପଞ୍ଚାୟତ ସରପଞ୍ଚ ବଂଶୀଧର ବିଶ୍ୱାଳ ତାଙ୍କର ୧୦ ମାସର ଦରମା ୨୦୦୦୦ ଟଙ୍କା ଚେକ୍ ମାଧ୍ୟମରେ ପ୍ରଦାନ କରିଛନ୍ତି। ସେହିଭଳି ଲୁଙ୍ଗା ପଞ୍ଚାୟତର ଉରୁଣ୍ଡିଆ ଗ୍ରାମର ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ପଣ୍ଡିତ ଦୟାନିଧି ଦାସ ୩୦ହଜାର ପେନସନ ଟଙ୍କା ରିଲିଫ ପାଣ୍ଠିକୁ ଦାନ କରିଛନ୍ତି। ବହୁ ସାଧାରଣ ଲୋକ ୧ ହଜାର ଟଙ୍କା ଲେଖାଏ ପ୍ରଦାନ କରିଥିବା ଜଣାପଡ଼ିଛି।

ଅନ୍ୟପକ୍ଷେ କରୋନାର ମୁକାବିଲା ପାଇଁ ଓଡ଼ିଶା କୃଷି ଶିଳ୍ପ ନିଗମ ତରଫରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ଫଣ୍ଡକୁ ୧୦ ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି। ନିଗମର ଅଧକ୍ଷ ଦେବାଶିଷ ମହାନ୍ତି ଏହି ସହାୟତା ରାଶି ପ୍ରଦାନ କରିଛନ୍ତି। ସେହିଭଳି ଦେବାଶିଷ ଜିଲା ପ୍ରଶାସନକୁ ନିଜ ଦରମାରୁ ୫୦ ହଜାର ଟଙ୍କା ମୟୂରଭଞ୍ଜ ଜିଲାପାଳଙ୍କୁ ପ୍ରଦାନ କରିଛନ୍ତି।

## ହୋମ୍ କ୍ୱାରାଣ୍ଟାଇନ୍‌ରେ ୨୭ ବିଦେଶ ଫେରନ୍ତା

କେନ୍ଦୁଝର,୩୦।୩(ଡି.ଏନ୍.ଏ.)–

କେନ୍ଦୁଝର ଜିଲାରେ କରୋନା ଲକ୍‌ଡାଉନ୍ ସୋମବାର ଷଷ୍ଠ ଦିନରେ ପହଞ୍ଚିଛି। ବର୍ତ୍ତମାନ ପର୍ଯ୍ୟନ୍ତ କେନ୍ଦୁଝର ଜିଲାରେ କୋଭିଡ୍-୧୯ ପଜିଟିଭ୍ ନ ଥିବାବେଳେ ବିଦେଶରୁ ଫେରିଥିବା ୩୭ଜଣଙ୍କ ମଧ୍ୟରୁ ୧୦ଜଣଙ୍କର ହୋମ୍ କ୍ୱାରାଣ୍ଟାଇନ୍ ଅବଧି ସମାପ୍ତ ହୋଇଛି। ସେମାନେ ସମସ୍ତେ ସୁସ୍ଥ ଅଛନ୍ତି। ୨୭ ବିଦେଶ ଫେରନ୍ତା ହୋମ୍ କ୍ୱାରାଣ୍ଟାଇନରେ ଥିବା ଜିଲା ସ୍ୱାସ୍ଥ୍ୟ ବିଭାଗ ସୂତ୍ରରୁ ସୂଚନା ମିଳିଛି। ସ୍ୱାସ୍ଥ୍ୟ ବିଭାଗ ସ୍ୱତନ୍ତ୍ର ଟିମର ତତ୍ତ୍ୱାବଧାନରେ ସେମାନେ ରହିଛନ୍ତି। କରୋନା ଭାଇରସ ବ୍ୟାପିବାର ପ୍ରତିରୋଧ ପାଇଁ ଜିଲା ପ୍ରଶାସନ ତରଫରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି। ଇତିମଧ୍ୟରେ ଜିଲାର ବିଭିନ୍ନ ସୀମାନ୍ତ ଅଞ୍ଚଳକୁ ସିଲ୍ କରାଯାଇଛି।

## ଫେରିଲା ପୋଲିସ, ଚଢାଉ କଲେ ପ୍ରଶାସନିକ ଅଧିକାରୀ

ଖଇରା, ୩୦।୩(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ଥାନା ଅଧୀନ କଇଥଗଡିଆ ଗ୍ରାମରେ ଚୋରା ମଦ ବେପାରୀଙ୍କୁ ଧରିବାରେ ପୋଲିସ ବିଫଳ ହେବାରୁ ଗ୍ରାମବାସୀ ବିଡିଓ ଦେବେନ୍ଦ୍ର ପ୍ରସାଦ ବଳଙ୍କ ଦ୍ୱାରସ୍ଥ ହୋଇଥିଲେ। ବିଡିଓ ଆସୁଥିବା ଖବରପାଇ ମଦବ୍ୟବସାୟୀମାନେ ଖସି ପଳାଇବାରେ ସକ୍ଷମ ହୋଇଥିଲେ। କେବଳ ମଦ ଜବତ କରି ବିଡିଓ ଥାନାରେ ଜିମା ଦେଇଛନ୍ତି। କଇଥଗଡିଆ ଗ୍ରାମର ପାତ୍ରଖୁଣ୍ଟାରେ ୩ଜଣ ବ୍ୟବସାୟୀ ବେଆଇନ ଭାବେ ମଦ ପ୍ରସ୍ତୁତ କରି ବିକ୍ରିକରିଚାଲିଥିଲେ। କରୋନା କଟକଣା ପରେ ଓଡିଶା ବାହାରେ ରହୁଥିବା ଯୁବକମାନେ ଗ୍ରାମକୁ ଚାଲିଆସିବା ପରେ ମଦ ଦୋକାନରେ ଅସାମାଜିକ କାର୍ଯ୍ୟ ବଢ଼ିବା ସହ ଦିନରାତି ଗହଳିଚହଳି ଆରମ୍ଭ ହୋଇଯାଇଥିଲା। ଏଥିରେ ଗ୍ରାମବାସୀ ଅଣନିଃଶ୍ୱାସୀ ହୋଇପଡିଥିଲେ। ମଦ ବିକ୍ରେତାଙ୍କୁ ଧରିବା ଲାଗି ସରପଞ୍ଚ ଗୋବର୍ଦ୍ଧନ ପାଇକରାୟ, ପ୍ରାକ୍ତନ ସରପଞ୍ଚ ବଳରାମ ନାଇକ, ସୁଶାନ୍ତ ବାରିକ, ସୁବଳ ଜେନା, ଲକ୍ଷ୍ମୀଧର ସାମଲ ପ୍ରମୁଖ ଖଇରା ଥାନା ଆଇଆଇସିଙ୍କୁ ଅବଗତ କରାଇବା ପରେ ଆଇଆଇସି ରବିବାର ସନ୍ଧ୍ୟାରେ ଗ୍ରାମକୁ ଯାଇ ଗ୍ରାମଛକରେ ଏଣେ ତେଣେ ବୁଲୁଥିବା କେତେକ ଲୋକଙ୍କ ଉପରେ ବିରକ୍ତ ହୋଇ ସେଠାରୁ ଫେରି ଆସିଥିଲେ। ଏଥିରେ ସରପଞ୍ଚଙ୍କ ସମେତ ଗ୍ରାମବାସୀ ନିରାଶ ହୋଇ ଖଇରା ବିଡିଓଙ୍କୁ ଖବର ଦେଇଥିଲେ । ବିଡିଓ ଗ୍ରାମବାସୀଙ୍କ କଥାକୁ ସମ୍ମାନ ଦେଇ ନିଜର କର୍ମଚାରୀଙ୍କ ସହ ମଦ ବ୍ୟବସାୟୀଙ୍କ ଘରକୁ ଯାଇ ଚଢାଉ କରିବା ପୂର୍ବରୁ ସେମାନେ ଖସି ପଳାଇ ଯାଇଥିଲେ। ଏ ସମ୍ପର୍କରେ ଆଇଆଇସି ସୁବ୍ରତ ବେହେରାଙ୍କୁ ପଚାରିବାରେ ସେ ଅଭିଯୋଗ ପାଇ ଗାଁକୁ ଯାଇଥିଲେ। ହେଲେ କରୋନା କଟକଣାକୁ ଭୃକ୍ଷେପ ନ କରି ଗ୍ରାମବାସୀ ଯେଭଳି ଭାବେ ଦଳ ଦଳ ହୋଇ ବୁଲୁଥିବା ଦୃଶ୍ୟ ତାଙ୍କ ନଜରକୁ ଆସିବା ପରେ ତାଙ୍କୁ ଏହା ଖରାପ ଲାଗିଥିଲା। ସେ ଗ୍ରାମବାସୀଙ୍କ ଉପରେ ବିରକ୍ତି ପ୍ରକାଶ କରି ଫେରିଆସିବାକୁ ବାଧ ହୋଇଥିଲେ ବୋଲି କହିଛନ୍ତି ।

# ଅସ୍ଥାୟୀ ଆଶ୍ରୟସ୍ଥଳ ଦେଉଛି ଆହାର

ନରେଶ ପଟ୍ଟନାୟକ
କେନ୍ଦୁଝର, ୩୦।୩



ଗଦି ତିଆରିରେ ବ୍ୟସ୍ତ ବ୍ୟବସାୟୀ।

କରୋନା ପାଇଁ ସମଗ୍ର ବିଶ୍ୱ ବର୍ତ୍ତମାନ ଆତଙ୍କିତ ଅବସ୍ଥାରେ। ଏହା ଚାରିଆଡ଼େ ତାହାର କାୟା ବିସ୍ତାର କରିବାରେ ଲାଗିଛି। ସମଗ୍ର ବିଶ୍ୱରେ କରୋନା ସଂକ୍ରମଣରେ ୩୪ହଜାରରୁ ଊର୍ଦ୍ଧ୍ୱ ମୃତ୍ୟୁବରଣ କରିଥିବାବେଳେ ଭାରତରେ ମୃତ୍ୟୁ ସଂଖ୍ୟା ୨୯ରେ ପହଞ୍ଚିଛି। କେନ୍ଦ୍ର ଏବଂ ରାଜ୍ୟ ସରକାର ଏହାକୁ ରୋକିବା ପାଇଁ ସବୁଠି ଲକ୍ ଡାଉନ୍‌ର ଘୋଷଣା କରିଛନ୍ତି। ସବୁଆଡ଼େ ଯାତାୟାତ ଏକପ୍ରକାର ଠପ୍ ହୋଇପଡ଼ିଥିବାବେଳେ ଦିନ ମଜୁରିଆମାନେ ବହୁ କଷ୍ଟରେ ସମୟ କାଟୁଛନ୍ତି। ସରକାରଙ୍କ ଲକଡାଉନ ଘୋଷଣା ଅନେକଙ୍କ କାମ ଛଡାଇ ନେଇଛି। ବାହାର ରାଜ୍ୟରୁ ଆସି କେନ୍ଦୁଝର ଜିଲାରେ ବହୁ ବର୍ଷ ହେଲା ରହି ଗଦି ଓ ରେଜେଇ ପ୍ରସ୍ତୁତ କରି ପେଟ ପୋଷୁଥିବା ଅନେକ ବ୍ୟକ୍ତି କିଛି ଦିନ ହେଲା କାମ ନ ପାଇ ବହୁତ ହଇରାଣ ହେଉଥିଲେ। ହେଲେ ଅସ୍ଥାୟୀ ଆଶ୍ରୟସ୍ଥଳରେ ରହୁଥିବା ବହିରାଗତ ପାଇଁ ଗଦି ଆବଶ୍ୟକ ପଡିବାରୁ ପ୍ରଶାସନ ପକ୍ଷରୁ ସେମାନଙ୍କୁ ତିଆରି କରିବାକୁ ଅର୍ଡର ମିଳିଛି। ଏବେ ସେମାନେ କାମ ପାଇ ବେଶ୍ ଖୁସି ବ୍ୟକ୍ତ କରିଛନ୍ତି।

କରୋନା ଭୂତାଣୁ ସଂକ୍ରମଣ ରୋକିବା ଲାଗି ବହିରାଗତଙ୍କୁ ଏକାନ୍ତରେ ରଖିବା ଆବଶ୍ୟକ। ସେମାନଙ୍କର ଚିକିତ୍ସା କରିବା ପାଇଁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି। ସେମାନଙ୍କ ଶୋଇବା ପାଇଁ ଆବଶ୍ୟକତା ଥିବା ବିଛଣା (ଗଦି) ପ୍ରସ୍ତୁତି କାମରେ ଗଦି, ରେଜେଇ ବେପାରୀମାନେ ଲାଗି ପଡିଛନ୍ତି। ଏହି କାମ ସେମାନଙ୍କୁ କର୍ମ ଯୋଗାଣ ସହ ଅସୁବିଧା ସମୟରେ ସେବା କରିବାକୁ ସୁଯୋଗ ଦେଲା ବୋଲି କୁହନ୍ତି ଗଦିବାଲା ଏମ୍‌ଡି ସମୀର। ଏଭଳି ୫୦୦ ଗଦି ପ୍ରସ୍ତୁତ କରିବା ପାଇଁ ତାଙ୍କୁ ଆଦେଶ ମିଳିଥିବା କହିଛନ୍ତି। ଏହି କାମରେ ଲାଗିଛନ୍ତି ୭ ଜଣ ମଜୁରିଆ। ଏମାନଙ୍କ ଘର ଝାଡ଼ଖଣ୍ଡ ରାଜ୍ୟରେ। କିନ୍ତୁ ବହୁ ବର୍ଷ ଧରି ଓଡ଼ିଶାର କେନ୍ଦୁଝର ଜିଲାରେ ଭଡ଼ା ଘରେ ରହି ଗାଁ ସହର ବୁଲି ଲୋକଙ୍କ ଗଦି ତିଆରି, ମରାମତି ଆଦି କାମ କରୁଛନ୍ତି । ଯାହା କିଛି ରୋଜଗାର ହୁଏ ନିଜେ ଚଳନ୍ତି ଏବଂ ଘରକୁ ଛୁଆପିଲାମାନଙ୍କ ଚଳିବା ପାଇଁ ପଠାଇଥାନ୍ତି । ହଠାତ ଲକ ଡାଉନ ଘୋଷଣା ଯୋଗୁ ସେମାନେ ଘରକୁ ଫେରି ପାରି ନ ଥିଲେ। ସବୁବେଳେ ବୁଲି କାମ କରିଆସୁଥିବା ଏହି ଲୋକ ଭଡ଼ାଘରେ ବସି ରହି କ'ଣ କରିବେ ଚିନ୍ତାରେ ରହୁଥିଲେ। ଏଠାରେ କିପରି ରହିବେ କ'ଣ ଖାଇବେ ଚିନ୍ତାରେ ଥିବା ବେଳେ ଏହି କାମ ସେମାନଙ୍କୁ କିଛିଟା ଆଶ୍ୱସ୍ତି ଦେଇଛି। ସେମାନଙ୍କ ଭଳି ଜିଲାର ବହୁ ଗଦିବାଲାଙ୍କୁ ଏଭଳି ଗଦି ତିଆରି ପାଇଁ ବରାଦ ମିଳିଛି। ଏଥିପାଇଁ ପ୍ରଶାସନ ଆବଶ୍ୟକ ତୁଳା ବାଲେଶ୍ୱରରୁ ମଗାଇ ଯୋଗାଇ ଦେଉଥିବା କହିଛନ୍ତି ।

## ଜଗତକଲ୍ୟାଣ ଲାଗି ମହାରୁଦ୍ରଯଜ୍ଞ

ଆରଡି,୩୦।୩(ଡି.ଏନ.ଏ.)

କରୋନା ପାଇଁ ସାରା ଦେଶରେ ଲକ୍‌ଡାଉନ୍ ଘୋଷଣା କରାଯାଇଛି। ଘରୁ ନ ବାହାରିବାକୁ କୁହାଯାଇଛି। ଏପରିପ୍ରେକ୍ଷୀରେ ସବୁ ଧର୍ମାନୁଷ୍ଠାନ ମନ୍ଦିର ମଧ୍ୟ ବନ୍ଦ ହୋଇଛି। ଭକ୍ତମାନେ ଆଉ ଦର୍ଶନ କରିବାକୁ ଯାଇପାରୁ ନାହାନ୍ତି। ଭଦ୍ରକ ଜିଲାର ଶୈବପୀଠ ଆରଡିରେ ବାବା ଆଖଣ୍ଡଳମଣିଙ୍କ ମନ୍ଦିର ମଧ୍ୟ ଏକପ୍ରକାର ଶୂନଶାନ ହୋଇଯାଇଛି। ୧୦ ଦିନ ପରେ ସୋମବାର ସେବାୟତମାନେ ମନ୍ଦିର ପରିସରରେ ମହାରୁଦ୍ର ଯଜ୍ଞ ଆୟୋଜନ କରିଛନ୍ତି। ଜଗତକଲ୍ୟାଣ ଉଦ୍ଦେଶ୍ୟ ଓ କରୋନା ପ୍ରଭାବକୁ ନିଷ୍କ୍ରିୟ କରିବାକୁ ସେବାୟତମାନେ ସକାଳଠାରୁ ରାତି ପର୍ଯ୍ୟନ୍ତ ଘୃତାହୂତି ଦେଇଥିଲେ। ଅତୀତରେ ଏହିଭଳି ଜଗତକୁ ବିପଦ ସମୟରେ ଏଠାରେ ବହୁବାର ମହାରୁଦ୍ରଯଜ୍ଞ ଆୟୋଜନ କରାଯାଇ ଘୃତାହୂତି ଦିଆଯାଇଥିଲା। ଏଥର ମଧ୍ୟ କରୋନା ପ୍ରଭାବରୁ ଦେଶ ତଥା ବିଶ୍ୱ ମୁକ୍ତ ହେବ ବୋଲି ସେବାୟତମାନେ ଆଶା ରଖିଛନ୍ତି ବୋଲି କହିଛନ୍ତି।



ଭାରତରେ କରୋନା ସଂକ୍ରମଣ ଆତଙ୍କ ସୃଷ୍ଟି କରିଛି। ବହୁ ଅଞ୍ଚଳରେ ରାସ୍ତାଘାଟକୁ ବିଶୁଦ୍ଧ କରିବା ଲାଗି ସାନିଟାଇଜର ସ୍ପ୍ରେ କରାଯାଉଛି। ତେବେ ତାମିଲନାଡୁର ରାମନାଥପୁରମ୍ ଜିଲାର ମୁଥୁକୁଲାଥୁର ଠାରେ ଥିବା ପେରିୟାର ଗାଁରେ ଲୋକେ ରାସ୍ତାରେ ହଳଦୀ ଓ ନିମପତ୍ର ପାଣି ଛିଞ୍ଚି ବିଶୁଦ୍ଧ କରୁଛନ୍ତି। ଉଭୟ ହଳଦୀ ଏବଂ ନିମପତ୍ର ଆଣ୍ଟିସେପ୍‌ଟିକ୍ ଭାବେ କାମ କରିଥାଏ। ତେଣୁ ଏହାକୁ ପାଣିରେ ମିଶାଇ ଛିଞ୍ଚିଲେ କରୋନା ଭୂତାଣୁ ନଷ୍ଟ ହେବ ବୋଲି ସ୍ଥାନୀୟ ବାସିନ୍ଦା କହିଛନ୍ତି। ସେହିପରି ଭେପାନଗୁଲମ୍, ଆୟାନାରପୁଲମ୍ ଆଦି ଗାଁରେ ମଧ୍ୟ ଏଭଳି କରାଯାଇଛି।



# ଶିଳ୍ପା ଓ ରାଜ୍‌ଙ୍କ ବଦାନ୍ୟତା

ମୁମ୍ବାଇ: କରୋନା ବିରୋଧରେ ଚାଲିଥିବା ଲଢ଼େଇରେ ଦେଶବାସୀଙ୍କୁ ସାହାଯ୍ୟ କରିବାକୁ ସମସ୍ତେ ଆଗେଇ ଆସିଛନ୍ତି। ବଡ଼ ବଡ଼ ଫିଲ୍ମଷ୍ଟାର, ସ୍ପୋର୍ଟ୍ସଷ୍ଟାର ଓ ସେଲିବ୍ରିଟିମାନେ ଅକୁଣ୍ଠରେ ଦାନ କରିଆସୁଛନ୍ତି। ବହୁ ବଲିଉଡ୍ କଳାକାରମାନେ ଏଥିଲାଗି ଆଗେଇ ଆସିଛନ୍ତି। ସେମାନେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଖୋଲାଯାଇଥିବା 'ପିଏମ୍-କେୟାର୍ସ ଫଣ୍ଡ୍‌କୁ' ଦାନ କରୁଛନ୍ତି। ଅକ୍ଷୟ କୁମାର, ବରୁଣ ଧାୱନ, କାର୍ତ୍ତିକ ଆର୍ଯ୍ୟାନ୍ ପ୍ରମୁଖ ଏଥିରେ ଦାନ କରିଥିବାବେଳେ ଅଭିନେତ୍ରୀ ଶିଳ୍ପା ସେଟ୍ଟୀ ଓ ତାଙ୍କ ସ୍ୱାମୀ ରାଜ କୁନ୍ଦ୍ରା ମଧ୍ୟ ସହାୟତାର ହାତ ବଢ଼ାଇଛନ୍ତି। ସେମାନେ ଏହି ଫଣ୍ଡ୍‌ରେ ୨୧ଲକ୍ଷ ଟଙ୍କା ଦାନ କରିଛନ୍ତି। ଏନେଇ ଶିଳ୍ପା ଟୁଇଟ ଯୋଗେ ସୂଚନା ଦେଇଛନ୍ତି। ସେ ଏହି ଟୁଇଟ୍‌ରେ ଉଲ୍ଲେଖ କରିଛନ୍ତି ଯେ, ବର୍ତ୍ତମାନ ଆମ ଦେଶର ଲୋକେ ଆମକୁ ଆବଶ୍ୟକ କରୁଛି। ଆମେ ସମସ୍ତେ ମିଳିମିଶି ଏହି ରୋଗକୁ ନ ଡରି ସାହସର ସହିତ ସାମ୍ନା କରିବା ଦରକାର। ଏଣୁ ସମସ୍ତେ ମିଳିମିଶି ସହଯୋଗ କରିବାକୁ ସେ ନିବେଦନ କରିଛନ୍ତି।





# ହିନ୍ଦୁଙ୍କ ଶବଦାହ କଲେ ମୁସଲମାନ

ଲକ୍‌ଡାଉନର ପ୍ରଭାବ

ମିରଟ: କରୋନା ଭାଇରସ୍ ଭୟରେ କେହି ଏବେ କାହା ଘରକୁ ଯିବା ପାଇଁ ଭୟ କରୁଛନ୍ତି। ଏମିତିକି ଅନ୍ତିମ ସଂସ୍କାରରେ ବି କେହି କାହା ପାଖରେ ଛିଡ଼ା ହେଉନାହାନ୍ତି। ଏମିତି ଏକ ସମୟରେ କିନ୍ତୁ ହିନ୍ଦୁ ମୁସଲମାନଙ୍କ ମଧ୍ୟରେ ଭାଇଚାରାର ଭିନ୍ନ ଏକ ନିଦର୍ଶନ ଦେଖିବାକୁ ମିଳିଛି ଉତ୍ତରପ୍ରଦେଶର ବୁଲନ୍ଦସହରରେ। ଅନ୍ତିମ ସଂସ୍କାରରେ କାନ୍ଧ ଦେବାକୁ ହିନ୍ଦୁ ସମ୍ପ୍ରଦାୟରେ କେହି ନ ଆସିବାରୁ ମୁସଲମାନ ଲୋକେ ଆସି ଭିନ୍ନ ଉଦାହରଣ ସୃଷ୍ଟି କରିଛନ୍ତି। ଉତ୍ତରପ୍ରଦେଶର ବୁଲନ୍ଦସହରର ଆନନ୍ଦ ବିହାର ଅଞ୍ଚଳରେ ୪୦ ବର୍ଷୀୟ ରବି ଶଙ୍କର ଦୀର୍ଘଦିନ ଧରି କ୍ୟାନ୍‌ସରରେ ପୀଡ଼ିତ ହେବା ପରେ ଗତ ଶନିବାର ମୃତ୍ୟୁମୁଖରେ ପଡ଼ିଥିଲେ। କିନ୍ତୁ କରୋନା କଟକଣା ପାଇଁ ତାଙ୍କୁ କାନ୍ଧ ଦେବାକୁ କେହି ଆସି ନ ଥିଲେ। ରବିଶଙ୍କର ସ୍ତ୍ରୀ ଓ ତାଙ୍କର ୪ ସନ୍ତାନ ଅନ୍ତିମ ସଂସ୍କାର କିପରି କରିବେ ସେହି ଚିନ୍ତାରେ ଥିବାବେଳେ ଗାଁରେ ଥିବା ମୁସଲମାନ ସମ୍ପ୍ରଦାୟର ଲୋକେ ଆଗେଇ ଆସିଥିଲେ। ସେମାନେ ହିନ୍ଦୁ ପରିବାରର ଅନ୍ତିମ ସଂସ୍କାରରେ ସାମିଲ ହୋଇଥିଲେ। ମୁସଲମାନମାନଙ୍କ ଏହି ଶବ ସତ୍କାର ଘଟଣା ଏବେ ସୋସିଆଲ ମିଡିଆରେ ଭାଇରାଲ୍ ହେବାରେ ଲାଗିଛି। ଏହାକୁ ଅନେକ ଲୋକ ପ୍ରଶଂସା ମଧ୍ୟ କରିଛନ୍ତି।

# ଗାଁ ଜଗିଛନ୍ତି ମହିଳା ସରପଞ୍ଚ

ହାଇଦ୍ରାବାଦ: କରୋନା ଭାଇରସରୁ ନିଜକୁ ତଥା ନିଜ ପରିବାରକୁ ରକ୍ଷା କରିବା ପାଇଁ ସମସ୍ତେ ଉଦ୍ୟମ ଜାରି ରଖିଛନ୍ତି। ତେବେ ପରିବାର ଭଳି ନିଜ ଗାଁକୁ କରୋନା ଭାଇରସ୍ ପୂରାଇ ନ ଦେବା ଲାଗି ଶପଥ କରି ଗାଁ ଜଗି ରହିଛନ୍ତି ଜଣେ ମହିଳା ସରପଞ୍ଚ। ଏହି ସରପଞ୍ଚ ଜଣକ ହେଉଛନ୍ତି ହାଇଦ୍ରାବାଦ ନାଲ୍‌ଗୋଣ୍ଡା ଜିଲା ମଦନପୁର ଗାଁର ଅଖିଳା ଯାଦବ। ବିଜ୍ଞାନରେ ସ୍ନାତକ କରିଥିବା ଅଖିଳା କରୋନା ଭାଇରସ୍ ନେଇ ଗାଁ ଲୋକଙ୍କୁ ସତର୍କ କରାଉଛନ୍ତି। ଏହା ସହିତ ଗାଁକୁ ଯେପରି କେହି ବାହାର ଲୋକ ନ ଆସିବେ ସେଥିପାଇଁ ନିଜେ ଗାଁ ମୁଣ୍ଡରେ ଏକ ବାଡ଼ି ଧରି ଜଗି ରହିଛନ୍ତି। ମଦନପୁରମ୍ ଗାଁର ଲୋକେ ପୂର୍ବରୁ କରୋନା ଭାଇରସ୍ ନେଇ ଏତେ ସତର୍କ ନ ଥିଲେ। କିନ୍ତୁ ସରପଞ୍ଚ ଅଖିଳାଙ୍କ ଉଦ୍ୟମ ପରେ ଲୋକେ ମଧ୍ୟ ବହୁମାତ୍ରାରେ ସତର୍କ ହୋଇପଡ଼ିଛନ୍ତି। ଧୀରେ ଧୀରେ ଗାଁ ଲେକେ ବି ଅଖିଳାଙ୍କ ସହ ମିଶି ବାହାର ଲୋକଙ୍କୁ ଗାଁ ଭିତରକୁ ନ ଛାଡ଼ିବା ପାଇଁ ଜଗି ରହିଛନ୍ତି। ଗାଁକୁ କେହି ଆସିବାକୁ ଚାହୁଁଥିଲେ ଅଖିଳା ପ୍ରଥମେ ତାଙ୍କୁ ଆସିବାର କାରଣ ପଚାରିଥାନ୍ତି। ତେବେ ଯଦି ନିହାତି ଆବଶ୍ୟକ ହୋଇଥାଏ ତେବେ ତାଙ୍କୁ ଗାଁ ଭିତରକୁ ଯିବାକୁ ଦିଆଯାଇଥାଏ। ନଚେତ୍ ଲକ୍‌ଡାଇନ୍ ସରିବା ପରେ ଆସିବା ପାଇଁ ପରାମର୍ଶ ଦେଇଥାନ୍ତି। ଏହା ସହିତ ଅଖିଳା ନିଜେ ଘର ଘର ବୁଲି କାହାକୁ କରୋନା ଭାଇରସ୍ ଲକ୍ଷଣ ଅଛି କି ନାହିଁ ପରୀକ୍ଷା କରିଥାନ୍ତି। ମହିଳା ସରପଞ୍ଚଙ୍କର ଏହି ଉଦ୍ୟମକୁ ନେଇ ଏବେ ସବୁଆଡ଼େ ଚର୍ଚ୍ଚା ହେଉଛି।





# ସହାୟତାର ହାତ ବଢ଼ାଇଲେ କାର୍ତ୍ତିକ

ମୁମ୍ବାଇ: ସାରା ଦେଶରେ କରୋନା ପ୍ରକୋପ ଜାରି ରହିଛି। ଦିନକୁ ଦିନ କରୋନା ଭାଇରସ୍‌ରେ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଏହାକୁ ରୋକିବା ପାଇଁ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି। କରୋନା ବିରୋଧରେ ଜାରି ରହିଥିବା ଲଢ଼େଇ ପାଇଁ ବିଭିନ୍ନ ସ୍ତରରୁ ସହାୟତାର ହାତ ବଢୁଛି। ଇତିମଧ୍ୟରେ ବଲିଉଡ୍ ଅଭିନେତା କାର୍ତ୍ତିକ ଆର୍ଯ୍ୟନ ମଧ୍ୟ ସହାୟତାର ହାତ ବଢ଼ାଇଛନ୍ତି। ପ୍ରଧାନମନ୍ତ୍ରୀ ରିଲିଫ୍ ପାଣ୍ଠିକୁ ସେ ଏକ କୋଟି ଟଙ୍କା ଦାନ କରିଥିବା ଜଣାପଡ଼ିଛି। ଏନେଇ କାର୍ତ୍ତିକ ଟୁଇଟ କରି କହିଛନ୍ତି, ଏଭଳି ଘଡିସନ୍ଧି ମୁହୂର୍ତ୍ତରେ ସମସ୍ତେ ଏକାଠି ହେବାର ସମୟ ଆସିଛି। ସେ ଆଜି ଯାହା ବି ଅଛନ୍ତି ଓ ଯାହା ଆୟ କରିଛନ୍ତି କେବଳ ଭାରତ ଲୋକଙ୍କ ପାଇଁ। ତେଣୁ ଲୋକଙ୍କ ସହାୟତା ପାଇଁ ଏହି ଦାନ କରୁଛି ବୋଲି କାର୍ତ୍ତିକ କହିଛନ୍ତି। ଏଥିସହ ସହାୟତା କରିବା ପାଇଁ ସେ ସମସ୍ତ ଦେଶବାସୀଙ୍କୁ ନିବେଦନ କରିଛନ୍ତି। ସେହିପରି ଗାୟକ ତଥା ର୍ୟାପର୍ସ ବାଦଶାହ ମଧ୍ୟ ପ୍ରଧାନମନ୍ତ୍ରୀ ରିଲିଫ୍ ପାଣ୍ଠିକୁ ୨୫ଲକ୍ଷ ଟଙ୍କା ପ୍ରଦାନ କରିଥିବା ଜଣାପଡ଼ିଛି। ଏନେଇ ସେ ଟୁଇଟ କରି କହିଛନ୍ତି, କରୋନା ବିରୋଧରେ ଜାରି ରହିଥିବା ସଂଘର୍ଷରେ ଦେଶ ପାଇଁ ତାଙ୍କ ପକ୍ଷରୁ ଏକ ଛୋଟ ଯୋଗଦାନ।

# ମହିଳା ଚିଙ୍ଗୁଡି ବିକାଳି ଥିଲେ ପ୍ରଥମ କରୋନା ସଂକ୍ରମିତ



ବେଜିଂ: ଚାଇନାର ଉହାନ ସହରରୁ ବ୍ୟାପିଥିବା କରୋନା ଭାଇରସ୍ ଏପର୍ଯ୍ୟନ୍ତ ପ୍ରାୟ ୩୫,୦୦୦ ଲୋକଙ୍କ ଜୀବନ ନେଇ ସାରିଲାଣି। ସେଥିମଧ୍ୟରୁ ଇଟାଲୀରେ ବର୍ତ୍ତମାନ ସୁଦ୍ଧା ସର୍ବାଧିକ ୧୦,୭୦୦ ଲୋକଙ୍କ ମୃତ୍ୟୁ ଘଟିଥିବାବେଳେ ୭ ଲକ୍ଷରୁ ଅଧିକ ଲୋକ କରୋନାରେ ସଂକ୍ରମିତ ହୋଇଛନ୍ତି। ଯଦିଓ ଚାଇନାରେ ବର୍ତ୍ତମାନ ମୃତ୍ୟୁ ଏବଂ ସଂକ୍ରମଣରେ ଆଶଙ୍କା ହ୍ରାସ ପାଇଛି। କିନ୍ତୁ ସମଗ୍ର ପୃଥିବୀରୁ ଏହି ବିପଦ ଟଳି ନାହିଁ। ବିଶ୍ୱର ପ୍ରଥମ କରୋନା ରୋଗୀ ଭାବେ ଯିଏ ଚିହ୍ନଟ ହୋଇଥିଲେ ସେ ଜଣେ ମହିଳା ଥିଲେ।

ଏକ ରିପୋର୍ଟ ଅନୁଯାୟୀ, ଚିଙ୍ଗୁଡ଼ି ବିକ୍ରି କରୁଥିବା ୫୭ ବର୍ଷୀୟା ଜଣେ ମହିଳା ଚାଇନାର ଉହାନ ସହରରେ କରୋନା ଭୂତାଣୁରେ ଆକ୍ରାନ୍ତ ହୋଇଥିଲେ। ଏହା ପରେ ଆଉ ଜଣେ ବ୍ୟକ୍ତି କରୋନାର ଶିକାର ହୋଇଥିଲେ। ଏହି ସଂଖ୍ୟା ବଢ଼ି ୭ ଲକ୍ଷରୁ ଅଧିକରେ ପହଞ୍ଚିଥିଲା।

ପ୍ରଥମେ କରୋନା ପଜିଟିଭ୍ ଥିବା ଏହି ମହିଳା ଜଣକ ବର୍ତ୍ତମାନ ଆରୋଗ୍ୟ ଲାଭ କରିଛନ୍ତି। ତାଙ୍କୁ ଏକ ମାସ ଚିକିତ୍ସା କରାଯାଇଥିଲା ଏବଂ ଏହା ପରେ ସେ ସୁସ୍ଥ ହୋଇଥିଲେ। ମହିଳା ଜଣକ କହିଛନ୍ତି ଯେ, ଯଦି ଚାଇନା ସରକାର ଶୀଘ୍ର ପଦକ୍ଷେପ ଗ୍ରହଣ କରି ନ ଥାନ୍ତେ ତେବେ ଏହି ରୋଗ ଆହୁରି ଭୟଙ୍କର ହୋଇଥା'ନ୍ତା। ଗତବର୍ଷ ଡିସେମ୍ବର ୧୦ରେ ସଂପୃକ୍ତା ମହିଳାଙ୍କୁ ସାମାନ୍ୟ ଜ୍ୱର ହୋଇଥିଲା। ତେଣୁ ସେ ସ୍ଥାନୀୟ କ୍ଲିନିକ୍‌କୁ ଚିକିତ୍ସା ପାଇଁ ଯାଇଥିଲେ। ସେଠାରେ ତାଙ୍କୁ ଇଞ୍ଜେକ୍‌ସନ ଦିଆଯାଇଥିଲା। ଏହା ପରେ ସେ ଦୁର୍ବଳ ଅନୁଭବ କରିବାରେ ଲାଗିଲେ। ତା' ପରେ ସେ ଉହାନର ଏକାଦଶ ଡାକ୍ତରଖାନାକୁ ଯାଇଥିଲେ। ଏହା ପରେ ବି ତାଙ୍କ ସ୍ୱାସ୍ଥ୍ୟରେ କୌଣସି ଉନ୍ନତି ହୋଇ ନ ଥିଲା। ଡିସେମ୍ବର ୧୬ରେ ସେହି ଅଞ୍ଚଳର ସର୍ବବୃହତ ଚିକିତ୍ସା ସୁବିଧା ସହିତ ଉହାନ ୟୁନିୟନ ହସ୍ପିଟାଲକୁ ଯାଇଥିଲେ। ତାଙ୍କଠାରେ ଭିନ୍ନ ଲକ୍ଷଣ ସବୁ ଦେଖିବାକୁ ମିଳିଥିଲା। ଡିସେମ୍ବର ଶେଷରେ ଡାକ୍ତରମାନେ ଏହା କରୋନା ଭୂତାଣୁ ବୋଲି ଜାଣିବାକୁ ପାଇଥିଲେ। ପରେ ତାଙ୍କୁ ଦେଖିବା ପାଇଁ ବହୁଲୋକ ସେହି ହସ୍ପିଟାଲକୁ ଯାଇଥିଲେ। ଫଳସ୍ୱରୂପ ଏହି ଭୂତାଣୁ ଜଣକ ପରେ ଜଣକ ଦେହରେ ପ୍ରବେଶ କରି ସମଗ୍ର ବିଶ୍ୱକୁ ଗ୍ରାସ କରିସାରିଲାଣି।

# ମାସ୍କ ପିନ୍ଧି ବିବାହ କଲେ

ଯୋଧପୁର: କରୋନା ସଂକ୍ରମଣ ଚେନ୍ ଭାଙ୍ଗିବାକୁ ଦେଶରେ ୨୧ ଦିନର ଲକ୍‌ଡାଉନ୍ ଘୋଷଣା କରାଯାଇଛି। ଦେଶରେ ସବୁ ଏକପ୍ରକାର କାର୍ଯ୍ୟ ଏକପ୍ରକାର ଠପ୍ ହୋଇପଡ଼ିଛି। ବିବାହ କାର୍ଯ୍ୟ ଗୁଡ଼ିକୁ ମଧ୍ୟ ବନ୍ଦକରି ଦିଆଯାଇଛି। ଏହାସତ୍ତ୍ୱେ ଯୋଧପୁର ଅଞ୍ଚଳରେ ରବିବାର ରାତିରେ ଏକପ୍ରକାର ନିଆରା ବିବାହ ହୋଇଛି। ଏଥିରେ ବର ମାତ୍ର ୨ଜଣ ବରଯାତ୍ରୀଙ୍କୁ ନେଇ କନ୍ୟା ଘରକୁ ଆସିଥିଲେ। କନ୍ୟା ଘର ପକ୍ଷରୁ ମାତ୍ର ୨ଜଣ ଉପସ୍ଥିତ ଥିଲେ। ବିବାହ କାର୍ଯ୍ୟ ବୈଦିକ ରୀତିରେ ସମ୍ପନ୍ନ ହୋଇଥିଲା। କିନ୍ତୁ ଝିଅ ଶାଶୁଘରକୁ ଯାଇ ନ ଥିଲା। ଲକ୍‌ଡାଉନ୍ ସରିବା ପରେ ବରପକ୍ଷରୁ ଧୁମ୍‌ଧାମ୍‌ରେ ବରଯାତ୍ରୀ ଆସି କନ୍ୟାକୁ ନେବେ ବୋଲି କୁହାଯାଇଛି। ଯୋଧପୁର ସହରରେ ରହୁଥିବା ଲିଖମାରାମ ଭାଡୁଙ୍କ ତିନି ଝିଅ। ତାଙ୍କ ୩ ଝିଅଙ୍କ ବିବାହ ମାର୍ଚ୍ଚ ୨୯ରେ ସ୍ଥିର କରାଯାଇଥିଲା। ତେବେ କରୋନା ସଂକ୍ରମଣକୁ ରୋକିବା ପାଇଁ ସାରା ଦେଶରେ ସରକାର ୨୧ ଦିନିଆ ଲକ୍‌ଡାଉନ୍ ଘୋଷଣା କରିଦେଲେ। ଏହି କାରଣରୁ ଲିଖମାରମ ୩ ଝିଅଙ୍କ ବିବାହ ତାରିଖ ଗଡ଼ାଇବାକୁ ପୁଅ ଘର ସହିତ କଥା ହୋଇଥିଲେ। ୨ ପୁଅଘର ରାଜି ହୋଇଥିବାବେଳେ ଜଣେ ଆଦୌ ରାଜି ହୋଇ ନ ଥିଲେ। ବର ପକ୍ଷରୁ ଘିଅ ହଳଦୀ ରଶମ ଆରମ୍ଭ କରିଦିଆଯାଇଥିଲା। ଏହି ପରମ୍ପରା ରାଜସ୍ଥାନୀମାନଙ୍କର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ତେଣୁ ସେ ବିବାହକୁ ଆଉ ଘୁଞ୍ଚାଇପାରିବେ ନାହିଁ ବୋଲି କହିଥିଲେ। ସେଥିଲାଗି ପୂର୍ବନିର୍ଦ୍ଧାରିତ ତିଥି ଅନୁଯାୟୀ ତାଙ୍କ ବିବାହ ସମ୍ପନ୍ନ ହୋଇଛି।





# '୨୦୨୦କୁ ରି-ଇନ୍‌ଷ୍ଟଲ କରାଯାଉ'

ମୁମ୍ବାଇ: କରୋନା ଭାଇରସ ସଂକ୍ରମଣକୁ ରୋକିବାକୁ ଦେଶରେ ଲକ୍‌ଡାଉନ୍ ଷଷ୍ଠଦିନରେ ପହଞ୍ଚିଛି। ସୋମବାର ବଲିଉଡର ମହାନାୟକ ଅମିତାଭ ବଚ୍ଚନ୍ ସୋସିଆଲ ମିଡିଆରେ ଏକ ଫନୀ ପୋଷ୍ଟ ଶେୟାର କରିଛନ୍ତି। ଯେଉଁଥିରେ ସେ ତାଙ୍କ ଫ୍ୟାନ୍‌ମାନଙ୍କୁ ଏକ ପ୍ରଶ୍ନ ମାଧମରେ ପଚାରିଛନ୍ତି ଯେ, ଆମେ ୨୦୨୦ବର୍ଷକୁ ଡିଲିଟ୍ କରି ଆଉ ଥରେ ରି-ଇନ୍‌ଷ୍ଟଲ କରିପାରିବା କି? କାରଣ ଏହି ସଂସ୍କରଣରେ ଭାଇରସ୍ ଅଛି। କରୋନା ଭଳି ମହାମାରୀ ସାରା ବିଶ୍ୱକୁ ଭୟଭୀତ କରିପକାଇଛି। ତାଙ୍କର ଏହି ପ୍ରଶ୍ନର ଉତ୍ତର ମଧ୍ୟ ବହୁ ଫ୍ୟାନ୍ ଦେଇଛନ୍ତି ତ ଆଉ କେହି କେହି କରୋନାର ଭୟାବହତାକୁ ନେଇ ଚିନ୍ତିତ ଥିବା କମେଣ୍ଟ ବକ୍ସରେ ଲେଖିଛନ୍ତି। ବର୍ତ୍ତମାନ ସମଗ୍ର ବିଶ୍ୱରେ ୩୫ ହଜାରରୁ ଊର୍ଦ୍ଧ୍ୱ ଏହି ରୋଗରେ ମୃତ୍ୟୁବରଣ କରିସାରିଲେଣି। ଭାରତରେ ଏଯାବତ ୨୯ ଜଣ ମୃତ୍ୟୁବରଣ କରିଛନ୍ତି।

# ଲାଠିଚାର୍ଜ କରା ନ ଯାଉ

ନୂଆଦିଲ୍ଲୀ: ସାରା ଦେଶ ଲକ୍‌ଡାଉନ ହୋଇଯିବା ଫଳରେ ବାହାରକୁ ବାହାରିବା ପାଇଁ ଲୋକେ ଅଜବ ତରିକା ସବୁ ଆପଣେଇବାରେ ଲାଗିଛନ୍ତି। ଜରୁରୀ କାମ ନ ଥିଲେ ବାହାରକୁ ବାହାରିଲେ ଲୋକଙ୍କୁ ପୋଲିସ୍ ମାଡ଼ ବି ଖାଇବାକୁ ପଡୁଛି। ତେଣୁ ପୋଲିସ୍ ଠାରୁ ରକ୍ଷା ପାଇବା ପାଇଁ ଜଣେ ବ୍ୟକ୍ତି ଏକ ସୁରକ୍ଷା ଉପାୟ ବାହାର କରିଛନ୍ତି। ଏକ ବଡ଼ କାଗଜରେ ସେ ବଡ଼ ବଡ଼ ଅକ୍ଷରରେ ଲେଖିଛନ୍ତି ଦୟାକରି ଲାଠିଚାର୍ଜ କରନ୍ତୁ ନାହିଁ, ରାଶନ ସାମଗ୍ରୀ ଆଣିବାକୁ ଯାଉଛି। ବ୍ୟକ୍ତି ଜଣକ କାଗଜରେ ଏଭଳି ଲେଖି ନିଜ ଦେହରେ ଆଗ ପଛରେ ଝୁଲାଇ ବାହାରକୁ ବାହାରିଛନ୍ତି। ବିଶିଷ୍ଟ ହାସ୍ୟାଭିନେତା ସୁନୀଲ ଗ୍ରୋଭର ଏହି ଭିଡିଓକୁ ଶେୟାର କରି ଲୋକଙ୍କୁ ଘରେ ରହିବାର ଷ୍ଟ୍ରେସ୍ କମ୍ କରିବାକୁ କହିଛନ୍ତି। ଘର ଭିତରେ ସବୁବେଳେ ରହିବା ଅନେକଙ୍କ ପାଇଁ ବୋରିଂ କାମ। ତେଣୁ ଏସମୟରେ ଲୋକଙ୍କ ଟାଇମ୍ ପାସ୍ ପାଇଁ ସୋସିଆଲ୍ ମିଡିଆରେ ବିଭିନ୍ନ ପ୍ରକାରର ମେମେ ତିଆରି କରାଯାଉଛି। ଏଭଳି ଲକ୍‌ଡାଉନ୍ ପରିସ୍ଥିତିକୁ ନେଇ ଟିକ୍‌ଟକ୍‌ରେ ବି ଅନେକ ପ୍ରକାରର ମେମେ ଫଟୋ ଓ ଭିଡ଼ିଓ ଲୋକଙ୍କୁ ମଜାର ଖୋରାକ ଯୋଗାଇପାରୁଛି। ଏହି ଘଡ଼ିସନ୍ଧି ମୁହୂର୍ତ୍ତରେ ଆମକୁ ଘର ଭିତରେ ହିଁ ରହିବାକୁ ପଡ଼ିବ। ଏକଥା କେହି ଭୁଲି ନ ଯିବା ଉଚିତ।



ସୁନୀଲ ଗ୍ରୋଭର

କରୋନା ମହାମାରୀରୁ ନିଜକୁ ରକ୍ଷା କରିବା ଲାଗି ସାମାଜିକ ଦୂରତ୍ୱକୁ ଗୁରୁତ୍ୱ ଦିଆଯାଉଛି। ତେଣୁ ପ୍ରଶାସନର ଗୁରୁଦାୟିତ୍ୱକୁ ଆମେ ଭୁଲିଯିବା ଅନୁଚିତ। ଅନ୍ୟଥା ବାହାରେ ନ ବୁଲିବାକୁ ସମସ୍ତେ ଚେଷ୍ଟା କରିବା ବିଧେୟ।



ବର୍ତ୍ତମାନର ଚ୍ୟାଲେଞ୍ଜିଂ ସମୟରେ ଏଡିବିର ୧୦୦ ନିୟୁତ ଡଲାର ନିବେଶ ଭାରତ ଲାଗି ଅନେକ ଗୁରୁତ୍ୱବହନ କରିବ। ଏହା ଦେଶର ଆର୍ଥିକ କାର୍ଯ୍ୟକଳାପ ବୃଦ୍ଧି ଦିଗରେ ସହାୟକ ହେବ ।

– ସୁଜୟ ବୋଷ,ଏନ୍ଆଇଆଇଏଫ୍ ସିଇଓ



କରୋନା ମହାମାରୀ ବିରୋଧରେ ଲଢ଼ିବା ପାଇଁ ଯୋଗଦାନ ସ୍ୱରୂପ ପ୍ରଧାନମନ୍ତ୍ରୀ କେୟାର୍ସ ପାଣ୍ଠିକୁ ୫୦୦ କୋଟି ଟଙ୍କା ପ୍ରଦାନ କରାଯାଇଛି। ଆମ ୟୁଜର ମଧ୍ୟ ଏହି ପାଣ୍ଠିକୁ ଦାନ କରିବେ ବୋଲି ଆଶାବାଦୀ ।

– ମଧୁର ଦେଓରା, ପେଟିଏମ୍ ସଭାପତି

# ଭେଣ୍ଟିଲେଟର ପ୍ରସ୍ତୁତ କରିବେ ଅଟୋ କମ୍ପାନୀ

- ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ନିର୍ଦ୍ଦେଶ
- ସ୍ପଷ୍ଟକଲେ ମାରୁତି ସୁଜୁକି, ଟିଭିଏସ୍

**ନୂଆଦିଲ୍ଲୀ,୩୦।୩:** ବର୍ତ୍ତମାନ କରୋନା ଭୂତାଣୁରେ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିଚାଲିଛି। ଦେଶ ମଧ୍ୟରେ ଭେଣ୍ଟିଲେଟର ବ୍ୟବହାର ମଧ୍ୟ ବଢ଼ିଛି। ଏହାକୁ ପ୍ରସ୍ତୁତ କରୁଥିବା ମାନୁଫାକଚରର୍ସଙ୍କ ସଂଖ୍ୟା କିନ୍ତୁ ବହୁତ କମ୍ । ଏହି ପ୍ରସଙ୍ଗକୁ ନଜରରେ ରଖି ଦେଶର ଅଟୋମୋବାଇଲ କମ୍ପାନୀଗୁଡ଼ିକ ଭେଣ୍ଟିଲେଟର ପ୍ରସ୍ତୁତ କରିବେ ବୋଲି ଜଣାପଡିଛି। ଘରୋଇ ବଜାରରେ ଉତ୍ପାଦନ ବଢ଼ାଇବାକୁ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଅଟୋମୋବାଇଲ କମ୍ପାନୀଗୁଡ଼ିକୁ ନିର୍ଦ୍ଦେଶ ଦେଇଛି। ପ୍ରତିରକ୍ଷା ଗବେଷଣା ଏବଂ ବିକାଶ ପ୍ରତିଷ୍ଠାନ (ଡିଆରଡିଓ) ଏବେ ଏନ୍-୯୫ ମାସ୍କ ପ୍ରସ୍ତୁତ କରିବ। ଆଗାମୀ ଗୋଟିଏ ସପ୍ତାହ ସୁଦ୍ଧା ଏହା ସପ୍ତାହରେ ୨୦ ହଜାର ଏଭଳି ମାସ୍କ ପ୍ରସ୍ତୁତ କରିପାରିବ ବୋଲି ସୂଚନା ରହିଛି। ସାରା ଦେଶରେ ରହିଥିବା ବିଭିନ୍ନ ହସ୍ପିଟାଲରେ କୋଭିଡ୍-୧୯ ରୋଗୀଙ୍କ ଲାଗି ଏବେ ୧୪ ହଜାର ଭେଣ୍ଟିଲେଟର ବ୍ୟବସ୍ଥା କରାଯାଇଥିବା ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଏହାବାଦ ୧୧.୯୫ ଲକ୍ଷ ଏନ୍-୯୫ ମାସ୍କ ସଂରକ୍ଷିତ ରଖାଯାଇଛି। ଗତ ୨ଦିନ ମଧ୍ୟରେ ୫ଲକ୍ଷ ମାସ୍କ ବଣ୍ଟନ କରାଯାଇଛି। ସୋମବାର ୧.୪୦ ଲକ୍ଷ ମାସ୍କ ବଣ୍ଟାଯାଇଛି। ଭେଣ୍ଟିଲେଟର ପ୍ରସ୍ତୁତି ଲାଗି ଅଟୋକମ୍ପାନୀଗୁଡ଼ିକର ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ରହିଛି ବୋଲି ମନ୍ତ୍ରଣାଳୟ ଏକ ଟୁଇଟରେ ପ୍ରକାଶ କରିଛି। ଆଗାମୀ ୨ ମାସରେ ୩୦ ହଜାର ଭେଣ୍ଟିଲେଟର ପ୍ରସ୍ତୁତ କରିବାକୁ ରାଷ୍ଟ୍ରାୟତ୍ତ ଭାରତ ଇଲେକ୍ଟ୍ରୋନିକ୍ସ ଲିମିଟେଡ୍(ବିଇଏଲ୍)କୁ କୁହାଯାଇଛି। ସ୍ଥାନୀୟ ମାନୁଫାକଚରଙ୍କ ସହ ମିଳିତ ହୋଇ ଏହି ଭେଣ୍ଟିଲେଟର ପ୍ରସ୍ତୁତ କରାଯିବ ବୋଲି ସୂଚନା ରହିଛି। ଗୋଟିଏ ମାସ ମଧ୍ୟରେ ୧୦ ହଜାର ଭେଣ୍ଟିଲେଟର ପ୍ରସ୍ତୁତ କରିବାକୁ ନଏଡାର ଏଜିଭିଏ ହେଲ୍‌ଥ କେୟାରକୁ ନିର୍ଦ୍ଦେଶ ଦିଆଯାଇଛି। ଏପ୍ରିଲ ୨ୟ ସପ୍ତାହରେ ଏହି କମ୍ପାନୀ ଯୋଗାଣ ଧାରା ଆରମ୍ଭ କରିବ। ଦେଶ ମଧ୍ୟରେ ସ୍ଥାନୀୟ ମାନୁଫାକରରମାନେ ଦୈନିକ ୫୦ ହଜାର ଏନ୍-୯୫ ମାସ୍କ ପ୍ରସ୍ତୁତ କରୁଛନ୍ତି। ଗୋଟିଏ ସପ୍ତାହ ମଧ୍ୟରେ ଏହା ୧ ଲକ୍ଷ ଛୁଇଁପାରେ। ରେଡ୍‌କ୍ରସ୍ ପକ୍ଷରୁ ୧୦ହଜାର ବ୍ୟକ୍ତିଗତ ସୁରକ୍ଷା ଯନ୍ତ୍ରାଂଶ ପ୍ରଦାନ କରାଯାଇଛି। ଏହାକୁ ସୋମବାରଠାରୁ ବଣ୍ଟନ କରାଯାଇଛି।



## ଆଗେଇ ଆସିଲା ଟିଭିଏସ୍

କରୋନା ବିରୋଧୀରେ ଟିଭିଏସ୍ ଗ୍ରୁପ୍ ସାମିଲ ହୋଇଛି। ଗ୍ରୁପ୍ ପକ୍ଷରୁ ପ୍ରଧାନମନ୍ତ୍ରୀ କେୟାର୍ସ ପାଣ୍ଠିକୁ ୨୫ କୋଟି ଟଙ୍କା ପ୍ରଦାନ କରାଯାଇଛି। କୋଭିଡ୍-୧୯ ବିରୋଧରେ ସମସ୍ତେ ଏକାଠି ହୋଇ ଲଢ଼ିବାର ସମୟ ଆସିଛି ବୋଲି ଟିଭିଏସ୍ ମୋଟର କମ୍ପାନୀର ଅଧ୍ୟକ୍ଷ ଭେନୁ ଶ୍ରୀନିବାସନ କହିଛନ୍ତି। ଏହାବାଦ୍ କମ୍ପାନୀର ସାମାଜିକ ସେବା ସଂସ୍ଥା ଶ୍ରୀନିଭାସନ ସର୍ଭିସ ଟ୍ରଷ୍ଟ ପକ୍ଷରୁ ବିଭିନ୍ନ ପଦକ୍ଷେପ ହାତକୁ ନିଆଯାଇଛି। କମ୍ପାନୀ ଜରୁରୀ ସେବା ପ୍ରଦାନକାରୀଙ୍କ ଲାଗି ୧ ନିୟୁତ ସୁରକ୍ଷା ଫେସ୍ ମାସ୍କ ପ୍ରସ୍ତୁତ କରିବା ସହ ଯୋଗାଣ କରିଛି। ଜରୁରୀ ସେବା ଲାଗି କମ୍ପାନୀ ଏହାର ଯାନଗୁଡ଼ିକୁ ନିୟୋଜିତ କରିଛି। ଅସୁବିଧାରେ ଥିବା ଲୋକଙ୍କ ଲାଗି ପ୍ୟାକେଟଯୁକ୍ତ ଖାଦ୍ୟ ପ୍ରସ୍ତୁତି ଲାଗି କମ୍ପାନୀ ଏହାର ଫ୍ୟାକ୍ଟ୍ରି ରୋଷେଇଶାଳାରେ ସୁବିଧା ଯୋଗାଇ ଦେଇଛି। ହିମାଞ୍ଚଳ ପ୍ରଦେଶର ବଦିଠାରେ ଦିନମଜୁରିଆଙ୍କୁ କମ୍ପାନୀ ଖାଦ୍ୟ ଯୋଗାଇ ଦେଉଛି। ଏହାବାଦ ଅନ୍ୟ ଏକ କମ୍ପାନୀ ସହ ମିଳିତ ହୋଇ ଭେଣ୍ଟିଲେଟର ପ୍ରସ୍ତୁତ କରିବାକୁ ଟିଭିଏସ୍ ଯୋଜନା କରୁଥିବା କହିଛି।

## ପିଇଇ ପ୍ରସ୍ତୁତ ପାଇଁ ୧୧ ସଂସ୍ଥାକୁ ଦାୟିତ୍ୱ

ବ୍ୟକ୍ତିଗତ ସ୍ୱାସ୍ଥ୍ୟ ସୁରକ୍ଷା ଉପକରଣ ବା ପିଇଇ କିଟ୍ସ ତିଆରି କରିବା ଲାଗି ୧୧ ସଂସ୍ଥାକୁ ବଛାଯାଇଛି। ଏହି ସଂସ୍ଥାଗୁଡିକ ୨୧ ଲକ୍ଷ ପିଇଇ କିଟ୍ସ ପ୍ରସ୍ତୁତ କରିବା ନେଇ ଅର୍ଡର ଦିଆଯାଇଛି। ବର୍ତ୍ତମାନ ଦୈନିକ ପ୍ରାୟ ୬ରୁ ୭ ହଜାର ପିଇଇ କିଟ୍ ସେମାନେ ଯୋଗାଇବା ନେଇ ସକ୍ଷମ ହେଉଛନ୍ତି। ଆଉ ସପ୍ତାହକ ମଧ୍ୟରେ ଏହା ୧୫ ହଜାରକୁ ବୃଦ୍ଧି ପାଇବ। ଅନ୍ୟ ଏକ କମ୍ପାନୀକୁ ୫ ଲକ୍ଷ ପିଇଇ କିଟ୍ସ ପ୍ରସ୍ତୁତ ଲାଗି କୁହାଯାଇଛି। ଏପ୍ରିଲ ୪ ସୁଦ୍ଧା ଲକ୍ଷ କିଟ୍ସ ଆସିଯିବ ବୋଲି ଅନୁମାନ କରାଯାଇଛି।

## ମାସକୁ ୧୦ ହଜାର ଭେଣ୍ଟିଲେଟର ବନାଇବ ମାରୁତି ସୁଜୁକି



ମାରୁତି ସୁଜୁକି କରୋନା ବିରୋଧୀ ଲଢ଼େଇକୁ ଜୋର୍‌ଦାର କରିବା ସହ ଭେଣ୍ଟିଲେଟର ଉତ୍ପାଦନ କରିବା ନେଇ ସ୍ପଷ୍ଟ କରିଛି। ମାରୁତି ସୁଜୁକି ମାସକୁ ୧୦ ହଜାର ଭେଣ୍ଟିଲେଟର ପ୍ରସ୍ତୁତ କରିବ ବୋଲି କମ୍ପାନୀର ଅଧ୍ୟକ୍ଷ ଆର୍.ସି.ଭାର୍ଗଭ ସୂଚନା ଦେଇଛନ୍ତି। ଏଥିଲାଗି କମ୍ପାନୀ ଏଜିଭିଏ ହେଲ୍‌ଥ କେୟାର ସହ ମିଳିତ ହୋଇ କାର୍ଯ୍ୟ କରିବ। କମ୍ପାନୀ ଏ ଦିଗରେ ବିଶେଷ ଅଭିଜ୍ଞତା ହାସଲକରି ନ ଥିବାରୁ ମିଳିତ ହୋଇ କାମ କରିବା ଦିଗରେ ଯୋଜନା ହାତକୁ ନେଇଛି। ସେହିଭଳି କମ୍ପାନୀ ସୋମବାର ଏହାର ଯାନ ଉପରେ ୱାରେଣ୍ଟି ଏବଂ ସର୍ଭିସ ସମୟକୁ ବଢ଼ାଇଛି। ଏବେ କରୋନା ଯୋଗୁ ଲକ୍‌ଡାଉନ ଘୋଷଣା କରାଯାଇଥିବା ଗ୍ରାହକଙ୍କ ସୁବିଧାକୁ ଧ୍ୟାନରେ ରଖି କମ୍ପାନୀ ଏଭଳି ସୁବିଧା ହାତକୁ ନେଇଛି। ଯେଉଁ ଯାନଗୁଡ଼ିକର ମାଗଣା ସର୍ଭିସ ଏବଂ ୱାରେଣ୍ଟିର ଶେଷ ସୀମା ମାର୍ଚ୍ଚ ୧୫ରୁ ଏପ୍ରିଲ ୩୦ ମଧ୍ୟରେ ରହିଥିଲା ଏହାକୁ ଆଗାମୀ ଜୁନ୍ ଶେଷ ପର୍ଯ୍ୟନ୍ତ ବଢ଼ାଯାଇଛି ବୋଲି ସୂଚନା ଦିଆଯାଇଛି।

## ପିଏମ୍ କେୟାର୍ସ ପାଣ୍ଠିକୁ ରିଲାଏନ୍ସର ୫୦୦ କୋଟି

କୋଭିଡ-୧୯ ବିରୋଧରେ ଲଢେଇରେ ଦେଶର ପ୍ରମୁଖ ବାଣିଜ୍ୟିକ ଗ୍ରୁପ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଯୋଗଦାନ ରଖିଛି। କମ୍ପାନୀ ପିଏମ୍ କେୟାର୍ସ ପାଣ୍ଠିକୁ ୫୦୦ କୋଟି ଟଙ୍କା ଦାନ କରିଛି। ଏହାବାଦ ଗୁଜରାଟ ଏବଂ ମହାରାଷ୍ଟ୍ର ସରକାରଙ୍କ ପାଣ୍ଠିକୁ ୫ କୋଟି ଲେଖାଏ ଅର୍ଥ ରାଶି ଏହା ପ୍ରଦାନ କରିଛି। ସେହିଭଳି କୋଭିଡ ରୋଗୀଙ୍କ ଚିକିତ୍ସା ଲାଗି ୧୦୦ ବେଡ୍ ବିଶିଷ୍ଟ ହସ୍ପିଟାଲ ସୁବିଧା, ୧୦ ଦିନରେ ୫୦ ଲକ୍ଷ ମାଗଣା ମିଲ୍, ସ୍ୱାସ୍ଥ୍ୟ କର୍ମୀଙ୍କୁ ୧ ଲକ୍ଷ ଦୈନିକ ମାସ୍କ, ବ୍ୟକ୍ତିଗତ ସୁରକ୍ଷା ଉପକରଣ, ଜରୁରୀ ସେବାରେ ଲାଗିଥିବା ଯାନଗୁଡିକୁ ତୈଳ ଯୋଗାଣ କରାଯାଉଥିବା ସୂଚନା ରହିଛି। କରୋନା ବିରୋଧି ଲଢେଇରେ ସମସ୍ତେ ଏକାଠି ହେବାର ଆବଶ୍ୟକତା ରହିଛି। ଭାରତ ଏହି ଲଢେଇରେ ନିଶ୍ଚିତ ଭାବେ ଜିତିବ ବୋଲି ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ଅଧ୍ୟକ୍ଷ ମୁକେଶ ଅମ୍ବାନୀ ସୂଚନା ଦେଇଛନ୍ତି।

## ୨୦ ହଜାର କୋଚ୍‌ରେ ହେବ ଆଇସୋଲେଶନ ୟୁନିଟ୍

କୋଭିଡ୍-୧୯ରେ ସଂକ୍ରମିତ ବ୍ୟକ୍ତିଙ୍କ ଚିକିତ୍ସା ଲାଗି ରେଲୱେ ଆଗେଇ ଆସିଛି। ଏହାର ୨୦ ହଜାର କୋଚ୍‌କୁ ଆଇସୋଲେଶନ ୟୁନିଟରେ ରୂପାନ୍ତରିତ କରିବା ଲାଗି ନିଷ୍ପତ୍ତି ନିଆଯାଇଛି। ଏଥିଲାଗି ପ୍ରସ୍ତୁତ ରହିବାକୁ ରେଳ ବୋର୍ଡ ପକ୍ଷରୁ ଏହାର ଜୋନ ସ୍ତରୀୟ ୟୁନିଟଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି। ଭାରତୀୟ ରେଳପଥର ୧୭ ଜୋନ ପକ୍ଷରୁ ୫ ହଜାର କୋଚ୍‌କୁ ପ୍ରାରମ୍ଭିକ ଭାବେ ଆଇସୋଲେଶନ ୟୁନିଟରେ ରୂପାନ୍ତରିତ କରିବା ଲାଗି ପ୍ରକ୍ରିୟା ଆରମ୍ଭ କରାଯାଇଥିବା ପ୍ରକ୍ରିୟା ସହ ଜଡ଼ିତ ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ରେଲୱେର ରୁଲିଂ ଷ୍ଟକ୍ ପ୍ରଡକ୍ସନ ୟୁନିଟଗୁଡିକରେ ମେଡିକାଲ ଯନ୍ତ୍ରାଂଶ ପ୍ରସ୍ତୁତି ଲାଗି ଗତ ସପ୍ତାହରେ ରେଳପଥ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିଲା। ସୋମବାର କରୋନା ଆକ୍ରାନ୍ତଙ୍କ ସଂଖ୍ୟା ସାରା ଦେଶରେ ୧୦୦୦ ଟପିଥିବା ବେଳେ ଏହାକୁ ପ୍ରତିରୋଧ କରିବା ନେଇ ଏବେ ପ୍ରସ୍ତୁତି ଜୋର୍‌ଦାର କରାଯାଇଛି। ଆବଶ୍ୟକ ପଡ଼ିଲେ ୨୦ ହଜାର କୋଚ୍‌କୁ ଆଇସୋଲେଶନ ୟୁନିଟରେ ରୂପାନ୍ତରିତ କରିବା ନେଇ ଯୋଜନା ହାତକୁ ନିଆଯିବ ବୋଲି ଅଧିକାରୀ ଜଣକ ମତ ରଖିଛନ୍ତି। ପ୍ରକ୍ରିୟାକୁ ୫ ହଜାର କୋଚ୍‌ରୁ ଆରମ୍ଭ କରାଯାଇଛି। କେବେ ସୁଦ୍ଧା ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମ ଜାରି କରାଯିବ ସେ ନେଇ ସମୟସୀମା ଧାର୍ଯ୍ୟ କରାଯାଇ ନାହିଁ। ଗତ ସପ୍ତାହରେ କୋଚ୍‌ରେ ଆଇସୋଲେଶନ ୱାର୍ଡର ଏକ ପ୍ରୋଟୋଟାଇପ ରେଳପଥ ପକ୍ଷରୁ ଜାରି କରାଯାଇଥିଲା।



## ଔଷଧପତ୍ର ଯୋଗାଣ ଲାଗି କାର୍ଗୋ ବିମାନକୁ ଅନୁମତି

କରୋନା ଭୂତାଣୁ ସଂକ୍ରମଣକୁ ରୋକିବା ପାଇଁ ଦେଶର ବିଭିନ୍ନ ଅଞ୍ଚଳକୁ ଔଷଧପତ୍ର ଏବଂ ଅନ୍ୟାନ୍ୟ ଚିକିତ୍ସା ଉପକରଣ ପହଞ୍ଚାଇବା ଲାଗି କାର୍ଗୋ ବିମାନ ଚଳାଚଳକୁ ସରକାର ସୋମବାର ଅନୁମତି ପ୍ରଦାନ କରିଛନ୍ତି। ଏନେଇ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ରାଜ୍ୟ ସରକାରଙ୍କ ସହ ପରାମର୍ଶକ୍ରମେ ଦେଶର ବିଭିନ୍ନ ଅଞ୍ଚଳକୁ ବିମାନ ଦ୍ୱାରା ଔଷଧପତ୍ର, ଡାକ୍ତରୀ ଉପକରଣ ଓ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଇ ଦିଆଯିବ। ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀମାନେ ବିଭିନ୍ନ ସାମଗ୍ରୀ ଯୋଗାଣକାରୀ ସଂସ୍ଥା ଏବଂ ରାଜ୍ୟ ସରକାରଙ୍କ ମଧ୍ୟରେ ସମନ୍ୱୟ ରକ୍ଷା ଜରୁରୀ ଭିତ୍ତିରେ ଏସବୁ ଜିନିଷ ଯୋଗାଇଦେବାର ବ୍ୟବସ୍ଥା କରିବେ। ମାର୍ଚ୍ଚ ୨୯ରୁ ଆଲାଏନ୍ସ ଏୟାର ବିମାନ ଯୋଗେ ଦିଲ୍ଲୀରୁ କୋଲକାତା, ଗୁଆହାଟୀ, ଡିବ୍ରୁଗଡ ଏବଂ ଅଗରତାଲାକୁ ସାମଗ୍ରୀ ପରିବହନ ଆରମ୍ଭ ହୋଇଛି। ଉତ୍ତରାଞ୍ଚଳ ପାଇଁ ଭାରତୀୟ ବାୟୁସେନା ବିମାନ ସହ ଦେଶର ଅନ୍ୟ ପ୍ରାନ୍ତଗୁଡ଼ିକୁ ମଧ୍ୟ ସାମଗ୍ରୀ ଯୋଗାଣ ନେଇ ବ୍ୟବସ୍ଥା କରାଯିବ ବୋଲି ସୂଚନା ରହିଛି।



## ଜାହାଜ କଣ୍ଟେନର ରହଣି ଶୁଳ୍କ ଆଦାୟ ହେବନି

ମାର୍ଚ୍ଚ ୨୨ରୁ ଏପ୍ରିଲ ୧୪ ତାରିଖ ପର୍ଯ୍ୟନ୍ତ ବନ୍ଦରଗୁଡିକରେ କଣ୍ଟେନର ରହଣି ଶୁଳ୍କ ଆଦାୟ ନ କରିବା ଲାଗି କେନ୍ଦ୍ର ଜାହାଜ ମନ୍ତ୍ରଣାଳୟ ପକ୍ଷରୁ ବନ୍ଦରଗୁଡିକୁ ନିର୍ଦ୍ଦେଶ ଦିଆଯାଇଛି। ବନ୍ଦରଗୁଡିକରେ ମାଲ ପରିବହନକୁ ସୁରୁଖୁରୁରେ ସମ୍ପନ୍ନ କରିବା ଲାଗି ଏଭଳି ନିର୍ଦ୍ଦେଶ ଦିଆଯାଇଛି। ଏହାବାଦ୍ କୌଣସି ନୂତନ ବା ଅତିରିକ୍ତ ଶୁଳ୍କ ଅସୁଲ ନ କରିବା ଲାଗି ମଧ୍ୟ କୁହାଯାଇଛି। କୋଭିଡ୍ ଲକ୍‌ଡାଉନ ଲାଗି କାର୍ଗୋ ମାଲିକମାନେ ଜିନିଷପତ୍ର ଖଲାସ କରିବା ଲାଗି ଅସୁବିଧା ସାମ୍ନା କରିଥିଲେ। ଏହି ନିର୍ଦ୍ଦେଶ ଫଳରେ ସେମାନଙ୍କୁ ଆଉ ଅସୁବିଧା ସାମ୍ନା କରିବାକୁ ପଡିବ ନାହିଁ।

# କୃଷିଋଣ ପରିଶୋଧ ଅବଧି ବୃଦ୍ଧି



**ନୂଆଦିଲ୍ଲୀ, ୩୦।୩:** କୋଭିଡ୍-୧୯ ଲକ୍‌ଡାଉନ କାରଣରୁ ଚାଷୀଙ୍କ ପାଇଁ ଫସଲ ଋଣ ପୁନଃ ପରିଶୋଧ ଅବଧି ବୃଦ୍ଧି ସମ୍ପର୍କରେ ସରକାର ଘୋଷଣା କରିଛନ୍ତି। ଏହା ସ୍ୱଳ୍ପକାଳୀନ ସମୟ ଅବଧି ଋଣ ଉପରେ ଲାଗୁ ହୋଇପାରିବ। ୩୧ ମେ ୨୦୨୦ ପର୍ଯ୍ୟନ୍ତ ୨% ସୁଧଛାଡ଼ ଏବଂ ଚାଷୀଙ୍କୁ ୩% ତୁରନ୍ତ ପରିଶୋଧ ରିହାତି (ପିଆଇଆଇ) ଦେୟ। ଅବଧି ବୃଦ୍ଧି ଲାଗି ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଛି। ବ୍ୟାଙ୍କ ପକ୍ଷରୁ ଚାଷୀଙ୍କୁ ଦିଆଯାଇଥିବା ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସମସ୍ତ ଫସଲ ଋଣ ଉପରେ ଏହି ସୁବିଧା ମିଳିବ। ୧ ମାର୍ଚ୍ଚରୁ ୩୧ ମେ ଅବଧି ପର୍ଯ୍ୟନ୍ତ ଦେୟଯୋଗ୍ୟ ଥିବା ଋଣ ଉପରେ ଏହି ରିହାତି ପ୍ରଦାନ କରାଯିବ। ଏବେ କଟକଣା ଲାଗି ଥିବାରୁ ଲୋକମାନେ ସେମାନଙ୍କ ଋଣ ପଇଠ କରିବାକୁ ଶାଖାକୁ ଯାଇ ପାରୁନାହାନ୍ତି। ଚାଷୀମାନେ ୩୧ ମେ ୨୦୨୦ ପର୍ଯ୍ୟନ୍ତ ଏଭଳି ଋଣ ଉପରେ ବାର୍ଷିକ ୪.୦% ସୁଧହାରରେ ଋଣ ପରିଶୋଧ ଲାଗି ଅତିରିକ୍ତ ସମୟ ପାଇପାରିବେ। ଏଥିଲାଗି ସେମାନଙ୍କୁ କୌଣସି ଜରିମାନା ଦେବାକୁ ପଡିବ ନାହିଁ। ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଫସଲ ଋଣ ଉପରେ ବ୍ୟାଙ୍କଗୁଡିକ ପକ୍ଷରୁ ୨% ସୁଧ ରିହାତି ସୁବିଧା ଦେଉଛନ୍ତି। ଏହାଛଡା ନିର୍ଦ୍ଧାରିତ ସମୟରେ ଋଣ ପଇଠ ଉପରେ ଚାଷୀଙ୍କୁ ୩% ଅତିରିକ୍ତ ରିହାତି ସୁବିଧା ଦିଆଯାଉଛି। ଏହାଫଳରେ ଚାଷୀମାନେ ୪% ବାର୍ଷିକ ସୁଧହାରରେ କ୍ଷୁଦ୍ର ମିଆଦୀ ଋଣ ପାଇବାରେ ସକ୍ଷମ ହେଉଛନ୍ତି।

## ପିଏଲ୍ଆଇ, ଆର୍‌ପିଏଲ୍ଆଇ ପ୍ରିମିୟମ ପଇଠ ଅବଧି ଏପ୍ରିଲ ୩୦କୁ ବୃଦ୍ଧି

**ନୂଆଦିଲ୍ଲୀ,୩୦।୩:** ଡାକ ଜୀବନବୀମା (ପିଏଲ୍ଆଇ) ଏବଂ ଗ୍ରାମୀଣ ଡାକ ଜୀବନ ବୀମା(ଆର୍‌ପିଏଲ୍ଆଇ) ପ୍ରିମିୟମ ପଇଠ କରିବାର ଅବଧିକୁ ସରକାର ବଢ଼ାଇ ଏପ୍ରିଲ ୩୦ କରିଛନ୍ତି। କୋଭିଡ୍-୧୯ ଜନିତ କଟକଣାକୁ ନଜରରେ ରଖି ଏଭଳି ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏଥିଲାଗି କୌଣସି ଜରିମାନା ଏବଂ ଡିଫଲ୍ଟ ଶୁଳ୍କ ଆଦାୟ କରାଯିବ ନାହିଁ। ଏହି ନିଷ୍ପତ୍ତି ଦ୍ୱାରା ୧୩ ଲକ୍ଷ ବୀମା ଗ୍ରାହକ ଉପକୃତ ହେବେ ବୋଲି ସୂଚନା ରହିଛି। ଜରୁରୀ ସେବା ଅନ୍ତର୍ଭୁକ୍ତ ହୋଇଥିବାରୁ ଏବେ ଡାକଘର ଖୋଲା ରହିଛି। ଗ୍ରାହକଙ୍କ ଅସୁବିଧାକୁ ଧ୍ୟାନରେ ରଖି ପ୍ରିମିୟମ ପଇଠ ଅବଧିକୁ ବଢ଼ାଯାଇଛି। ୫.୫ ଲକ୍ଷ ପିଏଲ୍ଆଇ ଏବଂ ୭.୫ ଲକ୍ଷ ଆର୍‌ପିଏଲ୍ଆଇ ଉପଭୋକ୍ତା ଏହି ନିଷ୍ପତ୍ତି ଫଳରେ ଲାଭବାନ୍ ହେବେ।

## ୧୩୭୫ ପଏଣ୍ଟ ଖସିଲା ସେନ୍‌ସେକ୍ସ

**ମୁମ୍ବାଇ,୩୦।୩:** ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜର ସେନ୍‌ସେକ୍ସ ସୋମବାର ୧୩୭୫ ପଏଣ୍ଟ ଖସିଛି। କରୋନା ଯୋଗୁ ବଜାର ସ୍ଥିତି ଏବେ ଠିକ୍ ନ ଥିବାରୁ ଏହି ସମୟରେ ବ୍ୟାଙ୍କିଙ୍ଗ୍ ଏବଂ ଅଟୋ ସେକ୍ଟରର ଷ୍ଟକ୍ କାରବାର କ୍ଷତିଗ୍ରସ୍ତ ହୋଇଛି। ଦିନ ମଧ୍ୟରେ ସେନ୍‌ସେକ୍ସ ପ୍ରାୟ ୧୫୦୦ ପଏଣ୍ଟ ଖସିଯାଇଥିଲା। କାରବାର ଶେଷ ବେଳକୁ ଏହା ୧୩୭୫.୨୭ ପଏଣ୍ଟ ବା ୪.୬୧% ନିମ୍ନରେ ରହି ୨୮,୪୪୦.୩୨ ପଏଣ୍ଟରେ ବନ୍ଦ ହୋଇଛି। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ ନିଫ୍ଟି ୩୭୯.୧୫ ବା ୪.୩୮% ନିମ୍ନରେ ରହି ୮,୨୮୧.୧୦ ସ୍ତରରେ ବନ୍ଦ ହୋଇଛି।

## ପରିବର୍ତ୍ତନ ହେବେ ଏସ୍‌ଏଲ୍‌ବିସି କନଭେନର

୧୦ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ମିଶ୍ରଣ ପରେ ରିଜର୍ଭ ବ୍ୟାଙ୍କ ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟି(ଏସ୍‌ଏଲ୍‌ବିସି)ର କନ୍‌ଭେନରଙ୍କୁ ପରିବର୍ତ୍ତନ ନେଇ ସୋମବାର ପ୍ରସ୍ତାବ ଦେଇଛି। ନୂଆ ପ୍ରସ୍ତାବ ମୁତାବକ ଦିଲ୍ଲୀ ପାଇଁ ପିଏନ୍‌ବି ଏସ୍‌ଏଲ୍‌ବିସି କନ୍‌ଭେନର ଭାବେ କାର୍ଯ୍ୟ କରିବ। ବର୍ତ୍ତମାନ ଏଠାରେ ଓରିଏଣ୍ଟାଲ ବ୍ୟାଙ୍କ ଦାୟିତ୍ୱ ନିର୍ବାହ କରୁଛି। ସେହିଭଳି ତ୍ରିପୁରା ଏବଂ ପଶ୍ଚିମବଙ୍ଗ ଲାଗି ୟୁନାଇଟେଡ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ପରିବର୍ତ୍ତେ ପିଏନ୍‌ବି ହାତକୁ ଦାୟିତ୍ୱ ହସ୍ତାନ୍ତର ହେବ। ଆନ୍ଧ୍ରବ୍ୟାଙ୍କ ୟୁନିୟନ ବ୍ୟାଙ୍କ ସହ ମିଶିଥିବାରୁ ଆନ୍ଧ୍ରପ୍ରଦେଶର ନୂଆ ଏସ୍‌ଏଲ୍‌ବିସି କନ୍‌ଭେନରଭାବେ ୟୁନିୟନ ବ୍ୟାଙ୍କ କାର୍ଯ୍ୟ କରିବ। ସେହିଭଳି କର୍ଣାଟକ ପାଇଁ ସିଣ୍ଡିକେଟ ବ୍ୟାଙ୍କ ପରିବର୍ତ୍ତେ କାନାରା ବ୍ୟାଙ୍କ ଏସ୍‌ଏଲ୍‌ବିସି କନ୍‌ଭେନର ରହିବ ବୋଲି ଜଣାପଡ଼ିଛି।

## ୧୭ ବର୍ଷର ସର୍ବନିମ୍ନ ସ୍ତରରେ ଅଶୋଧିତ ତୈଳ ଦର

ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ସୋମବାର ୧୭ ବର୍ଷର ସର୍ବନିମ୍ନ ସ୍ତରକୁ ଖସିଛି। ଏହି ସମୟରେ ବ୍ରେଣ୍ଟ କ୍ରୁଡ୍ ଫିଚର ବ୍ୟାରେଲ ପିଛା ୨୩ ଡଲାରକୁ ଖସିଛି। ଏହା ୨୦୦୨ ନଭେମ୍ବର ପରଠାରୁ ସର୍ବନିମ୍ନ ସ୍ତରରେ ରହିଛି। ସେହିଭଳି ଆମେରିକା ଉତ୍ପାଦନ କରୁଥିବା ଅଶୋଧିତ ତୈଳ ୨୦ ଡଲାରରୁ ନିମ୍ନକୁ ଖସିଛି। ଚାହିଦା ଖସିଥିବା ବେଳେ ଯୋଗାଣ ପୂର୍ବବତ ରହିଥିବାରୁ ଏଭଳି ସ୍ଥିତି ଉପୁଜିଥିବା ଜଣାପଡିଛି। ଏହା ସତ୍ତ୍ୱେ ମଧ୍ୟ ଭାରତରେ ପେଟ୍ରୋଲ ଏବଂ ଡିଜେଲ ଦର ଖସୁ ନ ଥିବା ଦେଖାଯାଇଛି।

## ନୂଆ ଲୋଗୋ ଉନ୍ମୋଚନ କଲା ପିଏନ୍‌ବି

ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ (ପିଏନ୍‌ବି) ପକ୍ଷରୁ ନୂଆ ଲୋଗୋ ଉନ୍ମୋଚନ କରାଯାଇଛି। ଏପ୍ରିଲ ପରଠାରୁ ପିଏନ୍‌ବି ସହ ୟୁନାଇଟେଡ ବ୍ୟାଙ୍କ ଅଫ୍ ଇଣ୍ଡିଆ ଏବଂ ଓରିଏଣ୍ଟାଲ ବ୍ୟାଙ୍କ ଅଫ୍ କମର୍ସ ମିଶି କାମ କରିବେ। ୩ ରାଷ୍ଟ୍ରାୟତ୍ତ ବ୍ୟାଙ୍କର ଛାପ ନୂଆ ଲୋଗୋରେ ରହିବ। ନୂଆ ବ୍ୟାଙ୍କ କାର୍ଯ୍ୟକ୍ଷମ ହେଲେ ଏହା ଦେଶର ଦ୍ୱିତୀୟ ସର୍ବବୃହତ୍ତ ବ୍ୟାଙ୍କ ହେବ।

**GANGADHAR MEHER UNIVERSITY, AMRUTA VIHAR, SAMBALPUR**

No.2559/GMU Date:30.03.2020

THE LAST DATE OF ONLINE APPLICATION FOR VARIOUS TEACHING POSTS VIDE ADVT. NO.005/ REC/GMU/FAC; Sambalpur dated: 11TH MARCH 2020 IS HEREBY EXTENDED FOR AN INDEFINITE PERIOD. PLEASE KEEP VISITING OUR WEBSITE (www.gmuniversity.ac.in) FOR THE ANNOUNCEMENT OF THE LAST DATE OF APPLICATION ANYTIME AFTER 14TH APRIL, 2020 OR THE WITHDRAWAL OF THE LOCKDOWN PERIOD.

**Sd./- REGISTRAR**

**OFFICE OF THE CHIEF DISTRICT MEDICAL & PHO-CUM-DMD, CUTTACK**

**Department of Health & Family Welfare, Government of Odisha**

Adv. No.4017 Date:28.03.2020

**SHORT TENDER CALL NOTICE FOR SET-UP OF ICU & CONSUMABLE**

Sealed tenders are invited from authorized distributers for supply of **SET-UP OF ICU & CONSUMABLE** under CDM & PHO, Cuttack. The details of term and conditions of tender are available at the official website www.cuttack.nic.in. The bidders have to download the tender paper from website to participate in the tender. The undersigned reserves the right to reject any or all the tenders without assigning any reason. Available of tender paper 29.03.2020 to 02.04.2020, Last date of submission of paper 02.04.2020, Time:2.30PM, Opening of tender (Technical Bid) 02.04.2020, 3.30 PM. Submission of tener paper through Speed Post / Registered Post/ Courier/ by hand.

**Sd./- Chief District Medical & PHO cum DMD, Cuttack**

**CLASSIFIED DISPLAY**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

FINANCE

ଘରେ ବସି ସମସ୍ତ ପ୍ରକାର ଋଣ ପାଆନ୍ତୁ
ମୁଦ୍ରା ଯୋଜନା
କେବଳ ଆଧାର କାର୍ଡ ଉପରେ ୧୦ ଲକ୍ଷ ପର୍ଯ୍ୟନ୍ତ ଋଣ
୧% ସୁଧ ୫୦% ଛାଡ଼
ବିଜିନେସ୍ ଋଣ
ସମ୍ପତ୍ତି ଋଣ
ମାର୍କଶିଟ୍ ଋଣ
ଆଧାର କାର୍ଡ ଋଣ
ବ୍ୟକ୍ତିଗତ ଋଣ
ବିପିଏଲ୍ ଋଣ
ଇତ୍ୟାଦି ସମସ୍ତ ଋଣ
ଏଟିଏମ୍ କାର୍ଡ ଓ ପାସ୍‌ବୁକ୍ ଉପରେ ମଧ୍ୟ ଋଣ ଉପଲବ୍ଧ
08765414481, 09126344980

**HINDUSTAN FINANCE LIMITED**
(Reg. No. 3367)
(ଖର୍ଚ୍ଚ ଲୋନ ପାସ୍ ହେଲା ପରେ)
୧୯୪୧ ରୁ ଆପଙ୍କର ସେବାରେ
ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
8480089848

**VINOYANA FINANCE**
VINOYANA FINANCE ସବୁପ୍ରକାର LOAN 2% ସୁଧରେ ସହଜ କିସ୍ତିରେ ଘରେ ବସି ପାଆନ୍ତୁ ପର୍ସନାଲ, ପ୍ରପର୍ଟି, ବ୍ୟବସାୟ, କୃଷି, ଗୃହ, ମାର୍କଶିଟ୍, ପଶୁପାଳନ ଓ ଗ୍ରୁପ୍ ଋଣ।
7657025084
8658458039
7657027331
GANGANAN, CHHEPILIPALI, DEBAGARH

**ALL EDITION - B/W (Every Day)**
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### କୋଭିଡ୍ ଫଣ୍ଡକୁ ୧.୧୧ଲକ୍ଷ ପ୍ରଦାନ

**ଛତ୍ରପୁର,୩୦।୩(ଡି.ଏନ୍.ଏ.):** ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିକୁ ଛତ୍ରପୁରର ବ୍ୟବସାୟୀ ଡମ୍ବୁରୁଧର ସାହୁଙ୍କ ପରିବାର ପକ୍ଷରୁ ୧ଲକ୍ଷ ୧୧ହଜାର ୧୧୧ଟଙ୍କା ପ୍ରଦାନ କରାଯାଇଛି। ସୋମବାର ଛତ୍ରପୁରରେ ଉକ୍ତ ଟଙ୍କାର ଡ୍ରାଫ୍ଟ ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କୁ ପ୍ରଦାନ କରଯାଇଥିଲା।

### ବିଧାୟିକାଙ୍କ ୩ ମାସର ଦରମା ଦାନ

**ଆସିକା,୩୦।୩(ଡି.ଏନ୍.ଏ.):** ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠି (କୋଭିଡ ଫଣ୍ଡ)କୁ ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ ୩ ମାସର ଦରମା ପ୍ରଦାନ କରିଛନ୍ତି। ସୋମବାର ବିଧାୟିକା ସ୍ୱାଇଁ ଏ ବାବଦରେ ୧ଲକ୍ଷ ୫ହଜାର ଟଙ୍କାର ଏକ ଚେକ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠି ଉଦ୍ଦେଶ୍ୟରେ ଦେଇଛନ୍ତି। ପ୍ରଶାସନର ନିର୍ଦ୍ଦେଶ ମୁତାବକ ଲୋକେ ସାମାଜିକ ଦୂରତା ରକ୍ଷା କରି ନିଜ ସୁରକ୍ଷା ପାଇଁ ଯତ୍ନବାନ ହେବାକୁ ସେ ନିବେଦନ କରିଛନ୍ତି।

### କଟକଣାକୁ ଉଲ୍ଲଂଘନ: ଥାନାରେ ଅଟକ ପରେ ଛାଡପାଇଲେ ପ୍ରଧାନ ଶିକ୍ଷକ

**କୋଦଳା,୩୦।୩(ଡି.ଏନ.ଏ.):** କରୋନା ଭାଇରସ୍‌କୁ ନେଇ ଦେଶବାସୀ ଭୟରେ ରହିଛନ୍ତି। ଅଙ୍ଗନୱାଡି ଓ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ଶୁଖିଲା ଖାଦ୍ୟ ବା ଟୋକନ ସେମାନଙ୍କ ଘରକୁ ଯାଇ ଦେବାକୁ ଶିକ୍ଷକ ଓ ଅଙ୍ଗନୱାଡି କର୍ମୀଙ୍କୁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ସୋମବାର କୋଦଳା ନୋଡାଲ ଉଚ୍ଚ ବିଦ୍ୟାଳୟରେ ଖାଦ୍ୟ ସାମଗ୍ରୀ ଟୋକନ ପାଇବା ପାଇଁ ଶତାଧିକ ଛାତ୍ରୀଛାତ୍ର ଓ ଅଭିଭାବକ ଏକାଠି ହୋଇଥିବା ଦେଖିବାକୁ ମିଳିଥିଲା। ଜଣାପଡିବା ପରେ କୋଦଳା ତହସିଲଦାର ପ୍ରଭାତ କୁମାର ପରିଡା ପହଞ୍ଚି ଅଭିଭାବକଙ୍କୁ ଏଠାକୁ କାହିଁକି ଆସିଛନ୍ତି ବୋଲି ପଚାରି ଥିଲେ। ଟୋକନ ଦେବେ ବୋଲି ପ୍ରଧାନ ଶିକ୍ଷକ ଡାକିଥିବା କହିଥିଲେ। ଏଥିରେ ଉତକ୍ଷିପ୍ତ ହୋଇ ତହସିଲଦାର ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ କୁମାର ପ୍ରଧାନ ଓ ଦୁଇ ଶିକ୍ଷକଙ୍କୁ ଥାନାରେ ଅଟକ ରଖିଥିବା ଜଣାପଡ଼ିଛି। ପରେ ସେମାନେ ଛାଡ ପାଇଥିବା ଜଣାପଡିଛି।

### ଅଣ୍ଡା, ମାଛ ଟ୍ରକ୍‌ରୁ ୬୭ ଜଣଙ୍କୁ ଉଦ୍ଧାର

**ଛତ୍ରପୁର,୩୦।୩(ଡି.ଏନ୍.ଏ.):** ଅଣ୍ଡା ଓ ମାଛ ବୋଝେଇ ୩ ଟ୍ରକରେ ଯାଉଥିବା ୬୭ ଜଣଙ୍କୁ ସୋମବାର ରାତିରେ ଗଞ୍ଜାମ ଜିଲା ପ୍ରଶାସନ ଉଦ୍ଧାର କରିଛି। ଜଗନ୍ନାଥପୁର ଛକ ଠାରେ ପୋଲିସ ଓ ପ୍ରଶାସନ ଅଧିକାରୀ ପହଞ୍ଚି ରାଞ୍ଚିରୁ ତାମିଲନାଡୁ ଓ ହାଇଦ୍ରାବାଦରୁ ପଶ୍ଚିମବଙ୍ଗକୁ ଯାଉଥିବା ଟ୍ରକରୁ ଏମାନଙ୍କୁ ଉଦ୍ଧାର କରିଥିଲେ। ସମସ୍ତଙ୍କୁ ନରେନ୍ଦ୍ରପୁର ଆଇସୋଲେଶନ ସେଣ୍ଟରରେ ରଖାଯାଇଛି। ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଓ ଅନ୍ୟମାନେ ପହଞ୍ଚି ଅନୁଧ୍ୟାନ କରିଥିଲେ ।

### ସିଡିଏମ୍‌ପିଏଚଓଙ୍କ ଦାୟିତ୍ୱ ଗ୍ରହଣ

**ବ୍ରହ୍ମପୁର ଅଫିସ,୩୦।୩:** ଗଞ୍ଜାମ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ(ସିଡିଏମ୍‌ପିଏଚଓ) ଭାବେ ସୋମବାର ଦାୟିତ୍ୱ ଗ୍ରହଣ କରିଛନ୍ତି ଡା. ଉମାଶଙ୍କର ମିଶ୍ର । ସିଡିଏମପିଏଚଓ କାର୍ଯ୍ୟାଳୟରେ ଅପରାହ୍ନରେ ଭାରପ୍ରାପ୍ତ ସିଡିଏମପିଏଚଓ ଡା. ଆର ଜଗଦୀଶ ପଟ୍ଟନାୟକ ଡା ମିଶ୍ରଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଛନ୍ତି । ଏହା ପୂର୍ବରୁ ଡା. ମିଶ୍ର ଏଡିଏମ୍‌ଓ ବାଲିଗୁଡା ସବ୍ ଡିଭିଜନ ହସ୍‌ପିଟାଲର ସୁପରିଣ୍ଟେଣ୍ଡେଣ୍ଟ ଦାୟିତ୍ୱରେ ଥିଲେ ।

# ମୁସ୍‌ଲିମ୍ କମ୍ୟୁନିଟିର ୩୦୦ ଲୋକଙ୍କୁ ରନ୍ଧାଖାଦ୍ୟ



ମୁସ୍‌ଲିମ୍ କମ୍ୟୁନିଟି ସଦସ୍ୟମାନେ ଖାଦ୍ୟ ପ୍ୟାକେଟ ବଣ୍ଟନ କରୁଛନ୍ତି ।

**ବ୍ରହ୍ମପୁର ଅଫିସ,୩୦।୩**

କରୋନା ସଂକ୍ରମଣକୁ ରୋକିବାକୁ ନେଇ ଗଞ୍ଜାମ ଜିଲା ପ୍ରଶାସନ ପକ୍ଷରୁ ସମଗ୍ର ଜିଲାରେ ଲକ୍ ଡାଉନ୍ ଜାରି ରହିଛି। ଫଳରେ ରାଜ୍ୟ ବାହାରୁ ଅନେକ ଲୋକ ବ୍ରହ୍ମପୁରର ବିଭିନ୍ନ ସ୍ଥାନରେ ଫସି ରହିବା ସହ ଅନାହାରରେ ଦିନ କାଟୁଛନ୍ତି । ଏଭଳି ସ୍ଥିତିରେ ରାଜ୍ୟ ବାହାରୁ ଆସି ବ୍ରହ୍ମପୁରରେ ଆଶ୍ରୟ ନେଇଥିବା ଦାଦନ ଶ୍ରମିକ, ଅସହାୟଙ୍କୁ ଆହାର ଯୋଗାଇବାକୁ ଆଗେଇ ଆସିଛି ବ୍ରହ୍ମପୁର ମୁସଲିମ କମ୍ୟୁନିଟି ସଦସ୍ୟ। ଲକ୍ ଡାଉନ ପରଠାରୁ ଦୀର୍ଘ ୧୦ ଦିନ ଧରି କମ୍ୟୁନିଟି ସଦସ୍ୟମାନେ ସହରର ବିଭିନ୍ନ ସ୍ଥାନରେ ଅନାହାରରେ ଦିନ କାଟୁଥିବା ଅସହାୟଙ୍କୁ ଦୁଇ ଓଳା ରନ୍ଧାଖାଦ୍ୟ ପ୍ୟାକେଟ ବଣ୍ଟନ କରୁଥିବା ଦେଖିବାକୁ ମିଳିଛି ।

ଏହି ଖାଦ୍ୟ ବଣ୍ଟନ ଅଭିଯାନ ସୋମବାର ୬ଷ୍ଠଦିନରେ ପହଞ୍ଚିଥିବା ବେଳେ ଦୀର୍ଘ ୬ ଦିନ ଧରି ସହରରେ ଅନାହାରରେ ରହିଥିବା ୩୦୦ ଲୋକଙ୍କୁ ଦୁଇଓଳା ଖାଦ୍ୟ ଯୋଗାଉଛନ୍ତି। ମଧ୍ୟାହ୍ନ ଓ ରାତିରେ ଦୁଇ ଓଳା ମିଳିଟାରି ଲାଇନ୍‌ରେ ରନ୍ଧାଖାଦ୍ୟ ପ୍ରସ୍ତୁତ କରି କମ୍ୟୁନିଟି ସଦସ୍ୟମାନେ ସହରର ବିଭିନ୍ନ ସ୍ଥାନରେ ଥିବା ଲୋକଙ୍କୁ ଖାଦ୍ୟ ପ୍ୟାକେଟ ବଣ୍ଟନ କରୁଛନ୍ତି। ପାୟଲଟକିଜ୍ ସମ୍ମୁଖରେ ଥିବା ବ୍ରହ୍ମପୁର ମହାନଗର ନିଗମ ଆଶ୍ରୟରେ ରହିଥିବା ୬୦ ବାହାର ରାଜ୍ୟର ଦାଦନ ଶ୍ରମିକଙ୍କ ସମେତ ଗାନ୍ଧିନଗର ୫ମ ଲେନ୍, ଲାଞ୍ଜିପଲ୍ଲୀ ଖୋଲା ପଡିଆ, ସହରର ରାସ୍ତାପାର୍ଶ୍ୱରେ ଥିବା ମାନସିକ ଭିନ୍ନକ୍ଷମ ଓ ଅସହାୟଙ୍କୁ ରନ୍ଧାଖାଦ୍ୟ ବଣ୍ଟନ କରାଯାଉଛି। ଏହାବ୍ୟତୀତ ମିଲିଟାରୀ ଲାଇନ୍, ଖାଜା ସାହି, ଭୀମାରାଓପେଟା ଓ ପାତ୍ରପେଟା ପ୍ରମୁଖ ସାହିରେ ଥିବା ଅସହାୟ, ଗରିବ ଲୋକଙ୍କ ସମେତ ମସ୍‌ଜିଦ୍‌ରେ ଉତ୍ତରପ୍ରଦେଶରୁ ଆସି ଥିବା ୧୦ ଜଣ ଫେରିବାଲାଙ୍କୁ ନିୟମିତ ଦୁଇଓଳା ଖାଦ୍ୟ ବଣ୍ଟନ କରାଯାଉଥିବା କମ୍ୟୁନିଟି ପକ୍ଷରୁ କୁହାଯାଇଛି । ଆଗାମୀଦିନରେ ମଧ୍ୟ ଲକ୍‌ଡାଉନ ଶେଷ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଜାରି ରହିବା ନେଇ କମ୍ୟୁନିଟି ପକ୍ଷରୁ ସୂଚାଯାଇଛି ।

# ଏମ୍‌କେସିଜିରେ ପୁଣି ୪ କରୋନା ସନ୍ଦିଗ୍ଧ

**ବ୍ରହ୍ମପୁର ଅଫିସ,୩୦।୩**

ବିଶ୍ୱବ୍ୟାପୀ ଆତଙ୍କର କାରଣ ପାଲଟିଥିବା କରୋନା ଭାଇରସ ମହାମାରୀର ପ୍ରକୋପ ଏବେ ଭାରତ ଉପରେ ଧୀରେ ଧୀରେ ବଢ଼ିବାରେ ଲାଗିଛି। ଏହି କ୍ରମରେ ବ୍ରହ୍ମପୁର ବଡ ମେଡିକାଲରେ ଦିନକୁ ଦିନ କରୋନା ସନ୍ଦିଗ୍ଧଙ୍କ ସଂଖ୍ୟା ବଢିବାରେ ଲାଗିଛି। ଶନିବାର ୫ ଜଣ କରୋନା ସନ୍ଦିଗ୍ଧ ବଡ ମେଡିକାଲରେ ଭର୍ତ୍ତି ହୋଇଥିବା ବେଳେ ରବିବାର ୨ ଜଣ ଓ ସୋମବାର ୪ ଜଣ ଭର୍ତ୍ତି ହୋଇଛନ୍ତି। ଏହି ୪ ଜଣଙ୍କ ମଧ୍ୟରେ କୋଦଳାର ଗୋଟିଏ ପରିବାରର ବାପା,ମା ଓ ତାଙ୍କ ପୁଅ ରହିଛନ୍ତି। ସେମାନେ ଭୁବନେଶ୍ୱର କର କ୍ଲିନିକରେ ପୂର୍ବରୁ ଚିକିତ୍ସିତ ହେଉଥିବା ବେଳେ ଗତ ୨୬ ତାରିଖରେ ଉକ୍ତ କ୍ଲିନିକ୍‌ରେ ଚିକିତ୍ସିତ ହେଉଥିବା ଅନ୍ୟ ଜଣେ ବ୍ୟକ୍ତିଙ୍କ କରୋନା ପଜିଟିଭ ବାହାରିଥିଲା। ପରେ କ୍ଲିନିକରେ ଚିକିତ୍ସିତ ହେଉଥିବା ଅନ୍ୟ ରୋଗୀଙ୍କୁ ସେଠାରୁ ଘରକୁ ଚାଲିଯିବାକୁ କୁହାଯାଇଥିଲା। ଫଳରେ କୋଦଳା ଅଞ୍ଚଳର ଏହି ୩ ଜଣ ମଧ୍ୟ ଘରକୁ ଫେରିଥିଲେ। ଗାଁରେ ୩ ଦିନ ରହିବା ପରେ ଗାଁ ଲୋକ ଏମାନଙ୍କୁ ବଡ ମେଡିକାଲକୁ ସୋମବାର ଆମ୍ବୁଲାନ୍ସରେ ପଠାଇ ଦେଇଥିଲେ। ସେହିପରି ହିଞ୍ଜିଳିର ଜଣେ ବ୍ୟକ୍ତି ମୁମ୍ବାଇରେ ରହୁଥିବା ବେଳେ ସେ ଗତ ୨୦ ତାରିଖରେ ଗାଁକୁ ଫେରିଥିଲେ। ତାଙ୍କର ଜ୍ୱର ଓ କାଶ ହେବାରୁ ତାଙ୍କୁ ସୋମବାର ଏମ୍‌କେସିଜିରେ ଭର୍ତ୍ତି କରାଯାଇଛି। ଏହି ୪ ଜଣ କରୋନା ସନ୍ଦିଗ୍ଧଙ୍କ ସ୍ୱାବ୍ ପରୀକ୍ଷା ପାଇଁ ଭୁବନେଶ୍ୱର ପଠାଯିବ ବୋଲି ବଡ ମେଡିକାଲ ଅଧୀକ୍ଷକ ପ୍ରଫେସର ଡା. ସନ୍ତୋଷ କୁମାର ମିଶ୍ର ସୂଚନା ଦେଇଛନ୍ତି।

# ବାହାରୁ ଆସିଥିବା ୨୪,୨୮୮ ଜଣ ହୋମ୍ କ୍ୱାରାଣ୍ଟାଇନ୍‌ରେ

**ଛତ୍ରପୁର,୩୦।୩(ଡି.ଏନ.ଏ.)**

## ଗଞ୍ଜାମ ଜିଲା

ଗଞ୍ଜାମ ଜିଲାକୁ ୨୩,୫୫୮ ଜଣ ବାହାର ରାଜ୍ୟରୁ ଫେରିଥିବା ବେଳେ ୭୩୦ ଜଣ ବିଦେଶରୁ ଆସିଛନ୍ତି। ସେମାନଙ୍କୁ ମଧ୍ୟରୁ ୧୭୯୯ ଜଣ ସହାରାଞ୍ଚଳର ହୋଇଥିବା ବେଳେ ୨୨, ୪୮୯ ଜଣ ବିଭିନ୍ନ ବ୍ଲକ ଅଞ୍ଚଳର। ଜିଲାରେ ଏପରି ମୋଟ ୨୪,୨୮୮ ଜଣ କ୍ୱାରାଣ୍ଟାଇନ୍‌ରେ ରହିଛନ୍ତି। ସମସ୍ତଙ୍କୁ ଘରେ ରହିବାକୁ ପରାମର୍ଶ ଦିଆଯାଇଛି। ନିୟମିତ ଏମାନଙ୍କ ଉପରେ ପଞ୍ଚାୟତର ନିର୍ବାହୀ ଅଧିକାରୀ, ଅଙ୍ଗନୱାଡି କର୍ମୀ, ସ୍ୱାସ୍ଥ୍ୟକର୍ମୀ ନଜର ରଖୁଛନ୍ତି। ସୋମବାର ଜିଲା ପ୍ରଶାସନ ପକ୍ଷରୁ ଏହି ସୂଚନା ଦିଆଯାଇଛି। ଅନ୍ୟପକ୍ଷରେ ଜିଲାର ସମସ୍ତ ୫୦୩ ପଞ୍ଚାୟତରେ ଥିବା ହାଇସ୍କୁଲ ଏବଂ ଜିଲା ହେଡ୍‌କ୍ୱାର୍ଟର ହସ୍ପିଟାଲ, ଉପଖଣ୍ଡ ହସ୍ପିଟାଲ, ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆଇସୋଲେଶନ ସେଣ୍ଟର ଖୋଲାଯାଇଛି । ଟାଟା ମେମୋରିଆଲ ହସ୍ପିଟାଲ ଚଳିତ ସପ୍ତାହରେ କୋଭିଡ୍ ହସ୍ପିଟାଲ ଭାବେ କାର୍ଯ୍ୟକ୍ଷମ ହେବ। କରୋନା ସଂକ୍ରମିତ ବ୍ୟକ୍ତିଙ୍କୁ ଏହି ହସ୍ପିଟାଲକୁ ସ୍ଥାନାନ୍ତର କରାଯିବ । ଗ୍ରାମପଞ୍ଚାୟତ ଓ ସହରାଞ୍ଚଳର ନିରାଶ୍ରୟ, ଅସହାୟ, ଏଡସ୍ ସଂକ୍ରମିତଙ୍କ ପାଇଁ ରନ୍ଧାଖାଦ୍ୟ ପ୍ରସ୍ତୁତ ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଯେ କୌଣସି ବ୍ୟକ୍ତିଙ୍କଠାରେ ସାମାନ୍ୟ ଥଣ୍ଡା, କାଶ କିମ୍ବା ଜ୍ୱର ହେଲେ ସ୍ୱାସ୍ଥ୍ୟ ପରୀକ୍ଷା କରିବାକୁ କୁହାଯାଇଛି ।

# ଖୋଲା ଜାଗାକୁ ଉଠିଲା ପରିବା ହାଟ

## ସାମାଜିକ ଦୂରତା କଡାକଡି




ରାସ୍ତାରେ ଚାଲିଥିବା ପରିବା ହାଟ ।

**ବ୍ରହ୍ମପୁର ଅଫିସ,୩୦।୩**

ବ୍ରହ୍ମପୁର ସହରରେ କଡାକଡି ପାଳନ କରାଯାଉଛି ସାମାଜିକ ଦୁରତ୍ୱ । ପରିବା ଓ ଗ୍ରସେରି ଦୋକାନରେ କରୋନା ସଂକ୍ରମଣକୁ ରୋକିବା ଲାଗି ସାମାଜିକ ଦୂରତା ବଜାଇ ରଖିବା ପାଇଁ ଅନେକ ପଦକ୍ଷେପ ଗ୍ରହଣ କରାଯାଉଛି । ଗଞ୍ଜାମ ଜିଲା ରଙ୍ଗେଇଲୁଣ୍ଡା ବ୍ଲକ ଅନ୍ତର୍ଗତ କରାପଲ୍ଲୀ ହାଟରେ ଅଧିକ ଲୋକଙ୍କ ସମାଗମ ହେଉଥିବାରୁ ସଂକ୍ରମଣକୁ ଦୃଷ୍ଟିରେ ରଖି ପ୍ରଶାସନ ରାସ୍ତା ପାର୍ଶ୍ୱକୁ ପରିବା ବଜାର ଉଠାଇ ଦେଇଛି ।

ସୂଚନାଯୋଗ୍ୟ, ରବିବାର ସନ୍ଧ୍ୟାରେ କନିଷ୍ଠ ତହସିଲଦାର୍ ଓ ଗୋପାଳପୁର ଥାନା ଅଧିକାରୀ ପରିବା ବଜାରରେ ପହଞ୍ଚି ଜନସାଧାରଣଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଏହି ହାଟକୁ ରାସ୍ତା ପାର୍ଶ୍ୱକୁ ଉଠାଇ ଦେଇଛନ୍ତି । ଦୈନିକ ଆଖପାଖ ୧୦ଖଣ୍ଡ ଗ୍ରାମର ୬୦୦ରୁ ଊର୍ଦ୍ଧ୍ୱ ଲୋକ ଏହି ପରିବା ହାଟ ଉପରେ ନିର୍ଭର କରିଥାନ୍ତି । ସାମାଜିକ ସଂକ୍ରମଣ ଆଶଙ୍କାରେ ଏପରି ପଦକ୍ଷେପ ନିଆଯାଇଥିବା କହିଛନ୍ତି କନିଷ୍ଠ ତହସିଲଦାର ରାଜକିଶୋର ଜେନା । ଏହା ସହ ସମସ୍ତ ପରିବା ବ୍ୟବସାୟୀ ୩୦ ମିଟର ଦୂରତାରେ ବସି ବ୍ୟବସାୟ କରିବେ ବୋଲି କୁହାଯାଇଛି। ତାସହ ବ୍ୟବସାୟ ସମୟରେ ଗ୍ରାହକମାନେ ଗୋଲେଇ ମାର୍କରେ ଛିଡା ହୋଇ କିଣି ପାରିବେ ବୋଲି ସେ ନିର୍ଦ୍ଦେଶ ଦେଇଛନ୍ତି ।

### ୭ ଅସ୍ଥାୟୀ ମେଡିକାଲ ପାଇଁ ପ୍ରସ୍ତୁତି ଶେଷ

**ଫୁଲବାଣୀ ଅଫିସ, ୩୦।୩**

କରୋନା ମୁକାବିଲା ପାଇଁ କନ୍ଧମାଳ ଜିଲାରେ ୭ ଅସ୍ଥାୟୀ ମେଡ଼ିକାଲ କରାଯିବାକୁ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି । ୭ ସ୍ଥାନରେ ଏହି କାର୍ଯ୍ୟ ଜୋରଦାର ଚାଲିଛି। ଏହାର ସ୍ଥିତିଜିଲାପାଳ ଡା ବୃନ୍ଦା ଡ଼ି. ଯାଇ ପରଖିଛନ୍ତି। ବଡ଼ଗାଁସ୍ଥିତ ଉଚ୍ଚ ବିଦ୍ୟାଳୟରେ ହେବାକୁ ଥିବା ଏହି ମେଡ଼ିକାଲକୁ ଜିଲାପାଳ ତଦାରଖ କରିବା ସହ ଶୀଘ୍ର କାର୍ଯ୍ୟ ସାରିବାକୁ ବିଭାଗୀୟ ଅଧିକାରୀଙ୍କୁ ତାଗିଦ୍ କରିଛନ୍ତି। ଫୁଲବାଣୀ ଅନ୍ୱେଷା ହଷ୍ଟେଲ, ଦାରିଙ୍ଗିବାଡ଼ିର ଦୁଇଟି ସ୍କୁଲ, ଜି.ଉଦୟଗିରିର ହବାକ ହାଇସ୍କୁଲ, କୋଟଗଡ଼ ଉଚ୍ଚ ବିଦ୍ୟାଳୟ, ରାଇକିଆ ଉଚ୍ଚ ବିଦ୍ୟାଳୟ, ବାଲିଗୁଡ଼ା ବଡ଼ଗାଁ ଉଚ୍ଚ ବିଦ୍ୟାଳୟରେ ଏହି ଅସ୍ଥାୟୀ ମେଡ଼ିକାଲ ଖୋଲାଯିବ। ଫୁଲବାଣୀ ଅନ୍ୱେଷା ହଷ୍ଟେଲରେ ସମସ୍ତ ଅତ୍ୟାଧୁନିକ ମେଡ଼ିକାଲ ସରଞ୍ଜାମ ରହିବ ବୋଲି ସୂଚନା ମିଳିଛି। ୫ରୁ ୧୦ ଦିନ ମଧ୍ୟରେ ଏସବୁ ହଷ୍ଟେଲ ଓ ସ୍କୁଲକୁ ମେଡ଼କିକାଲରେ ପରିଣତ କରାଯିବ।

### ଜୁଆ ଆଡ୍ଡାରେ ଚଢ଼ାଉ, ୧୩ ଗିରଫ

**ପାଟପୁର,୩୦।୩**

କରୋନାକୁ ଦୃଷ୍ଟିରେ ରଖି ଏହାର ମୁକାବିଲା ଲାଗି ସରକାରଙ୍କ ପକ୍ଷରୁ ସମଗ୍ର ଦେଶରେ ଲକ୍‌ଡାଉନ୍ ଘୋଷଣା କରାଯାଇଛି। ଏହି ନିୟମ ଉଲ୍ଲଂଘନ କରି ଗଞ୍ଜାମ ଜିଲା ପାଟପୁର ଥାନା ଗମ୍ଭାରୀଗୁଡା ଓ ଏରେଣ୍ଡ୍ର ଘୋଡ଼ାହାଡ଼ ବ୍ରିଜ ନିକଟରେ ଜୁଆ ଖେଳ ଚାଲିଥିବା ଖବର ପାଇ ପାଟପୁର ପୋଲିସ ସୋମବାର ଚଢ଼ାଉ କରି ଗମ୍ଭାରୀଗୁଡାରୁ ୭ ଜଣ ଯୁବକ ଓ ଏରେଣ୍ଡ୍ର ଗ୍ରାମର ୬ ଜଣଙ୍କୁ ଗିରଫ କରିଛି। ଗମ୍ଭାରୀଗୁଡାରେ ଚଢ଼ାଉ କରି ୩୨୦୦ ଟଙ୍କା ସହ ଦୁଇ ମୁଠା ତାସ ଓ ଏରେଣ୍ଡ୍ର ଅଞ୍ଚଳରେ ଚଢ଼ାଉ କରି ୩୮୦୦ ଟଙ୍କା ଜବତ କରି ଦୁଇଟି ମାମଲା ରୁଜୁ କରିଛି।

# ଗଞ୍ଜାମ ଜିଲା ପ୍ରଶାସନ କାର୍ଯ୍ୟକୁ ଧର୍ମେନ୍ଦ୍ରଙ୍କ ପ୍ରଶଂସା

**ଛତ୍ରପୁର,୩୦।୩(ଡି.ଏନ.ଏ)**

## କରୋନା ମୁକାବିଲା ନେଇ ଟୁଇଟ

କରୋନା ଭୂତାଣୁ ସଂକ୍ରମଣ ରୋକିବାକୁ ଗଞ୍ଜାମ ଜିଲା ପ୍ରଶାସନ ଅଭିନବ ପଦକ୍ଷେପ ନେଇଛି। ଜିଲାର ସମସ୍ତ ୫୦୩ ପଞ୍ଚାୟତରେ ହିତାଧିକାରୀଙ୍କ ଘରକୁ ଘର ବୁଲି ସାମାଜିକ ଦୂରତା ଅବଲମ୍ବନ କରାଯାଇ ବିଭିନ୍ନ ଭତ୍ତା ବଣ୍ଟନ କରାଯାଉଛି। ଜିଲା ପ୍ରଶାସନର ଏପରି କାର୍ଯ୍ୟକୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସୋମବାର ଟୁଇଟ୍ ମାଧ୍ୟମରେ ପ୍ରଶଂସା କରିଛନ୍ତି। ଏଥିସହ ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କ ପକ୍ଷରୁ ଟୁଇଟ୍ କରାଯାଇଥିବା ଫଟୋ ସହ ଏକ ପୋଷ୍ଟକୁ ମଧ୍ୟ କେନ୍ଦ୍ରମନ୍ତ୍ରୀ ସେୟାର କରିଛନ୍ତି। କେନ୍ଦ୍ରମନ୍ତ୍ରୀ ଉକ୍ତ ଟୁଇଟ୍‌କୁ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ, ଆଇଏଏସ୍ ଆସୋସିଏଶନ, ସିଏମ୍‌ଓ ଓଡିଶା ଓ ଗଞ୍ଜାମ ପ୍ରଶାସନର ଟୁଇଟର ଆକାଉଣ୍ଟରେ ଟ୍ୟାଗ୍ କରିଛନ୍ତି।

# ମାଓବାଦୀଙ୍କ ସହ ନ ମିଶିବାକୁ ପୋଷ୍ଟର

**ବାଲିଗୁଡା,୩୦।୩(ଡି.ଏନ.ଏ.)**

ମାଓବାଦୀମାନେ ବିଭିନ୍ନ ରାଜ୍ୟରୁ ଆସୁଥିବାରୁ ସେମାନେ କରୋନା ସଂକ୍ରମିତ ହେବାର ସମ୍ଭାବନା ରହୁଛି । ତେଣୁ ସେମାନଙ୍କଠାରୁ ସାମାଜକ ଦୂରତ୍ୱ ରକ୍ଷା କରିବାକୁ ସଚେତନ ନାଗରିକ ମଞ୍ଚ ଆହ୍ୱାନ ଦେଇଛି। ଜନସାଧାରଣ ମାଓବାଦୀଙ୍କଙ୍କ ସହିତ ମିଳାମିଶା ନ କରିବା, ମାଓବାଦୀଙ୍କ ବୈଠକରେ ଯୋଗ ନ ଦେବା ଓ ସେମାନଙ୍କୁ ଗାଁରେ ପୁରାଇ ନ ଦେବାକୁ ମଞ୍ଚ ପକ୍ଷରୁ ପୋଷ୍ଟରରେ ଉଲ୍ଲେଖ କରାଯାଇ ବାଲିଗୁଡା, କ.ନୂଆଗାଁ ବ୍ଲକର ବିଭିନ୍ନ ଅଞ୍ଚଳରେ ମରାଯାଇଛି। ବାଲିଗୁଡା ବ୍ଲକର ପରମପଙ୍ଗା, ବାଟାଗୁଡା, ସୁଡୁରା, ବାରଖମା ଓ କ.ନୂଆଗାଁ ଅଞ୍ଚଳର ବିଭିନ୍ନ ଛକ, ରାସ୍ତା, ଗଛରେ ଏହି ପୋଷ୍ଟର ଲାଗିଛି।




ଅଙ୍ଗନୱାଡି ପାଚେରୀରେ ଲାଗିଥିବା ପୋଷ୍ଟର ।

# ଚର୍ଚ୍ଚରେ ପ୍ରାର୍ଥନା ପାଇଁ ଭିଡ଼: ୨ ଗିରଫ

**ଦାରିଙ୍ଗବାଡ଼ି/ ବ୍ରାହ୍ମଣୀଗାଁ, ୩୦।୩(ଡି.ଏନ.ଏ)**

କରୋନାକୁ ନେଇ ଲକ୍‌ଡାଉନ୍ ଜାରି ରହିଥିବା ବେଳେ ଦାରିଙ୍ଗବାଡ଼ି ବ୍ଲକ ବ୍ରାହ୍ମଣୀଗାଁ ଥାନା ତାଜୁଙ୍ଗିଆ ପଞ୍ଚାୟତର ଏକ ଚର୍ଚ୍ଚରେ ସାମୂହିକ ପ୍ରାର୍ଥନା କରିବା ଅଭିଯୋଗରେ ସୋମବାର ୨ ଜଣ ଗିରଫ ହୋଇଛନ୍ତି। ସେମାନେ ହେଲେ ବାପ୍‌ଟିଷ୍ଟ ଚର୍ଚ୍ଚର ସମ୍ପାଦକ ଅଜୟ କୁମାର ମଲ୍ଲିକ ଏବଂ ପାଳକ ଦିଲୀପ କୁମାର ମଲ୍ଲିକ। ରବିବାର ତାଜୁଙ୍ଗିଆ ଚର୍ଚ୍ଚରେ ପ୍ରାର୍ଥନା ପାଇଁ ଲୋକଙ୍କ ଭିଡ଼ ଜମିଥିବା ପୋଲିସକୁ ସୂଚନା ମିଳିଥିଲା। ଡିଏସ୍‌ପି କୃଷ୍ଣପ୍ରସାଦ ପଟ୍ଟନାୟକ, ବ୍ରାହ୍ମଣୀଗାଁ ଥାନାଧିକାରୀ ରଞ୍ଜିତ କୁମାର ମୁନୀ, ସଂଗ୍ରାମ କେଶରୀ ଜେନା ପ୍ରମୁଖ ସେଠାରେ ପହଞ୍ଚିଥିଲେ। ପୋଲିସକୁ ଦେଖି ଶତାଧିକ ଲୋକ ଜଙ୍ଗଲ ଆଡ଼କୁ ଦୌଡ଼ି ପଳାଇଥିଲେ ମଧ୍ୟ ପାଳକ ଏବଂ ସମ୍ପାଦକଙ୍କୁ କାବୁ କରାଯାଇଥିଲା । ଉଭୟଙ୍କୁ ଥାନାକୁ ଆଣି ପଚରାଉଚରା କରିବା ପରେ ସୋମବାର ଗିରଫ କରାଯାଇଥିବା ଖବରଦାତା ସମ୍ମିଳନୀରେ ଡିଏସ୍‌ପି ପଟ୍ଟନାୟକ ସୂଚନା ଦେଇଛନ୍ତି। ଏ ନେଇ ନଂ.୨୨/୨୦ରେ ଏକ ମାମଲା ରୁଜୁ କରାଯାଇଛି।

# ଲକ୍‌ଡାଉନ୍ ମାନିଲେନି, ଶତାଧିକ ବାଇକ୍ ଜବତ



ଥାନା ପରିସରରେ ଥିବା ବାଇକ୍ ।

**ଭଞ୍ଜନଗର,୩୦।୩(ଡି.ଏନ.ଏ.)**

ଲକ୍‌ଡାଉନ୍ କଡ଼ାକଡ଼ି ହୋଇଥିବା ସତ୍ତ୍ୱେ ସୋମବାର ଭଞ୍ଜନଗର ଅଞ୍ଚଳରେ ବହୁ ଲୋକ ବାଇକ୍ ଧରି ରାସ୍ତାକୁ ବାହାରିଥିବା ଦେଖାଯାଇଥିଲା। ସେମାନଙ୍କ ମଧ୍ୟରୁ ଅଧିକାଂଶ ପରିବା ଓ ଫଳ କିଣିବାକୁ ଆସିଥିଲେ। ଶତାଧିକ ବାଇକ୍‌କୁ ପୋଲିସ ଅଟକ ରଖି ଥାନାକୁ ଆଣିଛି। କରୋନା ସଂକ୍ରମଣ ରୋକିବା ଲାଗି ପୂର୍ବରୁ ଜିଲା ପ୍ରଶାସନ ବାଇକ୍ ଚଳାଚଳ ଉପରେ ସମ୍ପୂର୍ଣ୍ଣ ପ୍ରତିବନ୍ଧକ ଲଗାଇଛି।

# ହରିଡ଼ାଖଣ୍ଡିରେ ବାର୍‌ହା ଆତଙ୍କ

## ୫ ଘଣ୍ଟାର ଅପରେଶନ ପରେ ପଡ଼ିଲା ଧରା,୯ ଆହତ

**ବ୍ରହ୍ମପୁର ଅଫିସ,୩୦।୩**



ବନ କର୍ମଚାରୀମାନେ ବାର୍‌ହା କାବୁ କରିବାକୁ ପ୍ରୟାସ କରୁଛନ୍ତି ।

କରୋନା ଭୂତାଣୁ ସାରା ବିଶ୍ୱବାସୀଙ୍କୁ ଆତଙ୍କିତ କରିଥିବା ବେଳେ ସୋମବାର ବ୍ରହ୍ମପୁର ହରିଡାଖଣ୍ଡିରେ ଏକ ବାର୍‌ହା ଉପଦ୍ରବ କରିଥିଲା । ବ୍ରହ୍ମପୁର ହରିଡାଖଣ୍ଡି ଗୌଡ଼ସାହି ଲକ୍ଷ୍ମୀନୃସିଂହ ମଠ ତପୋବନରେ ଦୁଇଦିନ ଧରି ଏକ ବାର୍‌ହା ରହିଥିଲା । ସୋମବାର ପୂର୍ବାହ୍ନରେ ଖବର ପାଇ ବ୍ରହ୍ମପୁର ବନ କର୍ମଚାରୀମାନେ ପହଞ୍ଚି ବାର୍‌ହାକୁ କାବୁ କରିବାକୁ ଉଦ୍ୟମ କରିଥିଲେ। ଦୀର୍ଘ ୫ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟର ଅପରେଶନ ପରେ ବନ କର୍ମଚାରୀମାନେ ବାର୍‌ହାକୁ କାବୁ କରିଥିଲେ । ଅପରେଶନ ବେଳେ ୭ ଅଞ୍ଚଳବାସୀଙ୍କ ସମେତ ଦୁଇଜଣ ବନ କର୍ମଚାରୀ ସାମାନ୍ୟ ଆହତ ହୋଇଥିବା ଜଣାପଡିଛି। ଅଞ୍ଚଳବାସୀଙ୍କ ସୂଚନା ପ୍ରକାରେ, ରବିବାର ବ୍ରହ୍ମପୁର ହରିଡାଖଣ୍ଡି ଗୌଡସାହିସ୍ଥିତ ଲକ୍ଷ୍ମୀନୃସିଂହ ମଠ ତପୋବନରେ ଏକ ବାରହା ବୁଲୁଥିବା ଦେଖିବାକୁ ମିଳିଥିଲା। ଏହାପରେ ସ୍ଥାନୀୟ ଅଞ୍ଚଳରେ ଭୟ ସୃଷ୍ଟି ହୋଇଥିଲା। ସୋମବାର ପୂର୍ବାହ୍ନରେ ଖବରପାଇ ବନ କର୍ମଚାରୀ ହରିଡାଖଣ୍ଡି ଅଞ୍ଚଳରେ ପହଞ୍ଚିଥିଲେ। ବାର୍‌ହାକୁ କାବୁ କରିବାକୁ ବନ ବିଭାଗ ପକ୍ଷରୁ ଅପରେଶନ ଆରମ୍ଭ ହୋଇଥିଲା । ବନ ବିଭାଗ ବ୍ରହ୍ମପୁର ରେଞ୍ଜ ଅଫିସ ଓ ମୋବାଇଲ ୟୁନିଟ୍‌ର ୧୨ କର୍ମଚାରୀ ଏଥିରେ ସାମିଲ ହୋଇଥିଲେ। ପୂର୍ବାହ୍ନ ୧୦ଟାରୁ ଅପରେଶନ ଆରମ୍ଭ ହୋଇଥିଲା। ୫ ଘଣ୍ଟା ପରେ କାବୁ କରିଥିଲେ । ଏଥିରେ ୭ ଅଞ୍ଚଳବାସୀଙ୍କ ସମେତ ୨ ବନ କର୍ମଚାରୀ ସାମାନ୍ୟ ଆହତ ହୋଇଥିଲେ। ବାର୍‌ହାକୁ ବର୍ତ୍ତମାନ ବ୍ରହ୍ମପୁର ରେଞ୍ଜ ଅଫିସରେ ରଖାଯାଇଛି। ଡାକ୍ତରୀ ଚିକିତ୍ସା ପରେ ତାକୁ ସୁରକ୍ଷିତ ସ୍ଥାନରେ ଛଡାଯିବ ବୋଲି ଡିଏଫ୍‌ଓ ଅମ୍ଲାନ କୁମାର ନାୟକ ସୂଚନା ଦେଇଛନ୍ତି।

# ଖରାଦିନେ ତ୍ୱଚାର ଘରୋଇ ଉପଚାର



ସାଧାରଣତଃ ଖରାଦିନେ ତ୍ୱଚାର ବିଭିନ୍ନ ସମସ୍ୟା ଦେଖା ଦେଇଥାଏ। ଏହି ସମୟରେ ଘରେ ମିଳୁଥିବା ବିଭିନ୍ନ ପ୍ରକାର ସାମଗ୍ରୀ ବ୍ୟବହାର କରି ଆପଣଙ୍କ ତ୍ୱଚାର ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରିପାରିବେ...



**କାକୁଡ଼ି**

-କାକୁଡ଼ିକୁ କଦୁକସ୍ କରି ତାର ରସରେ ଅଳ୍ପ ଲେମ୍ବୁରସ ଓ ଗ୍ରୀନ୍ ଟି କିମ୍ବା ପୁଦିନା ରସ ମିଶାନ୍ତୁ। ଏହାକୁ ଭଲଭାବେ ମିଶାଇ ଫ୍ରିଜ୍‌ରେ ରଖି ଦିଅନ୍ତୁ। ଏହାକୁ ଟୋନର ଭଳି ବ୍ୟବହାର କରନ୍ତୁ। ଖୁବ୍ କମ୍ ଦିନରେ ଆପଣଙ୍କ ତ୍ୱଚା ଗ୍ଲୋ କରିବ।

-କାକୁଡ଼ି ରସରେ ଏକ ଚାମଚ ଓଟ୍ସ ଗୁଣ୍ଡ ଏବଂ ଏକ ଚାମଚ ମହୁ ମିଶାଇ ଫେସପ୍ୟାକ୍ ପ୍ରସ୍ତୁତ କରନ୍ତୁ। ଏହାକୁ ମୁହଁରେ ଲଗାଇ ଦୁଇ ତିନି ମିନିଟ ପର୍ଯ୍ୟନ୍ତ ମସାଜ କରନ୍ତୁ। ଶୁଖିଯିବା ପରେ ମୁହଁକୁ ଥଣ୍ଡା ପାଣିରେ ଧୋଇ ଦିଅନ୍ତୁ।

**ଲେମ୍ବୁ**

- ଲେମ୍ବୁ ରସରେ ଅଳ୍ପ ପାଣି ମିଶାଇ ୧୫ ମିନିଟ ପର୍ଯ୍ୟନ୍ତ ମାଲିସ୍ କରନ୍ତୁ। ସପ୍ତାହକୁ ଦୁଇ ଥର ଏପରି କଲେ ତ୍ୱଚାର ଚମକ ବୃଦ୍ଧି ପାଇଥାଏ।

- ଅଣ୍ଡାର ଧଳା ଅଂଶରେ ଲେମ୍ବୁ ରସ ମିଶାଇ ମୁହଁରେ ଲଗାନ୍ତୁ। ଶୁଖିଯିବା ପରେ ଥଣ୍ଡା ପାଣିରେ ଧୋଇ ଦିଅନ୍ତୁ। ତ୍ୱଚା ଅଧିକ ଗ୍ଲୋ କରିବ।

**ଅମୃତଭଣ୍ଡା**

- ପାଚିଲା ଅମୃତଭଣ୍ଡା ସହିତ ମହୁ ଓ ଚିନି ମିଶାଇ ଗ୍ରାଇଣ୍ଡିଂ କରି ମୁହଁରେ ଲଗାନ୍ତୁ। ଏହାପରେ ଗୋଲାକାରରେ ସ୍କ୍ରବ କରନ୍ତୁ। ପ୍ରାୟ ୨୦ ମିନିଟ ପରେ ମୁହଁ ଶୁଖିଯିବା ପରେ ଧୋଇ ଦିଅନ୍ତୁ।

- ପାଚିଲା ଅମୃତଭଣ୍ଡାକୁ ଚକଟି ସେଥିରେ ଦହି ମିଶାଇ କେଶ ମୂଳରେ ଲଗାନ୍ତୁ। ଏପରି କରିବା ଫଳରେ ରୁପି ସମସ୍ୟା ଏବଂ ଚନ୍ଦାପଣ ଦୂର ହୋଇଥାଏ।




## ଲକ୍‌ଡାଉନ୍
# କିପରି ଚାଲିଛି ପରିବାର





କରୋନା କଟକଣା ବଢ଼ାଇଛି ଝଞ୍ଜାଳ। ଘରେ ଏବେ ପରିବାରର ସବୁ ସଦସ୍ୟ। ଏ ସମୟରେ ବଢ଼ିଛି ଗୃହିଣୀଙ୍କ କାମ। ନିତିଦିନିଆ କାମ ସାଙ୍ଗକୁ ପିଲା ଓ ଅନ୍ୟ ସମସ୍ତଙ୍କର ଖବର ବି ବୁଝିବାକୁ ପଡୁଛି। ଏ ସମ୍ପର୍କରେ କେତେଜଣ ଗୃହିଣୀ ଯାହା କୁହନ୍ତି ...





ବର୍ତ୍ତମାନ ସମଗ୍ର ବିଶ୍ୱରେ କରୋନା ଭାଇରସ୍ ନିଜର କାୟା ବିସ୍ତାର କରିଛି। ଏହା କବଳରେ ଏବେ ଲକ୍ଷାଧିକ ଲୋକ। ଅପରପକ୍ଷରେ ସହସ୍ରାଧିକ ଲୋକଙ୍କର ଜୀବନ ନେଇ ସାରିଛି ଏହି ଭାଇରସ। ତେବେ ଏଥିରୁ ରକ୍ଷା ପାଇବା ପାଇଁ ଭାରତରେ ଲକ୍ ଡାଉନ ଘୋଷଣା ହୋଇଛି ଏବଂ ସମସ୍ତଙ୍କୁ ଘରେ ରହିବାକୁ ପରାମର୍ଶ ଦିଆଯାଇଛି। ତେଣୁ ଘରେ ଏବେ ପରିବାରର ସବୁ ସଦସ୍ୟ। ଏ ସମୟରେ ବଢ଼ିଛି ଗୃହିଣୀଙ୍କ କାମ। ନିତିଦିନିଆ କାମ ସାଙ୍ଗକୁ ପିଲା ଓ ଅନ୍ୟ ସମସ୍ତଙ୍କର ଖବର ବି ବୁଝିବାକୁ ପଡୁଛି। ଏବେ କରୋନା ପାଇଁ ସ୍ୱଚ୍ଛତା ପ୍ରତି ଗୃହିଣୀମାନଙ୍କୁ ଟିକିଏ ବେଶି ସଚେତନ ହେବାକୁ ପଡୁଛି।

ସାଧାରଣତଃ ପିଲା ତଥା ପରିବାରର ଅନ୍ୟ ସମସ୍ତ ସଦସ୍ୟଙ୍କର ଦାୟିତ୍ୱ ନେଇଥାନ୍ତି ଗୃହିଣୀ। କିଏ କ'ଣ ଖାଇବ, କ'ଣ ପିନ୍ଧିବ ଏମିତିକି ଘରର ସଫାସୁତୁରା କାମ ତଥା ସମସ୍ତଙ୍କ ସ୍ୱାସ୍ଥ୍ୟ ପ୍ରତି ବି ସେମାନେ ସଚେତନ ଥାଆନ୍ତି। ଏବେ କରୋନା ଯେଉଁଭଳି ସମସ୍ତଙ୍କ ଚିନ୍ତା ବଢ଼ାଇଛି ସେ ସମୟରେ ଗୃହିଣୀମାନଙ୍କ କାମ ବି ବଢ଼ିଯାଇଛି। ତେବେ କରୋନା କଟକଣା ପାଇଁ ଗୃହିଣୀମାନେ କିଏ କେମିତି ସମୟ କାଟୁଛନ୍ତି ସେନେଇ ସମସ୍ତେ ଭିନ୍ନ ଅନୁଭୂତି ପ୍ରଦାନ କରିଛନ୍ତି।

### କାମ ବଢ଼ିଯାଇଛି

(ସ୍ମୃତି ପରିଜା, ବମିଖାଲ, ଭୁବନେଶ୍ୱର)



କରୋନା ପାଇଁ ଘରେ ଏବେ କାମ ବହୁତ ବଢ଼ିଯାଇଛି। ତା' ଛଡ଼ା ଘର କାମ କରିବାକୁ ଆସୁଥିବା ଲୋକଙ୍କୁ ବି କରୋନା ପାଇଁ ବନ୍ଦ କରିଦିଆଯାଇଛି। ତେଣୁ ଘରେ ରୋଷେଇବାସ କାମ ସହ ଅନ୍ୟ ସବୁଦିଗକୁ ଦୃଷ୍ଟି ଦେବାକୁ ପଡୁଛି। ପିଲାମାନଙ୍କର ସବୁ ଲୁଗାପଟା ପ୍ରତିଦିନ ଡେଟଲରେ ସଫା ହେଉଛି ଆଉ ସେମାନେ ଡେଟଲ ପାଣିରେ ଗାଧୋଉଛନ୍ତି। କିଛି ବି କାମ କଲେ ସାଙ୍ଗେ ସାଙ୍ଗେ ହ୍ୟାଣ୍ଡୱାଶରେ ହାତ ଧୋଉଛନ୍ତି। ଘରକୁ ସବୁଦିନ ପୋଛାପୋଛି କରି ସଫା ରଖୁଛି। ତେବେ ସମସ୍ତେ ସବୁବେଳେ ଘରେ ରହୁଥିବାରୁ ଘର କାମ ଏବେ ବହୁତ ବଢ଼ିଯାଇଛି। ପିଲାମାନେ ବି ଗଣମାଧ୍ୟମରୁ ଖବର ଦେଖି ନିଜେ ନିଜେ ଅନେକାଂଶରେ ସଚେତନ ରହୁଛନ୍ତି ଓ ଘରୁ ବାହାରକୁ ଯାଉନାହାନ୍ତି। ସେଥିପାଇଁ ମୋତେ ବେଶି ପରିଶ୍ରମ କରିବାକୁ ପଡୁନାହିଁ।

### ଛୋଟ ପିଲାଙ୍କର ଅଧିକ ଯତ୍ନ ନିଅନ୍ତୁ

ଡା. ମୋନାଲିସା ନାୟକ
(ଶ୍ରୀ ହସ୍‌ପିଟାଲ୍, ଭୁବନେଶ୍ୱର)



କରୋନାକୁ ନେଇ ଲୋକେ ମୁଖ୍ୟତଃ ପରିଷ୍କାର ପରିଚ୍ଛନ୍ନତା ଉପରେ ଅଧିକ ଦୃଷ୍ଟି ଦେବା ଆବଶ୍ୟକ। ତା' ସହ ସମସ୍ତେ ଘରେ ରହିବା ଆବଶ୍ୟକ। ଏହା ସହିତ ସୋସିଆଲ୍ ଡିଷ୍ଟାନ୍ସ (ସାମାଜିକ ଦୂରତ୍ୱ) ନିହାତି ମାନିବା ଦରକାର। ଏବେ ଘରୁ କୌଣସି କାମରେ ବାହାରକୁ ଯିବାକୁ ଥିଲେ ମାସ୍କ ଓ ଗ୍ଲୋବ୍ସ ପିନ୍ଧି ଯାଆନ୍ତୁ। ଆଉ ଘରକୁ ଫେରିବା ମାତ୍ରେ ପ୍ରଥମେ ଭଲଭାବେ ହାତ ଧୁଅନ୍ତୁ। ଏହା ପରେ ପୋଷାକ ବଦଳାଇ ହାତ ଗୋଡ଼ ଧୋଇ ଭିତରକୁ ଯାଆନ୍ତୁ। ନେଇ ଯଥେଷ୍ଟ ପଦକ୍ଷେପ ଗୃହିଣୀମାନେ ଏ ସମୟରେ ନିଜ ପିଲାମାନଙ୍କର ଅଧିକ ଯତ୍ନ ନିଅନ୍ତୁ। ସଫାସୁତୁରା ପ୍ରତି ଧ୍ୟାନ ଦିଅନ୍ତୁ।

### ବେଶି ସତର୍କ ହୋଇଛି

(ଅର୍ଚ୍ଚନା ସ୍ୱାଇଁ, ନହରକଣ୍ଟା)



କରୋନା ପାଇଁ ଏବେ ମୁଁ ବହୁତ ସତର୍କ ହୋଇଛି। ସାଧାରଣଭାବେ ଆମ ଘରର କେହି ବାହାରକୁ ଯାଉନାହାନ୍ତି। କେହି ବାହାରକୁ କିଛି ଆଣିବା ପାଇଁ ଗଲେ ଘରକୁ ଫେରି ଭଲଭାବେ ସାନିଟାଇଜ୍ କରି ଘର ଭିତରକୁ ଆସୁଛନ୍ତି। ଘରକୁ ସବୁବେଳେ ଫିନାଇଲ୍ ପକାଇ ପୋଛୁଛି। ଲୁଗାପଟାକୁ ଧୋଇ ଖରାରେ ଶୁଖାଉଛି। ବିଶେଷକରି ପରିଷ୍କାର ପରିଚ୍ଛନ୍ନତା ରଖିବା ପାଇଁ ଚେଷ୍ଟା କରୁଛି।

### ମନପସନ୍ଦର ଖାଦ୍ୟ ପ୍ରସ୍ତୁତ କରି ଖାଇବାରେ ସମୟ କଟୁଛି

(ମମତା ଜେନା, ବଡଗଡ଼, ଭୁବନେଶ୍ୱର)



ଆମର ଘରେ ଆଗରୁ ବି ସବୁବେଳେ ବେଶି ସଫାସୁତୁରା ହେଉଥିଲା। ଆମର ବଡ଼ ପରିବାର। ତେଣୁ ସମସ୍ତଙ୍କୁ ନିଜ ନିଜ ପସନ୍ଦର ଖାଇବା ତିଆରି କରି ଦେଉଛି। ଘରେ ଆମର ତିନିଜଣ ପିଲାଙ୍କୁ ହାତ ଧୋଇ ପରିଷ୍କାର ରହିବା ପାଇଁ କହିଛି। କାମ କରିବାକୁ କଷ୍ଟ ହେଉ ପଛେ କିନ୍ତୁ ଲୋକମାନଙ୍କ ଜୀବନ ରକ୍ଷା ହେଉ ଓ ଏ ପରିସ୍ଥିତି ଶୀଘ୍ର ବଦଳି ଯାଉ।

### ବେଶି ଅସୁବିଧା ହେଉନି

(ରାଜଶ୍ରୀ ରାଉତ, ମଞ୍ଚେଶ୍ୱର)



ଘରକୁ ଫିନାଇଲ୍‌ରେ ଦୁଇଥର ଧୋଉଛି। ତା' ଛଡ଼ା ଘରେ ସମସ୍ତେ ଥିବାରୁ ସ୍ୱଚ୍ଛତା ପ୍ରତି ବିଶେଷ ଦୃଷ୍ଟି ଦେବାକୁ ପଡୁଛି। ଅବଶ୍ୟ ଆମର ଓଡ଼ିଆ ଘର ଚଳଣି ହୋଇଥିବାରୁ ଏହା ଅସୁବିଧା ସୃଷ୍ଟି କରୁନି। କାରଣ ଆମର ଚଳଣି ଓ ସଂସ୍କାର ଅନୁସାରେ ପ୍ରତିଦିନ ଠାକୁର ଘର ଓ ରୋଷେଇ ଘର ଧୁଆ ପୋଛା ହୋଇଥାଏ। ତେଣୁ ସ୍ୱଚ୍ଛତା ଆମ ଚଳଣିର ଏକ ଅଂଶ ଥିଲା। ଅବଶ୍ୟ ଏବେ ଆଉଟିକେ ଅଧିକ ସଚେତନ ହେବାକୁ ପଡୁଛି।

### କଟକଣା ଅଲଗା ଲାଗୁନି

(ସୁସ୍ମିତା ସାହୁ, ରାହାମା, ଜଗତ୍‌ସିଂହପୁର)



ଆମର ତଳ ଘରେ କ୍ଲିନିକ୍ ହୋଇ ଥିବାରୁ ସବୁବେଳେ ସାନିଟାଇଜ୍ ଉପରେ ବେଶି ଗୁରୁତ୍ୱ ଦିଆଯାଏ। ସବୁଦିନ ଘର ଫିନାଇଲରେ ପୋଛାହୁଏ। ତା' ଛଡ଼ା ଘରର ପରିଷ୍କାର ପରିଚ୍ଛନ୍ନତା ପ୍ରତି ଅଧିକ ଦୃଷ୍ଟି ଦିଆଯାଏ। ସେଥିପାଇଁ ଏବେ କରୋନା ହୋଇଥିଲେ ବି ଆମ ଘରେ ଅଲଗା କିଛି କାମ ହେଉନି। ଖାଲି ପୁଅ ଘରେ ସବୁବେଳେ ରହୁଥିବାରୁ ଅଧିକ ସମୟ ଲାପଟପ୍ ଧରି ବସୁଛି। କାରଣ ତା'ର ଅନ୍‌ଲାଇନରେ ପାଠପଢ଼ା ହେଉଛି। ଏହା ବ୍ୟତୀତ ସବୁ ଦିନ ଭଳି ରୋଷେଇ ବି ହେଉଛି। ତେଣୁ କରୋନା କଟକଣା ସେମିତି କିଛି ଅଲଗା ଲାଗୁନାହିଁ।

**-ସସ୍ମିତା ନାୟକ**

# ଫ୍ୟାଶନ ଟ୍ରେଣ୍ଡରେ ଡିଜାଇନ ପ୍ୟାଣ୍ଟ

ସାଧାରଣତଃ ଝିଅମାନେ ସେମାନଙ୍କର ଲୁକ୍ ପ୍ରତି ଅଧିକ ସଚେତନ ରହିଥାନ୍ତି। ତେଣୁ ସମୟ ସହିତ ତାଳ ଦେଇ ବିଭିନ୍ନ ପ୍ରକାର ଷ୍ଟାଇଲକୁ ଆପଣାଇଥାନ୍ତି। ଫ୍ୟାଶନ ଅନୁସାରେ ନିଜ ଷ୍ଟାଇଲକୁ ଅପଡେଟ୍ ରଖିବା ପାଇଁ ଜାଣି ରଖନ୍ତୁ କିଛି ଫ୍ୟାଶନ ଟିପ୍ସ...



**ସିଗାରେଟ୍ ପ୍ୟାଣ୍ଟ:** ଆପଣ ଯଦି ଲଗାତର ଚୁଡ଼ିଦାର ଲେଗିଙ୍ଗ୍ସ ପିନ୍ଧି ବୋର ହୋଇଗଲେଣି ତାହେଲେ ସିଗାରେଟ୍ ପ୍ୟାଣ୍ଟ ପିନ୍ଧନ୍ତୁ। ଏହାକୁ ଆପଣ ଲଙ୍ଗ୍ ସାର୍ଟ କିମ୍ବା କୁର୍ତ୍ତା ସହିତ ପିନ୍ଧିପାରିବେ। ଯଦି ଚାକିରି ନିମନ୍ତେ ଇଣ୍ଟରଭ୍ୟୁ ଦେବାକୁ ଯାଉଥାନ୍ତି ତାହେଲେ ଫର୍ମାଲ ଲୁକ୍ ନିମନ୍ତେ ନି-ଲେନ୍‌ଥ କୁର୍ତ୍ତା ସହିତ ଏହି ପ୍ୟାଣ୍ଟ ପିନ୍ଧନ୍ତୁ।



**ଧୋତି ପ୍ୟାଣ୍ଟ:** ସାଲୱାର ପଟିଆଲା ପ୍ୟାଣ୍ଟ ବଦଳରେ ଏହି ଧୋତି ପ୍ୟାଣ୍ଟକୁ କୁର୍ତ୍ତା ସହିତ ପିନ୍ଧନ୍ତୁ। ଏହା ଆପଣଙ୍କୁ ଏକ ଭିନ୍ନ ତଥା ପରଫେକ୍ଟ ଲୁକ୍ ଦେଇପାରିବ। ନିଜ ଲୁକକୁ ଅଧିକ ଷ୍ଟାଇଲିସ୍ କରିବା ନିମନ୍ତେ ଧୋତି ପ୍ୟାଣ୍ଟ ସହିତ ନେକଲେସ୍ ଓ ଅନ୍ୟ ଗହଣା ବି ସାମିଲ୍ କରିପାରିବେ।

**ୱାଇଡ୍ ଲେଗ୍‌ଡ ପ୍ୟାଣ୍ଟ:** ଫ୍ୟାଶନ୍ ଇଣ୍ଡଷ୍ଟ୍ରୀରେ ଏହି ପ୍ରକାରର ପ୍ୟାଣ୍ଟର ବହୁତ ଡିମାଣ୍ଡ ରହିଛି। ଖରାଦିନେ ଏହି ପ୍ୟାଣ୍ଟ ବହୁତ କୁଲ୍ ଏବଂ ଷ୍ଟାଇଲିସ୍ ଲାଗିବ। ଏବେ ଏହି ପ୍ୟାଣ୍ଟ କର୍ଟନରୁ ଆରମ୍ଭ କରି ଡେନିମର ବି ମିଳିଥାଏ। ଧଳା କୁର୍ତ୍ତା କିମ୍ବା ଫିଟେଡ୍ ଟପ୍ ସହିତ ଏହା ବହୁତ ସୁନ୍ଦର ଲାଗିବ।

**ପ୍ଲାଜୋ:** ଆଜିକାଲି ମହିଳାମାନେମ ପ୍ଲାଜୋ ପିନ୍ଧିବାକୁ ବହୁତ ପସନ୍ଦ କରୁଛନ୍ତି। ପ୍ଲାଜୋ ସହିତ ଲଙ୍ଗ କୁର୍ତ୍ତା କିମ୍ବା ଢିଲା ଟି-ସାର୍ଟ ପିନ୍ଧନ୍ତୁ।

# ସ୍ମାର୍ଟ କିଚେନ ଟିପ୍ସ



ବ୍ୟସ୍ତବହୁଳ ଜୀବନରେ କିପରିଭାବେ ଶୀଘ୍ର ରୋଷେଇ ଘର କାମ ସାରିବେ ସେଇ ଲକ୍ଷ୍ୟରେ ସମସ୍ତେ କାମ କରିଥାନ୍ତି। ଏକ୍ଷେତ୍ରରେ ଆପଣ ସ୍ମାର୍ଟ କିଚେନ ଟିପ୍ସ ସମ୍ପର୍କରେ ଜାଣି ରଖନ୍ତୁ...

➡ଅଟା ଚକଟି ସାରିବା ପରେ ହାତରେ କିଛି ରଫାଇନ୍ ତେଲ କିମ୍ବା ଦେଶୀ ଘିଅ ନେଇ ଚକଟା ଅଟାରେ ଲଗାଇ ଦିଅନ୍ତୁ। ଏହାଫଳରେ ଅଟା ଶୁଖିବ ନାହିଁ ଏବଂ ନରମ ରହିବ।

➡ଅଦାକୁ କଟରରେ କୋରି ଦେଇ ଦୁଇ ତିନି ଦିନ ଖରାରେ ଶୁଖାଇ ଡବାରେ ବନ୍ଦ କରି ରଖି ଦିଅନ୍ତୁ। ଏହାକୁ ଆପଣ ପରେ ଚା କିମ୍ବା ବିଭିନ୍ନ ତରକାରୀରେ ବ୍ୟବହାର କରିପାରିବେ।

➡ହେଙ୍ଗୁକୁ ଆପଣ କେବେ ହେଲେ ଛୁଙ୍କ କରିବା ସମୟରେ ପକାନ୍ତୁ ନାହିଁ। ଏହା ପୋଡ଼ିଯିବ। ତେଣୁ ତରକାରୀ ହୋଇ ସାରିବ ପରେ ହିଁ ହେଙ୍ଗୁ ପକାନ୍ତୁ। ସ୍ୱାଦ ବଢ଼ିବା ସହିତ ହଜମ ଶକ୍ତି ବୃଦ୍ଧି ପାଇବ।

➡ପନିରକୁ ଠିକ୍ ସାଇଜରେ କାଟିବା ପାଇଁ ହେଲେ ତାକୁ କିଛି ସମୟ ଫ୍ରିଜରେ ରଖି ଦିଅନ୍ତୁ। ଏପରି କରିବା ଫଳରେ ଠିକ୍ ସେପରେ କଟିବ।

➡ଅଣ୍ଡାକୁ ସିଝାଇବାର ପରେ ସଙ୍ଗେ ସଙ୍ଗେ ଛଡାଇ ଦିଅନ୍ତୁ। କାରଣ ଅଣ୍ଡା ସିଝିବା ପରେ ବେଶୀ ସମୟ ଖୋଲାରେ ରହିଲେ ତାହା ସୁଖି ଯାଇଥାଏ ଓ ଛଡିବା ପାଇଁ ଅସୁବିଧା ହୋଇଥାଏ।

➡ତରକାରୀ ତିଆରି କରିବା ସମୟରେ ଯଦି ଟମାଟୋ ପ୍ୟୁରୀ ବଳକା ରହିଥାଏ ତେବେ ତାକୁ ଆଇସ୍ ଟ୍ରେରେ ରଖି ଦିଅନ୍ତୁ। ପୁଣି ଥରେ ଅନ୍ୟ ତରକାରୀ କରିବାବେଳେ କାମରେ ଆସିବ।



# ବୁଣାକାରଙ୍କ ଭାତହାଣ୍ଡିରେ ମାଡ଼

**ସରକାରୀ ସହାୟତା ଅପେକ୍ଷାରେ ଶତାଧିକ କାରିଗର**

**ରସୁଲପୁର, ୩୦।୩ (ଡି.ଏନ୍.ଏ.)**

କରୋନା ଭୂତାଣୁ ସାରା ବିଶ୍ୱରେ ମହାମାରୀ ରୂପ ନେଇଥିବା ବେଳେ ଏହାକୁ ପ୍ରତିହତ କରିବା ପାଇଁ ବିଭିନ୍ନ ଦେଶରେ ଲକ୍‌ଡାଉନ୍ କରାଯାଇଛି। ଭୂତାଣୁ ସଂକ୍ରମଣ ନ ହେବା ପାଇଁ ଲକ୍‌ଡାଉନ୍ କରାଯାଇଥିବା ବେଳେ ଏହା ବୁଣାକାର ପରିବାରର ଭାତହାଣ୍ଡିକୁ ପ୍ରଭାବିତ କରିଛି। ୩ଟି ମୌଳିକ ଆବଶ୍ୟକତା ମଧ୍ୟରୁ ବସ୍ତ୍ର ହେଉଛି ଦ୍ୱିତୀୟ ମୌଳିକ ଆବଶ୍ୟକତା। ବସ୍ତ୍ର ଉତ୍ପାଦନ କ୍ଷେତ୍ରରେ ବୁଣାକାରମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏଭଳି ସ୍ଥିତିରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଶ୍ରମିକ, ରାଶନ କାର୍ଡଧାରୀ, ଭତ୍ତା ହିତାଧିକାରୀ, ଜନଧନ ଜମାଖାତାଧାରୀ, ଉଜ୍ଜ୍ୱଳା ଗ୍ୟାସ ହିତାଧିକାରୀମାନଙ୍କ ପାଇଁ ବିଭିନ୍ନ ସୁବିଧା ଯୋଗାଉଛନ୍ତି। ମାତ୍ର ବୁଣାକାର ପରିବାର ଓ ଲୁଗାବୁଣା କାର୍ଯ୍ୟରେ ନିୟୋଜିତ ଶ୍ରମିକଙ୍କ ପାଇଁ କୌଣସି ସାହାଯ୍ୟ ନ ଯୋଗାଇବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ସରକାରଙ୍କ ଏଭଳି ନୀତିକୁ ବୁଣାକାର ସଂଘ ଓ କର୍ମକର୍ତ୍ତାଗଣ ନିନ୍ଦା କରିଛନ୍ତି। ଏଥିସହ ଓଡ଼ିଶା ବୁଣାକାର ସଂଘର ସଭାପତି ପଦ୍ମଶ୍ରୀ ଗୋବର୍ଦ୍ଧନ ପାଣିକା, କାର୍ଯ୍ୟକାରୀ ସଭାପତି ଶ୍ରୀଧର ବେହେରା, ଉପସଭାପତି ଶ୍ରୀକାନ୍ତ ନାୟକ, କର୍ମକର୍ତ୍ତା ବିଜୟ କୁଣ୍ଟୁ, ପ୍ରତାପ ଦାସ, ବିଶ୍ୱନାଥ ଦାସ, ଅଶୋକ ଗୁଇଁ ପ୍ରମୁଖ ବୁଣାକାର ଓ ହସ୍ତଶିଳ୍ପୀମାନଙ୍କ ପାଇଁ ସ୍ୱତନ୍ତ୍ର ପାକେଜ ଘୋଷଣା କରିବାକୁ ସରକାରଙ୍କୁ ନିବେଦନ କରିଛନ୍ତି।

କରୋନା ପାଇଁ ମାର୍ଚ୍ଚ ୨୪ରୁ ଆସନ୍ତା ଏପ୍ରିଲ ୧୪ ପର୍ଯ୍ୟନ୍ତ ଲକ୍‌ଡାଉନ୍ ଘୋଷଣା ହୋଇଛି। ସୋମବାର ଲକ୍‌ଡାଉନ୍‌କୁ ୭ଦିନ ପୂରିଛି। ଇତିମଧ୍ୟରେ ରାଜ୍ୟର ୪୦ହଜାର ତନ୍ତଶାଳା ପ୍ରଭାବିତ ହୋଇଥିବା ବେଳେ ଏହା ଉପରେ ନିର୍ଭର କରୁଥିବା ୨ଲକ୍ଷରୁ ଉର୍ଦ୍ଧ୍ୱ କାରିଗର ପ୍ରଭାବିତ ହୋଇଛନ୍ତି। କଞ୍ଚାମାଲ ଅଭାବରୁ ଲୁଗାବୁଣା ହୋଇପାରୁ ନ ଥିବା ବେଳେ ପୂର୍ବରୁ ଉତ୍ପାଦିତ ଦ୍ରବ୍ୟ ବିକ୍ରି ହୋଇପାରୁ ନାହିଁ, ଫଳରେ ଶ୍ରମିକଙ୍କୁ ମଜୁରି ମିଳୁନାହିଁ। ତନ୍ତ ଉପରେ ନିର୍ଭର ପରିବାରଗୁଡ଼ିକ କେମିତି ଚଳିବେ, ସେ ନେଇ ଏବେ ବୁଣାକାରମାନଙ୍କୁ ଚିନ୍ତା ଘାରିଛି। ଏଭଳି ସଙ୍କଟ ବେଳେ ସରକାର ତୁରନ୍ତ ବୁଣାକାର ପାକେଜ ଘୋଷଣା କରିବା ସହ ନିର୍ମାଣ ଶ୍ରମିକମାନଙ୍କୁ ମାସକୁ ମିଳୁଥିବା ୧୫୦୦ଟଙ୍କା ସରକାରୀ ସହାୟତା ବୁଣାକାର ଓ ହସ୍ତଶିଳ୍ପ କାରିଗରଙ୍କୁ ପ୍ରଦାନ କରାଯାଉ ବୋଲି ସଂଘ ପକ୍ଷରୁ ଦାବି ହୋଇଛି। ଏହାଛଡ଼ା ଏଭଳି ଏକ ସଙ୍କଟ ଓ ସମ୍ବେଦନଶୀଳ ପରିସ୍ଥିତିରେ ବୁଣାକାରମାନଙ୍କୁ ନେଇ ଗଠିତ ପ୍ରାଥମିକ ତନ୍ତୁବାୟ ସହଯୋଗ ସମିତିର ଅକ୍ଷୟ କୋଷ ଜମାଖାତାରେ ଥିବା ସଞ୍ଚିତ ଅର୍ଥକୁ ବିନିଯୋଗ କରିବା ପାଇଁ ସଂଘ ପକ୍ଷରୁ ଅନୁମତି ଲୋଡାଯାଇଛି।

## ଏମାନେ କୁହନ୍ତି...



ବୟସାଧିକ ଯୋଗୁ ଅନ୍ୟ କୌଣସି ରୋଜଗାର ପନ୍ଥା ନାହିଁ। କେବଳ ଲୁଗାବୁଣିବା ଓ ସେଥିରୁ ମିଳୁଥିବା ଅର୍ଥରେ ପରିବାର ଚଳାଇବା ଏକମାତ୍ର ରୋଜଗାରର ମାଧ୍ୟମ। ଏବେ ତାହା ବନ୍ଦ ହୋଇଯାଇଛି। ତେବେ ପରିବାର କେମିତି ଚଳିବ, ସେ ନେଇ ଏବେ ଚିନ୍ତା ଘାରିଛି।

**- ବୁଣାକାର, ବାଇଧର ଗୁଇଁ**



ତନ୍ତଶାଳା ଆମ ପରିବାରର ଭାତହାଣ୍ଡି। ତାଲାବନ୍ଦ ଯୋଗୁ କଞ୍ଚାମାଲ ଅଭାବ ଓ ଉତ୍ପାଦିତ ସାମଗ୍ରୀ ବିକ୍ରି ହୋଇ ନ ପାରିବାରୁ ଅବସ୍ଥା ଶୋଚନୀୟ ହୋଇପଡିଛି। ତୁରନ୍ତ ଆମମାନଙ୍କ ସମସ୍ୟା ସମାଧାନ ପାଇଁ ସରକାର ଦୃଷ୍ଟି ଦେବାକୁ ନିବେଦନ।

**- ଯୁବକ କାରିଗର, ଶ୍ୟାମସୁନ୍ଦର ଦାସ**



ତନ୍ତ ବନ୍ଦ ହୋଇଗଲା। ପେଟକୁ ଦାନା କେମିତି ଯିବ। ଆମକୁ ଅର୍ଥ କେଉଁଠୁ ମିଳିବ। ସରକାର ଆମମାନଙ୍କ ପରିବାର ପ୍ରତି ସହାୟତାର ହାତ ବଢ଼ାଇବାକୁ ଅନୁରୋଧ।

**- ଭିନ୍ନକ୍ଷମ ବୁଣାକାର, ଲକ୍ଷ୍ମୀ ଦାସ**

## ୫ ଆର୍‌ଏମ୍‌ସି କର୍ମଚାରୀ ନିଲମ୍ବିତ

### କରୋନା ମୁକାବିଲାରେ ଅବହେଳା

- ଜଣେ ଡାକ୍ତର, ୨ ସିଡିପିଓଙ୍କୁ କାରଣଦର୍ଶାଅ ନୋଟିସ
- ଦାନଗଦି ଏବିଡିଓଙ୍କୁ ନିଲମ୍ବନ ପାଇଁ ସୁପାରିସ୍

**ଯାଜପୁର ଅଫିସ/ରତ୍ନଗିରି,(ଡି.ଏନ.ଏ.)୩୦।୩:** କରୋନା ମୁକାବିଲାରେ ଅବହେଳା ପାଇଁ ୫ଜଣ ଆର୍‌ଏମ୍‌ସି କର୍ମଚାରୀଙ୍କୁ ସୋମବାର ଜିଲାପାଳ ରଞ୍ଜନ କୁମାର ଦାସ ନିଲମ୍ବନ କରିଛନ୍ତି। ଏହାସହ ୨ ଜଣ ସିଡିପିଓ ଏବଂ ଜଣେ ମେଡିକାଲ ଅଫିସରଙ୍କୁ କାରଣଦର୍ଶାଅ ନୋଟିସ ହୋଇଛି। ଦାନଗଦି ଏବିଡିଓ ଅଜୟକୃଷ୍ଣ ଦ୍ୱିବେଦୀଙ୍କୁ ନିଲମ୍ବନ ପାଇଁ ସରକାରଙ୍କୁ ସୁପାରିସ୍ କରାଯାଇଛି ବୋଲି ଜିଲାପାଳ ଦାସ ସୂଚନା ଦେଇଛନ୍ତି। ନିଲମ୍ବିତ ଆରଏମ୍‌ସି କର୍ମଚାରୀମାନେ ହେଲେ ସାମନ୍ତ ଭିକାରୀଚରଣ ଧୀର, ନରେଶଚନ୍ଦ୍ର ସାହୁ, ସହଦେବ ମଲିକ, ଗଦାଧର ସାହୁ ଓ ଚିତ୍ତରଞ୍ଜନ ନାୟକ। ସେହିପରି ବରୀ ମେଡିକାଲ ଅଫିସର ଡା. ହେମନ୍ତ କୁମାର ନାୟକ ଏବଂ ଧର୍ମଶାଳା ସିଡିପିଓ ସଂଯୁକ୍ତା ସାହୁ ଓ ଯାଜପୁର ସିଡିପିଓ ସରିତା ନାୟକଙ୍କୁ କାର୍ଯ୍ୟରେ ଅସହଯୋଗ ଅଭିଯୋଗରେ କାରଣଦର୍ଶାଅ ନୋଟିସ ଜାରିହୋଇଛି। ଏଥିସହ ସମସ୍ତ କର୍ମଚାରୀ ହେଡକ୍ୱାର୍ଟର୍ସ ନ ଛାଡ଼ିବାକୁ ଜିଲାପାଳ ଦାସ ନିର୍ଦ୍ଦେଶ ଦେଇଛନ୍ତି।

## ଲକ୍‌ଡାଉନ ବେଳେ ଇଟାପକା, ଜଣକ ନାମରେ ମାମଲା

**ଚଣ୍ଡିଖୋଲ,୩୦।୩(ଡି.ଏନ.ଏ.):** ଲକଡାଉନ ବେଳେ ଏକାଧିକ ଶ୍ରମିକଙ୍କୁ ନିୟୋଜିତ କରି ବେଆଇନଭାବେ ଇଟା ପକାଉଥିବା ଅଭିଯୋଗରେ ବାଲିଚନ୍ଦ୍ରପୁର ପୋଲିସ ଜଣେ ବ୍ୟକ୍ତିଙ୍କ ନାମରେ ମାମଲା ରୁଜୁ କରିଛି। ସମ୍ପୃକ୍ତ ବ୍ୟକ୍ତି ଏହି ଥାନା ଅନ୍ତର୍ଗତ ନାନପୁରଗ୍ରାମ ନିକଟସ୍ଥ ବିରୂପା ନଦୀ କୂଳରେ ଇଟା ପକାଉଥିଲେ। ପୋଲିସ ପାଟ୍ରୋଲିଂ କରିବା ସମୟରେ ଏକଥା ଜାଣିବାକୁ ପାଇଥିଲା। ତେବେ ଘଟଣାସ୍ଥଳରେ ପୋଲିସ ପହଞ୍ଚିବା ବେଳକୁ ସମସ୍ତ ଶ୍ରମିକ ଓ ଇଟା ମାଲିକ ଦୌଡି ପଳାଇଥିଲେ। ପୋଲିସ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ନଂ-୯୪/୨୦ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ଦୁର୍ଘଟଣାରେ ଯୁବକ ମୃତ

**ରସୁଲପୁର,୩୦।୩(ଡି.ଏନ.ଏ.):** ଯାଜପୁର ବ୍ଲକ ଖାଲପଡ଼ା ଗ୍ରାମର ମାନସ ମଲିକ(୩୪)ଙ୍କ ସୋମବାର ସଡ଼କ ଦୁର୍ଘଟଣାରେ ମୃତ୍ୟୁ ହୋଇଛି। ସେ ରବିବାର ଅତ୍ୟାବଶ୍ୟକ ସାମଗ୍ରୀ କିଣିବାକୁ ସାଙ୍ଗଙ୍କ ସହ ବାଇକ୍‌ରେ ବଜାରକୁ ଯାଉଥିଲେ। ଗାଁରୁ ବରୁଆଁଛକ ଅଭିମୁଖେ ଯାଉଥିବା ସମୟରେ ବଡନାଳ ପାଖରେ ଥିବା ପୋଲରେ ବାଡ଼ା ସହ ଭାରସାମ୍ୟ ହରାଇ ପିଟି ହୋଇଯାଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଯାଜପୁର ଜିଲା ମୁଖ୍ୟ ଚିକିତ୍ସା କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଅବସ୍ଥା ସଙ୍ଗିନ ହେବାରୁ ପରେ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। କଟକ ଯାଉଥିବା ବାଟରେ ତାଙ୍କର ମୃତ୍ୟୁ ହୋଇଥିଲା। କଟକରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ମୃତ ଯୁବକ ଏକମାତ୍ର ରୋଜଗାରିଆ ହୋଇଥିବାରୁ ପରିବାର ଲୋକେ ଭାଙ୍ଗି ପଡ଼ିଛନ୍ତି। ଏହି ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି।

## ବଡ଼ଚଣା ଅଞ୍ଚଳର ସ୍ଥିତି ପରଖିଲେ ଜିଲାପାଳ

**ଚଣ୍ଡିଖୋଲ,୩୦।୩(ଡି.ଏନ.ଏ.):** କରୋନା ମୁକାବିଲା ନେଇ ଜାରି ରହିଥିବା ଲକ୍‌ଡାଉନ୍‌କୁ ସୂଚାରୁରୂପେ ସମ୍ପାଦନା କରିବା ପାଇଁ ଯାଜପୁର ଜିଲା ପ୍ରଶାସନ ତତ୍ପର ହୋଇଉଠିଛି। ଜିଲା ପ୍ରଶାସନ ନିର୍ଦ୍ଦେଶକ୍ରମେ ପୂର୍ବରୁ ସକାଳ ୭ରୁ ୧୧ ଓ ଅପରାହ୍ନ ୩ରୁ ୫ ପର୍ଯ୍ୟନ୍ତ ଅତ୍ୟାବଶ୍ୟକ ସାମଗ୍ରୀ ଦୋକାନ ଖୋଲୁଥିଲା। ହେଲେ ଲୋକେ ଏହାକୁ ନ ମାନିବାରୁ ପ୍ରଶାସନ ନିୟମରେ ପରିବର୍ତ୍ତନ କରିଛି। ସୋମବାରଠାରୁ କେବଳ ସକାଳ ୬ରୁ ଦିନ ୧୧ଟା ପର୍ଯ୍ୟନ୍ତ ଅତ୍ୟାବଶ୍ୟକ ସାମଗ୍ରୀ ଦୋକାନ ଖୋଲାଯିବାକୁ ନିର୍ଦ୍ଦେଶ ଦିଆଯାଇଛି। ଜିଲା ପ୍ରଶାସନ ପକ୍ଷରୁ ବଡ଼ଚଣା ବ୍ଲକର ବିଭିନ୍ନ ମୁଖ୍ୟବଜାର ଓ କେତକ ପଞ୍ଚାୟତରେ ସ୍ଥିତି ସମୀକ୍ଷା କରାଯାଇଛି। ଜିଲାପାଳ ରଞ୍ଜନ ଦାସ ବଡ଼ଚଣା ଗସ୍ତ କରି ୨ ପ୍ରମୁଖ ବ୍ୟବସାୟିକ ପେଣ୍ଠସ୍ଥଳି ଚଣ୍ଡିଖୋଲ ଓ ବାଲିଚନ୍ଦ୍ରପୁର ବଜାରରେ ସାମାଜିକ ଦୂରତ୍ୱ ବଜାୟ ରଖିବାକୁ ବ୍ୟବସାୟୀଙ୍କୁ ନିର୍ଦ୍ଦେଶ ଦେବା ସହିତ ଆବଶ୍ୟକ ସୁରକ୍ଷା ଗ୍ରହଣ କରିବାକୁ କହିଛନ୍ତି। ସେହିପରି ଜିଲାପାଳ ଛତିଆ, ଚମ୍ପାପୁର, ଚାରିନଙ୍ଗଳ, ନଳୀପୁର, ବାଲିଚନ୍ଦ୍ରପୁର ଆଦି ପଞ୍ଚାୟତରେ ନିର୍ମାଣ କରାଯାଇଥିବା ଆଇସୋଲେଶନ ସେଣ୍ଟର ବୁଲି ଦେଖିଛନ୍ତି। ଲକଡାଉନ ନିୟମ ଉଲ୍ଲଂଘନ ଓ ସାମାଜିକ ଦୂରତ୍ୱ ଭଙ୍ଗ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ପୋଲିସକୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲାପାଳଙ୍କ ଗସ୍ତ ସମୟରେ ଏଡିଏମ୍ ମିହିର ପ୍ରସାଦ ମହାନ୍ତି, ପିଡି ଇନ୍ଦ୍ରମଣୀ ନାୟକ, ଉପଜିଲାପାଳ ନାରାୟଣଚନ୍ଦ୍ର ଧଳ, ଅଶୋକ ସେଠୀ, ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ ସେଠୀ, ବଡଚଣା ବିଡିଓ ଅଜିତ ନାରାୟଣ ପ୍ରସାଦ ଗିରି, ତହସିଲଦାର ବରଣ୍ୟେନ୍ଦୁ ମହାନ୍ତି, ବାଲିଚନ୍ଦ୍ରପୁର ଥାନାଧିକାରୀ ସୁକାନ୍ତ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ୧ଲକ୍ଷ ସହାୟତା ଦେଲା ବରୁଣେଶ୍ୱର କଲେଜ



ଜିଲାପାଳଙ୍କୁ ସହାୟତା ରାଶି ପ୍ରଦାନ କରାଯାଉଛି।

**ବିଞ୍ଝାରପୁର, ୩୦।୩ (ଡି.ଏନ୍.ଏ.):** କରୋନା ବିଶ୍ୱରେ ମହାମାରୀ ଘୋଷିତ ହୋଇଥିବା ବେଳେ ଭାରତରେ ଅଦ୍ୟାବଧି ଆକ୍ରାନ୍ତଙ୍କ ସଂଖ୍ୟା ୧ହଜାର ଟପିଛି। ଏମାନଙ୍କ ମଧ୍ୟରେ ଓଡ଼ିଶାର ୩ ଜଣ ଅଛନ୍ତି। ଏଭଳି ବିପର୍ଯ୍ୟୟ ସମୟରେ ଲୋକଙ୍କ ସହାୟତା ପାଇଁ ବିଭିନ୍ନ ସାମାଜିକ ଅନୁଷ୍ଠାନ, ବ୍ୟବସାୟୀ ଓ ଶିଳ୍ପସଂସ୍ଥା ରିଲିଫ୍ ଫଣ୍ଡକୁ ଆର୍ଥିକ ସହାୟତା ଯୋଗାଉଥିବା ଦେଖାଯାଉଛି। ଏହି କ୍ରମରେ ବିଞ୍ଝାରପୁର ବ୍ଲକସ୍ଥିତ ବରୁଣେଶ୍ୱର ମହାବିଦ୍ୟାଳୟ କରୋନା ମୁକାବିଲା ପାଇଁ ସହାୟତାର ହାତ ବଢାଇଛି। କଲେଜର ସମସ୍ତ ଅଧ୍ୟାପକ ଓ କର୍ମଚାରୀ ମିଳିତ ଭାବେ ୧ଲକ୍ଷ ଟଙ୍କା ମୁଖ୍ୟମନ୍ତ୍ରୀଙ୍କ ରିଲିଫ ଫଣ୍ଡକୁ ପ୍ରଦାନ କରିଛନ୍ତି। ସୋମବାର ପୂର୍ବାହ୍ନରେ ମହାବିଦ୍ୟାଳୟ ଅଧ୍ୟକ୍ଷ କୀର୍ତ୍ତନ ବିହାରୀ ସାମଲ ଓ ବରିଷ୍ଠ ଅଧ୍ୟାପକ ବଟକୃଷ୍ଣ ମହାପାତ୍ର ପ୍ରମୁଖ ଜିଲାପାଳଙ୍କୁ ଭେଟି ମୁଖ୍ୟମନ୍ତ୍ରୀ ରିଲିଫ୍ ଫଣ୍ଡରେ ଦେବା ଉଦ୍ଦେଶ୍ୟରେ ୧ଲକ୍ଷ ଟଙ୍କା ପ୍ରଦାନ କରିଥିବା ଜଣାପଡ଼ିଛି। ଏ ନେଇ ଜିଲାପାଳ ବରୁଣେଶ୍ୱର ମହାବିଦ୍ୟାଳୟର ଅଧ୍ୟାପକ ଓ କର୍ମଚାରୀଙ୍କୁ ଧନ୍ୟବାଦ ଦେବା ସହ ଏହା ଅନ୍ୟମାନଙ୍କୁ ପ୍ରେରଣା ଯୋଗାଇବ ବୋଲି କହିଛନ୍ତି।

## ବାରବାଟୀ ପରିବାହାଟ ବୁଲିଲେ ତହସିଲଦାର

**ରସୁଲପୁର,୩୦।୩(ଡି.ଏନ.ଏ.):** ରସୁଲପୁର ବ୍ଲକ ଅନ୍ତର୍ଗତ ବାରବାଟୀ ନିକଟସ୍ଥ ଓଡ଼ଙ୍ଗ ପରିବାହାଟରେ ସମ ଦୂରତ୍ୱ ଓ ସଙ୍ଗରୋଧ ପାଳନ କରାଯାଇ ପାରୁ ନ ଥିଲା। ଦୁଇଦିନ ହେଲା ପରିବାହାଟକୁ ବିଭାଜିତ କରାଯାଇଥିଲା। ହାଟରେ ଗ୍ରାହକଙ୍କ ପାଇଁ ଲକ୍ଷ୍ମଣରେଖା ଟଣା ଯାଇଥିଲା। ତେବେ ଏହି ଆଇନକୁ ଠିକ୍ ଭାବରେ ପାଳନ କରାଯାଉଛି କି ନାହିଁ ତାହା ଦେଖିବା ପାଇଁ ସୋମବାର ସକାଳେ ରସୁଲପୁର ତହସିଲଦାର ଜ୍ୟୋତିକାନ୍ତ ଭୁଜବଳ ପହଞ୍ଚିଥିଲେ। ଏହିସମୟରେ ପରିବା ବ୍ୟବସାୟୀଙ୍କୁ ବାଙ୍କ ବିହାରୀ ପରିବାହାଟରେ ଥିବା ପିଣ୍ଡି ଉପରେ ପୃଥକ ଭାବରେ ବସି କାରବାର କରିବାକୁ ପରାମର୍ଶ ଦେବା ସହ ଗ୍ରାହକଙ୍କୁ ଶୃଙ୍ଖଳା ବଜାଇ ରଖିବାକୁ ନିବେଦନ କରିଥିଲେ। ତହସିଲଦାରଙ୍କ ଗସ୍ତବେଳେ ଜିଲା ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ରମେଶ ସାହୁ ଉପସ୍ଥିତ ଥିଲେ। କରୋନା ମୁକାବିଲା ପାଇଁ ଏହି ହାଟକୁ ୩ ଭାଗ କରାଯାଇଥିଲେ ମଧ୍ୟ କେତେଜଣ ମାନୁ ନ ଥିଲେ। ପ୍ରଶାସନ ଏହାକୁ ସଫଳ କରିବା ପାଇଁ ନାକେଦମ ହୋଇଥିଲା। ଫଳରେ ଏହା ସଫଳ ହୋଇଥିଲା।

## ଅତ୍ୟାବଶ୍ୟକ ପଣ୍ୟଦ୍ରବ୍ୟ ଆଇନ ଉଲ୍ଲଂଘନ

**କରୋନା ମୁକାବିଲା**

- ଜିଲାରେ ମିଳୁନି ମାସ୍କ, ସାନିଟାଇଜର

**ଯାଜପୁର ଅଫିସ,୩୦।୩**

କରୋନା ଭୂତାଣୁ(କୋଭିଡ୍-୧୯) ବିରୋଧରେ ସାରା ଦେଶ ଲଢେଇ ଜାରି ରଖିଛି। ଏଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଲକ୍‌ଡାଉନ ଭଳି କଠୋର ନିଷ୍ପତ୍ତି ନେଇଛନ୍ତି। ଏହିକ୍ରମରେ ଭାରତ ସରକାରଙ୍କ ଖାଉଟି ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଅତ୍ୟାବଶ୍ୟକୀୟ ପଣ୍ୟଦ୍ରବ୍ୟ ଆଇନ ଅନୁଯାୟୀ ମାସ୍କ(୨ ଓ ୩ ପ୍ଲାଏ ସର୍ଜିକାଲ, ଏନ୯୫) ଏବଂ ହ୍ୟାଣ୍ଡ ସାନିଟାଇଜରକୁ ଅତ୍ୟାବଶ୍ୟକୀୟ ସାମଗ୍ରୀ ଭାବେ ନିର୍ଦ୍ଦେଶ(ସଂଖ୍ୟା ଏସ-୨୬/୧/୨୦୨୦-ଇସିଆର ଆଣ୍ଡ ଇ) ଜାରି କରିଛନ୍ତି। ଏହି ଆଇନ ଅନୁସାରେ ସମସ୍ତ ରାଜ୍ୟକୁ ମାସ୍କ ଓ ସାନିଟାଇଜର ଅଧିକ ନିର୍ମାଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ନିର୍ଦ୍ଦେଶ ଅନୁସାରେ ରାଜ୍ୟ ବୈଧତା ଓ ପରିମାପ ବିଜ୍ଞାନ(ଲିଗାଲ ମେଟ୍ରୋଲୋଜି) ବିଭାଗ ନିର୍ଦ୍ଦେଶାଳୟରୁ ସମସ୍ତ ଜିଲା ବୈଧତା ଓ ପରିମାପ ବିଜ୍ଞାନ ବିଭାଗର ସହକାରୀ ନିୟନ୍ତ୍ରକ(ଏସିଏଲ୍‌ଏମ୍)ଙ୍କୁ ଆବଶ୍ୟକ ମାସ୍କ ଓ ସାନିଟାଇଜର ଯୋଗାଇ ଦେବାକୁ ନିର୍ଦ୍ଦେଶ ହୋଇଛି। କିନ୍ତୁ ଯାଜପୁର ଜିଲାର ସ୍ଥାନୀୟ ବଜାରରେ ମାସ୍କ କିମ୍ବା ସାନିଟାଇଜର ଉପଲବ୍ଧ ହେଉନାହିଁ, ଯାହାକି ଅତ୍ୟାବଶ୍ୟକ ପଣ୍ୟଦ୍ରବ୍ୟ ଆଇନକୁ ଅମାନ୍ୟ କରାଯାଉଥିବା ଅଭିଯୋଗ ଉଠିଛି। ଏଥିରୁ ଜିଲାରେ କରୋନା ମୁକାବିଲା କିପରି କରାଯାଉଛି ତାହା ସ୍ପଷ୍ଟ ଅନୁମେୟ।

ଭାରତ ସରକାରଙ୍କ ଖାଉଟି ବ୍ୟାପାର ମନ୍ତ୍ରଣାଳୟ ସଚିବ ପୱନ କୁମାର ଅଗ୍ରୱାଲ ଗତ ୧୩ ତାରିଖଠାରୁ ମାସ୍କ ଏବଂ ସାନିଟାଇଜର ଯଦି ଏମ୍‌ଆରପି ଠାରୁ ଅତ୍ୟଧିକ ଦରରେ ବିକ୍ରି ହେଉଛି ତେବେ ସମ୍ପୃକ୍ତ ବ୍ୟବସାୟୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ସ୍ଥାନୀୟ ଯୋଗାଣ ବିଭାଗୀୟ ଅଧିକାରୀଙ୍କୁ ତୁରନ୍ତ ମାସ୍କ ଓ ସାନିଟାଇଜର ଉତ୍ପାଦନ କ୍ଷମତା ବୃଦ୍ଧି କରିବାକୁ ପରାମର୍ଶ ଦିଆଯାଇଛି। କିନ୍ତୁ ଯାଜପୁର ଜିଲାରେ ମାସ୍କ ଓ ସାନିଟାଇଜର ନ ମଳିବା ଯୋଗୁ ଲୋକେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଓଡିଶା ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ଅତିରିକ୍ତ ନିର୍ଦ୍ଦେଶକ ଧିରେନ୍ଦ୍ର କୁମାର ସାହୁ ତାଙ୍କ ପତ୍ରସଂଖ୍ୟା ୬୫୧୦/୨୧।୩।୨୦୨୦ରୁ ମାସ୍କ ଓ ସାନିଟାଇଜର ଉତ୍ପାଦନ ବୃଦ୍ଧି କରିବା ସହ ଉଚିତ୍ ଦରରେ ଲୋକଙ୍କ ପାଖରେ ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶକୁ ଭିତ୍ତିକରି ଲିଗାଲ ମେଟ୍ରୋଲୋଜି ନିର୍ଦ୍ଦେଶାଳୟ ପକ୍ଷରୁ ପତ୍ରସଂଖ୍ୟା ୯୨୯/୨୧।୩।୨୦୨୦ରେ ସମସ୍ତ ଏସିଏଲ୍‌ଏମ୍‌ଙ୍କୁ ନିର୍ଦ୍ଦେଶ ହୋଇଛି। କିନ୍ତୁ ଏହି ନିର୍ଦ୍ଦେଶର ଏକ ସପ୍ତାହ ଅତିକ୍ରାନ୍ତ ହୋଇ ସାରିଥିଲେ ହେଁ ଜିଲାରେ ମାସ୍କ କିମ୍ବା ସାନିଟାଇଜର ମିଳିପାରିଲା ନାହିଁ। ଏ ସଂକ୍ରାନ୍ତରେ ଯାଜପୁର ଏସିଏଲ୍‌ଏମ୍ ଜ୍ଞାନରଞ୍ଜନ ମହାନ୍ତିଙ୍କୁ ପଚାରିବାରୁ ସେ କହିଛନ୍ତି, କୌଣସି ଔଷଧ ଦୋକାନରେ ମାସ୍କ କିମ୍ବା ସାନିଟାଇଜର ନ ଥିବା ସେ ପରିଦର୍ଶନରେ ଜାଣିଥିଲେ। ସେ ନେଇ ବିଭାଗୀୟ ନିର୍ଦ୍ଦେଶକଙ୍କୁ ସୂଚିତ କରିଛନ୍ତି। ଏହାସହ ସ୍ଥାନୀୟ ଯୋଗାଣ ବିଭାଗୀୟ ଅଧିକାରୀଙ୍କୁ ମଧ୍ୟ ସୂଚନା ଦେବେ ବୋଲି ସେ କହିଛନ୍ତି।

## ଠେଙ୍ଗାବାହିନୀ ବାଣ୍ଟିଲା ଶୁଖିଲା ଖାଦ୍ୟ

**ରସୁଲପୁର,୩୦।୩(ଡି.ଏନ.ଏ.):** ରସୁଲପୁର ବ୍ଲକ ଅଞ୍ଚଳର ଜଣାଶୁଣା ସଙ୍ଗଠନ ଠେଙ୍ଗା ବାହିନୀ ପକ୍ଷରୁ ୧୬ନଂ ଜାତୀୟ ରାଜପଥରେ ଯାତାୟାତ କରୁଥିବା ପଥିକଙ୍କୁ ଶୁଖିଲା ଖାଦ୍ୟ, ପାନୀୟଜଳ ପ୍ରଦାନ କରାଯାଇଛି। ସଙ୍ଗଠନ ପକ୍ଷରୁ ଏହି କାର୍ଯ୍ୟକ୍ରମ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଚାଲୁ ରହିବ ବୋଲି ଅଲ ଇଣ୍ଡିଆ ଚିଫ୍ କମାଣ୍ଡର ଚିତ୍ତରଞ୍ଜନ ମହାନ୍ତି, ଅବିନାଶ ଦାଶ, ନିରଞ୍ଜନ ଶତପଥୀ, ଶରତ ଗାରଡିଆ ଓ ଲକି ମହାନ୍ତି ପମୁଖ ସୂଚନା ଦେଇଛନ୍ତି।



ଜିଲାପାଳ ଓ ଅନ୍ୟ ଅଧିକାରୀ ବାଲିଚନ୍ଦ୍ରପୁର ଅଞ୍ଚଳ ବୁଲି ଲକ୍‌ଡାଉନ୍ ସ୍ଥିତି ସମୀକ୍ଷା କରୁଛନ୍ତି।

## ନିର୍ମାଣ ଚାଲିଛି କ୍ୱାରାଣ୍ଟାଇନ କେନ୍ଦ୍ର

**ଯାଜପୁର ଟାଉନ ୩୦.୦୩ (ଡି.ଏନ.ଏ.)**

ଯାଜପୁର ଜିଲାରେ କରୋନା ମୁକାବିଲା ପାଇଁ ପ୍ରଶାସନ ପକ୍ଷରୁ ଉଦ୍ୟମ ଜାରି ରହିଛି। ଜିଲାର ବ୍ୟାସନଗର ଓ ଯାଜପୁର ଟାଉନ୍‌କୁ କ୍ଲୋରିନ୍ ପାଣିରେ ପରିଷ୍କାର କରାଯାଇଛି। ଅଗ୍ନିଶମ ବାହିନୀ ପକ୍ଷରୁ ଉଭୟ ସହରକୁ ପରିଷ୍କାର କରାଯାଇଛି। ପ୍ରତ୍ୟେକ ପଞ୍ଚାୟତ ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କ୍ୱାରାଣ୍ଟାଇନ କେନ୍ଦ୍ର ହୋଇଥିବା ବେଳେ ଏନ୍‌ସି କଲେଜର ନୂତନ ବିଲ୍ଡିଂରେ ୫ଶହ ଶଯ୍ୟା ବିଶିଷ୍ଟ କ୍ୱାରାଣ୍ଟାଇନ କେନ୍ଦ୍ର ନିର୍ମାଣ ଚାଲିଛି। ପ୍ରଥମ ପର୍ଯ୍ୟାୟରେ ନିର୍ମାଣ ହୋଇଥିବା ୨୫୦ ଶଯ୍ୟା କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି।

# ଜୀବିକା ବୁଡ଼ାଇଲା କରୋନା

- ଭୋକ ଉପାସରେ ଦିନ କାଟୁଛନ୍ତି ୫ହଜାରରୁ ଉର୍ଦ୍ଧ୍ୱ ପରିବାର
- ଅନେକଙ୍କୁ ମିଳୁନି ସରକାରୀ ରାଶନ ସାମଗ୍ରୀ
- ସ୍ୱେଚ୍ଛାସେବୀଙ୍କ ସହାୟତାକୁ ଅପେକ୍ଷା

**ରସୁଲପୁର, ୩୦।୩ (ଡି.ଏନ୍.ଏ.)**

କରୋନା ଆତଙ୍କ ଖେଳିଯିବା ପରେ ଦେଶରେ ଲକ୍‌ଡାଉନ୍ ଜାରି ରହିଛି। ଏଥିଯୋଗୁ ଦିନ ମଜୁରିଆ, ଶ୍ରମିକ, ଭାଗଚାଷୀ, କ୍ଷୁଦ୍ର ବ୍ୟବସାୟୀ, ଫେରିବାଲା ଆଦି ବିଭିନ୍ନ ବର୍ଗର ଲୋକେ ରୋଜଗାର ହରାଇ ଘରେ ବସିଛନ୍ତି। ତିନି ସପ୍ତାହ ଲକ୍‌ଡାଉନ୍ କରାଯାଇଥିବା ବେଳେ ସୋମବାର ମାତ୍ର ଗୋଟିଏ ସପ୍ତାହ ଶେଷ ହୋଇଛି। ଦି' ଓଳି ଖାଇବା ଯୋଗାଡ଼ କରିବା ଅନେକଙ୍କ ପାଇଁ ଏବେ କଷ୍ଟକର ହୋଇପଡ଼ିଛି।

ଯାଜପୁର ଜିଲା ରସୁଲପୁର ବ୍ଲକ ଅଞ୍ଚଳରେ ପ୍ରାୟ ୫୧୦୦ ଲୋକ ଏହିଭଳି ଭାବେ ଦିନ କାଟୁଛନ୍ତି। ଖାଦ୍ୟ ସୁରକ୍ଷା ଯୋଜନାରେ ନାଁ ସାମିଲ ହୋଇ ନ ଥିବାରୁ ସରକାର ଯୋଗାଉଥିବା ୩ ମାସର ରାଶନ ସାମଗ୍ରୀ ମଧ୍ୟ ସେମାନେ ପାଇପାରୁନାହାନ୍ତି। ପ୍ରଶାସନ ସେମାନଙ୍କ ଦୁର୍ଦ୍ଦଶା ପ୍ରତି ଅଣଦେଖା କରୁଥିବା ବେଳେ ସ୍ୱେଚ୍ଛାସେବୀଙ୍କ ସହାୟତାକୁ ଅପେକ୍ଷା କରିବାକୁ ପଡୁଛି ବୋଲି ଜାବରା ପଞ୍ଚାୟତ ଅଧୀନ କେଳା ବସ୍ତିର ଦିନ ମଜୁରିଆ ଓ ଭୋଟକା ପଞ୍ଚାୟତ ଅରଡ଼ା ଗ୍ରାମର ଫେରି ବ୍ୟବସାୟୀ ନରହରି ପଣ୍ଡା କହିଛନ୍ତି। ରାଶନ କାର୍ଡ ପାଇଁ ବାରମ୍ବାର ଆବେଦନ କରିଥିଲେ ବି ଏଯାଏ ତାହା ହୋଇପାରିନି। ବହୁ ଅଯୋଗ୍ୟ ସରକାରୀ ସୁବିଧା ହାତଉଥିବା ବେଳେ ଯୋଗ୍ୟ ହିତାଧିକାରୀ ଅସୁବିଧା ଭୋଗୁଛନ୍ତି। କରୋନା ପାଇଁ ରୋଜଗାରର ପନ୍ଥା ବନ୍ଦ ହୋଇ ଯାଇଥିବା ବେଳେ ସରକାରୀ ସୁବିଧା ବି ପାଉନାହାନ୍ତି। ବ୍ଲକ ଅଞ୍ଚଳର ହଜାର ହଜାର ଲୋକ ଏଭଳି ଦୁର୍ଦ୍ଦିନ ଦେଇ ଗତି କରୁଛନ୍ତି। ଏ ସମ୍ପର୍କରେ ଯୋଗାଣ ଅଧିକାରୀ ଚୁନାରାଣୀ ସାହୁଙ୍କୁ ପଚାରିବାରେ ସରକାର ଯଦି କିଛି ନିଷ୍ପତ୍ତି ନିଅନ୍ତି, ତା'ହେଲେ ସେମାନଙ୍କୁ ସହଯୋଗ କରିହେବ ବୋଲି କହିଛନ୍ତି। ତେବେ ସରକାରୀ ସୁବିଧା କେବଳ ନିର୍ଦ୍ଦିଷ୍ଟ ଗୋଷ୍ଠୀକୁ ଦିଆ ନ ଯାଇ ଅସୁବିଧାରେ ଥିବା ସମସ୍ତ ଲୋକଙ୍କୁ ଯୋଗାଇଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏଭଳି ହେଲେ ଅନେକ ପରିବାର ଉପକୃତ ହୋଇପାରିବେ ବୋଲି ବିଭିନ୍ନ ମହଲରେ ମତ ପ୍ରକାଶ ପାଇଛି।



ଖାଦ୍ୟ ସୁରକ୍ଷା ଯୋଜନାରୁ ବଞ୍ଚିତ ଲୋକେ।

## ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ସହାୟତା

**ବରୀ,୩୦।୩(ସ୍ୱ.ପ୍ର.):** କରୋନା ମୁକାବିଲା ପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ବରୀ ଅଞ୍ଚଳର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସୋମବାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ବ୍ଲକ ଅଧିନ କନ୍ତିଆ ଗ୍ରାମର ଯାଦବ ସମିତି ପକ୍ଷରୁ ଯାଜପୁର ଉପଜିଲାପାଳଙ୍କ ଜରିଆରେ ୫୦ ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲାବେଳେ ବରୀ ନିର୍ବାଚନମଣ୍ଡଳୀର ଯୁବ କଂଗ୍ରେସ ନେତା ଉମେଶ ଜେନା, ଓଏନଜି ଫାର୍ମା ପକ୍ଷରୁ ସୁନିତା ଜେନା ୫୦ ହଜାର ଟଙ୍କା ଲେଖାଏ ଚେକ୍ ବରୀ ତହସିଲଦାର ସରୋଜକାନ୍ତ ନାୟକଙ୍କ ଜରିଆରେ ପ୍ରଦାନ କରିଛନ୍ତି। ବାଲିଆ ସମିତିସଭ୍ୟ ପ୍ରଦୀପ ଘଡେଇ ୫ ମାସର ଦରମା, ମନ୍ଦାରୀ ସରପଞ୍ଚ କବିତା ପଣ୍ଡା ୩ ମାସର ଦରମା ବରୀ ବିଡିଓ ଶାଶ୍ୱତ ଜେନାଙ୍କ ଜରିଆରେ ପ୍ରଦାନ କରିଥିବାବେଳେ ଅନ୍ୟାସପୁର ପୂର୍ବତନ ସମିତିସଭ୍ୟ ନଟବର ସାହୁ ୧୨ଶହ ଟଙ୍କା ପ୍ରଦାନ କରିଛନ୍ତି। ଓଏନଜି ଫାର୍ମା ପକ୍ଷରୁ ନିର୍ଦ୍ଦେଶକ ଦୁଷ୍ମନ୍ତ ଜେନା ୧ ହଜାର ମାସ୍କ ବରୀ ଥାନା ଅଧିକାରୀ ମାର୍କଣ୍ଡ ମିଶ୍ରଙ୍କୁ ପ୍ରଦାନ କରିଛନ୍ତି। ବୋଦୁଆ ପଞ୍ଚାୟତର ସାମାଜିକ କର୍ମୀ ଶର୍ମିଷ୍ଠା ଜେନା ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀ ରିଲିଫ ପାଣ୍ଠିକୁ ୫ ହଜାର ଲେଖାଏ ପ୍ରଦାନ କରିଛନ୍ତି। ଏଥି ପୂର୍ବରୁ ବରୀ ବିଧାୟିକା ସୁନନ୍ଦା ଦାସ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୧ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରିଥିଲାବେଳେ ନିଜସ୍ୱ ଆଞ୍ଚଳିକ ପାଣ୍ଠିରୁ ୨ କୋଟି ଟଙ୍କା ଯାଜପୁର ଜିଲାପାଳଙ୍କୁ ପ୍ରଦାନ କରିଛନ୍ତି।

**ଯାଜପୁର ଟାଉନ,୩୦।୩ (ଡି.ଏନ.ଏ.):** କରୋନା ମୁକାବିଲା ପାଇଁ ବିଭିନ୍ନ ବ୍ୟକ୍ତିବିଶେଷ, ଅନୁଷ୍ଠାନ ସହଯୋଗର ହାତ ବଢ଼ାଇଛନ୍ତି। ଜିଲାପାଳଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ରିଲିଫପାଣ୍ଠିକୁ ଏହି ସହାୟତା ଦିଆଯାଉଛି। ଏହିକ୍ରମରେ ଯାଜପୁରରୋଡର ଚିକିତ୍ସକ ଡା. କୁଳମଣି ବାରିକ ୧ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରିଥିବା ବେଳେ ଜେମ୍‌ସ ସ୍କୁଲ ତରଫରୁ ଅଭୟ ପତି ୨୫ ହଜାର ଟଙ୍କା, ଯାଜପୁରରୋଡ ଗୁପ୍ତା ମେଡିସିନ୍ ଷ୍ଟୋର୍ ତରଫରୁ ୫୦ ହଜାର ଟଙ୍କାର ଚେକ୍ ଜିଲାପାଳ ରଞ୍ଜନ କୁମାର ଦାସଙ୍କୁ ପ୍ରଦାନ କରିଛନ୍ତି। ସେହିପରି ତେଜ୍ ହୋଣ୍ଡା ସୋରୁମ୍ ମାଲିକ ରାକେଶ୍ ରାଉତ ସାନିଟାଇଜର, ମାସ୍କ ଆଦି ଆରଟିଓ ଅଧିକାରୀ ସଚ୍ଚିନ୍ଦ୍ରନାଥ ପଣ୍ଡାଙ୍କୁ ପ୍ରଦାନ କରିଛନ୍ତି। ଜିଲାପାଳ ଦାସ ସମସ୍ତ ଦାତାମାନଙ୍କୁ କୃତଜ୍ଞତା ଜଣାଇବା ସହ ସେମାନଙ୍କ ବଦାନ୍ୟତା ପାଇଁ ସାଧୁବାଦ ଜଣାଇଛନ୍ତି। ଏସବୁ ଅର୍ଥ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ଫଣ୍ଡକୁ ଜିଲାପାଳ ପଠାଇବେ।

# ମାନିଲେନି ଲକ୍‌ଡାଉନ୍ ନିୟମ

## କରୋନା ଭୟ: ଗାଁ ରାସ୍ତା ବନ୍ଦ କଲେ ଲୋକେ



ଗ୍ରାମବାସୀ ବାଉଁଶ ବାନ୍ଧି ରାସ୍ତାରୋକୋ କରିଛନ୍ତି।

**ତିର୍ତ୍ତୋଲ, ୩୦।୩ (ଡି.ଏନ୍.ଏ.):** କରୋନା ସଂକ୍ରମଣ ରୋକିବାକୁ ସାରାଦେଶରେ ଲକ୍‌ଡାଉନ୍ କରାଯାଇଛି। ତେବେ ବିଭିନ୍ନ ଗ୍ରାମରେ କରୋନା ସଂକ୍ରମଣ ରୋକିବା ପାଇଁ ଲୋକମାନେ ନୂଆ ଉପାୟ ଆପଣାଉଥିବା ଦେଖାଯାଉଛି। ସଂକ୍ରମଣ ରୋକିବା ପାଇଁ ତିର୍ତ୍ତୋଲ ଥାନା ଅଞ୍ଚଳର କେତେକ ଗ୍ରାମରେ ଲୋକମାନେ ଗାଁ ରାସ୍ତା ବନ୍ଦ କରିଥିବା ଦେଖାଯାଇଛି। ଗାଁ ଭିତରକୁ ବାହାର ଲୋକଙ୍କ ପ୍ରବେଶ ବାରଣ କରାଯାଇଥିବା ବେଳେ ଗାଁ ଲୋକେ ବାହାରକୁ ନ ଯିବାକୁ ସଚେତନ କରାଯାଉଛି। ତିର୍ତ୍ତୋଲ ସମେତ ତେନ୍ତୁଳିପଦା, ବିରିତୋଳ, କୋଲର ପ୍ରଭୃତି ଗ୍ରାମବାସୀ ଗାଁ ରାସ୍ତାରେ ବାଡ଼ ପକାଇ ପ୍ରବେଶ ପଥ ବନ୍ଦ କରିଦେଇଛନ୍ତି। ଅନ୍ୟପଟେ ସାମାଜିକ ଦୂରତ୍ୱକୁ ଅନେକ ଜାଗାରେ ପାଳନ କରାଯାଉ ନଥିବାରୁ ପୋଲିସ ପାଟ୍ରୋଲିଂ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି। ସେହିପରି ସାମନ୍ତରାପୁର ପଞ୍ଚାୟତରେ ଚାଲିଥିବା ଏକ ଭୋଜି ସମ୍ପର୍କରେ ପୋଲିସ ଖବର ପାଇବା ପରେ ସେଠାରେ ପହଞ୍ଚି ଏହାକୁ ବନ୍ଦ କରିଥିବା ଦେଖାଯାଇଛି।

**ଜଗତ୍‌ସିଂହପୁର ଅଫିସ,୨୯।୩**

ଲକ୍‌ଡାଉନବେଳେ ଆବଶ୍ୟକ ନ ଥିଲେ ବାହାରକୁ ବାହାରନ୍ତୁ ନାହିଁ ବୋଲି କୁହାଯାଉଛି। ପ୍ରତ୍ୟହ ଏ ସମ୍ପର୍କରେ ଖବର ପ୍ରକାଶ ପାଉଥିଲେ ସୁଦ୍ଧା ଲୋକଙ୍କ ଭିତରେ ସଚେତନତା ସୃଷ୍ଟି ହେଉନାହିଁ। ଯାହାର ପ୍ରତିଫଳନ ଜଗତ୍‌ସିଂହପୁର ଜିଲା ମୁଖ୍ୟାଳୟରେ ସୋମବାର ଦେଖିବାକୁ ମିଳିଛି। ସକାଳେ ଜଗତ୍‌ସିଂହପୁର ସହରରେ ଅଚାନକ ଗହଳି ଦେଖିବାକୁ ମିଳିଥିଲା। ଲୋକେ ଯେପରି ଅମାନିଆ ହୋଇ ପଡ଼ିଥିଲେ। ଲକ୍‌ଡାଉନ୍ ନିୟମକୁ ମାନିବାକୁ ରାଜି ନ ଥିଲେ। ରାସ୍ତାରେ ଏତେ ସଂଖ୍ୟାରେ ବାଇକ୍, କାର୍ ଗଡ଼ିଥିଲା ଯେ, ପୋଲିସ ଏସବୁକୁ ନିୟନ୍ତ୍ରଣ କରିବା ପାଇଁ ନାକେଦମ ହୋଇ ପଡ଼ିଥିଲା। ଜଗତ୍‌ସିଂହପୁର ଥାନା ସାମ୍ନା ମୁଖ୍ୟ ରାସ୍ତାରେ ପୋଲିସ ଲୋକଙ୍କୁ ଅଟକାଇବାକୁ ଚେଷ୍ଟା କରିଥିଲା। ସେମାନଙ୍କ ମଧ୍ୟରୁ ଅଧିକାଂଶ ମାସ୍କ ପିନ୍ଧିବାତ ଦୂରର କଥା ହେଲମେଟ୍ ପିନ୍ଧି ନ ଥିଲେ। କିଛି ସମୟ ପୋଲିସ ସହ କେତେଜଣଙ୍କ ଯୁକ୍ତିତର୍କ ହୋଇଥିଲା। ଅନ୍ୟପଟେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଲୋକଙ୍କ ଲମ୍ବା ଧାଡ଼ି ହୋଇଥିବା ଦେଖିବାକୁ ମିଳିଥିଲା। ଧାଡ଼ିରେ ଥିବା ଲୋକଙ୍କ ମଧ୍ୟରେ ଦୂରତା କମ ଥିଲା, ଯାହାକି ଆଦୌ ହେବା କଥା ନୁହେଁ। ଏହାଦ୍ୱାରା କରୋନା ସଂକ୍ରମଣ ହେବା ଯଥେଷ୍ଟ ସମ୍ଭାବନା ଥିଲେ ସୁଦ୍ଧା କାହାରି ଖାତିର ଥିଲା ପରି ଅନୁଭବ ହେଉ ନ ଥିଲା। ଲକ୍‌ଡାଉନ୍ ପାଇଁ ବିଡିଓ, ତହସିଲଦାରଙ୍କ ସମେତ ଜିଲାରେ ବହୁ ସଂଖ୍ୟକ ଅଧିକାରୀ ମାଜିଷ୍ଟ୍ରେଟ୍ କ୍ଷମତା ପାଇଛନ୍ତି। କିନ୍ତୁ ସେମାନେ କେବଳ ଉପରଠାଉରିଆ ଭାବେ ଦାୟିତ୍ୱ ସମ୍ପାଦନ କରୁଥିବା ଅଭିଯୋଗ ହୋଇଛି। ଜିଲାର ଶତାଧିକ ପଞ୍ଚାୟତରେ କ୍ୱାରାଣ୍ଟାଇନ୍ ବ୍ୟବସ୍ଥା କରାଯାଇଥିବା କୁହାଯାଉଥିଲେ ସୁଦ୍ଧା ବାସ୍ତବରେ ଗୋଟିଏ ବି ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇ ନ ଥିବା ଅଭିଯୋଗ ହେଉଛି।

ଫଳ, ପରିବା, ରାଶନ, ମାଛ, ମାଂସ ଦୋକାନ ଖୋଲାଯିବା ଉପରେ ଜିଲା ପ୍ରଶାସନ କଟକଣା ଲଗାଇଛି। ପୂର୍ବରୁ ଏସବୁ ଦୋକାନ ଦିନସାରା ଖୋଲା ରହୁଥିବାବେଳେ ଏଣିକି ସକାଳ ୯ରୁ ମଧ୍ୟାହ୍ନ ୧୨ଟା ଓ ଅପରାହ୍ନ ୩ରୁ ୫ଟା ପର୍ଯ୍ୟନ୍ତ ଖୋଲା ରଖିବାକୁ ନିର୍ଦ୍ଦେଶନାମା ଜାରି ହୋଇଛି। ଏବେ ଖରାହେଉଥିବାରୁ ଅଧିକାଂଶ ଲୋକ ସାମଗ୍ରୀ ଅପରାହ୍ନ ୩ରୁ ୫ଟା ଭିତରେ କିଣିବାକୁ ପସନ୍ଦ କରୁନାହାନ୍ତି। ଯେଉଁ କାରଣରୁ ସକାଳ ୯ରୁ ମଧ୍ୟାହ୍ନ ୧୨ଟା ଭିତରେ ସହରରେ ଗହଳି ଦେଖିବାକୁ ମିଳିଥିଲା। ଜଗତ୍‌ସିଂହପୁର ଥାନା ସାମ୍ନା ମୁଖ୍ୟ ରାସ୍ତାରେ ପୋଲିସ ଗାଡ଼ି ଚେକିଂ କରୁଥିବା ଜାଣି ମଧ୍ୟ ଅନେକ ଖାତିର ନ କରି ରାସ୍ତାରେ ଯିବା ପାଇଁ ଚେଷ୍ଟା କରିଥିଲେ। ପୋଲିସ ସେମାନଙ୍କୁ ଅଟକାଇ ଫାଇନ୍ ଆଦାୟ କରଥିଲା। ପୋଲିସଠାରୁ ଲୋକଙ୍କ ପର୍ଯ୍ୟନ୍ତ କେହି ନିୟମ ପାଳନ କରି ନ ଥିଲେ। ଅନ୍ୟସ୍ଥାନରେ ଗହଳି ହୋଇଥିଲେ ସୁଦ୍ଧା ପୋଲିସ ନ ଥିବା ଦେଖିବାକୁ ମିଳିଥିଲା। ଜିଲା ମୁଖ୍ୟ ଚିକିତ୍ସାଳୟରେ ଦୂରତା ରକ୍ଷା ପାଇଁ ମଧ୍ୟ କେହି ପରାମର୍ଶ ଦେଉ ନ ଥିଲେ। ଏହିଭଳି ଅନେକ ଅବ୍ୟବସ୍ଥାକୁ ନେଇ ଚିନ୍ତାପ୍ରକଟ କରାଯାଉଛି। ଯଦି କରୋନା ସଂକ୍ରମିତ ଏହି ଗହଳିରେ ରୁହନ୍ତି ତେବେ ପରିସ୍ଥିତି କ'ଣ ହେବ ତାହା ଆକଳନ କରିବା ସହଜ ନୁହେଁ। ଏ ସମ୍ପର୍କରେ କେତେଜଣ ବୁଦ୍ଧିଜୀବୀ କହିଛନ୍ତି, ଲକ୍‌ଡାଉନ୍ ନିୟମ କଡ଼ାକଡ଼ି ହେବା ଜରୁରୀ। ଲୋକଙ୍କ ଭିତରେ ସଚେତନତା ବୃଦ୍ଧି ସହ ଆଇନ କଡ଼ାକଡ଼ି କରା ନ ଗଲେ ପ୍ରତ୍ୟେକଙ୍କୁ ଏହାର ପରିଣତି ଭୋଗିବାକୁ ପଡ଼ିବ। ଏସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ବିଜୟା ପଣ୍ଡାଙ୍କୁ ପଚାରିବାରେ ସେ କହିଛନ୍ତି, ଲୋକେ ଧାଡ଼ିରେ ଛିଡ଼ା ହେବା ନେଇ ସୁରକ୍ଷାକର୍ମୀ ଦାୟିତ୍ୱବାନ ହେବାକୁ ପରାମର୍ଶ ଦିଆଯାଇଥିଲା। ତାହା ହୋଇ ନ ଥିବାରୁ ସେମାନଙ୍କୁ ତାଗିଦ କରାଯିବ। ଜଗତ୍‌ସିଂହପୁର ଥାନା ଅଧିକାରୀ ରଜନୀକାନ୍ତ ମିଶ୍ରଙ୍କୁ ପଚାରିବାରୁ ଲୋକେ ଗହଳି କରିଥିବା କଥା ସ୍ୱୀକାର କରିବା ସହ ହେଲ୍‌ମେଟ୍ ପିନ୍ଧି ନ ଥିବାରୁ ୧୭ ଜଣଙ୍କଠାରୁ ଜରିମାନା ଆଦାୟ କରାଯାଇଥିବା କହିଥିଲେ।



ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଲୋକଙ୍କ ଲମ୍ବା ଧାଡ଼ି ଲାଗିଛି। ସାମାଜିକ ଦୂରତା ନାହିଁ।

- ଥାନା ଛକରେ ପୋଲିସ ନାକେଦମ
- ଜିଲା ମୁଖ୍ୟ ଚିକିତ୍ସାଳୟରେ ଲମ୍ବାଧାଡ଼ି

## ପୋଲିସ ପାଟ୍ରୋଲିଂ କଡ଼ାକଡ଼ି

**ଆଳି,୩୦।୩(ଡି.ଏନ୍.ଏ.):** ଲକ୍‌ଡାଉନ ସମୟରେ କେହି ଘରୁ ନ ବାହାରିବା ନିମନ୍ତେ ନିର୍ଦ୍ଦେଶ ରହିଛି। ଆଳି ବ୍ଲକ ପ୍ରଶାସନ ପକ୍ଷରୁ ଡାକବାଜି ଯନ୍ତ୍ର ସାହାଯ୍ୟରେ ଗାଁ ଗାଁରେ ସଚେତନ କରା ଯାଉଥିବାବେଳେ ପୋଲିସ ପାଟ୍ରୋଲିଂ କରି ସାଧାରଣ ଲୋକଙ୍କୁ ସଚେତନ କରୁଛି। ଆଳି ଥାନା ଆଇଆଇସି ସଲିଲ ପ୍ରଧାନ ଓ ଏସ୍ଆଇ ସୌମ୍ୟରଞ୍ଜନ ପାଣିଗ୍ରାହୀ ବିଭିନ୍ନ ସ୍ଥାନରେ ପହଞ୍ଚି ଲୋକଙ୍କୁ ଅଯଥାରେ ଘରୁ ନ ବାହାରିବାକୁ ନିବେଦନ କରିଥିଲେ । ଏଥି ସହିତ ଭିଡ଼କୁ ଲକ୍ଷକରି ଆଳି ନିଆଳ ସାପ୍ତାହିକ ପରିବା ହାଟକୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବନ୍ଦ କରିଥିଲେ। ପାଟ୍ରୋଲିଂ କାର୍ଯ୍ୟରେ ୧୦ ଅଫିସର ଓ ୧ ପ୍ଲାଟୁନ ଫୋର୍ସ ସାମିଲ ଅଛନ୍ତି।

## ଅସହାୟ, ପଶୁପକ୍ଷୀଙ୍କୁ ଖାଦ୍ୟ ବଣ୍ଟନ

**ରଘୁନାଥପୁର,୩୦।୩ (ଡି.ଏନ୍.ଏ.):** ଲକ୍‌ଡାଉନ୍‌ଯୋଗୁ ବହୁ ଅସହାୟ ଓ ପଶୁପକ୍ଷୀ ଖାଦ୍ୟ ପାଉନାହାନ୍ତି। ଏହି ପରିପ୍ରେକ୍ଷୀରେ ଗତ ୬ ଦିନ ହେବ ରଘୁନାଥପୁର ବ୍ଲକସ୍ଥିତ ଜୟ ଜଗନ୍ନାଥ ସେବା ସଂଗଠନ ପକ୍ଷରୁ ଅସହାୟ, ମାନସିକ ବିକାରଗ୍ରସ୍ତ, ଭିକାରିଙ୍କ ସମେତ ପଶୁପକ୍ଷୀଙ୍କୁ ଖାଦ୍ୟ ବଣ୍ଟନ କରାଯାଉଛି। ଏଥିରେ ସଂଗଠନର ମଳୟ ରାଉତରାୟ, ସତ୍ୟବ୍ରତ ସ୍ୱାଇଁ, ସୀମିତ ମଣ୍ଡଳ, ନିରଞ୍ଜନ ସେନାପତି, ଆଶିଷ ସାହୁ, ଦେବବ୍ରତ ସ୍ୱାଇଁ ଓ ସନ୍ତୋଷ ପ୍ରମୁଖ ସାମିଲ ହୋଇଛନ୍ତି।



ଅସହାୟଙ୍କୁ ରନ୍ଧା ଖାଦ୍ୟ ଦିଆଯାଇଛି।

## ନାଉଗାଁର ୨ ପଞ୍ଚାୟତରେ ଦିଆଗଲା ରନ୍ଧା ଖାଦ୍ୟ

**ନାଉଗାଁ,୩୦।୩(ସ୍ୱ.ପ୍ର.):** ନାଉଗାଁ ବ୍ଲକ ଅଞ୍ଚଳର ୨ ପଞ୍ଚାୟତରେ ସୋମବାର ରନ୍ଧାଖାଦ୍ୟ ଦିଆଯାଇଛି। ଓଷକଣା ପଞ୍ଚାୟତ ଗାଦିବ୍ରହ୍ମ ସ୍ୱୟଂ ସହାୟିକା ଗୋଷ୍ଠୀ ୨୦ ଓ ତିରୁଣ ପଞ୍ଚାୟତ ତେଣ୍ଟୋଇର ତ୍ରାହି ଅଚ୍ୟୁତ ଗୋଷ୍ଠୀ ୩୦ ଜଣଙ୍କୁ ଖାଦ୍ୟ ପ୍ରଦାନ କରିଥିବା ଜିପିଓ ଦିନେଶ ରାୟ କହିଛନ୍ତି। ଖାଦ୍ୟ ଯେପରି ଅସହାୟ ଲୋକଙ୍କ ନିକଟରେ ପହଞ୍ଚିବ। ସ୍ୱଚ୍ଛତା ଏବଂ ସାମାଜିକ ଦୂରତା ରକ୍ଷା କରାଯାଇପାରିବ ସେ ଦିଗରେ ଧ୍ୟାନ ଦିଆଯାଇଥିବା ବିଡିଓ ରଶ୍ମିରେଖା ମଲିକ ପ୍ରକାଶ କରିଛନ୍ତି। ବ୍ଲକର ନାଉଗାଁହାଟ, ଗଙ୍ଗଦାହାଟ, କଣ୍ଟୁଣିଆ, ମୁଣ୍ଡାଳ ଓ ଅଲଣାହାଟ ପଞ୍ଚାୟତରେ ଦୂରଦୁରାନ୍ତରୁ ମାନସିକ ବିକାରଗ୍ରସ୍ତ ଆସି ବୁଲୁଛନ୍ତି। ବଜାର ବନ୍ଦ ଯୋଗୁ ସେମାନେ ଖାଦ୍ୟ ପାଉନାହାନ୍ତି। ତେଣୁ ଉକ୍ତ ପଞ୍ଚାୟତ ଗୁଡ଼ିକରେ ରନ୍ଧା ଖାଦ୍ୟ ଦେବା ପାଇଁ ବୁଦ୍ଧିଜୀବୀ ଦାବି କରିଛନ୍ତି। ଏସମ୍ପର୍କରେ ବିଡିଓ ମଲିକ କହିଛନ୍ତି, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ପଞ୍ଚାୟତ ପ୍ରତିନିଧିଙ୍କ ସହ ଆଲୋଚନା କରାଯିବା ପରେ ଖାଦ୍ୟ ଯୋଗାଣର ବ୍ୟବସ୍ଥା କରାଯିବ। ରବିବାରଠାରୁ ତିରୁଣା ପଞ୍ଚାୟତର ମା' ଭଗବତୀ ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟା ନିଜ ପାଣ୍ଠିରୁ ନିରାଶ୍ରୟଙ୍କୁ ଖାଦ୍ୟ ପ୍ରଦାନ କରୁଛନ୍ତି।

## ହାଟ ବନ୍ଦ: ବିକ୍ରି ହୋଇପାରୁନି ପରିବା

**ବାଲିଆ, ୩୦।୩:** କରୋନା ସଂକ୍ରମଣ ରୋକିବାକୁ ସରକାରୀ ଓ ପ୍ରଶାସନିକସ୍ତରରେ ବିଭିନ୍ନ ନିଷ୍ପତ୍ତି ନିଆଯାଇଛି। ତେବେ ଜନସମାଗମକୁ ରୋକିବା ସକାଶେ ବିରିଡି ବ୍ଲକ ଅଧୀନରେ ଥିବା ବିରିଡି, ଅଲାଣ୍ଡୋ, ଅଡ଼ଙ୍ଗ, ପୂରଣ, ବାଲିଆ ମାର୍କେଟର ସାପ୍ତାହିକ ହାଟକୁ ୨ ଦିନ ପରିବର୍ତ୍ତେ ଗୋଟିଏ ଦିନ ହେବ ବୋଲି ନିଷ୍ପତ୍ତି ହୋଇଛି। ମାର୍କେଟ ଖୋଲା ରହୁଥିବା ବେଳେ ଲୋକମାନେ କଟକଣା ନ ମାନି ବହୁ ଲୋକ ଏକାଠି ହେଉଥିବାରୁ ବ୍ଲକ ପ୍ରଶାସନ ପକ୍ଷରୁ ଉକ୍ତ ନିଷ୍ପତ୍ତି ନିଆଯାଇଛି। ଅନ୍ୟପଟେ ଦୁଇଦିନ ପରିବର୍ତ୍ତେ ଗୋଟିଏ ଦିନ ହାଟ ଖୋଲୁଥିବାରୁ ବହୁ ପନିପରିବା ବିକ୍ରି ହୋଇପାରୁନି। ତା' ସାଙ୍ଗକୁ ଅଦିନିଆ ବର୍ଷା ମଧ୍ୟ ଚାଷୀଙ୍କ ପାଇଁ ଆହୁରି ସମସ୍ୟା ସୃଷ୍ଟି କରୁଛି ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ଚାଷୀଙ୍କ ଅଭିଯୋଗ ମୁତାବକ, ବାଇଗଣ, ଭେଣ୍ଡି, ପୋଟଳ, ଶାଗ, ପୋଇ, ଲଙ୍କା ଓ ଅନ୍ୟ ପନିପରିବା ବହୁ ମାତ୍ରାରେ ଫଳୁଛି। ଏ ସବୁ ଠିକ୍ ସମୟରେ ତୋଳା ନ ଗଲେ ସବୁ ପରିବା ବୁଢ଼ା ହୋଇଯିବା ସହ ନଷ୍ଟ ହେବ। ପୂର୍ବରୁ ଦୁଇ ଦିନ ହାଟରେ ସବୁ ପରିବା ବିକ୍ରି ହୋଇପାରୁଥିଲା। କିନ୍ତୁ ଏବେ ଗୋଟିଏ ଦିନ ହାଟ ହେଉଥିବାରୁ ବହୁ ପରିବା ବଳିଯାଉଛି। ଫଳରେ ଚାଷୀମାନଙ୍କୁ ବହୁ କ୍ଷତି ସହିବାକୁ ପଡ଼ୁଛି। ତେଣୁ ୨ଦିନିଆ ହାଟ ଖୋଲିବା ସହ ସାମାଜିକ ଦୂରତ୍ୱ ପାଇଁ ହାଟ ସମୟରେ ପୋଲିସ ଉପସ୍ଥିତ ରହିବାକୁ ଅନେକ ଚାଷୀ ଦାବି କରିଛନ୍ତି। ନଚେତ୍ ଚାଷୀମାନଙ୍କ ସମସ୍ୟା ବହୁଗୁଣିତ ହୋଇଯିବ। ପ୍ରକାଶ ଯୋଗ୍ୟ, ବିରିଡି ବ୍ଲକର ତେନ୍ତୁଲିଆ, ମାଣିତ୍ରି, ଉତ୍ତରଶାସନ, ଦଳେଇଘାଇ, କୁଳକଇଜଙ୍ଗା, ଗଉସନଗର, ବଗୁଲା, ବାଲିଆ, ବସନ୍ତପୁର, ୨୨ ମୌଜାର ସମସ୍ତ ୬ ପଞ୍ଚାୟତର ଚାଷୀ ଶହ ଶହ ଏକର ପନିପରିବା ଚାଷ କରିଛନ୍ତି। ଗୋଟିଏ ପଟେ କରୋନାର ମାଡ଼ ଓ ଅନ୍ୟପଟେ ଅଦିନିଆ ବର୍ଷା ସେମାନଙ୍କ ମେରୁଦଣ୍ଡ ଦୋହଲାଇ ଦେଇଛି।



କରୋନା ଭୂତାଣୁ ରୋକିବା ପାଇଁ ଜଗତ୍‌ସିଂହପୁର ଜିଲା ରଘୁନାଥପୁର ବ୍ଲକ ଅଧୀନ ରେଡ୍ଡୁଆରେ ଗ୍ରାମବାସୀ ବାଉଁଶ ବାନ୍ଧି ରାସ୍ତା ବନ୍ଦ କରିଛନ୍ତି।

## ବଢୁଛି ପାନୀୟଜଳ ସମସ୍ୟା

**କେନ୍ଦ୍ରାପଡ଼ା ଅଫିସ୍, ୩୦।୩**

**କେନ୍ଦ୍ରାପଡ଼ା ଜିଲା**
- ମରାମତି ହେଉନି ଜଳଉତ୍ସ
- ରାଜନଗରରେ ଅନେକ ନଳକୂପ ଅଚଳ
- ନଳକୂପ ନିକଟରେ ମେଳି ବାନ୍ଧୁଛନ୍ତି

କେନ୍ଦ୍ରାପଡା ଜିଲାରେ ପାନୀୟ ଜଳ ସମସ୍ୟା ବଢ଼ିବାରେ ଲାଗିଛି। କରୋନା ପାଇଁ ଦେଶରେ ତାଲା ବନ୍ଦ କରାଯାଇଥିବାବେଳେ ଉପାନ୍ତଭାବେ ପରିଚିତ ମହାକାଳପଡ଼ା, ରାଜନଗର, ଆଳି, ରାଜକନିକା ଅଞ୍ଚଳରେ ଜଳ ଉତ୍ସ ମରାମତି କରାଯାଉନାହିଁ। ଏନେଇ ବିଭାଗୀୟ ଅଧିକାରୀଙ୍କୁ ସୂଚନା ଦିଆଯାଉଥିଲେ ବି ସୁଫଳ ମିଳୁ ନ ଥିବା ଅଭିଯୋଗ ହୋଇଛି। କରୋନା ରୋକିବା ସକାଶେ ସଫା ପାଣିରେ ହାତ ଧୋଇବା ପାଇଁ ସଚେତନ କରାଯାଉଥିବା ବେଳେ ନଳକୂପ ମରାମତି ଅଭାବରୁ ଲୋକେ ପାନୀୟ ଜଳ ବି ପାଇ ପାରୁନାହାନ୍ତି।

ଜିଲାର ୧୫୯୨ ରାଜସ୍ୱ ଗ୍ରାମ ମଧ୍ୟରୁ ମାତ୍ର ୨୬% ଗ୍ରାମକୁ ପାଇପ ଯୋଗେ ପାନୀୟ ଜଳ ଦିଆଯାଉଛି। ବିଦ୍ୟୁତ୍ ବିଭ୍ରାଟ ପାଇପ ପାଣି ଯୋଗାଣରେ ବାଧା ସୃଷ୍ଟି କରୁଛି। ମହାକାଳପଡ଼ା ବ୍ଲକ ବଡଦାଣ୍ଡିଆ ଗ୍ରାମର ସରିତା ହାଲଦାର କୁହନ୍ତି, ଗ୍ରାମରେ ୩ଟି ନଳକୂପ ଅଛି। କିନ୍ତୁ ଖରାଦିନ ଆରମ୍ଭରୁ ସେଗୁଡ଼ିକ ଅଚଳ ହୋଇଛି। ବିଭାଗୀୟ ଅଧିକାରୀଙ୍କୁ ସୂଚନା ଦିଆଯାଉ ଥିଲେ ମଧ୍ୟ ନଳକୂପ ଅଦ୍ୟାବଧି ସଜଡ଼ା ହୋଇନାହିଁ। ପିଇବା ପାଣି ଆଣିବାକୁ ପ୍ରାୟ ୧ କିଲୋମିଟର ଯିବାକୁ ପଡ଼ୁଛି। ପ୍ରଶାସନ ପକ୍ଷରୁ ନଳକୂପ ମରାମତି ସହ ଟ୍ୟାଙ୍କରରେ ପାଣି ଯୋଗାଇ ଦିଆଗଲେ ଲୋକେ ଉପକୃତ ହୋଇପାରିବେ ବୋଲି ସେ କହିଛନ୍ତି। ରାଜନଗର ବ୍ଲକ ବଗପାଟିଆରେ ମୋଟ ୭ଟି ନଳକୂପ ଅଛି। ସେଥିରୁ ୪ ଅଚଳ ହୋଇଛି। ଗ୍ରାମର ସୁଦର୍ଶନ ସ୍ୱାଇଁ କହିଛନ୍ତି, ପାଣି ପାଇଁ ଗ୍ରାମବାସୀ ଅନ୍ୟ ୩ ନଳକୂପ ନିକଟରେ ମେଳି ବାନ୍ଧୁଛନ୍ତି। ସାମାଜିକ ଦୂରତ୍ୱ ଏଠାରେ କାର୍ଯ୍ୟକାରୀ ହେଉ ନ ଥିବାରୁ କରୋନା ଭୟ ରହିଛି। ପାଟକୁରା ଗ୍ରାମର ସଦାଶିବ ଭୋଇ କହିଛନ୍ତି, ବିଦ୍ୟୁତ୍ କାଟ ଜାରି ରହିଛି। ଫଳରେ ଜଗନ୍ନାଥପୁର, ପୁନ୍ଦାଲୋ, ଆଖୁଆ, ନରସିଂହପୁର, ବେଡ଼ାରୀ, ଜଗଦଳପୁର ଆଦି ଗ୍ରାମରେ ପିଇବା ପାଣି ଆବଶ୍ୟକ ମୁତାବକ ମିଳୁନାହିଁ। ଏ ସମ୍ପର୍କରେ ଏଡିଏମ ବସନ୍ତ ରାଉତଙ୍କୁ ପଚାରିବାରେ ପାନୀୟ ଜଳ ସମସ୍ୟା ସମାଧାନ ପାଇଁ ପ୍ରଶାସନିକ ବୈଠକ ସରିଛି। ପ୍ରତ୍ୟେକ ଗ୍ରାମରେ ପାନୀୟ ଜଳ ଯୋଗାଣ ପାଇଁ ଗ୍ରାମ୍ୟ ଜଳ ଯୋଗାଣ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। କୌଣସି ଗ୍ରାମରେ ଜଳ ଯୋଗାଣରେ ଅସୁବିଧା ଥିଲେ ଟ୍ୟାଙ୍କରରେ ଜଳ ପରିବହନ ହେବ ବୋଲି ସୂଚନା ଦେଇଛନ୍ତି।



ମହାକାଳପଡ଼ା ବ୍ଲକ ଅଧୀନ ବଡଦାଣ୍ଡିଆ ଗ୍ରାମର ମହିଳାମାନେ ପାଣି ଆଣିବାକୁ ଧାଡ଼ିରେ ଠିଆ ହୋଇଛନ୍ତି।

## ଗଙ୍ଗଦା ହାଟ ସ୍ଥାନାନ୍ତର

**ନାଉଗାଁ,୩୦।୩(ସ୍ୱ.ପ୍ର.):** ନାଉଗାଁ ବ୍ଲକ ଅନ୍ତର୍ଗତ ଗଙ୍ଗଦା ସାପ୍ତାହିକ ହାଟକୁ ସାମାଜିକ ଦୂରତା ରକ୍ଷା ପାଇଁ ସ୍ଥାନାନ୍ତର କରାଯାଇଛି। ବ୍ଲକ ପ୍ରଶାସନ ଓ ବଜାର କମିଟି ସଭାପତି ବିଜୟ ବେହେରା ଏବଂ ସଦସ୍ୟଙ୍କ ନିଷ୍ପତ୍ତିକ୍ରମେ ସୋମବାର ଏହି ସାପ୍ତାହିକ ହାଟକୁ ନିକଟସ୍ଥ ଏକ ଖୋଲାସ୍ଥାନକୁ ଉଠାଇ ନିଆଯାଇଛି। ଫଳରେ ହାଟକୁ ଅସୁଥିବା ଜନସାଧାରଣ ଛାଡି ଛାଡି ରହି ଜିନିଷ କ୍ରୟ କରୁଥିବା ଦେଖିବାକୁ ମିଳିଛି। ଶାନ୍ତିଶୃଙ୍ଖଳାର ସହ ଖୋଲା ସ୍ଥାନରେ ହାଟ ଚାଲିଥିବା ବେଳେ ସାମାଜିକ ଦୂରତ୍ୱ ମଧ୍ୟ ବଜାୟ ରହୁଛି। ପ୍ରତ୍ୟେକ ଦେକାନୀଙ୍କ ସମ୍ମୁଖରେ ନିର୍ଦ୍ଦିଷ୍ଟ ଗୋଲ ବୁଲାଯାଇଛି। ସେହି ଗୋଲ ମଧ୍ୟରେ ରହି ଲୋକେ ସାମଗ୍ରୀ କ୍ରୟ କରୁଛନ୍ତି।

## ସାମାଜିକ ଦୂରତ୍ୱ ସମ୍ପର୍କରେ ସଚେତନତା

**ରଘୁନାଥପୁର, ୩୦।୩ (ଡି.ଏନ୍.ଏ.):** ରଘୁନାଥପୁର ବ୍ଲକ ଶାଳିଜଙ୍ଗାସ୍ଥିତ ନବଜ୍ୟୋତି କ୍ଲବ ପକ୍ଷରୁ ଗାଁ କଲ୍ୟାଣ ବୈଠକ, ଇମ୍ୟୁନାଇଜେଶନ ସେଣ୍ଟର ଓ ଏସ୍ଏସ୍‌ଜି ଗ୍ରୁପ ସଦସ୍ୟାମାନଙ୍କୁ ହାତଧୁଆ ଓ ସାମାଜିକ ଦୂରତ୍ୱ ସମ୍ପର୍କରେ ସଚେତନ କରାଯାଇଛି। ପ୍ରତ୍ୟକ ପରିବାରର ମହିଳାମାନଙ୍କୁ ଏହାର ଉଦ୍ଦେଶ୍ୟ ସମ୍ପର୍କରେ କ୍ଲବ ସଦସ୍ୟମାନେ ବୁଝାଇଥିଲେ। ଏହାପରେ ରେଡ୍ଡୁଆ ମେଡିକାଲ, ଗ୍ୟାସ୍ ଏଜେନ୍‌ସିଜ୍, ତେଜରାତି ଓ ଔଷଧ ଦୋକାନ ଆଦିରୁ ସାମଗ୍ରୀ କିଣିବା ସମୟରେ ସାମାଜିକ ଦୂରତା ବଜାୟ ରଖିବାକୁ ନିବେଦନ କରିଥିଲେ। ଏହାଛଡ଼ା ସବୁବେଳେ ଘରେ ରହିବା ଓ ନିହାତି ଜରୁରୀ ନ ଥିଲେ ଘରୁ ନ ବାହାରିବା ପାଇଁ ପରାମର୍ଶ ଦେଇଥିଲେ। ସମ୍ପାଦକ କ୍ଷୀରୋଦ ଦାଶଙ୍କ ତତ୍ତ୍ୱାବଧାନରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ପ୍ରଦ୍ୟୁମ୍ନ ମିଶ୍ର, ସ୍ମୃତିରଞ୍ଜନ ଦାଶ, ପାରାଲିଗାଲ ସ୍ୱେଚ୍ଛାସେବୀ ଶୁଭଲକ୍ଷ୍ମୀ ନାୟକ, ମନୋଜ କୁମାର ସ୍ୱାଇଁ, ସତ୍ୟବ୍ରତ ତ୍ରିପାଠୀ, ଗୋବିନ୍ଦ ଓଝା, ପୂର୍ଣ୍ଣଚନ୍ଦ୍ର ଜେନା, ଶାନ୍ତିଲତା ଦ୍ୱିବେଦୀ ପ୍ରମୁଖ ସାମିଲ ଥିଲେ।

## ୪ ସନ୍ଦିଗ୍ଧଙ୍କ ସ୍ୱାବ ରିପୋର୍ଟ ନେଗେଟିଭ୍

**ଜଗତ୍‌ସିଂହପୁର ଅଫିସ,୩୦।୩**

- ପାରାଦୀପରେ ନିର୍ମାଣ ହେବ କୋଭିଡ୍-୧୯ ଚିକିତ୍ସାଳୟ
- କର କ୍ଲିନିକ୍‌ରେ ଥିବା ରୋଗୀ ଓ ସହାୟକ ସଙ୍ଗରୋଧ ରହିବେ

ଜଗତ୍‌ସିଂହପୁର ଜିଲାକୁ ୨୯ ତାରିଖ ସୁଦ୍ଧା ବିଦେଶରୁ ୧୭୪ଜଣ ଫେରିଥିବାବେଳେ ସେମାନଙ୍କ ମଧ୍ୟରୁ ୧୩୪ ସଙ୍ଗରୋଧ ସାରିଲେଣି। ଏହି ବିଦେଶାଗତଙ୍କ ମଧ୍ୟରୁ ୪ଜଣ କରୋନା ଭୂତାଣୁ ଦ୍ୱାରା ସଂକ୍ରମିତ ହୋଇଥିବା ସନ୍ଦେହ କରାଯାଇଥିଲା। ମାତ୍ର ସେମାନଙ୍କ ସ୍ୱାବ୍ ରିପୋର୍ଟରେ ନେଗେଟିଭ୍ ଆସିଥିବା ଜଣାଯାଇଛି। ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ଓସୱାନ ଭିସି କୋଠରୀରେ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଜିଲାର ବିଡିଓ, ତହସିଲଦାର, ଅତିରିକ୍ତ ତହସିଲଦାର, ଜଗତ୍‌ସିଂହପୁର ଓ ପାରାଦୀପ ପୌରପରିଷଦ ନିର୍ବାହୀ ଅଧିକାରୀଙ୍କ ସହ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ କରୋନା ସଂକ୍ରମଣଜନିତ ସ୍ଥିତି ସମୀକ୍ଷା ସମୟରେ ଏହା କହିଛନ୍ତି। ସେ କହିଥିଲେ, ରାଜ୍ୟର ୩ୟ କରୋନା ସଂକ୍ରମିତ ଭୁବନେଶ୍ୱର କର କ୍ଲିନିକ୍‌ରେ ଚିକିତ୍ସିତ ହୋଇଥିଲେ। ତେଣୁ ଏହି କ୍ଲିନିକ୍‌ରେ ଚିକିତ୍ସିତ ହୋଇ ଗାଁକୁ ଫେରିଥିବା ରଘୁନାଥପୁର ବ୍ଲକର ଜଣେ ରୋଗୀ ଓ ତାଙ୍କ ସହାୟକଙ୍କ ଉପରେ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନଜର ରଖାଯାଇଛି। ସେମାନଙ୍କୁ ଏକ ଡାକ୍ତରୀ ଦଳ ଭେଟି ଉପଯୁକ୍ତ ଚିକିତ୍ସା ସହ ୧୪ଦିନ ସଙ୍ଗରୋଧ ରହିବାକୁ ପରାମର୍ଶ ଦେଇଛନ୍ତି। ପାରାଦୀପରେ ଏକ ଉତ୍ସର୍ଗୀକୃତ କୋଭିଡ୍-୧୯ ଚିକିତ୍ସାଳୟ ନିର୍ମାଣ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଏହି ଚିକିତ୍ସାଳୟ ପାରାଦୀପ ପୋର୍ଟ, ଇଫ୍‌କୋ ଓ ପିପିଏଲ୍‌ର ସିଏସ୍ଆର୍ ପାଣ୍ଠିରେ ନିର୍ମାଣ ହେବ। ଔଷଧ ସାମଗ୍ରୀ, ମାସ୍କ, ସାନିଟାଇଜର, ଉପକରଣ ଓ ଯନ୍ତ୍ରପାତି ଆଦି କିଣାଯିବା ପାଇଁ ଜିଲାସ୍ତରୀୟ ଜରୁରୀ କ୍ରୟ କମିଟି ଗଠନ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ପ୍ରତ୍ୟେକ ଗୋଷ୍ଠୀ ଓ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ମରାମତି କାମ ଶୀଘ୍ର ସାରିବାକୁ ବିଡିଓମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଜିଲାର ସ୍ୱାସ୍ଥ୍ୟ ଓ ପୋଲିସ କର୍ମଚାରୀଙ୍କ କାର୍ଯ୍ୟକୁ ଜିଲାପାଳ ପ୍ରଶଂସା କରିଥିଲେ।

ସମୀକ୍ଷାରେ କୁହାଯାଇଥିଲା ଜିଲାର ବ୍ଲକ, ତହସିଲ, ପୌର ପରିଷଦ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ସର୍ବଶିକ୍ଷା ଅଭିଯାନ ଆଦି ସମସ୍ତ ସରକାରୀ କାର୍ଯ୍ୟାଳୟର କାମ ଇ-ଅଫିସ ଜରିଆରେ ସମ୍ପାଦନ ହେଉଛି। ଜିଲାର ୩ଟି ଅନୁସୂଚିତ ଜନଜାତି ଓ ଜାତି ଆବାସିକ ବିଦ୍ୟାଳୟର ୬ ଛାତ୍ରାବାସର ୮୮୫ ଅନ୍ତେବାସୀଙ୍କୁ ନିଜ ଘରକୁ ପଠାଇ ଦିଆଯାଇଛି। ଜିଲାର ୧୯୮ ପଞ୍ଚାୟତ ଓ ପୌରାଞ୍ଚଳକୁ ମିଶାଇ ୨୦୫ ଅସ୍ଥାୟୀ ଚିକିତ୍ସାକେନ୍ଦ୍ର ମଧ୍ୟରୁ ମାର୍ଚ୍ଚ ୨୯ ସୁଦ୍ଧା ୧୬୩ ସମ୍ପୂର୍ଣ୍ଣ ହୋଇଥିବା ବେଳେ ୨୫୩୫ ଶଯ୍ୟା ବ୍ୟବସ୍ଥା କରାଯାଇଛି। ଜିଲାରେ ୬ ଆଇସୋଲେଶନ୍ କେନ୍ଦ୍ର କରାଯାଇ ୧୧୫୦ ଶଯ୍ୟା ବ୍ୟବସ୍ଥା କରାଯାଇଛି। ଗତ ୨୯ ତାରିଖ ସୁଦ୍ଧା ୭୬୨୪ ଜଣ ହିତାଧିକାରୀଙ୍କୁ ୧୪୭୬.୧୮ କୁଇଣ୍ଟାଲ ଚାଉଳ ଓ ଗହମ ବଣ୍ଟାଯାଇଛି। ଜିଲାର ବସନ୍ତପୁର, ଆମ୍ବଶାଳ, ତରଡ଼ାପଡ଼ା ଓ କେନ୍ଦ୍ରାପଡ଼ା ଜିଲାର ମୁଷକଣି ଗୋଦାମରୁ ଚାଉଳ, ଗହମ ଉଠାଯାଇ ବ୍ଲକ ଓ ପୌର ପରିଷଦ ଅଞ୍ଚଳକୁ ଯୋଗାଣ କରାଯାଉଛି। ପାରାଦୀପ ଓ ମାଛଧରା ବନ୍ଦର ନିକଟରେ ଥିବା ୨୦୦ ଆନ୍ତଃରାଜ୍ୟ ମତ୍ସ୍ୟଜୀବୀଙ୍କୁ ରେଡକ୍ରସ୍ ପାଣ୍ଠିରୁ ଖାଦ୍ୟ ଯୋଗାଣ ବ୍ୟବସ୍ଥା ହୋଇଛି। ୯ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମଧ୍ୟରୁ ୮ ମରାମତି ଓ ୨୮ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ମଧ୍ୟରୁ ୧୮ ମରାମତି ସରିଥିବା ଜିଲାପାଳ ସୂଚନା ଦେଇଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ସଚ୍ଚିଦାନନ୍ଦ ସାହୁ, ଜିଲାପାଳଙ୍କ ଓଏସ୍‌ଡି ଡ. ଶଶାଙ୍କ ଶେଖର ଲେଙ୍କା, ସ୍ମୃତିରଞ୍ଜନ ମିଶ୍ର, ଏସିଏସ୍ଓ ପ୍ରଦ୍ୟୁମ୍ନ ରାଉତ, ଜି. ପ୍ରଭାକର ପାତ୍ର, ପବିତ୍ର ମୋହନ ଦାସ, ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ଜଗତ୍‌ସିଂହପୁର ପୌର ପରିଷଦ ନିର୍ବାହୀ ଅଧିକାରୀ ବିମଳ ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ।

# ପରିବା ହାଟ ବଢ଼ାଇଲା ଗହଳି

ନୟାଗଡ଼ ଅଫିସ,୩୦।୩

ଲକ୍‌ଡାଉନରେ ଅତିଷ୍ଠ ହୋଇପଡିଥିଲେ ନୟାଗଡ ସହରବାସୀ। ଔଷଧ କିଣିବା ହେଉ କି ଅନ୍ୟ କୌଣସି କାମରେ ବଜାରକୁ ଗୋଡ କାଢ଼ିଲେ ପୋଲିସର ମାରପିଟ୍, ବସଉଠ୍ ପରି କାର୍ଯ୍ୟାନୁଷ୍ଠାନର ଭୟ ରହିଥିଲା। ଘରେ ରହି ବୋର୍ ହୋଇଯାଉଥିବା ଲୋକଙ୍କ ପାଇଁ ସୋମବାର ଆରମ୍ଭ ହୋଇଥିବା ଅସ୍ଥାୟୀ ପରିବା ମାର୍କେଟ ଆଣିଦେଇଥିଲା ସୁଯୋଗ। ପରିବା ଦୋକାନ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଖୋଲାରହିବ ବୋଲି ସୂଚନା ଦିଆଯାଇଥିଲା। ପରିବା କିଣିବା ବାହାନାରେ ଲୋକମାନେ ବାହାରକୁ ବାହାରିଥିଲେ। ପୋଲିସର କାର୍ଯ୍ୟାନୁଷ୍ଠାନ ନ ଥିବାରୁ ଲୋକେ ଆଶ୍ୱସ୍ତି ଅନୁଭବ କରିଥିଲେ। ହେଲେ ବ୍ରଜେନ୍ଦ୍ର ହାଇସ୍କୁଲ ପରିସରରେ ଖୋଲିଥିବା ଅସ୍ଥାୟୀ ପନିପରିବା ମାର୍କେଟରେ ନ ଥିଲା ସାମାଜିକ ଦୂରତ୍ୱ। ଲୋକମାନେ ୧ମିଟର ବ୍ୟବଧାନରେ ନ ରହି ମନଇଚ୍ଛା ପରିବା କିଣୁଥିଲେ। ପନିପରିବା ବିକ୍ରି ସ୍ଥାନକୁ ବାଇକ୍ ଆଦି ଯାନ ନ ନେବାକୁ ପୌର ପରିଷଦ ପକ୍ଷରୁ ଘୋଷଣା କରାଯାଇଥିଲା। ଏପରି କି ୨୫ ହଜାର ଟଙ୍କା ଜରିମାନା ପଡିବ ବୋଲି ଚେତାବନୀ ଦିଆଯାଇଥିଲା। ଏହା ସତ୍ତ୍ୱେ ଲୋକେ ଯାନବାହନ ଆଣିଥିଲେ। ନୟାଗଡ ଉପଜିଲାପାଳ ଲଗ୍ନଜିତ୍ ରାଉତ, ତହସିଲଦାର ଭିକାରୀ ସାହୁ ଓ ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ପରେ କରାଯାଇଥିଲା ଲାଇନ୍। ହେଲେ କିଛିସମୟ ପରେ ପୁଣି ସେହି ସମାନ ଅବସ୍ଥା। ଲୋକଙ୍କ ଗହଳି ଏଡାଇବା ପାଇଁ ନୂଆ ବସ୍‌ଷ୍ଟାଣ୍ଡକୁ


ପରିବା ହାଟରେ ସାମାଜିକ ଦୂରତା ରକ୍ଷା କରାଯାଇ ନାହିଁ।

- ରହିଲାନି ସାମାଜିକ ଦୂରତ୍ୱ
- ପଲିଥିନ୍‌ରେ ବିକୁଥିଲେ ବି ନ ଥିଲା କାର୍ଯ୍ୟାନୁଷ୍ଠାନ

ପରିବା ମାର୍କେଟ ସ୍ଥାନାନ୍ତର କରାଯିବା ଆବଶ୍ୟକ ବୋଲି ମତପ୍ରକାଶ ପାଇଛି। ଏଠାରେ ୯୦ ଟି ଘର ନିର୍ମାଣ ହୋଇଥିଲେ ମଧ୍ୟ କାମରେ ଲାଗିନି। ସେହିପରି ସରକାରଙ୍କ ଦ୍ୱାରା ନିଷିଦ୍ଧ ହୋଇଥିବା ପଲିଥିନ୍‌କୁ ବ୍ୟବସାୟୀମାନେ ବ୍ୟବହାର କରୁଥିଲେ। ସେଥିରେ ଗ୍ରାହକଙ୍କୁ ପନିପରିବା ଦେଉଥିଲେ। ପନିପରିବା ଦୋକାନ ସମ୍ମୁଖରେ ପୂର୍ବତନ ଏନ୍ଏସି ଅଧ୍ୟକ୍ଷ ଗୁରୁ ପ୍ରସାଦ ଜେନା ପଲିଥିନ୍‌ରେ ପରିବା ଦେବାକୁ ବିରୋଧ କରିଥିଲେ। ଏପରି କି ପଲିଥିନ୍‌ରେ ପରିବା ନ ଦେବାକୁ ବ୍ୟବସାୟୀଙ୍କୁ କିଛି ପୌର କର୍ମଚାରୀ ତାଗିଦ୍ କରିଥିଲେ।

## ଖବରଦାତାଙ୍କୁ ପୋଲିସର ମାଡ଼

ନୟାଗଡ଼ ସଦର ଥାନାର ବାରବାଟିଠାରେ ଏକ ଦୈନିକ ଖବରକାଗଜର ଜିଲା ପ୍ରତିନିଧି ଅନିଲ ପଣ୍ଡାଙ୍କୁ ସୋମବାର ମାଡ଼ ହୋଇଛି। ଅନିଲ ନିଜକୁ ଖବରଦାତା ପରିଚୟ ଦେବା ସହ ପ୍ରେସ୍ କାର୍ଡ ଦେଖାଇଥିଲେ। ହେଲେ ପୋଲିସ ପ୍ରେସ୍ କାର୍ଡ ଦେଖି ବି ପିଟିଥିଲା। ନିକଟରେ ସ୍ଥାନୀୟ ଲୋକ ପହଞ୍ଚିବା ପରେ ମାଡ଼ ମାରିଥିବା ମହିଳା ପୋଲିସ ଫେରାର ହୋଇଯାଇଥିଲେ। ଏହାକୁ ନେଇ ଏସ୍‌ପିଙ୍କ ନିକଟରେ ଖବରଦାତାମାନେ ଫେରାଦ ହୋଇଛନ୍ତି। ନ୍ୟାୟ ନ ମିଳିଲେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

## ଖଣ୍ଡପଡ଼ା ରୋଡ୍‌ରେ ମାଛ ମାର୍କେଟ

କରୋନାରେ ସାମାଜିକ ଦୂରତ୍ୱ ରକ୍ଷା କରିବା ପାଇଁ ନୟାଗଡ ସହରର ଖଣ୍ଡପଡା ରୋଡସ୍ଥିତ ଏଲ୍ଆଇସି ଅଫିସ ପଛ ପାଖ ସରକାରୀ ଜମିରେ ଅସ୍ଥାୟୀ ମାଛ ମାର୍କେଟ କରାଯିବ। ମଙ୍ଗଳବାରଠାରୁ ସକାଳ ୬ଟାରୁ ୧୧ଟା ପର୍ଯ୍ୟନ୍ତ ଏହା ଚାଲୁ ରହିବ। ଦରକାର ପଡିଲେ ଏଠାରେ ମାଂସ ଦୋକାନ କରାଯିବ। ଏ ନେଇ ସରକାରୀ ସ୍ତରରେ ଆଲୋଚନା ଜାରି ରହିଛି। ଅନ୍ୟପକ୍ଷେ ନୂଆକରି ଅସ୍ଥାୟୀ ପନିପରିବା ମାର୍କେଟ କରାଯାଇଛି। ଏଥିରେ ଯେଉଁ ଅସୁବିଧା ରହିଛି ତା'ର ସମାଧାନ କରାଯିବାକୁ ଚେଷ୍ଟା କରାଯାଉଛି। ସାମାଜିକ ଦୂରତ୍ୱକୁ ଗୁରୁତ୍ୱ ଦିଆଯାଇଛି। ପଲିଥିନ୍ ବିକ୍ରିକୁ ନିଷେଧ କରାଯିବ ବୋଲି ନୟାଗଡ ଏନ୍ଏସି ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ଜେନା କହିଛନ୍ତି।

## ନିମ୍ନମାନର ରାସ୍ତା ମରାମତି କରି ଅନୁଦାନ ହଡ଼ପ ଉଦ୍ୟମ

ନୂଆଗାଁ, ୩୦।୩ (ଡି.ଏନ.ଏ.)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ୫୭ନ. ଜାତୀୟ ରାଜପଥଠାରୁ ଡିମିରିପଲ୍ଲୀ ରାସ୍ତା ମରାମତି କାର୍ଯ୍ୟ ନିମ୍ନମାନର କରି ଅନୁଦାନ ହଡପ ଉଦ୍ୟମ କରାଯାଇଛି। ପ୍ରକାଶ ଯେ, ନୂଆଗାଁ ଛକଠାରୁ ଖାଲମଡା ଦେଇ ବାହାଡାଝୋଲାକୁ ସଂଯୋଗ କରୁଥିବା ପୂର୍ତ୍ତ ବିଭାଗ ରାସ୍ତା ଅତି ଶୋଚନୀୟ ହୋଇଥିବାରୁ ଯିବାଆସିବା କରିବା କଷ୍ଟକର ହୋଇପଡେ।


ରାସ୍ତାକାମ ନିମ୍ନମାନର କରାଯାଉଛି।

ଏହାର ମରାମତି ପାଇଁ ସ୍ଥାନୀୟ ଭେଟପଲ୍ଲୀ, ଖାଲମଡା, ବୁଢାବାରୀ ଆଦି ଗ୍ରାମର ଯୁବକମାନେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରିଥିଲେ। ତଦନୁଯାୟୀ ଚଳିତବର୍ଷ ୫୦୦ ମିଟର ରାସ୍ତା ମରାମତି ପାଇଁ ପୂର୍ତ୍ତ ବିଭାଗ ତରଫରୁ ୫ ଲକ୍ଷ ଟଙ୍କାର ଅନୁଦାନ ଦିଆଯାଇଥିଲା। ହେଲେ ବିଭାଗୀୟ ଯନ୍ତ୍ରୀଙ୍କ ଅନୁପସ୍ଥିତିରେ ଠିକାଦାର ନିମ୍ନମାନର ମରାମତି କାର୍ଯ୍ୟ କରି ଅର୍ଥ ହଡପ ଉଦ୍ୟମ କରିଥିବା ନେଇ କିଛି ସଚେତନ ଯୁବକ ଏହି କାର୍ଯ୍ୟକୁ ବିରୋଧ କରିଛନ୍ତି। ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ୭ ପ୍ରତିଶତ ପିସି ନେଉଥିବା ଯୋଗୁ ନିମ୍ନମାନର କାର୍ଯ୍ୟ କରିବା ପାଇଁ ବାଧ୍ୟ ହେଉଛୁ ବୋଲି ସମ୍ପୃକ୍ତ ଠିକାଦାର କହିଛନ୍ତି। ଏ ସମ୍ପର୍କରେ ପୂର୍ତ୍ତ ବିଭାଗ ଏସ୍‌ଡିଓ ଭଗବାନ ସାହୁଙ୍କୁ ପଚାରିବାରୁ ସେ କହିଥିଲେ, କନିଷ୍ଠ ଯନ୍ତ୍ରୀ ଅନ୍ୟ ସ୍ଥାନରେ କାମ ଦେଖି ଯାଉଥିବାରୁ ସେହି କାମ ଦେଖିବା ପାଇଁ ଯାଇ ନ ଥିବେ। ଠିକାଦାର ଯଦି ନିମ୍ନମାନର କାର୍ଯ୍ୟ କରୁଛନ୍ତି ତେବେ ଆମେ ତାଙ୍କୁ ବିଲ୍ ଦେବୁ ନାହିଁ ବୋଲି ସେ କହିଛନ୍ତି।

# ୩ଦିନ ଉପବାସ ପରେ ଘରକୁ ଫେରିଲେ କେରଳ ଫେରନ୍ତା

ନୟାଗଡ ଅଫିସ/ ରଣପୁର,୩୦।୩(ସ୍ୱ.ପ୍ର.)

କେରଳରୁ ଘରକୁ ଫେରିବା ୫ ଶ୍ରମିକଙ୍କୁ ମହଙ୍ଗା ପଡିଛି। ସେମାନେ ହେଲେ ନୟାଗଡ ଜିଲା ରଣପୁର ବ୍ଲକ କେରେଣ୍ଡାଟାଙ୍ଗୀ ପଞ୍ଚାୟତ ମୁକ୍ତାପୁର ଗାଁର ଅଖିଳ ପ୍ରଧାନ, ମୀନ ବେହେରା, ଚିତ୍ତ ବେହେରା, ପାଣ୍ଡୁ ସାମନ୍ତରାୟ ଓ ବାବନ ସାମନ୍ତରାୟ। ଏହି ଶ୍ରମିକମାନେ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୩ଦିନ ଉପବାସ ରହିବା ପରେ ସୋମବାର ଘରକୁ ଫେରିଥିଲେ। ହେଲେ ବିରୋଧ ଯୋଗୁ ସେମାନେ ଗାଁ ମୁଣ୍ଡ ଖୋଲା ସ୍ଥାନରେ ଆଶ୍ରୟ ନେଇଛନ୍ତି। ଏ ସମ୍ପର୍କରେ ରଣପୁର ବିଡିଓଙ୍କୁ ଅବଗତ କରାଇବା ପରେ ସେମାନଙ୍କୁ ଚାନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରଖାଯିବ ବୋଲି ପ୍ରତିଶ୍ରୁତି ମିଳିଛି। କେରଳରେ ଖାଇବା ରହିବାରେ ଅସୁବିଧା ହେବା ପରେ ଏମାନେ ଘରକୁ ଫେରିଥିଲେ। ହେଲେ ଗାଁକୁ ଫେରିବା ପରେ ଗାଁ ଲୋକ ବାହାରେ ରହିବାକୁ ବାଧ କରାଇଥିଲେ। ଏପରିକି ସରପଞ୍ଚଙ୍କ ସହ ଯୋଗାଯୋଗ କରି ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରହିବାକୁ ପରାମର୍ଶ ଦେଇଥିଲେ। ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୩ ଦିନ ଧରି କେବଳ ବିସ୍କୁଟ ଖାଇ ବଞ୍ଚିବା ସେମାନଙ୍କୁ କଷ୍ଟ ଦେଇଛି। ତେବେ ସେମାନଙ୍କୁ ଡାକ୍ତରୀ ଚିକିତ୍ସା ଠିକ୍ ମିଳିଥିଲା ବୋଲି କୁହାଯାଇଛି। ସୂଚନାଯୋଗ୍ୟ କରୋନା ଭାଇରସ୍ କବଳରୁ ଲୋକଙ୍କୁ ରକ୍ଷା କରିବା ଲାଗି ନୟାଗଡ ଜିଲାରେ ୨୦୯ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୧୦ ହଜାର ୬୭୦ ରୋଗୀଙ୍କୁ ରଖାଯାଇ ଚିକିତ୍ସା ବ୍ୟବସ୍ଥା କରାଯାଇଛି। ବିଭିନ୍ନ ବ୍ଲକରେ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଯେପରି କିଛି ଅସୁବିଧା ନ ହେବ ସେ ନେଇ ଜିଲାପାଳ ପୋମା ଟୁଡୁ ବିଡିଓମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହା ପରେ ବି ଲୋକ ସେବା ନ ପାଇବା ସାଧାରଣରେ ଅସନ୍ତୋଷ ସୃଷ୍ଟି କରିଛି।


କେରଳରୁ ଫେରିଥିବା ୩ ଶ୍ରମିକ।

## କରୋନା ସହାୟତା ପାଇଁ ଲାଞ୍ଚ

ନୟାଗଡ ଅଫିସ,୩୦।୩: ନିର୍ମାଣ ଶ୍ରମିକଙ୍କୁ କରୋନା ସହାୟତା ୧୫୦୦ ଟଙ୍କା ମିଳିବ। ତେବେ ଏହି ସହାୟତା କରାଇବାକୁ ନୟାଗଡ ଜିଲାର ବିଭିନ୍ନ ଗାଁରେ କିଛି ଦଲାଲ ଟଙ୍କା ଆଦାୟ ଆରମ୍ଭ କରିଛନ୍ତି। ସେମାନେ ଏଥିପାଇଁ ୨୦୦ରୁ ୭୦୦ ଟଙ୍କା ପର୍ଯ୍ୟନ୍ତ ଲାଞ୍ଚ ନେଉଛନ୍ତି। କିଛି ନିର୍ମାଣ ଶ୍ରମିକ ପ୍ରତିବାଦ କରି ଦେଉନାହାନ୍ତି। ଆଉ କିଛି ଟଙ୍କା ପାଇବା ଆଶାରେ ଦେଇଥିବା ଜଣାପଡିଛି।

## ବଜ୍ରପାତରେ ଜଣେ ମୃତ

ନୂଆଗାଁ/ଓଡଗାଁ,୩୦।୩(ଡି.ଏନ.ଏ./ସ୍ୱ.ପ୍ର.): ନୟାଗଡ ଜିଲା ନୂଆଗାଁ ବ୍ଲକ ସିଙ୍ଗାରପଲ୍ଲୀ ପଞ୍ଚାୟତରେ ସୋମବାର ବଜ୍ରପାତରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସେ ହେଲେ କଇଁଠପଲ୍ଲୀ ଗ୍ରାମର ଗୋପୀନାଥ ବାରିକ (୫୫)। ଗୋପୀନାଥ ଅପରାହ୍ନ ୩ଟାରେ ମେଣ୍ଢା ଚରାଇବାକୁ ଯାଇଥିବା ବେଳେ ହଠାତ୍ ବଜ୍ରପାତ ହୋଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା।

## ନିୟମ ଉଲ୍ଲଂଘନ: ୭ ଗିରଫ, ୨ ବାଇକ୍ ଜବତ

**ଖଣ୍ଡପଡ଼ା,୩୦।୩(ସ୍ୱ.ପ୍ର.):** କରୋନାକୁ ନେଇ ଲକ୍‌ଡାଉନ ଘୋଷଣା କରାଯାଇଥିବାବେଳେ ଖଣ୍ଡପଡା ଅଞ୍ଚଳର କେତେକ ଲୋକ ନିୟମ ପାଳନ କରୁନାହାନ୍ତି। ରାସ୍ତାରେ ବୁଲିବା, ବିଭିନ୍ନ ସ୍ଥାନରେ ଏକାଠି ହୋଇ ଗପସପ କରୁଥିବା ବେଳେ ଖଣ୍ଡପଡା ପୋଲିସ ଟିମ୍ ସୋମବାର ୭ଜଣଙ୍କୁ ଗିରଫ କରିଛି। ଏହାସହ ୨ଟି ବାଇକ୍‌କୁ ମଧ୍ୟ ଜବତ କରାଯାଇଛି। ଏ ନେଇ ଖଣ୍ଡପଡା ଥାନାରେ ମାମଲା ରୁଜୁ ହୋଇଥିବା ଆଇଆଇସି ବିମଳ କୁମାର ମଲ୍ଲିକଙ୍କଠାରୁ ପ୍ରକାଶ। ପୂର୍ବରୁ ଲକଡାଉନ ନିୟମ ଭାଙ୍ଗିବା ଅଭିଯୋଗରେ ପୋଲିସ ୩ଜଣଙ୍କ ନାମରେ ମାମଲା ରୁଜୁ କରିଥିଲା।

## ଭୋକ ଉପାସରେ କୁକୁର ପଲ

**ନୟାଗଡ଼ ଅଫିସ,୩୦।୩:** କରୋନା କଟକଣା ଯୋଗୁ ନୟାଗଡ ସହରରେ ହୋଟେଲ, ଢ଼ାବା, ଜଳଖିଆ ଦୋକାନରେ ତାଲା ପଡିଛି। ଫଳରେ କୁକୁରପଲ ଖାଦ୍ୟ ନ ପାଇ ଏଣେତେଣେ ଘୂରିବୁଲୁଛନ୍ତି। ଖାଦ୍ୟ ପାଇବା ଆଶାରେ ପୁରୁଣା ଅଭ୍ୟାସକୁ ଛାଡି ନ ପାରି ସୋମବାର କିଛି କୁକୁର ଜିଲା ସଦର ମହକୁମାର ହୋଟେଲ, ଢ଼ାବା, ଜଳଖିଆ ଦୋକାନ ସମ୍ମୁଖରେ ଚକ୍କର କାଟୁଥିବା ଦେଖିବାର ମିଳିଥିଲା। ଅଳିଆ ଆବର୍ଜନାରୁ ଏମାନେ ଖାଦ୍ୟ ଖୋଜିଥିଲେ। ଗୋଟିଏ ସ୍ଥାନରେ ଷଣ୍ଢ ଓ କୁକୁର ମଧରେ ଖାଦ୍ୟ ପାଇଁ ଲଢେଇ ହୋଇଥିବା ଦେଖାଯାଇଥିଲା। ପ୍ରଶାସନ ପକ୍ଷରୁ କୁକୁର ଓ ଗୃହପାଳିତ ପ୍ରାଣୀଙ୍କ ପାଇଁ କିଛି ବ୍ୟବସ୍ଥା କରାଗଲେ ଭଲ ହୁଅନ୍ତା ବୋଲି କିଛି ସମାଜିକ କର୍ମୀ ମତବ୍ୟକ୍ତ କରିଛନ୍ତି।

# ସହରରେ ଘୂରିବୁଲୁଛନ୍ତି ୫୦ରୁ ଊର୍ଦ୍ଧ୍ୱ ଭିକ୍ଷୁକ

ନୟାଗଡ ଅଫିସ,୩୦।୩

ନୟାଗଡ଼ ସହରରେ ୫୦ରୁ ଊର୍ଦ୍ଧ୍ୱ ଭିକ୍ଷୁକ ଘୁରିବୁଲୁଛନ୍ତି। ଏପରିସ୍ଥଳେ ଜିଲା ପ୍ରଶାସନର ଅନୁମତି କ୍ରମେ ଜିଲା ରେଡ୍‌କ୍ରସ ସ୍ୱେଚ୍ଛାସେବୀ ସଙ୍ଗଠନ ତରଫରୁ ସେମାନଙ୍କୁ ଚହ୍ନଟ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ସୋମବାର ୨୧ ଭିକ୍ଷୁକଙ୍କୁ ଚିହ୍ନଟ କରାଯାଇଥିବାବେଳେ ୮ ଜଣ ଶ୍ରମିକ ଟାଉନ ହଲଠାରେ ଅସ୍ଥାୟୀ କ୍ୟାମ୍ପରେ ରହିଛନ୍ତି। ଟାଉନ ହଲ ଓ ବସ୍‌ଷ୍ଟାଣ୍ଡଠାରେ ଏମାନଙ୍କୁ ମାଗଣା ରନ୍ଧାଖାଦ୍ୟ ପ୍ରଦାନ କରାଯାଇଛି। ୨୧ଜଣ ଖାଦ୍ୟ ଖାଇଥିବାବେଳେ ୧୩ଜଣ ଚାଲିଯାଇଛନ୍ତି। ସେହିଭଳି କିଛି ମସ୍ତିଷ୍କ ବିକୃତ ଲୋକ, ଗରିବ ଅସହାୟଙ୍କୁ ମଧ ଖାଦ୍ୟ ବଣ୍ଟନ କରାଯାଇଛି। ସେମାନଙ୍କୁ ମାସ୍କ ପ୍ରଦାନ କରାଯାଇଛି। ରେଡ୍‌କ୍ରସ ସ୍ୱେଚ୍ଛାସେବୀ ସଙ୍ଗଠନର ସଭ୍ୟ ବିଭୂତି ଭୂଷଣ ପଟ୍ଟନାୟକ, ସୁଧାଂଶୁ ରଞ୍ଜନ ଦାସ, ସୁଧୀର ଜେନା, ବାନାମ୍ବର ପ୍ରଧାନ ଓ ସିଦ୍ଧାର୍ଥ ପଟ୍ଟନାୟକ ପ୍ରମୁଖ ଭିକ୍ଷୁକଙ୍କ ସମେତ ଅସହାୟମାନଙ୍କୁ ସହଯୋଗର ହାତ ବଢ଼ାଇଛନ୍ତି। ସେହିଭଳି ସିନ୍ଦୂରିଆ ପଞ୍ଚାୟତରେ ବିହାର, ଉତ୍ତରପ୍ରଦେଶ ଏବଂ ପଶ୍ଚିମବଙ୍ଗର ଗରିବ ଶ୍ରମିକ ଶ୍ରେଣୀର ଲୋକମାନଙ୍କୁ ମାଗଣା ରନ୍ଧାଖାଦ୍ୟ ନୟାଗଡ଼ ବ୍ଲକ ତରଫରୁ ଯୋଗାଇ ଦିଆଯାଇଛି।



ଅଶ୍ରୟସ୍ଥଳରେ ଥିବା ଭିକ୍ଷୁକଙ୍କୁ ରନ୍ଧାଖାଦ୍ୟ ଦିଆଯାଉଛି।

## ଚାଉଳ ବଦଳରେ ମାଗୁଛନ୍ତି ଭାତ

ନୟାଗଡ ସହରର କିଛି ୱାର୍ଡରେ ମହିଳା ଓ ଶିଶୁ ଶ୍ରମିକ ଘୁରି ବୁଲୁଛନ୍ତି। ଏମାନେ ଚାଉଳ ଓ ଟଙ୍କା ବଦଳରେ ଭାତ, ଜଳଖିଆ ମାଗୁଛନ୍ତି। ପେଟ ପୂରିଲା ପରେ ଯଦି କେହି ୧ ଟଙ୍କା, ଦୁଇ ଟଙ୍କା ଦେଲେ ତାହା ନେଉଛନ୍ତି। ପଚାରିଲେ ସେମାନଙ୍କ ଘର ନୂଆଗାଁର ମହୀପୁର, ଦଶପଲ୍ଲା, ଗଣିଆ ଅଞ୍ଚଳରେ ବୋଲି ଉତ୍ତର ମିଳୁଛି। ତେବେ ଠିକଣା ସମ୍ପର୍କରେ ଏମାନେ କେତେ ସତ କହୁଛନ୍ତି ତାହା ତଦନ୍ତସାପେକ୍ଷ। ଏମାନଙ୍କୁ ଚିହ୍ନଟ କରି ଖାଦ୍ୟ ଯୋଗାଇବା ବ୍ୟବସ୍ଥା କରାଇବାକୁ ଦାବି ହେଉଛି।

# ବଢୁଛି ପୋଲିସର ଅରାଜକତା

ନୟାଗଡ ଅଫିସ/ରଣପୁର,୩୦।୩(ସ୍ୱ.ପ୍ର.)

- ଜମିକୁ ଛାଡ଼ିଲାନି, ନେଇଗଲା ମୁଗଭର୍ତ୍ତି ବସ୍ତା
- ମାରପିଟ କରି ଘଉଡ଼ାଇଦେଲା

କରୋନା ଭାଇରସ୍ ଦମନ କରିବାକୁ ନେଇ ଦେଶରେ ଲକ୍‌ଡାଉନ ଚାଲୁ ରହିଛି। ତେବେ ନୟାଗଡ ଜିଲାର ରଣପୁର ଥାନା ପୋଲିସ ଲକ୍‌ଡାଉନ ଆଳରେ ଅରାଜକତା ସୃଷ୍ଟି କରୁଛି ବୋଲି ଜିଲାପାଳ, ପୋଲିସ ମହାନିର୍ଦ୍ଦେଶକ, ମାନବିକ ଅଧିକାର କମିଶନଙ୍କ ନିକଟରେ ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଅଭିଯୋଗ କରାଯାଇଛି। ଅଭିଯୋଗ ଅନୁସରେ ଲକ୍‌ଡାଉନ ଆଳ ଦେଖାଇ ରଣପୁର ପୋଲିସ ଲୋଧାଚୁଆ ଗାଁର ପ୍ରଦୀପ୍ତ କୁମାର ବେହେରାଙ୍କୁ ସୋମବାର ମାରପିଟ୍ କରି ଘରକୁ ପଠାଇ ଦେଇଛି। ଏହାସହ ପରାମର୍ଶ ଦେଇଛି ଲକ୍‌ଡାଉନ ଶେଷ ନ ହେଲେ ବିଲକୁ ଯିବା ମନା। ଘରେ ବିଶ୍ରାମ ନିଅ। ମୁଗ ଉପାଡିବାକୁ ଭୁଲିଯାଅ। ପୋଲିସର ପରାମର୍ଶ ପରେ ଚାଷୀ କିପରି ମୁଗ ଉପାଡିବେ ସେହି ଚିନ୍ତାରେ ଅଛନ୍ତି। କାରଣ ମୁଗ ଫସଲ ଗୋରୁ ଓ ମାଙ୍କଡ ନଷ୍ଟ କରୁଛନ୍ତି। ଅନ୍ୟପକ୍ଷେ ଲେଖନପୁରଠାରେ ଜଣେ ଚାଷୀ ମୁଗ ଉପାଡି ଘରକୁ ଫେରୁଥିବାବେଳେ ପୋଲିସ ତାଙ୍କଠାରୁ ମୁଗବସ୍ତା ନେଇ ମାଡ଼ମାରି ଘରକୁ ଫେରାଇ ଦେଇଛି। ନବନିର୍ମାଣ କୃଷକ ସଙ୍ଗଠନ ରଣପୁର ବ୍ଲକ ସଂଯୋଜକ ପ୍ରଦୀପ୍ତ କୁମାର ବେହେରା କୁହନ୍ତି, ସରକାରୀ ନିୟମ ଅନୁସାରେ ଚାଷୀ କୃଷିକାର୍ଯ୍ୟ କରିପାରିବ। ଏଥିପ୍ରତି ଲଗାମ ବା କଟକଣା ନାହିଁ। ତେବେ ପୋଲିସ ଆଇନକୁ ଅଣଦେଖା କରି ଚାଷୀଙ୍କୁ ମାରପିଟ୍ କରିବା ଠିକ୍ ନୁହେଁ। ଚାଷୀଠାରୁ ଫସଲ ରଖିବା ମଧ ବେଆଇନ। ପୋଲିସ ନିଜର ମାନସିକତାରେ ପରିବର୍ତ୍ତନ ଆଣିବା ଜରୁରୀ ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ରଣପୁର ଥାନା ଆଇଆଇସି ରଶ୍ମିରଞ୍ଜନ ଦାଶଙ୍କୁ ପଚାରିବାରୁ ସେ ପ୍ରସଙ୍ଗକୁ ଏଡାଇ ଦେଇଥିଲେ।

# ଛାତ୍ରୀଙ୍କୁ ବଳାତ୍କାର

ନୟାଗଡ଼ ଅଫିସ,୩୦।୩

**ଜେଲ ଗଲେ ବଳାତ୍କାରୀ**

ବଳାତ୍କାର ଅଭିଯୋଗରେ ନୟାଗଡ଼ ଟାଉନ ଥାନା ପୋଲିସ ସିନ୍ଦୂରିଆ ଦଳିତ ସାହିର ମୁକେଶ ନାୟକ (୨୪)ଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ପରେ ତାଙ୍କୁ ନୟାଗଡ ସବ୍‌ଜେଲକୁ ପଠାଇ ଦିଆଯାଇଛି। ପ୍ରାପ୍ତ ସୂଚନା ଅନୁସାରେ ନୟାଗଡ ଟାଉନ ଥାନା ଅଞ୍ଚଳର ସାଢ଼େ ୧୨ ବର୍ଷର ସପ୍ତମ ଶ୍ରେଣୀ ଛାତ୍ରୀଙ୍କୁ ପ୍ରାୟ ୧ମାସ ତଳେ ମୁକେଶ ବଳାତ୍କାର କରିଥିଲେ। ବଳାତ୍କାର ସମୟରେ କିଛି ଫଟୋକୁ ମୁକେଶ କଏଦ କରି ଭାଇରାଲ କରିବାକୁ ଧମକ ଦେଇଥିଲେ। ଘଟଣା ସମ୍ପର୍କରେ ମା'ବାପା ଓ ଅନ୍ୟ କାହାରିଙ୍କୁ ନ କହିବା ପାଇଁ ଚାପ ପ୍ରୟୋଗ କରିଥିଲେ। ଏପରିସ୍ଥଳେ ରବିବାର ପୀଡିତା ତାଙ୍କ ମା'ବାପାଙ୍କୁ ଅବଗତ କରାଇଥିଲେ। ମୁକେଶ ମଧ୍ୟ କିଛି ଫଟୋକୁ ପୀଡିତାଙ୍କ ବାପାଙ୍କ ମୋବାଇଲକୁ ଛାଡି ଦେଇଥିଲେ। ଅଭିଯୋଗ ପରେ ପୋଲିସ ୩୭୬(୩), ୪,୬ ଓ ୮ ପୋକ୍‌ସୋ ଆକ୍ଟ, ୬୬(ଇ) ଓ ୬୭(ଏ)(ବି) ଆଇଟି ଆକ୍ଟ୨୦୦୦ରେ ମାମଲା (ନଂ.୬୨/୨୦) ରୁଜୁ କରି ତଦନ୍ତ କରିଥିଲା। ଏହାସହ ପୀଡିତା ଓ ବଳତ୍କାରୀଙ୍କ ଡାକ୍ତରୀ ମାଇନା କରାଇଥିଲା।

## ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ୬୦ ହଜାର ଦେଲେ ସରପଞ୍ଚ

**ଖଣ୍ଡପଡା,୩୦।୩(ସ୍ୱ.ପ୍ର.):** ରାଜ୍ୟରେ କରୋନା ଭୂତାଣୁ ସଂକ୍ରମଣକୁ ପ୍ରତିହତ କରିବା ପାଇଁ ସବୁସ୍ତରରେ ଉଦ୍ୟମ ଜାରି ରହିଛି। ଏଥିଲାଗି ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ବିଭିନ୍ନ ବ୍ୟକ୍ତିବିଶେଷ ଅର୍ଥ ଦାନ କରୁଛନ୍ତି। ଖଣ୍ଡପଡା ବ୍ଲକ ଶିଖରପୁର ସରପଞ୍ଚ ନବ କିଶୋର ସାହୁ ଏହି ପାଣ୍ଠିକୁ ୬୦ ହଜାର ୭୫୦ଟଙ୍କା ପ୍ରଦାନ କରିଛନ୍ତି। ସରପଞ୍ଚ ସାହୁ ସୋମବାର ନୟାଗଡ ଅତିରିକ୍ତ ଜିଲାପାଳ ବିଧାନ ଚନ୍ଦ୍ର ରାୟଙ୍କୁ ତାଙ୍କ କାର୍ଯ୍ୟାଳୟରେ ଭେଟି ଏହି ଟଙ୍କାର ଏକ ଚେକ୍ ଦେଇଥିଲେ।

# ବନ ବିଭାଗ ନିଷ୍କ୍ରିୟ, ପଦା ହେଉଛି ଜଙ୍ଗଲ

ନୂଆଗାଁ,୩୦।୩ (ଡି.ଏନ.ଏ.)

ବନ ବିଭାଗର ନିଷ୍କ୍ରିୟତା ଫଳରେ ନୟାଗଡ଼ ଜିଲା ମହୀପୁର ବନାଞ୍ଚଳରେ ଥିବା ଅନେକ ଜଙ୍ଗଲ ପଦା ହେବାରେ ଲାଗିଛି। ସରକାର ଜଙ୍ଗଲ ସୁରକ୍ଷା ଓ ନୂତନ ଜଙ୍ଗଲ ସୃଷ୍ଟି ପାଇଁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ କିଛି ଦାୟିତ୍ୱହୀନ ଅଧିକାରୀ ଓ କର୍ମଚାରୀଙ୍କ ଯୋଗୁ ବହୁ ଜଙ୍ଗଲ ଉଜୁଡିବାକୁ ବସିଲାଣି। ମହୀପୁର ବନାଞ୍ଚଳ ଅଧୀନରେ ଥିବା ଜଙ୍ଗଲ ମଧ୍ୟରେ ରହିଛି ବହୁ ଶାଳ, ପିଆଶାଳ, ଅଶନ, ମହୁଲ, ଶିଶୁ ଆଦି ମୂଲ୍ୟବାନ ଗଛ। କାଠ ମାଫିଆମାନେ ସ୍ଥାନୀୟ ଲୋକ ଓ ବନ ବିଭାଗ କର୍ମଚାରୀଙ୍କୁ ହାତ କରି ଜଙ୍ଗଲରୁ ଏହିସବୁ ଗଛ କାଟି ନେଉଛନ୍ତି। ପରବର୍ତ୍ତୀ ସମୟରେ ଗଛ କଟାଯାଉଥିବା ସ୍ଥାନକୁ ସ୍ଥାନୀୟ ଲୋକମାନେ ନିଜ ଅକ୍ତିଆରକୁ ନେଇ ବାଇଗଣ, କାଜୁ ଆଦି ଚାଷ କରୁଛନ୍ତି। ଅନେକ ସ୍ଥାନରେ ଗଛରୁ ଛାଲି ଛଡେଇ ମାରିଦେବା ପରେ ତାହାକୁ କାଟିଦିଅନ୍ତି। ପୁଣି କେଉଁଠି ଗଛକାଟି ଗଦା କରି ନିଆଁ ଲଗାଇ ଦେଉଛନ୍ତି। ସେସବୁ ପୋଡି ପାଉଁଶ ହୋଇଯିବା ପରେ ସେହି ସ୍ଥାନକୁ ଚାଷ କରି ସେଥିରେ ନାନା ଫସଲ ଲଗାଉଛନ୍ତି। ଏପରି ଘଟଣା ଅନେକ ସ୍ଥାନରେ ହେଉଥିଲେ ମଧ୍ୟ ବନ ବିଭାଗ ନୀରବ ରହୁଛି। ଏହାଛଡା ମହିତମା ସେକ୍ସନ ସିଙ୍ଗପୁର ଗ୍ରାମ ନିକଟରେ ଜଣେ ବ୍ୟକ୍ତିଙ୍କ ସ୍ୱାର୍ଥରେ ରାସ୍ତା ନିର୍ମାଣ ପାଇଁ ଜଙ୍ଗଲ ପଦା କରାଯାଇଥିବା ବେଳେ ବନ ବିଭାଗ ନୀରବ ଦ୍ରଷ୍ଟା ସାଜିଥିଲା। ସେହିପରି ଗୁମୀ ସେକ୍ସନ ଡମତୁଲ ନିକଟ ପାହାଡକୁ ପଦା କରି ଦିଆ ଯାଇଥିଲେ ମଧ୍ୟ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନାହିଁ। ଏ ସମ୍ପର୍କରେ ମହୀପୁର ରେଞ୍ଜର ସୁଧାଂଶୁ ଶେଖର ପଣ୍ଡାଙ୍କୁ ପଚାରିବାରେ ସେ ଚିରାଚରିତ ଢଙ୍ଗରେ ତାହା ଆମ ଜାଗା ନୁହେଁ, ତହସିଲର ବୋଲି କହିଥିଲେ।


ଡମତୁଲ ଗ୍ରାମ ନିକଟ ଜଙ୍ଗଲରୁ ଗଛ କଟାଯାଇଛି।

## ସାହି ପ୍ରବେଶପଥ ବନ୍ଦକଲେ ବାସିନ୍ଦା

**ଖଣ୍ଡପଡା,୩୦।୩(ସ୍ୱ.ପ୍ର.):** ସାରା ରାଜ୍ୟରେ ଲକ୍‌ଡାଉନ ନିୟମକୁ କଡାକଡି ଲାଗୁ କରାଯାଇଛି। ଖଣ୍ଡପଡା ଅଞ୍ଚଳର କେତେକ ଲୋକ ଏହି ନିୟମ ନ ମାନି ବିନା କାରଣରେ ବାହାରକୁ ବାହାରୁଛନ୍ତି। ଏମାନଙ୍କୁ ପୋଲିସ ଉଠାଇ ନେଇ ଜେରା କରିବା ସହ ମାମଲା ରୁଜୁ କରୁଛି। ଏପରିସ୍ଥଳେ ଖଣ୍ଡପଡା ସହର ୧୦ନଂ. ୱାର୍ଡ ବ୍ରାହ୍ମଣ ସାହି ବାସିନ୍ଦା ଅଭିନବ ଢଙ୍ଗରେ ଏହି ନିୟମ ପାଳନ କରୁଛନ୍ତି। ସେମାନେ ସାହି ପ୍ରବେଶପଥରେ ବାଉଁଶ ପକାଇ ବାହାର ଲୋକଙ୍କ ଯାତାୟାତ ଉପରେ ରୋକ ଲଗାଇଛନ୍ତି।

## ପରିମଳ ବ୍ୟବସ୍ଥା ସୁଧାରିଲେ ସଫେଇ କର୍ମଚାରୀ

**ଖଣ୍ଡପଡା,୩୦।୩(ସ୍ୱ.ପ୍ର.):** କରୋନା ଭୂତାଣୁଠାରୁ ଖଣ୍ଡପଡା ସହରବାସୀଙ୍କୁ ଦୂରେଇ ରଖିବା ପାଇଁ ଏନ୍ଏସି କର୍ତ୍ତୃପକ୍ଷ ଉଦ୍ୟମ ଜାରି ରଖିଛନ୍ତି। ସହରର କେତୋଟି ୱାର୍ଡରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଥିବା ନେଇ ସ୍ଥାନୀୟ ବାସିନ୍ଦା ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରିଣୀ ଇତିଶ୍ରୀ ଷଡଙ୍ଗୀଙ୍କ ନିର୍ଦ୍ଦେଶ କ୍ରମେ ସଫେଇ କର୍ମଚାରୀ ଲାଗିପଡିଛନ୍ତି। ସେମାନେ ପ୍ରତି ୱାର୍ଡର ଗଳିକନ୍ଦିରେ ଅଳିଆ ଉଠାଇବା ସହ ଡ୍ରେନଗୁଡିକୁ ସଫା କରିଛନ୍ତି। ପ୍ରତ୍ୟେକ ୱାର୍ଡରେ ଜୀବାଣୁ ନାଶକ ଓ ମଶାମରା ତେଲ ପକାଯାଇଛି।

ଧରିତ୍ରୀ
DHARITRI
ମଙ୍ଗଳବାର, ୩୧ ମାର୍ଚ୍ଚ, ୨୦୨୦



ଲଜ୍ଜା, ଘୃଣା, ଭୟ। ଏହି ତିନୋଟିରୁ ଗୋଟିଏ ଉପସ୍ଥିତ ଥିବା ପର୍ଯ୍ୟନ୍ତ ଭଗବାନଙ୍କ ଦର୍ଶନ ହୁଏ ନାହିଁ।

-ଶ୍ରୀ ରାମକୃଷ୍ଣ ପରମହଂସ



## ସଂକ୍ଷେପରେ

### ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ, ୨ କନଷ୍ଟେବଲ ନିଲମ୍ବିତ

**ବଲାଙ୍ଗୀର ଅଫିସ, ୩୦।୩:** ବଲାଙ୍ଗୀର ସହରରେ ରବିବାର ରାତିରେ ଲକ୍ ଡାଉନ୍ ନିୟମ ଉଲ୍ଲଂଘନ କରିଥିବା ଦୁଇ ଜଣ ଯୁବକଙ୍କୁ ମାଡ ମରାଯିବା ସହ ଆଣ୍ଠେଇ ଚାଲିବାକୁ ବାଧ କରିବା ଦୁଇ ଓଏସ୍ଏପି କନଷ୍ଟେବଲଙ୍କୁ ମହଙ୍ଗା ପଡିଛି। ଏସ୍‌ପି ସନ୍ଦୀପ ମାଡକରଙ୍କ ଉଭୟଙ୍କୁ ଚାକିରିରୁ ନିଲମ୍ବିତ କରିଛନ୍ତି। ନିଲମ୍ବିତ କନଷ୍ଟେବଲଦ୍ୱୟ ହେଲେ ସୂର୍ଯ୍ୟକାନ୍ତ ସାମନ୍ତରାୟ ଓ ପ୍ରଦ୍ୟୁମ୍ନ ସାମଲ। ସହରର ଭାଗିରଥି ଛକ ନିକଟରେ ରବିବାର ରାତିରେ କେତେକ ଲୋକ ବିନା କାରଣରେ ଯିବା ଆସିବା କରୁଥିବା ଦେଖାଯାଇଥିଲା । ଏହାକୁ ନେଇ ସେଠାରେ କର୍ତ୍ତବ୍ୟରତ କନଷ୍ଟେବଲ ସାମନ୍ତରାୟ ଓ ସାମଲ ଦୁଇ ଜଣ ଯୁବକଙ୍କୁ ମାଡ ମାରିବା ସହ ରାସ୍ତା ଉପରେ ଆଣ୍ଠେଇ ଚାଲିବାକୁ କହିଥିବା ଭିଡିଓ ଭାଇରାଲ ହୋଇଥିଲା। ଏ ନେଇ ଅଧିକ ସୂଚନା ପାଇଁ ଏସ୍‌ପି ମାଡକରଙ୍କୁ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ତାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ ।

# କରୋନା : ଖାଲି ପଡ଼ିଛି ଭିକ୍ଷାଥାଳ

*ରାତି ପାହିଲେ ଭିକ୍ଷା ବୃତ୍ତି କରିଥାନ୍ତି ବରଗଡ଼ ସହର ଉପକଣ୍ଠ ଜିରା ନଦୀ କୂଳ ଏବଂ ଜମୁର୍ଡ଼ା ରାସ୍ତା କଡରେ ଥିବା କୁଷ୍ଠାଶ୍ରମ ଅନ୍ତେବାସୀ। ବରଗଡ଼ ସହରର ଗଳିକନ୍ଦି, ରାସ୍ତାପାର୍ଶ୍ୱ ଦୋକାନ, ବସଷ୍ଟାଣ୍ଡ ଆଦି ଜନଗହଳି ସ୍ଥାନକୁ ଚାଲି ଚାଲି ଯାଇଥାନ୍ତି। ଏହା ସହିତ ଦେବୀଦେବ ପୀଠ ଆଗରେ ଥାଳି ରଖି ବସିଥାନ୍ତି । ଯିଏ ଯାହା ଦେଲେ, ସେଥିରେ ପରିବାର ଚଳିଥାଏ। ହେଲେ ସେମାନଙ୍କ ରୋଜଗାରରେ କରୋନା କାଳ ସାଜିଛି। ଲକ୍ ଡାଉନ୍ ଯୋଗୁ ସେମାନେ ପଦାକୁ ବାହାରି ପାରୁନାହାନ୍ତି। ଏବେ ଭିକ୍ଷାଥାଳି ଖାଲି ପଡ଼ିଛି ସଭିଙ୍କୁ ପେଟପାଟଣା ଚିନ୍ତା ଘାରିଛି ।*

### ଭିକ୍ଷାବୃତ୍ତି ହିଁ ରୋଜଗାର



ଭିକ୍ଷାବୃତ୍ତି କରି ଚଳେ । ଏବେ ୪ମାସର ଭତ୍ତା ଟଙ୍କା ପାଇଛି। ଇନ୍ଦିରା ଆବାସ ମିଳିନି କି ସରକାରୀ ଚାଉଳ ମଧ୍ୟ ପାଉ ନାହିଁ। ସହର ବଜାର ବୁଲି ମାଗିଯାଚି କିଛି ମିଳୁଥିଲା। କିନ୍ତୁ ସେହି ରୋଜଗାର ବନ୍ଦ ହୋଇଯାଇଛି। ଯାହା ଅଛି, ତାହା ଖାଇପିଇ ସେତିକିରେ ଚଳୁଛୁ ।

–ବନ୍ତୀ ଭୁଏ(୬୦)

### ୨୨ବର୍ଷ ହେଲା ଏଠି ବିତୁଛି ଜୀବନ



ମୁ ଲେଖାପଦର ଗ୍ରାମର ମୂଳ ବାସିନ୍ଦା। ୧୯୯୮ ମସିହାରୁ ଜିରା ନଦୀ କୂଳ ଲେପ୍ରୋସି କଲୋନୀରେ ରହୁଛି । ଭତ୍ତା, ଚାଉଳ ପାଉଛି । ଗ୍ରାମରେ ୨ପୁଅ ଅଛନ୍ତି। ହେଲେ ୨୨ବର୍ଷ ହେଲା ଏଠାରେ ମୁଁ ଅଛି । ବରଗଡ଼ର ଶନି, ସମଲେଇ, ଥାନା ଆଗ ଶିବ ମନ୍ଦିର ସହିତ ବାଟେଘାଟେ ଭିକ୍ଷାବୃତ୍ତି କରୁଥିଲି । ଏବେ ଘରେ ବସି ରହିଛି । –ଦେବେନ୍ଦ୍ର ପ୍ରଧାନ (୭୦)

### ଏବେ ନିଃସଙ୍ଗ ଜୀବନ ବିତାଉଛି



ବରପାଲି ବ୍ଲକ କୁସନପୁରୀରେ ଘର । ନିଜର ବୋଇଲେ ଘରଡ଼ିହ, ଜମିବାଡ଼ି କିଛି ନାହିଁ । କୁଷ୍ଠ ରୋଗାକ୍ରାନ୍ତ ହେବା ପରେ ବହୁ ବର୍ଷ ତଳୁ ସ୍ୱାମୀଙ୍କ ସହିତ ଏଠାକୁ ଚାଲି ଆସିଥିଲି। ୨୦୧୦ରେ ସ୍ୱାମୀଙ୍କ ଦେହାନ୍ତ ହେଲା। ଏକାକିନୀ ହୋଇ ଘର ଘର ବୁଲୁଥିଲି । ୫୦ କି ୧୦୦ ଟଙ୍କା ଆଉ କିଲେ, ଦି କିଲୋ ଚାଉଳ ମିଳୁଥିଲା । ଏବେ ତାହା ବି ବନ୍ଦ ହୋଇଗଲା ।–ତପ ଭୁଏ (୬୦)

### ଭତ୍ତା ଆମର ଭରସା

ବୌଦ୍ଧ ଜିଲା ଡବଲଙ୍ଗ ନିକଟ ଲଛିପୁର ଆମ ନିଜ ଗାଁ । ବହୁବର୍ଷ ତଳୁ ମା' ସହିତ ଏଠାକୁ ଆସିଥିଲି। ଏଠାରେ ରାଧାଙ୍କ ସହିତ ମୋର ବିବାହ ହୋଇଥିଲା। ଏକମାତ୍ର ଝିଅ ରଇବାରୀର ବାହାଘର ସାରିଲୁଣି । ଶହେବର୍ଷ ତଳର ଏହି ବସ୍ତି । ମାତ୍ର କାହାରି ପକ୍କାଘରଟିଏ ନାହିଁ । ଭତ୍ତା ହିଁ ଭରସା ପାଲଟିଛି ।

–ବିଦେଶୀ ପ୍ରଧାନ (୭୦)



ରିପୋର୍ଟ: ପ୍ରେମାନନ୍ଦ ଖମାରୀ, ବରଗଡ଼

### ଅଗ୍ରୀମ ଦରମାକୁ ଭିମସାର ଡାକ୍ତରଙ୍କ ନା

**ସମ୍ବଲପୁର, ୩୦।୩ (ବ୍ୟୁରୋ)**

କରୋନା ମୁକାବିଲା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସ୍ୱାସ୍ଥ୍ୟ ବିଭାଗ ଡାକ୍ତର, କର୍ମଚାରୀଙ୍କୁ ୪ ମାସର ଅଗ୍ରୀମ ଦରମା ଦେବାକୁ ଘୋଷଣା କରିଛନ୍ତି । ହେଲେ ଏଭଳି ସ୍ଥିତିରେ ବୀର ସୁରେନ୍ଦ୍ର ସାଏ ମେଡିକାଲ ଆଣ୍ଡ ରିସର୍ଚ୍ଚ ସେଣ୍ଟର (ଭିମସାର) ଡାକ୍ତରମାନେ ମାନବିକତା ଦେଖାଇଛନ୍ତି। ପ୍ରାୟ ୨୪ଜଣ ଡାକ୍ତର ସ୍ୱାକ୍ଷରପତ୍ର ମୁଖ୍ୟମନ୍ତ୍ରୀଙ୍କୁ ପଠାଇଛନ୍ତି। ଏଥିରେ ଉଲ୍ଲେଖ ରହିଛି, ସରକାରଙ୍କ ଘୋଷଣାକୁ ସ୍ୱାଗତ କରୁଛୁ । ହେଲେ ଏହି ସମୟରେ ଆମକୁ ଅଗ୍ରୀମ ଦରମା ଦିଆ ନ ଯାଉ । ଏକ ସମୟରେ ଏଭଳି ଦରମା ଦେଲେ ରାଜ୍ୟ ସରକାରଙ୍କ ଆର୍ଥିକ ବୋଝ ବଢ଼ିଯିବ। ନିୟମିତ ଭାବେ ଯେଭଳି ଦରମା ଦିଆଯାଉଥିଲା ସେହିଭଳି ଦିଆଯାଉ। ଡାକ୍ତରଙ୍କୁ ମାସ୍କ, କରୋନା ମୁକାବିଲା ପାଇଁ ସୁରକ୍ଷା ସାମଗ୍ରୀ ଯୋଗାଇ ଦେବାକୁ ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି। ଡା. ଶଙ୍କର ରାମଚନ୍ଦାନୀ, ବଳଦେବ କୌର, ଜିତେନ୍ଦ୍ର କୁମାର ପାଣିଗ୍ରାହୀ, ସୁମନ କୁମାର ସାହୁ, ବଳରାମ ଖମାରୀ, ଅନୀଲ ଦେ, ବିଜୟ କୁମାର ଦୋରା ପ୍ରମୁଖଙ୍କ ଏଥିରେ ସ୍ୱାକ୍ଷର ରହିଛି ।

## ଫଟୋରେ ଖବର...



ସମ୍ବଲପୁର ଜିଲା ରେଙ୍ଗାଲିସ୍ଥିତ ଏକ କାରଖାନାରେ କାମ କରୁଥିବା ୪୪ଜଣ ଶ୍ରମିକ ଝାରସୁଗୁଡା ରୋଡ ଷ୍ଟେଶନର ରେଳ ଧାରଣାରେ ଚାଲି ଚାଲି ନିଜ ରାଜ୍ୟ ଛତିଶଗଡକୁ ଯାଉଥିବା ବେଳେ ସ୍ଥାନୀୟ ପ୍ରଶାସନ ଦ୍ୱାରା ଉଦ୍ଧାର ହୋଇଛନ୍ତି ।

# ଉଜୁଡ଼ିବ ଖରାଟିଆ ଧାନଚାଷ

**ମନମୁଣ୍ଡା, ୩୦।୩ (ଡି.ଏନ.ଏ)**

**ମନମୁଣ୍ଡା**
**ୟୁରିଆ, ପଟାସ ସାର ମିଳୁନି**

ବୌଦ୍ଧ ଜିଲା ମନମୁଣ୍ଡା ଅଞ୍ଚଳରେ ବର୍ତ୍ତମାନ ଉଠା ଜଳସେଚନ ମାଧ୍ୟମରେ ଶତାଧିକ ହେକ୍ଟର ଜମିରେ ଧାନ ଚାଷ କରାଯାଇଛି। ଶଗଡା ବାଘ ବ୍ୟାରେଜ ଜଳସେଚିତ ଅଞ୍ଚଳରେ ମଧ୍ୟ ଧାନଚାଷ ହୋଇଛି । ବର୍ତ୍ତମାନ ଧାନ ଫସଲର ଗର୍ଭଣୀ ସମୟ। ଅଧିକ ଉତ୍ପାଦନ ପାଇଁ ଏହି ସମୟରେ ୟୁରିଆ ଓ ପଟାସ ସାର ପ୍ରୟୋଗର ନିହାତି ଆବଶ୍ୟକତା ରହିଛି। କିନ୍ତୁ ମନମୁଣ୍ଡା ଅଞ୍ଚଳରେ କୌଣସି ଦୋକାନୀ ପାଖରେ ସେହି ସାର ଉପଲବ୍ଧ ନାହିଁ । ପଡୋଶୀ ସୁବର୍ଣ୍ଣପୁର ଜିଲାରେ ସେସବୁ ସାର ରହିଥିବା ସୂଚନା ମିଳିଛି। ତେବେ ସୋନପୁର ପୋଲିସ ବୌଦ୍ଧ ଜିଲାର ଲୋକମାନଙ୍କୁ ସେ ଅଞ୍ଚଳକୁ ଛାଡି ଦେଉ ନ ଥିବାରୁ ଚାଷୀମାନେ ସାର ଆଣି ପାରୁନାହାନ୍ତି । ଠିକ୍ ସମରେ ବିଲରେ ସାର ନ ପକାଇଲେ ଫସଲ ଆମଦାନୀ ବହୁତ କମିଯିବ। ଫଳରେ ଚାଷୀମାନେ କ୍ଷତିଗ୍ରସ୍ତ ହେବା ସହ ଜିଲା ତଥା ରାଜ୍ୟର ଧାନ ଅମଳ ଆମଦାନୀ ମଧ୍ୟ କମିଯିବ । କରୋନା କଟକଣା ସହ ଏହା ବୋଝ ଉପରେ ନଳିତା ବିଡା ସଦୃଶ ରାଜ୍ୟର ଆର୍ଥିକ ସ୍ଥିତି ଉପରେ କୁପ୍ରଭାବ ପକାଇବ। ଅନ୍ୟ ଜିଲାରୁ ସାର ଆଣିବାକୁ ପ୍ରଶାସନ ଚାଷୀମାନଙ୍କୁ ଅନୁମତି ଦେବା କିମ୍ବା ପ୍ରଶାସନ ନିଜ ତରଫରୁ ସେସବୁ ଯୋଗାଇ ଦେବାକୁ ସ୍ଥାନୀୟ ଚାଷୀ ମିଳନ ସାହୁ, ତପନ କର୍ମୀ, ଗୋପାଳ ସାହୁ, ସୁମନ୍ତ ପ୍ରଧାନ, ଗୌର ପ୍ରଧାନ, ଅଲେଖ ସାହୁ ପ୍ରମୁଖ ଦାବି ଜଣାଇଛନ୍ତି । ଏ ସମ୍ପର୍କରେ ଜିଲା କୃଷି ଅଧିକାରୀ ଏବଂ ମନମୁଣ୍ଡା ସହକାରୀ କୃଷି ଅଧିକାରୀଙ୍କ ସହ ଯୋଗାଯୋଗ ସମ୍ଭବ ହୋଇ ନ ପାରିବାରୁ ପ୍ରତିକ୍ରିୟା ମିଳି ପାରିନାହିଁ ।

# କୁଆପଥର ମାଡ଼ରେ ପରିବା, ରବିଧାନ ନଷ୍ଟ

**ଖଡିଆଳ, ୩୦।୩ (ଡି.ଏନ.ଏ)**

ନୂଆପଡା ଜିଲା ଖଡିଆଳ ବ୍ଲକ ଡୁକୁଲା, ଚାନ୍ଦଗିରି, ବହଳପଦର, ଖାସବାହାଲ, ଦୁହେଲପଡା, ରିଷିଗାଁରେ ରବିବାର ସନ୍ଧ୍ୟାରେ ଅଦିନିଆ ଝଡ ବର୍ଷା ସହ କୁଆପଥର ମାଡରେ ବ୍ୟାପକ ଫସଲ ନଷ୍ଟ ହୋଇଛି । ଅନ୍ୟପକ୍ଷେ କରୋନାକୁ ନେଇ ଦେଶବ୍ୟାପୀ ଲକ ଡାଉନ ଜାରି ରହିଥିବାରୁ ଲୋକେ ଆର୍ଥିକ ସଙ୍କଟ ଦେଇ ଗତି କରୁଛନ୍ତି । ଏଭଳି ସ୍ଥିତି ଜାରି ରହିଥିବା ବେଳେ ଅଦିନିଆ ଝଡ ବର୍ଷା ସହ ପ୍ରବଳ କୁଆପଥର ମାଡ ଚାଷୀଙ୍କ ଆର୍ଥିକ ମେରୁଦଣ୍ଡ ଦୋହଲାଇ ଦେଇଛି। ଚାଷୀଙ୍କ ଏକର ଏକର ଧାନ ଫସଲ, ପନିପରିବା ଓ ଡାଲି ଜାତୀୟ ଫସଲ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି । ଚାଷୀମାନେ ଡିପ୍ ବୋରୱେଲ ମାଧ୍ୟମରେ ଜଳସେଚନ କରି ବ୍ୟାଙ୍କ ତଥା ସ୍ଥାନୀୟ ମହାଜନୀଙ୍କଠାରୁ ଋଣ ନେଇ ରବିଧାନ ଫସଲ ଓ ପନିପରିବା ଚାଷ କରିଥିଲେ । ହେଲେ ଧାନ କେଣ୍ଡା ବାହାରିବା ସମୟରେ ଝଡବର୍ଷା ସହ କୁଆପଥର ମାଡ ହେବାରୁ ଫସଲ କ୍ଷୟକ୍ଷତି ହୋଇଛି । ଏହାକୁ ନେଇ ଚାଷୀମାନେ ଚିନ୍ତିତ ହୋଇ ପଡିଛନ୍ତି । ଅଦିନିଆ ଝଡ ବର୍ଷା ଯୋଗୁଁ କ୍ଷତିଗ୍ରସ୍ତ ହୋଇଥିବା ଚାଷୀ ପରେଶ ଦାସ, ପ୍ରଶାନ୍ତ ଦାସ, ଜୟଧର ଠେଲା, ଖେଜୁରାମ ଠେଲା ଏବଂ ଅନ୍ୟ ଚାଷୀମାନେ ନୂଆପଡା ଜିଲାପାଳ ତଥା ଖଡିଆଳ ତହସିଲଦାରଙ୍କୁ ଲିଖିତ ଭାବେ ଜଣାଇବା ସହ କ୍ଷୟକ୍ଷତି ଆକଳନ କରି କ୍ଷତିପୂରଣ ସହାୟତା ଯୋଗାଇ ଦେବାକୁ ଦାବି କରିଛନ୍ତି । ଏଥିସହ କୃଷି ଓ ବ୍ୟାଙ୍କ ଋଣ ମଧ୍ୟ ଛାଡ କରିବାକୁ କ୍ଷତିଗ୍ରସ୍ତ ଚାଷୀମାନେ ଅନୁରୋଧ କରିଛନ୍ତି । ଅପରପକ୍ଷେ ଖଡିଆଳ ତହସିଲଦାର ସିନ୍ଧୁସୁତା ପାତ୍ର ଝଡ ବର୍ଷାରେ କ୍ଷତି ହୋଇଥିବା ଚାଷୀଙ୍କ ଧାନ, ପନିପରିବା ଓ ଡାଲି ଜାତୀୟ ଫସଲର କ୍ଷୟକ୍ଷତି ଆକଳନ କରାଯିବା ପରେ କ୍ଷତିପୂରଣ ସହାୟତା ଯୋଗାଇ ଦିଆଯିବ ବୋଲି କହିଥିଲେ ।



ଝଡବର୍ଷା ଓ କୁଆପଥର ମାଡରେ କ୍ଷତି ହୋଇଥିବା ଫସଲ ।

### ହାତଗୋଡ଼ ବାନ୍ଧି ୩୦ ଭରି ସୁନା ଗହଣା ଲୁଟ୍

**ବରଗଡ଼ ଅଫିସ୍,୩୦।୩**

ବରଗଡ଼ ଟାଉନ ଥାନା ଅନ୍ତର୍ଗତ ବନ୍ଧା ଗ୍ରାମରେ ସୋମବାର ଭୋର୍ ୫ଟାରେ ଲୁଟ୍‌ପାଟ୍ ହୋଇଛି। ୩ ଜଣ ଦୁର୍ବୃତ୍ତ ଗଙ୍ଗାରାମ ଦାଶଙ୍କ ହାତଗୋଡ଼ ବାନ୍ଧି ଘରେ ଥିବା ୩୦ ଭରି ସୁନା ଗହଣା, ଗୋଟିଏ ସ୍କୁଟି, ମୋବାଇଲ ଆଦି ଲୁଟି ନେଇ ଯାଇଛନ୍ତି। ଏ ନେଇ ଗଙ୍ଗାରାମ ପୋଲିସରେ ଅଭିଯୋଗ କରିବା ପରେ ଟାଉନ ଥାନା ଆଇଆଇସି ସଦାନନ୍ଦ ପୂଜାହାରୀ ଘଟଣାସ୍ଥଳକୁ ପହଞ୍ଚି ଅନୁସନ୍ଧାନୀ କୁକୁର, ସାଇଣ୍ଟିଫିକ୍ ଟିମ୍ ସହାୟତାରେ ଛାନଭିନ୍ କରିଛନ୍ତି । ମାତ୍ର ବର୍ତ୍ତମାନ ସୁଦ୍ଧା ଦୁର୍ବୃତ୍ତଙ୍କ ସମ୍ପର୍କରେ କିଛି ସୁରାକ୍ ମିଳିପାରି ନାହିଁ । ଏ ନେଇ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଚାଲିଥିବା ଟାଉନ ଥାନା ଆଇଆଇସି ପୂଜାହାରୀ କହିଛନ୍ତି ।

### ଝାଡଖଣ୍ଡ ସୀମାନ୍ତ ଜଗିଲେ ଯୁବକ

**ବଡଗାଁ, ୩୦।୩ (ଡି.ଏନ.ଏ.)**

ସୁନ୍ଦରଗଡ ଜିଲା ବଡଗାଁ ଥାନା ଅନ୍ତର୍ଗତ ଏକମା, ବାମଡେରା ପଞ୍ଚାୟତର କେତେକ ଗ୍ରାମ ଝାଡଖଣ୍ଡ ରାଜ୍ୟ ସୀମାରେ ଅବସ୍ଥିତ। ଏକମା, ବାମଡେରା, ଗନ୍ଦରୋଟୋଲି ଦେଇ ଝାଡଖଣ୍ଡ ରାଜ୍ୟର ଗୁମଲା ସହରକୁ ସଡକ ପଥ ଯାଇଛି । ଏହି ରାସ୍ତା ଦେଇ ଯାନବାହାନ ଚଳାଚଳ କମିଥିଲେ ମଧ୍ୟ ସଂପୂର୍ଣ୍ଣ ବନ୍ଦ ହୋଇ ନ ଥିଲା । ଏହି ରାସ୍ତାକୁ ପୋଲିସ ଓ ସ୍ଥାନୀୟ ଯୁବକ ଜଗିଛନ୍ତି । କିନ୍ତୁ ଏହି ସଡକ ପଥ ବ୍ୟତୀତ ଜଙ୍ଗଲ ଦେଇ ସିଙ୍ଗାରମୁଣ୍ଡା ଓ ବରଗାଁକଛାର ଅଞ୍ଚଳରୁ ସବଡେଗା, ବାଲିଶଙ୍କରା ବ୍ଲକକୁ ରାସ୍ତା ରହିଛି।

# ମିଳୁନି ଖାଦ୍ୟ, ଭୋକରେ ଛଟପଟ ଯାଯାବର

**ବଲାଙ୍ଗୀର ଅଫିସ, ୩୦।୩**

ବଲାଙ୍ଗୀର ସହର ରେଳଷ୍ଟେଶନ ନିକଟରେ ଉତ୍ତରପ୍ରଦେଶର ପ୍ରାୟ ୪୦ ଜଣ ଯାଯାବର ଅଟକି ରହିଛନ୍ତି। ସେମାନେ ହାତ ମୁଦିର ରଙ୍ଗୀନ ପଥର, ରୁଦ୍ରାକ୍ଷ ବିକ୍ରି କରିବାକୁ ବଲାଙ୍ଗୀର ଆସିଥିଲେ । ଏମାନେ ସହର ଭିତର ବିଭିନ୍ନ ରାସ୍ତାକଡରେ ଓ ବୁଲା ବେପାରୀଭାବେ ବ୍ୟବସାୟ କରୁଥିଲେ। ସେଥିରୁ ଯାହା ରୋଜଗାର କରୁଥିଲେ ରେଳଷ୍ଟେଶନ ନିକଟରେ ରହି ଆଶ୍ରୟ ନେଉଥିଲେ । ଲକ୍ ଡାଉନ୍ ପରେ ଏମାନଙ୍କ ବେପାର ବୁଡି ଯାଇଛି। ଏମାନଙ୍କ ପାଖରେ ଏବେ ଖାଇବାକୁ କିଛି ନାହିଁ। ବିଶେଷକରି ପ୍ରାୟ ୧୦ଜଣ ଛୋଟ ଶିଶୁଙ୍କ କ୍ଷୁଧା ନିବାରଣ ବଡ ସମସ୍ୟା ଭାବେ ଦେଖାଦେଇଛି । କେନ୍ଦ୍ର ଓ ରାଜ୍ୟ ସରକାର ଏଭଳି ଅଟକି ରହିଥିବା ଦୁଃସ୍ଥ ଶ୍ରମିକ ଓ ଯାଯାବରଙ୍କୁ ଖାଇବା ଯୋଗାଇବାକୁ ନିର୍ଦ୍ଦେଶ ଜାରି କରିଛନ୍ତି। ତେବେ ଲକ୍ ଡାଉନ୍‌ର ୪ଦିନ ପରେ ଏହି ଯାଯାବରମାନେ ସ୍ୱେଚ୍ଛାସେବୀ ଓ ପ୍ରଶାସନ ପକ୍ଷରୁ କିଛି ଖାଇବା ପାଇ ନ ଥିବା ଜଣାଇଛନ୍ତି। ମ୍ୟୁନିସିପାଲିଟି କର୍ତ୍ତୃପକ୍ଷ ଏମାନଙ୍କ ଖାଇବା ଦାୟିତ୍ୱ ବହନ କରିବା କଥା । ମାତ୍ର ଏ ଦିଗରେ ଅବହେଳା ପ୍ରଦର୍ଶନ କରାଯାଉଥିବା ଜଣାପଡିଛି। ଏହି ଯାଯାବରମାନେ କାନ୍ଦି କାନ୍ଦି ଖାଇବାକୁ ମାଗୁଛନ୍ତି, ସେମାନଙ୍କ ଘର ଉତ୍ତରପ୍ରଦେଶ ଲକ୍ଷ୍ନୌ ନିକଟ ବଡବାଙ୍କି ପଠାଇବା ବ୍ୟବସ୍ଥା କରିବାକୁ ଅନୁରୋଧ କରିଛନ୍ତି । ଏନେଇ ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ବିପିନ ଦୀପଙ୍କୁ ପଚାରିବାରୁ ସହରରେ ପ୍ରାୟ ୯୦ ଜଣ ଅନ୍ୟ ଅଞ୍ଚଳର ଶ୍ରମିକ ଅଟକି ରହିଥିବା ଜଣାଇଛନ୍ତି। ସେମାନଙ୍କ ପାଇଁ ଜଣ ପିଛା ୫ କେଜି ଚାଉଳ, ୧ କେଜି ଡାଲି, ୨ କେଜି ଆଳୁ, ଅଧ ଲିଟର ସୋରିଷ ତେଲର ଗ୍ରୋସରୀ ପ୍ୟାକ୍ କରାଯାଇ ଓ ବଣ୍ଟନ କରାଯାଉଥିବା ସୂଚନା ଦେଇଛନ୍ତି।



ବଲାଙ୍ଗୀର ରେଳ ଷ୍ଟେଶନରେ ଅଟକି ରହିଥିବା ଉତ୍ତରପ୍ରଦେଶର ଯାଯାବରମାନେ ।

### କାର୍ଯ୍ୟରେ ଅବହେଳା, ଡେପୁଟି କଲେକ୍ଟର ନିଲମ୍ବିତ

**ସୋନପୁର,୩୦।୩(ନି.ପ୍ର.)**

ସୁବର୍ଣ୍ଣପୁର ଜିଲାପାଳଙ୍କ କାର୍ଯ୍ୟାଳୟର ଡେପୁଟି କଲେକ୍ଟର ପ୍ରେମାନନ୍ଦ ମହାପାତ୍ର (ଓଏଏସ)ଙ୍କୁ ରାଜ୍ୟ ସରକାର ସୋମବାର ନିଲମ୍ବନ କରିଛନ୍ତି। ମହାପାତ୍ର ଜିଲା ଉପନିବନ୍ଧକ ଭାବେ ଅତିରିକ୍ତ ଦାୟିତ୍ୱରେ ଥିଲେ। କରୋନା ସଂକ୍ରମଣ ରୋକିବାକୁ ପ୍ରଶାସନ ଉଦ୍ୟମ କରୁଥିବା ବେଳେ ସେ ଜିଲାପାଳଙ୍କ ନିର୍ଦ୍ଦେଶକୁ ଅବମାନନା ସହ ସରକାରୀ କାର୍ଯ୍ୟରେ ଅବହେଳା ପ୍ରଦର୍ଶନ କରିଥିବା ଅଭିଯୋଗ ହୋଇଥିଲା। ଜିଲାପାଳ ମୋନିଷା ବାନାର୍ଜୀ ରାଜ୍ୟ ସରକାରଙ୍କୁ ରିପୋର୍ଟ କରିଥିଲେ। ଜିଲାପାଳଙ୍କ ରିପୋର୍ଟ ଅନୁଯାୟୀ ସରକାର ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି । ଜିଲାପାଳ ଡେପୁଟି କଲେକ୍ଟର ମହାପାତ୍ରଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟର କୋଭିଡ–୧୯ ଓଏସଡି ଭାବେ ନିଯୁକ୍ତ ଦେଇଥିଲେ। ସେ ଏହି ଜରୁରିକାଳୀନ ଦାୟିତ୍ୱକୁ ନିର୍ବାହ ନ କରି ଛୁଟିରେ ରହିଥିଲେ ।

# ବଢୁଛି ନିଃସହାୟ ରୋଗୀଙ୍କ ଦୁଃଖ

**ବିଜେପୁର, ୩୦।୩ (ଡି.ଏନ.ଏ)**

**ଲକ୍ ଡାଉନ ପ୍ରଭାବ**

କରୋନା ପ୍ରତିହତ ପାଇଁ ରାଜ୍ୟର ସମସ୍ତ ଜିଲା ଲକ୍ ଡାଉନ ରହିଛି । ଦିନ ମଜୁରିଆ ହାତବାନ୍ଧି ବସି ରହିବାକୁ ବାଧ ହୋଇଛନ୍ତି। ପେଟକୁ ଦାନା ଯୋଗାଡ କରିବା କଷ୍ଟକର ହେଉଥିବା ବେଳେ ଅର୍ଥାଭାବରୁ ଚିକିତ୍ସିତ ହୋଇ ନ ପାରି ଆତ୍ମୀୟସ୍ୱଜନ ଯନ୍ତ୍ରଣାରେ ଛଟପଟ ହେବା ସାର ହୋଇଛି। ଏଭଳି ଖବର ପାଇବା ପରେ ବରଗଡ ଜିଲା ବିଜେପୁର ବ୍ଲକ ପ୍ରଶାସନ ତୁରନ୍ତ ଜଣେ ଶଯ୍ୟାଶାୟୀ ମଧୁମେହ ରୋଗୀଙ୍କୁ ସୋମବାର ଉଦ୍ଧାର କରି ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛି। ଉକ୍ତ ରୋଗୀ ଜଣକ ହେଲେ ଭଟିଗାଁର ରାଧେକୃଷ୍ଣ ନାଏକ (୫୦)।

ସୂଚନା ମୁତାବକ, ରାଧେକୃଷ୍ଣ ଅନ୍ୟର ମୂଲ ଲାଗି ଚାରିପ୍ରାଣୀ କୁଟୁମ୍ବ ପୋଷୁଥିଲେ । ହେଲେ ଗତ ଦୁଇ ମାସ ତଳେ ସେ ଅସୁସ୍ଥ ହୋଇ ପଡିଥିଲେ। ଡାକ୍ତରଙ୍କ ପରାମର୍ଶ ନେବାରୁ ତାଙ୍କୁ ମଧୁମେହ ରୋଗ ହୋଇଥିବା ଜଣାପଡିଥିଲା। ଧାରକରଜ କରି ଚିକିତ୍ସା କରାଇଲେ ମଧ୍ୟ ରୋଗ କମିବା ପରିବର୍ତ୍ତେ ବଢ଼ିଯାଇଥିଲା। ଅର୍ଥାଭାବରୁ ଉଚ୍ଚତର ଚିକିତ୍ସା ହୋଇ ନ ପାରି ସେ ଭାଗ୍ୟକୁ ଆଦରି ପଡି ରହିଥିଲେ। ଗତ ଏକମାସ ହେଲା ସେ ଚଲାବୁଲା କରି ନ ପାରି ସମ୍ପୂର୍ଣ୍ଣ ଶଯ୍ୟାଶାୟୀ ଥିଲେ । ଚିକିତ୍ସା ତଥା ସେବା ଅଭାବରୁ ତାଙ୍କ ଶରୀରର ବିଭିନ୍ନ ସ୍ଥାନରେ ଘା ହୋଇଯାଇଛି। ବର୍ତ୍ତମାନ ଲକ୍ ଡାଉନ ଯୋଗୁ ତାଙ୍କ ସ୍ତ୍ରୀ ରଜନୀ ନାଏକ (୪୦) ଓ ଏକମାତ୍ର ପୁଅ ଅଶ୍ୱିନୀ ନାଏକ (୨୧) ମୂଲ ଲାଗି ନ ପାରି ଘରେ ହାତବାନ୍ଧି ବସି ରହିଛନ୍ତି । ଫଳରେ ସମ୍ପୃକ୍ତ ପରିବାର ଦୁଇ ଓଳି ଦୁଇମୁଠା ଖାଇ ପାରୁ ନ ଥିବା ଜଣାପଡିଛି । ଲକ୍ ଡାଉନ ଯୋଗୁ ନିଃସହାୟ ଲୋକଙ୍କୁ ଆହାର ଯୋଗାଇ ଦେବାକୁ ସରକାର ନିର୍ଦ୍ଦେଶ ଜାରି କରିଛନ୍ତି। ଭଟିଗାଁ ପଞ୍ଚାୟତରେ ୨୫୦ଜଣ ନିଃସହାୟ ଲୋକ ରହିଥିବା ସୂଚନା ମିଳିଥିଲା। ତେଣୁ ବିଡିଓ ପଦ୍ମନାଭ ସାମନ୍ତରାୟ ଏହାର ତଦନ୍ତ ପାଇଁ ଯାଇଥିବାବେଳେ ଉକ୍ତ ଶଯ୍ୟାଶାୟୀ ମଧୁମେହ ରୋଗୀଙ୍କ ବିଷୟରେ ଜାଣିବାକୁ ପାଇଥିଲେ । ତେଣୁ ତାଙ୍କୁ ତୁରନ୍ତ ଉଦ୍ଧାର କରିଥିଲେ । ସେ ସୁସ୍ଥ ହେବା ପର୍ଯ୍ୟନ୍ତ ପ୍ରଶାସନ ତାଙ୍କର ସମ୍ପୂର୍ଣ୍ଣ ଚିକିତ୍ସା ଖର୍ଚ୍ଚ ବହନ କରିବ ବୋଲି ବିଡିଓ ସାମନ୍ତରାୟ କହିଛନ୍ତି ।



ଉଦ୍ଧାର ହୋଇଥିବା ମଧୁମେହ ରୋଗୀଙ୍କୁ ଚିକିତ୍ସା କରାଯାଉଛି ।

# ଗାଁ ପ୍ରବେଶ ପଥ ବନ୍ଦକଲେ ଗ୍ରାମବାସୀ

**ଲହୁଣୀପଡା, ୩୦।୩ (ଡି.ଏନ.ଏ)**

କରୋନା ସଂକ୍ରମଣକୁ ପ୍ରତିହତ କରିବା ପାଇଁ ସାମାଜିକ ଦୂରତାକୁ ପ୍ରାଧାନ୍ୟ ଦେଇଛନ୍ତି କେନ୍ଦ୍ର ଓ ରାଜ୍ୟ ସରକାର। ସେଥିପାଇଁ ସାରା ଦେଶରେ ଲକ ଡାଉନ ଘୋଷଣା କରାଯାଇଛି । ସହରଠାରୁ ଗ୍ରାମ ପର୍ଯ୍ୟନ୍ତ ସବୁଠାରେ ସାମାଜିକ ଦୂରତ୍ୱକୁ ଗୁରୁତ୍ୱ ଦିଆଯାଇଛି। କରୋନା ଭୂତାଣୁକୁ ପ୍ରତିରୋଧ କରିବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ସଚେତନତାମୂଳକ ପଦକ୍ଷେପ ଗ୍ରହଣ କରିଛନ୍ତି । କେତେକ ସ୍ଥାନରେ ଜନସାଧାରଣ ଏହି ସଚେତନତା ଉପଦେଶ ତଥା ଲକ ଡାଉନ ନିୟମକୁ ଉଲ୍ଲଂଘନ କରୁଥିଲେ ମଧ୍ୟ ଅଧିକାଂଶ ସ୍ଥାନରେ ନିୟମକୁ କଡାକଡି ପାଳନ କରାଯାଇଛି । କେତେକ ସ୍ଥାନରେ ଜନସାଧାରଣ ନିଜ ଗ୍ରାମର ସୁରକ୍ଷା ପାଇଁ ଗ୍ରାମ ରାସ୍ତାକୁ ବନ୍ଦ କରି ଦେଉଛନ୍ତି । ଲହୁଣୀପଡା ବ୍ଲକ ଅନ୍ତର୍ଗତ ବଡପୁରୁଣାପଣି ପଞ୍ଚାୟତ ପୁରୁଣାପଣି ଗ୍ରାମର ଗ୍ରାମବାସୀ ଗ୍ରାମର ପ୍ରବେଶ ପଥକୁ ଅବରୋଧ କରିବା ସହିତ ନିହାତି ଜରୁରୀ ନ ହେଲେ ବାହାରକୁ ନ ବାହାରିବା ପାଇଁ ଗ୍ରାମର ଲୋକମାନଙ୍କୁ ପରାମର୍ଶ ଦେଉଛନ୍ତି। ରାଜାମୁଣ୍ଡା ପଞ୍ଚାୟତର ଗମଲେଇ, ଗୁଡିଆଲି, ମିଶରପାଲି, ଅର୍କେଇକଲା ଗ୍ରାମର ପ୍ରବେଶ ପଥକୁ ବନ୍ଦ କରି ଦିଆଯାଇଛି।

## ସଂକ୍ଷେପରେ

### ଭତ୍ତା ପାଇଁ ଭିଡ଼

ଆଠମଲ୍ଲିକ/ବନ୍ତଳା, ୩୦।୩(ଡି.ଏନ.ଏ.)- କରୋନା ସଂକ୍ରମଣ ରୋକିବାକୁ ଜାରି ହୋଇଥିବା କଟକଣା ନ ମାନି ସୋମବାର ଅନୁଗୋଳ ଜିଲାର ବିଭିନ୍ନ ବ୍ୟାଙ୍କରେ ଲୋକେ ଭତ୍ତା ଟଙ୍କା ପାଇଁ ଗହଳି ଜମାଇଥିଲେ। ଆଠମଲ୍ଲିକ ସଦର ମହକୁମା ଇଣ୍ଡିଆନ ବ୍ୟାଙ୍କ ଏବଂ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ସମ୍ମୁଖରେ ଲୋକେ ରୁଣ୍ଡ ହୋଇଥିଲେ। ସେହିପରି ବନ୍ତଳା ଷ୍ଟେଟ ବ୍ୟାଙ୍କ ଶାଖା ସମ୍ମୁଖରେ ସକାଳେ ବହୁ ସଂଖ୍ୟାରେ ଲୋକେ ଜମା ହୋଇଯାଇଥିଲେ।

### ମୋବାଇଲ, କମ୍ପ୍ୟୁଟର ଚୋରି

ବନ୍ତଳା, ୩୦।୩(ଡି.ଏନ.ଏ.)- ବନ୍ତଳା ଥାନା ଛକ କନକ ଦୁର୍ଗା ବଜାରରେ ରବିବାର ରାତିରେ ଖାଲଙ୍ଗା ଗ୍ରାମର ପ୍ରଦୀପ ପ୍ରଧାନ (୩୩)ଙ୍କ ମୋବାଇଲ ଦୋକାନରୁ ଚୋରି ହୋଇଛି। ଦୁର୍ବୃତ୍ତମାନେ କାନ୍ଥ ତାଡ଼ି ୧୫ଟି ମୋବାଇଲ, ହାର୍ଡଡିସ୍କ, କମ୍ପ୍ୟୁଟର ଚୋରି କରିନେଇଛନ୍ତି। ପ୍ରାୟ ୪ ଜଣ ଏଥିରେ ସମ୍ପୃକ୍ତ ଥିବା ସନ୍ଦେହ କରାଯାଉଛି। ଏ ନେଇ ସୋମବାର ସକାଳେ ପ୍ରଦୀପ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

### ଭାଲୁ ଆକ୍ରମଣରେ ଗୁରୁତର

ବନ୍ତଳା, ୩୦।୩(ଡି.ଏନ.ଏ.)- ପୁରୁଣାକୋଟ ଥାନା କରତପଟା ବିଟ୍ କରଡ଼ାଶିଙ୍ଗ ଗ୍ରାମରେ ମହୁଲ ଗୋଟାଇବା ବେଳେ ଭାଲୁ ଆକ୍ରମଣରେ ଜିତୁ ଦେହୁରୀ (୨୫) ଗୁରୁତର ହୋଇଛନ୍ତି। ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଜିତୁଙ୍କ ମୁଣ୍ଡ, ବେକ, ଛାତିରେ ଗଭୀର ଆଘାତ ଲାଗିଛି।

### ଯୁବକଙ୍କୁ ମାଡ଼ ଅଭିଯୋଗ

ବଇଣ୍ଡା, ୩୦।୩(ଡି.ଏନ.ଏ.)- ଜମିବାଡ଼ି ବିବାଦରୁ କିଶୋରନଗର ବ୍ଲକ ହଣ୍ଡପା ଥାନା ଗଢ଼େଇମୁଣ୍ଡା ଗ୍ରାମର ତୁଷାର ବାଘଙ୍କୁ ତାଙ୍କ ଦାଦା ରବି ବାଘ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ତୁଷାରଙ୍କ ବାପା ରତ୍ନାକର ବାଘ ଏ ନେଇ ରବିବାର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନଂ. ୪୬/୨୦ରେ ମାମଲା ରୁଜୁ କରିଛି।

### ଜଙ୍ଗଲରୁ ବୃଦ୍ଧ ଉଦ୍ଧାର

ବଇଣ୍ଡା, ୩୦।୩(ଡି.ଏନ.ଏ.)- କିଶୋରନଗର ବ୍ଲକ ହଣ୍ଡପା ଥାନା ବାଲିଆମ୍ବ ଜଙ୍ଗଲରୁ ଜଣେ ୭୦ ବର୍ଷୀୟ ବୃଦ୍ଧଙ୍କୁ ପୋଲିସ ଉଦ୍ଧାର କରିଛି। ମାନସିକ ରୋଗୀ ହୋଇଥିବାରୁ ତାଙ୍କୁ କିଶୋରନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସେ ତାମିଲନାଡୁରୁ ଓଡ଼ିଶା ଆସିଥିବା ଜଣାପଡିଛି। ସ୍ଥାନୀୟ ଲୋକଙ୍କଠାରୁ ଖବରପାଇ ହଣ୍ଡପା ଥାନା ଏଏସ୍ଆଇ ପ୍ରମୋଦ ଆଇଚ, କୁନି ବାରିକ ବୃଦ୍ଧଙ୍କୁ ଉଦ୍ଧାର କରିଥିଲେ।

### ରିଲିଫ ପାଣ୍ଠିକୁ ସହାୟତା

ବଇଣ୍ଡା, ୩୦।୩(ଡି.ଏନ.ଏ.)- କରୋନା ମୁକାବିଲା ପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ବଇଣ୍ଡା ଜନତା ମହାବିଦ୍ୟାଳୟ ଓ କିଶୋରନଗର ଡିଗ୍ରୀ କଲେଜର ଅଧକ୍ଷ ଏବଂ ଅଧାପକମାନେ ଗୋଟିଏ ଦିନର ଦରମା ଦାନ କରିଛନ୍ତି। କିଶୋରନଗର କଲେଜ ଅଧକ୍ଷ ଅକ୍ଷୟ କୁମାର ଦାସ, ବଇଣ୍ଡା କଲେଜ ଅଧକ୍ଷ ସିଦ୍ଧାର୍ଥ ପଣ୍ଡା, ଅଧାପକ କାଳନ୍ଦୀ ଚରଣ ପ୍ରଧାନ, ଅସିତ ଜେନା, ଶୁଭ୍ରଶଶି ପ୍ରଧାନ, ସବିତା ପଟ୍ଟନାୟକ, ରବି ନାରାୟଣ ବେହେରାଙ୍କ ସମେତ ସମସ୍ତ ଅଧାପିକା ଅଧାପକ ୪୦,୪୫୦ ଟଙ୍କା ପ୍ରଦାନ କରିଛନ୍ତି। ଏଥିସହିତ ବିଭିନ୍ନ ସଙ୍ଗଠନ, ପୁରାତନ ଛାତ୍ରୀଛାତ୍ର ଓ ସ୍ୱେଚ୍ଛାସେବୀମାନେ ରିଲିଫ ପାଣ୍ଠିକୁ ଦାନ କରିବା ପାଇଁ ଅଧକ୍ଷ ପଣ୍ଡା ନିବେଦନ କରିଛନ୍ତି।

### ଚୋରି ଅଭିଯୋଗରେ ୬ ଗିରଫ

ତାଳଚେର, ୩୦।୩(ନି.ପ୍ର.)- ଗୋଦାମରୁ ଚୋରି ଅଭିଯୋଗରେ ତାଳଚେର ପୋଲିସ ୬ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗତ ୨୬ ଓ ୨୭ ତାରିଖରେ ଅଭିଯୁକ୍ତମାନେ ବସ୍‌ଷ୍ଟାଣ୍ଡରେ ଥିବା ଶିବପ୍ରସାଦ ସାହୁ ଓ ରଞ୍ଜନ କୁମାର ସାହୁଙ୍କ ଗୋଦାମରୁ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି କରିଥିବା ଥାନାରେ ଅଭିଯୋଗ ହୋଇଥିଲା। ଏ ସଂକ୍ରାନ୍ତରେ ପୋଲିସ ନଂ. ୧୧୫/୨୦ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା।

### ପୋଲିସରେ ଛୋଟ ଅଦଳବଦଳ

ଅନୁଗୋଳ ଅଫିସ, ୩୦।୩- ଅନୁଗୋଳ ଜିଲା ପୋଲିସସ୍ତରରେ ଛୋଟ ଧରଣର ଅଦଳବଦଳ କରାଯାଇଛି। ଅନୁଗୋଳ ଥାନାର ତଦନ୍ତକାରୀ ଅଧିକାରୀ ଏସ୍ଆଇ ଦିଲୀପ କୁମାର ସାହୁଙ୍କୁ ମହୀଧରପୁର ବିଟ୍ ହାଉସ୍‌କୁ ବଦଳି କରାଯାଇଛି। ସେହିପରି ତାଳଚେର ଏସ୍‌ଡିପିଓ କାର୍ଯ୍ୟାଳୟର ଏଏସ୍ଆଇ କାର୍ତ୍ତିକ ବେହେରାଙ୍କୁ ରେଙ୍ଗାଳି ଥାନାକୁ ବଦଳି କରାଯାଇଛି।

# ୨୦୩୪ ଜଣଙ୍କୁ ରନ୍ଧାଖାଦ୍ୟ

**ଅନୁଗୋଳ ଅଫିସ, ୩୦।୩**

ଅନୁଗୋଳ ଜିଲାରେ ଥିବା ୨୨୫ଟି ପଞ୍ଚାୟତର ୪୪ଟି ସ୍ଥାନରେ ସୋମବାର ୨ ହଜାର ୩୪ ଜଣଙ୍କୁ ରନ୍ଧା ଖାଦ୍ୟ ବଣ୍ଟନ କରାଯାଇଛି। ଅନୁଗୋଳ ବ୍ଲକର ୨୨ଟି ସ୍ଥାନରେ ୧୧୭୭ ଜଣ, ବଣ୍ଟରପାଳ ବ୍ଲକରେ ୧୮ ଜଣ, ଛେଣ୍ଡିପଦା ବ୍ଲକର ୪ଟି ସ୍ଥାନରେ ୯୯, ଆଠମଲ୍ଲିକ ବ୍ଲକର ୫ଟି ସ୍ଥାନରେ ୧୮୭, କିଶୋରନଗର ବ୍ଲକ ୪ଟି ସ୍ଥାନରେ ୧୯୪, ପାଲଲହଡ଼ା ବ୍ଲକର ଗୋଟିଏ ସ୍ଥାନରେ ୭୨ ଜଣଙ୍କୁ ରନ୍ଧା ଖାଦ୍ୟ ବଣ୍ଟନ କରାଯାଇଛି। କଣିହାଁ ବ୍ଲକରେ ରନ୍ଧା ଖାଦ୍ୟ ବଣ୍ଟନ କରାଯାଇ ନାହିଁ। ତାଳଚେର ବ୍ଲକର ୬ଟି ସ୍ଥାନରେ ୨୮୭ ଜଣଙ୍କୁ ରନ୍ଧା ଖାଦ୍ୟ ବଣ୍ଟନ କରାଯାଇଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

ସେହିପରି ରବିବାର ୧୨ଟି ପଞ୍ଚାୟତରେ ୨୮୪ ଲୋକଙ୍କୁ ଏବଂ ସହରାଞ୍ଚଳର ୧୨ଟି ସ୍ଥାନରେ ୨୧୧ ଜଣଙ୍କୁ ଖାଦ୍ୟ ବଣ୍ଟନ କରାଯାଇଥିଲା। ଅନୁଗୋଳ ବ୍ଲକରେ ୫ଟି ସ୍ଥାନରେ ୪୯ ଜଣ, ବଣ୍ଟରପାଳ ବ୍ଲକରେ ଗୋଟିଏ ସ୍ଥାନରେ ୯ ଜଣଙ୍କୁ ଖାଦ୍ୟ ପ୍ରଦାନ କରାଯାଇଥିଲା। ଛେଣ୍ଡିପଦା, କଣିହାଁ ଓ ଆଠମଲ୍ଲିକ ବ୍ଲକ, ତାଳଚେର ପୌରପାଳିକାରେ କୌଣସି ଲୋକଙ୍କୁ ରନ୍ଧା ଖାଦ୍ୟ ବଣ୍ଟନ କରାଯାଇ ନ ଥିଲା। କିଶୋରନଗର ବ୍ଲକର ୩ଟି ସ୍ଥାନରେ ୮୩ ଜଣଙ୍କୁ, ପାଲଲହଡ଼ାରେ ଗୋଟିଏ ସ୍ଥାନରେ ୪୮ ଜଣଙ୍କୁ ରନ୍ଧା ଖାଦ୍ୟ ଦିଆଯାଇଥିଲା। ତାଳଚେର ବ୍ଲକର ଦୁଇଟି ସ୍ଥାନରେ ୯୫ ଜଣଙ୍କୁ ଖାଦ୍ୟ ବଣ୍ଟନ କରାଯାଇଥିବାବେଳେ ଅନୁଗୋଳ ପୌରପାଳିକା ପକ୍ଷରୁ ୨୩ଟି ୱାର୍ଡର ଗୋଟିଏ ସ୍ଥାନରେ ୨ ଶହ ଲୋକଙ୍କୁ ଖାଇବା ପ୍ରଦାନ କରାଯାଇଥିଲା। ଆଠମଲ୍ଲିକ ପୌରପରିଷଦରେ ୧୧ଟି ୱାର୍ଡର ୧୧ଟି ସ୍ଥାନରେ ୧୧ ଜଣ ଲୋକଙ୍କୁ ରନ୍ଧା ଖାଦ୍ୟ ବଣ୍ଟନ କରାଯାଇଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଅନୁଗୋଳରେ ଫସି ରହିଥିବା ବାହାର ରାଜ୍ୟର ଲୋକ, ଗରିବ ଓ ଅସହାୟମାନଙ୍କୁ ଏହି ଖାଦ୍ୟ ବଣ୍ଟନ କରାଯାଇଥିବା ଜିଲାପାଳ ମନୋଜ କୁମାର ମହାନ୍ତି ପ୍ରକାଶ କରିଛନ୍ତି। ଏଥିସହ ତୁରଙ୍ଗ ଅଞ୍ଚଳରେ ଥିବା ଶ୍ରମିକ ଶ୍ରେଣୀର ଲୋକଙ୍କୁ ରାଶନ ସହ ସାନିଟାଇଜର ପ୍ରଦାନ କରାଯାଇଥିବା ଜିଲାପାଳ କହିଛନ୍ତି।

## ଶ୍ରମିକଙ୍କୁ ଦିଆଗଲା ରାଶନ, ସାନିଟାଇଜର



ପାଲଲହଡ଼ାଠାରେ ଲୋକଙ୍କୁ ରନ୍ଧା ଖାଦ୍ୟ ବଣ୍ଟନ କରାଯାଉଛି।

## ଅସହାୟଙ୍କୁ ଚିହ୍ନଟ କରୁଛି ପ୍ରଶାସନ

ଅନୁଗୋଳ ଅଫିସ, ୩୦।୩- ଲକ୍‌ଡାଉନ୍ ବେଳେ ବାହାର ରାଜ୍ୟରୁ ଆସି ଅନୁଗୋଳରେ ବ୍ୟବସାୟ କରୁଥିବା କ୍ଷୁଦ୍ର ବ୍ୟବସାୟୀ, ଭିକ୍ଷାବୃତ୍ତି କରୁଥିବା ବିଭିନ୍ନ ବର୍ଗର ଲୋକ ଓ ଅସହାୟଙ୍କୁ ସୋମବାର ପ୍ରଶାସନ ପକ୍ଷରୁ ଚିହ୍ନଟ କରାଯାଇଛି। ଏମାନଙ୍କୁ ଚିହ୍ନଟ ପରେ ପ୍ରତ୍ୟେକ ଦିନ ରନ୍ଧା ଖାଦ୍ୟ ପ୍ରଶାସନ ପକ୍ଷରୁ ଯୋଗାଇ ଦିଆଯିବ। ଏ ନେଇ ବିଭିନ୍ନ ବ୍ଲକ ଓ ପୌରପରିଷଦ ଅଞ୍ଚଳରେ ପ୍ରଶାସନିକ ଅଧିକାରୀମାନେ କାର୍ଯ୍ୟରେ ଲାଗିଛନ୍ତି।

## ସାମିଲ ହେଲେ ସାମାଜିକ କର୍ମୀ, ଶିକ୍ଷାନୁଷ୍ଠାନ, ବ୍ୟବସାୟୀ

ଅନୁଗୋଳ ଅଫିସ, ୩୦।୩- ଅନୁଗୋଳ ସହରରେ ଥିବା ଅସହାୟମାନଙ୍କୁ ଖାଦ୍ୟ ଯୋଗାଇ ଦେବାକୁ ଅଣ୍ଟାଭିଡ଼ିଛନ୍ତି ସାମାଜିକ କର୍ମୀ, ଶିକ୍ଷାନୁଷ୍ଠାନ ଓ ବ୍ୟବସାୟିକ ପ୍ରତିଷ୍ଠାନ। ସହରରେ ପ୍ରତ୍ୟେକ ଦିନ ୫ଟି ଅନୁଷ୍ଠାନ ପକ୍ଷରୁ ୪୩୦ ଜଣଙ୍କୁ ଖାଦ୍ୟ ଯୋଗାଇ ଦିଆଯାଉଥିବା ସୂଚନା ମିଳିଛି। ପତଞ୍ଜଳି ଯୋଗ ସମିତି ପକ୍ଷରୁ ସହରର ୫୦ ଜଣ, ଶିରିଡ଼ି ସାଇ ସେବା ଟ୍ରଷ୍ଟ ପକ୍ଷରୁ ଶହେ ଜଣ, ଡିଷ୍ଟ୍ରିକ୍ଟ ଭଲ୍ୟୁଣ୍ଟାରି ଅର୍ଗାନାଇଜେଶନ୍ ପକ୍ଷରୁ ୩୦ଜଣଙ୍କୁ ରନ୍ଧା ଖାଦ୍ୟ ପ୍ରଦାନ କରାଯାଉଛି। ପ୍ରଶାନ୍ତି ହୋଟେଲ ପକ୍ଷରୁ ରାତିରେ ୫୦ ମିଲ୍‌ର ବ୍ୟବସ୍ଥା କରାଯାଇଥିବାବେଳେ ଜିନ୍ଦଲ ପକ୍ଷରୁ ଦୁଇ ଶହ ମିଲ୍ ଦିଆଯାଉଛି ବୋଲି ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

# ସାହି ଲକ୍‌ଡାଉନ

## ଲୋକଙ୍କୁ କରୁଛନ୍ତି ସଚେତନ

## ହାତ ଧୋଇବା ବାଧ୍ୟତାମୂଳକ




ଅନୁଗୋଳର ଏକ ସାହିରେ ଲକ୍‌ଡାଉନ୍ ବ୍ୟାନର ମରାଯାଇଛି।

**ଅନୁଗୋଳ ଅଫିସ/ଆଠମଲ୍ଲିକ/ ବନ୍ତଳା, ୩୦।୩**

କରୋନା ସଂକ୍ରମଣ ରୋକିବାକୁ ସରକାରଙ୍କ ଲକ୍‌ଡାଉନ କଟକଣାକୁ ଅନେକେ ମାନୁ ନ ଥିବାରୁ ନିଜ ନିଜ ଅଞ୍ଚଳର ସୁରକ୍ଷା ପାଇଁ ଆଗେଇ ଆସୁଛନ୍ତି ଲୋକେ। ଅନୁଗୋଳ ସହରର ରାଧାରମଣପଡ଼ା, ନଖରାସାହି ସହ ଜିଲାର ବିଭିନ୍ନ ସ୍ଥାନରେ ଲୋକେ ରାସ୍ତା ଅବରୋଧ କରି ଗାଁ ବାହାରେ ପାଣି ସହ ସାବୁନ, ହ୍ୟାଣ୍ଡୱାଶର ବ୍ୟବସ୍ଥା କରିଛନ୍ତି। ହାତ ନ ଧୋଇଲେ ଗାଁକୁ ପ୍ରବେଶ ନିଷେଧ ବୋଲି କହୁଛନ୍ତି। ଜରୁରୀ କାମ ନ ଥିଲେ ବାହାରକୁ ଯିବାକୁ ବାରଣ କରୁଛନ୍ତି। ବିନା କାମରେ ବୁଲିବାକୁ ଯାଉଥିବା ଲୋକଙ୍କୁ ଗ୍ରାମରେ ପ୍ରବେଶ କରାଇ ଦେଉନାହାନ୍ତି। ସାମାଜିକ ଦୂରତ୍ୱ ମାନିବାକୁ ସଚେତନ କରୁଛନ୍ତି। ବିଭିନ୍ନ ସାହି ବସ୍ତିରେ ଯୁବପିଢ଼ିଙ୍କ ସହ ବୟସ୍କ ଲୋକେ ଏଥିରେ ସାମିଲ ହୋଇଛନ୍ତି। ଆଠମଲ୍ଲିକ ବ୍ଲକ ଦେଉଳବେଡା ଗ୍ରାମବାସୀ ବାହାର ବ୍ୟକ୍ତିଙ୍କୁ ଗାଁକୁ ଛାଡୁନାହାନ୍ତି। ବନ୍ତଳା ଥାନା ମାଟିଆ ସାହି ପଞ୍ଚାୟତର ବଡ଼ଦାଣ୍ଡ ସାହି ଗ୍ରାମବାସୀ ବାହାରୁ ଆସୁଥିବା ଲୋକଙ୍କୁ ହାତଧୋଇ ଗ୍ରାମକୁ ଯିବା, ସାମାଜିକ ଦୂରତ୍ୱ ବଜାୟ ରଖିବା ଓ ମାସ୍କ ବ୍ୟବହାର ପାଇଁ ଅନୁରୋଧ କରୁଥିବା ଦେଖାଯାଉଛି। ପଞ୍ଚାୟତର ମଦନମୋହନ ପାଟଣା, ମାଟିଆସାହି, ବ୍ରାହ୍ମଣସାହିବାସୀ ମଧ୍ୟ ଲକ୍‌ଡାଉନ୍‌କୁ କଡ଼ାକଡ଼ି ପାଳନ କରୁଛନ୍ତି।

# ଖୋଲିଲା ଢାବା, ହୋଟେଲ

**ଅନୁଗୋଳ ଅଫିସ,୩୦।୩**

ଲକ୍‌ଡାଉନ୍ ବେଳେ ଅତ୍ୟାବଶ୍ୟକ ସାମଗ୍ରୀ ପରିବହନ କରୁଥିବା ଟ୍ରକ୍ ଚାଳକଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଅନୁଗୋଳ ଜିଲାର ବିଭିନ୍ନ ସ୍ଥାନରେ ଢାବା ଓ ହୋଟେଲ ଖୋଲିବାକୁ ଜିଲା ପ୍ରଶାସନ, ପୋଲିସ ପକ୍ଷରୁ ଅନୁମତି ପ୍ରଦାନ କରାଯାଇଛି। ନାଲ୍‌କୋର କୁଲାଡ଼ ଠାରେ ଗୋଟିଏ, ବଣ୍ଟରପାଳରେ ୪ଟି, ଜରପଡ଼ାରେ ଗୋଟିଏ, ନିଶା ଅଞ୍ଚଳରେ ଗୋଟିଏ, ବନ୍ତଳାରେ ଗୋଟିଏ, ଛେଣ୍ଡିପଦାରେ ୬ଟି, ତାଳଚେରରେ ୪, କଲିୟରୀରେ ୯, ଏନ୍‌ଟିପିସିରେ ଗୋଟିଏ, ସମଲରେ ୨, ବିକ୍ରମପୁରରେ ଗୋଟିଏ, ଆଠମଲ୍ଲିକରେ ୨, କିଆକଟାରେ ଗୋଟିଏ, ହଣ୍ଡପାରେ ୩, କିଶୋରନଗରରେ ୪, ପାଲଲହଡ଼ାରେ ଗୋଟିଏ ଓ ଖମାରରେ ୪ଟି ଢାବା ଖୋଲିବାକୁ ଅନୁମତି ପ୍ରଦାନ କରାଯାଇଛି।

# ୧୮୬ ପାରାମେଡିକାଲ ଷ୍ଟାଫ୍‌ଙ୍କୁ ନିଯୁକ୍ତି

**ଅନୁଗୋଳ ଅଫିସ,୩୦।୩**

କରୋନା ମୁକାବିଲା ପାଇଁ ଜିଲାରେ ୧୮୬ ପାରା ମେଡିକାଲ ଷ୍ଟାଫ୍ ନିଯୁକ୍ତି ଦିଆଯାଇଛି। ଅନୁଗୋଳ ହାଇସ୍କୁଲ ଠାରେ ୨୨୧ ପଦବୀ ପାଇଁ ମୌଖିକ ପରୀକ୍ଷା ହୋଇଥିଲା। ଅତିରିକ୍ତ ଜିଲାପାଳ (ରାଜସ୍ୱ) ସନ୍ତୋଷ କୁମାର ପ୍ରଧାନ, ସିଡିଏମ୍‌ଓ ପ୍ରତାପ ବେହେରା, ଏଡିଏମ୍‌ଓ (ମେଡିକାଲ) ଶ୍ୟାମପ୍ରକାଶ ଦାସ, ଏଡିଏମ୍‌ଓ (ପିଏଚ୍) ଦିଲୀପ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ନିଯୁକ୍ତ କର୍ମଚାରୀମାନେ ଜିଲାରେ ଖୋଲିବାକୁ ଥିବା କରୋନା ୱାର୍ଡରେ କାର୍ଯ୍ୟ କରିବେ। ଅବଶିଷ୍ଟ ୩୫ ପଦବୀ ପାଇଁ ଆଉ ଥରେ ପରୀକ୍ଷା ଆୟୋଜନ କରାଯିବ ବୋଲି ସିଡିଏମ୍‌ଓ ବେହେରା ସୂଚନା ଦେଇଛନ୍ତି।

# ମା’ ହିଙ୍ଗୁଳାଙ୍କ ଜନ୍ତାଳ ପର୍ବ

**ତାଳଚେର,୩୦।୩(ନି.ପ୍ର.)**

ତାଳଚେରର ଅଧିଷ୍ଠାତ୍ରୀ ଦେବୀ ମା’ ହିଙ୍ଗୁଳାଙ୍କ ପ୍ରସିଦ୍ଧ ଜନ୍ତାଳ ପୂଜା ଗୋପାଳପ୍ରସାଦସ୍ଥିତ ହିଙ୍ଗୁଳା ପୀଠରେ ସୋମବାର ପାଳିତ ହୋଇଯାଇଛି। ଅପରାହ୍ନ ୧ଟା ବେଳେ ଦେହୁରୀଙ୍କ ଘରୁ ମା’ ହିଙ୍ଗୁଳାଙ୍କ ଚଳନ୍ତି ପ୍ରତିମା ଆଲମକୁ କୁଟେଇଶୁଣୀ ମଣ୍ଡପକୁ ଅଣାଯାଇଥିଲା। ସେଠାରେ ମୁଖ୍ୟପୂଜକ ହୃଦାନନ୍ଦ ଦେହୁରୀ, କିଶୋର ଚନ୍ଦ୍ର ଦେହୁରୀ ଓ ଟଙ୍କଧର ଦେହୁରୀ ଆଲମକୁ ବିଧି ମୁତାବକ ପୂଜା କରିଥିଲେ। ପରେ ପରମ୍ପରା ଅନୁଯାୟୀ ପଡିଆର କୁଟେଇଶୁଣୀ ମଣ୍ଡପକୁ ଯାତ୍ରା କରିଥିଲେ। ସେଠାରେ ମୁଖ୍ୟ ଦେହୁରୀ ତାଳଚେର ରାଜାଙ୍କ ପ୍ରଦତ୍ତ ନୂତନ ବସ୍ତ୍ର ପଡିଆରଙ୍କୁ ପ୍ରଦାନ କରିଥିଲେ। ସେହି ରାଜବସ୍ତ୍ର ପରିଧାନ ପରେ ପଡିଆରଙ୍କୁ ଦେବୀ ରୂପରେ ଷୋଡଶୋପଚାରରେ ପୂଜା କରାଯାଇଥିଲା। ଏହି ପୂଜାକୁ ମା’ ହିଙ୍ଗୁଳାଙ୍କ ଜନ୍ତାଳ ପୂଜା କୁହାଯାଏ। ପଡିଆରଙ୍କ ଠାରେ ଦେବୀ ଆବିଷ୍ଟ ହୋଇ ମା’ ହିଙ୍ଗୁଳାଙ୍କ ଆବିର୍ଭାବର ଦିଗ ସମ୍ବନ୍ଧରେ ସୂଚନା ଦେହୁରୀଙ୍କୁ ଦେଇଥାନ୍ତି। ଏହାପରେ ପୂର୍ବ ସୂଚନା ଅନୁଯାୟୀ ଦେହୁରୀ ଅର୍ଦ୍ଧରାତିରେ ଏକା ଯାଇ ମା’ଙ୍କ ଆବିର୍ଭାବ ସ୍ଥଳୀ ବା ଉଭାସ୍ଥଳୀକୁ ଚିହ୍ନଟ କରିଥାନ୍ତି। ତେବେ କଟକଣା ଯୋଗୁ ଚଳିତ ବର୍ଷ ନିରାଡମ୍ବରରେ ପୂଜା ପାଳିତ ହୋଇଥିଲା। ପୋଲିସ ଓ ପ୍ରଶାସନ ଉପସ୍ଥିତିରେ ତାଳଚେର ରାଜାଙ୍କ ପ୍ରତିନିଧି ରାଜେନ୍ଦ୍ର କୁମାର ସିଂହଙ୍କ ସମେତ ସେବାୟତମାନେ ଯୋଗ ଦେଇଥିଲେ। ମା’ ହିଙ୍ଗୁଳାଙ୍କ ପ୍ରସିଦ୍ଧ ଯାତ୍ରା ଏପ୍ରିଲ ୭ ତାରିଖରୁ ଆରମ୍ଭ ହେବ।



ପଡିଆରଙ୍କୁ ପୂଜା କରାଯାଉଛି।

# ଚିକେନ ରୋଷେଇ, ୩ ପୂଜକ ଗିରଫ

**ତାଳଚେର,୩୦।୩(ନି.ପ୍ର.)**

ତାଳଚେରର ପ୍ରସିଦ୍ଧ ଶୈବପୀଠ ପଶ୍ଚିମେଶ୍ୱର ମନ୍ଦିର ପରିସରରେ ଚିକେନ ରୋଷେଇ କରି ଖାଇବା ଅଭିଯୋଗରେ ତାଳଚେର ପୋଲିସ ୩ଜଣ ପୂଜକଙ୍କୁ ସୋମବାର ଗିରଫ କରି କୋର୍ଟଚାଲାଣ କରିଛି। ତାଳଚେର ଥାନାରେ ନଂ.୧୧୭/୨୦ରେ ଏକ ମାମଲା ରୁଜୁ କରାଯାଇଛି। ଗିରଫମାନେ ହେଲେ ବଡଦାଣ୍ଡସାହିର ମଙ୍ଗୁଲୁ ମହାପାତ୍ର, ସନ୍ତୋଷ ମହାପାତ୍ର, ଓ ଲେଙ୍କ ମହାପାତ୍ର। ଗତ ୨୮ ତାରିଖରେ ଏମାନେ ମନ୍ଦିର ପରିସରରେ ଚିକେନ ରୋଷେଇ କରୁଥିବାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା।

# ଗରିବ, ଅସହାୟଙ୍କୁ ଖାଦ୍ୟ ବଣ୍ଟନ

**ତାଳଚେର,୩୦।୩(ନି.ପ୍ର.)**

ତାଳଚେର ପୌରାଞ୍ଚଳରେ ଥିବା ଗରିବ, ଅସହାୟମାନଙ୍କୁ ସେଣ୍ଟଜନ୍ସ ଅନନ୍ତ ଆମ୍ବୁଲାନ୍ସ ଡିଭିଜନ ପକ୍ଷରୁ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଛି। ତାଳଚେରର ଡିଭିଜନ କମାଣ୍ଡର ପ୍ରଦୀପ୍ତ କୁମାର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ପୌରାଞ୍ଚଳର ୧୦ ଓ ୨୦ନଂ. ୱାର୍ଡରେ ବାସ କରୁଥିବା ଖଟିଖିଆ ତଥା ଅନ୍ୟ ଅସହାୟ ପରିବାର ସଦସ୍ୟଙ୍କୁ କରୋନା ସମ୍ପର୍କରେ ସଚେତନ କରାଯିବା ସହ ଚୁଡ଼ା, ଚିନି ଓ ବିସ୍କୁଟ ବଣ୍ଟନ କରାଯାଇଥିଲା। ସଦସ୍ୟ ପଞ୍ଚୁ ସାହୁ, ଚନ୍ଦନ ପ୍ରଧାନ, ରଞ୍ଜିତ ସାହୁ, ଶ୍ରୀକ୍ରିଷ୍ଣା ସାହୁ, ସୁବ୍ରତ ପ୍ରଧାନ, ସାମାଜିକ କର୍ମୀ ବାପି ମହାନ୍ତି, ମଳୟ ବାରିକ, ମିନତୀ ମହାରଣା, ସୂଚନା ଦାସ ପ୍ରମୁଖ ଏଥିରେ ସହଯୋଗ କରିଥିଲେ।



ସଦସ୍ୟମାନେ ଖାଦ୍ୟ ପୁଡ଼ିଆ ବଣ୍ଟନ କରୁଛନ୍ତି।

# କଟକଣା କଡ଼ାକଡ଼ି, ସୀମା ସିଲ୍

**ଅନୁଗୋଳ ଅଫିସ/ ବଇଣ୍ଡା/ପାଲଲହଡ଼ା/ ଆଠମଲ୍ଲିକ, ୩୦।୩(ଡି.ଏନ.ଏ.)**

ଲକ୍‌ଡାଉନ କଟକଣାକୁ ଅନୁଗୋଳ ଜିଲାରେ କଡ଼ାକଡ଼ି କରାଯାଇଛି। ସରକାରଙ୍କ ନିର୍ଦ୍ଦେଶରେ ଜିଲାର ବିଭିନ୍ନ ସ୍ଥାନରେ ସୀମାକୁ ସିଲ୍ କରାଯାଇଛି। ଜିଲା ବାହାରକୁ ଆସୁଥିବା ଲୋକଙ୍କୁ ସୀମାନ୍ତରେ ଅଟକାଯାଇ କ୍ୱାରାଣ୍ଟାଇନ୍ ହୋମ୍‌ରେ ରଖାଯାଉଛି। ସ୍ଥାନୀୟ ବିଡିଓ ଓ ତହସିଲଦାରଙ୍କ ସହ ପୋଲିସକୁ ଏହି ଦାୟିତ୍ୱ ପ୍ରଦାନ କରାଯାଇଛି। ସୋମବାର ଅନୁଗୋଳ ସୀମାନ୍ତରେ ୯ ଜଣଙ୍କୁ ପୋଲିସ ଅଟକାଇ ବଣ୍ଟରପାଳ ହାଇସ୍କୁଲ ଠାରେ ଅସ୍ଥାୟୀ କ୍ୱାରାଣ୍ଟାଇନ୍ ହୋମ୍‌ରେ ରଖିଛି। ଏମାନେ ବ୍ରହ୍ମପୁରରୁ ଏକ ଗାଡ଼ିରେ କେନ୍ଦୁଝରର ତେଲକୋଇ ଯାଉଥିବା ବଣ୍ଟରପାଳ ଥାନା ଅଧିକାରୀ ସୁନିଲ କୁମାର କର ସୂଚନା ଦେଇଛନ୍ତି।

ଅପରପକ୍ଷରେ କଟକଣା ଉଲ୍ଲଂଘନ ଅଭିଯୋଗରେ ଗତ ଦୁଇ ଦିନରେ ଅନୁଗୋଳ ଜିଲାରେ ୩୨ ଜଣ ଗିରଫ ହୋଇଥିବା ବେଳେ ୬ଟି ମୋଟର ସାଇକେଲ, ମଦ, କ୍ରିକେଟ ବ୍ୟାଟ୍, ବଲ୍ ଓ ୱିକେଟ୍ ଜବତ କରାଯାଇଥିବା ଏସ୍‌ପି ଜଗମୋହନ ମୀନା ପ୍ରକାଶ କରିଛନ୍ତି। ଠାକୁରଗଡ଼ ଥାନା ଓ ହଣ୍ଡପା ଥାନା ଅଞ୍ଚଳର ୨ଜଣ ସରଗିପାଲି ଛକଠାରେ ବୁଲାବୁଲି କରୁଥିବା ବେଳେ ହଣ୍ଡପା ଆଇଆଇସି ଲବ ବୋଡା ସେମାନଙ୍କୁ ଗିରଫ କରିଛନ୍ତି। ସେହିପରି ଜଣେ କ୍ୱାରାଣ୍ଟାଇନରେ ନ ରହିବାରୁ ଠାକୁରଗଡ଼ ଆଇଆଇସି ଗବାକ୍ଷ ନାୟକ ତାଙ୍କୁ ଗିରଫ କରିଛନ୍ତି। ସୋମବାର କିଶୋରନଗର ତହସିଲଦାର ଡ. ଲକ୍ଷ୍ମୀ ପ୍ରସାଦ ସାହୁଙ୍କ ନେତୃତ୍ୱରେ ଏକ ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ାଉ ସହ ଜିଲା ସୀମାନ୍ତ ସିଲ୍ କରିଛନ୍ତି। ସେହିପରି ବାଇକ୍‌ରେ ବୁଲୁଥିବା ଅଭିଯୋଗରେ ଜାମୁନାଳୀର ଜଣେ, ପାଣ୍ଡୁରୀପଥର ଗ୍ରାମର ୨ଜଣ ଓ କଂସାରିକୁନ୍ଦ ଗ୍ରାମର ଜଣଙ୍କ ନାମରେ କିଶୋରନଗର ଥାନାରେ ମାମଲା ରୁଜୁ କରାଯାଇଛି। ପାଲଲହଡା ଉପଖଣ୍ଡ ପୋଲିସ ପକ୍ଷରୁ ଜିଲା ସୀମାକୁ ସିଲ୍ କରିଦିଆଯାଇଥିବା ଉପଖଣ୍ଡ ପୋଲିସ ଅଧିକାରୀ ଯଶୋବନ୍ତ ସାମଲ ସୂଚନା ଦେଇଛନ୍ତି। ସ୍ଥାନୀୟ ତହସିଲଦାର ସ୍ୱାଗତ ଦାସ କ୍ୱାରାଣ୍ଟାଇନ୍ ସେଣ୍ଟର ବୁଲି ଦେଖିଛନ୍ତି। ଏଥିସହ କଟକଣା ଉଲ୍ଲଂଘନ ଅଭିଯୋଗରେ ପାଲଲହଡା ପୋଲିସ ଜଣଙ୍କୁ ଗିରଫ କରିଛି। ସେହିପରି ଆଠମଲ୍ଲିକ ଥାନା ଆଇଆଇସି ପ୍ରୀୟବ୍ରତ ଦାଶ ୨ଜଣଙ୍କୁ ଗିରଫ କରିଛନ୍ତି।



ସୀମାରୁ ଉଦ୍ଧାର ହୋଇଥିବା ୯ ଜଣ ଶ୍ରମିକଙ୍କୁ ବଣ୍ଟରପାଳସ୍ଥିତ ଅସ୍ଥାୟୀ କ୍ୱାରାଣ୍ଟାଇନ୍‌ରେ ରଖାଯାଇଛି।

## ସଂକ୍ଷେପରେ

### ଘରପୋଡ଼ି, ଅଭିଯୁକ୍ତ ଗିରଫ

**ପରଜଙ୍ଗ, ୩୦।୩(ଡି.ଏନ.ଏ.)**
ପରଜଙ୍ଗ ଥାନା କଙ୍କଡ଼ାସୋଡ଼ା ଗ୍ରାମରେ ପୂର୍ବଶତ୍ରୁତାକୁ କେନ୍ଦ୍ରକରି ରବିବାର ସକାଳେ ଜଣେ ଯୁବକ କବିରାଜ ରାଉଳଙ୍କ ଘର ପୋଡ଼ିଦେଇଥିବା ଅଭିଯୋଗ ହୋଇଛି। ପୋଲିସ ଅଭିଯୁକ୍ତ ଅନିଲ ସିଂଙ୍କୁ ଗିରଫ କରିଛି। ଏ ନେଇ ନଂ. ୬୮/୨୦ରେ ମାମଲା ରୁଜୁ ହୋଇଥିବା ଥାନାଧିକାରୀ ସନ୍ତୋଷ ପ୍ରଧାନ ସୂଚନା ଦେଇଛନ୍ତି। ଅଗ୍ନିକାଣ୍ଡରେ ୬ ବଖରା ପୋଡ଼ି ପାଉଁଶ ହୋଇଯାଇଛି। ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା।

### ୩୬୯୧ ଲିଟର ମଦ ଜବତ

**ପରଜଙ୍ଗ, ୩୦।୩(ଡି.ଏନ.ଏ.):**
ପରଜଙ୍ଗ ଥାନା ମହାବିରୋଡ ଫାଣ୍ଡି ଅଧୀନ ଗତରେଇ ଗ୍ରାମରୁ ରବିବାର ୩୬୯୧ ଲିଟର ବିଦେଶୀ ମଦ ଜବତ କରାଯାଇଛି। ଅଭିଯୁକ୍ତ ଧର୍ମେନ୍ଦ୍ର ସାହୁ ଓରଫ୍ ବୁଲୁଙ୍କୁ ପୋଲିସ ଗିରଫ କରିଛି। ଲକ୍‌ଡାଉନ ସମୟରେ ଚୋରାରେ ମଦ ବିକ୍ରି କରିବାକୁ ଧର୍ମେନ୍ଦ୍ର ବିପୁଳ ପରିମାଣର ବିଦେଶୀ ମଦ ଗଚ୍ଛିତ କରି ରଖିଥିଲେ। ସୂଚନା ପାଇ ଏସ୍‌ଡିପିଓ ସୁପ୍ରସନ୍ନ ମଲ୍ଲିକଙ୍କ ନେତୃତ୍ୱରେ ଚଢ଼ାଉ କରାଯାଇଥିଲା। ଅଭିଯୁକ୍ତଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ ସନ୍ତୋଷ ପ୍ରଧାନ ସୂଚନା ଦେଇଛନ୍ତି।

### ୯୭ ଜଣଙ୍କ ନାମରେ ମାମଲା

**ପରଜଙ୍ଗ, ୩୦।୩(ଡି.ଏନ.ଏ.):**
ଲକ୍‌ଡାଉନ ନିୟମ ଉଲ୍ଲଂଘନ କରିଥିବା ଅଭିଯୋଗରେ ପରଜଙ୍ଗ ପୋଲିସ ୯୭ଜଣଙ୍କ ନାମରେ ମାମଲା ରୁଜୁ କରିଛି। ଏ ନେଇ ନଂ. ୬୫/୨୦, ଦଫା ୧୮୮, ୨୬୯, ୨୭୦, ୩୪ ରେ ମାମଲା ରୁଜୁ ହୋଇଥିବା ମହାବିରୋଡ ଫାଣ୍ଡି ଅଧିକାରୀ ସରୋଜ ସେଠୀ ସୂଚନା ଦେଇଛନ୍ତି। ଆଗକୁ ଏପରି ଆଇନ ଖିଲାପକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଥାନାଧିକାରୀ ସନ୍ତୋଷ ପ୍ରଧାନ କହିଛନ୍ତି।

### ଦୋକାନରୁ ଚୋରି

**ଭୁବନ, ୩୦।୩(ଡି.ଏନ.ଏ.):**
ଭୁବନ ଏନ୍‌ଏସି ୨ନଂ. ୱାର୍ଡ ଅଧୀନ ନୂଆଭୁବନ ଛକରେ ଥିବା ମନୋଜ ବିହାରୀଙ୍କ ଗ୍ରସେରି ଦୋକାନରୁ ରବିବାର ରାତିରେ ଚୋରି ହୋଇଛି। ଦୁର୍ବୃତ୍ତମାନେ ଦୋକାନ ତାଲାଭାଙ୍ଗି ମୂଲ୍ୟବାନ ସାମଗ୍ରୀ ସହ ୨୫ ହଜାର ଟଙ୍କା ନେଇଯାଇଛନ୍ତି। ଏ ନେଇ ସୋମବାର ମନୋଜ ଥାନାରେ ଅଭିଯୋଗ କରିଛନ୍ତି। ଲକ୍‌ଡାଉନ କାରଣରୁ ବଜାର ବନ୍ଦ ରହୁଥିବା ସୁଯୋଗରେ ଅଭିଯୁକ୍ତମାନେ ଏପରି କାଣ୍ଡ ଘଟାଉଛନ୍ତି। ପୋଲିସ ଘଟଣାର ତଦନ୍ତ କରୁଛି।

### ବିଦେଶ ଫେରନ୍ତାଙ୍କୁ ଫୋନ୍

**ଅନୁଗୋଳ ଅଫିସ, ୩୦।୩:**
ଅନୁଗୋଳ ଜିଲାକୁ ୧,୯୩୯ ଜଣ ରାଜ୍ୟ ଓ ଦେଶ ବାହାରୁ ଆସିଛନ୍ତି। ସେମାନଙ୍କ ମଧ୍ୟରୁ କେବଳ ବିଦେଶରୁ ୪୧ ଜଣ ଘର ବାହୁଡ଼ା ହୋଇଛନ୍ତି। ତେବେ କେତେଜଣ ହୋମ୍ କ୍ୱାରାଣ୍ଟାଇନ୍‌ରେ ରହୁ ନ ଥିବା ଅଭିଯୋଗ ପରେ ପୋଲିସ ସେମାନଙ୍କୁ ହ୍ୱାଟ୍‌ସଆପ୍‌ରେ ଲୋକେଶନ୍ ସେୟାର କରିବାକୁ କହିଛି। ଫୋନ କରାଯିବା ମାତ୍ରେ ଲୋକେଶନ ନ ପଠାଇଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୋଲିସ ସୂଚନା ଦେଇଛି।

### ଜଳିଗଲା ୩ ବଖରା

**କଣିହାଁ,୩୦।୩(ଡି.ଏନ.ଏ.):**
କଣିହାଁ ବ୍ଲକ ସମଲ ଥାନା ବଲାଙ୍ଗି ଗ୍ରାମରେ ସୋମବାର ଅଗ୍ନିକାଣ୍ଡ ଘଟି କେଶର ହେମ୍ବ୍ରମ୍‌ଙ୍କ ୩ ବଖରା ଜଳିଯାଇଛି। କଣିହାଁ ଅଗ୍ନିଶମ ବିଭାଗ ଅଧିକାରୀ ରୋହିତ ବେହେରା କହିଛନ୍ତି, ନିଆଁ ଲାଗିଥିବା ସମ୍ପର୍କରେ ଅପରାହ୍ନ ୩ଟା ୪୦ରେ ଖବର ମିଳିବା ମାତ୍ରେ ତୁରନ୍ତ କର୍ମଚାରୀ ପହଞ୍ଚି ନିଆଁ ଆୟତ୍ତ କରିଥିଲେ। କୋଇଲା ଆଞ୍ଚରୁ ଏହି ଅଗ୍ନିକାଣ୍ଡ ଘଟିଥିବା ଜଣାପଡ଼ିଛି। ତହସିଲଦାର ରବୀନ୍ଦ୍ର କୁମାର ସାମଲ କହିଛନ୍ତି, ଅଗ୍ନିପୀଡ଼ିତ ପରିବାରକୁ ପଲିଥିନ ଯୋଗାଇ ଦିଆଯାଇଛି। ବିଡିଓଙ୍କ ସହ ଆଲୋଚନା ପରେ ଅଧିକ ସହାୟତା ଦିଆଯିବ।

### ଫରେଷ୍ଟ ଗାର୍ଡଙ୍କୁ ଆକ୍ରମଣ

**ଛେଣ୍ଡିପଦା,୩୦।୩(ସ୍ୱ.ପ୍ର.):**
ଛେଣ୍ଡିପଦା ବନାଞ୍ଚଳ କୋଶଳା ବିଟ୍ ଜଳତାପ (୨) ସଂରକ୍ଷିତ ଜଙ୍ଗଲ ଅଞ୍ଚଳରେ କାଠ ଚୋରଙ୍କ ଆକ୍ରମଣରେ ମହିଳା ଫରେଷ୍ଟ ଗାର୍ଡ ଗୀତାଞ୍ଜଳି ସାହୁ ଗୁରୁତର ହୋଇଛନ୍ତି। ସେ ଦୁଇ ୱାଚରଙ୍କୁ ନେଇ କାଠ ଚୋରି ରୋକିବାକୁ ଚେଷ୍ଟା କରୁଥିବା ବେଳେ କୋଶଳା ଶିମିଳିସାହିର ବାବାଜୀ ସାହୁ ଓ ସହଯୋଗୀମାନେ ଆକ୍ରମଣ କରିଥିଲେ। ଏପରି କି ତାଙ୍କ ପୋଷାକ ଚିରିଦେଇଥିଲେ। କୋଶଳା ବିଟ୍ ଫରେଷ୍ଟର ଦୀପକ ସେଠୀ ତାଙ୍କୁ ଉଦ୍ଧାର କରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ବନାଞ୍ଚଳ ଅଧିକାରୀ ମନମୋହନ ସ୍ୱାଇଁ ପହଞ୍ଚି ସ୍ୱାସ୍ଥ୍ୟାବସ୍ଥା ବୁଝିବା ସହ ଛେଣ୍ଡିପଦା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

# ସିଲ୍ ହେଲା ସୀମାନ୍ତ

## ସଚେତନ ହେଲେଣି ଜନସାଧାରଣ
## ପ୍ରବେଶ ପଥରେ ହାତଧୁଆ ବ୍ୟବସ୍ଥା

**ଢେଙ୍କାନାଳ ଅଫିସ, ୩୦।୩**

କରୋନାର ଭୟାବହତା ବୁଝିଲେଣି ଲୋକେ। ସଂକ୍ରମଣ ରୋକିବା ଲାଗି ସେମାନେ ନିଜସ୍ତରରେ ଉଦ୍ୟମ ଆରମ୍ଭ କଲେଣି। କେଉଁଠି ଗ୍ରାମର ପ୍ରବେଶ ସୀମା ଅବରୋଧ କରି ହାତ ଧୋଇବା ବ୍ୟବସ୍ଥା କରାଯାଇଛି ତ ଅନ୍ୟ କେଉଁଠି ପୋଷ୍ଟର ମାଧ୍ୟମରେ ବଣ୍ଟାଯାଉଛି କରୋନା ସଚେତନତା ବାର୍ତ୍ତା। ସହର ସମେତ ଗ୍ରାମାଞ୍ଚଳବାସୀଙ୍କ ମଧ୍ୟରେ ଏପରି ସଚେତନତାଧର୍ମୀ ପଦକ୍ଷେପ କରୋନା ଯୁଦ୍ଧ ଜିତିବା ଲାଗି ଶୁଭସଙ୍କେତ ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି। ଅନ୍ୟପଟେ କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶ ପରେ ପୋଲିସ ପକ୍ଷରୁ ସହର ସୀମାବର୍ତ୍ତୀ ଅଞ୍ଚଳକୁ ସିଲ୍ କରାଯାଇ ବ୍ୟାପକ ଫୋର୍ସ ମୁତୟନ କରାଯାଇଛି।

ଢେଙ୍କାନାଳ ସହର ଉପକଣ୍ଠ କଲେଜ ବାଇପାସ୍, ମହିଷାପାଟ ବାଇପାସ୍, କଣ୍ଟାନାଳୀ ବାଇପାସ୍, କୋରିଆଁ ବାଇପାସ୍, ରାମେଶ୍ୱରପୁର, ଭଗବାନପୁର ଅଞ୍ଚଳ ଦେଇ ସହରକୁ ଥିବା ପ୍ରବେଶପଥକୁ ପୋଲିସ ପକ୍ଷରୁ ସୋମବାର ସିଲ୍ କରାଯାଇଛି। ସହରକୁ ଆସିବାକୁ ଚାହୁଁଥିବା ଲୋକଙ୍କୁ ଘରକୁ ଫେରିଯିବା ଲାଗି ପୋଲିସ ଅଧିକାରୀ ସଚେତନ କରାଉଛନ୍ତି।



କୈବଲ୍ୟ ବଜାର ଭିଆଇପି ଲେନ୍ ପ୍ରବେଶ ପଥରେ ଲଗାଯାଇଥିବା ସଚେତନତାମୂଳକ ବ୍ୟାନର।

ପୌରାଞ୍ଚଳ ସମେତ ଗ୍ରାମାଞ୍ଚଳରେ କରୋନା ଭୂତାଣୁ ସଂକ୍ରମଣକୁ ପ୍ରତିରୋଧ କରିବା ପାଇଁ ଖୋଦ୍ ଅଞ୍ଚଳବାସୀ କଡ଼ା ପଦକ୍ଷେପ ଗ୍ରହଣ କରିଛନ୍ତି। ସ୍ଥାନୀୟ କୈବଲ୍ୟ ବଜାର ଭିଆଇପି ଲେନ୍‌ର ଲୋକମାନେ ଅଞ୍ଚଳର ପ୍ରବେଶ ପଥକୁ ତାଟି ବାଡ଼ ଦେଇ ବନ୍ଦ କରିଛନ୍ତି। କରୋନାକୁ ପ୍ରତିରୋଧ ସମ୍ପର୍କିତ ସଚେତନତା ସୃଷ୍ଟି କରିବା ପାଇଁ ବ୍ୟାନର ପୋଷ୍ଟର ଲଗାଯାଇଛି। ପ୍ରବେଶ ଦ୍ୱାର ନିକଟରେ ହାତ ଧୋଇବା ପାଇଁ ହ୍ୟାଣ୍ଡୱାଶ, ବେସିନ ଏବଂ ପାଣି ରଖାଯାଇଛି। ହାତ ଧୋଇବା ପରେ ଘରକୁ ଯିବା ପାଇଁ ବାର୍ତ୍ତା ଲେଖାଯାଇଛି। ସେହିପରି ଓଡ଼ାପଡ଼ା ବ୍ଲକ ଗଦାଶିଳା ପଞ୍ଚାୟତର ଚାଇଁପୁର ପାଟଣା ଗ୍ରାମର ଫ୍ରେଣ୍ଡ୍‌ସ କ୍ଲବ ପକ୍ଷରୁ ମଧ୍ୟ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଚାଇଁପୁର ଛକଠାରୁ ହିନ୍ଦୋଳ, ବାବନ୍ଧ, ରାସୋଳ, ଖଜୁରିଆକଟାକୁ ସଂଯୋଗ କରୁଥିବା ରାସ୍ତାକୁ ବାଉଁଶ ବାନ୍ଧି ଅବରୋଧ କରାଯାଇଛି। ଉକ୍ତ ରାସ୍ତା ଦେଇ ଯାଉଥିବା ଯାତ୍ରୀଙ୍କୁ ଅଟକାଇ କ୍ଲବ ସଦସ୍ୟମାନେ ପ୍ରଥମେ ହାତ ଧୋଇବାକୁ ପରାମର୍ଶ ଦେଉଛନ୍ତି। କ୍ଲବର ସଭାପତି ଅମୂଲ୍ୟ ସାହୁ, ଉପସଭାପତି ରାଜୀବ ପୃଷ୍ଟି, ସରୋଜ ପୃଷ୍ଟି ପ୍ରମୁଖ ଲକ୍‌ଡାଉନ ନିୟମକୁ କଡାକଡି ଭାବେ ପାଳନ କରିବା ସହ ମାସ୍କ ପିନ୍ଧିବାକୁ ଜନସଚେତନତା ସୃଷ୍ଟି କରୁଛନ୍ତି।

### ସାବୁନ ବାଣ୍ଟିଲା ଏସ୍‌ଏଚ୍‌ଜି

**ଢେଙ୍କାନାଳ ଅଫିସ, ୩୦।୩**

କରୋନା ଭୂତାଣୁ ସଂକ୍ରମଣକୁ ପ୍ରତିରୋଧ କରିବା ପାଇଁ ଢେଙ୍କାନାଳ ପୌରାଞ୍ଚଳରେ ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି) ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ ଜୋର୍ ଧରିଛି। କଲେଜ ରୋଡ୍‌ସ୍ଥିତ ଆଦିଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ, ଶ୍ୟାମଚରଣପୁରସ୍ଥିତ ଓମ୍ ସାଇରାମ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନେ ସୋମବାର ଘରକୁ ଘର ବୁଲି ଲୋକଙ୍କୁ ହାତ ଧୋଇବା ଲାଗି ସଚେତନ କରାଇଥିଲେ। ଏଥିସହ ପ୍ରାୟ ୩୬୦ ଜଣଙ୍କୁ ହାତ ଧୋଇବା ଲାଗି ସାବୁନ ପ୍ରଦାନ କରାଯାଇଛି। ଆଦିଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀର ସଭାନେତ୍ରୀ ଦୀପାଞ୍ଜଳି ବେହେରା, ସମ୍ପାଦିକା ମମତା ପ୍ରଧାନ, ଓମ୍ ସାଇରାମ ସ୍ୱୟଂ ସହାୟକ ଗୋଷ୍ଠୀର ସଭାନେତ୍ରୀ ଇପ୍‌ସିତା ପଟ୍ଟନାୟକ, ସମ୍ପାଦିକା ମମତା ପ୍ରଧାନଙ୍କ ନେତୃତ୍ୱରେ ସମସ୍ତ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ସଦସ୍ୟମାନେ ସାମାଜିକ ଦୂରତା ବଜାୟ ରଖିବା, ମାସ୍କ ପିନ୍ଧିବା ଲାଗି ଲୋକଙ୍କୁ ପରାମର୍ଶ ଦେଇଥିଲେ।


ହାଟରେ ଲୋକମାନଙ୍କ ଭିଡ଼।

# ସାପ୍ତାହିକ ହାଟରେ ଅସମ୍ଭାଳ ଭିଡ଼

## କଟକଣା ମାନିଲେନି
## ହାଟ ବନ୍ଦ କଲା ପୋଲିସ

**କାମାକ୍ଷାନଗର, ୩୦।୩(ଡି.ଏନ.ଏ.)**

ଢେଙ୍କାନାଳ ଜିଲା କାମାକ୍ଷାନଗର ଏନ୍‌ଏସିରେ ଲକ୍‌ଡାଉନ୍ ନିୟମକୁ ଜନସାଧାରଣ ମାନୁନାହାନ୍ତି। ସୋମବାର ସାପ୍ତାହିକ ହାଟରୁ ଏହା ବାରି ହୋଇପଡ଼ିଛି। ସାମାଜିକ ଦୂରତ୍ୱକୁ ବେଖାତିର କରି ହାଟରେ ଅସମ୍ଭାଳ ଭିଡ଼ ହୋଇଥିଲା। ସ୍ଥାନୀୟ ପ୍ରଶାସନର ଅପାରଗତା ଯୋଗୁ ଏପରି ସମସ୍ୟା ଉପୁଜିଥିବା ବୁଦ୍ଧିଜୀବୀମାନେ ଅଭିଯୋଗ କରିଛନ୍ତି।

ସରକାରୀ ନିୟମ ଅନୁଯାୟୀ ସହରରେ ସକାଳ ସନ୍ଧ୍ୟାରେ ପରିବା ବିକ୍ରି ହେଉଛି। ତଥାପି ସାପ୍ତାହିକ ହାଟକୁ ପ୍ରଶାସନ ବନ୍ଦ କରି ନ ଥିଲା। ଫଳରେ ହାଟରେ ଯାତ୍ରା ଭଳି ଭିଡ଼ ହୋଇଥିଲା। ଉପଜିଲାପାଳ, ନିର୍ବାହୀ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏପରି ହାଟ ବସିଥିବାବେଳେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବା ସାଧାରଣରେ ଅସନ୍ତୋଷ ବଢ଼ାଇଛି। କରୋନା କବଳରୁ ରକ୍ଷା ପାଇବା ଲାଗି ଗ୍ରାମାଞ୍ଚଳରେ ଲୋକମାନେ ରାସ୍ତା ବନ୍ଦ କରି ବ୍ୟାପକ ସଚେତନତା କରୁଥିବାବେଳେ ସହରାଞ୍ଚଳରେ ଜନସାଧାରଣଙ୍କ ଏପରି ମେଳି ବିପଦକୁ ଆମନ୍ତ୍ରଣ ବୋଲି ଚର୍ଚ୍ଚା ହେଉଛି।

ଏ ନେଇ ଉପଜିଲାପାଳ ଇଂ. ବିଷ୍ଣୁପ୍ରସାଦ ଆଚାର୍ଯ୍ୟ କୁହନ୍ତି, ନିର୍ବାହୀ ଅଧିକାରୀଙ୍କୁ କହି ହାଟ ବନ୍ଦ କରାଯିବ। ନିର୍ବାହୀ ଅଧିକାରୀ ଇଂ. ବିରଜା ପ୍ରସାଦ ରଥ ଏବଂ ଥାନାଧିକାରୀ ଅଭିନବ ଡାଲୁଆଙ୍କ ହସ୍ତକ୍ଷେପ ପରେ ହାଟ ବନ୍ଦ ହୋଇଥିଲା।

### ୮ ଦାଦନ ଶ୍ରମିକ ଉଦ୍ଧାର

**ଢେଙ୍କାନାଳ ଅଫିସ, ୩୦।୩**

ଆନ୍ଧ୍ରପ୍ରଦେଶର ନେଲୋର ଅଞ୍ଚଳରୁ ଅନୁଗୋଳ ଯାଉଥିବା ୮ ଦାଦନ ଶ୍ରମିକଙ୍କୁ ଢେଙ୍କାନାଳ ସହର ସୀମାରୁ ପୋଲିସ ଉଦ୍ଧାର କରିଛି। ସାରା ଦେଶରେ ଲକ୍‌ଡାଉନ୍ ଚାଲିଥିବାବେଳେ ସମ୍ପୃକ୍ତ ଶ୍ରମିକମାନେ ଏକ ମାଲ୍‌ବୋଝେଇ ପିକ୍‌ଅପ୍ ଭ୍ୟାନ୍‌ରେ ଅନୁଗୋଳ ଯାଉଥିଲେ। ସହର ଉପକଣ୍ଠ ୫୫ନଂ. ଜାତୀୟ ରାଜପଥରେ ଯାଞ୍ଚ ବେଳେ ସେମାନଙ୍କୁ ପୋଲିସ ଅଟକାଇ ପଚରାଉଚୁରା କରିଥିଲା। ଉଦ୍ଧାର ଶ୍ରମିକଙ୍କୁ ପୌରସଂସ୍ଥା କଲ୍ୟାଣ ମଣ୍ଡପରେ ରଖାଯାଇଛି। ସେମାନଙ୍କୁ ରନ୍ଧାଖାଦ୍ୟ ଦିଆଯାଉଛି। ମଙ୍ଗଳବାର ଆଲୋଚନାପରେ ଶ୍ରମିକଙ୍କ ସମ୍ପର୍କରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ପୌରସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।

### ଗୁଜବ ସୃଷ୍ଟି କରି ବନ୍ଧାହେଲେ

**ଭୁବନ, ୩୦।୩(ଡି.ଏନ.ଏ.)**

ସୋସିଆଲ ମିଡିଆରେ କରୋନା ସମ୍ପର୍କିତ ମିଥ୍ୟା ଖବର ପୋଷ୍ଟ କରି ଗୁଜବ ସୃଷ୍ଟି କରୁଥିବା ଅଭିଯୋଗରେ ଭୁବନ ଏନ୍‌ଏସିର ଜଣେ ଯୁବକଙ୍କୁ ପୋଲିସ ଗିରଫ କରିଛି। ସମ୍ପୃକ୍ତ ଯୁବକଙ୍କ ଘର ୧୪ନଂ. ୱାର୍ଡରେ। ଏ ନେଇ ନଂ. ୮୭/୨୦୨୦, ଦଫା ୧୮୮, ୫୦୫, ୫୦୭, ୩ ଏପିଡେମିକ ଆକ୍ଟ ୧୮୯୭ ରୁଜୁ କରାଯାଇଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।


ଲକ୍‌ଡାଉନ ସମୟରେ ଢେଙ୍କାନାଳସ୍ଥିତ ବାସଭବନରେ ବଗିଚା କାମରେ ବ୍ୟସ୍ତ ଏମ୍‌ପି ମହେଶ ସାହୁ।

### ରିଲିଫ୍ ପାଣ୍ଠିକୁ ୨ ଲକ୍ଷ ଦେଲେ ଏମ୍‌ପି

**ଢେଙ୍କାନାଳ ଅଫିସ, ୩୦।୩**

କରୋନା ଭୂତାଣୁ ସଂକ୍ରମଣର ମୁକାବିଲା କରିବା ଲାଗି ସମ୍ପ୍ରତି ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଉଛି। ଏପରି ଜରୁରୀ ସମୟରେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠି କୋଭିଡ୍-୧୯କୁ ସହାୟତାର ସୁଅ ଛୁଟିଛି। ଢେଙ୍କାନାଳ ଏମ୍‌ପି ମହେଶ ସାହୁ ସହାୟତା ରାଶି ସ୍ୱରୂପ ୨ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରିଛନ୍ତି। ସୋମବାର ପୂର୍ବାହ୍ନରେ ଜିଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଏମ୍‌ପି ଏହି ସହାୟତା ରାଶି ଜିଲାପାଳ ଭୂମେଶ ଚନ୍ଦ୍ର ବେହେରାଙ୍କ ଜରିଆରେ ପ୍ରଦାନ କରିଥିଲେ। ନିଜ ପ୍ରତିକ୍ରିୟାରେ ଏମ୍‌ପି କୁହନ୍ତି, ଢେଙ୍କାନାଳ ଲୋକସଭା ନିର୍ବାଚନମଣ୍ଡଳୀରେ କରୋନା ମୁକାବିଲା ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପର୍ଯ୍ୟାପ୍ତ ବ୍ୟବସ୍ଥା ଗ୍ରହଣ କରିବା ଲାଗି ପୂର୍ବରୁ ଏମ୍‌ପି ଲାଡ୍‌ରୁ ୩୬ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ଢେଙ୍କାନାଳ, ଅନୁଗୋଳ ଜିଲାବାସୀ ଲକ୍‌ଡାଉନ ନିୟମକୁ କଡାକଡି ପାଳନ କରିବା ଏବଂ ଜିଲା ପ୍ରଶାସନକୁ ସହଯୋଗ କରିବା ଜରୁରୀ ବୋଲି ଏମ୍‌ପି ପରାମର୍ଶ ଦେଇଛନ୍ତି। ସେହିପରି ହିନ୍ଦୋଳ ବ୍ଲକ ଅଧ୍ୟକ୍ଷ ପ୍ରିୟରଞ୍ଜନ ମହନ୍ତ ମଧ୍ୟ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିକୁ ୨୫ହଜାର ଟଙ୍କାର ଚେକ୍ ଜିଲାପାଳଙ୍କ ଜରିଆରେ ପ୍ରଦାନ କରିଛନ୍ତି।

# ୧୫୦ ଲୋକଙ୍କୁ ଖାଦ୍ୟ ବାଣ୍ଟିଲା ଆରପିଏଫ୍

**ଢେଙ୍କାନାଳ ଅଫିସ, ୩୦।୩**

ଢେଙ୍କାନାଳ ରେଳଷ୍ଟେଶନରେ କାର୍ଯ୍ୟରତ ରେଲ୍‌ୱେ ପୋଲିସ (ଆର୍‌ପିଏଫ୍) ପକ୍ଷରୁ ସୋମବାର ଅପରାହ୍ନରେ ୧୫୦ ଜଣଙ୍କୁ ରନ୍ଧାଖାଦ୍ୟ ବଣ୍ଟନ କରାଯାଇଛି। ଷ୍ଟେଶନ ନିକଟବର୍ତ୍ତୀ ଅଞ୍ଚଳରେ ରହୁଥିବା ଲୋକଙ୍କୁ ପ୍ଲାଟଫର୍ମ ନିକଟରେ ଖାଦ୍ୟ ପ୍ରଦାନ କରାଯାଇଥିଲା। ସାମାଜିକ ଦୂରତା ବଜାୟ ରଖି ଲୋକମାନେ ଖାଦ୍ୟ ପୁଡ଼ିଆ ଗ୍ରହଣ କରିଥିଲେ। ରେଲ୍‌ୱେ ଅଧିକାରୀ ଏବଂ କର୍ମଚାରୀମାନେ ହାତରେ ଗ୍ଲୋବ୍‌ସ, ମୁହଁରେ ମାକ୍ସ ପିନ୍ଧିଥିଲେ। ଆର୍‌ପିଏଫ୍ ଇନ୍ସପେକ୍ଟର ପ୍ରକାଶ ସାହୁ, ଏସ୍‌ଆଇ କ୍ଷୀରସାଗର ଭଞ୍ଜ, ହାବିଲଦାର ଶେଖ ସରିଦ୍, ଶଙ୍କର ମହାରଣା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆଗକୁ ଏଭଳି କାର୍ଯ୍ୟକ୍ରମ କରାଯିବା ପାଇଁ ଲକ୍ଷ୍ୟ ରଖାଯାଇଥିବା ରେଲୱେ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।



# କ୍ୱାରାଣ୍ଟାଇନ୍‌ରେ ୧୯୭

- ଠାବ ହେଲେ ଅନ୍ୟ ରାଜ୍ୟର ୬୮ ଶ୍ରମିକ
- ପ୍ରଶାସନ ପକ୍ଷରୁ ଦିଆଗଲା ରନ୍ଧା ଖାଦ୍ୟ

**ଓଡ଼ାପଡ଼ା, ୩୦।୩(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକରେ ପ୍ରଶାସନ ପକ୍ଷରୁ କୋଭିଡ୍-୧୯ ସଂକ୍ରମଣ ସତର୍କତା ସ୍ୱରୂପ ବ୍ୟାପକ ପ୍ରତିଷେଧକମୂଳକ ବ୍ୟବସ୍ଥା କାର୍ଯ୍ୟକାରୀ ହୋଇଛି। ଆଶାକର୍ମୀଙ୍କଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନ ଯାଏ ସମସ୍ତଙ୍କ ଲାଗି ଏବେ ଚ୍ୟାଲେଞ୍ଜ୍ ପାଲଟିଛି କରୋନା। ସମ୍ପ୍ରତି ବ୍ଲକର ୨୮ ପଞ୍ଚାୟତରେ ବାହାର ରାଜ୍ୟରୁ ଆସିଥିବା ୧୯୭ଜଣଙ୍କୁ ହୋମ୍ କ୍ୱାରାଣ୍ଟାଇନ୍‌ରେ ରଖାଯାଇଛି। ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ଅଛି। ସେହିପରି ବାହାର ରାଜ୍ୟରୁ ଆସି ଓଡ଼ାପଡ଼ା ବ୍ଲକ ଅଞ୍ଚଳରେ ରହି କାର୍ଯ୍ୟ କରୁଥିବା ଶ୍ରମିକଙ୍କ ଉପରେ କଡ଼ା ନଜର ରଖାଯାଇଛି। ସୋମବାର ସୁଦ୍ଧା ଏପରି ୬୮ଜଣ ଶ୍ରମିକଙ୍କୁ ଠାବ କରାଯାଇଛି। ସିମିନଇ ଅଞ୍ଚଳରୁ ଉତ୍ତରପ୍ରଦେଶର ୫୦ କର୍ମଜୀବୀ ପରିବାର, ଖଡଗପ୍ରସାଦ ଅଞ୍ଚଳରୁ ୧୩ ଏବଂ କାଶିଆଡିହିରେ ୫ଜଣ ପଶ୍ଚିମବଙ୍ଗର କର୍ମଜୀବୀ ଠାବ ହୋଇଛନ୍ତି। ସରକାରୀ ନିୟମ ଅନୁଯାୟୀ ସମସ୍ତଙ୍କୁ ବ୍ଲକ ପ୍ରଶାସନ ପକ୍ଷରୁ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଇଛି। ସେମାନଙ୍କ ଲାଗି ଆଶ୍ରୟସ୍ଥଳର ବ୍ୟବସ୍ଥା କରାଯାଇଛି। ରନ୍ଧାଖାଦ୍ୟ ପ୍ରସ୍ତୁତ ପାଇଁ ବାଙ୍ଗୁରସିଂହ ପଞ୍ଚାୟତରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଏ ନେଇ ବିଡିଓ ଦାଶରଥୀ ଜେନା କୁହନ୍ତି, ସରକାରଙ୍କ ନିୟମ ମୁତାବକ ସମସ୍ତ ପଦକ୍ଷେପ ଗ୍ରହଣ କରିବା ପାଇଁ ଉଦ୍ୟମ ଜାରି ରହିଛି। ଲକ୍‌ଡାଉନକୁ ସମସ୍ତେ କଡ଼ାକଡ଼ି ଭାବେ ପାଳନ କରିବା ସହିତ ସାମାଜିକ ଦୂରତ୍ୱ ବଜାୟ ରଖିବା ପାଇଁ ସେ ନିବେଦନ କରିଛନ୍ତି।


ସିମିନଇଠାରେ ଉତ୍ତର ପ୍ରଦେଶର କର୍ମଜୀବୀ ପରିବାରକୁ ରନ୍ଧାଖାଦ୍ୟ ଦିଆଯାଉଛି।

## ସଂକ୍ଷେପରେ

### ଅଣପଞ୍ଜୀକୃତ ଶ୍ରମିକଙ୍କୁ ଦୃଷ୍ଟି ଦିଆଯାଉ

ଗୁଣୁପୁର,୩୦।୩(ଡି.ଏନ୍.ଏ.): କରୋନାକୁ ଦୃଷ୍ଟିରେ ରଖି ସରକାରଙ୍କ ପକ୍ଷରୁ ବିଭିନ୍ନ ଜନକଲ୍ୟାଣ ଯୋଜନା ଘୋଷଣା କରାଯାଇଛି। ହେଲେ ଅଣ ପଞ୍ଜିକୃତ ହୋଇଥିବା ଶ୍ରମିକମାନେ ଏହାଦ୍ୱାରା ଉପକୃତ ହୋଇପାରିବେ ନାହିଁ। ସେମାନେ ସବୁ ସରକାରୀ ସୁବିଧାରୁ ବଞ୍ଚିତ ହେବେ। ତେଣୁ ସେମାନଙ୍କ ସମସ୍ୟା ଓ ଦୁଃଖ କିଏ ବୁଝିବ ବୋଲି ପ୍ରଶ୍ନ ଉଙ୍କି ମାରୁଛି। ଆଇନଜୀବୀ ପ୍ରଦୀପ ଦାସ ପଞ୍ଜିକୃତ ହୋଇପାରି ନ ଥିବା ଅଣସଂଗଠିତ ଶ୍ରମିକଙ୍କ ଅବସ୍ଥା ବର୍ତ୍ତମାନ ସଂକଟାପନ୍ନ ବୋଲି କହିଛନ୍ତି। ଜିଲାରେ ୧ ହଜାରରୁ ଅଧିକ ଅଣ ପଞ୍ଜିକୃତ ହୋଇ ରହିଥିବା ଶ୍ରମିକଙ୍କ ଅବସ୍ଥାକୁ ଦୃଷ୍ଟି ଦେବା ପାଇଁ ସେ ଦାବି ଜଣାଇଛନ୍ତି।

### ଦିନକର ଦରମା ଦେଲେ ଜିଭିଏସ୍ କର୍ମଚାରୀ



ନବରଙ୍ଗପୁର,୩୦।୩(ବି.ପ୍ର.): ମହାମାରୀ କରୋନାର ମୁକାବିଲା ପାଇଁ ନବରଙ୍ଗପୁର ଗ୍ରାମ୍ୟ ବିକାଶ ସଙ୍ଗଠନ (ଜିଭିଏସ୍)ର ସମସ୍ତ କର୍ମଚାରୀ ଦିନକର ଦରମା ଦେଇଛନ୍ତି। ସଙ୍ଗଠନର ଅଧକ୍ଷ ଈଶ୍ୱର ପ୍ରସାଦ ସାବୁତ ସଂଗ୍ରହ ହୋଇଥିବା ୫୫, ୫୫୫ ଟଙ୍କା ଚେକ୍ ଆକାରରେ ଜିଲାପାଳ ଅଜିତ କୁମାର ମିଶ୍ରଙ୍କୁ ପ୍ରଦାନ କରିଛନ୍ତି।

### ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିକୁ ବଢ଼ିଲା ସହାୟତା

ଜୟପୁର/ଗୁଣୁପୁର, ୩୦।୩ (ଡି.ଏନ୍.ଏ.): ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ କୋରାପୁଟ କେନ୍ଦ୍ରିୟ ସମବାୟ ବ୍ୟାଙ୍କ ୫ ଲକ୍ଷ ଓ ଜୟପୁର ଆଞ୍ଚଳିକ ସମବାୟ ବଜାର କମିଟି ୨ ଲକ୍ଷ ଟଙ୍କା ପ୍ରଦାନ କରିଛି। କେସିସି ବ୍ୟାଙ୍କ ପକ୍ଷରୁ ଅଧକ୍ଷା ଡ. ଇନ୍ଦିରା ନନ୍ଦ, ସଂପାଦକ ଅନନ୍ତ ସାମଲ, ନିର୍ଦ୍ଦେଶକ ରମାକାନ୍ତ ରାଉଳ, ଆରଏମ୍ସିଏସ୍ ପକ୍ଷରୁ ଅଧକ୍ଷ ଦୁର୍ଗା ପ୍ରସାଦ ମିଶ୍ର କୋରାପୁଟ ଜିଲାପାଳ ମଧୁସୂଦନ ମିଶ୍ରଙ୍କୁ ତାଙ୍କ କାର୍ଯ୍ୟାଳୟରେ ଭେଟି ଚେକ୍ ଆକାରରେ ଏହି ସହାୟତା ରାଶି ଦେଇଛନ୍ତି। ସେହିପରି ରାୟଗଡ଼ା ଜିଲା ଗୁଣୁପୁର ଜିଆଇଇଟି ବିଶ୍ୱବିଦ୍ୟାଳୟ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୫ ଲକ୍ଷ ଟଙ୍କା ଦିଆଯାଇଛି। ବିଶ୍ୱବିଦ୍ୟାଳୟ ସଭାପତି ଡ. ସତ୍ୟପ୍ରକାଶ ପଣ୍ଡା, ଉପସଭାପତି ଡ. ଚନ୍ଦ୍ରଧ୍ୱଜ ପଣ୍ଡା, ମହାନିର୍ଦ୍ଦେଶକ ଡ. ଜଗଦିଶ ପଣ୍ଡା, ରେଜିଷ୍ଟ୍ରାର ଡ. ଏନ୍.ଭି.ଜେ. ରାଓ ଗୁଣପୁର ଉପଜିଲାପାଳ ଡ. ସିଦ୍ଧେଶ୍ୱର ବଳିରାମବନ୍ଦରଙ୍କୁ ଏହି ରାଶି ପ୍ରଦାନ କରିଛନ୍ତି। ମାନବ ସେବା ହିଁ ମାଧବ ସେବା ଗ୍ରୁପ, ଜି. ଗୋବିନ୍ଦା ରାଓ, ପଙ୍କଜ ପାଣିଗ୍ରାହୀ, ଗୁଡୁଲା ଚନ୍ଦ୍ରଶେଖର, ବିଦ୍ୟାଧର ସୁବୁଦ୍ଧି ୧୦ ହଜାର ଟଙ୍କା ଲେଖାଏଁ ଓ ଏଲ. ଶେଷଗିରି ରାଓ ୫ ହଜାର ଟଙ୍କା ପାଣ୍ଠିକୁ ଦେଇଛନ୍ତି।

### ପାହାଡ଼ ଦେଇ ପଶିଲେ ଶତାଧିକ ଶ୍ରମିକ

ଜୟପୁର,୩୦।୩(ଡି.ଏନ୍.ଏ.)- ଛତିଶଗଡ଼ ଓ ଆନ୍ଧ୍ରପ୍ରଦେଶକୁ ସଂଯୋଗ କରୁଥିବା ୪ଟି ରାସ୍ତାକୁ ସିଲ କରିଛି କୋରାପୁଟ ଜିଲା ପ୍ରଶାସନ। ଛତିଶଗଡ଼କୁ ସଂଯୋଗ କରୁଥିବା ୨୬ ନମ୍ବର ଜାତୀୟ ରାଜପଥର ଚାନ୍ଦିଲି, ଆନ୍ଧ୍ରପ୍ରଦେଶକୁ ଯୋଡୁଥିବା ସୁଙ୍କି, ବନ୍ଧୁଗାଁ ଓ ପାଡୁଆଠାରେ ସୀମାକୁ ସିଲ କରାଯାଇଛି। ଏହା ସତ୍ତ୍ୱେ ଆନ୍ଧ୍ରରୁ ବଣ ପାହାଡ଼ ଦେଇ ୧୨୦ରୁ ଅଧିକ ଶ୍ରମିକ ଚାଲିଚାଲି ଜିଲାର ଲମତାପୁଟ ବ୍ଲକ ଭିତରେ ପ୍ରବେଶ କରିଛନ୍ତି। ସେମାନଙ୍କୁ ତୁରନ୍ତ ଚିହ୍ନଟ କରାଯାଇ ସ୍ୱାସ୍ଥ୍ୟ ପରୀକ୍ଷା ଓ ଅନ୍ୟ ବ୍ୟବସ୍ଥା କରିବା ପାଇଁ ତତ୍ପର ହୋଇପଡ଼ିଛି ପ୍ରଶାସନ।

### କରୋନା ସ୍ୱାସ୍ଥ୍ୟସେବା ପାଇଁ ନିଯୁକ୍ତି ପାଇବେ କର୍ମଚାରୀ

ନବରଙ୍ଗପୁର,୩୦।୩(ବି.ପ୍ର.)- କରୋନା ଭାଇରସ୍ର ମୁକାବିଲା ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆଗୁଆ ପଦକ୍ଷେପ ଗ୍ରହଣ କରାଯାଇଛି। ରୋଗୀ ସଂଖ୍ୟା ବୃଦ୍ଧି ହେଲେ ସେମାନଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇବା କଷ୍ଟକର ହେବ। ସେଥିପାଇଁ କେତେକ ବିଭାଗରେ ଅସ୍ଥାୟୀ କର୍ମଚାରୀ ନିଯୁକ୍ତି ପାଇଁ ବ୍ୟବସ୍ଥା ଗ୍ରହଣ କରାଯାଇଛି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବିଭିନ୍ନ ପଦବୀ ପାଇଁ ଆବେଦନ ଗ୍ରହଣ କରାଯାଇଛି। ଷ୍ଟାଫ ନର୍ସ ୨୦, ପୁରୁଷ ସ୍ୱାସ୍ଥ୍ୟକର୍ମୀ ୬୩, ମହିଳା ସ୍ୱାସ୍ଥ୍ୟକର୍ମୀ ୬୫, ରେଡିଓଗ୍ରାଫର ୭, ଲାବ୍ ଟେକ୍ନିସିଆନ ୧୦ଟି ପଦବୀ ପାଇଁ ଆବେଦନ କରିବାର ସୋମବାର ଶେଷ ତାରିଖ ଥିଲା। ଯେଉଁମାନେ ନିଯୁକ୍ତି ପାଇବେ ସେମାନେ ଜିଲା ମୁଖ୍ୟ ଚିକିତ୍ସାଳୟ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ନିୟୋଜିତ ହେବେ।

# ବିଧାୟକଙ୍କ ଆଗରେ କ୍ଷୀର ଢାଳି ପ୍ରତିବାଦ

ନବରଙ୍ଗପୁର/ଉମରକୋଟ, ୩୦।୩(ବି.ପ୍ର./ଡି.ଏନ୍.ଏ.)

ଦୁଗ୍ଧ ଶୀତଳୀକରଣ କେନ୍ଦ୍ରରେ ଦୁଗ୍ଧ ନିଆ ନ ଯିବା ଯୋଗୁ ଦୁଗ୍ଧଚାଷୀମାନେ ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡଙ୍କ ଆଗରେ କ୍ଷୀର ଢାଳି ପ୍ରତିବାଦ ଜଣାଇଛନ୍ତି। ଲକଡାଉନ ପ୍ରଭାବରେ ଏଭଳି ସ୍ଥିତି ଉପୁଜିଛି। ଦୁଗ୍ଧ ଶୀତଳ କେନ୍ଦ୍ର ବନ୍ଦ ରହିବ ବୋଲି ରାଜ୍ୟ

**ବିକ୍ରିପାରୁ ନାହାନ୍ତି ଚାଷୀ**

ସରକାର ଗାଇଡଲାଇନ କରିନାହାନ୍ତି। କିନ୍ତୁ ନବରଙ୍ଗପୁର ପ୍ରଶାସନ ଅଲିଖିତ ଭାବରେ ସମସ୍ତ ଦୁଗ୍ଧ ଶୀତଳ କେନ୍ଦ୍ର ବନ୍ଦ କରିଦେଇଛନ୍ତି। ଫଳରେ ଜିଲାର ଦୁଗ୍ଧ ଚାଷୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ନବରଙ୍ଗପୁର ଜିଲାରୁ ୧୭,୦୦୦ ଲିଟର ଦୁଗ୍ଧ ସଂଗ୍ରହ କରାଯାଉଛି। ଦୁଗ୍ଧଚାଷୀ ଋଣ କରି ଗାଈ କିଣିଛନ୍ତି। କ୍ଷୀର ବିକ୍ରି ନ ହେଲ



ଚାଷୀମାନେ ପ୍ରତିବାଦ ଜଣାଇ ଖିରଢାଳି ।

ଗୁଜୁରାଣ କିପରି କରିବେ ଓ ଋଣଟଙ୍କା କିପରି ଶୁଝିବେ, ସେହି ଚିନ୍ତା ସେମାନଙ୍କୁ ଘାରିଛି। ଫଳରେ ରବିବାର ଉମରକୋଟ ପୌରପରିଷଦ ଡଙ୍ଗରିଗୁଡ଼ା ଗ୍ରାମରେ ଉମରକୋଟ ବିଧାୟକଙ୍କ ଆଗରେ କ୍ଷୀର ଢାଳି ପ୍ରତିବାଦ ଜଣାଇଛନ୍ତି ଶତାଧିକ ଚାଷୀ। ରାଜ୍ୟ ସରକାର ବା ଜିଲା ପ୍ରଶାସନ ଏହାର ତୁରନ୍ତ ସମାଧାନ ନ କଲେ ଚାଷୀ ଆତ୍ମହତ୍ୟା କରିବେ ବୋଲି ଚେତାବନୀ ଦେଇଛନ୍ତି। ଉମରକୋଟ ବିଧାୟକ ଏହାକୁ ଗୁରୁତ୍ୱର ସହ ନେଇ ଜିଲା ପ୍ରଶାସନ ତଥା ମନ୍ତ୍ରୀ ଅରୁଣ ସାହୁଙ୍କ ସହ କଥା ହୋଇଛନ୍ତି। ସମସ୍ୟାର ସମାଧାନ ପାଇଁ ରାଜ୍ୟ ସରକାରଙ୍କୁ ସେ ନିବେଦନ କରିଛନ୍ତି।

# ମାଲକାନଗିରି ଜିଲା ସୀମା ସିଲ୍

ମାଲକାନଗିରି,୩୦।୩ (ଡି.ଏନ୍.ଏ.)

କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶରେ ମାଲକାନଗିରି ଜିଲାକୁ ଲାଗିଥିବା ତେଲଙ୍ଗାନା, ଛତିଶଗଡ଼ ଓ ଆନ୍ଧ୍ରପ୍ରଦେଶ ରାଜ୍ୟ ସୀମାକୁ ଜିଲା ପ୍ରଶାସନ ସୋମବାର ସିଲ୍ କରିଦେଇଛି। କାଲିମେଳା ବ୍ଲକର ମୋଟୁ, ପଡ଼ିଆ ବ୍ଲକର ପଡ଼ିଆ, ମାଲକାନଗିରି ବ୍ଲକର ଚାଲାଣଗୁଡା ଏବଂ ଚିତ୍ରକୋଣ୍ଡା ବ୍ଲକର ଗୁଣ୍ଡୁବାଡା ଓ ପିଲିଗେଡାକୁ ସିଲ୍ କରାଯାଇଛି। ତେବେ କୌଣସି ରାଜ୍ୟର ଲୋକଙ୍କୁ ଜିଲା ମଧ୍ୟକୁ ଛଡାଯାଉ ନ ଥିବା ବେଳେ ଜିଲାର ଲୋକମାନଙ୍କୁ ମଧ ଅନ୍ୟ ରାଜ୍ୟକୁ ଛଡାଯାଉନାହିଁ। ଏନେଇ ସ୍ୱତନ୍ତ୍ର ପୋଲିସ ୨୪ ଘଣ୍ଟା ମୁତୟନ ହୋଇଛନ୍ତି। ଅନ୍ୟପକ୍ଷରେ ପ୍ରାୟ ୩ ହଜାରରୁ ଊର୍ଦ୍ଧ୍ୱ ଦାଦନ ଶ୍ରମିକ ମାଲକାନଗିରିକୁ କେରଳ, ତାମିଲନାଡୁ, ଆନ୍ଧ୍ରପ୍ରଦେଶରୁ ଆସିଛନ୍ତି। ଏମାନଙ୍କ ପାଇଁ ଜିଲା ପ୍ରଶାସନ ଚିନ୍ତାରେ ରହିଛି।

# ଲାବ୍କୁ ଗଲା ୮ଜଣଙ୍କ ରକ୍ତ ନମୁନା

ନବରଙ୍ଗପୁର,୩୦।୩(ବି.ପ୍ର.)

ନବରଙ୍ଗପୁର ଜିଲାର ୧୫ ଜଣ ବିଦେଶରୁ ଫେରଛନ୍ତି। ଏହା ଜଣାପଡିବା ପରେ ସେମାନଙ୍କ ମଧ୍ୟରୁ ୮ ଜଣଙ୍କ ରକ୍ତ ନମୁନା ସଂଗ୍ରହ କରାଯାଇ ଭୁବନେଶ୍ୱରସ୍ଥିତ ଆର୍ଏମ୍ଆର୍ସି ଲାବ୍କୁ ପଠାଯାଇଛି। ଅନ୍ୟପକ୍ଷରେ ନବରଙ୍ଗପୁର ଜିଲା ଛତିଶଗଡ଼ ସୀମାନ୍ତରେ ରହିଛି। ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ସୀମାନ୍ତ ଅଞ୍ଚଳକୁ ସିଲ୍ କରାଯାଇ ବାହାରୁ ଫେରୁଥିବା ଲୋକଙ୍କୁ ସୀମାନ୍ତ ଅଞ୍ଚଳରେ ରଖାଯାଇ ସେମାନଙ୍କ ପାଇଁ ସବୁ ବ୍ୟବସ୍ଥା କରାଯାଇଛି। ତେବେ ସଡ଼କପଥକୁ ଛାଡ଼ିଦେଲେ ଅନ୍ୟ ସ୍ଥାନ ପ୍ରତି ପ୍ରଶାସନର ଦୃଷ୍ଟି ରହୁନାହିଁ। ଛତିଶଗଡ଼ରୁ ନବରଙ୍ଗପୁର ଜିଲାକୁ ପ୍ରବେଶ ପାଇଁ ଅନେକ ଗଳାବାଟ ରହିଛି। ଜିଲାର ଚନ୍ଦାହାଣ୍ଡି, ଉମରକୋଟ, ରାଇଘର, ଝରିଗାଁ, କୋଷାଗୁମୁଡ଼ା ବ୍ଲକ ଛତିଶଗଡ଼ ସୀମାକୁ ଲାଗି ରହିଛି । ଏହି ସୀମାନ୍ତ ଅଞ୍ଚଳ ପ୍ରତି କଡା ନଜର ରଖିବାକୁ ଦାବି ହେଉଛି।

# ସଙ୍ଗରୋଧ କେନ୍ଦ୍ରରେ ୧୨ ଶ୍ରମିକ

କୁଡୁମୁଲୁଗୁମ୍ମା,୩୦।୩(ଡି.ଏନ୍.ଏ.)

କୁଡୁମୁଲୁଗୁମ୍ମାସ୍ଥିତ ଡିଏମ୍ଡି ମହାବିଦ୍ୟାଳୟଠାରେ ଅସ୍ଥାୟୀ ଭାବେ ତିଆରି ହୋଇଥିବା ସଙ୍ଗରୋଧ କେନ୍ଦ୍ରରେ ୧୨ ଜଣ ଶ୍ରମିକଙ୍କୁ ଅଟକ ରଖାଯାଇଛି। ସେଠାରେ ସେମାନଙ୍କ ପାଇଁ ରନ୍ଧାଖାଦ୍ୟ ବ୍ୟବସ୍ଥା କରାଯାଇଛି। ଖବର ପାଇ ଖଇରପୁଟ ବିଡିଓ ହୃଷୀକେଶ ସାହୁ, କନିଷ୍ଠ ଯନ୍ତ୍ରୀ ଅନିଲ ମାଝି, ନୋଡାଲ ଅଧିକାରୀ ପ୍ରଦୀପ କୁମାର ପଣ୍ଡା ପହଞ୍ଚି ଶ୍ରମିକମାନଙ୍କ ସମସ୍ତ ବ୍ୟବସ୍ଥା କରିଥିଲେ। ଏହି ଶ୍ରମିକମାନେ ବୋରିଗୁମ୍ମା ଥାନା ଅନ୍ତର୍ଗତ ହଡ଼ପା ଗ୍ରାମର। ସେମାନେ ଚିତ୍ରକୋଣ୍ଡା ବ୍ଲକ ଗୁଣ୍ଠାୱାଡା ପଞ୍ଚାୟତର ଠିକାଦାର ରତ୍ନାକର ପ୍ରଧାନଙ୍କ ଦ୍ୱାରା ହେଉଥିବା ରାସ୍ତାକାମରେ ପିଚୁ କାର୍ଯ୍ୟ କରିବାକୁ ଯାଇଥିଲେ। ଲକ୍ଡାଉନ ଯୋଗୁ ସେମାନେ ଆସିପାରି ନ ଥିଲେ। ଠିକାଦାର ମଧ ସେମାନଙ୍କ ଖାଇବା ରହିବା ବ୍ୟବସ୍ଥା ନ କରିବାରୁ ଏହି ଶ୍ରମିକମାନେ ଜଙ୍ଗଲ ରାସ୍ତା ଦେଇ ନିଜ ଗ୍ରାମକୁ ଯାଉଥିଲେ। ସେମାନେ କୁଡୁମୁଲୁଗୁମ୍ମା ଦେଇ ଯାଉଥିବା ବେଳେ ପୋଲିସ ସେମାନଙ୍କୁ ଅଟକାଇ ପଚରାଉଚରା କରି ସଙ୍ଗରୋଧ କେନ୍ଦ୍ରକୁ ନେଇଥିଲା।



ସଙ୍ଗରୋଧ କେନ୍ଦ୍ରରେ ରଖାଯାଇଥିବା ଶ୍ରମିକମାନେ ।

# ବଣିକ ସଂଘ,ପ୍ରଶାସନ ସହାୟତାରେ ବିକ୍ରି ହେଲା ଆଳୁ,ଅଣ୍ଡା

କୋରୁକୋଣ୍ଡା (ଡି.ଏନ୍.ଏ.) ୩୦।୩

ମାଲକାନଗିରି ଜିଲା ବାଲିମେଳା ସହରରେ ଲକ୍ଡାଉନର ଷଷ୍ଠଦିନରେ ବଣିକ ସଂଘ, ପୋଲିସ ଏବଂ ସ୍ଥାନୀୟ ପ୍ରଶାସନର ଉପସ୍ଥିତିରେ ଆଳୁ ଏବଂ ଅଣ୍ଡା ବିକ୍ରି କରାଯାଇଛି। ରବିବାର ସୁଦ୍ଧା ବଜାରରୁ ଅଣ୍ଡା, ଆଳୁ ଏବଂ ପିଆଜ ଉଭାନ ହୋଇଯାଇଥିଲା। ବଣିକ ସଂଘ ର ଉଦ୍ୟମରେ ସୋମବାର ସକାଳେ ଆନ୍ଧ୍ରପ୍ରଦେଶରୁ ଅଣ୍ଡା ଆସି ପହଞ୍ଚିବାରୁ ଲୋକଙ୍କୁ ସୁଲଭ ଦରରେ ବିକ୍ରି କରାଯାଇଥିଲା। ସେହିପରି ଅପରାହ୍ନରେ ପଶ୍ଚିମବଙ୍ଗରୁ ଆଳୁ ଟ୍ରକ୍ ଆସି ପହଞ୍ଚିବା ପରେ ଉକ୍ତ ସ୍ଥାନକୁ ଦୈନିକ ବଜାର ସଭାପତି ଜି. ସଞ୍ଜୀବ ଦୋରା, କାଳୀ ଛକ ସଭାପତି ଦୀପକ କୁମାର ସାହୁ, ନଗର ବଣିକ ସଂଘ ସଭାପତି ପ୍ରଦୀପ କୁମାର ନାୟକ, ନିର୍ବାହୀ ଅଧିକାରୀ କୃଷ୍ଣଚନ୍ଦ୍ର ରଥ, ପୋଲିସ ଏବଂ ଯୋଗାଣ ବିଭାଗ କର୍ମଚାରୀଙ୍କ ଉପସ୍ଥିତିରେ ଆଳୁ ବିକ୍ରି କରାଯାଇଥିଲା ବୋଲି ସଭାପତି ନାୟକ ସୂଚନା ଦେଇଛନ୍ତି।

# ଆଦିବାସୀଙ୍କ ମାସ୍କ ସାଜିଛି ଶାଳପତ୍ର

ପାପଡ଼ାହାଣ୍ଡି,୩୦।୩,(ଡି.ଏନ୍.ଏ.)

କରୋନାକୁ ପ୍ରତିହତ କରିବା ପାଇଁ ମାସ୍କ ପିନ୍ଧିବା, ବାରମ୍ବାର ହାତ ଧୋଇବା ଓ ସାମାଜିକ ଦୂରତା ରଖିବା ପାଇଁ ସବୁଠି କୁହାଯାଉଛି। ବଜାରରେ ମାସ୍କର ଅଭାବ ଓ ଚଢ଼ାଦର ଯୋଗୁ ଆର୍ଥିକ ସ୍ଥିତି ଭଲ ନ ଥିବା ଲୋକେ ଏହାର ବ୍ୟବହାର କରିପାରୁ ନାହାନ୍ତି। ଏଭଳି ପରିସ୍ଥିତିରେ ଭାଇରସ୍ ସହ ଲଢ଼େଇ କରିବା ପାଇଁ ଆଦିବାସୀ



**ଅର୍ଥ ନ ଥାଇ ବି ସଚେତନ**

ଅଞ୍ଚଳର ଲୋକେ ଶାଳପତ୍ରରେ ମାସ୍କ ତିଆରି କରି ପିନ୍ଧୁଛନ୍ତି। ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ୍ ନାକଟିଗୁଡ଼ା ପଞ୍ଚାୟତ ଅନ୍ତର୍ଗତ ଝାଡ଼କୁସୁମି ଗ୍ରାମରେ ଏହା ଦେଖିବାକୁ ମିଳିଛି। ନିକଟ ଜଙ୍ଗଲରୁ ଶାଳପତ୍ର ସଂଗ୍ରହ କରି ଏଠାରେ ଛୋଟ ଛୁଆଠାରୁ ଆରମ୍ଭ କରି ବୟସ୍କ ସମସ୍ତେ ଏହି ମାସ୍କ ବ୍ୟବହାର କରୁଛନ୍ତି।

# ୧୫ ପରିବାରଙ୍କୁ ସହାୟ ହେଲା ପ୍ରଶାସନ

ମାଲକାନଗିରି,୩୦।୩ (ଡି.ଏନ୍.ଏ.)

ମାଲକାନଗିରି ଜିଲା ମାଥିଲି ଥାନା ସୀମାନ୍ତ ଛତିଶଗଡ଼କୁ ଲାଗିଥିବା ମହୁପଦର, ଟେମ୍ପୁରୁପାଲି, ମୁଣ୍ଡାଗୁଡ଼ା ଅଞ୍ଚଳର ୧୫ଟି ପରିବାର ମାଓବାଦୀଙ୍କ ଅତ୍ୟାଚାର ସହି ନ ପାରି ଏବଂ ସେମାନଙ୍କ ଧମକରେ ନିଜର ଜମିବାଡି, ଘରଦ୍ୱାର, ଗୃହପାଳିତ ପ୍ରାଣୀଙ୍କୁ ଛାଡି ଗତ ଦୁଇବର୍ଷ ହେବ ମାଲକାନଗିରି ସଦର ଆଶୀର୍ବାଦ କଲୋନୀରେ ଝୁପୁଡିଘର କରି ରହି ଆସୁଛନ୍ତି। ସେମାନଙ୍କର ଆଧାରକାର୍ଡ, ପରିଚୟପତ୍ର, ଶ୍ରମ କାର୍ଡ, ଜମି,ଘରବାଡି ପଟ୍ଟା ସବୁ ଛାଡିଦେଇ ଆସିଥିବାରୁ ମାଲକାନଗିରିରେ ରହି ଜଙ୍ଗଲରୁ କାଠ ସଂଗ୍ରହକରିବା, କୁଲି କରି ଜୀବନ ବିତାଉଥିଲେ। ବର୍ତ୍ତମାନ କରୋନା ଭାଇରସ୍ ଯୋଗୁ ଜିଲାରେ ଲକ୍ଡାଉନ ଜାରି ରହିଛି। ଫଳରେ ସମସ୍ତ କାର୍ଯ୍ୟ ଠପ୍ ହୋଇଯାଇଥିବାରୁ ଏହି ପରିବାର ସଦସ୍ୟମାନେ କିଛି କାମ ନ ପାଇ ଅସହାୟ ହୋଇପଡିଛନ୍ତି। ସେମାନଙ୍କୁ ସୋମବାର ମାଲକାନଗିରି ଜିଲା ପ୍ରଶାସନ ପକ୍ଷରୁ ସହାୟତା କରାଯାଇଛି। ତହସିଲଦାର ଡ. ଗୁଣନିଧି ନାୟକ, ଅତିରିକ୍ତ ତହସିଲଦାର ସବିର ଶାହା, ପୌର ନିର୍ବାହୀ ଅଧିକାରୀ ଏମ୍.ନୀଳକଣ୍ଠ ନାଇଡୁ, ଦୈନିକ ବଜାର କମିଟି ସଭାପତି ଜି. ଶ୍ରୀନିବାସ ରାଓ, ସହରାଞ୍ଚଳ ବିକାଶ ଅଧିକାରୀ ଜଗନ୍ନାଥ ଖେମୁଡୁ ସେମାନଙ୍କ ନିକଟରେ ପହଞ୍ଚି ପ୍ରତ୍ୟେକ ପରିବାରର ୬୦ ସଦସ୍ୟଙ୍କୁ ଗୋଟିଏ ମାସ ପାଇଁ ୫ କେଜି ଚାଉଳ, ଦୈନିକ ୨୦୦ଗ୍ରାମ ଡାଲି, ଦୈନିକ ଏକ କିଲୋ ଆଳୁ, ଜିରା, ଲୁଣ, ରିଫାଇନ ତେଲ, ମସଲା ସାମଗ୍ରୀ ଯୋଗାଇ ଦେଇଛନ୍ତି। ଦୈନିକ ବଜାର କମିଟି ତରଫରୁ ପନିପରିବା ମଧ ପ୍ରଦାନ କରାଯାଇଛି।

# କରୋନାରୁ ମୁକ୍ତି ପାଇଁ ଆତ୍ମସମର୍ପଣ କରନ୍ତୁ ମାଓବାଦୀ

ରାୟଗଡ଼ା ଅଫିସ,୩୦।୩

କୋଭିଡ୍-୧୯ ଭାଇରସ୍ କାୟା ବିସ୍ତାର କରୁଥିବା ବେଳେ କେବଳ ସତର୍କତା ଓ ସାମାଜିକ ଦୂରତ୍ୱ ହିଁ ଏହାକୁ ମୁକାବିଲା କରିବାରେ ଏକମାତ୍ର ଉପାୟ। ହେଲେ ଜଙ୍ଗଲରେ ରହୁଥିବା ଅନ୍ୟ ରାଜ୍ୟର ଲାଲବାହିନୀ ଏବେ ମାଓବାଦୀ ପ୍ରବଣ ଅଞ୍ଚଳବାସୀଙ୍କ ଚିନ୍ତା ବଢ଼ାଇଛନ୍ତି। ସେମାନେ କରୋନା ଦ୍ୱାରା ସଂକ୍ରମିତ ହେବା ଆଶଙ୍କା ରହିଥିବାବେଳେ ସେମାନଙ୍କ ମାଧ୍ୟମରେ ଏହା ବ୍ୟାପିବା ମଧ ଅମୂଳକ ନୁହେଁ। ତେଣୁ ଓଡ଼ିଶାର ମାଓବାଦୀମାନେ ନିଜ ସୁରକ୍ଷା ପାଇଁ ସଙ୍ଗଠନ ଛାଡ଼ି ପ୍ରଶାସନ ନିକଟରେ ଆତ୍ମସମର୍ପଣ କରିବା ପାଇଁ ରାୟଗଡ଼ା ସଚେତନ ନାଗରିକ ମଞ୍ଚ ଆହ୍ୱାନ ଦେଇଛି। ଗାଁ ଲୋକେ ଅନ୍ୟ ରାଜ୍ୟର ମାଓବାଦୀଙ୍କ ସଂସ୍ପର୍ଶରେ ନ ଆସି ସେମାନଙ୍କଠାରୁ ଦୂରେଇ ରହିବା ପାଇଁ ମଞ୍ଚ ପକ୍ଷରୁ ଲୋକଙ୍କୁ ସଚେତନ କରାଯାଇଛି। ଏମିତିକି ମାଓବାଦୀଙ୍କ ପକ୍ଷରୁ ଆୟୋଜିତ ସଭା ସମିତିରେ ଯୋଗ ନ ଦେବା ଏବଂ କୌଣସି ଜିନିଷ ନେଣଦେଣ ନ କରିବା ପାଇଁ କୁହାଯାଇଛି। ମଞ୍ଚ ପକ୍ଷରୁ ବିଭିନ୍ନ ପୋଷ୍ଟର୍ ତହସିଲଦାରଙ୍କ କାର୍ଯ୍ୟାଳୟ କାନ୍ଥ ସମେତ ସହରର ପ୍ରମୁଖ ଛକରେ ଲଗାଯାଇଛି।

# ୨୦୦ଶଯ୍ୟା ବିଶିଷ୍ଟ କୋଭିଡ୍-୧୯ ଚିକିତ୍ସାଳୟ

ପାରଳାଖେମୁଣ୍ଡି, ୩୦।୩ (ସ୍ୱ.ପ୍ର.)

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡି ସହର ଉପକଣ୍ଠରେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ହାଇଟେକ ଗ୍ରୁପ୍ ପକ୍ଷରୁ ଏକ ୨ଶହ ଶଯ୍ୟା ବିଶିଷ୍ଟ ସ୍ୱତନ୍ତ୍ର ଚିକିତ୍ସାଳୟ ଶୀଘ୍ର ଆରମ୍ଭ ହେବ। କୋଭିଡ୍-୧୯ ପାଇଁ ଖୁବ୍ଶୀଘ୍ର ଏହି ଚିକିତ୍ସାଳୟ ଖୋଲିବ। ଏହି ଚିକିତ୍ସାଳୟ ସହର ଉପକଣ୍ଠସ୍ଥ ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟର ସୁବର୍ଣ୍ଣରେଖା ଛାତ୍ରାବାସରେ ଅସ୍ଥାୟୀ ଭାବେ ଆରମ୍ଭ କରିବା ପାଇଁ ପ୍ରସ୍ତୁତି ଚାଲିଛି। ହାଇଟେକ ଗ୍ରୁପ୍ ପକ୍ଷରୁ ଆବଶ୍ୟକ ଯନ୍ତ୍ରପାତି, ଶଯ୍ୟା ଓ ସମସ୍ତ ଉପକରଣ ରବିବାର ଭୁବନେଶ୍ୱରରୁ ଅଣାଯିବା ବ୍ୟବସ୍ଥା ହୋଇଛି। ଭୁବନେଶ୍ୱର ହାଇଟେକ ମେଡିକାଲ କଲେଜରୁ ଏବଂ ସରକାରଙ୍କ ଦ୍ୱାରା ପ୍ରେରିତ ବହୁ ଅଭିଜ୍ଞ ଡାକ୍ତରଙ୍କ ସହ ଅନ୍ୟ କର୍ମଚାରୀ ଏଠାକୁ ଆସିବା ପାଇଁ ସ୍ଥିର ହୋଇଛି। ଏଥିପାଇଁ ଏକ ତ୍ରିପାକ୍ଷିକ ଚୁକ୍ତିନାମା ସ୍ୱାକ୍ଷର ହୋଇଥିବା ହାଇଟେକ ଗ୍ରୁପ୍ର ଅଧକ୍ଷ ଡ. ତିରୁପତି ପାଣିଗ୍ରାହୀ କହିଛନ୍ତି।

# ଚାଇଲ୍ଡଲାଇନ ଦ୍ୱାରା ୨ଶିଶୁ ଉଦ୍ଧାର

ମାଲକାନଗିରି,୩୦।୩ (ଡି.ଏନ୍.ଏ.)

ମାଲକାନଗିରି ଚାଇଲ୍ଡଲାଇନ ୨ଜଣ ଶିଶୁଙ୍କୁ ସୋମବାର ଉଦ୍ଧାରକରି ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ମାଥିଲି ଥାନା ଅନ୍ତର୍ଗତ କଂସାରିପୁଟ ଗ୍ରାମର ଦୁଇଜଣ ଶିଶୁ ମାଲକାନଗିରି ସହରରେ ତାଙ୍କ ସମ୍ପର୍କୀୟଙ୍କ ଘରେ ରହି ପାଠ ପଢୁଥିଲେ। ବିଦ୍ୟାଳୟ ବନ୍ଦ ହୋଇଯିବାରୁ ସେମାନେ ସମ୍ପର୍କୀୟ ଘରେ ଥିଲେ। କୌଣସି କାରଣରୁ ନିଜ ସମ୍ପର୍କୀୟଙ୍କ ଘରେ ଗଣ୍ଡଗୋଳ ହେବାରୁ ସେମାନେ ନିଜ ଘରକୁ ଯିବାପାଇଁ ସୋମବାର ମାଲକାନଗିରିରୁ ଦୀର୍ଘ



୮୦ କିଲୋମିଟର ମୁଖ୍ୟ ରାସ୍ତାରେ ଚାଲିଚାଲି ଯାଉଥିଲେ। ଏହି ଖବର ଚାଇଲ୍ଡଲାଇନ କୌଣସି ସୂତ୍ରରୁ ପାଇ ସମ୍ପୃକ୍ତ ୨ ଶିଶୁଙ୍କୁ ଭୈରବ ମନ୍ଦିର ନିକଟରୁ ଉଦ୍ଧାର କରିଥିଲେ। ଶିଶୁଙ୍କ ପରିଚୟ ଏବଂ ତାଙ୍କର ଠିକଣା ପଚାରି ସେମାନଙ୍କୁ ନେଇ ତାଙ୍କ କଂସାରିପୁଟ ଗ୍ରାମରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ। ଚାଇଲ୍ଡଲାଇନର ପ୍ରଶାନ୍ତ ନାୟକ, ସି.ସି. ସାହୁ, ସୁକାନ୍ତି ବିଶ୍ୱାଳ ଶିଶୁଙ୍କୁ ସେମାନଙ୍କ ପରିବାର ନିକଟରେ ପହଞ୍ଚାଇବାରେ ସହଯୋଗ କରିଥିଲେ।

# ଫସିଛନ୍ତି ୪୧ ଶ୍ରମିକ

ଗୁଣପୁର,୩୦।୩(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଗୁଣପୁର ବ୍ଲକ ଡମ୍ବସରାରେ ଫସି ରହିଛନ୍ତି ୪୧ ଜଣ ଶ୍ରମିକ। ସେମାନେ ସବୁ ନବରଙ୍ଗପୁର ଜିଲା ଛଟାହାଣ୍ଡି ପଞ୍ଚାୟତ ତେନ୍ତୁଳିଗୁଡ଼ା ଅଞ୍ଚଳର ବାସିନ୍ଦା। ସେମାନେ ଡମ୍ବସରା ପଞ୍ଚାୟତ ସୌରବିକ୍ରମପୁରକୁ କେନାଲ କାମ ପାଇଁ ଆସିଥିବା ବେଳେ ଲକ ଡାଉନ ଘୋଷଣା ହୋଇଥିଲା। ଫଳରେ ସେମାନେ ଏଠାରେ ରହିଯାଇଥିଲେ। ସେମାନଙ୍କୁ ଡମ୍ବସରା ହାଇସ୍କୁଲରେ ରଖାଯାଇଛି। ସରପଞ୍ଚ ମଥୁରା ଶବର ଚାଉଳ ସହ ରନ୍ଧାସାମଗ୍ରୀ ଦେଇ ସେମାନଙ୍କୁ ସୁରକ୍ଷିତ ରଖିଛନ୍ତି।

# ୩୦ କଏଦୀଙ୍କୁ ସ୍ୱଳ୍ପକାଳୀନ ଜାମିନ

ରାୟଗଡ଼ା ଅଫିସ,୩୦।୩

କାରାଗାର ଭିତରେ ସାମାଜିକ ଦୂରତ୍ୱ ରକ୍ଷା କରିବା ପାଇଁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସେହିକ୍ରମରେ ରାୟଗଡ଼ା ଜିଲାସ୍ତରୀୟ ବୈଠକ ବସି ସେଥିରେ ୭ ବର୍ଷରୁ କମ୍ ପ୍ରାବଧାନରେ ବିଚାରାଧୀନ ଥିବା କଏଦୀଙ୍କୁ ସ୍ୱଳ୍ପକାଳୀନ ଜାମିନରେ ଖଲାସ କରିବା ପାଇଁ ଆଲୋଚନା କରାଯାଇଛି। ସେଥିରେ ନିଷ୍ପତ୍ତି ପରେ ଜିଲାର ୩୦ ଜଣ କଏଦୀଙ୍କୁ ସ୍ୱଳ୍ପକାଳୀନ ଜାମିନ ମିଳିଛି। ସେମାନେ ୧ ମାସ ପାଇଁ ନିଜ ଘରକୁ ଯିବେ। ଏହି ୩୦ ଜଣ ରାୟଗଡ଼ା ଜିଲାରେ ଥିବା ୩ଟି ଉପକାରାଗାରରେ ବନ୍ଦୀ ଥିଲେ। ସେଥିରୁ ରାୟଗଡ଼ା କାରାଗାରରେ ୧୯ ଜଣ, ବିଷମକଟକରେ ୩ ଓ ଗୁଣୁପୁରରେ ୮ ଜଣ କଏଦୀ ସ୍ୱଳ୍ପକାଳୀନ ଜାମିନ ପାଇଛନ୍ତି।

# ଖୋଲିଲା ୨୪୪ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର

ଜୟପୁର,୩୦।୩(ନି.ପ୍ର.)

**କୋରାପୁଟ ଜିଲା**
- ବାହାରୁ ଫେରିଛନ୍ତି ୩,୭୦୦ ଲୋକ
- ଖୋଲିଲା ୧୮ କ୍ୱାରାଣ୍ଟାଇନ ସେଣ୍ଟର

କରୋନା ଭାଇରସ୍କୁ ନେଇ ସୃଷ୍ଟି ହୋଇଥିବା ପରିସ୍ଥିତି ବେଳେ ବାହାର ରାଜ୍ୟ ଓ ବିଦେଶରୁ ଫେରିଥିବା ଲୋକଙ୍କୁ ନେଇ ଚିନ୍ତା ବଢ଼ିଛି। ମାର୍ଚ୍ଚ ୨୯ ସୁଦ୍ଧା ରାଜ୍ୟ ବାହାରୁ ଓ ବିଦେଶରୁ ୩ ହଜାର ୭ଶହ ଜଣ କୋରାପୁଟ ଜିଲାକୁ ଫେରିଛନ୍ତି। ଏମାନେ ଆନ୍ଧ୍ରପ୍ରଦେଶ, ତେଲେଙ୍ଗନା, ବାଙ୍ଗାଲୋର, ଦିଲ୍ଲୀ, ହାଇଦ୍ରାବାଦ, ଚେନ୍ନାଇ, ପୁଣେ, ମଧ୍ୟପ୍ରଦେଶ, ଆଣ୍ଡାମାନ୍, କର୍ନାଟକ ଓ ନେପାଳରୁ ଫେରିଥିବା ଜଣାପଡ଼ିଛି। ଏମାନଙ୍କ ମଧ୍ୟରୁ ଚିହ୍ନଟ ସନ୍ଦିଗ୍ଧଙ୍କୁ ୧୪ ଦିନ ସଙ୍ଗରୋଧ ଗୃହରେ ରଖି ଚିକିତ୍ସା ବ୍ୟବସ୍ଥା କରାଯାଇଛି। ଏଥିପାଇଁ ଜିଲାର କୋରାପୁଟ ସହରରେ ୬ଟି, ଜୟପୁରରେ ୩, କୋଟପାଡ଼ରେ ୩, ସୁନାବେଡ଼ାରେ ୬ ସଙ୍ଗରୋଧ କେନ୍ଦ୍ର ଖୋଲାଯାଇଛି। କୋରାପୁଟ ଜିଲାର ୨୪୦ ପଞ୍ଚାୟତ, ୧ ପୌରାଞ୍ଚଳ ଓ ୩ ଏନ୍ଏସିର ବିଭିନ୍ନ ବିଦ୍ୟାଳୟ ଓ ପଞ୍ଚାୟତ କାର୍ଯ୍ୟାଳୟରେ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲାଯାଇଛି। ୨୪୪ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୧୫,୧୧୫ ବେଡ୍ର ବ୍ୟବସ୍ଥା କରାଯାଇଥିବାବେଳେ ବେଡ୍ଗୁଡ଼ିକ ମଧ୍ୟରେ ୧ ମିଟର ଦୂରତା ରଖାଯାଇଛି।

# ସାମାଜିକ ଦୂରତା ଭିତ୍ତିରେ ଖୋଲିଲା ୧୦ ଢାବା

ଜୟପୁର,୩୦।୩( ଡି.ଏନ୍.ଏ.)

ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ରାଜପଥରେ ସାମାଜିକ ଦୂରତା ରକ୍ଷାକରି ଢାବା ଖୋଲିବାକୁ ଅନୁମତି ଦିଆଯାଇଛି। କୋରାପୁଟ ଜିଲାର ଆନ୍ଧ୍ର ସୀମାନ୍ତ ସୁଙ୍କିଠାରୁ ଛତିଶଗଡ଼ ସୀମାନ୍ତ ଚାନ୍ଦିଲି ଯାଏ ୨୬ ନମ୍ବର ଜାତୀୟ ରାଜପଥର ୧୬୫ କିଲୋମିଟର ଦୂରତା ଭିତରେ ୧୦ଟି ଢାବା ଖୋଲିଛି। ଏହି ଢାବାରେ କେବଳ ସାମଗ୍ରୀ ପରିବହନ କରୁଥିବା ଟ୍ରକର ଡ୍ରାଇଭର, ହେଲପର ଓ ଘରକୁ ଫେରୁଥିବା ଶ୍ରମିକ ଖାଇପାରିବେ। ବୋରିଗୁମ୍ମାର ବଣ୍ଡାଗୁଡ଼ା ନିକଟସ୍ଥ ପେଟ୍ରୋଲପମ୍ପ ଢାବାରେ ମାଗଣାରେ ରନ୍ଧାଖାଦ୍ୟ ଦିଆଯାଉଛି।




ବୋରିଗୁମ୍ମାର ବଣ୍ଡାଗୁଡା ପେଟ୍ରୋଲପମ୍ପ ଢାବାରେ ସାମାଜିକ ଦୂରତା ରକ୍ଷାକରି ଖାଦ୍ୟ ଖାଉଛନ୍ତି ଡ୍ରାଇଭର, ହେଲପର ଓ ଶ୍ରମିକ ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୩ Press Regd. No. R.N. 21326/74 Postal Regd. No. BN/42/18-20. ମଙ୍ଗଳବାର, ମାର୍ଚ୍ଚ ୩୧/୨୦୨୦ Tuesday, March 31/2020

## ସଂକ୍ଷେପରେ

### ସହାୟତାର ହାତ ବଢ଼ାଇଲେ ୧୦ ବର୍ଷୀୟ ଦେବାଂଶ



ଭୁବନେଶ୍ୱର, ୩୦।୩(କ୍ରୀଡ଼ା ପ୍ରତିନିଧି): କରୋନା ଭାଇରସ ସଂକ୍ରମଣ ଏବେ ସମ୍ପୂର୍ଣ୍ଣ ବିଶ୍ୱକୁ ଅସ୍ଥିର କରିଥିବାବେଳେ ଏଥିପାଇଁ ଅନେକ କ୍ରୀଡ଼ାବିତ୍ ସହାୟତାର ହାତ ବଢ଼ାଇଛନ୍ତି। ସେମାନଙ୍କ ମଧ୍ୟରେ ସାମିଲ ହୋଇଛନ୍ତି ୧୦ ବର୍ଷୀୟ ଟେନିସ ଖେଳାଳି ଦେବାଂଶ ମହାନ୍ତି। କେନ୍ଦ୍ରାପଡ଼ାର ଟେନିସ ପ୍ରତିଭା ଦେବାଂଶ ବିଭିନ୍ନ ଟୁର୍ନାମେଣ୍ଟରୁ ଅର୍ଜନ କରିଥିବା ସ୍କୋଲାରଶିପ୍ ଅର୍ଥରୁ ୫,୦୦୦ଟଙ୍କା ପ୍ରଧାନମନ୍ତ୍ରୀଙ୍କ କେୟାର୍ସ ଫଣ୍ଡକୁ ଦାନ କରି ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି।

### ଜୁନ୍ ୩୦ ପର୍ଯ୍ୟନ୍ତ ଆଇଟିଟିଏଫ୍ ଇଭେଣ୍ଟ ସସ୍‌ପେଣ୍ଡ

ନୂଆଦିଲ୍ଲୀ,୩୦।୩(ପି.ଟି.): ଅନ୍ତର୍ଜାତୀୟ ଟେବୁଲ ଟେନିସ ଫେଡେରେଶନ (ଆଇଟିଟିଏଫ୍) ଜୁନ୍ ୩୦ ତାରିଖ ପର୍ଯ୍ୟନ୍ତ ତା'ର ସବୁ ଇଭେଣ୍ଟକୁ ବାତିଲ କରିଛି। କୋଭିଡ-୧୯ ସାରା ବିଶ୍ୱରେ ମହାମାରୀର ରୂପ ନେଇଥିବାରୁ ଆଇଟିଟିଏଫ୍ ଏହି ନିଷ୍ପତ୍ତି ନେଇଛି। କେବଳ ସେତିକି ନୁହଁ ବିଶ୍ୱ ର୍ୟାଙ୍କିଙ୍ଗକୁ ମଧ୍ୟ ବାତିଲ କରିବାକୁ ନିଷ୍ପତ୍ତି ନିଆଯାଇଛି। ରବିବାର ଆଇଟିଟିଏଫ୍‌ର କାର୍ଯ୍ୟକାରୀ କମିଟି ବୈଠକ ବସିଥିଲା। ଏଥିରେ କରୋନା ଭାଇରସ ସଂକ୍ରମଣ ନେଇ ସବିଶେଷ ଆଲୋଚନା ହୋଇଥିଲା। କାରୋନା ଭାଇରସ ସଂକ୍ରମଣ ସାରା ବିଶ୍ୱରେ କ୍ରମାଗତ ଭାବେ ବୃଦ୍ଧି ପାଉଥିବା ବେଳେ ଟୋକିଓ ଅଲିମ୍ପିକ୍ସକୁ ଗୋଟିଏ ବର୍ଷ ଘୁଞ୍ଚାଇ ଦିଆଯାଇଥିଲା। ଫଳରେ ଆଇଟିଟିଏଫ୍‌କୁ ଏହି ନିଷ୍ପତ୍ତି ନେବାକୁ ପଡିଛି। ଜୁନ୍ ୩୦ ପର୍ଯ୍ୟନ୍ତ ମଧ୍ୟ ସବୁ ପ୍ରକାର ଅନ୍ତର୍ଜାତୀୟ ଯାତାୟତକୁ ମଧ୍ୟ ବାତିଲ କରାଯାଇଛି। ଇଭେଣ୍ଟ ସବୁ ବାତିଲ ହୋଇଥିବାରୁ ର୍ୟାଙ୍କିଙ୍ଗର କୌଣସି ପ୍ରାସଙ୍ଗିକତା ନାହିଁ ବୋଲି ଆଇଟିଟିଏଫ୍ ହୃଦୟଙ୍ଗମ କରିଛି। ତେଣୁ ର୍ୟାଙ୍କିଙ୍ଗକୁ ମଧ୍ୟ ଅଚଳ କରାଯାଇଛି। ହାନା ବ୍ୟାଙ୍କ୍ ୨୦୨୦ ୱାର୍ଲ୍ଡ ଟିମ୍ ଟେବୁଲ ଟେନିସ ଚାମ୍ପିୟନଶିପ୍‌ର ନୂଆ କାର୍ଯ୍ୟସୂଚୀ ଆଗାମୀ ସପ୍ତାହଗୁଡିକରେ ଘୋଷଣା କରାଯିବ। ଟୋକିଓ ଅଲିମ୍ପିକ୍ସର ନୂଆ କାର୍ଯ୍ୟସୂଚୀ ଘୋଷଣା ହୋଇଥିବାରୁ ସେହି ଅନୁସାରେ ଆମେ କ୍ୱାଲିଫିକେଶନ ଟୁର୍ନାମେଣ୍ଟ ତାରିଖ ସଂକ୍ରାନ୍ତରେ ନିଷ୍ପତ୍ତି ନେବୁ ବୋଲି ଆଇଟିଟିଏଫ୍ ତରଫରୁ କୁହାଯାଇଛି।

# ହକି ଇଣ୍ଡିଆର ଆକ୍ସନ ପ୍ଲାନ୍



ଖେଳାଳିଙ୍କ ସହ କୋଚ ଗ୍ରାହମ ରିଡ୍



ଜୋର୍ଡ ମାରିଜନେ

ନୂଆଦିଲ୍ଲୀ, ୩୦।୩

ଅନ୍ତର୍ଜାତୀୟ ଅଲିମ୍ପିକ୍ କମିଟି(ଆଇଓସି) ପକ୍ଷରୁ ଟୋକିଓ ଅଲିମ୍ପିକ୍ସ ପାଇଁ ନୂଆ ତାରିଖ ଘୋଷଣା ପରେ ଭାରତୀୟ ମହିଳା ଓ ପୁରୁଷ ହକି ଦଳ ସେହି ଅନୁସାରେ ନିଜକୁ ପ୍ରସ୍ତୁତ କରିବା ପାଇଁ ସଜବାଜ ହୋଇଛି। ନୂଆ ତାରିଖ ଅନୁସାରେ ଟୋକିଓ ଅଲିମ୍ପିକ୍ସ ୨୦୨୧ ଜୁଲାଇ ୨୩ରୁ ଅଗଷ୍ଟ ୮ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିପାଇଁ ୧୫ ମାସ ସମୟ ଥିବାବେଳେ ଉଭୟ ଦଳର କୋଚ୍ ଓ ସପୋର୍ଟ ଷ୍ଟାଫ୍‌ଙ୍କ ସହିତ ଆଲୋଚନା କରି ହକି ଇଣ୍ଡିଆ ପକ୍ଷରୁ ଆକ୍ସନ ପ୍ଲାନ ଆରମ୍ଭ ହେବାକୁ ଯାଉଛି। ''ଆସନ୍ତା ବର୍ଷ ଅଲିମ୍ପିକ୍ସ ନୂଆ ତାରିଖକୁ ଆମେ ଅପେକ୍ଷା କରିଥିଲୁ। ଏବେ ସମୟ ମିଳିଥିବାରୁ ଆମେ ଯୋଜନାବଦ୍ଧଭାବେ ପ୍ରସ୍ତୁତ ହେବୁ। ଆମେ ଯୋଗ୍ୟତା ଅର୍ଜନ କରିଥିବାରୁ ଏବେ କେବଳ ଅଲିମ୍ପିକ୍ସ ଉପରେ ଲକ୍ଷ୍ୟ ରହିବ। ଆମେ ଭାରତୀୟ ଅଲିମ୍ପିକ୍ ଆସୋସିଏଶନ(ଆଇଓସି), କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରଣାଳୟ, ସ୍ପୋର୍ଟ୍ସ ଅଥରିଟି ଅଫ ଇଣ୍ଡିଆ ସହିତ ଆମେ ଆଗାମୀ ୧୫ ମାସଧରି କାମ କରିବୁ। ଅଲିମ୍ପିକ୍ସରେ ଭାରତୀୟ ଦଳ ଯେପରି ସଫଳ ହୋଇପାରିବ ତା' ଉପରେ ମୁଖ୍ୟତଃ ନଜର ରହିବ। ବର୍ତ୍ତମାନ ପରିସ୍ଥିତିରେ କେଉଁ ପ୍ରତିଯୋଗିତା ଆମପାଇଁ ଉପଲବ୍ଧ ହେବ ତାହା ଜାଣିବା କଷ୍ଟକର। ତେବେ ଆମର ଉଭୟ ଦଳ ବେଙ୍ଗାଲୁରୁଠାରେ ସୁରକ୍ଷିତ ପରିବେଶରେ ରହିଛନ୍ତି। କୋଚ୍ ଓ ସପୋର୍ଟ ଷ୍ଟାଫ୍ ମଧ୍ୟ ସେଠାରେ ରହିଛନ୍ତି। ଆମକୁ ଅନୁମତି ମିଳିଲେ ଖେଳାଳିମାନେ ପ୍ରକୃତ ଟ୍ରେନିଂକୁ ଫେରିବେ'' ବୋଲି ହକି ଇଣ୍ଡିଆ ସଭାପତି ମହମ୍ମଦ ମୁସ୍ତାକ ପ୍ରକାଶ କରିଛନ୍ତି।

ଭାରତୀୟ ପୁରୁଷ ହକି ଦଳର କୋଚ୍ ଗ୍ରାହାମ ରିଡ୍‌ଙ୍କ ମତରେ ଟୋକିଓ ଅଲିମ୍ପିକ୍ସ ପାଇଁ ନୂଆ ତାରିଖ ଧାର୍ଯ୍ୟ ହୋଇଥିବାରୁ ଆମେ ଆସନ୍ତା ବର୍ଷ ଜୁଲାଇକୁ ଦୃଷ୍ଟିରେ ରଖି ଯୋଜନା ପ୍ରସ୍ତୁତ କରିବୁ। ସାମ୍ପ୍ରତିକ କଠିନ ପରିସ୍ଥିତିକୁ ପଛରେ ପକାଇ ଆମେ ଯଥା ସମ୍ଭବ ଶୀଘ୍ର ଟ୍ରେନିଂପାଇଁ ପଡ଼ିଆକୁ ଓହ୍ଲାଇବୁ ବୋଲି ଆଶା ରଖିଛୁ। ପ୍ରତିଯୋଗିତା ସ୍ଥଗିତ ରହିବାଦ୍ୱାରା ଦଳପାଇଁ ଅନେକ କିଛି କରିବାକୁ ସମୟ ମିଳିଲା ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ''ଅଲିମ୍ପିକ୍ସ ପାଇଁ ନୂଆ ତାରିଖ ଆମ ସମସ୍ତଙ୍କ ପାଇଁ ଖୁସି ଖବର। ଆମେ ଏଥର ଅଲିମ୍ପିକ୍ସ ଲକ୍ଷ୍ୟରେ ଅଗ୍ରସର ହେବୁ। କଠିନ ପରିସ୍ଥିତିରେ ଆମେ ଗୋଟିଏ ସ୍ଥାନରେ ରହି ସମସ୍ତଙ୍କ ପାଇଁ ଉପଲବ୍ଧ ହେଉଥିଲୁ। ଏବେ ଆମକୁ ସମୟ ଅନୁସାରେ ଗତି କରିବାକୁ ହେବ। ଉଭୟ ଶାରୀରିକ ଓ ମାନସିକଭାବେ ଦୃଢ଼ ରହିବା ସହ ସ୍ୱାଭାବିକ ରୁଟିନକୁ ଫେରିବା ପାଇଁ ଅପେକ୍ଷା କରିବାକୁ ପଡ଼ିବ। ଆମେ ମୁଖ୍ୟ ସ୍ରୋତକୁ ଫେରିବାକୁ ପ୍ରସ୍ତୁତ'' ବୋଲି ଭାରତୀୟ ମହିଳା ହକି ଦଳର ମୁଖ୍ୟ କୋଚ୍ ଜୋର୍ଡ ମାରିଜନେ ପ୍ରକାଶ କରିଛନ୍ତି। ପ୍ରକାଶ ଯୋଗ୍ୟ ଯେ, ଭାରତର ଉଭୟ ମହିଳା ଓ ପୁରୁଷ ଦଳର କୋର୍ ଖେଳାଳିମାନେ ଏବେ ବେଙ୍ଗାଲୁରୁସ୍ଥିତ ସାଇ ସେଣ୍ଟରରେ ରହିଛନ୍ତି। ପ୍ରକାଶଯୋଗ୍ୟ ଯେ ୨୦୨୧ ଜୁଲାଇ ୨୩ରୁ ଅଗଷ୍ଟ ୮କୁ ଅଲିମ୍ପିକ୍ସର ନୂଆ ତାରିଖ ଧାର୍ଯ୍ୟ କରାଯାଇଛି।

## ଶୀଘ୍ର ଅଲିମ୍ପିକ୍ସ ଚାହୁଁଥିଲା ଟ୍ରାଇଥଲନ ପରିଷଦ

ୱାଶିଂଟନ, ୩୦।୩(ଏପି)

ଗ୍ରୀଷ୍ମକାଳୀନ ଉତ୍ତାପକୁ ଏଡ଼ାଇବା ପାଇଁ ଆସନ୍ତା ବର୍ଷ ଅଲିମ୍ପିକ୍ସ ଶୀଘ୍ର ହେଉ ବୋଲି ଟ୍ରାଇଥଲନ ପରିଚାଳନା ପରିଷଦ ଚାହୁଁଥିଲା। ମାତ୍ର ଘୋଷିତ ନୂଆ ତାରିଖକୁ ପରିଷଦ ଗ୍ରହଣ କରିଛି। ''ଉତ୍ତାପ କମ୍ ଥିବା ସମୟରେ ଅଲିମ୍ପିକ୍ସ ପାଇଁ ନୂଆ ତାରିଖ କରାଯାଉ ବୋଲି ଆମେ ଚାହୁଁଥିଲୁ। ମାତ୍ର ବିଭିନ୍ନ ଦୃଷ୍ଟିକୋଣକୁ ବିଚାରକୁ ନିଆଯାଇ ଯେଉଁ ସମୟ ଧାର୍ଯ୍ୟ କରାଯାଇଛି ସେଥିରେ ଆମେ ରାଜି'' ବୋଲି ୱାର୍ଲ୍ଡ ଟ୍ରାଇଥଲନ ସଭାପତି ମାରିସୋଲ କାସାଡୋ ପ୍ରକାଶ କରିଛନ୍ତି। ଅଲିମ୍ପିକ୍ସ ପାଇଁ ଘୋଷିତ ନୂଆ ତାରିଖ ପ୍ରକ୍ରିୟାରେ ସମସ୍ତ ସ୍ପୋର୍ଟ୍ସ ଫେଡେରେଶନ ସାମିଲ ହୋଇଥିଲେ। ଆମ ସମସ୍ତଙ୍କ ସହଯୋଗରେ ଆସନ୍ତା ବର୍ଷ ଗ୍ରୀଷ୍ମକାଳୀନ ଅଲିମ୍ପିକ୍ସ ସଫଳ ରହିବା ନେଇ ମୁଁ ଦୃଢ଼ ଆଶାୟୀ ବୋଲି କାସାଡୋ କହିଛନ୍ତି। ପ୍ରକାଶ ଯୋଗ୍ୟ ଯେ ୨୦୨୧ ଜୁଲାଇ ୨୩ରୁ ଅଗଷ୍ଟ ୮କୁ ଅଲିମ୍ପିକ୍ସର ନୂଆ ତାରିଖ ଧାର୍ଯ୍ୟ କରାଯାଇଛି।

ଅନ୍ତର୍ଜାତୀୟ ଅଲିମ୍ପିକ୍ କମିଟି ପକ୍ଷରୁ ମାରାଥନ ଏବଂ ରେସ୍ ୱାକିଂ ପ୍ରତିଯୋଗିତାକୁ ଜାପାନର ନର୍ଦନ ସିଟି ସାପୋରୋକୁ ସ୍ଥାନାନ୍ତର କରାଯାଇଥିଲା। ଉତ୍ତାପ ଏଡ଼ାଇବା ପାଇଁ ଅଧିକାଂଶ ପ୍ରତିଯୋଗିତା ଭୋର ସମୟରେ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ଟ୍ରାଇଥଲନରେ ରନିଂ ଥିଲେ ହେଁ ଏହା ଟୋକିଓରେ ଅନୁଷ୍ଠିତ ହେବ। ଟୋକିଓ ଅଲିମ୍ପିକ୍ସର ନୂଆ ତାରିଖକୁ ଆମେ ସମର୍ଥନ କରୁଛୁ ବୋଲି ଟ୍ରାକ୍ ଆଣ୍ଡ ଫିଲ୍ଡ ପରିଚାଳନା ପରିଷଦ ପକ୍ଷରୁ ପ୍ରକାଶ କରାଯାଇଛି। ଏଥିସହ ବିଶ୍ୱ ଚାମ୍ପିୟନଶିପ୍‌କୁ ୨୦୨୨କୁ ଘୁଞ୍ଚାଇବା କ୍ଷେତ୍ରରେ ଇଉଜେନି, ଓରେଗନ ଆୟୋଜକଙ୍କ ସହ କାମକରିବୁ ବୋଲି କୁହାଯାଇଛି। ସବୁକିଛି ନମନୀୟ ଏବଂ ସାଲିସ ଭିତ୍ତିରେ ହୋଇଛି ବୋଲି ୱାର୍ଲ୍ଡ ଆଥଲେଟିକ୍ସ ପ୍ରକାଶ କରିଛି। ୨୦୨୧ ବିଶ୍ୱ ଆଥଲେଟିକ୍ସ ଚାମ୍ପିୟନଶିପ୍ ଅଗଷ୍ଟ ୬ରୁ ୧୫ ପର୍ଯ୍ୟନ୍ତ ହେବାର ଥିଲା। ଏ ସମ୍ପର୍କରେ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଓ ୟୁରୋପିଆନ ଆଥଲେଟିକ୍ସ ଚାମ୍ପିୟନଶିପ୍ ଆୟୋଜକଙ୍କ ସହିତ ପରାମର୍ଶ ନିଆଯିବ। ଏହି ଦୁଇଟି ବଡ଼ ଟ୍ରାକ୍ ଇଭେଣ୍ଟ ୨୦୨୨ରେ ହେବାର କାର୍ଯ୍ୟସୂଚୀ ରହିଛି।

## ବାତିଲ ହୋଇପାରେ ଆଇପିଏଲ୍

ମୁମ୍ବାଇ, ୩୦।୩

କରୋନା ଭାଇରସ ସଂକ୍ରମଣ ଯୋଗୁ ଚଳିତ ସିଜନରେ ଅନେକ କ୍ରୀଡ଼ା ସ୍ଥଗିତ ରହିଛି କିମ୍ବା ବାତିଲ ହୋଇଛି। ସାମ୍ପ୍ରତିକ ପରିସ୍ଥିତିକୁ ଦେଖିଲେ ଚଳିତ ବର୍ଷର ଇଣ୍ଡିଆନ ପ୍ରିମିୟର ଲିଗ୍ ମଧ୍ୟ ବାତିଲ ହେବା ସମ୍ଭାବନା ରହିଛି। ବିଶ୍ୱର ଏହି ବ୍ୟୟବହୁଳ କ୍ରିକେଟ ଲିଗ୍ ମାର୍ଚ୍ଚ ୨୯ରେ ଆରମ୍ଭ ହେବାର ଥିଲା ମାତ୍ର ତାହାକୁ ଏପ୍ରିଲ ୧୫ ପର୍ଯ୍ୟନ୍ତ ଘୁଞ୍ଚାଇ ଦିଆଯାଇଛି। ମାତ୍ର ରିପୋର୍ଟ ଅନୁସାରେ ଲିଗ୍‌ର ଏହି ୧୩ତମ ସଂସ୍କରଣ ପୂରା ବାତିଲ ହେବା ପଥରେ ରହିଛି। ସମଗ୍ର ବିଶ୍ୱ ଏବେ କରୋନା ବିପକ୍ଷରେ ଲଢ଼େଇ ଜାରି ରଖିଛି। ବର୍ତ୍ତମାନ ସୁଦ୍ଧା ଏହି କାରଣରୁ ୭୨୦,୦୦୦ରୁ ଊର୍ଦ୍ଧ୍ୱ ଲୋକ ସଂକ୍ରମିତ ହୋଇଥିବାବେଳେ ୩୩,୦୦୦ରୁ ଊର୍ଦ୍ଧ୍ୱ ପ୍ରାଣ ଗଲାଣି।

ଭାରତ ଏବେ ୨୧ ଦିନିଆ ଲକ୍‌ଡାଉନ ସମୟ ଦେଇ ଗତିକରୁଛି। ଏପରି ସ୍ଥିତିରେ ଏକ ଟୁର୍ନାମେଣ୍ଟ ଆୟୋଜନ କରିବା ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ପାଇଁ ସହଜ ହେବନାହିଁ ନିଶ୍ଚିତ। ଖବର ଅନୁସାରେ ୨୦୨୧ରେ ବଡ଼ଧରଣର ଖେଳାଳି ନିଲାମ ହେବନାହିଁ। ପ୍ରତିଥର ଫ୍ରାଞ୍ଚାଇଜ୍‌ଗୁଡ଼ିକ ଅଳ୍ପକିଛି ଖେଳାଳିଙ୍କୁ ଅପରିବର୍ତ୍ତିତ ରଖୁଥିବାବେଳେ ଅଧିକ ଖେଳାଳି ନିଲାମକୁ ଯାଇଥାନ୍ତି। ମାତ୍ର ଚଳିତ ବର୍ଷ ଆଇପିଏଲ ନ ହେଲେ ଆସନ୍ତା ବର୍ଷ ସେପରି ହେବନାହିଁ। ''ଆଇପିଏଲ୍ ଚଳିତ ବର୍ଷ ହେବନାହିଁ। ଏହା ଆସନ୍ତା ବର୍ଷ ହେବ। ଦେଶର ସାମ୍ପ୍ରତିକ ଅବସ୍ଥା ସମ୍ପର୍କରେ ସମସ୍ତେ ଅବଗତ। ଏପରିସ୍ଥିତିରେ କେହି ରିସ୍କ ନେବାକୁ ଚାହିଁବେ ନାହିଁ'' ବୋଲି ଏକ ଖବରକାଗଜକୁ ସାକ୍ଷାତ୍‌କାର ଦେଇ ଜଣେ ବିସିସିଆଇ କର୍ମକର୍ତ୍ତା ପ୍ରକାଶ କରିଛନ୍ତି। ଷ୍ଟାଡିୟମରେ ସାମାଜିକ ଦୂରତା ରଖିବା ସମ୍ଭବ ହେବନାହିଁ। ତେଣୁ ଆଇପିଏଲକୁ ଆସନ୍ତା ବର୍ଷ କରାଇବା ଠିକ୍ ହେବ। ଆସନ୍ତା ବର୍ଷ ବଡ଼ଧରଣର ନିଲାମ ପ୍ରକ୍ରିୟା ହେବନାହିଁ । ଭାରତ ସରକାରଙ୍କ ନିର୍ଦ୍ଦେଶ ମିଳିବାପରେ ଆମେ ଫ୍ରାଞ୍ଚାଇଜ୍‌ମାନଙ୍କୁ ଜଣାଇ ଦେବୁ। ୨୦୨୦ ସିଜନ ୨୦୨୧ରେ ଜାରି ରହିବ ବୋଲି ସେ କହିଛନ୍ତି। ସାମ୍ପ୍ରତିକ ସ୍ଥିତି ଦୃଷ୍ଟିରୁ ପୁରା କ୍ରୀଡ଼ା କ୍ୟାଲେଣ୍ଡର ପ୍ରଭାବିତ ହୋଇଛି। କୌଣସି କ୍ରୀଡ଼ା ପ୍ରତିଯୋଗିତା ଆସନ୍ତା ବର୍ଷକୁ ଘୁଞ୍ଚିବାରେ ଲମ୍ବା ତାଲିକା ରହିଛି। ଦୁଇଟି ବଡ଼ ଟୁର୍ନାମେଣ୍ଟ ଅଲିମ୍ପିକ୍ସ ୨୦୨୦ ଓ ୟୁରୋ ୨୦୨୦ ଆସନ୍ତା ବର୍ଷକୁ ଘୁଞ୍ଚିଛି। ଏଥିରେ ଆଇପିଏଲ ଯୋଡ଼ି ହେବାକୁ ଯାଉଛି।

## କରୋନା ସଂକ୍ରମିତଙ୍କୁ ଚିକିତ୍ସା କରୁଛନ୍ତି ପୂର୍ବତନ ଅଲିମ୍ପିକ ଚାମ୍ପିୟନ



ଜଏସି ସୋମ୍‌ବ୍ରୋକ୍

ଆମଷ୍ଟରଡାମ୍, ୩୦।୩(ପି.ଟି.)

ପୂର୍ବତନ ଅଲିମ୍ପିକ ଚାମ୍ପିୟନ ଜଏସି ସୋମ୍‌ବ୍ରୋକ୍ ବର୍ତ୍ତମାନ କୋଭିଡ୍-୧୯ରୋଗୀଙ୍କୁ ଚିକିତ୍ସା କ୍ଷେତ୍ରରେ ନିଜକୁ ନିୟୋଜିତ କରିଛନ୍ତି। ସୋମ୍‌ବ୍ରୋକ୍ ହେଉଛନ୍ତି ନେଦରଲାଣ୍ଡ୍ସ ମହିଳା ହକି ଦଳର ପୂର୍ବତନ ଗୋଲ୍‌କିପର। ସେ ୨୦୧୨ ଲଣ୍ଡନ ଅଲିମ୍ପିକ୍ସ ଏବଂ ୨୦୧୪ ବିଶ୍ୱ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ପଦକ ବିଜୟୀ ଦଳର ଅନ୍ୟତମ ପ୍ରମୁଖ ସଦସ୍ୟ ଥିଲେ। ସେ ପଛକୁ ପଛ ଦୁଇଥର ଶ୍ରେଷ୍ଠ ଗୋଲକିପର ପୁରସ୍କାର ବିଜୟିନୀ ହୋଇଥିଲେ। ମାତ୍ର ୨୬ ବର୍ଷ ବୟସରେ ହକି ଖେଳରୁ ଅବସର ନେବା ପରେ ସୋମ୍‌ବ୍ରୋକ୍ ଆମଷ୍ଟରଡାମ୍‌ସ୍ଥିତ ଭ୍ରିଜି ୟୁନିଭର୍ସିଟିରୁ ମେଡିକାଲ ଡିଗ୍ରୀ ହାସଲ କରିଥିଲେ। ପରେ ସେ ଇଣ୍ଟରନାଲ ମେଡିସିନ୍, ପଲ୍‌ମୋନାରି, କାର୍ଡିଓଲୋଜି ଏବଂ ଗ୍ୟାଷ୍ଟ୍ରୋ-ଇଣ୍ଟେଷ୍ଟିନାଲ ବିଭାଗରେ କାର୍ଯ୍ୟ କରିଥିଲେ। ସୋମ୍‌ବ୍ରୋକ୍ ତାଙ୍କ କ୍ୟାରିୟରରେ ୨୦୧୦ରୁ ୨୦୧୬ ମଧ୍ୟରେ ଦେଶ ତରଫରୁ ୧୧୭ଟି ମ୍ୟାଚରେ ଖେଳିଛନ୍ତି। ପୂର୍ବତନ ମହିଳା ଗୋଲକିପର ଜଣକ ବର୍ତ୍ତମାନ ଆମଷ୍ଟରଡାମ୍‌ଠାରୁ ୧୩ କିଲୋମିଟର ଦୂର ଆଲ୍‌ସମିରସ୍ଥିତ ଏକ ମେଡିକାଲ ସେଣ୍ଟରରେ କାର୍ଯ୍ୟରତ। ପ୍ରଥମାବସ୍ଥାରେ ସେ ଟେଲିଫୋନ ଜରିଆରେ ରୋଗୀଙ୍କ ସହ ଯୋଗାଯୋଗ କରୁଥିଲେ। କୌଣସି ରୋଗୀ ଘରେ ରହି ଅବା ଡାକ୍ତରଖାନା ଆସି ଚିକିତ୍ସିତ ହେବା ଆବଶ୍ୟକ ତାହା ନିରୂପଣ କରୁଥିଲେ। କରୋନା ଭାଇରସ୍‌ରୁ ନିଜକୁ ସୁରକ୍ଷିତ ରଖିବା ପାଇଁ ସେ ହଜମତ୍ ସୁଟ୍ ବ୍ୟବହାର କରୁଛନ୍ତି।

## ପାକ୍ ସ୍କ୍ୱାଶ୍ ଲିଜେଣ୍ଡ ଆଜମ ଖାନ୍ ମୃତ

**କୋଭିଡ୍-୧୯ ସଂକ୍ରମଣ**

କରାଚୀ, ୩୦।୩(ପି.ଟି.)

ପାକିସ୍ତାନର କିମ୍ବଦନ୍ତୀ ସ୍କ୍ୱାଶ୍ ଖେଳାଳି ଆଜମ ଖାନ୍ କରୋନା ଭାଇରସ ସଂକ୍ରମଣରେ ମୃତ୍ୟୁବରଣ କରିଛନ୍ତି। ଲଣ୍ଡନ୍‌ରେ ତାଙ୍କର ଦେହାନ୍ତ ହୋଇଛି। ଏ ନେଇ ତାଙ୍କ ପରିବାର ସୂଚନା ଦେଇଛି। ଆଜମ ୧୯୫୯ରୁ ୧୯୬୧ ପର୍ଯ୍ୟନ୍ତ କ୍ରମାଗତ ଭାବେ ବ୍ରିଟିଶ ଓପନ ଟାଇଟଲ ହାସଲ



କରିଥିଲେ। ୯୫ ବର୍ଷ ବୟସରେ ସେ ଲଣ୍ଡନର ଏଲିଙ୍ଗ୍ ହସ୍ପିଟାଲରେ ଶନିବାର ପ୍ରାଣତ୍ୟାଗ କରିଛନ୍ତି। କିମ୍ବଦନ୍ତୀ ଖେଳାଳି ହାଶିମ ଖାନଙ୍କ ସାନଭାଇ ଆଜମ ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ସ୍କ୍ୱାଶ ଖେଳାଳିରୂପେ ବିବେଚିତ ହୁଅନ୍ତି। ଇଞ୍ଜୁରି ଓ ୧୯୬୨ରେ ତାଙ୍କର ୧୪ ବର୍ଷୀୟ ପୁଅର ଦୁଃଖଦ ମୃତ୍ୟୁ ପରେ ସେ ଖେଳ ଛାଡିଦେଇଥିଲେ। ୨ ବର୍ଷପରେ ଇଞ୍ଜୁରିରୁ ମୁକ୍ତ ହୋଇଥିଲେ ମଧ୍ୟ ସେ ପୁଅର ମୃତ୍ୟୁ ଜନିତ ମାନସିକ ଆଘାତରୁ ମୁକୁଳି ପାରି ନ ଥିଲେ। ପେଶାଓ୍ୱାର ଉପକଣ୍ଠରେ ଥିବା ଏକ ଛୋଟିଆ ଗାଁ ନଓ୍ୱାକିଲେରେ ସେ ଜନ୍ମ ଗ୍ରହଣ କରିଥିଲେ। ଏହି ଗାଁରୁ ଜାହାଙ୍ଗୀର ଓ ଜାନଶେର ଖାନଙ୍କ ଭଳି ବିଶ୍ୱସ୍ତରୀୟ ସ୍କ୍ୱାଶ୍ ଖେଳାଳି ସୃଷ୍ଟି ହୋଇଥିଲେ। ୧୯୫୬ରେ ଆଜମ ୟୁନାଇଟେଡ କିଙ୍ଗଡମ୍‌ରେ ସ୍ଥାୟୀ ଭାବେ ରହି ଆସୁଥିଲେ। ସେ ୧୯୬୨ରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହାର୍ଡବଲ୍ ଟୁର୍ନାମେଣ୍ଟ ୟୁଏସ୍ ଓପନ୍ ପ୍ରଥମଥର ପାଇଁ ଜିତିଥିଲେ। ଏହାପରେ ସେ ଇଞ୍ଜୁରିର ଶିକାର ହୋଇଥିଲେ ଓ ତାଙ୍କ ପୁଅର ଅକାଳ ମୃତ୍ୟୁ ହୋଇଥିଲା।

## ସାଜିଦଙ୍କ ସହ ଓଡ଼ିଶା ଏଫ୍‌ସିର ଚୁକ୍ତି ବୃଦ୍ଧି

**ଇଣ୍ଡିଆନ ସୁପର ଲିଗ୍**

ଭୁବନେଶ୍ୱର, ୩୦।୩(କ୍ରୀଡ଼ା ପ୍ରତିନିଧି)

ଇଣ୍ଡିଆନ ସୁପର ଲିଗ୍(ଆଇଏସଏଲ)ର ଭୁବନେଶ୍ୱର ଭିତ୍ତିକ କ୍ଲବ ଓଡ଼ିଶା ଏଫସି ଡିଫେଣ୍ଡର ମହମ୍ମଦ ସାଜିଦ ଧୋତ୍‌ଙ୍କ ସହ ଚୁକ୍ତି ମିଆଦ ବୃଦ୍ଧି କରିଛି। ୨୨ ବର୍ଷୀୟ ସାଜିଦ କ୍ଲବ ସହ ୨୦୨୨ ପର୍ଯ୍ୟନ୍ତ ରହିବେ ବୋଲି ସୋମବାର ଓଡ଼ିଶା ଏଫସି ପକ୍ଷରୁ ପ୍ରକାଶ କରାଯାଇଛି। ''ସାଜିଦ ଜଣେ ବିଚକ୍ଷଣ ଯୁବ ପ୍ରତିଭା । ସେ କଠିନ ପରିଶ୍ରମ ସହ କ୍ଲବ ପାଇଁ ଉତ୍ସର୍ଗୀକୃତ ଭାବେ ଖେଳିଛନ୍ତି। ଓଡ଼ିଶା ଏଫସି ପକ୍ଷରୁ ଖେଳ ଜାରିରଖି ସେ ଉନ୍ନତି କରିଛନ୍ତି ଏବଂ ଆଗାମୀ ଦିନରେ ତାଙ୍କଠାରୁ ଶ୍ରେଷ୍ଠ ପ୍ରଦର୍ଶନ ଆସିବା ବାକି ରହିଛି। ତାଙ୍କ ସହ ଚୁକ୍ତି ମିଆଦ ବୃଦ୍ଧି କରି ଆମେ ଖୁସି ଏବଂ ଭବିଷ୍ୟତ ପାଇଁ ଶୁଭେଚ୍ଛା'' ବୋଲି କ୍ଲବ ସଭାପତି ରୋହନ ଶର୍ମା ପ୍ରକାଶ କରିଛନ୍ତି। ଚୁକ୍ତି ସମୟ ବୃଦ୍ଧିରେ ସ୍ୱାଭାବିକଭାବେ ଖୁସି ଜାହିର କରିଛନ୍ତି ସାଜିଦ। ଓଡ଼ିଶା ଏଫସି ସହିତ ଚୁକ୍ତିର ନବୀକରଣ ହୋଇଥିବାରୁ ମୁଁ ଅତ୍ୟନ୍ତ ଆନନ୍ଦିତ। କ୍ଲବ ସହିତ ଯୋଗଦେବା ପରଠାରୁ ମୁଁ ଅନେକ କିଛି ଶିଖିବାକୁ ପାଇଛି। ମୋତେ ସମର୍ଥନ କରିଥିବାରୁ ଏବଂ ଭଲପାଇବା ଜାରି ରଖିଥିବାରୁ କ୍ଲବର ସମସ୍ତ ସଦସ୍ୟଙ୍କୁ ଧନ୍ୟବାଦ ଜଣାଉଛି। ଆଗାମୀ ଦିନରେ ମୁଁ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ବ୍ୟଗ୍ର'' ବୋଲି ସାଜିଦ କହିଛନ୍ତି।



ମହମ୍ମଦ ସାଜିଦ ଧୋତ୍

## ପାର୍ଟାଲୁଙ୍କୁ ରଖିଲା ବେଙ୍ଗାଲୁରୁ

ବେଙ୍ଗାଲୁରୁ, ୩୦।୩ (ପି.ଟି.)

ହାଇପ୍ରୋଫାଇଲ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍) କ୍ଲବ ବେଙ୍ଗାଲୁରୁ ଏଫ୍‌ସି ସହିତ ଅଷ୍ଟ୍ରେଲିଆ ମିଡ୍‌ଫିଲ୍ଡର ଏରିକ୍ ପାର୍ଟାଲୁ ଚୁକ୍ତି ବଢାଇଛନ୍ତି। ଆଗାମୀ ୨ ବର୍ଷ ପାଇଁ ସେ ଚୁକ୍ତି ବୃଦ୍ଧି କରିଛନ୍ତି। ଫଳରେ ପାର୍ଟାଲୁ ୨୦୨୧- ୨୦୨୨ ସେସନ ଶେଷ ପର୍ଯ୍ୟନ୍ତ ବେଙ୍ଗାଲୁରୁ ସହ ଜଡିତ ରହିବେ। ଏନେଇ ସୋମବାର ବେଙ୍ଗାଲୁରୁ ଟିମ୍ ମ୍ୟାନେଜମେଣ୍ଟ ତରଫରୁ ଘୋଷଣା କରାଯାଇଛି। ବେଙ୍ଗାଲୁରୁ ସହ ୩ ବର୍ଷ ଜଡିତ ରହିବା ପରେ ପାର୍ଟାଲୁ ଆଇଏସଏଲ୍ ଓ ସୁପର କପ୍ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଛନ୍ତି। ଏହି ଦୁଇଟି ବିଜୟ କାରଣରୁ ବେଙ୍ଗାଲୁରୁ ମୋ ସହିତ ଚୁକ୍ତି ବୃଦ୍ଧି କରିବାକୁ ଇଚ୍ଛୁକ ଥିଲା ବୋଲି ସେ କହିଛନ୍ତି। ଗତ ୩ ବର୍ଷ ହେବ ବେଙ୍ଗାଲୁରୁ ପାଇଁ ଖେଳି ଆସୁଛି ଓ ଏହି କ୍ଲବ ମୋ ହୃଦୟରେ ସ୍ଥାନ ପାଇଛି। ଯେତେବେଳେ ବି ବାହାରକୁ ଯାଇଛି ସେତେବେଳେ ବେଙ୍ଗାଲୁରୁକୁ ଟାଣି ହୋଇଛି ଓ ଶେଷରେ ଫେରିଛି। ଏହି ସହରର ପ୍ରଶଂସକ ଓ ବଞ୍ଚିବାର ଶୈଳୀ ମୋତେ ପ୍ରଭାବିତ କରିଛି। ଆଉ ଦୁଇ ବର୍ଷ ବେଙ୍ଗାଲୁରୁ ସହ ଯାତ୍ରା କରିବାକୁ ନିଷ୍ପତ୍ତି ନେଇଛି ବୋଲି ସେ କହିଛନ୍ତି। ବେଙ୍ଗାଲୁରୁ ପାଇଁ ମିଡ୍‌ଫିଲ୍ଡରେ ୩୩ ବର୍ଷୀୟ ପାର୍ଟାଲୁ ବେଶ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବା ସହ ପ୍ରଭାବୀ ପ୍ରଦର୍ଶନ କରି ଆସିଛନ୍ତି। କ୍ଲବର ଖେଳାଳି ଓ ସପୋର୍ଟ ଷ୍ଟାଫ୍ ମଧ୍ୟ ମୋତେ ପ୍ରଭାବିତ କରିଛନ୍ତି। କ୍ଲବରେ ଏକାଧିକ ବନ୍ଧୁ ସୃଷ୍ଟି କରିଛି ବୋଲି ସେ କହିଛନ୍ତି। ଅନ୍ୟପଟେ ପାର୍ଟାଲୁଙ୍କ ଚୁକ୍ତି ବୃଦ୍ଧି କରି ଆମେ ବେଶ୍ ଖୁସି ଅଛୁ ବୋଲି ବେଙ୍ଗାଲୁରୁ ମୁଖ୍ୟ କାର୍ଯ୍ୟନିର୍ବାହୀ ମନ୍ଦାର ତାମହାନେ କହିଛନ୍ତି। ବେଙ୍ଗାଲୁରୁ ପାଇଁ ପାର୍ଟାଲୁ ବେଶ୍ ଗୁରୁତ୍ୱ ବହନ କରନ୍ତି। ସେ ଜଣେ ପେସାଦାର ଖେଳାଳି। ଟ୍ରେନିଂ ହେଉ କି ମ୍ୟାଚ୍ ହେଉ ସବୁବେଳେ ସେ ପେସାଦାର ମନୋବୃତ୍ତି ଆପଣେଇଥାନ୍ତି ବୋଲି ସେ କହିଛନ୍ତି। ଉଲ୍ଲେଖଥାଉ କି, ଚଳିତ ମାସ ପ୍ରାରମ୍ଭରେ ଉଦନ୍ତା ସିଂ ବେଙ୍ଗାଲୁରୁ ସହ ଏକ ୩ ବର୍ଷିଆ ଚୁକ୍ତିରେ ସ୍ୱାକ୍ଷର କରିଛନ୍ତି।



1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ